ଚେମ୍ମୀନ୍

ଟି. ଶିବଶଙ୍କର ପିଲ୍ଲଇ



ଭାରତୀୟ ଉପନ୍ୟାସ

Digitized by srujanika@gmail.com

ଚେମ୍ମୀନ୍

[ଜ୍ଞାନପୀଠପୁରସ୍କାରପ୍ରାପ୍ତ ମଲୟାଲମ୍ ଉପନ୍ୟାସ]

ଲେଖକ : ତକଷୀ ଶିବଶଙ୍କର ପିଲ୍ଲାଇ

ଅନୁବାଦକ : ବଂଶୀଧର ଦାଶ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

CHEMMEEN : Malayalam novel
by T. Sivasankar Pillai
Translated by Bansidhar Dash
Published by : A. Mahapatro
Grantha Mandir, Cuttack-2
First Edition : August, 1987
Price : Rs. 25.00

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର, ବିନୋଦବିହାରୀ, କଟକ-୨

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ର ନ୍ଥ ପ୍ର କା ଶି ନୀ, ସୁତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ଅଗଷ୍ଟ, ୧୯୮୭

ମୂଲ୍ୟ : ଟ ୨୫-୦୦

Digitized by srujanika@gmail.com

ଅନୁବାଦକୀୟ

ଆମ ଦେଶର ସମୃଦ୍ଧ ରାଜ୍ୟମାନଙ୍କ ମଧ୍ୟରେ କେରଳ ଅନ୍ୟତମ । ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳରେ ଅବସ୍ଥିତ ଏହି ରାଜ୍ୟଟି ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ବହୁ ପ୍ରାକୃତିକ ଶୋଭାସମ୍ପଦରେ ପୂର୍ଣ୍ଣ; ଏହାର ଜନସଂଖ୍ୟା ଯଥେଷ୍ଟ ଅଧିକ ପୁଣି ସାକ୍ଷରତାର ହାର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବାଧିକ । କେରଳର ଭାଷା ହେଉଛି ମାଲୟାଲମ୍ । ଏଠାର ଅଧିକାଂଶ ଅଧିବାସୀ ହିନ୍ଦୁ, ତଥାପି ଖ୍ରୀଷ୍ଟିୟାନ୍ ଓ ମୁସଲମାନମାନଙ୍କ ସଂଖ୍ୟା କିଛି କମ୍ ନୁହେଁ ।

ମାଲୟାଲମ୍ ସାହିତ୍ୟର ଏକ ଗୌରବପୂର୍ଣ୍ଣ ଐତିହ୍ୟ ରହିଛି । କିନ୍ତୁ ଅନ୍ୟାନ୍ୟ ଭାରତୀୟ ସାହିତ୍ୟ ପରି ଏ ସାହିତ୍ୟରେ ମଧ୍ୟ ଗଳ୍ପ-ଉପନ୍ୟାସର ଉନ୍ମେଷ ବହୁ ବିଳମ୍ବରେ ଘଟିଥିଲା । ସେ ଯାହାହେଉ, କଥା ସାହିତ୍ୟ ପାଇଁ ଏକାଧିକବାର ସମ୍ମାନାର୍ହ ଭାରତୀୟ ଜ୍ଞାନପୀଠ ପୁରସ୍କାର ପାଇବା କ୍ଷେତ୍ରରେ ମାଲୟାଲମ୍ ସାହିତ୍ୟ ଅନ୍ୟତମ । 'ଚେମ୍ମୀନ୍' ହେଉଛି ଭାରତୀୟ ଜ୍ଞାନପୀଠ ପୁରସ୍କାର ଲାଭକରିଥିବା ଏକ ବିଖ୍ୟାତ ମାଲୟାଲମ୍ ଉପନ୍ୟାସ ଯାହାକି UNESCO Collection of Representative Works—Indian Seriesରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରି ପୃଥିବୀର ପ୍ରାୟ ସବୁଭାଷାରେ ଅନୂଦିତ ହେବାର ଗୌରବ ଅର୍ଜନ କରିସାରିଛି ।

ଶିବଶଙ୍କର ପିଲ୍ଲାଇଙ୍କର ଜନ୍ମ ୧୯୧୪ ମସିହା ଏପ୍ରିଲମାସରେ ଆଲେପ୍‌ପୀର ଦଶ ମାଇଲ ଦକ୍ଷିଣରେ ଅବସ୍ଥିତ ତକ୍‌ଷୀ ନାମକ ଏକ କ୍ଷୁଦ୍ର ଗ୍ରାମରେ, ଗୋଟିଏ କୃଷକ ପରିବାରରେ ହୋଇଥିଲା । ସେ ଏବେ ମଧ୍ୟ ନିଜର ପୈତୃକ ବୃତ୍ତିରେ ନିଯୁକ୍ତ ଅଛନ୍ତି । ପିଲ୍ଲାଇଙ୍କର ପିତା କୃଷିକର୍ମରେ ନିଯୁକ୍ତ ରହି ମଧ୍ୟ ବିଦ୍ୟାରେ ଅନୁରାଗ ରଖିଥିଲେ; କଥାକଳୀ ନୃତ୍ୟରେ ତାଙ୍କର ଗଭୀର ଶ୍ରଦ୍ଧା ଥିଲା ଏବଂ ତାଙ୍କର ଭାଇ କୁଞ୍ଜୁ କୁରୁପ୍ ଥିଲେ କେରଳର ଜଣେ ସୁନାମଧନ୍ୟ କଥାକଳୀ ନର୍ତ୍ତକ । ଏହିପରି ଏକ ସଂସ୍କୃତିସମ୍ପନ୍ନ ପରିବାରରେ ଶୈଶବରୁ ନିତ୍ୟ ରାମାୟଣ ଓ ମହାଭାରତର କାହାଣୀମାନ ଶୁଣି ଶୁଣି ଶିବଶଙ୍କରଙ୍କର ବାଲ୍ୟଜୀବନ ବିକଶିତ ହୋଇଥିଲା । ବାଲ୍ୟକାଳରୁ ହିଁ ସେ ପର୍ଯ୍ୟବେକ୍ଷଣଶୀଳ ଥିଲେ । ଗ୍ରାମ୍ୟ ପାଠଶାଳାରେ ବାଲ୍ୟ-ଶିକ୍ଷା ଶେଷ କରି ସେ ମାଧ୍ୟମିକ ଶିକ୍ଷା ପାଇବା ପାଇଁ କାରୁଭାଟ୍ଟା ହାଇସ୍କୁଲରେ ନାମ ଲେଖାଇଲେ । ସେଠାରେ ସେ ସମୟର ପ୍ରସିଦ୍ଧ ପଣ୍ଡିତ-ସମାଲୋଚକ-ନାଟ୍ୟକାର ଶ୍ରୀ କାଇନକର୍ କୁମାର ପିଲ୍ଲାଇଙ୍କ ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କର ଆଦର୍ଶରେ ଅନୁପ୍ରାଣିତ

Digitized by srujanika@gmail.com

ହୋଇ ଶ୍ରେଷ୍ଠ ଶ୍ରେଷ୍ଠ କବିତା ଲେଖିବାକୁ ଆରମ୍ଭ କଲେ । କିନ୍ତୁ ଏଇ ନବୀନ କିଶୋର କବିଙ୍କର ପ୍ରତିଭା ପଦ୍ୟ ଅପେକ୍ଷା ଗଦ୍ୟରେ ଅଧିକ ଉଜ୍ଜ୍ୱଳ ହେବ ଜାଣିପାରି କୁମାର ପିଲ୍ଲାଇ ତାଙ୍କୁ ଗଦ୍ୟ ସାହିତ୍ୟ ଆଡ଼କୁ ଯିବାକୁ ପ୍ରବର୍ତ୍ତାଇଲେ ।

ମାଧ୍ୟମିକ ଶିକ୍ଷା ଶେଷ କରି ଶିବଶଙ୍କର ଓକିଲାତି ପଢ଼ିବା ଲାଗି ଯେତେବେଳେ ତ୍ରିଭେନ୍ଦ୍ରମ ଗଲେ ସେତେବେଳେ ତାଙ୍କ ଉପରେ ପଡ଼ିଲା କେରଳର ଅଗ୍ରଗଣ୍ୟ ସାହିତ୍ୟପତ୍ର 'କେଶରୀ'ର ସମ୍ପାଦକ ବାଲକୃଷ୍ଣ ପିଲ୍ଲାଇଙ୍କର ବିପୁଳ ପ୍ରଭାବ । ବାଲକୃଷ୍ଣ ପିଲ୍ଲାଇଙ୍କର ମହତ୍ତ୍ୱ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ଯୁବକ ଯୁବତୀ ପରବର୍ତ୍ତୀ କାଳରେ କେରଳର ସାହିତ୍ୟ ଓ ରାଜନୀତିରେ ବିଶେଷ ସ୍ଥାନମାନ ଅଧିକାର କରିଥିଲେ । ଶିବଶଙ୍କର ହୋଇଗଲେ ସେହି ଯୁବଗୋଷ୍ଠୀର ଜଣେ ଏକାନ୍ତ ସହଯୋଗୀ । ସେହି ପରିବେଶ ମଧ୍ୟରେ ସେ ବହୁ ଇଂରେଜୀ ଓ ୟୁରୋପୀୟ ସାହିତ୍ୟ ଅଧ୍ୟୟନ କରିବାର ସୁଯୋଗ ପାଇଗଲେ, ସୁଯୋଗ ପାଇଲେ ମଧ୍ୟ ମାର୍କସ ଓ ଫ୍ରୟେଡ଼ଙ୍କ ତତ୍ତ୍ୱ ଅଧ୍ୟୟନ କରିବା ପାଇଁ । ସେହି ଅବସରରେ ସେ 'କେଶରୀ'ପାଇଁ ବହୁ ଗଳ୍ପ ମଧ୍ୟ ରଚନା କରିଥିଲେ ।

୧୯୩୪ରେ ତକଷୀଙ୍କର ପ୍ରଥମ ଗଳ୍ପ ସଂକଳନ 'ପୁଥୁମଲର'—'ନବକୁସୁମ' ପ୍ରକାଶିତ ହୋଇଥିଲା । ତା ପରେ ପରେ ପ୍ରକାଶିତ ହେଲା 'ପ୍ରତିଫଲମ୍‌' ଉପନ୍ୟାସ ଏବଂ ସେହିବର୍ଷ ପ୍ରକାଶିତ ହେଲା ଅନ୍ୟ ଏକ ଉପନ୍ୟାସ 'ପତିତ ପଙ୍କଜମ୍‌' । ଏଥିର ତାଙ୍କ କଲମରୁ କ୍ରମାନ୍ୱୟରେ ନିଃସୃତହେଲା ଅଧିକରୁ ଅଧିକ ସଂଖ୍ୟକ ଗଳ୍ପସଂକଳନ । ସେଗୁଡ଼ିକ ମଧ୍ୟରେ ଆସିୟୁକୁଡିଲ (ଅନ୍ତଃସ୍ରୋତ), ନିତ୍ୟକନକା (ଚିରକୁମାରୀ), ତଙ୍ଗଳିକଲ୍‌ (ସାଥୀ) ପ୍ରଭୃତି ଗଳ୍ପ ସଂକଳନ ଉଲ୍ଲେଖଯୋଗ୍ୟ ।

ଏହିସବୁ ଗଳ୍ପ ସଂକଳନରେ ସମାଜ ଚିତ୍ର ହିଁ ପ୍ରସ୍ଫୁଟିତ ହୋଇଥିଲା । ପ୍ରତ୍ୟେକଟିରେ ରହିଥିଲା ସମାଜର ବିଭିନ୍ନ ଦୋଷଦୁର୍ବଳତାର କଟୁ ସମାଲୋଚନା; ପ୍ରତ୍ୟେକଟିରେ ଆତ୍ମ-ପ୍ରକାଶ କରିଥିଲା ବାମପନ୍ଥୀ ଚିନ୍ତାଧାରା । ସେ ପର୍ଯ୍ୟନ୍ତ ମାଲୟାଲମ୍ ସାହିତ୍ୟ କେବଳ ସମ୍ଭ୍ରାନ୍ତ ମଧ୍ୟବିତ୍ତ ଶ୍ରେଣୀର ଜୀବନଚିତ୍ର ବହନ କରି ଚାଲିଥିଲା । ତକଷୀ ଏବଂ ତାଙ୍କର ସମପନ୍ଥୀଗଣ ଏଥିର ସାହିତ୍ୟରେ ପ୍ରତିଫଳିତ କଲେ ସମାଜର ଅବହେଳିତ ନିଃସ୍ୱ ଖଟିଖିଆ ଶ୍ରେଣୀର ଜୀବନଚିତ୍ର । ଏହି ସମୟରେ ଭାରତର ସ୍ୱାଧୀନତା ଆନ୍ଦୋଳନ ତୀବ୍ରତର ହୋଇଉଠିଲା; କେରଳରେ କଂଗ୍ରେସର ଶାଖାମାନ ଖୋଲିବାକୁ ଲାଗିଲା । ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ତାଙ୍କୁ ଗିରଫ କରିବା ଲାଗି ପୋଲିସ ତତ୍ପର ହୋଇ ଉଠିଲା ଏବଂ ପୋଲିସ ଆଖିରେ ଧୂଳିଦେଇ ତକଷୀ ଆତ୍ମଗୋପନ କଲେ । ତ୍ରିଚୁର ନିକଟସ୍ଥ ଏକ ସ୍ଥାନରେ ଆତ୍ମଗୋପନ କରିଥିବା କାଳରେ ସେ ତାଙ୍କର ବହୁଚର୍ଚ୍ଚିତ 'ତୋଟିୟୁଡ଼େ ମାକାନ୍‌' (ମେହେନ୍ତରପୁଅ) ଉପନ୍ୟାସଟି ରଚନା କରିଥିଲେ ।

ଦ୍ୱିତୀୟ ମହାଯୁଦ୍ଧର ପ୍ରାରମ୍ଭକାଳରେ ତକଷୀ ଆମ୍ବାଲପୁଝାଇ ଫେରି ଆସି ଆଇନ୍‌

Digitized by srujanika@gmail.com

ବ୍ୟବସାୟରେ ଯୋଗଦେଲେ । କିନ୍ତୁ ଔପନ୍ୟାସିକର ପ୍ରତିଭା ଗଳ୍ପୋପନ୍ୟାସ ରଚନାକୁ ମ୍ଲାନ କରିପାରିଲାନାହିଁ ।

୧୯୪୮ ରେ ପ୍ରକାଶିତ ହେଲା ତାଙ୍କର ପ୍ରସିଦ୍ଧ କ୍ଷୁଦ୍ରଉପନ୍ୟାସ 'ରଣ୍ଡିଟଣ୍ଡଙ୍ଗି' ('ଦୁଇସେର ଧାନ'—ଓଡ଼ିଆରେ ଲବଙ୍ଗଲତା ଦେବୀଙ୍କଦ୍ୱାରା ଅନୁବାଦିତ ହୋଇ ସାହିତ୍ୟ ଏକାଡେମୀଙ୍କ ତତ୍ତ୍ୱାବଧାନରେ ଗ୍ରନ୍ଥମନ୍ଦିର, କଟକଙ୍କଦ୍ୱାରା ପ୍ରକାଶିତ) । ଏହି ଉପନ୍ୟାସଟି ତକଷୀଙ୍କୁ ମାଲୟାଲମ୍ ସାହିତ୍ୟର ପୁରୋଭାଗକୁ ନେଇ ଆସିଲା; ଏହା ଭାରତର ପ୍ରାୟ ପ୍ରତ୍ୟେକ ଭାଷାରେ ଅନୂଦିତ ହୋଇ ଲେଖକଙ୍କୁ ସମସ୍ତ ଦେଶରେ ପରିଚିତ କରାଇଦେଲା । ପରେ ପରେ ତାଙ୍କ ଲେଖନୀରୁ ବହୁ ଶ୍ରେଷ୍ଠବହି ଉପନ୍ୟାସ ଜନ୍ମଲାଭ କରିବାକୁ ଲାଗିଲା । 'ଚେମ୍ମୀନ' ପ୍ରକାଶିତ ହେଲା ୧୯୫୬ରେ ଏବଂ ଲାଭକଲା ବହୁ ପ୍ରତ୍ୟାଶିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ମାତ୍ର ପାଞ୍ଚଟି ବର୍ଷ ମଧ୍ୟରେ ଚେମ୍ମୀନ୍‌ର ପନ୍ଦରଟି ସଂସ୍କରଣ ଶେଷ ହୋଇଗଲା । ସେହି ସମୟ ମଧ୍ୟରେ ଉପନ୍ୟାସଟିର ଏକ ଇଂରାଜୀ ଅନୁବାଦ ଲଣ୍ଡନର ଏକ ବିଖ୍ୟାତ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ ହୋଇ ସମସ୍ତ ବିଶ୍ୱରେ ପରିବେଶିତ ହୋଇଥିଲା । କିଛିଦିନ ପରେ ଚେମ୍ମୀନର କଥାବସ୍ତୁକୁ ନେଇ ସେହି ନାମରେ ପ୍ରସ୍ତୁତ କରାଗଲା ଏକ ସୁନ୍ଦର ମାଲୟାଲମ୍ ଚଳଚ୍ଚିତ୍ର । 'ଚେମ୍ମୀନ' ସେହିବର୍ଷର ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ଲାଭକଲା ରାଷ୍ଟ୍ରପତିଙ୍କ ପ୍ରଦତ୍ତ ସ୍ୱର୍ଣ୍ଣକମଳ । ଶେଷରେ ୧୯୮୫ରେ 'ଚେମ୍ମୀନ' ଲାଗି ଶ୍ରୀ ପିଲ୍ଲାଇ ଲାଭକଲେ ଜ୍ଞାନପୀଠ ପୁରସ୍କାର ।

'ଚେମ୍ମୀନ' ଉପନ୍ୟାସଟି ବର୍ତ୍ତମାନ ସୁଦ୍ଧା ସମସ୍ତ ଭାରତୀୟ ଭାଷାରେ ଅନୂଦିତ ହେବା ସହିତ, ୨୨ଟି ବିଦେଶୀ ଭାଷାରେ ଅନୂଦିତ ହୋଇଛି । ଏହା ବହିଟିର ଉଚ୍ଚ ମାନ ଓ ଲୋକପ୍ରିୟତାର ସୂଚନା ଦିଏ ।

ଶିବଶଙ୍କର ପିଲ୍ଲାଇ ଶତାଧିକ ଉପନ୍ୟାସ ଓ ଗଳ୍ପସଂକଳନର ରଚୟିତା ରୂପେ କେରଳରେ ବିଶେଷ ଲୋକପ୍ରିୟତା ଅର୍ଜନ କରିଛନ୍ତି । ସେ ଜଣେ ଦ୍ରୁତହସ୍ତ ଲେଖକ; ସମଗ୍ର ଚେମ୍ମୀନ ଉପନ୍ୟାସଟି ସେ ତିନି ସପ୍ତାହରୁ କମ୍ ସମୟ ମଧ୍ୟରେ ଲେଖିଦେଇଥିଲେ ।

ସୌଭାଗ୍ୟର ବିଷୟ ଯେ ବହୁ ବର୍ଷର ପ୍ରତୀକ୍ଷା ପରେ 'ଚେମ୍ମୀନ'ର ଓଡ଼ିଆ ଅନୁବାଦ ପ୍ରକାଶନ ପଥରେ ଦେଖାଦେଇଥିବା ସମସ୍ତ ପ୍ରତିବନ୍ଧକ ଲଙ୍ଘନ କରାଯାଇ ପାରିଛି । ଏହି ଅବସରରେ ଗ୍ରନ୍ଥମନ୍ଦିରର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ଅଭିରାମ ମହାପାତ୍ରଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି, କାରଣ ତାଙ୍କର ଅପ୍ରତିହତ ଉଦ୍ୟମ ବିନା ଏହି ଅନୁବାଦ ପ୍ରକାଶନ ସମ୍ଭବ ହୋଇପାରିନଥାନ୍ତା ।

କଟକୀ — ବଂଶୀଧର ଦାଶ

ଶିକ୍ଷକଦିବସ, ୧୯୮୬

Digitized by srujanika@gmail.com

ଭାରତୀୟ ଉପନ୍ୟାସମାଳା

ଭାରତୀୟ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଅନ୍ୟ ଯେଉଁ ଉପନ୍ୟାସଗୁଡ଼ିକ ଓଡ଼ିଆ ଭାଷାରେ ଅନୂଦିତ ହୋଇ ଭାରତୀୟ ଉପନ୍ୟାସମାଳାରେ ପ୍ରକାଶ ପାଇଛି—

ଯଯାତି—ଶ୍ରୀ ଖାଣ୍ଡେକର

ଅନୁବାଦ : ପଣ୍ଡିତ ନୀଳମଣି ମିଶ୍ର

ଗଣଦେବତା—ଶ୍ରୀ ତାରାଶଙ୍କର

ଅନୁବାଦ : ବସନ୍ତକୁମାରୀ ଦେବୀ

ପଞ୍ଚଗ୍ରାମ 'ଗଣଦେବତା'ର ଉତ୍ତରାର୍ଦ୍ଧ—ଶ୍ରୀ ତାରାଶଙ୍କର

ଅନୁବାଦ : ବସନ୍ତକୁମାରୀ ଦେବୀ

ଚିତ୍ରପ୍ରିୟା—ଶ୍ରୀ ଅଖିଲନ୍

ଅନୁବାଦ : ଡଃ ଗଣେଶ୍ୱର ମହାପାତ୍ର ଓ ରାଧାକାନ୍ତ ମିଶ୍ର

ବୁଢ଼ୀମା—ଶିବରାମ କାରନ୍ତ

ଅନୁବାଦ : ପଣ୍ଡିତ ନୀଳମଣି ମିଶ୍ର

ମୃତ୍ୟୁଞ୍ଜୟ—ଶ୍ରୀ ବୀରେନ୍ଦ୍ର ଭଟ୍ଟାଚାର୍ଯ୍ୟ

ଅନୁବାଦ : ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମିଶ୍ର

କଥାଟିଏ କହୁଁ—ଶ୍ରୀ ପୋଟ୍ଟେକାଟ୍

ଅନୁବାଦ : ପଣ୍ଡିତ ନୀଳମଣି ମିଶ୍ର

Digitized by srujanika@gmail.com

ରେମ୍ବାର୍

Digitized by srujanika@gmail.com

ପ୍ରଥମ ଖଣ୍ଡ

ଏକ

"ଜାଣିଛ, ମୋ ବାପା ଡଙ୍ଗା କିଣୁଛନ୍ତି, ଜାଲ ବି କିଣିବେ । ଏଥର ଆମ ନିଜର ଡଙ୍ଗା ହୋଇଯିବ ।"

"ତା'ହେଲେ ତ ତମ କପାଳ ଖୋଲିଗଲା, ବୁଝିଲୁ କାରୁତାମ୍ମା ।"

କାରୁତାମ୍ମା କିଛି ଉତ୍ତର ଦେଇପାରିଲା ନାହିଁ । କିଛି ସମୟ ପରେ କହିଲା, "ହେଲେ ଆମ ପାଖରେ ଯେତିକି ଟଙ୍କା ଅଛି ସବୁକୁ ପାଇନି । ତମେ ଆମକୁ କିଛି ଧାର ଦେବନି ?"

"ହେଃ ! ମୋ ପାଖେ ଟଙ୍କା କାହିଁ ?" କହୁ କହୁ ଦୁଇ କାନ୍ଧ ହଲାଇଦେଇ ପାରିକୁଟ୍ଟୀ ବେଲ୍ କରି ବସିଲା । ତା ବେଲ୍ ଦେଖି କାରୁତାମ୍ମା ହସିଉଠିଲା ।

"ତା'ହେଲେ ତୁମେ ନିଜକୁ କୋଚ୍‌ମୁଥାଲଲ୍ଲୀ* ବୋଲେଇ ହଉଛ କାହିଁକି ?"

"ଆଚ୍ଛା, ତୁ କାହିଁକି ମତେ କୋଚ୍‌ମୁଥାଲଲ୍ଲୀ ବୋଲି ଡାକୁଚୁ ?"

"ଆଉ କଣ ବୋଲି ଡାକିବି ?"

"ମୋ ନାଆଁ ଧରି ପାରିକୁଟ୍ଟୀ ବୋଲି ଡାକ ।"

କାରୁତାମ୍ମା "ପାରି···" ବୋଲି କହିଦେଇ ପଦଟି ପୂର୍ଣ୍ଣ ନ ହେଉଣୁ ଖେଁ କରି ହସି-ଉଠିଲା । ପାରିକୁଟ୍ଟୀ ଧରିବସିଲା, ସେ ତାକୁ ପୂରା ନାଆଁ ଧରି ଡାକୁ । କିନ୍ତୁ କାରୁତାମ୍ମା ହସ ଚାପି ରଖି ଗମ୍ଭୀର ହୋଇଗଲା । ମୁଣ୍ଡ ହଲାଇ ଜଣାଇଦେଲା, "ନା, ମୁଁ ତୁମକୁ ନାଆଁ ଧରି ଡାକିପାରିବିନାହିଁ ।"

"ତା'ହେଲେ ମୁଁ ବି ତତେ କାରୁତାମ୍ମା ବୋଲି ଡାକିବିନି ।"

"ଆଉ ?"

"ଡାକିବି ଖଲିଆ ମାରକ୍‌କାତ୍ତି* ।"

---

* ମୁଥାଲଲ୍ଲୀ ବା ମୁତାଲଲ୍ଲୀର ଆକ୍ଷରିକ ଅର୍ଥ ମହାଜନ । କୋଚୁ ଅର୍ଥ ସାନ । କେରଳରେ ମୁସଲମାନମାନଙ୍କୁ ବିଶେଷତଃ ମୁସଲମାନ ମହାଜନ (ଋଣଦାତା)ମାନଙ୍କୁ ଆଦରରେ 'କୋଚୁମୁତାଲଲ୍ଲୀ' ବା 'କୋଚୁ ମୁଥାଲଲ୍ଲୀ' ବୋଲି ସମ୍ବୋଧନ କରାଯାଏ ।

* ମାରକ୍‌କାତ୍ତି—ମାରକ୍‌କାନ ଜାତିର୍ କେଉଟୁଣୀ; ଖଲିଆ—ବୟସ୍କା

Digitized by srujanika@gmail.com

କାରୁତାମ୍ମା ପୁଣି ଥରେ ଖେଁ ଖେଁ ହୋଇ ହସିଉଠିଲା । ପାରୀକୁଟ୍ଟୀ ବି ହସ ସମ୍ଭାଳି ପାରିଲା ନାହିଁ । ହସି ହସି ଦୁହେଁ ବେଦମ୍ ହୋଇଗଲେ ।

"ଆଚ୍ଛା, କହିଲୁ ମାପିଲ୍‌କାଠା, ତମର ଡଙ୍ଗା ଆଉ ଜାଲ କିଣା ହୋଇଗଲେ ମତେ ମାଛ ଦେବଟି ?--ମତେ ମାଛ ଦିଅ ବୋଲି ତୁ ବାପାଙ୍କୁ କହିବୁଟି ?"

"ଅଲବତ୍ତ । ଯଦି ହାତ୍ ପଇସା ଦେବ, ତେବେ ଅଲବତ୍ତ ମାଛ ଦେବୁ ।"—ଅଭିନୟ କରି କାରୁତାମ୍ମା କହିଲା । ପୁଣି ଥରେ ଦୁହେଁ ହସି ଲୋଟି ଗଡ଼ିଗଲେ । ସତରେ, ସେ କଥାରେ ଏତେ ହସିବାର କଣ ଥିଲା ? କଣ ସେ ଭିତରେ କିଛି ଗୁପ୍ତ ରହିଥିଲା ? ନା ଅତି ସାଧାରଣ କଥା ବି ଏତେ ଆମୋଦ ଦେଉଥିଲା ?

ହସି ହସି କାରୁତାମ୍ମା ଆଖିରେ ଲୁହ ବାହାରି ଆସିଲା । ବେଦମ ହୋଇଯାଇ ସେ କହିଲା, "କୋଚୁମୁତାଲାଲ୍ଲୀ, ତେମେ ମତେ ଏତେ ହସାଅନି ।"

"ଠିକ୍ ଅଛି, ତୁ ବି ମତେ ହସାନାହିଁ ।"

"ଯା ମ କୋଚୁମୁତାଲାଲ୍ଲୀ !"

ପୁଣି ଥରେ ଦୁହେଁ ହସି ହସି ଗଡ଼ିଗଲେ । ବୋଧହୁଏ ଦୁହେଁ ଦୁହିଁଙ୍କି ପରିହାସ କରି ହସୁଥିଲେ । ବେଳେ ବେଳେ ଲୁହରେ ହିଁ ଏଭଳି ହସର ସମାପ୍ତି ଘଟେ ।

ହସୁ ହସୁ କାରୁତାମ୍ମା ହଠାତ୍ ଗମ୍ଭୀର ହୋଇଗଲା । ତାର ମୁହଁ ନାଲି ପଡ଼ିଗଲା । ମନେହେଲା ସେ ନିଜକୁ ଅପମାନିତ ବୋଧ କରୁଛି । ମୁହଁରେ ଖେଳିଗଲା ଏକ କ୍ରୋଧର ଛାୟା । କହିଲା, "ତେମେ ମତେ ସିମିତି ଚାହିଁବନି ।"

ତାର ଦେହ ଫୁଙ୍ଗୁଲା । ଛାତିରେ ବି ଲୁଗା ନାହିଁ । ଦୁଇ ସ୍ତନ ଉପରେ ଦୁଇବାହୁ ଛନ୍ଦି ଦେଇ ସେ ପଛକୁ ବୁଲିପଡ଼ିଲା । ମନେପଡ଼ିଗଲା ତା ଅଣ୍ଟାରେ ଗୁଡ଼ିଆ ହୋଇଛି ଖଣ୍ଡିଏ ମାତ୍ର ମୁଣ୍ଡୁ* । ସେ ପାରୀକୁଟ୍ଟୀ ପାଖରୁ ଘୁଞ୍ଚିଆସିଲା ।

"ଧେତ୍, ଇଏ କଣ ମ କୋଚୁମୁତାଲାଲ୍ଲୀ !"

ଠିକ୍ ଏତିକିବେଳକୁ ସେପଟେ ଘରୁ ଡାକ ଶୁଭିଲା—"କାରୁତାମ୍ମା··· ।" ତା ମାଆ ଚାକ୍କୀ ବୋଧହୁଏ ବଜାରରୁ ଫେରିଲା । ଡାକ ଶୁଣି କାରୁତାମ୍ମା ଏକା ଚାହାଁକେ ଘରକୁ ଦୌଡ଼ି ପଳାଇଲା । ପାରୀକୁଟ୍ଟୀ ଭାବିଲା କାରୁତାମ୍ମା ରାଗିଯାଇ ତା' ପାଖରୁ ଚାଲିଗଲା । ବିଚରା ମନରେ ଦୁଃଖ ହେଲା । କାରୁତାମ୍ମା ବି ଭାବିଲା ତା କଥାଗୁଡ଼ାକ କର୍କଶ ହୋଇଗଲା, ବୋଧହୁଏ ପାରୀକୁଟ୍ଟୀକୁ ବାଧିଥିବ ।

କାରୁତାମ୍ମା କୌଣସି ଦିନ କାହା ଆଗରେ ଏପରି ହସି ନ ଥିଲା । ପାରୀକୁଟ୍ଟୀ ପାଖରେ ବି ନୁହେଁ, କିନ୍ତୁ ହସୁ ହସୁ ସେ ଏକପ୍ରକାର ଅସ୍ୱସ୍ତି ଅନୁଭବ କଲା । ମନେହେଲା, ତା ଛାତି ଭିତରଟା ରୁଦ୍ଧ ହୋଇଯାଉଛି । ଯେତେ ଯେପରି ଫସ୍‌ଫସ୍ ଦୁଇଟା ଫାଟିଯିବ । ତାକୁ ଲାଗିଲା ସେ ଯେପରି ସେଠାରେ ଫୁଙ୍ଗୁଲା ଦେହରେ ଠିଆହୋଇଛି; ତା ଫୁଙ୍ଗୁଲା ଦେହଟାକୁ

* ମୁଣ୍ଡୁ—କେରଳୀ ସ୍ତ୍ରୀମାନଙ୍କର ଅଧୋବାସ—ଲୁଙ୍ଗି ଭଳି ଦେଖାଯାଏ ।

Digitized by srujanika@gmail.com

ପାରିକୁଟ୍ଟୀ ଲେଉଟିଲା ଲେଉଟିଲା ଅଖିରେ ଚାହିଁଛି । ଇଚ୍ଛାହେଲା ସେ ପାରିକୁଟ୍ଟୀ ଆଖି ଆଗରୁ ଉଭେଇ ଯାଆନ୍ତା କି ! ତା ଜୀବନରେ ତାହା ଥିଲା ଏକ ନୂତନ ଅନୁଭୂତି । ସେପରି ଅନୁଭୂତି ଆଗରୁ କେବେ ଆସିନଥିଲା ।

ତାର ସ୍ତନଯୁଗଳ ଥିଲା ଉଚ୍ଛ୍ୱସିତ ଯୌବନର ସଙ୍କେତ; ପ୍ରାଣପ୍ରାଚୁର୍ଯ୍ୟର ପ୍ରତୀକ । ପାରିକୁଟ୍ଟୀ ଯେତେବେଳେ କାରୁତାମ୍ମାକୁ ଚାହିଁ ରହି ତାର ଦୁଇ ସ୍ତନ ଉପରେ ଦୃଷ୍ଟି ନିବଦ୍ଧ କରିଥିଲା, ସେତେବେଳେ ତାର ସ୍ନାୟୁମଣ୍ଡଳରେ ଏକ ଅପୂର୍ବ ପୁଲକ ଜାଗିଉଠିଥିଲା । ତାର ସର୍ବାଙ୍ଗ କମ୍ପିଉଠିଥିଲା । କଣ ସେଇଥିଲାଗି ତାର ସବୁ ହସ ହଠାତ୍ ଏପରି ବନ୍ଦ ହୋଇଗଲା ?

ସେ ତା ଅଣ୍ଟାରେ ଖଣ୍ଡିଏ ମାତ୍ର ମୁଣ୍ଡି ଗୁଡ଼ାଇଥିଲା । ଭିତରେ ଆଉ କିଛି ପିନ୍ଧି ନଥିଲା । ପୁଣି ସେ ଖଣ୍ଡିକ ଥିଲା ନିତାନ୍ତ ପତଳା ।

ପାରିକୁଟ୍ଟୀ ଭାବିଲା କାରୁତାମ୍ମା ରାଗିଯାଇ ଚାଲିଗଲା । ତା ମନରେ ଦୁଃଖ ହେଲା । ତା ବ୍ୟବହାରରେ କିଛି ଦୋଷ ରହିଗଲା ନା କଣ ? କାରୁତାମ୍ମା କଣ ଆଉ ତା ପାଖକୁ ଆସିବ ? ଯଦି ଆସେ, ସେ ତାକୁ କହିବ, "କାରୁତାମ୍ମା, ମତେ କ୍ଷମା କର । ମୁଁ ଆଉ ଦିନେ ସେପରି ଅଭଦ୍ର ବ୍ୟବହାର ଦେଖାଇବି ନାହିଁ ।"

ଦିହେଁ ଦିହିଁଙ୍କୁ କ୍ଷମା ମାଗିବାକୁ ଭାବିଲେ ।

ପିଲାଦିନର କଥା । ସେତେବେଳକୁ କାରୁତାମ୍ମା ବର୍ଷ ଚାରିଟାର ଝିଅ । କେଉଟମାନେ ମାଛ ଧରିସାରି ଜାଲ ଝାଡ଼ିଦେଲେ ଯେଉଁ ଚୂନାମାଛ ଝଡ଼ିପଡ଼ୁଥିଲା ସେହି ଚୂନାମାଛ ଗୋଟାଇବାର ବୟସ । ସମୁଦ୍ରକୂଳରୁ ଶିପ ଗୋଟାଇ ଗୋଟାଇ ସେ ଖେଳିବୁଲୁଥିଲା । ସେହି ପିଲାଦିନରୁ ତାକୁ ମିଳିଯାଇଥିଲା ଜଣେ ଖେଳସାଥୀ—ଏହି ପାରିକୁଟ୍ଟୀ । ପାରିକୁଟ୍ଟୀ ଯେଉଁଦିନ ନୂଆ ହୋଇ ନାରକୁନାମ ଆସିଥିଲା ସେଦିନର କଥାଗୁଡ଼ିକ କାରୁତାମ୍ମା ଆଖି ଆଗରେ ଗୋଟି ଗୋଟି ହୋଇ ନାଚିଗଲା । ଧୂସର ପ୍ୟାଣ୍ଟ ଉପରେ ଖଣ୍ଡିଏ ହଳଦିଆ ଜାମା, ବେକରେ ବାନ୍ଧିଥାଏ ଖଣ୍ଡିଏ ଗ୍ରେଟ ରେଶମ ରୁମାଲ । ମୁଣ୍ଡରେ ଲାଇଥାଏ ଗୋଟିଏ ସାଧା ଟୋପି । ବାପାଙ୍କ ପାଖେ ପାଖେ ଲାଗିରହିଥାଏ । ଇଏ ସେହି ପାରିକୁଟ୍ଟୀ । କାରୁତାମ୍ମା ଘରର ଡାହାଣ ପଟକୁ ପାରିକୁଟ୍ଟୀର ବାପା ଶୁଖୁଆ ଗୋଦାମ ଖୋଲିଥିଲେ । ଦିନ ଗଡ଼ିଗଲାଣି, ସେହି ଗୋଦାମ ସେଇଠି ରହିଛି । କ୍ରମେ ପାରିକୁଟ୍ଟୀ ଏବେ ବଡ଼ ହୋଇ ଗୋଦାମର କାରବାର ବୁଝିଲାଣି । ଦିହେଁ ଥିଲେ ପଡ଼ୋଶୀ । ଦିହିଁଙ୍କର କୈଶୋର ଜୀବନ ଗଢ଼ିଉଠିଥିଲା ସାଗରର ସେହି ଏକା ବେଳାଭୂମିରେ ।

ଖ୍ରେଷଘରେ ଚୁଲି ଲଗାଇଦେଇ ଚୁଲି ମୁଣ୍ଡରେ ବସିପଡ଼ିଥିଲା କାରୁତାମ୍ମା । ବସି ବସି ସେ ସେହି ସୁଖର ଦିନଗୁଡ଼ିକୁ ସ୍ୱପ୍ନ ଦେଖୁଥିଲା । ଚୁଲି ଭିତରର ନିଆଁ ଆସି କେତେବେଳୁ ଯେ ବାହାରେ ଜଳୁଥିଲା ସେ ଆଡ଼କୁ ତାର ନଜର ନାହିଁ । ଏତିକବେଳେ ଖ୍ରେଷଘରକୁ ତା

Digitized by srujanika@gmail.com

ମାଆ ପଶିଆସିଲା । ଅବସ୍ଥା ଦେଖିଦେଇ ସେ ଝିଅ ପିଠିରେ ଆଣ୍ଠୁଆ ମାର ହଲାଇଦେଲା । କାରୁତାମ୍ମାର ସ୍ୱପ୍ନ ଭାଙ୍ଗିଗଲା । ସେ ଚମକିପଡ଼ିଲା ।

"ହଇଲୋ ! ବସି ବସି ଇମିତି କୋଉ ସପନରେ ବୁଡ଼ିଯାଇଛୁ କି ?" ରାଗ ଗରଗର ହୋଇ ଚକ୍କୀ ପଚାରିବସିଲା ।

ସେତେବେଳକୁ ତା ଭଉଣୀ ପଞ୍ଚମୀ ଆସି ସେଠାରେ ଠିଆ ହୋଇଗଲାଣି । ଅପାକୁ ଦେଖାଇ ଭଉଣୀ ନାଲିସ୍ ବାଢ଼ିଦେଲା, "ଜାଣିଛୁ ମାଆ, ଅପା ଡଙ୍ଗା ଆଢ଼ୁଆଳରେ ଠିଆହୋଇ କୋଚୁମୁତାଲାଳୀ ସାଙ୍ଗରେ ହସୁଥିଲା ।"

ଲାଜ ଓ ଭୟରେ କାରୁତାମ୍ମାର ମୁହଁ ଲାଲପଡ଼ିଗଲା । ସେ ଭାବିଥିଲା ତା ଅପରାଧଟା ଲୁଚି ରହିଛି—କିନ୍ତୁ ବର୍ତ୍ତମାନ ଦେଖିଲା ସବୁ ପଦାରେ ପଡ଼ିସାରିଛି ।

ପଞ୍ଚମୀ ସେତିକରେ ଅଟକିଗଲାନାହିଁ । ସେ କହିଚାଲିଲା, "ତୁ ତ ସେମାନଙ୍କ ହସ ଶୁଣିଥିବୁ ଲୋ । ହସିହସି ପରା ଏ ଖଣ୍ଡମଣ୍ଡଳଟା କମ୍ପେଇଦଉଥିଲେ ଲୋ !"—ଏତିକି କହିଦେଇ ସେ କାରୁତାମ୍ମାକୁ ଖତେଇହୋଇ ଦୌଡ଼ି ଚାଲିଗଲା । ବୋଧହୁଏ ସେହି ଖତେଇହେବା ଭିତରେ ଜଣାଇ ଦେଇଗଲା—ମତେ ଠକି ବସିଲେ ଦଶା ଏଇଆ ହବ, ବୁଝିଲୁ ?

ପଞ୍ଚମୀକୁ ଘର ଜଗାଇ ଦେଇ କାରୁତାମ୍ମା ଏକାକିଆ ସମୁଦ୍ରକୂଳକୁ ଚାଲିଯାଇଥିଲା । ଡଙ୍ଗା ଓ ଜାଲ କିଣିବେ ବୋଲି ସେମାନେ କିଛି ଟଙ୍କାପଇସା ସଞ୍ଚିଥିଲେ । ତେଣୁ ତା ବାପା ଚେମ୍ପନ କୁଞ୍ଜୁର କଡ଼ା ତାଗିଦ ଥାଏ ଯେ ସବୁବେଳେ ଯେପରି କେହି ନା କେହି ଜଣେ ଘର ଜଗି ରହେ । ସେଥିପାଇଁ ପଞ୍ଚମୀକୁ ଘର ଜଗାଇ ଦେଇ ସେ ନିଜେ ବୁଲିପଳାଇଥିଲା । ଏଇଠି ପଞ୍ଚମୀ ତାର ପ୍ରତିଶୋଧ ନେଇଗଲା ।

କିନ୍ତୁ ପଞ୍ଚମୀ ଯାହାସବୁ କହିଗଲା ସେଗୁଡ଼ାକ ଯେକୌଣସି ମାଆ ପକ୍ଷରେ ବି ସାଧାରଣ କଥା ନୁହେଁ ।

"ହଇଲୋ ! ମୁଁ ଏଗୁଡ଼ାକ ସବୁ କଣ ଶୁଣୁଚି ?" କାରୁତାମ୍ମାକୁ ଚକ୍କୀ ପଚାରି ବସିଲା ।

କାରୁତାମ୍ମା ମୁହଁରୁ ଜବାବ ବାହାରିଲା ନାହିଁ ।

"ଆଲୋ, ଏ ଗୁଡ଼ାକ ଯାହା କରି ବସୁଛୁ ତାର ଫଳ କଣ ହବ ବୁଝିଚୁଟି ?"

କାରୁତାମ୍ମା ଦେଖିଲା କିଛି ଗୋଟାଏ ନ କହିଲେ ନ ଚଳେ । ସେ ଅଟେଇ ଅଟେଇ କହିଲା, "ମୁଁ ଟିକିଏ ଦରିଆକୂଳକୁ ବୁଲିଯାଇଥିଲି ।"

"ଦରିଆକୂଳକୁ ବୁଲି ଯାଇଥିଲୁ ତ ହେଲା କଣ ?"

"କୋଚୁମୁତାଲାଳୀ ଡଙ୍ଗା ଉପରେ ବସିଥିଲେ ।"

"ଏତିକି କଥାରେ ତୁ ହସିଦେଲୁ ! କାହିଁକି ?"

ନିର୍ଦୋଷତାର ପ୍ରମାଣ ଦେବା ଲାଗି କାରୁତାମ୍ମା ବାହାନା କରି ବସିଲା, "ଆମର ଡଙ୍ଗା

Digitized by srujanika@gmail.com

ଆଉ ଜାଲ କିଣିବା ଲାଗି ତ କିଛି ଟଙ୍କା ନିଅଣ୍ଟ ପଡ଼ୁଛି—ମୁଁ ତାଙ୍କୁ କହିଲି ସେ ଆମକୁ କିଛି ଟଙ୍କା ଧାର ଦେଇଥାନ୍ତୁ ।"

"ଟଙ୍କା ମାଗିବା କଣ ତୋ କାମ ?"

"କୋଚୁମୁତାଲାଲ୍ଲୀଙ୍କୁ ଟଙ୍କା ମାଗିବା ବୋଲି ସେଦିନ ତୁ ଆଉ ବାପା କଥା ହଉ ନଥିଲ ?"

କିନ୍ତୁ କାରୁତାମ୍ମାର ଏ ବାହାନା କଣ ତା ମାଆକୁ ଭୁଲାଇ ପାରନ୍ତା ? ଚକ୍କୀ ଯେତେବେଳେ କାରୁତାମ୍ମା ବୟସର ହୋଇଥିଲା, ସେତେବେଳେ ବି ସେ ଏହି ସମୁଦ୍ର-କୂଳରେ ଶୁଖୁଆଗୋଦାମ ଖୋଲିଥିବା କୋଚୁମୁତାଲାଲ୍ଲୀମାନଙ୍କୁ ଚିହ୍ନିଥିଲା । ସେତେବେଳେ ବି ସମୁଦ୍ରକୂଳରେ ନିକମା ହୋଇ ପଡ଼ିଥିବା ଡଙ୍ଗାର ଅଭାବ ନଥିଲା । ଡଙ୍ଗା ଆଢୁଆଳରେ ବସି କୌଣସି ନା କୌଣସି କୋଚୁମୁତାଲାଲ୍ଲୀ ନିଶ୍ଚୟ ଦିନେ ଚକ୍କୀକୁ ବି ହସାଇ ହସାଇ ବେଦମ୍ କରିଦେଇଥିବ; କିନ୍ତୁ ଚକ୍କୀ କେଉଟ ଘରର ଝିଅ । ସମୁଦ୍ରକୂଳର ପରମ୍ପରା ଭିତରେ ସେ ବଢ଼ିଛି । ସେ ଯେ କେଉଟକୂଳର ପ୍ରାଚୀନ ବିଶ୍ୱାସ ଓ ନିଗଡ଼ ଜୀବନକ୍ରମର ଦାୟାଦ ।

ଯେଉଁଦିନ ପ୍ରଥମ କେଉଟ ଗୋଟେ ଡଙ୍ଗାଟିଏ ଚଢ଼ି ଢେଉ ଓ ସୁଅ ସହିତ ଲଢ଼େଇ କରି କରି ଦରିଆ ସେପାରିକୁ ଯାଇଥିଲା, ସେଦିନ ତାର ସ୍ତ୍ରୀ ଦରିଆକୁ ଚାହିଁ ଏକଧ୍ୟାନରେ ପଶ୍ଚିମ ଦିଗକୁ ଚାହିଁ ରହିଥିଲା । ମନପ୍ରାଣ ଦେଇ ସେ ପ୍ରାର୍ଥନା କରୁଥିଲା—ମୋ ସ୍ୱାମୀଙ୍କର ମଙ୍ଗଳ ହେଉ । ତେଣେ ଦରିଆରେ ଝଡ଼ ଉଠିଲା, ଢେଉ ଉଠିଲା; ଖୁବ୍ ବଡ଼ ବଡ଼ ଢେଉ । ବଡ଼ ବଡ଼ ଆଁ କରି ତାକୁ ଗିଳିଦେବା ଲାଗି ତିମି ମାଡ଼ିଆସିଲେ । ମଗର ସାକ୍ଷାତ ଆସି ଲାଞ୍ଜ ଘୁଞ୍ଚି ତା ଡଙ୍ଗା ଉପରେ ଚଢ଼ାଉ କଲେ । ଦରିଆର ସୁଅ ତା ଡଙ୍ଗାଟିକୁ ଟାଣିନେଇ ଗୋଟିଏ ଭଉଁରି ଭିତରେ ପକାଇଦେଲା । କିନ୍ତୁ ଆଶ୍ଚର୍ଯ୍ୟର କଥା, କେହି ତାର କ୍ଷତି କରିପାରିଲେ ନାହିଁ । ସେ ସବୁ ବିପଦରୁ ଉଧୁରି ଆସିଲା । ଖାଲି କ'ଣ ସେତିକି ? ସବୁ ବିପଦ କଟାଇ ସେ କୂଳକୁ ଫେରିଆସିଲା ଏକ ମସ୍ତବଡ଼ ମାଛ ଧରି । କିନ୍ତୁ ଏତେବଡ଼ ଝଡ଼ ମୁହଁରୁ ସେ ରକ୍ଷା ପାଇଗଲା କିପରି ? ତିମିମାନେ ବା ତାକୁ ଗିଳି ନଦେଲେ କାହିଁକି ? ସାକ୍ଷାତ ଲାଞ୍ଜର କରାମତି କେତେ ନୁହେଁ ! ତଥାପି ତା ଡଙ୍ଗା ନ ଭାଙ୍ଗିଲା କିପରି ? ଦରିଆ ପାଣିର ଯେଉଁ ଭଉଁରି ସେଥିରୁ ଅବା ଡଙ୍ଗାଟି ବର୍ତ୍ତିଗଲା କିପରି ? ଏତେ ବିପଦ କଟିଯିବାର ଏକମାତ୍ର କାରଣ ହେଲା, ଏପଟେ ଦରିଆକୂଳରେ ବସି ତାର ସତୀ ସ୍ତ୍ରୀ, ତା ଘରର ଲକ୍ଷ୍ମୀ ଏକ ମନ ଏକ ଧ୍ୟାନରେ ପ୍ରାର୍ଥନା କରୁଥିଲା—ମୋ ସ୍ୱାମୀ ଦରିଆ ଭିତରୁ ଶୁଭରେ ଫେରିଆସନ୍ତୁ ।

ସେପରି ସତୀପଣର ଅର୍ଥ ଯେ କଣ, ସେହି ପ୍ରାର୍ଥନାର ଶକ୍ତି ଯେ କେତେ, ତାହା କାଟାଲାମ୍ମାଙ୍କର କନ୍ୟାକୁଳ ଜାଣନ୍ତି । କାଟାଲାମ୍ମା ହେଉଛି, ଦରିଆ ଠାକୁରାଣୀ । ଚକ୍କୀର ଜୀବନଦର୍ଶନ ବି ସେଇଆ । ସମ୍ଭବତଃ ଚକ୍କୀ ଅଙ୍ଗରେ ଯେତେବେଳେ ପ୍ରଥମ ଯୌବନ ପ୍ରସ୍ଫୁଟିତ ହୋଇଥିଲା, ସେତେବେଳେ କୌଣସି କୋଚୁମୁତାଲାଲ୍ଲୀ ତାର ଉନ୍ନତ ଅନାବୃତ ସ୍ତନଯୁଗଳକୁ ତୃଷାର୍ତ୍ତ ନୟନରେ ନିଶ୍ଚୟ ଚାହିଁଥିବ ଏବଂ ସେତେବେଳେ ବି ବୋଧହୁଏ

Digitized by srujanika@gmail.com

ଗ୍ରକ୍କାର ମାଆ ତାକୁ ସାଗରକନ୍ୟାର ପ୍ରାର୍ଥନା ଶକ୍ତି ଏବଂ ତାର ଜୀବନ-ଦର୍ଶନ ବିଷୟରେ ଉପଦେଶ ଦେଇଥିବ ।

ବର୍ତ୍ତମାନ କାରୁତାମ୍ମାର ସମସ୍ୟା ଯେ କଣ ଗ୍ରକ୍କୀ ତାହା ଅନୁଭବ କଲା କି ନାହିଁ କହି ହେଉନାହିଁ, ତଥାପି ସେ କହିଲା, "ମାଆଲୋ, ତୁ ତ ଆଉ ପିଲାଟିଏ ହୋଇ ନାହୁଁ । ତୁ ଆସି ଭୁଆସୁଣୀଟେ ହେଲୁଣି ।"

ଭୁଆସୁଣୀ ପଦଟି ଶୁଣୁ ଶୁଣୁ ପାରିକୁଟ୍ଟୀର ସେହି 'ଘାଲିଆ ମାଗ୍ରକ୍କାଣ୍ଡ' ସମ୍ବୋଧନଟି କାରୁତାମ୍ମା କାନରେ ପ୍ରତିଧ୍ୱନିତ ହୋଇଗଲା ।

ଗ୍ରକ୍କୀ କହିଲା, "ମାଆ ଲୋ, ଏ ଯେଉଁ ଦରିଆ ଦେଖୁଛୁ ଇଏ କାହିଁ କେତେଦୂର ଲମ୍ବି ଯାଇଛି । ଯା ଭିତରେ ସବୁ କିଛି ଅଛି, ବୁଝିଲୁ, ସବୁ କିଛି । ହେଲେ ଯେଉଁ ମରଦମାନେ ଦରିଆ ଭିତରକୁ ଯାଉଛନ୍ତି ସେମାନେ ଆପଦବିପଦରେ ନ ପଡ଼ି ଶୁଭରେ ଫେରିଆସୁଚନ୍ତି କିମିତି ? ସେ କଥା ଜାଣିଛୁ ? ତାର କାରଣ ହେଲା ଏପଟେ ମାଇପୀମାନେ ପାପ ଆଡ଼କୁ ମନ ନଦେଇ ନିରମଳ ମନରେ ଚଳୁଛନ୍ତି । ଆମେ ମାଇପୀମାନେ ଯଦି ସେତକ ନ କରିବା, ତେବେ ଏ ଦରିଆର ଢେଉ ଆଉ ସୁଅ ଆମ ମରଦମାନଙ୍କୁ ଗୋଟା ରଙ୍ଗେ ଗିଳିଦବ । ଦରିଆ ଭିତରେ ଯେଉଁ ମରଦମାନେ କାମ କରୁଚନ୍ତି ସେମାନଙ୍କ ଜୀବନ-ମରଣ ଆମର ହାତରେ—ବୁଝିଲୁ ମାଆ ?"

ଏସବୁ ନୀତିବାଣୀ ଯେ କାରୁତାମ୍ମା କାନରେ ଏହି ପ୍ରଥମ ଥର ପଡ଼ିଲା ତା' ନୁହେଁ । ଯେଉଁଠି ଗୁରିଜଣ କେଉଟୁଣୀ ଜମିଛନ୍ତି ସେଠାକୁ କାନେଇଲେ ଶୁଣିବ ସେଠାରେ କେବଳ ଏହି କଥା ପଡ଼ୁଛି ।

କିନ୍ତୁ ପାରିକୁଟ୍ଟୀ ସହିତ ହସିବାଟା କଣ ଭୁଲ ହେଲା ? ଦରିଆକୁ କାମ କରିବାକୁ ଯାଉଥିବା କୌଣସି ପୁରୁଷର ଜୀବନଭାର ତ ଏ ପର୍ଯ୍ୟନ୍ତ ତା ଦାୟିତ୍ୱରେ ଦିଆଯାଇ ନାହିଁ । ଯେତେବେଳେ ଏପରି କୌଣସି ଜୀବନକୁ ରକ୍ଷା କରିବା ଭାର ତାକୁ ଦିଆଯିବ ସେତେବେଳେ ସେ ସମସ୍ତ ଯତ୍ନ ଦେଇ ତାକୁ ରକ୍ଷା କରିବ । ସେ ଜୀବନକୁ କିପରି ରକ୍ଷା କରିବାକୁ ହୁଏ, ସେ ତାହା ଭଲରୂପେ ଜାଣେ । ସେ ପରା କେଉଟ ଘରର ଝିଅ—ତାକୁ ଏ ବିଷୟରେ ଶିଖାଇବା ଦରକାର କଣ ?

"ବେଳେ ବେଳେ ଦରିଆରେ ଅନ୍ଧାର ଘୋଟିଯାଏ । ଦରିଆ କଳାପଡ଼ିଯାଏ । ଦେଖିନୁ ? ଦରିଆ କାହିଁକି ସିମିତି ହୋଇଯାଏ ଜାଣିଛୁ ? ସେତେବେଳେ କାଟାଲାମ୍ମା—ଦରିଆ ଠାକୁରାଣୀ ରାଗିଯାଆନ୍ତି । ସେ ରାଗିଗଲେ ସିମିତି ହୁଏ । ସେ ମାଆ ଯେତେବେଳେ ରାଗିବେ, ସେତେବେଳେ ସବୁ ଛନ୍‌ଛତର କରିଦେବେ, ସମସ୍ତଙ୍କୁ ସାବାଡ଼ କରିଦେବେ । ଆଉ ଯେତେବେଳେ ତାଙ୍କ ପିଲାଙ୍କ ଉପରେ ପରସନ୍ନ ହେଇଯିବେ, ସେତେବେଳେ ସବୁ କିଛି ଦେଇଦେବେ । ଜାଣିଛୁ—ଦରିଆ ଭିତରେ ସୁନା ଅଛି, ମୁଣ୍ଡା ମୁଣ୍ଡା ସୁନା !" ଗ୍ରକ୍କୀ କହି-ଗ୍ରଲିଲା, "ସତୀପଣ ହେଲା ସବୁଠୁ ବଡ଼ କଥା ଲୋ ମାଆ—ସତୀପଣ । ଆମ କେଉଟ ଜାତିର

Digitized by srujanika@gmail.com

ମରଦମାନଙ୍କର ଶକତି ସମ୍ପଦ ସବୁ ମାଇପିମାନଙ୍କର ସତୀପଣକୁ ଧରି । ବୁଝିଲୁ ?"

"କେତେଟା ଛତରା କୋଚ୍‌ମୁତାଲାଳୀ ଆସି ଆମ ଦରିଆକୂଳଟାରେ ପାପ ଲଗେଇ ଦେଉଛନ୍ତି । ସେଗୁଡ଼ାଙ୍କର ନା ଅଛି ଇଜ୍ଜତ, ନା ଅଛି ମହତ । ଦେଶପଟ୍ଟ ଗ୍ରେଟ ଜାତର ମାଇକିନାଗୁଡ଼ା ଆସି ଶୁଖୁଆ ଗୋଦାମରେ କାମ କରୁଚନ୍ତି; ଶୁଖୁଆ ରଖାଥୁଆ କରୁଚନ୍ତି । ସେଇଗୁଡ଼ାଙ୍କ ଯୋଗୁଁ ଆମ ଦରିଆକୂଳରେ ପାପଗୁଡ଼ା ଲାଗୁଛି । ଆମ ଦରିଆକୂଳର ଧରମ-କରମ ସେଗୁଡ଼ାଙ୍କୁ କି ଜଣା କହିଲୁ ? ସେଗୁଡ଼ା ତ ଆଉ ଦରିଆଠାକୁରାଣୀଙ୍କର ଝିଅ ନୁହନ୍ତି । ସେଗୁଡ଼ା ଏଠି ପାପ କରୁଚନ୍ତି, ଆଉ ଦଣ୍ଡ ଭୋଗୁଛନ୍ତି ଆମ କେଉଟ କୂଳର ଲୋକେ । ଦରିଆକୂଳର ଲଟାବୁଦା, ନିକମା ହୋଇ ପଡ଼ିଥିବା ଡଙ୍ଗା ଆଢୁଆଳ—ଏଇଗୁଡ଼ା ହେଲା ପାପର ଜାଗା । ସେମିତି ଜାଗାକୁ ତୁ ସିମିତି କେବେ ନ ଯାଉ ।"

ତାପରେ ଚକ୍କୀ ଏକ ଗୁରୁଗମ୍ଭୀର ସ୍ୱରରେ ଝିଅକୁ ସାବଧାନବାଣୀ ଶୁଣାଇଦେଲା, "ତୁ ଆଉ ଛୋଟ ଝିଅଟିଏ ହୋଇ ନାହୁଁ, ତୁ ପରା ବଢ଼ିଲୁଣି—ଭୁଆସୁଣୀଟେ ହେଲୁଣି । କାଳେ କୋଉ ଛତରା କେଉଟ ଟୋକା କି କୋଉ କୋଚ୍‌ମୁତାଲାଳୀ ତୋ ଫୁଙ୍ଗୁଲା ଛାତି ଉପରେ ଆଖି ପକେଇଦେବ—ତତେ ପାପ ଆଖିରେ ଚାହିଁଦେବ । ଛତରାଙ୍କର ତ ନୀତି-ଅନୀତି ବୋଲି କିଛି ନାହିଁ, ଇଜ୍ଜତ-ମହତ ବୋଲି କିଛି ନାହିଁ ।"

କାରୁତାମ୍ମା ଭୟରେ ଥରେଇଉଠିଲା । ଡଙ୍ଗା ଆଢୁଆଳରେ ତ ଠିକ୍ ଏଇ କଥା ଘଟିଗଲା । ବୋଧହୁଏ ଏକ ପରମ୍ପରାଗତ କାରଣରୁ କାରୁତାମ୍ମା ସେଇ ଘଟଣାରେ ବିରକ୍ତ ହୋଇ ଉଠିଥିଲା । ତାର ବୋଧହୁଏ ମନେହୋଇଥିଲା ଯେ ତାର ଫୁଙ୍ଗୁଲା ଛାତି ଉପରେ, ତାର ଅନାବୃତ ସ୍ତନ ଉପରେ ଯଦି କାହାର ଦୃଷ୍ଟି ପଡ଼ିଯାଏ ତେବେ ତାହା ଦରିଆ-ଠାକୁରାଣୀଙ୍କର କନ୍ୟାକୂଳର ଅପମାନର ବିଷୟ ହୋଇଯିବ ।

"ବୁଝିଲୁ ମାଆ, ତୁ ସିମିତି ଏ ଦରିଆକୂଳରେ ପାପ ଲଗେଇ ନ ଦେଉ !"

କାରୁତାମ୍ମା ଆତଙ୍କିତ ହୋଇଗଲା ।

ଚକ୍କୀ କହି ଚାଲିଲା, "ସିଏ ତ କିଛି କେଉଟପୁଅ ହୋଇନ—ସିଏ କାହିଁକି ଏ ସବୁକୁ ଖାତିର କରିବ ?"

× × × ×

ସେଦିନ ରାତିରେ କାରୁତାମ୍ମାର ଆଖିକୁ ନିଦ ଆସିଲା ନାହିଁ । ପଞ୍ଚମୀ ତାର ସବୁ ଗୁପ୍ତକଥା ପଦାରେ ପକାଇଦେଲା; କିନ୍ତୁ ସେ ପଞ୍ଚମୀ ଉପରେ ରାଗି ପାରିଲା ନାହିଁ । ପଞ୍ଚମୀର ଦୋଷ କଣ ? ସେ ତ କିଛି ଖରାପ କଥା କହି ନାହିଁ । କାରୁତାମ୍ମା କେଉଟକୂଳର ଝିଅ, କେଉଟ-କୂଳର ଗୋଟିଏ ସ୍ୱତନ୍ତ୍ର ଆଦର୍ଶ ରହିଛି । ସେ ଆଦର୍ଶ ଶହ ଶହ ବର୍ଷ ଧରି ଲୋକେ ପାଳି

Digitized by srujanika@gmail.com

ଆସୁଚନ୍ତି । ବର୍ତ୍ତମାନ ବୋଧହୁଏ କାରୁତାମ୍ମା ସେହି ଆଦର୍ଶ ପ୍ରତି ସଜାଗ ହୋଇଉଠିଲା । ସେ ଚନ୍ତାରେ ପଡ଼ିଗଲା—ସେ ଭୁଲବାଟରେ ଚାଲିଯାଉ ନାହିଁ ତ ?

ଏବଂ ଠିକ୍ ସେତିକିବେଳେ ସମୁଦ୍ରକୂଳରୁ ଭାସିଆସିଲା ଏକ ଗୀତର ଲହରୀ । ଅପୂର୍ବ ସଙ୍ଗୀତ । ଆସି କାନରେ ବାଜୁଛି କି ନାହିଁ ତାକୁ ଭୁଲି ଓ ଠିକ୍ର ଚେତନାରାଜ୍ୟରୁ ଦୂରକୁ ଟାଣି ନେଇଗଲା । କିଏ ଏ ଗୀତର ଲହରୀ ତୋଳୁଛି ?

କାରୁତାମ୍ମା କାନ ଡେରି ଶୁଣିଲା । ଗୀତ ଗାଉଥିଲା ପାରିକୁଟ୍ଟୀ । ପାରିକୁଟ୍ଟୀ ଗାୟକ ନୁହେଁ; କିନ୍ତୁ ସେ ଯେ ସେଠାକୁ ଆସିଛି ସେ କଥାକୁ ସେ ଆଉ କେଉଁ ଉପାୟରେ କାରୁତାମ୍ମାକୁ ଜଣାଇଥାଆନ୍ତା ?

କାରୁତାମ୍ମା ଦ୍ୱନ୍ଦ୍ୱରେ ପଡ଼ିଗଲା । ଏଣେ ପ୍ରଲୋଭନ, ତେଣେ ଭୟ । ସେ ଯଦି ପାରିକୁଟ୍ଟୀ ପାଖକୁ ଯାଏ, ତେବେ ପାରିକୁଟ୍ଟୀ ତାର ଫୁଙ୍ଗୁଲା ଗ୍ରୀବାକୁ ଚୁମ୍ବିଦେବ । ଏବଂ ସେ ଯଦି ଡଙ୍ଗା ଆଢ଼ୁଆଳରେ ଅନ୍ଧାରରେ ବସିଥିବ ? ସେ ସ୍ଥାନ ତ ନିରାପଦ ନୁହେଁ । ଆଉ, ସେ ବା କଣ କେଉଟଘରର ପୁଅ ? ମାଆ କହିଥିବା କଥାଗୁଡ଼ାକ କାରୁତାମ୍ମାର ମନେପଡ଼ିଗଲା ।

କିନ୍ତୁ ପାରିକୁଟ୍ଟୀ ସୁନ୍ଦର ଗୀତଟିଏ ଗାଉଥିଲା । ଗୋଟିଏ କେଉଟ ଗୀତ । କାରୁତାମ୍ମା ମନରେ ଭୟ ହେଲା । ସେ ଯଦି ବେଶୀ ସମୟ ଏ ଗୀତ ଶୁଣେ, ତେବେ ସେ ଅଜାଣତରେ ପାରିକୁଟ୍ଟୀ ପାଖକୁ ଚାଲିଯିବ । ଆଉ ପାରିକୁଟ୍ଟୀର ସେ ଯେଉଁ ଚାହାଣି, ସେ ଚାହାଣି ତା ଦେହ ଭିତର ଦେଇ ଗଲାଗଲା ପରି ଲାଗେ । ସେହି ଚାହାଣି ଯେପରି ତାର ସର୍ବାଙ୍ଗ ଅଗାଇ ଦେଉଥିଲା । ଯେତେବେଳେ ଜଣ ହେଲା—ରକ୍ତ ମାଂସର ଦେହ ତ ! କାରୁତାମ୍ମା ମୁହଁ ମାଡ଼ି ଶୋଇପଡ଼ି ଗ୍ରୀବାକୁ ଭୂଇଁ ଉପରେ ଚାପି ରଖିଲା । ଦୁଇ କାନରେ ଆଙ୍ଗୁଠି ଦେଇଦେଲା । ତଥାପି ସେ ଗୀତର ଲହରୀ ଆସି କାନରେ ପଶିଲା । ମନେହେଲା ତାହା ଯେପରି ଏକ ଦୁର୍ନିବାର ସଙ୍ଗୀତର ସ୍ରୋତ । କାରୁତାମ୍ମା ତାକୁ ଏଡ଼ାଇ ପାରିବ ନାହିଁ ।

କାରୁତାମ୍ମା ଆଖିରୁ ଲୁହ ଉଛୁଳି ପଡ଼ିଲା ।

ତା ବକ୍ଷରର କବାଟଟା ଅତି ସହଜରେ ଖୋଲି ହୁଅନ୍ତା । କିମ୍ବା ସେ କବାଟ ସ୍ୱତଃ ଖୋଲିଯାଆନ୍ତା; କିନ୍ତୁ କାରୁତାମ୍ମାକୁ ଯେଉଁ ଦୁର୍ଗର ଚାରିକାନ୍ଥ ଆବୋରି ରହିଥିଲା, ସେ ଦୁର୍ଗକୁ ଭାଙ୍ଗିବ କିଏ ? ଦରିଆ ଠାକୁରାଣୀଙ୍କର ସନ୍ତାନ ଯେଉଁ ପରମ୍ପରା ଓ ବାରଣର ଦୁର୍ଗ-ପ୍ରାଚୀର ଗଢ଼ିଛି ସେ ପ୍ରାଚୀରର ବେଧ କିଛି ସାମାନ୍ୟ ନୁହେଁ । ତାହା ଏକ ସୁଦୃଢ଼ ପ୍ରାଚୀର, ଶହ ଶହ ବର୍ଷ ଧରି ତିଷ୍ଠି ରହିଛି ସେହି ସଂସ୍କାରର ପ୍ରାଚୀର । କାରୁତାମ୍ମା ଯେଉଁ ଦୁର୍ଗ ଭିତରେ ରହିଥିଲା ତାହା ଏକ ଦେହଲୀହୀନ, ଗବାକ୍ଷହୀନ ଅବରୁଦ୍ଧ ଦୁର୍ଗ ।

କିନ୍ତୁ ଏ ଯେଉଁ ଜୀଅନ୍ତା ମାଂସ, ଏ ମାଂସ କଣ ସେ ଦୁର୍ଗ ପ୍ରାଚୀରକୁ ଭାଙ୍ଗିଦେଇ ପାରିବ ନାହିଁ ? ଏଭଳି କେତେ ତ ପ୍ରାଚୀର ଭାଙ୍ଗି ଯାଇଛି । ଭାଙ୍ଗି ଯାଇନାହିଁ ?

ସମୁଦ୍ରକୂଳରେ ଖେଳବୁଲୁଥିଲା ପାରିକୁଟ୍ଟୀର ସଙ୍ଗୀତ-ଲହରୀ । ଅନ୍ଧାର ରାତିରେ କେଉଟ ଘରର ଝିଅବୋହୂଙ୍କୁ ସେମାନଙ୍କର ଗୋଟ କୁଡ଼ିଆ ଭିତରୁ ଟାଣିଆଣି ବିପଥକୁ ନେଇଯିବା-

Digitized by srujanika@gmail.com

ଲାଗି ସେ ଗୀତ ରଚନା ହୋଇନଥିଲା । ସେଥିରେ ନା ଥିଲା ତାଳ, ନା ଥିଲା ସ୍ୱର; ଗାୟକର କଣ୍ଠରେ ବି କୌଣସି ମାଧୁର୍ଯ୍ୟ ନଥିଲା । କିନ୍ତୁ ଗୀତର ଆବେଦନ ବଢ଼ି ଚାଲିଥିଲା । ଉଦ୍ଦେଶ୍ୟ ହେଲା, କାରୁତାମ୍ମା ଜାଣୁ ଯେ ପାରୀକୁଟ୍ଟି ସେଠାରେ ବସିଛି । ସେ ଚାହୁଁଥିଲା କାରୁତାମ୍ମାକୁ କ୍ଷମାମାଗିବ । ଗୀତର ଲହରର ଢେଉ ଚୋଳା ପାରୀକୁଟ୍ଟୀର ଡୋଙ୍ଗି ଧରିନ ହୋଇଗଲା ।

କାରୁତାମ୍ମା କାନରୁ ଆଙ୍ଗୁଠି ବାହାର କଲା । ପାଖ ବଖରାରେ ତାର ବାପା ତାର ମାଆକୁ କଣ କହୁଥାଏ । ବୋଧହୁଏ ଦୁହିଁଙ୍କ ଭିତରେ କିଛି ଏକ ଯୁକ୍ତିତର୍କ ଚାଲିଥାଏ । କାରୁତାମ୍ମା କାନେଇ ଶୁଣିଲା । ସେମାନେ ତାହାରି ବିଷୟରେ କଥା ହେଉଥିଲେ—

"ଆଲୋ, ମୁଁ ସେସବୁ ଜାଣେ । ତୁ କିଛି କହିବା ଦରକାର ନାହିଁ । ମୁଁ ମରଦ ପୁଅ" —ଚେମ୍ପନ କୁଞ୍ଜୁ କହିଲା ।

କାରୁତାମ୍ମା ଶୁଣିଲା, ଚାକ୍କୀ କହୁଛି, "ମଲାରେ ମୋ ମରଦପୁଅ ! ତେମେ ଖାଲି ଇମିତି ସବୁଗୁଡ଼ାକ ଜାଣି ପକେଇଚ ! ଖରାପ ଯେତେବେଳେ ହେଇଯିବ, ତମରି ଝିଅ ଖରାପ ହେଇଯିବ ।"

"ଯା ଲୋ ବୋକୀ । ତା ଆଗରୁ ମୁଁ ଝିଅକୁ ବାହା ଦେଇସାରିଥିବି ।"

"କୋଉ ବାଟେ ବା ? ବିନା ଯଉତୁକରେ କିଏସେ ଭଲା ତା ହାତ ଧରିବ ?"

"ଆଲୋ, ଶୁଣ କହୁଛି"—କହି ଚେମ୍ପନ କୁଞ୍ଜୁ ତାର ଭବିଷ୍ୟତ ଯୋଜନା ଗପି ବସିଲା । ସେହି ପୁରୁଣା କଥା, ଏହା ପୂର୍ବରୁ କାରୁତାମ୍ମା ଶହେଥର ସେକଥା ଶୁଣିଥିବ ।

ସବୁ ଶୁଣିସାରି ରାଗ ଓ ଦୁଃଖରେ ଚାକ୍କୀ କହିଲା, "ହଉ ହେଲା, ଡଙ୍ଗା ଆଣ, ଜାଲ ଆଣ ଯାହା କରୁଚ କରିଯା ।"

କଥାରେ ଜୋର୍ ଦେଇ ଚେମ୍ପନ କୁଞ୍ଜୁ କହିଲା, "ସେ ଟଙ୍କା ମୁଁ ମୋଟେ ଛୁଇଁବିନି, ଜାଣିଥା । ତା ଭିତରୁ କିଛି ଟଙ୍କା କାଢ଼ି ଯଉତୁକ ଦେଇଦେବି—ଏକଥା କେବେ ଭାବିବୁ ନି...ହୁଁ । !"

ଚାକ୍କୀ ରାଗ ଦେଖାଇ କହିଲା, "କୋଉ ହେଲେ ଗୋଟେ ପଠାଣ ଟୋକା ତମ ଝିଅକୁ ଅବାଟକୁ ଟାଣିନେବ ଜାଣିଥାଅ, ଶେଷକୁ ଏଇଆ ହବ !"

ଚେମ୍ପନ କୁଞ୍ଜୁ ନୀରବ ରହିଲା । ସେ କଣ ଚାକ୍କୀ କଥାର ମର୍ମ ବୁଝି ପାରିଲା ନା କଣ ? କିଛି ସମୟ ପରେ ପୁଣି ଥରେ ଆଲୋଚନା ଆରମ୍ଭ ହେଲା ।

"ତାପାଇଁ ଗୋଟେ ବର ଯୋଗାଡ଼ କରିବାକୁ ପଡ଼ିବ ।"

"ବିନା ଯଉତୁକରେ ?"

ଚେମ୍ପନ କୁଞ୍ଜୁ ମୁଣ୍ଡ ହୁଙ୍କାରିଲା ।

ଚାକ୍କୀ କହିଲା, "କିଏ ଗୋଟେ ବୋକାମାଧିଆ ମିଳିଲେ ମିଳିଯିବ ।"

"ତୁ ଅପେକ୍ଷା ଧରି ଦେଖନା—ଅପେକ୍ଷା ଧର ।"

ଏଥିରେ ଚାକ୍କୀର କାହିଁକି ଟିକିଏ ବି ବିଶ୍ୱାସ ଆସିଲା !

Digitized by srujanika@gmail.com

ସେ କହୁଥିଲା, "ଭଲ ହବ, ଝିଅକୁ ନେଇ ମହିଦରଆରେ ବୁଡ଼େଇ ମାରଦଅ, ବୁଝିଲ !"

ଚେମ୍ପନ କୁଞ୍ଜୁ ଚକ୍କିର ଦେହ ଛୁଇଁ ଶପଥ କରିବାକୁ ବସିଲା । ଚକ୍କି ପଚାରିଲା, "ଏ ସେଇଁ ଜାଲ ଆଉ ଡଙ୍ଗା କଣା ହବ ଏସବୁ କାହାପାଇଁ ?"

ଚେମ୍ପନକୁଞ୍ଜୁ କୌଣସି ଉତ୍ତର ଦେଲାନାହିଁ ।

ଖଣ୍ଡେ ଡଙ୍ଗା ଆଉ ସାରେ ଜାଲ—ସେଇତକ ହେଲା ତା ଜୀବନର ଏକମାତ୍ର ଆକାଂକ୍ଷା । ସେସବୁ ସେ କାହା ପାଇଁ କଣା ଯିବ, ସେ ବିଷୟରେ ସେ କେବେହେଲେ ମୁଣ୍ଡ ଖେଳାଇ ନଥିଲା ।

ଚକ୍କି ଗୋଟିଏ ପ୍ରସ୍ତାବ ଦେଲା, "ଭେଲ୍ଲାମାନାଲିଲ୍ ଗାଆଁର ସେ ଟୋକାଟା, ଭେଲ୍-ଯୁଦ୍ଧନ୍‌କୁ କଲେ ଭଲ ହୁଅନ୍ତାନ କି?"

"ସେଇଟାକୁ ! ନାହିଁ, ନାହିଁ ।"

"ନାହିଁ କାହିଁକି ? ଖରାପ କଣ ହୁଅନ୍ତା ?"

"ସେଇଟା ଗୋଟେ ମାପ୍ପିଲ୍ଲକାନ୍‌ଟେ । ଶୁଧ୍ ମାପ୍ପିଲ୍ଲକାନ୍‌ଟେ ?"

"ମାପ୍ପିଲ୍ଲକାନ୍* ନୁହଁ ତ ତମ ଝିଅକୁ ଆଉ କୋଉଠୁ ଭଲ ଘର-ବର ମିଳିଯିବ ?"

ଚେମ୍ପନ କୁଞ୍ଜୁ ଏ ପ୍ରଶ୍ନର କୌଣସି ଉତ୍ତର ଖୋଜି ପାଇଲା ନାହିଁ ।

"କୋଉ ହେଲେ ଗୋଟେ ପଠାଣ ଟୋକା ତମ ଝିଅକୁ ଅବାଟକୁ ଟାଣିନବ ।"—ଏହି କଥାଗୁଡ଼ାକ କାରୁତାମ୍ମା କାନରେ ଆସି ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲଗିଲା । ତା ବାପା ଏ କଥାର ପୂର୍ଣ୍ଣ ତାତ୍ପର୍ଯ୍ୟ ଉପଲବ୍ଧି କରିପାରିନଥିଲା । କିନ୍ତୁ କାରୁତାମ୍ମାର ମନେହେଲା, ସତେ ଯେପରି ତା ଗୁମରଟା ବିଦାର୍ଣ୍ଣ ହୋଇଯାଉଛି । ଗୋଟାଏ ପଠାଣ ଟୋକା କଣ ଏ ଭିତରେ ତାକୁ ଅବାଟକୁ ଟାଣି ନେଇ ନାହିଁ ?

ସେ ପର୍ଯ୍ୟନ୍ତ ପାରିକୁଟ୍ଟୀର ଗୀତ ବନ୍ଦ ହୋଇନଥାଏ ।

ଦୁଇ

ତା' ପରଦିନ କାରୁତାମ୍ମା ଘରୁ ବାହାରିଲା ନାହିଁ । ପାରିକୁଟ୍ଟୀର ଶୁଖୁଆ ଗୋଦାମରେ ବ ସେଦିନ ବହୁତ କାମ । ସେଦିନ ବହୁତ ସ୍ତ୍ରୀଲୋକ କୁଲିକାମ କରିବା ଲାଗି ଆସିଥାନ୍ତି । ସେମାନେ ଶୁଖୁଆ ଗୋଦାମରେ ଶୁଖୁଆ ବସ୍ତା ବାନ୍ଧିବାରେ ଲାଗିଥାନ୍ତି ।

* ମାପ୍ପିଲ୍ଲକାନ—ଏକ ଶ୍ରେଣୀ ଜାତିର ଲୋକଙ୍କ ।

Digitized by srujanika@gmail.com

ଝନକମା ହୋଇ ବସି ଏଣ୍ଡ ତେଣ୍ଡ ଖବୁ ଗବ୍ଲୁ କାରୁତାମ୍ମା ମୁଣ୍ଡରେ ଗୋଟିଏ ବିଷମ ଚନ୍ତା ଆସି ପଶିଗଲା—"ପାରିକୁଟ୍ଟୀ କଣ ସେ କୂଳ ମାଇକିନାଗୁଡ଼ିକ୍କୁ ବ ସିମିତ ତେରେଛା ଆଖିରେ ଗୃହୁଁଥିବ ?"

ଉପରବେଳା ମାଛଧରା ଡଙ୍ଗାସବୁ ଆସି କୂଳରେ ଲାଗିଲା । ମାଛଟୋକେଇ ଧରି ଗୃକ୍କୀ ଗୃଲିଗଲା ସମୁଦ୍ରକୂଳକୁ । ଗଲାବେଳେ କାରୁତାମ୍ମାକୁ ତାର ଗତରାତିର ସାବଧାନବାଣୀ ମନେପକାଇଦେଇ ଗଲା—"ମୋ ମାଆଟି ପରା, କାଲିର କଥାଗୁଡ଼ା ମନେରଖିଛୁଟି ?'

କଣ ଯେ ମନେରଖିବାକୁ ପଡ଼ିବ, କାରୁତାମ୍ମା ତାହା ବେଶ୍ ଜାଣେ; ତାକୁ ଆଉ ବୁଝାଇବାକୁ ପଡ଼ିବ ନାହିଁ ।

× × × ×

ଚେମ୍ବନ କୁଞ୍ଜୁ ଘରକୁ ଫେରିବା ପରେ କାରୁତାମ୍ମା ତା ପାଇଁ ଖାଇ ବାଢ଼ିଦେଲା । ସେ ଲକ୍ଷ୍ୟ କଲା, ବାପା ତା ଦେହମୁଣ୍ଡକୁ ଟିକିଏ ନିଘାଖେଇ ଗୃହୁଁଛନ୍ତି । ବାପା ତ କାହିଁ କେବେ ଇମିତି ଗୃହାନ୍ତିନ । ସେ ତ ତାକୁ ସବୁଦିନ ଦେଖୁଛନ୍ତି; ତାହେଲେ ଆଜ କାହିଁକି ଇମିତି ଗୃହୁଁଛନ୍ତି ? କାରୁତାମ୍ମା ମନରେ ଭୟ ହେଲା—ବୋଧହୁଏ ବାପା ବ ତାର ସବୁ ଗୋପନ-କଥା ଜାଣିସାରିଛନ୍ତି । କିନ୍ତୁ ତା' ହୋଇଥିଲେ ତ ବାପା ତାକୁ କଡ଼ା ଆଖିରେ ଗୃହାନ୍ତେ ।

ଚେମ୍ବନ କୁଞ୍ଜୁ ଗୋଟିଏ ଡଙ୍ଗାରେ ଖଗୁଆଲି ହୋଇ କାମକରେ । ପ୍ରଥମେ ସେ ଥିଲା ଜଣେ ସାଧାରଣ ମାଝି । କିନ୍ତୁ ଆଜକାଲି ସେ ଡଙ୍ଗାର ପ୍ରଧାନ ମାଝି । ଭବିଷ୍ୟତ ପାଇଁ ତା ଆଗରେ ରହିଛି ଏକ ବଡ଼ ପରିକଳ୍ପନା । ତେଣୁ ଆୟରୁ ପଇସାଟିଏ ବ ଅପବ୍ୟୟ କରିବା ଲାଗି ସେ ପ୍ରସ୍ତୁତ ନୁହେଁ ।

ଝିଅଟା ବଡ଼ିଲାଣି । ବଢ଼ିଲା ଝିଅକୁ ଘରେ ସାଇତିଲେ କେଉଁଦିନ କି କାଣ୍ଡ କରି ବସିବ କିଏ କହିବ ? ଗୃକ୍କୀ ଠିକ୍ କହୁଥିଲା—ତା କଥା ମିଛ ନୁହେଁ । ବିସ୍ମୃତି କାହିଁକି ଯେ ଏତେ ବ୍ୟସ୍ତ ହେଉଛି ଚେମ୍ବନ କୁଞ୍ଜୁ ତାହା ବୁଝିପାରିଲା । ତା'ହେଲେ ସେ ଡଙ୍ଗା ଆଉ ଜାଲ କିଣିବା କଥା ପକ୍କା କରିବ—ନା ଝିଅ ବାହାଘର କଥା ଠିକ୍ କରିବ ? ବଡ଼ିଆ ଚନ୍ତାରେ ପଡ଼ିଗଲା । ତଥାପି ଝିଅକୁ ପଦେ ଉପଦେଶ ଶୁଣାଇଦେଲା—"ମାଆଲେ, ଜଗିରଖି ଚଳୁଥିବୁ ।'

କାରୁତାମ୍ମା କୌଣସି ଉତ୍ତର ଦେଲାନାହିଁ; ଚେମ୍ବନ କୁଞ୍ଜୁ ବ କୌଣସି ଉତ୍ତର ଆଶା କରୁନଥିଲା ।

× × × ×

ସେଦିନ ସନ୍ଧ୍ୟାବେଳର କଥା । କୂଲିମାନଙ୍କୁ ମଜୁରି ଦେଇସାରେ ପାରିକୁଟ୍ଟୀ ଡଙ୍ଗା ପିଢ଼ା ଉପରେ ବସିଥିଲା । ଗୃରିଆଡ଼ ଶୁନଶାନ୍ । କାରୁତାମ୍ମା ଗୃହିଁଛି ଚେମ୍ବନ କୁଞ୍ଜୁ ଯାଇ ପାରିକୁଟ୍ଟୀ

Digitized by srujanika@gmail.com

ପାଖରେ ପହଞ୍ଚିଗଲା । ଉଭେଁ ବସି ବହୁତ ସମୟ ଯାଏ ଗପକଲେ । କାରୁତାମ୍ମା ଭାବିଲା, 'କଣ ଯେ ଏତେ କଥାଭାଷା ହେଉଛନ୍ତି ? ବାପା ବୋଧହୁଏ ପାରିକୁଟ୍ଟୀକୁ କିଛି ଧାର ମାଗୁଛନ୍ତି ।'

ପରେ, ରାତିରେ ଚେମ୍ପନ କୁଞ୍ଜୁ ଓ ଚକ୍କି ଅନେକ ସମୟ ଯାଏଁ ଫୁସଫାସ ହୋଇ କଣ ସବୁ କଥା ହେଲେ । କାରୁତାମ୍ମାର ବଡ଼ ଇଚ୍ଛା ହେଉଥାଏ ସେମାନେ କି କଥା ହେଉଛନ୍ତି ଟିକିଏ ଶୁଣନ୍ତା ।

ସେଦିନ ରାତିରେ ପାରିକୁଟ୍ଟୀ ପୁଣି ଥରେ ତାର ଗୀତ ଗାଇ ବସିଲା । କୁଡ଼ିଆ ଭିତରେ ଚୁପ୍‌ଚାପ୍ ଶୋଇରହି କାରୁତାମ୍ମା ସବୁ ଶୁଣିଲା । ପାରିକୁଟ୍ଟୀକୁ କଷ୍ଟ ଦେବାକୁ ପଡ଼ିବ । କେବଳ ପଦେ କଥା । ସେଦିନ ସେ ତା ଗୀତକୁ ଯେପରି ଭାବରେ ବୁଝିଥିଲା ଆଉ ସେପରି କେବେହେଲେ ସେପରି ନ ବୁଝେ । ହଁ, ଆଉ ପଦେ କଥା—ତାଙ୍କ ଘର ଆଖପାଖରେ ସେ ଯେପରି ଆଉ ଗୀତ ନ ଗାଏ ।

ତା'ପରଦିନ ରାତିରେ ଆଉ ପାରିକୁଟ୍ଟୀର ଗୀତ ଶୁଣାଗଲା ନାହିଁ । ଚନ୍ଦ୍ରପକ୍ଷ ରାତି । ଚନ୍ଦ୍ରକିରଣ ସମୁଦ୍ର ଉପରେ ବିଛୁରିତ ହୋଇ ପଡ଼ୁଥାଏ । ପୂର୍ବଦିଗରୁ ଭାସିଆସୁଥାଏ ସମୁଦ୍ର ଲହରୀର ଗମ୍ଭୀର ସଙ୍ଗୀତ; ନଡ଼ିଆ ବରଡ଼ାର ଥରଥର ଶବ୍ଦ ସହିତ ସୁନ୍ଦର ମେଳ ଖାଉଥାଏ । ସେ ସଙ୍ଗୀତ ସବୁ ମିଶି ସୃଷ୍ଟି ହୋଇଥାଏ ଏକ ଅପୂର୍ବ ମାଧୁରୀ । କାରୁତାମ୍ମାର ଇଚ୍ଛା ହେଲା ଆଃ, ଏତିକିବେଳେ ପାରିକୁଟ୍ଟୀର ଗୀତ ପଦେ ଆସି କାନରେ ପଡ଼ନ୍ତା କି ? ଅଜାଣ ବୋଲି ପାରିକୁଟ୍ଟୀ ଗୀତ ବନ୍ଦ କରିଦେଲା ! ସେ କଣ ଆଉ କେବେ ଗୀତ ଗାଇବ ନାହିଁ ?

ରାତି ଖିଆପିଆ ଶେଷହେବା ପରେ ଚେମ୍ପନ କୁଞ୍ଜୁ ବାହାରକୁ ଚାଲିଗଲା । ଚକ୍କିର ଚାଲି-ଚଳନରେ କିପରି ଏକ ଅସ୍ଥିରତା ଦେଖାଦେଲା । କାରୁତାମ୍ମା ମନରେ ପ୍ରଶ୍ନ ଉଠିଲା—ମାଆ କାହିଁକି ଶୋଉ ନାହିଁ ? ଶେଷକୁ ଚକ୍କି କାରୁତାମ୍ମାକୁ କହିଲା, "ମାଆଲୋ, ଶୋଇପଡ଼; ରାତି ଡେରି ହେଲାଣି ।" କାରୁତାମ୍ମାକୁ ବାଧ୍ୟ ହୋଇ ଆଖି ବନ୍ଦ କରିବାକୁ ପଡ଼ିଲା ।

ହଠାତ୍ କଣ ଗୋଟିଏ ଶବ୍ଦରେ ତା ନିଦ ଭାଙ୍ଗିଗଲା । ସେ ଉଠିପଡ଼ି ଶେଯରେ ବସିଲା । ଶୁଣିଲା କିଏ ଜଣେ ପଚାରୁଛି —"କଣ, କାରୁତାମ୍ମା ଶୋଇପଡ଼ିଲାଣି କି ?"

ପରିଚିତ କଣ୍ଠ । ସେହି କଣ୍ଠସ୍ୱରରୁ ହିଁ କାରୁତାମ୍ମା ବୁଝିଗଲା କିଏସେ ପଚାରୁଛି । ପଚାରିବାବେଳେ ସେ କଣ୍ଠ ଟିକିଏ ଥରିଉଠିଥିଲା, କିନ୍ତୁ ସେ ଥରିବାର ଅର୍ଥ ଅନ୍ୟମାନେ ବୁଝିପାରିଲେ ନାହିଁ । ବୁଝିପାରିଲା କେବଳ କାରୁତାମ୍ମା । କାରୁତାମ୍ମା ବିଷୟରେ ପାରିକୁଟ୍ଟୀ ହିଁ ପଚାରିଥିଲା ।

ଚକ୍କି କହିଲା, "ହଁ, ସିଏ ଶୋଇପଡ଼ିଲାଣି ।"

କାରୁତାମ୍ମା ବାରିପାରିଲା ତା ମାଆର କଣ୍ଠସ୍ୱରରେ କିପରି ଗୋଟିଏ ଅପ୍ରତିଭ ଭାବ ରହିଛି । କାରୁତାମ୍ମାର ଦେହ ସାରା ଝାଳରେ ଭିଜିଗଲା । ଦୁଇ କୋଠରି ମଝିରେ ଗୋଟିଏ ବାଡ଼, ମାଟି ପଥରର କାନ୍ଥ ତ ନୁହଁ, ନଡ଼ିଆ ବରଡ଼ାରେ ତିଆରି ଖଣ୍ଡେ ତାଟି; ଗୋଟିଏ

Digitized by srujanika@gmail.com

କୋଠରି କାରୁତାମ୍ମାର । ଅନ୍ୟଟିରେ ଚଲନ୍ତି ତା ବାପା ଓ ମାଆ । କାରୁତାମ୍ମା ଠିଆହେଲା । ଛପିଛପିକା ଯାଇ ତାଟିର ଗୋଟିଏ ଫାଙ୍କଦେଇ ଆର କୋଠରିକୁ ଚାହିଁଲା । ଦେଖିଲା, ଚେମ୍ବନ କୁଞ୍ଜୁ ଓ ପାରିକୁଟ୍ଟୀ କଣ ଗୁଡ଼ାଏ ଓଜନିଆ ଜିନିଷ ଘର ଭିତରକୁ ବୋହିଆଣୁଛନ୍ତି । ଗୋଟିଏ ବୁଲିଟି ତ ନୁହେଁ—ଛ' ସାତଟା ହେବ । ବସ୍ତାଗୁଡ଼ାଏ···ବୋଧହୁଏ ଶୁଖୁଆ ବସ୍ତା ହେବ । ହଁ, ଶୁଖୁଆ ବସ୍ତା ।

କାରୁତାମ୍ମାର ଛାତି ଦୁମ୍‌ଦୁମ୍ ହୋଇ ପଡ଼ିଲା । ସତେ ଯେପରି ଫାଟିଯିବ । ପାରିକୁଟ୍ଟୀ, ଚକ୍କୀ ଓ ଚେମ୍ବନ କୁଞ୍ଜୁ ମିଶି ଅଗଣାକୁ ଗଲେ । କଣ ସବୁ ଫୁସ୍‌ଫାସ ହୋଇ ଆଲୋଚନା କଲେ । ତା' ପରଦିନ କାରୁତାମ୍ମା ଚକ୍କୀକୁ ପଚାରିଲା, "ସେଗୁଡ଼ାକ କି ବସ୍ତା ?'

"ସେଇ କୋଚ ମୁତାଲାଲୀ ଇମିତି ଏଇଠି ରଖିଦେଇଛି ।" ଚକ୍କୀ କଥାଟାକୁ ବାଆଁରେଇ ଦେବାକୁ ବସିଲା ।

କାରୁତାମ୍ମା ପଚାରିଲା, "କାହିଁକି ? କଣ ତାଙ୍କ ଗୋଦାମରେ ରଖିପାରିଲେନି ?"

ଚକ୍କୀ ହଠାତ୍ କିଛି କହିପାରିଲା ନାହିଁ । କିନ୍ତୁ କିଛି ସମୟ ପରେ ଖପ୍‌ପାଟାଏ ହୋଇ କହିଲା, "ତୁ କାହିଁକି ସବୁକଥା ଏତେ ଖୋଳତାଡ଼ି ପଚାରୁଛୁ ଯେ ? ସେ ତୋର କିଏ କି ? ଆଲୋ ଟିକିଏ ଭଲ ଆଚରଣ କର ।"

କାରୁତାମ୍ମା ମନରେ କିନ୍ତୁ ପ୍ରଶ୍ନ ଉଠିଲା ଅନେକ । ପାରିକୁଟ୍ଟୀ ତାର କେହି ନୁହଁ । କିନ୍ତୁ ଏସବୁ କଣ ? ଇଏ କଣ ଏକପ୍ରକାରର ଠକାମି ନୁହେଁ ? ଏହା ଫଳରେ କଣ ସେମାନେ ପାରିକୁଟ୍ଟୀ ପାଖରେ ଋଣୀ ହୋଇ ରହିବେ ନାହିଁ ? ବାପା କହିଲେ, 'ଜଗିରଖି ଚଳିବୁ ।' କିନ୍ତୁ ସେ ଯଦି ନିଜକୁ ଏପରି ଋଣୀ କରି ରଖିବେ, ତେବେ ? ତଥାପି ସେ ଆଉ କିଛି କହିଲା ନାହିଁ । ଚୁପ୍ ହୋଇ ରହିଗଲା ।

ତା'ପରଦିନ ଶୁଖୁଆ ବସ୍ତାଗୁଡ଼ିକ ବିକ୍ରି ହୋଇଗଲା । ତାପରଦିନ କଥା । ଚେମ୍ବନ କୁଞ୍ଜୁ ଜାଲରେ ଭଲ ଖେପାଏ ମାଛ ପଡ଼ିଲେ । ପ୍ରଥମ ଦଫାରେ ବେଶି ମାଛ ପଡ଼ିବା ଦେଖି ସେ ଆଉଥରେ ଡଙ୍ଗାନେଇ ସମୁଦ୍ରକୁ ବାହାରିପଡ଼ିଲା । ମାଛ ବିକିବ ବୋଲି ଚକ୍କୀ ବାହାରିଗଲା ପୂର୍ବରୁ । ପଞ୍ଚମୀ ଘରେ ନଥାଏ । ଘରେ କାରୁତାମ୍ମା ଏକାକିଆ । ବେଳାକାଳ ହୁଣ୍ଡି ତାକୁ ଦେଖିବା ଲାଗି ପାରିକୁଟ୍ଟୀ ଆସି ପହଞ୍ଚିଗଲା ।

ତାକୁ ଦେଖୁ ଦେଖୁ କାରୁତାମ୍ମା ଘର ଭିତରକୁ ଧାଇଁ ପଳାଇଲା । ପାରିକୁଟ୍ଟୀ ଚୁପ୍ ହୋଇ କିଛି ସମୟ ଦାଣ୍ଡପିଣ୍ଡାରେ ଅପେକ୍ଷା କଲା । ତା ମନରେ ଭୟ । ଓଠ ଯାକି ଥରା ମାରିଯାଉଥାଏ । କୌଣସି ପ୍ରକାରେ ସାହସ ବାନ୍ଧି କହିଲା, "ମୁଁ ଯେଉଁ ଶୁଖୁଆ ଦେଇଛି ତାକୁ ବିକିଲେ ତୁମ ଡଙ୍ଗା ଆଉ ଜାଲ ପାଇଁ ଟଙ୍କା ହେଇଯିବ ।"

କୌଣସି ଉତ୍ତର ମିଳିଲା ନାହିଁ । ପାରିକୁଟ୍ଟୀ କହିଲା, "ଏଥର ତୁ ମତେ ମାଛ ବିକିବୁଟି ଲେ ? ମାଗଣା ନୁହେଁ ମ, ମୁଁ ଦାମ୍ ଦେବି ।"

ଉତ୍ତର ମିଳିଥାନ୍ତା—"ତୁମେ ଯଦି ଆମକୁ ହଜ ପଇସା ଦେବ, ଆଣେ ତୁମକୁ ଅଲବତ

Digitized by srujanika@gmail.com

ମାନ ବଳକରୁ ।" କିନ୍ତୁ ସେଥର ତା ପ୍ରଶ୍ନର ଉତ୍ତର ମିଳିଲା ନାହିଁ । ସେଥର ଉଙ୍ଗା ଅନ୍ଧୁଆଳରେ ବସି ଏହି ବିଷୟରେ କଥାଭାଷା ହେଲାବେଳେ ଦହିଁଙ୍କ ମୁହଁରୁ ହସର ସୁଅ ଛୁଟିଲା ପଡ଼ୁଥିଲା । ସେମାନେ ନିଜକୁ ସଂଯତ କରି ରଖିପାରୁନଥିଲେ । ପାରିକୁଛୀ ଭାବୁଥିଲା, ଆଉ ଥରେ ସେହି କଥା ଘଟିବ, କିନ୍ତୁ ଆଜି ସବୁ ନୀରବ ।

"କାରୁତାମ୍ମା, କଥା କହୁନ ! କଣ, ରାଗିଛୁ କି ଲୋ ?"—ପାରିକୁଛୀ ପଚାରିଲା ।

ପାରିକୁଛୀକୁ ଜଣାଗଲା ସତେ ଯେପରି କାରୁତାମ୍ମା ଧକେଇ ଧକେଇ କାନ୍ଦୁଛି ।

"କାରୁତାମ୍ମା, ଅଲୋ, ତୁ କଣ କାନ୍ଦୁଛୁ ନା କଣ ? ମୋ ଆସିବାଟା ଯଦି ତତେ ଭଲ ଲାଗୁନ, ତାହେଲେ ମୁଁ ଚାଲିଯାଉଛି ।"

ସେ ପ୍ରଶ୍ନର ବି କୌଣସି ଉତ୍ତର ମିଳିଲା ନାହିଁ ।

"ତା'ହେଲେ ମୁଁ ଚାଲିଯାଉଛି, କାରୁତାମ୍ମା ?"—ଏ ପ୍ରଶ୍ନଟା ପଚାରିବାବେଳେ ପାରିକୁଛୀର କଣ୍ଠ ଥରିଉଠିଲା ।

ପ୍ରଶ୍ନଟା କାରୁତାମ୍ମାର ମନକୁ ଛୁଇଁଲା । ସେ ଆଉ ଚୁପ୍ ହୋଇ ରହିପାରିଲା ନାହିଁ । ପଚାରିଦେଲା, "କୋଚ୍ମୁତାଲିଲ୍ଲୀ, ତେମେ କଣ ମୁସଲମାନ ?"

ପାରିକୁଛୀ ଏ ପ୍ରଶ୍ନର ଉଦ୍ଦେଶ୍ୟ ବୁଝି ପାରିଲା ନାହିଁ । ସେ ଓଲଟି ପଚାରିଲା, "ସେ କଥା କାହିଁକି ପଚାରୁଛୁ ଯେ ?"

ଏ ପ୍ରଶ୍ନର ଉତ୍ତର ଦେବା ଅନାବଶ୍ୟକ । କାରୁତାମ୍ମା ମନେ ମନେ ପଚାରିହେଲା, "ସତରେ ମୁସଲମାନ ହେବାରେ କି ଦୋଷ ରହିଲା ?" ହଠାତ୍ ସେ ଅଭିଯୋଗ କରିବା ଭଙ୍ଗୀରେ ପଚାରିଲା, "ତମ ଶୁଖୁଆ ଗୋଦାମରେ ତ କେତେ ମାଇକିନିଆ କାମ କରୁଛନ୍ତି, ସେମାନଙ୍କୁ ଯାଇ ତେରଛା ଆଖିରେ ଚାହଁ ନା ?"

ପାରିକୁଛୀ ଚମକିପଡ଼ିଲା । କାରୁତାମ୍ମା ତା ଉପରେ ଦୋଷାରୋପ କରୁଛି । କାରୁତାମ୍ମା ଭାବୁଛି, ଗୋଦାମରେ କାମ କରୁଥିବା ମାଇପିଙ୍କ ଉପରେ ତାର ଆସକ୍ତି ରହିଛି । ସେ ଭୁଲ ଭାବୁଛି । କିନ୍ତୁ, ପାରିକୁଛୀ କିପରି ତା ମନରେ ବିଶ୍ୱାସ ଆଣିଦେବ ଯେ ସେ ଭୁଲ ଭାବୁଛି ? ସେ ଅତି ଆନ୍ତରିକ ଭାବରେ କହିଲା, "ଅଲ୍ଲା କି କସମ, ମୁଁ କେବେ କୌଣସି ସ୍ତ୍ରୀକୁ ଖରାପ ଆଖିରେ ଚାହିଁନି ।"

ପାରିକୁଛୀଠାରେ କୌଣସି କଳଙ୍କ ନାହିଁ ଜାଣି କାରୁତାମ୍ମା ଖୁସିହେଲା । କିନ୍ତୁ ସେ ତାଠାରୁ ଆହୁରି ବହୁତ କିଛି ଆଶା କରୁଥିଲା । ଅନ୍ୟ ସ୍ତ୍ରୀଲୋକଙ୍କଠାରେ ତାର ଆସକ୍ତି ନାହିଁ, ଏତିକି ସ୍ୱୀକାରୋକ୍ତି ଯଥେଷ୍ଟ ହେଲନାହିଁ । କିନ୍ତୁ ମନର ଭାବଟା ସେ କିପରି ତାକୁ ଜଣାଇବ, କାରୁତାମ୍ମା ତାହା ବୁଝିପାରିଲା ନାହିଁ । କେଉଟଘରର ସଜାସ୍ତ୍ରୀ ହୋଇ ବଞ୍ଚିରହିବାକୁ ହେଲେ, ତା ଆଗରେ ଯେଉଁ ଆଦର୍ଶ ଠିଆହୋଇଛି ସେହି ଆଦର୍ଶ ବିଷୟରେ ସବୁକଥା ବୁଝାଇ କହିଦେବାକୁ କାରୁତାମ୍ମାର ଇଚ୍ଛା ହେଉଥାଏ । କିନ୍ତୁ ସେ କିଛି କହି ପାରିଲା ନାହିଁ । କହିବା ପାଇଁ ସାହସ ପାଇଲା ନାହିଁ ।

Digitized by srujanika@gmail.com

ଉଭୟେ ନୀରବରେ ଠିଆ ହୋଇ ରହିଲେ । ଏପରି ଭାବରେ କିଛି ସମୟ ବିତିଗଲା । ଶେଷକୁ କାବୁଡାମ୍ପା ଅସ୍ୱସ୍ତି ବୋଧକରି କହିଲା, "ମାଆ କାଳେ ଚାଲିଆସିବ, ତା ଫେରିବା ବେଳ ହେଲାଣି ।"

"ମାଆ ଆସିଲେ କଣ ହେଲା ?'

"ହେ ଦଇବ ' ନାହିଁ ନାହିଁ । ଭଲ ହେବ ନି"—ଉତ୍କଣ୍ଠିତ ହୋଇ ସେ କହିଲା ।

"କାବୁଡାମ୍ପା, ତୁ ଘର ଭିତରେ ଅଛୁ—ମୁଁ ବାହାରେ ଠିଆ ହୋଇଛି—ଏଥିରେ ଦୋଷ ରହିଲା କେଉଁଠି ?"

ଦୋଷ ଯେ କେଉଁଠି ରହିଲା, ସେ ତାହା ବେଶ୍ ବୁଝାଇଦେଇପାରନ୍ତା । କିନ୍ତୁ କିପରି ? କହିବାକୁ ତ ବହୁତ କଥା ଅଛି । କିନ୍ତୁ କେଉଁଠୁ ଆରମ୍ଭ କରିବାକୁ ହେବ, ସେ ବୁଝିପାରିଲା ନାହିଁ ।

"କାବୁଡାମ୍ପା, ତୁ ମତେ ଭଲପାଉନା ?" ପାରିକୁଟ୍ଟୀ ପଚାରିଲା ।

"ପାଏ ।"

ପାରିକୁଟ୍ଟୀ ଉତ୍ଫୁଲ୍ଲିତ ହୋଇଗଲା । "ତା ହେଲେ ତୁ କାହିଁକି ବାହାରକୁ ଆସୁନାହୁଁ ?"

"ନା, ମୁଁ ଯିବ ନାହିଁ ।"

"ମୁଁ ତତେ ହସାଇବ ନାହିଁ ଲୋ; ଯିବା ପୂର୍ବରୁ ଖାଲି ତତେ ଟିକିଏ ଚାହିଁଦେଇ ଯିବି ।"

ନିତାନ୍ତ ଅସହାୟଙ୍କପରି ସେ କହିଲା, "ପାରିବ ନାହିଁ, ମତେ ବାହାରକୁ ଯିବାକୁ ମନା ।"

କିଛି ସମୟ ପରେ ପାରିକୁଟ୍ଟୀ କହିଲା, "ତା'ହେଲେ ମୁଁ ଆଉ ରହିବା ଠିକ୍ ହେବ ନାହିଁ । ମୁଁ ଯାଉଛି ।"

"ମୁଁ ତୁମକୁ ଭଲପାଏ—ସବୁଦିନ ପାଇଁ"—ଅତି ନରମ ସ୍ୱରରେ କାବୁଡାମ୍ପା ଜଣାଇଲା ।

ପାରିକୁଟ୍ଟୀ ଆଉ କୌଣସି ବିଷୟ ଚାହୁଁ ନଥିଲା । ସେଇ ପ୍ରତିଶ୍ରୁତିଟିକ ତାର ଯଥେଷ୍ଟ ।

ପାରିକୁଟ୍ଟୀ ଚାଲିଯିବା ପରେ କାବୁଡାମ୍ପା ଉପଲବ୍ଧି କଲା ତାକୁ କହିବା ଲାଗି ସେ ବହୁତ କିଛି ଭାବିଥିଲା; କିନ୍ତୁ କିଛି କହିପାରିଲା ନାହିଁ; ବରଂ ଯାହା ସବୁ କହିବା ଉଚିତ ନୁହେଁ, ସେପରି ଗୁଡ଼ାଏ କଥା କହିଦେଇଛି ।

× × × ×

ସେଦିନ ରାତିରେ କିରାସିନ ଡିବିରି ପାଖରେ ବସି ଚକ୍କୀ ଓ ଚେମ୍ପନ କୁଞ୍ଜୁ ସଞ୍ଚିଥିବା ଟଙ୍କା ଗଣି ବସିଲେ । ଯେତେ ଟଙ୍କା ଦରକାର, ସେତେ ହେଲା ନାହିଁ । ତଥାପି ଚେମ୍ପନ କୁଞ୍ଜୁ ମନରେ ଉତ୍ସାହ ଖେଳିଗଲା । ସେ କହିଲା, "ଦେଖ୍, ଉସଫଠ୍ ନୁହେଁ କି ଆଉ କୋଉ ମହାଜନଠୁ ନୁହେଁ—କାହାରଠୁଁ ଧାର ଉଧାର ନ କରି ବି ଆମେ ଏତେଗୁଡ଼ାଏ ଟଙ୍କା ସଞ୍ଚି ପାରିଥିଲୁଁ । ସେଗୁଡ଼ାକ ତଣ୍ଟିକଟା ଲୋ ।"

Digitized by srujanika@gmail.com

ତା ସ୍ତ୍ରୀ ଗୋଟିଏ ଆଶ୍ୱସ୍ତିର ନିଃଶ୍ୱାସ ମାରିଲା ।

"ସେଗୁଡ଼ିକ ପଚା ମୁଣାରେ ମୂଠେ ଲେଖେଁ ଟଙ୍କା ଧରି ଦରିଆକୂଳରେ ବୁଲୁଥିବେ; କମିତ କେଉଁଟଙ୍କ ଘର ଉଙ୍କିବେ ଖାଲି ସେଇ କଥା ଭାଣ୍ଡି ବୁଲୁଥିବେ, ବୁଝିଚ । ଯଦି କେବେ ତାଙ୍କଠାରୁ ଥରେ କରଜ କଲ ତ; ଆଉ ସେ ଖାପଚରୁ କମା ଖସି ପାରିବ ନାହିଁ । ସେତେବେଳକୁ ଆଉ ଡଙ୍ଗା ରହିବ ନାହିଁ କି, ଜାଲ ରହିବ ନାହିଁ । ଏବେ ମେଦ୍ୱେନତରେ ସଞ୍ଚିଥିବା ଟଙ୍କାଗଣ୍ଡିକ ବି ରହିବ ନାହିଁ ।"

ଉସଫ ଓ ଗୋବର୍ଦ୍ଧନ୍ ଉଭୟଙ୍କର ମହାଜନୀ ଅଛି । ଉଭୟେ ଟଙ୍କା କରଜ ଲଗାନ୍ତି । ସେମାନେ କେତେଥର ଚେମ୍ବନ କୁଞ୍ଜୁକୁ ପଚାରିଲେଣି, "କିରେ, କଣ ଟଙ୍କାପଇସା ଦରକାର କି ? କୋହୁନୁ ।" ସବୁଥର ଚେମ୍ବନ କୁଞ୍ଜୁ ମନାକରେ । କିନ୍ତୁ କାହିଁ, ଏଣେ ତ ଡଙ୍ଗା କିଣିବା ଲାଗି ଟଙ୍କା ପାଉନି—ତାହେଲେ କଣ କରାଯିବ ?

"ହଇଲେ, ବାକି ଯାହା ଦରକାର କୋଚ୍‌ମୁତାଲକ୍ଷ୍ମୀଠାରୁ କରଜ କରିବା ? ଏଥିରେ କଣ ଖରାପ ହବ ଯେ ?" ଚେମ୍ବନ କୁଞ୍ଜୁ କହିଲା ।

ଜୀବନରେ ଏହି ପ୍ରଥମଥର କାରୁତାମ୍ମା ତା ବାପାକୁ ଘୃଣା କଲା । ମାଆକୁ ବି ଘୃଣା କଲା । କାହିଁ, ମାଆ ବି ଏ ପ୍ରସ୍ତାବରେ ଟିକିଏ ହେଲେ ଆପତ୍ତି କଲା ନାହିଁ ।

ତା' ପରଦିନଠାରୁ ପାଲିକୁଟ୍ଟୀର ଗୋଦାମରେ ଜୋରସୋରରେ କାମ ଆରମ୍ଭ ହୋଇଗଲା । ଗଦାକୁଗଦା ମାଛ ଶୁଖା ହେଲା । ବସ୍ତାକୁ ବସ୍ତା ଶୁଖୁଆ ବନ୍ଧା ହେଲା । ଏ କର୍ମଚଞ୍ଚଳତାର ଅର୍ଥ ଯେ କଣ କାରୁତାମ୍ମା ତାହା ବେଶ୍ ବୁଝିପାରିଲା । ସେହି ଅଳ୍ପ କେତୋଟି ଦିନ ଭିତରେ କାରୁତାମା ବହୁତ କିଛି ବିଷୟର ଅର୍ଥ ବୁଝିପାରିବାଭଳି ବଡ଼ ହୋଇଯାଇଥିଲା ।

× × × ×

ଜୀବନରେ ନୂତନ ସମୃଦ୍ଧିର ସୁଖ-ସ୍ୱପ୍ନ ଦେଖି ଚକ୍କୀ ଆନନ୍ଦବିଭୋର ହୋଇଗଲା ।

"ବୁଝିଲୁ ମା କାରୁତାମ୍ମା, ଏଥର ଆମର ନିଜର ଡଙ୍ଗା, ନିଜର ଜାଲ କିଣି ପକେଇବା; ଆଉ ବେଶି ଦିନ ନାହିଁ ।"

କାରୁତାମ୍ମା କିଛି କହିଲା ନାହିଁ । ସେ ତା ମାଆର ଖୁସିରେ ଖୁସି ହୋଇପାରିଲା ନାହିଁ । ତା ଉପରେ ପରିବର୍ତ୍ତନର ପ୍ରଭାବ ପଡ଼ିସାରିଥିଲା ।

"ସବୁ ଦରିଆଠାକୁରାଣୀଙ୍କ ଆଶୀର୍ବାଦ ।" ଚକ୍କୀ ଆପେ ଆପେ କହିହେଲା ।

କାରୁତାମ୍ମା ଅନ୍ତରରେ ଯେଉଁ ଘୃଣା ଓ ବିରକ୍ତି ବଢ଼ି ଚାଲିଥିଲା, ତାହା ବାହାରକୁ ବାହାରିପଡ଼ିଲା ।

—ଆମେ ଯଦି ଲୋକଙ୍କୁ ଠକିବା, ତେବେ ଦରିଆଠାକୁରାଣୀ ରାଗିବେ ନାହିଁ ?

Digitized by srujanika@gmail.com

ଗୃକ୍କୀ କାରୁତାମ୍ପା ମୁହଁକୁ ବଲବଲ କରି ଚାହିଁବାକୁ ଲାଗିଲା । କାରୁତାମ୍ପା ବି ଆଖି ଫେରାଇ ନେଲା ନାହିଁ ।

"ମାଆ, ଖରଣ୍ଡ ଉଠା ଆଉ ପଇଟ କାମ ଲାଗି ସେ ବିଚରା ଟୋକାଟାକୁ ତମେ କାହିଁକି ଇମିତିକା ଠକୁଡ କହିଲ ? ଛିଃ ! ଛିଃ ! ଛି ! ଏଗୁଡ଼ା ଭଲ କଥା ନୁହେଁ ।"

"କଣ କହିଲୁ ? ସେ ଟୋକାଟାକୁ ଆମେ ଠକୁଚୁ ?"

"ହଁ"—କଥାରେ ଜୋର୍ ଦେଇ କାରୁତାମ୍ପା କହିଲା ।

"ଆଲେ ଆମେ ଯଦି ଉପରଓଠଁ ଟଙ୍କା ଦରକାର କରିବା, ତେବେ ଦିନ କେଉଁଠା ଭିତରେ ଆମ ଡଙ୍ଗା ଆଉ ଜାଲ୍ ତା'ର ହୋଇଯିବ ।"—ଚାକ୍ଜି କହିଲା ।

"ସେ କଥା ନୁହେଁ ଯେ ମାଆ, ଆମେ ଯଦି ଉପରଓଠଁ ଟଙ୍କା ଆଣିବା, ତେବେ ତାକୁ ସୁଧମୂଳ କରି ସବୁ ଟଙ୍କା ଶୁଝିବାକୁ ପଡ଼ିବ ।"

"ଆଉ ଯାକୁ କଣ ଆମେ ଶୁଝୁଚୁନୁ ?"

"ଯାକୁ ? ଯାକୁ ? ତୁ କଣ ସତରେ କହୁଚୁ ମାଆ, ଯା ଟଙ୍କା ତେମେ ଶୁଝିବ ?" ରାଗ ଗରଗର ହୋଇ କାରୁତାମ୍ପା ପଚାରି ବସିଲା ।

ଗୃକ୍କୀ ଯୁକ୍ତି କଲା, ପାରିକୁଛିଠାରୁ ଶୁଖୁଆ ନେବାରେ ମୋଟେ ଦୋଷ ନାହିଁ, ଯେମିତି କୁଞ୍ଜୁ ତାକୁ ସିମିତି ଥରେ ମାଗିଦେଇଥିଲା । ସେ ତ ଥରକୁ ଥର ଯାଇ ମାଗି ନାହିଁ । ସେ ମିଛ କହୁନି କି ଠକୁନି । ଟଙ୍କା ନିଶ୍ଚୟ ଶୁଝାଯିବ । ସେଥିରେ ମୋଟେ ଭୁଲ ନାହିଁ ।

କାରୁତାମ୍ପା କହିଲା, "ତେମେ ରାତି ଅଧରେ ତା ଗୋଦାମରୁ ଶୁଖୁଆ ବସ୍ତା ଆଣି ଘରେ ପୂରେଇଲ କାହିଁକି ? ଦିନବେଳେ ଆଣିଲ ନାହିଁ ? ବୁଝିଲୁ, ଏମିତିକା କାମ କଲେ ହିଁ ଦରିଆ ଅଫଳନ୍ତ ହୋଇଯାଏ ।'

କହୁ କହୁ କାରୁତାମ୍ପା ହାମା ଲାଗିଗଲା । ତା ବାପା, ମାଆ ଲୁଚେଇ ଛପେଇ ପାପ କାମ କରୁଥିବାରୁ ଦରିଆ ଅଫଳନ୍ତ ହୋଇଯିବ—ତା କଥାର ଅର୍ଥ ତ ସେଇଆ । ଗୃକ୍କୀ ଆଉ ନ ରାଗି ରହିପାରିଲା ନାହିଁ ।

"କଣ କହିଲୁ···କଣ କହିଲୁ ? ହଇରେ, ତୋ ବୋପା ଚୋର ?".

କାରୁତାମ୍ପା କିଛି କହିଲା ନାହିଁ ।

ମାଆର ସମସ୍ତ ଅଧିକାର ଦେଖାଇ ଗୃକ୍କୀ ପଚାରିଲା, "ଆଲୋ, ସେ ପଠାଣ ଟୋକାଟା ତୋର କିଏ ? ଆମେ ତାକୁ ଯାହା କଲୁ, ତତେ ଏତେ ବାଧୁଚି କାହିଁକି ?"

କାରୁତାମ୍ପା କହି ଆସୁଥିଲା—ସେ ତାର କେହି ନୁହଁ—କିନ୍ତୁ କଥାଟା ପାଟିରୁ ବାହାରିଲା ନାହିଁ । ସତରେ ପାରିକୁଛି ତାର କିଏ ? ସେହି ମୁହୂର୍ତ୍ତରେ ସେ ଉପଲବ୍ଧି କଲା ଯେ, ପାରିକୁଛି ହିଁ ତାର ସବୁକିଛି ।

ଗୃକ୍କୀ ତାର ପ୍ରଶ୍ନକୁ ଦୋହରାଇ ଦେଇ କହିଲା, "ଦେଖୁଚୁ, ତୁ ଆମ ଦରିଆକୂଳଟାକୁ ଉଜାଡ଼ି ଦେବାକୁ ବସିଛୁ ।"

Digitized by srujanika@gmail.com

କାରୁତାମ୍ମା ଦୃଢ଼ ପ୍ରତିବାଦ କରି କହିଲା, "ନା, ମୋଟେ ନୁହେଁ; ମୁଁ କୌଣସି ପାପ କରିବ ନାହିଁ, କୌଣସି ଅନ୍ୟାୟ କରିବ ନାହିଁ ।"

"ତାହେଲେ ପାରିକୁଟ୍ଟୀ ପୋଡ଼ିବ କି ଜଳିବ, ତତେ ଏତେ କାହିଁକି ଲାଗିଛି ?"

"ତେମେ ତାକୁ ଯିମିତି କହୁଛ, ସେ ଦେବାଳିଆ ହେଇଯିବ । ଗୋଦାମରେ ତାଲା ପକେଇ ଚାଲିଯିବ ।"

ଝିଅ ଉପରେ ଖପ୍ପା ହୋଇଯାଇ ଚ୍ରକ୍କୀ ବକବାକୁ ଆରମ୍ଭ କରିଦେଲା । କାରୁତାମ୍ମା ସବୁକଥା ନୀରବରେ ଶୁଣିଗଲା । ମନର ରାଗ ଯେତେବେଳେ ଅସମ୍ଭାଳ ହୋଇଉଠିଲା, କାରୁତାମ୍ମା ସେତେବେଳେ ମାଆ ମୁହଁକୁ ଚାହିଁ ପଚାରିଲା, "ଭାବୁଛୁ, ବାପା ମାଗିବାକୁ ସେ ତୁମକୁ ଶୁଖୁଆ ବସ୍ତା ଆଣିଦେଲା ?"

"ତୁ ଆଉ କଣ ବୋଲି ଭାବଚ୍ କି ?"

ହଠାତ୍ ଚ୍ରକ୍କୀର ମନେପଡ଼ିଲା, କାରୁତାମ୍ମା ପାରିକୁଟ୍ଟୀକୁ ଟଙ୍କା ମାଗୁଥିଲା । ସେଇକଥା ମନରେ ରଖି କାରୁତାମ୍ମା ଏସବୁ ପଚାରୁଛି ।

"ଆଉ କଣ ଭାବୁଚୁ, ତୁ କହିଥିଲୁ ବୋଲି ସେ ଆଣି ଆମକୁ ବସ୍ତା ବସ୍ତା ଶୁଖୁଆ ଦେଇଗଲା ?"

କାରୁତାମ୍ମା ମାଆକୁ କିପରି କହନ୍ତା ଯେ କଥାଟା ଯଥାର୍ଥରେ ସେଇଆ; କାରଣ ପାରିକୁଟ୍ଟୀ ତାକୁ ପ୍ରେମ କରେ । ତା ନ କହି ସେ କହିଲା, "ମାଆ, ତୁ ଆଉ ମୋତେ ପଚାରନା; ମୋ ପାଟିରୁ କଣ ବୋଲି କଣ ବାହାରିପଡ଼ିବ ।"

"ହଁ, କାହିଁକି ବାହାରି ନ ପଡ଼ିବ ?" କହି ଚ୍ରକ୍କୀ ଟିକିଏ ଅଟକି ଗଲା, "ତା'ଠଉଁ ଟଙ୍କା ପାଇବ ବୋଲି ତା ପାଖରେ ମୁଁ ନାଚ କରୁଥିଲି, ତା ପଛରେ ନେହୁରା ହେଇ ଲାଗିଥିଲି ? ହଇଲେ, ଏତେ କାହିଁ କରିସାରି ଆହୁରି ଆମକୁ ଦୋଷ ଦଉଛୁ ?"

କାରୁତାମ୍ମାର ଆଖିରୁ ଲୁହ ଉଚ୍ଛୁଳିପଡ଼ିଲା, ପଚାରିଲା, "ମତେ ତୁ ଏତେ କଥା କହିବା ପରେ, ତେମେ କାହିଁକି ତା ଠୁଁ ଟଙ୍କା କରଜ କରୁଥିଲ ? ତା ପାଖରେ କାହିଁକି ଋଣୀ ହଉଥିଲ ? କାହିଁକି ମାଆ, କାହିଁକି ?"

କାରୁତାମ୍ମା ଆଉ କହିପାରିଲା ନାହିଁ । ଅନ୍ତରର କଥା ଆସି ତାର ଗଳା ରୁନ୍ଧ କରିଦେଲା ଏବଂ ହଠାତ୍ ଏତିକିବେଳେ ଚ୍ରକ୍କୀ ପ୍ରକୃତ କଥାଟି ବୁଝିଗଲା । ଝିଅର କଥାଗୁଡ଼ାକ ଭିତରେ ନିଶ୍ଚୟ କିଛି ଅର୍ଥ ରହିଛି; କିଛି ଗୋଟିଏ ବଡ଼ ଭୁଲ ହୋଇଯାଇଛି । ସେ ଭାବିଲା, କାରୁତାମ୍ମା ନିଶ୍ଚୟ କିଛି ଗୋଟିଏ ବଡ଼ ବିପଦରେ ପଡ଼ିଯାଇଛି ।

"କଣ ହେଲା, ମାଆ ? କଣ ହେଲା ?" ଚ୍ରକ୍କୀ ଟିକିଏ ଦରଦମିଶା ସ୍ୱରରେ ପଚାରିଲା ।

କାରୁତାମ୍ମା ମୁହଁରୁ କୌଣସି ଉତ୍ତର ନ ବାହାରି ବାହାରି ଆସିଲା କାନ୍ଦ; କଇଁ କଇଁ କାନ୍ଦର ଏକ ସୁଅ ଛୁଟି ଆସିଲା ଯେପରି !

Digitized by srujanika@gmail.com

"ସେ ଆଉ ଏଠିକି ଆସିଥିଲା କି ମାଆ ?"

କାରୁତାମ୍ମା ମିଛ କହିଲା, "ନା ।"

"ମୋ ମାଆଟା ପରା, ତାହେଲେ ଆଉ କଣ ହେଲା ?"

"ଯଦିବା ସେ ଏଠାକୁ ଆସିଥାନ୍ତା, ତୁ କଣ କରିଥାନ୍ତୁ ?"

ଚକ୍କି ପ୍ରମାଣ କରିବାକୁ ଚାହିଁଲା, ଝିଅର ଅମଙ୍ଗଳ ହେଉ ବୋଲି ସେ କିଛି କରିନାହିଁ । ତା ପକ୍ଷରୁ ସେ କିଛି ଷଡ଼ଯନ୍ତ୍ର କରିନାହିଁ । ଅବଶ୍ୟ ଯାହାସବୁ ଘଟିବ ବୋଲି କାରୁତାମ୍ମା ଭୟ କରୁଛି, ଚକ୍କି ସେକଥା ଭାବି ନଥିଲା । ସେ କେବଳ କହିଥିଲା—ପାରିକୁଟ୍ଟୀ ତାଙ୍କୁ କିଛି ସାହାଯ୍ୟ କରିଥାଉ ଏବଂ ପାରିକୁଟ୍ଟୀ ମଧ୍ୟ ସେଥିରେ ବିନା ଆପତ୍ତିରେ ରାଜି ହୋଇଥିଲା । ଯେଉଁ ଟଙ୍କା କରଜ ଆଣିଛୁ, ତାକୁ ପରିଶୋଧ କରିଦେବା ହିଁ ତାଙ୍କର ଉଦ୍ଦେଶ୍ୟ । ଚକ୍କି ମାନିଲା, କାରୁତାମ୍ମା ଯେତେବେଳେ ଘରର ଝିଅ, ସେ ଯାହାସବୁ ପଚାରିଲା, ସେଥିରେ ତାର ପୁରା ଅଧିକାର ରହିଛି । ପାରିକୁଟ୍ଟୀ ଲୋକଟା ଯେ ମାନସମ୍ମାନ ଥିବା ଲୋକ ସେଥିରେ ସନ୍ଦେହ ନାହିଁ । କିନ୍ତୁ ହେଲେ କଣ ହେଲା, ଟୋକା ବୟସ; କେତେବେଳେ କଣ କରିବସିବ ଠିକ୍‌ନାହିଁ ।

ଚକ୍କି ମନର ଶାନ୍ତିଟିକ ନଷ୍ଟ ହୋଇଗଲା । ସେ ଭାବିବାକୁ ଲାଗିଲା—ବୋଧହୁଏ ଟଙ୍କାଟା କରଜ କରିବା ଦରକାର ନ ଥିଲା । କିନ୍ତୁ ଚେମ୍ପନ କୁଞ୍ଜୁ କଣ ଏସବୁ ବୁଝିବ ? ସେଦିନ ରାତିରେ କାରୁତାମ୍ମାର ବାହା କଥା ନେଇ ଚେମ୍ପନ କୁଞ୍ଜୁ ସହିତ ବୁଝିହେ ଲାଗିଲା । ଚକ୍କି କହିଲା—ଡଙ୍ଗା ଆଉ ଜାଲ ପରେ କଣା ହେବ । କିନ୍ତୁ ଆଗ ବାହାଘରଟା ସାରି ଦେବାକୁ ପଡ଼ିବ । ଚେମ୍ପନ କୁଞ୍ଜୁ ସେଥିରେ ରାଜି ହେଲା ନାହିଁ । ତାର ଏକା ଜିଦ୍, "ଡଙ୍ଗା ଆଉ ଜାଲ ଆଗ କଣା ହବ—ବାହାଘର କଥା ପଛେ ଦେଖାଯିବ ।"

ଚକ୍କି ବା ମରଦଟା ଆଗରେ କପରି ସବୁକଥା ଖୋଲିକରି କହିବ ? ଏଣେ ଚେମ୍ପନ୍ କୁଞ୍ଜୁ ତା କଥାକୁ ପାସଙ୍ଗରେ ପକାଉ ନାହିଁ । ଶେଷକୁ ନିରୁପାୟ ହୋଇ ଚକ୍କି କହିଲା, "ଖାଲି ତମର ଡଙ୍ଗା ଆଉ ଜାଲ କଣା ହବ ବୋଲି ମୁଁ ଏତେ ଦିନ ଯାକେ ମାଛ-ଶୁଖୁଆ ବିକି ବିକି ପୁଙ୍ଖଟାଯାକ ଚୁଲିଲି; ଏତେ ଟଙ୍କା କମେଇଲି । ସବୁ ପାଣୋଉଯାଅ ନାହିଁ; ମୁଁ ତୁମପାଇଁ କିଛି କରିନି ?"

"କାହିଁକି ଯେ ? ତୁ କାହିଁକି ଏତେ କଥା କହୁଚୁ ଶୁଣେ ?" ଗର୍ଯ୍ୟା ମୁହଁକୁ ଚାହିଁ ଚେମ୍ପନ କୁଞ୍ଜୁ ପଚାରିଲା ।

"ହଁ, ହଁ, ଯାହା କହିଲି ସେଇଆ ।" ହଟି ନଯାଇ ଚକ୍କି କହିଲା ।

"କେଉଁ କଥା ?"

"ଏଥର ମୁଁ ମୋ ଝିଅଅଡ଼େ ଟିକେ ନଜର ଦେବି ।"

"ମାନେ ?"

Digitized by srujanika@gmail.com

"ହଁ, ଅ ବଡ଼ିକଣି । ତାକୁ ଘରେ ଏକାକିଆ ଛାଡ଼ିଦେଇ ମୁଁ ଆଉ ହାଟବଜାରକୁ ଯାଇ ପାରିବ ନାହିଁ ।"

ଚେମ୍ବନ କୁଞ୍ଜୁ ସବୁ କଥା ବୁଝିଲେ ପରି ନୀରବ ହୋଇ ରହିଲା । ଚକ୍କୀ ଯଦି ମାଛ ଶୁଖୁଆ ବିକିବାକୁ ପୂର୍ବକୁ ଯିବ ନାହିଁ, ତେବେ ସବୁ ଓଲଟପାଲଟ ହୋଇଯିବ ।

"କଣ କିଛି କସୁର ଦେଖିଲୁଣି ?"—ସେ ପଚାରିଲା ।

"ନାହିଁ ଏ ଯାକେ କିଛି ଘଟିନି । କିନ୍ତୁ କିଏ କହିବ—କିଛି ଯଦି ଘଟିଯାଏ ?"

ମଣିଷ ସାବଧାନ ହୋଇଯିବା କଥା । କିନ୍ତୁ ଚେମ୍ବନ କୁଞ୍ଜୁର ଗୋଟିଏ ବିଷୟରେ ଦୃଢ଼ ବିଶ୍ୱାସ ରହିଥିଲା, ତା ଝିଅ ଭଲ, ଛତରା ନୁହଁ ; ଘରେ ଏକାକିଆ ଛାଡ଼ିଗଲେ ବି କିଛି କସୁର କରିବ ନାହିଁ ।

ଚକ୍କୀ ପଚାରିଲେ—"ହଇହେ, ଖାଲରେ ପଡ଼ିଯିବାକୁ ମଣିଷକୁ କେତେ ବେଳ ଲାଗୁଚି ?

ଚେମ୍ବନ କୁଞ୍ଜୁ ଚୁପ୍ ରହିଲା ।

ତା' ପରଦିନ ଚକ୍କୀ ଆଉ ମାଛ ବିକିବା ଲାଗି ପୂର୍ବକୁ ଗଲା ନାହିଁ । ଚେମ୍ବନ କୁଞ୍ଜୁ ବି ସେଥିପାଇଁ ଅଡ଼ି ବସିଲା ନାହିଁ ।

ସେଦିନ ରାତିରେ ଘରକୁ ଆଣିବାର ଶୁଖୁଆ ବୁହାହୋଇ ଆସିବା କଥା । କିନ୍ତୁ ଚକ୍କୀ ସେଥିରେ ଆପତ୍ତି କଲା—

"ଆମର ଆଉ ସେସବୁ ଦରକାର ନାହିଁ ।"

ଚେମ୍ବନ କୁଞ୍ଜୁ ପଚାରିଲା, "କାହିଁକି ? କଣ ହେଲା ?"

"ତମେ ସେ ଟୋକାଟାକୁ କାହିଁକି ବୁଡ଼େଇଦବାକୁ ବସିଛ କହିଲ ?"

"କିଏ କହିଲା ମୁଁ ବୁଡ଼େଇ ଦବାକୁ ବସିଛି ?"

"ନୁହଁ ତ ଆଉ କଣ ? ତେମେ କଣ ତାର ସବୁ ଟଙ୍କା ଫେରେଇ ଦବ ?"

ଚେମ୍ବନ କୁଞ୍ଜୁ କହିଲା ଯେ ସେ ନିଶ୍ଚୟ ତାର ସବୁ ଟଙ୍କା ଫେରାଇ ଦେବ ।

କାରୁତାମ୍ମା ଭାବିଲା, ପାରିକୁଟ୍ଟୀକୁ କହିଦେବା ଉଚିତ ହେବ ଯେ ସେ ଆଉ ତା ଟଙ୍କା ଫେରିପାଇବା କଷ୍ଟ; କିନ୍ତୁ ପାରିକୁଟ୍ଟୀକୁ ଦେଖିବାର ସୁଯୋଗ ଆଉ ମିଳିଲା ନାହିଁ ।

କିନ୍ତୁ ସେଦିନ ରାତିରେ ଚେମ୍ବନ କୁଞ୍ଜୁ ଘରକୁ ପାରିକୁଟ୍ଟୀ ଗୁଡ଼ାଏ ଶୁଖୁଆ ବସ୍ତା ଆଣି ଦେଲା । ଚେମ୍ବନ କୁଞ୍ଜୁ ବିନାଦ୍ୱିଧାରେ ସବୁ ରଖିନେଲା । ଦାମ୍‌ଟା କେବେ ଦେବ ସେକଥା ମଧ୍ୟ କହିଲା ନାହିଁ । କାରୁତାମ୍ମା କ୍ଷୋଭ ଓ ନୈରାଶ୍ୟରେ ମଉଳିପଡ଼ିଲା । ବାପାକୁ ଏ ବିଷୟରେ ସେ କଅଣ ବା କହିବ ? ସବୁ ଦୋଷ ସେ ଚାକ୍କୀ ଉପରେ ଢାଳିଦେଲା । ବାପା-ମାଆଙ୍କ ଲାଗି ସେ ଯେଉଁ ଅନ୍ତର୍ବେଦନା ଭୋଗୁଥିଲା, ସେ ବେଦନା ତା ଉପରେ ଏକ ବୋଝ ପରି ଲଦିହୋଇଗଲା ।

Digitized by srujanika@gmail.com

ତିନି

ଚେମ୍ବନ କୁଞ୍ଜୁ ଯେଉଁଦିନ ଟଙ୍କା ଥଳି ଧରି ଡଙ୍ଗା ଆଉ ଜାଲ କିଣିବା ଲାଗି ବାହାରି-ପଡ଼ିଲା ସେଦିନ ସମୁଦ୍ରକୂଳରେ ଚହଳ ପଡ଼ିଗଲା । ଜଣେ କହିଲା, ଚେମ୍ବନ କୁଞ୍ଜୁକୁ ସମୁଦ୍ର ଭିତରୁ କେତେଟା ସୁନାମୁଣ୍ଡା ମିଳିଗଲା । ଜଣେ କହିଲା, ଖଣ୍ଡେ କଳାପଥର ସମୁଦ୍ରରେ ଭାସି ଆସି କୂଳରେ ଲାଗିଥିଲା; ସେ ଖଣ୍ଡକ ଚେମ୍ବନ କୁଞ୍ଜୁ ହାତରେ ପଡ଼ିଥିଲା—ସେ ପଥର ଖଣ୍ଡଟା ସୁନା ପାଲଟି ଗଲା । ଅନ୍ୟମାନେ କହିଲେ—ଆରେ, ଲୋକଟାର ଦୂରଦୃଷ୍ଟି ବହୁତ, ସେଥିପାଇଁ ତା ଭାଗ୍ୟ ଖୋଲିଗଲା । କିନ୍ତୁ ସେ କଥାରେ ଲୋକଙ୍କର ବିଶ୍ୱାସ ଆସିଲା ନାହିଁ । ଅନ୍ୟମାନେ ବି ତ ଫେର୍ ପରିଶ୍ରମ କରୁଛନ୍ତି । ଚେମ୍ବନ କୁଞ୍ଜୁ କଣ ସେମାନଙ୍କ ଅପେକ୍ଷା ବେଶୀ ପରିଶ୍ରମ କରୁଛି ? ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିଲା ବେଳକୁ ତ ଦିନକର ଆୟ ଶେଷ—ଆଉ ବଳକା ରହିଲା କଣ ଯେ ସେ ଏତେଗୁଡ଼ାଏ ଟଙ୍କା ଜମାକରିଦେଲା ?

ଆଚା କୁଞ୍ଜୁ କେଉଟର ଘର ଚେମ୍ବନ କୁଞ୍ଜୁ ପଡ଼ିଶାରେ । ଦୁହେଁ ଏକାବୟସର ଲୋକ । ପିଲାଟିଦିନରୁ ସାଙ୍ଗ, ସବୁବେଳେ ଏକାଠି ଚଳିଆସିଛନ୍ତି । ସମସ୍ତେ ଆଚ୍ଚୁ କୁଞ୍ଜୁକୁ ପଚାରିଲେ—"ହଇହେ ମଉସା, ଚେମ୍ବନ କୁଞ୍ଜୁ କେତେ ଟଙ୍କା ଧରି ଡଙ୍ଗା କିଣିବାକୁ ଯାଉଛି ? ଆଚ୍ଛା, ଡଙ୍ଗା କିଣିଲେ କାହାକୁ କାହାକୁ କାମରେ ରଖିବ ? ଏତେଗୁଡ଼ାଏ ଟଙ୍କା ଆଣିଲା କେଉଁଠୁ ?"

ଆଚ୍ଚୁ କୁଞ୍ଜୁ ଏସବୁ କିଛି ଜାଣେନା । ତଥାପି ସେ ସବୁ ଜାଣିଥିଲା ପରି ବାହାନା କଲା । ଚେମ୍ବନ କୁଞ୍ଜୁ ଜଣେ ବଡ଼ଲୋକ ହେବାକୁ ଯାଉଛି । ତାର ସାଙ୍ଗର ହୋଇ ଆଚ୍ଚୁ କୁଞ୍ଜୁ ନିଜକୁ ତଳେ ପକାଇଦେବ ନା ?

"ମଉସା, ଆମେ ଶୁଣୁଛୁ ତେମେ କୁଆଡ଼େ ସେଥିରେ ଜଣେ ଭାଗୁଆଳି ହେଇଚ—ସତ କଥାଟି ?"—କେଉଟ କୋଚୁ ଭେଲୁ ପଚାରିଲା ।

ଆଚା କୁଞ୍ଜୁ ପକ୍ଷରେ ଏହା ଏକ ବିଷମ ପ୍ରଶ୍ନ । ସେ କି ଉତ୍ତର ଦେବ ବୁଝି ପାରିଲା ନାହିଁ । ତଥାପି ହଟି ନଯାଇ କହିଲା, "ଆରେ, ମୋର ସେଥିରେ ଭାଗ ଅଛି କି ନାହିଁ ସେ କଥା କିମିତି କହିଦେବି ?"

କିନ୍ତୁ କୋଚୁ ଭେଲୁ କେବଳ ଥଟ୍ଟା କରିବା ଲାଗି ପ୍ରଶ୍ନଟା ପଚାରିଥିଲା । ଆଚା କୁଞ୍ଜୁର ଉତ୍ତର ଶୁଣି ସବୁ କେଉଟ ହସିଉଠିଲେ । ଆଚ୍ଚୁ କୁଞ୍ଜୁ ଅଡୁଆରେ ପଡ଼ିଗଲା ।

Digitized by srujanika@gmail.com

ଆଉ ଟିକଏ ବଗୁଲିଆମି କରି ଜଣେ କେଉଟ କହିଲା, "ଆବେ ହସୁଚ୍ କାହିଁକି ? କଣ ଭାବୁଚ୍, ଆଚ୍ଚ କୁଞ୍ଜୁ ଇଚ୍ଛାକଲେ ନିଜେ ନିଜର ଡଙ୍ଗା ପଟେ ଆଉ ଜାଲ୍ ସାରେ କିଣି ପାରିବେ ନାହିଁ ? ତାଙ୍କ ଭଳିଆ ଲୋକ ଭାଗରେ କାହିଁକି କାମିବେ ଯେ ?"

ବିବ୍ରତ ହୋଇଯାଇ ଆଚ୍ଚ କୁଞ୍ଜୁ କହିଲା, "ସମସ୍ତେ ଯଦି ଖଣ୍ଡେ ଖଣ୍ଡେ ଡଙ୍ଗା ଆଉ ସାରେ ସାରେ ଜାଲ କିଣିଦେବେ, ତେବେ ଡଙ୍ଗାରେ କୁଲିଗିରି କରିବ କିଏରେ ଧନ ? ଦିସ ରୁପିରଖି କୋଚଭେଲ୍ଲି କହିଲା, "ଏଇଟା ହେଲା ଅସଲ କଥା । ଏଇଥିପାଇଁ ଆଚ୍ଚ କୁଞ୍ଜୁ ଡଙ୍ଗା ନିଜର କିଣୁନାହାନ୍ତି ।"

ସେତିକିବେଳେ ଯାଇ ଆଚ୍ଚ କୁଞ୍ଜୁ ବୁଝି ପାରିଲା, ସେମାନେ ତାକୁ ଥଟ୍ଟା କରୁଚନ୍ତି । ସେହି ଦିନଠାରୁ କେହି ଯଦି ତାକୁ ଚେମ୍ପନ କୁଞ୍ଜୁର ଡଙ୍ଗା କଥା ପଚାରେ—ତେବେ ସେ ଚଡ଼ିଉଠେ । ତାର ସେ ଚଡ଼ାପଣ ଦେଖି ଲୋକେ ତାକୁ ଯେତେବେଳେ ପାଇଲେ ସେତେବେଳେ ସେହି କଥା ଟିକଏ ପଚାରି ଦିଅନ୍ତି ।

× × × ×

ଦିନକର କଥା । ଖୁବ୍ କମ୍ ମାଛ ପଡ଼ିଲେ ସେଦିନ । ଆଚ୍ଚ କୁଞ୍ଜୁ ଭାଗରେ ପଡ଼ିଲା ମାତ୍ର ତିନିଟା ଟଙ୍କା । ଚାହାଦୋକାନି ଅହମ୍ମଦ କୁଟ୍ଟୀଠାରୁ ସେ କିଛି ଧାର ଖାଇଥିଲା । ସେଦିନ ଅହମ୍ମଦ କୁଟ୍ଟୀ ଆଚ୍ଚ କୁଞ୍ଜୁକୁ ଧରି ତା ଧାରଟଙ୍କାତକ ଆଦାୟ କରିନେଲା । ତେଣେ ଘରେ କିଛି ବୋଲି କିଛି ନାହିଁ । ରନ୍ଧାବଢ଼ା କଣ ହେବ ବୁଝି ନପାରି ତା ସ୍ତ୍ରୀ ନାଲ୍ଲାପେନ୍ନୁ ତାର ଆସିବାବାଟକୁ ଚାହିଁ ବସିଥାଏ । ସେ ଯେତେବେଳେ ଖାଲିହାତରେ ଘରକୁ ଫେରିଲା ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କଳି ଲାଗିଗଲା । ନାଲ୍ଲାପେନ୍ନୁ ଦୋଷ ଦେଲା ଯେ ମଦ ପିଇ ପିଇ ଆଚ୍ଚ କୁଞ୍ଜୁ ସବୁ ପଇସା ଉଡ଼ାଇ ଦେଉଛି । ଆଚ୍ଚ କୁଞ୍ଜୁ କେତେ ମନାକଲେ ବି ସେ ତା କଥାରେ ବିଶ୍ୱାସ ଗଲା ନାହିଁ । ସେଦିନ ମଦ ଖାଇ ନାହିଁ ବୋଲି ପ୍ରମାଣ ଦେବାଲାଗି ଶେଷକୁ ଆଚ୍ଚ କୁଞ୍ଜୁକୁ ପାଟି ଆଁ କରି ସ୍ତ୍ରୀ ନାକ ପାଖରେ ଶୁଙ୍ଘେଇବା ପର୍ଯ୍ୟନ୍ତ ପଡ଼ିଲା । କିନ୍ତୁ ତଥାପି ନାଲ୍ଲାପେନ୍ନୁର ବିଶ୍ୱାସ ଆସିଲା ନାହିଁ ।

"ହଇହେ, ତେମେ ତ ଯାହା କମେଇଲ ସବୁ ପିଇଦେଲ, ଯେଉଁଦିନ ନିକମା ହେଇ ବସି ପଡ଼ିବ, ସେଦିନ ଅବସ୍ଥା କଣ ହେବ କହିଲ ?"

"ଆଲୋ, ମୁଁ ଆଜି ପିଇଛି ? ସବୁ କଥାରେ ଇମିତି ଅବିଶ୍ୱାସ କଲେ ଚଳାବନି କହୁଛି ।"

"ଆଜି ଏବେ ନ ପିଇଥିବ । କିନ୍ତୁ ଯେଉଁଦିନ ଦି'ପଇସା କମୋଉଛ ସେଦିନ ତ ସେତକ ପିଇଦଉଛ । ପିଉ ନାହଁ ?—ନିରାଶ ହୋଇ ନାଲ୍ଲାପେନ୍ନୁ ପଚାରିଲା ।

ରାତିକି ରାନ୍ଧିବା ଲାଗି ଘରେ ମୁଠେ ଚାଉଳ ନାହିଁ । ତଥାପି ଆଚ୍ଚ କୁଞ୍ଜୁ ଗଳା ଚଢ଼ାଇ ଗର୍ଜନ କଲା, "ଇମିତି ଅଳନ୍ତୁକଙ୍କଭଳି ହୁଅନା କହୁଛି ।"

"ଅଳନ୍ତୁକ ? ହଇ ହେ, ଚେମ୍ପନ କୁଞ୍ଜୁ ପରା ତମର ପିଲାଦିନର ସାଙ୍ଗ ? ସିଏ ତାର ନିଜର ଡଙ୍ଗା, ନିଜର ଜାଲ କିଣିପାରିଲାଣି, ତମ ଘରେ ମୁଠେ ଖାଇବାକୁ ନାହିଁ । ଏଇଟା

Digitized by srujanika@gmail.com

ତ ଘର ଗରବ କରିବା କଥା—ଅଲଜ୍ଜାକ ନ ହେବ କାହିଁକି ?"

ଏକଥା ଶୁଣି ଶୁଣି ରାଗରେ ପାଚିଯାଇ ଆଚ୍ଚି କୁଞ୍ଜୁ ସ୍ତ୍ରୀର ଗାଲମୁଣ୍ଡା ଦେଖି ହାଣ୍ଡିଆ ଗୁପୁଡ଼ାଟାଏ ଥୋଇଦେଲା । ଆରେ ! କି ଦୁର୍ଭାଗ୍ୟ କଥା ! ଚେମ୍ପନ କୁଞ୍ଜୁ ଏବେ ତାର ଡଙ୍ଗା କିଣିଲ କି ଜାଲ କିଣିଲା—ଏଥିପାଇଁ ସମସ୍ତେ ଆଚ୍ଚି କୁଞ୍ଜୁକୁ ଥଟ୍ଟାତାମସା କରିବେ ନା ? ହେଲା ଯେ ହେଲା, ଘରେ ମଧ୍ୟ ଟିକିଏ ଶାନ୍ତି ମିଳିବ ନାହିଁ ?

"ଆବେ, କିଏ କେଉଁଠି ଡଙ୍ଗାଟାଏ କି ଜାଲଟାଏ କିଣିବ ବୋଲି ମୋ ମୁଣ୍ଡ ବଢ଼ିଯିବ ନା ? ସିଏ ଡଙ୍ଗା କିଣିବ ବୋଲି ମୁଁ ଦଣ୍ଡ ଭୋଗିବି ?"

ଆଚ୍ଚି କୁଞ୍ଜୁ ନାଲ୍ଲାପେନ୍ନୁକୁ ଦୋଷ ଦେଇ ବସିଲା, "କଥାରେ ଯାହା କହନ୍ତି, ଭୋକ-ଉପାସରେ ରହି, ପେଟକୁ ନ ଖାଇ, ଅଣ୍ଟାକୁ ନ ପିନ୍ଧି ଚେମ୍ପନ କୁଞ୍ଜୁ ଟଙ୍କା ସଞ୍ଚିଥିଲା । ଖାଲି ମୁଁ କଣ, ସାହୁଟାଯାକ କେହିହେଲେ ତାପରି କରି ପାରିବେ ନାହିଁ । ତୁ କିଛି ନଜାଣି ପାଟି କରୁଚୁ ।"

ପଡ଼ିଶା ଘରେ ଏ ଯେଉଁ କଳିଗୋଳ ଲାଗିଥିଲା, ତାହା ଯେ ଚ୍ଚକ୍କୀ ଆଉ କାରୁତାମ୍ମା କାନରେ ପଡ଼ୁନଥିଲା, ତା ନୁହେଁ । ସେମାନେ ସବୁକଥା କାନେଇ ଶୁଣୁଥିଲେ । ଆଚ୍ଚି କୁଞ୍ଜୁର କଥା ଶୁଣି ଚ୍ଚକ୍କୀ ପାଟିକରି ଉଠିଲା—"ହଇ ହେ ଆଚ୍ଚି କୁଞ୍ଜୁ, ଆମେ ଭୋକଉପାସରେ ରହିଲୁ କି ଯାହା କଲୁ, ତମର ସେଥିରେ ଯାଏ ଆସେ କେତେ ? ଆମେ କଣ କୋଉଦିନ ତମ ଦୁଆରେ ହାତ ପତେଇଥିଲୁ ?"

"ହେ, ରଖିଲେ, ବେଶି ଭଡ଼ ଭଡ଼ ହଅନା । ମୁଁ ଚେମ୍ପନ କୁଞ୍ଜୁକୁ ଖୁବ୍ ଜାଣେ—ପିଲାଦିନରୁ ଜାଣେ"—ଆଚ୍ଚି କୁଞ୍ଜୁ କହିଲା ।

ଚ୍ଚକ୍କୀ ଏଥିରେ ଦବି ନ ଯାଇ ପଚ୍ଚରିଲା, "କଣଟା ଜାଣିଚ ବା ? କଣଟା ? ଘରେ ଆଜି ଚୁଲି ଲଗି ନାହିଁ ନା, ସେଥିପାଇଁ ତମ ଘଇତା-ମାଇପ ଦୁଇକ ମୁଣ୍ଡକୁ ସଂସାରରେ ନଥିବା ପାପଚିନ୍ତାଯାକ ଆସି ପଶୁଛି ।"

ଚ୍ଚକ୍କୀ ତା ନାଆଁ ଧରୁଥିବା ଦେଖି ନାଲ୍ଲାପେନ୍ନୁ ଚେହେଁକି ଉଠିଲା—"ଆଲୋ ହେ, ମୋ ନାଁ ଧରନା କହୁଚି । ମୁଁ ତୋର କଣ କଲି ? ହଇଲେ, ଆମ ମୁଣ୍ଡକୁ କି ପାପ ଚିନ୍ତାଗୁଡ଼ାକ ପଶୁଚି ବୋଲି ତୁ କହୁଚୁ ?"

"ଈର୍ଷା, ଈର୍ଷା ।"

"ଈର୍ଷା ? କାହାକୁ ଈର୍ଷା ଲୋ ? ତୋ ଘଇତାକୁ ?"—ବୋଲି ପଚାରିଦେଇ ଆଚ୍ଚି କୁଞ୍ଜୁ ଥୁକରି ଲେଣ୍ଡାଏ ଛେପ ପକାଇଦେଲା । "ହଇଲେ, ଯିଏ ମଣିଷ ହୋଇଥିବ ସିଏ କେବେ ସେ ଘୁଅଖିଆଟାକୁ ଈର୍ଷା କରିବ ?"

ଚ୍ଚକ୍କୀ କ୍ରୋଧଜରଜର ହୋଇ କହିଲା, "ହେ, ହୁସିଆର କହୁଛି, ମୁହଁରେ ଇମିତି ଖରାପ କଥା ଧରିବୁ ତ······"

Digitized by srujanika@gmail.com

‘‘କଣ କରିପକେଇଲୁ ଲୋ ତୁ ?’’ ଆଚ୍ଚ କୁଞ୍ଜୁ ପଚାରିବସିଲା ।

‘‘କଣ କରିବ ?’’

‘‘ଅରେ ! ହାତରେ ଦୁ ପଇସା ହୋଇଗଲା ବୋଲି କେଡ଼ି ଗରବ ହୋଇଯାଉଛି, ନାହିଁ ?’’

କଳିଟା ବେଳକୁ ବେଳ ବଢ଼ି ଯାଉଥିବା ଦେଖି କାରୁତାମ୍ମା ବ୍ୟସ୍ତ ହୋଇଗଲା । ସେ ଧାଇଁଯାଇ ମାଆର ପାଟି ବନ୍ଦ କରିଦେଲା । ଆଚ୍ଚ କୁଞ୍ଜୁର ପାଟି କିନ୍ତୁ ବନ୍ଦ ହେବାକୁ ନାହିଁ । ଝଗଡ଼ା ଘାଟରେ ଚାଲିଲା । କାରୁତାମ୍ମା ତାକୁ କୌଣସି ପ୍ରକାରେ ଟାଣି ଟାଣି ଘରକୁ ନେଇଆସିଲା ।

ଘାଟ ଓହ୍ଲାଇ ଆସିବା ପରେ ଆଚ୍ଚ କୁଞ୍ଜୁ ମଣ୍ଡରେ ବୁଡ଼ି ପଶିଲା । ଘରେ ତେଣେ ରୋଷେଇ ହୋଇ ନାହିଁ, ଏଣେ ବୃଥା କଥାଟାରେ ଗୋଟାଏ କଳି ଲାଗିଗଲା ଦେଖି ସେ ଭାଙ୍ଗି ପଡ଼ିଲା । ଏତେ ବର୍ଷ କଟିଯାଇଥିଲା—ଦିନେହେଲେ ସେ ଚେମ୍ବନ କୁଞ୍ଜୁ ବା ତା ସ୍ତ୍ରୀ ସହିତ ବୋଲାବୋଲି ହୋଇନଥିଲା । ରାତି ଭାରି ରାତି ପାହିଗଲା; କିନ୍ତୁ ଆଚ୍ଚ କୁଞ୍ଜୁ ଆଖିକୁ ନିଦ ଆସିଲା ନାହିଁ ।

ସକାଳେ ଆଚ୍ଚ କୁଞ୍ଜୁ ଯାଇ ସେ ଯେଉଁ ଡଙ୍ଗାରେ କାମ କରେ ସେହି ଡଙ୍ଗାର ମାଲିକ ପାଖରୁ ଯୋଡ଼ିଏ ଟଙ୍କା ଧାର କରି ଆଣି ସ୍ତ୍ରୀର ହାତରେ ଦେଲା; ଅପରାହ୍ନ ବେଳେ କାମରୁ ଫେରି ସେଦିନ ଯାହା କିଛି କମାଇଥିଲା ସବୁ ଆଣି ନାଲ୍ଲା ପେନ୍ନୁ ହାତରେ ଦେଇଦେଲା । କହିଲା, ‘‘ବୁଝିଲୁ ନାଲ୍ଲାପେନ୍ନୁ, ଆଜିଠୁ ମୁଁ ଯେତେ ଯାହା କମେଇବି; ସବୁ ଆଣି ତୋ ହାତରେ ପଇଠ କରିବି । ସବୁ ସାବଧାନରେ ଗଣ୍ଠି କରି ରଖିବୁ । ଦେଖିବା, ଆମେ କିମିତି ଦି'ପଇସା ସଞ୍ଚି ନ ପାରିବା ।’’

କଥାଟା ନାଲ୍ଲା ପେନ୍ନୁ ମନକୁ ବେଶ୍ ପାଇଲା । କହିଲା, ‘‘କି କଥା କହୁଚ ? ନ ହେଲା ଏବେ ଡଙ୍ଗାଟାଏ କି ଜାଲ ସାରେ କିଣି ପାରିବା ନାହିଁ । ଦିନେ ଓଳିଏ ଯେଉଁ ଭୋକ-ଉପାସରେ ରହିଯିବାକୁ ପଡ଼ୁଚି, ସେଥିରୁ ତ ନିସ୍ତାର ମିଳିବ ।’’

‘‘କିଏ କହିଲା ? ଆମେ ଡଙ୍ଗା ଆଉ ଜାଲ କିଣି ପାରିବା ନାହିଁ କାହିଁକି ? ପାରିବା ନାହିଁ ବୋଲି କହୁଚୁନ । ବୁଝିଲୁ, ହଉ ହଉ ହୋଇଯିବ । ଟଙ୍କା କଉଡ଼ି କଥା ତ ।’’ ଏକ ନୂତନ ଉତ୍ସାହ ନେଇ ଆଚ୍ଚ କୁଞ୍ଜୁ କହିବାକୁ ଲାଗିଲା ।

ଅପରବେଳାକୁ ଜାଲ ମରାମତି କରିବା ଲାଗି ଆଚ୍ଚ କୁଞ୍ଜୁ ସମୁଦ୍ରକୂଳକୁ ବାହାରିଲା । ସେ ସେଠାରେ ପହଞ୍ଚିବା ପୂର୍ବରୁ ଅନ୍ୟ କେଉଟମାନେ ଆସି କାମରେ ଲାଗି ଯାଇଥିଲେ । ସେଠାରେ ବି ଚେମ୍ବନ କୁଞ୍ଜୁର ଚର୍ଚ୍ଚା ପଡ଼ିଥାଏ ।

ଆଚ୍ଚ କୁଞ୍ଜୁ କହିଲା, ‘‘ଆଚ୍ଛା ଭାଇ, କହିଲ ଭଲା, କଥାଭାଷା ହେବାପାଇଁ କଣ ଆଉ କିଛି ବିଷୟ ନାହିଁ ? ସବୁବେଳେ ଇମିତି ପରକଥା କାହିଁକି ଚର୍ଚ୍ଚା କରୁଛ ? ତେମେସବୁ ଇମିତି ଚର୍ଚ୍ଚା କରି କରି ଚେମ୍ବନ କୁଞ୍ଜୁକୁ ତା ପାପରୁ ଉଦ୍ଧାର କରିଦେବ ନା କଣ ?’’

Digitized by srujanika@gmail.com

"ଆଜି କାହିଁକି ଗର ବରସ ଦେଖାଯାଉଛ, ମଲ୍ଲସା ?"--ଆୟ୍ୟାନ କୁଞ୍ଜୁ ବୋଲି ଜଣେ କେଉଟ ପଚ୍ଚାରିଲା ।

"ଆରେ ମୁଁ କଣ କିଛି ଖରାପ କଥା କହୁଛି ?"—ଧୀର ଭାବରେ ଆଚ୍ଚି କୁଞ୍ଜୁ କହିଲା ।

ବୁଢ଼ା ଭ୍ରମାନ୍ ମୁପ୍ପାନ ଗୋଟିଏ ମୌଳିକ ପ୍ରଶ୍ନ ଉଠାଇଲା, "କଣ ଚେମ୍ପନ କୁଞ୍ଜୁ କଥା ଚର୍ଚ୍ଚା କରିବା ପାଇଁ ଆମର କିଛି ଅଧିକାର ନାହିଁ ?"

"କି ଅଧିକାର ?"

"ବୁଝିଲୁ, ଆଚ୍ଚି କୁଞ୍ଜୁ କିଏ ଗୋଟେ ଟୋକାଟେ ପଚ୍ଚାରିଥିଲେ, ମୁଁ କହନ୍ତି, ହଁ, ତା'ର ଗୋଟେ ମାନେ ଅଛି । କିନ୍ତୁ ତୁ ପରି ଆସି ପୁରୁଖା ଲୋକଟାଏ ହେଲୁଣି ?"

ଆଚ୍ଚି କୁଞ୍ଜୁ କିଛି ବୁଝି ପାରିଲା ନାହିଁ । ସେ କେବଳ ଏତିକି କହିଥିଲା ଯେ ପର ଲୋକଙ୍କ ଦୋଷ ବାଛିବା ଭଲ ନୁହେଁ । ପୁରୁଖା ଲୋକେ କଣ ଏକଥା କହିବା ଉଚିତ ନୁହେଁ ? କହିବାଟା କଣ କିଛି ଖରାପ ହେଲା ?

"ତେମେ ଏକଥା କାହିଁକି କହୁଛ, ଭ୍ରମାନ୍ ମୁପ୍ପାନ ?" ଆଚ୍ଚି କୁଞ୍ଜୁ ପଚ୍ଚାରିଲା ।

ଭ୍ରମାନମୁପ୍ପାନ୍ ତାର ଜାଲ ମରାମତି କରୁଥିଲା । ପ୍ରଶ୍ନ ଶୁଣି ସେ ହାତ ବନ୍ଦ କରି ସିଧା ଆଚ୍ଚି କୁଞ୍ଜୁ ମୁହଁକୁ ଚାହିଁ କହିଲା, "କେଉଟ ଜାତିରେ ଗୋଟେ କୁଳପ୍ରଥା ବୋଲି ଅଛି କି ନାହିଁ ?"

"ଏଁ, ନାହିଁ କିମିତି, ଅଛି ନା !"—ଆଚ୍ଚି କୁଞ୍ଜୁ ସ୍ୱୀକାର କଲା ।

ଭ୍ରମାନ ମୁପ୍ପାନ୍ କହି ଚାଲିଲା, "ହେ, ଅଛନ୍ତି ? ଚେମ୍ପନ କୁଞ୍ଜୁ କଣ ଆମ କୁଳପ୍ରଥାସବୁ ମାନି ଚଳୁଛି !"

ଆଚ୍ଚି କୁଞ୍ଜୁ ଏ ପ୍ରଶ୍ନର ଉଦ୍ଦେଶ୍ୟ ବୁଝିପାରିଲା ନାହିଁ । ଭ୍ରମାନ ମୁପ୍ପାନ୍ ବିଷୟଟାକୁ ଆହୁରି ଟିକିଏ ସ୍ପଷ୍ଟ କରି ପଚ୍ଚାରିଦେଲା –

"ଘରେ ଗୋଟେ ବଢ଼ିଲା ଝିଅକୁ ଅଭିଆଡ଼ୀ କରି ସାଇତି ରଖିଥିବ, ଆଉ ସେଇଟା ଦରିଆ କୂଳଟାଯାକ ଟହଲ ମାରୁଥିବ--ଏକଥା ପୂର୍ବ କାଳରେ କେବେ ଥିଲା ନା, ଅବିକା ହେଲେ ଆମ ଜାତିରେ କୋଉଠି ଅଛି ?"

ଆୟ୍ୟାନ କୁଞ୍ଜୁ କହିଲା, "ଆହେ ଅଜା ! ସେ ଯୁଗରେ କୁଳଦେବଦେବୀ ବୋଲି ଯୋଉମାନେ ଥିଲେ, ସେମାନେ ସବୁ ଖାଣ୍ଟିଲୋକ ଥିଲେ ।"

ଭ୍ରମାନ ମୁପ୍ପାନ୍ ଆହୁରି ପଚ୍ଚାରି ଚାଲିଲା, "ହଇରେ, ଘରେ ଗୋଟା ବଢ଼ିଲା ଝିଅ ବାହା ହବା ପାଇଁ ଗୋଡ଼ ଟେକି ବସିଛି, ଏ ବେଳରେ ମଣିଷ ସବୁ ଟଙ୍କାପଇସା ଧରି ଡଙ୍ଗା ଆଉ ଜାଲ କିଣିବାକୁ ବାହାରିପଡ଼ିବ ? ସେ କାଳରେ କୁଳଦେବଦେବୀମାନେ ଏଭଳି କାମ ମୋଟେ କରାଇ ଦଉନଥିଲେ । ସମୁଦ୍ରକୂଳର ପରମ୍ପରା ଭିତରେ ଯେ କିଛି ଉଦ୍ଦେଶ୍ୟ ନାହିଁ ତା ନୁହେଁ । ପରମ୍ପରାକୁ କେବେ ଭାଙ୍ଗିବାର ନୁହେଁ । ତାକୁ ପାଳିଲେ ହିଁ କେଉଟକୂଳର ଧନସମ୍ପତ୍ତି ବଢ଼ିବ; ମଙ୍ଗଳ ହେବ ।"

Digitized by srujanika@gmail.com

ଅ.ଯ୍ୱାନ କୁଞ୍ଜୁ ପଚ୍ଚରିଲା, "ଅଚ୍ଛା, ଆମ ଜାଡରେ କେତେ ବର୍ଷ ବେଳକୁ ଝିଅ ବାହା ହେଇଯିବା କଥା ?"

ସମାନ୍ ମୁପପାନ୍ ପୁରୁଣାକାଳିଆ ଲୋକ; ତାଙ୍କୁ ସବୁ ମାଲୁମ । କହିଲା, "ଦଶବର୍ଷ ବେଳକୁ ।"

ଭେଲ୍ଲାମାନାଲ୍ଲନ୍ ଭେଲୟୁଦ୍ଧନ କଥାମଝିରେ ପଚାରି ବସିଲା, "ଆଉ ଧର, ଝିଅଟା ଦଶବର୍ଷ ପରେ ବି ଅଭିଆଡ଼ୀ ହେଇ ରହିଗଲା ?"

ଏ ପ୍ରଶ୍ନର ଉତ୍ତର ଜାଣିବାରେ ତାର ଯେ କୌତୂହଳ ଥିଲା, ତା ନୁହେଁ; ତା କଥାରୁ ସ୍ପଷ୍ଟ ଜଣାପଡ଼ୁଥିଲା, ସେ ଏ ପ୍ରଥାଟାକୁ ଘୃଣାକରେ । କିନ୍ତୁ ସମାନ ମୁପ୍‌ପାନ୍ ଉତ୍ତର ଦେଲା, "ଅଭିଆଡ଼ୀ ହେଇ ରହିବ ? ଆରେ ସେ ତ ମୋଟେ ଅଭିଆଡ଼ୀ ହୋଇ ରହିପାରିବ ନାହିଁ, ରହିବ କମିତି ?"

ନିଜ ମନର ଭାବଟାକୁ ଆହୁରି ଟିକିଏ ସ୍ପଷ୍ଟ କରିଦେଇ ଭେଲୟୁଦ୍ଧନ ପଚାରିଲା, "କୁଳବେହେରା କଣ କରିଦେବେ ଯେ ?"

"କୁଳବେହେରା ତାକୁ ଜାତିରୁ ବାହାରକରିଦେବେ । ଜାତିରୁ ବାହାରିଗଲେ ସେ ଆଉ ଦରିଆକୂଳରେ ଚହିପାରିବ ନାହିଁ ।"

ପୂନିଆଁ ବୋଲି ଆଉ ଜଣେ କେଉଟ କହିଲା, "ସେଗୁଡ଼ା ସବୁ ପୁରୁଣାକାଳିଆ କଥା ହେ ।"

ଆଯ୍ୱାନ କୁଞ୍ଜୁ ରାଗ ଗରଗର ହୋଇ କହି ପକାଇଲା, "ନାହିଁ, ନାହିଁ । ପୁରୁଣାକାଳିଆ କଥା ନୁହଁ; ଏବେ ବି ରହିଛି । ଦେଖିବୁ ? ମୁଁ ଦେଖେଇ ଦଉଛି ରହ । ମୁଁ ଏ ଚେମ୍ପନ କୁଞ୍ଜୁର ବଡ଼ଲୋକ ଭଙ୍ଗିଦେବି । ତାକୁ ଯଦି ମାଟି ଉପରେ ଆଣେଇ ଦେଇ ଦାନ୍ତରେ ଘରଣ ଧରେଇ ନଦେଇଛି ତେବେ ମତେ କହିବୁ । ଦେଖିବୁ ରହ ।"

ସମାନ୍ ମୁପ୍‌ପାନ୍ ବି ସ୍ୱୀକାର କଲା ଯେ, ୧ଭଳି ଦଣ୍ଡ ଦିଆଯାଇପାରେ । ତା'ପରେ ସେ ଆଉ ଗୋଟିଏ ପ୍ରଶ୍ନ ଉଠାଇଲା—"ଅଚ୍ଛା କହିଲୁ ଆଯ୍ୱାନ କୁଞ୍ଜୁ, ସମସ୍ତେ ଖଣ୍ଡେ ଖଣ୍ଡେ ଡଙ୍ଗା ଆଉ ସାରେ ସାରେ ଜାଲ କିଣିବା କଥା କଣ କେବେହେଲେ ଶୁଣାଥିଲା ?"

କଥାରେ ପୂରା ଜୋର୍ ଦେଇ ଆଯ୍ୱାନ କୁଞ୍ଜୁ କହିଲା, "ନା, ମୋଟେ ନୁହଁ ।"

ସମାନ୍ ମୁପପାନ କଥାଟାକୁ ଆଉ ଟିକିଏ ବୁଝାଇଦେଲା । ଦରିଆଠାକୁରାଣୀ ହେଲେ ଦରିଆ କୂଳର ସବୁ କେଉଟଙ୍କର ମାଆ, ଅକଳନ୍ତି ଧନସମ୍ପତ୍ତିର ମାଲିକ ସେ । ମଣିଷକୁ ବେଳେ ବେଳେ ଭଲ ବେଳା ପଡ଼ିଯାଉଛି, ଡଙ୍ଗାଟିଏ କି ଜାଲଟାଏ କିଣିବାକୁ ପଇସାକଉଡ଼ି ଦିଟା ବି ହାତରେ ହୋଇଯାଉଛି । କିନ୍ତୁ ଦରିଆକୂଳର ସମସ୍ତେ ଯଦି ଖଣ୍ଡେ ଖଣ୍ଡେ ଡଙ୍ଗା ଆଉ ସାରେ ସାରେ ଜାଲ ରଖିବେ, ତେବେ ଦରିଆ ଭିତରକୁ ଯାଇ କାମ କରିବ କିଏ ?

ସେ ପଚାରିଲା, "କହିଲ ଭଲା, ଆମ ଭିତରେ କିଏସେ ଅଛି, ଯେ କି ସତରେ ଗୃହି ବସିଲେ ନିଜର ବୋଲି ଡଙ୍ଗା ଆଉ ଜାଲ କିଣି ପାରିବ ନାହିଁ ?"

Digitized by srujanika@gmail.com

ଠିକ୍ କଥା ତ ।

"ତା ହେଲେ ଲୋକେ ଯେ ଯାହାର ଖଣ୍ଡେ ଖଣ୍ଡେ ଡଙ୍ଗା ଆଉ ସାରେ ସାରେ ଜାଲ ନ କିଣୁଛନ୍ତି କାହିଁକି ?" ଆୟ୍ୟାନ କୁଞ୍ଜୁ ପଚାରିଲା ।

ନ କିଣିବାର କାରଣ ଅଛି । କେଉଟ ହେଲେ ଚାରି ଜାତିର—ଆରୟ୍ୟାନ, ୱାଲ୍ଲାକାରନ୍ ମୁକ୍କୁୱାନ ଓ ମାରକ୍କାନ । ଏମାନଙ୍କ ଛଡ଼ା ଆଉରି ଗୋଟିଏ ନୀଚ ଜାତିର କେଉଟ ବି ଅଛନ୍ତି । ପୁଣି ତ ଦେଶ ଭିତରେ ନଈ, ପୋଖରୀ, ଗହ୍ୱରମାନଙ୍କରୁ ମାଛ ଧରିବା କେଉଟ ଅଛନ୍ତି । ପୂର୍ବକାଳରେ ଦଶଆକୂଳର ବେହେରାମାନେ କେବଳ ୱାଲ୍ଲାକାରନ୍‌ମାନଙ୍କୁ ଡଙ୍ଗା ଓ ଜାଲ କିଣିବା ଲାଗି ଅନୁମତି ଦେଉଥିଲେ । ତଥାପି ଆଗେ କୂଳବେହେରାଙ୍କ ପାଦତଳେ ଭେଟି ଚଢ଼ାଇଲେ ପଛେ ପଛେ ଯାଇ ତାଙ୍କଠାରୁ ଅନୁମତି ମିଳୁଥିଲା ।

ଭେଲ୍ଲାୟୁଦ୍ଧନ୍ ପଚାରିଲା, "ଆଚ୍ଛା, ଆମ ଚେମ୍ପନ କୁଞ୍ଜୁ ମଉସା କେଉଁ ଜାତିର ?"

ପୁନଆଁ ହସିଲା । ରାମାନ୍ ମୁପ୍‌ପାନ କହିଲା, "ସେ ହେଉଛି ମୁକ୍କୁୱାନ ଜାତିର ।"

ପୁନଆଁ ହସି ହସି କହିଲା, "ଚେମ୍ପନ କୁଞ୍ଜୁର ଜାତି କଣ, ପୁଣି ତା ଝିଅର ଜାତି କଣ, ସବୁକଥା ତାହେଲେ ଭେଲାୟୁଦ୍ଧନ ବୁଝୁଛି; ନାଁରେ ।"

ଆଚ୍ଚି କୁଞ୍ଜୁ ପଚାରିଲା, "କରେ ପୁନଆଁ, କଥା କଣ କରେ ? କିଛିଏ ଫିଟେଇ କହୁନୁ ?"

"ଆହେ, ସେ ଚେମ୍ପନ କୁଞ୍ଜୁ ଝିଅ କାରୁତାମ୍ମାକୁ ବାହା ହବ ବୋଲି ଭାବୁଛି ।"

ଆଚ୍ଚି କୁଞ୍ଜୁ କହିଲା, "କିଛି ମନ୍ଦ ହବନି ତ । ଝିଅଟି ଭଲ ପିଲାଟିଏ ଯେ । ଅଚ୍ଛାଟିଏ ।"

କଥାଟା ଆୟ୍ୟାନ କୁଞ୍ଜୁକୁ ସୁହାଇଲା ନାହିଁ । ସେ କହିଲା, "ଆରେ, ଆଚ୍ଚି କୁଞ୍ଜୁ କଥା କାହିଁକି କହୁଛୁ, ଚେମ୍ପନ କୁଞ୍ଜୁର ସବୁ ଜିନିଷ ତା ଆଖିକି ସୁନ୍ଦର ।"

ତାପରେ ସେ ଭେଲ୍ଲାୟୁଦ୍ଧନକୁ ଏକ ଉପଦେଶ ବାଣୀ ଶୁଣାଇଲା । "ଆବେ ହେ, ମୋ କଥା ମନେରଖିଥା, ବୁଝିଲୁ, ସେଇଟା କପଟ କଞ୍ଜୁଟାଏ । ତାଠଉଁ ଗୋଟାଏ ଅଧଲା ବି ପାଇବୁ ନାହିଁ । ଆଉ ଝିଅଟେ ତ ଝିଅଟେ—ଅଧିକା କଣ ?"

ଆଚ୍ଚି କୁଞ୍ଜୁ ଚଢ଼ିଉଠିଲା—"କଣ ଇମିତି ତୁ କହୁଛୁରେ । ହଇରେ, ଗୋଟେ ଝିଅର ବାହାଘର କଥା ଯେତେବେଳେ ପଡ଼ିଛି, ଆମେ ସେଇଟାକୁ ଭାଙ୍ଗିଦେବା ପାଇଁ ବସିବା କଣ ଠିକ୍ କଥା । କେଉଟ ଜାତିର ଲୋକ ହୋଇ ଏଭଳି କାମ କରିବା ମୋଟେ ଠିକ୍ ନୁହେଁ ।"

ଆୟ୍ୟାନ କୁଞ୍ଜୁ କହିଲା, "ଯାହା ସତ କଥା ମୁଁ ତା' କହିଦେଲି ।"

ଆଚ୍ଚି ବୋଲି ଜଣେ କେଉଟ ଏତେବେଳଯାଏ ଚୁପ୍ ହୋଇ ରହିଥିଲା । କଥାର ମୋଡ଼ ବଦଳାଇ ଦେଇ ସେ କହିଲା, "ଆଚ୍ଛା, ଭିନ୍ନ ଜାତିର କେଉଟମାନେ ଡଙ୍ଗା କିଣିବା କଥା ଆଉ କେଉଁଠି କେବେ ଘଟିଛି ?"

"ହଁ, ନାହିଁ କାହିଁକି ? କିଣିଛନ୍ତି; ହେଲେ ସେ ଡଙ୍ଗା କି ସେ ଜାଲ୍ ବେଶି ଦିନ ଟେକି ପାରିନି ।"—ରାମାନ ମୁପ୍‌ପାନ କହିଲା ।

Digitized by srujanika@gmail.com

ସେସବୁ କେଉଟଙ୍କର ନାଁ କଣ, ଗାଁ କେଉଁଠି ଇତ୍ୟାଦି ଇତ୍ୟାଦି ବିଷୟ ଅୟ୍ୟାନ କୁଞ୍ଜୁ ପଚାରି ବସିଲା । ରାମାନମୁପ୍‌ପାନ କହିଲା, "ଚେଣ୍ଡାଲ ଇକ୍‌କାର ପାଲ୍‌କୁନ୍ନାଥ ଗାଁର ଜଣେ କେଉଟ ଡଙ୍ଗା କିଣିଥିଲା, ଆଲେପିର ପାଟ୍ଟୁଥିକ୍‌କଲରେ ବି ଜଣେ କିଣିଥିଲା, ଆଉ ଆମ ଏଠିକା କୁନ୍ନେଲ୍‌ର ରାମାନ କୁଞ୍ଜୁ କଥା ତ ତେମେ ସବୁ ଜାଣ; ଏଇମାନେ ସବୁ ।"

ପୁଳିଅାଁ ପଚାରିଲା, "ଆଚ୍ଛା, ଡଙ୍ଗା ଆଉ ଜାଲ କିଣିବା ଲାଗି କୁଳଦେବହେଗ ଯୋଉ ଅନୁମତି ଦିଅନ୍ତି, ସେଥିପାଇଁ ତାଙ୍କୁ କଣ ଭେଟି ଦବାକୁ ପଡ଼େ ?"

"ସାତଟା ଧୂଆଁପତ୍ର ଆଉ ନଗଦ ପନ୍ଦର ଟଙ୍କା । ଖଲ୍ଲାସ୍‌କାରନମାନଙ୍କୁ ଏତକ ଅଲଗା ଦବାକୁ ପଡ଼ିବ ।"

କଥାଭାଷା ଚାଲୁ ଚାଲୁ କୁଳଦେବହେରଙ୍କ ବିଷୟରେ ଚର୍ଚ୍ଚା ଚାଲିଲା । ତାଙ୍କର କ୍ଷମତା କେତେ, ପାଉଣା କଣ ଇତ୍ୟାଦି ଇତ୍ୟାଦି ନାନା କଥା ପଡ଼ିଲା । ଭେଲ୍ଲାୟୁଦ୍ଧନ ପଚାରିଲା, "ଯିଏ ଡଙ୍ଗା କିଣିବ କି ଜାଲ କିଣିବ, ସେ ତାର ନିଜ ଝାଳବୁହା ଧନ ଦେଇ କିଣିବ । ଗାଁର କୁଳଦେବହେରଙ୍କୁ ସେ କାହିଁକି ଭେଟି ଦବ କିୋ ?" କୁଳଦେବହେରଙ୍କ କ୍ଷମତାକୁ ଅମାନ୍ୟ କରିବା ଭଙ୍ଗୀରେ ସେ ଏ ପ୍ରଶ୍ନଟା ପଚାରିଦେଲା ।

ପୁଳିଅାଁ କହିଲା, "ଦେଖିଲ, ବାହା ନ ହେଉଣୁ, ଆଜନ୍ତୁଁ ଚେମ୍ପନ କୁଞ୍ଜୁର ଜୋଇଁପୁଅଭଳି କଥା କହିଲଣି ।"

ଆୟ୍ୟାନ କୁଞ୍ଜୁ କହିଲା, "ଠିକ୍ ଅଛି । ଜୋଇଁ-ଶଶୁର ଆଗେ ଡଙ୍ଗା ଆଉ ଜାଲ କିଣି ଆଣି କୁଳଦେବହେରଙ୍କ ବିପକ୍ଷରେ ଠିଆ ହୋଇଯା; ତା'ପରେ ଯାଇ ଦେଖାଦେବି ।"

ରୀତିମତ ବାଦବିବାଦ ଆରମ୍ଭ ହୋଇଗଲା । ସେମାନେ କହିଲେ, ଚେମ୍ପନ କୁଞ୍ଜୁ ଡଙ୍ଗା ଓ ଜାଲ କିଣିବା ପରେ ଦେବହେରଙ୍କ ଅନୁମତି ନନେଇ ମାଛ ଧରିବାକୁ ଯିବ କି ନାହିଁ ତାହା ସେମାନେ ଦେଖିବାକୁ ଚାହାନ୍ତି । ଆୟ୍ୟାନ କୁଞ୍ଜୁ କହିଲା—ସେ କଥା ମୋଟେ ହୋଇ ପାରିବ ନାହିଁ । ସେଥିରେ ସନ୍ଦେହ କରିବାର କିଛି ନାହିଁ । ଭେଲ୍ଲାୟୁଦ୍ଧନ ବି ଜିଦ୍ ପକାଇଲା । କିନ୍ତୁ ଜିଦ୍ ପକାଇବାରେ ତାର କି ସ୍ୱାର୍ଥ ଅଛି ? ତଥାପି ସେ ତାର ପ୍ରତିବାଦ ଜଣାଇଲା । ସେ କହିଲା, "ତେମେ ଈର୍ଷା କରୁଛ ।"

"କେଉଟ ହେଇ ଈର୍ଷା !"

"ଆରେ ଈର୍ଷା ନ କଲେ କାହିଁକି ସେ ?"

ଆଚ୍ଚି କୁଞ୍ଜୁ ଭାବିଲା, କଥାରୁ କଥାରୁ ଶେଷକୁ ମରାମରି ଆରମ୍ଭ ହୋଇଯିବ । ସେ ଭେଲ୍ଲାୟୁଦ୍ଧନକୁ ଝୁଣ୍ଟାଇ ଶୁଣ୍ଟାଇ କହିଲା, "ଆରେ ବାପା, ତୁ ଟିକିଏ ଚୁପ୍ ହେଇଯା ।"

କିଛି ସମୟ ପରେ ପାଟିତୁଣ୍ଡ ବନ୍ଦ ହୋଇଗଲା ।

ସେଦିନ ସନ୍ଧ୍ୟାବେଳେ ଆଚ୍ଚି କୁଞ୍ଜୁ ଚେମ୍ପନ କୁଞ୍ଜୁ ଘରକୁ ଆସି ଦରିଆକୂଳରେ ଘଟିଥିବା ସବୁକଥା ଚକ୍‌କୀକୁ ଶୁଣାଇଦେଲା । କେତେଜଣ କେଉଟ ଗଣ୍ଡଗୋଳ ଭେଜିବାକୁ ଠିକ୍ କରିଛନ୍ତି । ଆୟ୍ୟାନ କୁଞ୍ଜୁ ଓ ରାମାନ ମୁପ୍‌ପାନ୍ ସେମାନଙ୍କ ଭିତରେ ନେତା ହୋଇଛନ୍ତି ।

Digitized by srujanika@gmail.com

ଶେଷକୁ ସେ ବୁଝାଇ କହିଲା, "ଚେମ୍ପନ କୁଞ୍ଜୁ ଘରକୁ ଫେରିବା ମାତ୍ରେ ଆଗେ ଏ ଗଣ୍ଡଗୋଳଟା କିମିତି ତୁଟିବ, ତା ଯିମିତି ଦେଖେ । ଚେମ୍ପନ କୁଞ୍ଜୁ ଓ ମୁଁ ଏକାଠେଇଁ ପିଲରୁ ବଡ଼ ହୋଇଚୁ । ମୁଁ ଏସବୁ କଥା କାନରେ ପୂରେଇବ ନା ? ଗଣ୍ଡଗୋଳ ଭେଇବା ଲୋକଙ୍କ ସହିତ ମୁଁ କେବେ ହାତ ମିଳେଇବ ବୋଲି ଭାବୁଚୁ ?"

କୂଳ ବଚ୍ଛରେ ଠିଆହେବା ଯେ କେତେ ବଡ଼ କଥା ତାହା ଚକ୍କୀ ଭଲଭାବେ ବୁଝି-ପାରିଲା । ସେମାନଙ୍କର କି ଦୋଷ ଯେ, ଲୋକେ ଏମିତି କହୁଚନ୍ତି ? କଣ ଝିଅଟାକୁ ବାହା ଦେଲେ ନାହିଁ ବୋଲି ନା କଣ !

ଚ୍ୟର

ସମୁଦ୍ରକୂଳର ଦୁଇଜଣ ମୁଖିଆ ଭମାନ୍ ମୁପ୍ପାନ ଓ ଆୟ୍ୟାନ କୁଞ୍ଜୁ ଆଉ ଦୁଇଜଣ ଜାଲ ଭାଇଙ୍କୁ ଧରି କେଉଟମାନଙ୍କର କୁଳବେହେରାଙ୍କ ପାଖକୁ ଚାଲିଲେ । ବେହେରାଙ୍କୁ ଦେବା ଲାଗି ଯଥାରୀତି ଭେଟିଭେଟଣା ମଧ୍ୟ ସାଥିରେ ଧରିଲେ । ତାଙ୍କୁ ଯାଇ ଜଣାଇଲେ : ଘଟଣା ଖୁବ୍ ସଙ୍ଗୀନ । ସମୁଦ୍ରକୂଳଟାଯାକରେ କାହାରି ମନକୁ କଥାଟା ପାଉନି । ଚେମ୍ପନ କୁଞ୍ଜୁର ଗୋଟିଏ ବଢ଼ିଲା ଝିଅ ଅଛି । ତାକୁ ବାହାଦେଉନି । ବଢ଼ିଲା ଝିଅଟା, ଲାଜସରମ କଥା, ଦରିଆକୂଳରେ ଟହଲ ମାରୁଚି । ଏହା ହିଁ ହେଲା ଅସଲ କଥା । ସମସ୍ତେ ଏଥିରେ ଆପତ୍ତି କରୁଛନ୍ତି ।

ଚୂପ୍ ହୋଇ ସବୁ ଶୁଣି ସାରିବା ପରେ ବେହେରା କହିଲେ, "ମୁଁ ତୁମକୁ କଥା ଦେଉଛି, ଯାହା କିଛି କରିବା କଥା ମୁଁ ଆଉ କାଳବିଳମ୍ବ ନକରି କରିଦେବି ।"

କିନ୍ତୁ ଆୟ୍ୟାନ କୁଞ୍ଜୁ ଦେଖିଲା, ତା ଆପତ୍ତିଟା ବେହେରା ଠିକ୍ ବୁଝିପାରିଲେ ନାହିଁ । ସେ ତ କଥାଟା ଉପରେ ମୋଟେ ଜୋର୍ ଦେଲେ ନାହିଁ । ତେଣୁ ବେହେରା ସବୁ କଥାର ଉତ୍ତର ଦେଇ ସାରିବା ପରେ ମଧ୍ୟ ଅଭିଯୋଗକାରୀମାନେ ସେଠାରେ ଠିଆ ହୋଇ ରହିଲେ ।

"ତମେ ଆଉ କାହିଁକି ଠିଆ ହେଲ ?"—ବେହେରେ ପଚାରିଲେ ।

ଆୟ୍ୟାନ କୁଞ୍ଜୁ କହିଲା, "ହଜୁର, ଆଉ ଗୋଟେ ଆପତ୍ତି ଅଛି । କଥା କଣ କି ହଜୁର, ଝିଅ ସିନା ଏଇଠି ଦରିଆକୂଳଟାଯାକ ଟହଲ ମାରୁଚି; ହେଲେ ଚେମ୍ପନ କୁଞ୍ଜୁ ସିଆଡ଼େ ନିଜ ଲାଗି ଡଙ୍ଗା ଆଉ ଜାଲ କିଣିବ ବୋଲି ଟଙ୍କା ଥଳି ଧରି ଗାଁ ଗାଁ ହୋଇ ଖୋଜି ବୁଲୁଛି ।"

Digitized by srujanika@gmail.com

ଏ ସମ୍ବାଦ ଶୁଣି ବେହେରେ ଆଶ୍ଚର୍ଯ୍ୟ ହୋଇଗଲେ । ପଚାରିଲେ, "ଡଙ୍ଗା କିଣିବା ଲାଗି ଚେମ୍ପନ କୁଞ୍ଜୁ ଟଙ୍କା ପାଇଲା କୋଉଠୁ ?" ସେମାନେ ବିଚରା ଗରିବ ଲୋକ । ସେମାନେ ଏତେକଥା ଜାଣିବେ କପରି । ତଥାପି ଆୟ୍ଯାନ କୁଞ୍ଜୁ କାକୁସ୍ଥ ହୋଇ ପଦେ ପଚାରିଦେଲା, "ହଜୁର ସେଇଟା ମୁକୁଭାନଟାଏ, ଆଶ୍ଚର୍ଯ୍ୟ ଲାଗୁଛି; ହଜୁର୍ କଣ ତାକୁ ଡଙ୍ଗା କିଣିବାକୁ ହୁକୁମ ଦେଇ ଥିବେ ?"

"ନାହିଁ, ନାହିଁ, ମୋଟେ ନୁହେଁ । ସେ ତ ମତେ କିଛି ପଚାରିନାହିଁ ।"

"ତା'ହେଲେ ହଜୁର, ଆମକୁ କଣ କରିବାକୁ ପଡ଼ିବ କହନ୍ତୁ ।"

କିଛି ସମୟ ବିଚାର କରିବା ପରେ ବେହେରେ କହିଲେ, "ସେ ଭାବିଛି, ଯୁଗ ବଦଳିଗଲାଣି, ନାହିଁରେ ?"

ଆୟ୍ଯାନ କୁଞ୍ଜୁ ମୁଣ୍ଡ ହଲାଇ ବେହେରେଙ୍କ କଥାକୁ ତାରିଫ କଲା । କିଛି ସମୟ ପରେ କୁଲବେହେରି ତାଙ୍କ ରାୟ ଶୁଣାଇଦେଲେ—"ହଉ, ସେ ଡଙ୍ଗା ଆଣୁ । କିନ୍ତୁ ମତେ ନ ଜଣାଇ କେହି ତା ଡଙ୍ଗାରେ କାମ କରିବାକୁ ଯାଇପାରିବେ ନାହିଁ ।"

ଆୟ୍ଯାନ କୁଞ୍ଜୁ ଏଥିରେ ରାଜିହେଲା । ତଥାପି ଟିକିଏ ସନ୍ଦେହ ପ୍ରକାଶ କରି କହିଲା, "କିନ୍ତୁ ହଜୁର, ସାହିରେ ତ ଟୋକାଟାକଲିଆ କମ୍ ନାହାନ୍ତି । ସେଗୁଡ଼ାକ କମିତି ଆଚରଣ କରିବେ କହିହେବ ନାହିଁ ।"

ଭେଲାୟୁଦ୍ଧନ୍‌କୁ ଆଖିରେ ରଖି ଆୟ୍ଯାନ କୁଞ୍ଜୁ କଥାଟା କହିଥିଲା; କିନ୍ତୁ କୁଲବେହେରି ତା' କଥା ଉପରେ ବିଶେଷ ଜୋର୍ ଦେଲେ ନାହିଁ । ସେ ବିଶ୍ୱାସ କରୁଥିଲେ ଯେ, ତାଙ୍କ କ୍ଷମତାକୁ ପ୍ରକାଶ୍ୟରେ ଅମାନ୍ୟ କରିବାଭଳି ଯୁଗ ଆହୁରି ଆସିନାହିଁ ।

ସେ କହିଲେ—"ଆରେ, ମୁଁ ସେସବୁ ବୁଝିବିନି ? ସମସ୍ତଙ୍କୁ ଶୁଣାଇ ଦେ ଯେ ଡଙ୍ଗା କିଣିବାଲାଗି ମୁଁ ଚେମ୍ପନ କୁଞ୍ଜୁକୁ ଅନୁମତି ଦେଇ ନାହିଁ ।"

ରାମାନ୍ ମୂପ୍ପାନ୍ ଓ ଆୟ୍ଯାନ କୁଞ୍ଜୁ ବିଜୟ ଗର୍ବରେ ଫେରିଆସିଲେ । ଘର ଘର ବୁଲି ସମସ୍ତଙ୍କୁ କୁଲବେହେରିଙ୍କର ହୁକୁମ୍‌ନାମା ଶୁଣାଇଦେଲେ । ଆୟ୍ଯାନ କୁଞ୍ଜୁ ଭାବିଲା ଏକା ଭେଲାୟୁଦ୍ଧନ ବେହେରିଙ୍କ କଥାକୁ ପାସଙ୍ଗରେ ପକାଇବ ନାହିଁ । ନ ପକାଉ, ଟୋକା-ରକତ ବୋଲି ଡରଭୟ ଜାଣୁନି । କିନ୍ତୁ ବେଳ ଯେତେବେଳେ ଆସିବ, ସେତେବେଳକୁ ମଧ୍ୟ ପୁଅ ପସ୍ତେଇଥିବ ।

ଚକ୍କି କାନକୁ ସବୁକଥା ଆସିଲା । କୁଲବେହେରିଙ୍କ କୋପଦୃଷ୍ଟି ପଡ଼ି କେତେ ଯେ ଘର ଭାଙ୍ଗିଯାଇଛି, ସେ କଥା ଚକ୍କି ଭଲଭାବରେ ଜାଣେ । ଲୋକେ ହାଣ୍ଡିକୁଣ୍ଡି ଧରି ଗାଁ ଛାଡ଼ି ପଳେଇବାକୁ ବାଧ୍ୟ ହୋଇଛନ୍ତି । ଆଉ କେଉଁ କେଉଟଗାଁରେ ଯେ ସେମାନଙ୍କୁ ବାସ ମିଳିବ, ତା' ବି ନୁହେଁ । କୁଲବେହେରିଙ୍କ ଡାକ ସବୁ ଗାଁକୁ ଶୁଭେ । ଲୋକେ ଶେଷକୁ କେଉଟକୁଳରୁ ବାସନ୍ଦ ହୋଇଯାଇଚନ୍ତି । ଏ ଯୁଗକୁ ବୋଲି କୁଲବେହେରିମାନଙ୍କର ଅଧିକାର ଆଉ ସେତେ ନାହିଁ । ଯୁଗ ଓଲଟି ଗଲାଣି; କିନ୍ତୁ କେତେ ହେଲେ କ'ଣ ହେଲା,

Digitized by srujanika@gmail.com

ଏବେ ବି କୂଳବେଳେର ଯଦି ଅତି ବସିବେ, ତେବେ ସମୁଦ୍ରକୂଳ ଗୋଟାକ ଖୋଳି ଆସିଲେ ବି ଢଙ୍ଗାରେ କାମ କରିବା ଲାଗି ଜଣେ ହେଲେ ଲୋକ ବାହାରିବ ନାହିଁ । ଏ ଲୋକ କୂଳରେ ବାସନ୍ଦ ହୋଇଯିବା କିଛି ଆଚମ୍ବିତ କଥା ନୁହେଁ । ଢଙ୍ଗା ଆଉ ଜାଲ କିଣିବାକୁ ଯିବା ଆଗରୁ, ପଲ୍ଲଲେ ଭେଟିଭେଟଣା ଧରି କୂଳବେଳେରଙ୍କ ପାଖକୁ ଯାଇ କଥାଟା ତାଙ୍କ କାନ କରି ଆସିଥିଲେ କେତେ ଭଲ ହୋଇନଥାନ୍ତା ? ସେମାନେ ବା କାହାର କି ଖତି କରିଥିଲେ କିହ ? କିନ୍ତୁ ସମୁଦ୍ରକୂଳ ଗୋଟାକ ଯେଉଁଠିକି ଯିବ ସେଇଠି ଶୁଣିବ ଖାଲି ଚେମ୍ପନ କୁଞ୍ଜୁ କଥା—ତା'ର ଘର କଥା । ମାଇପୀ ମହଲରେ ଲୋକେ କୁହାକୁହି ହେଲେଣି—ଚେମ୍ପନ କୁଞ୍ଜୁ ବଢ଼ିଲାଝିଅଟାକୁ ବାହା ନଦେଇ ରଖିଲା; ସେଇଟା ହେଲା ତାର ଅସଲ ଦୋଷ ।

କାରୁତାମ୍ମା ଭାବିଲା ସେ ଯଦି ଜନ୍ମ ହୋଇନଥାନ୍ତା, ଭଲ ହୋଇଥାନ୍ତା । ଓହୋ ! ବାପମା'ଙ୍କୁ ସେ କି ଦାହଗଞ୍ଜି ନକଲା ସତେ ! କାହିଁକି ବଡ଼ ହେଲା ବୋଲି ସେ ନିଜକୁ ଧିକ୍କାର କରିବାକୁ ଲାଗିଲା ।

ସମୁଦ୍ରକୂଳରେ କଳଙ୍କ ଲଗାଇବା ଭଳି ତ ସେ କିଛି କରିନାହିଁ । ଯଦି ବା ସେ ଅଭିଆଡ଼ୀ ହୋଇ ରହିଯାଏ, ତେବେ ଅନ୍ୟମାନଙ୍କର ସେଥିରେ ଖତି କଣ ? କିନ୍ତୁ ଏତେ ଯୁକ୍ତିରେ କି ଲାଭ ? ଏ ଯୁକ୍ତି କଣ ସବୁ କଥା ଫଇସଲା କରିଦେବ ?

ଚେମ୍ପନ କୁଞ୍ଜୁର ଫେରିବା ବାଟକୁ ମାଆ ଝିଅ ଆତୁର ହୋଇ ଚାହିଁରହିଲେ ।

× × ×

ସେଦିନ କାଳୀ କୁଞ୍ଜୁ ଘରେ ଚାରିପାଞ୍ଚଜଣ ମାଇପୀ ଜମା ହୋଇଥାନ୍ତି । କାରୁତାମ୍ମା କଥା, ତା' ବାପାମାଆଙ୍କ କଥା, ଇମିତି ସବୁ ପଡ଼ିଥାଏ । ସେମାନେ କଥା ହେଉଥିବାର ଦେଖି ଚକ୍କୀ ଛପିଛପିକା ଯାଇ କାନେଇଲା । ସେମାନଙ୍କ ଭିତରୁ ଜଣେ କହିଲା--କାରୁତାମ୍ମାର ପାରିକୁଟ୍ଟୀ ସାଙ୍ଗରେ ଖୁବ ସମ୍ପର୍କ ଅଛି, ସେ ପରି ନିଜ ଆଖିରେ ସେ ଦୁ'ଜଣଙ୍କୁ ଦେଖିଛି, ଢଙ୍ଗା ଆଢ଼ୁଆଳରେ ଦୁ'ଜଣଙ୍କର ହସଖେଳ ଚାଲିଥିଲା । ସେଇଥିପାଇଁ ପରି କାରୁତାମ୍ମା ବାହାହୋଇପାରୁନି ।

ଏ ଲୋକଙ୍କର କଥାଗୁଡ଼ାକ ଚକ୍କୀ ଦେହରେ ଗଲାନାହିଁ । ସେ ତାର ଛପିଥିବା ଜାଗାରୁ ବାଘୁଣୀଭଳି ଡେଇଁପଡ଼ିଲା । ଦେଖୁ ଦେଖୁ ସବୁ ମାଇପୀଙ୍କ ତୁଣ୍ଡ ଫିଟିଗଲା । କାହା ତୁଣ୍ଡରେ କିଏ କ'ଣ ବାଡ଼ବତା ଦେଇଛି କି ?

କଥାରୁ କଥା ବଢ଼ିଲା । ଲୋକଙ୍କ ପାଟିରୁ ବାହାରିଲା ଯେ ନିଜେ ଚକ୍କୀ ତା ଟୋକୀ ବେଳେ ସମୁଦ୍ରକୂଳଟାଯାକରେ ଚହଟଚମ୍ପୀ ହୋଇ ବୁଲିବୁଲୁଥିଲା । ଚକ୍କୀ ଓଲଟି ପଚାରିଲା, କାଳୀ କୁଞ୍ଜୁର ଯୋଉଁ ପୁଅଟା ଅଛି, ତା ବାପ ନାଆଁ କ'ଣ ? ଯୋଉଁ ମୁସଲମାନଟା ଦରିଆ

Digitized by srujanika@gmail.com

କୂଳରେ ବୁଆର କୁଅ.ର ବୁଲି ଶୁଖୁଆ ବକୁଥିଲା, ସେଇଟା ତା' ଅଉର ପିଲା ନୁହଁ କି ? ଯେତେ ମାଇପୀ ଜମିଥିଲେ, ସମସ୍ତେ ଏପରି ଗପ ଜାଣନ୍ତି । ସେମାନଙ୍କ ମାଆମାନେ ବି ଏ ଧରଣର ଢେର୍ କଥା ଶୁଣିଥିଲେ । କିନ୍ତୁ ସେଦିନ ଚକ୍କୀ ସପକ୍ଷରେ କେହି ବାହାରିଲେ ନାହିଁ । ବରଂଚ ଚକ୍କୀ ଏକାକିଆ ହୋଇଗଲା । ଯେତେ ମାଇପୀ ଥିଲେ, ସମସ୍ତେ ତା ବିପକ୍ଷରେ ଠିଆହୋଇଗଲେ । ତଥାପି ଚକ୍କୀ ନିଜର ପାଟୁପର୍ଯ୍ୟନ୍ତ ଲଢ଼ିଲା ।

ବାହାରେ ଠିଆହୋଇ କାରୁତାମ୍ମା ସବୁ ଶୁଣୁଥାଏ । ସବୁ ଶୁଣି ବିଚରା କାଠ ହୋଇଗଲା । ତା'ହେଲେ ବୟସବେଳେ ତା ମାଆ ବି କାହାକୁ ଭଲପାଉଥିଲା ? କ'ଣ ଯେତେକ ମାଇପୀ ସମସ୍ତେ ସମୁଦ୍ରକୂଳରେ ଏପରି ପାପ କୋଲଛନ୍ତି ? ତା'ହେଲେ କେଉଟମାନଙ୍କର କୁଳପ୍ରଥା ବୋଲି ଯାହା ଅଛି, ସେଥିରେ କିଛି ଅର୍ଥ ନାହିଁ ? ସେଗୁଡ଼ାକ କଣ ଖାଲି କଥାରେ କଥାରେ ରହିଛି ? ଏତେସବୁ କଦର୍ଯ୍ୟ କାଣ୍ଡ ହୋଇ ବି ତ ସମୁଦ୍ର ସେହି ପୂର୍ବପରି ରହିଛି ! ଏବେ ବି ସମୁଦ୍ର ଭିତରକୁ ଡଙ୍ଗା ଯାଉଛି । ମାଛ ବି ଆଗପରି ପଡ଼ୁଛନ୍ତି । କେଉଟମାନେ ବି ଦି'ପଇସା ପାଇ ବଞ୍ଚୁଛନ୍ତି । ତା'ହେଲେ ଏସବୁ ପୁରୁଣା ଗପର ମାନେ କ'ଣ ?

ତେଣେ କଳି ବଢ଼ି ବଢ଼ି ମାଇପୀମାନେ କାରୁତାମ୍ମା କଥା କାଢ଼ିବସିଲେ । କାରୁତାମ୍ମା କାନରେ ଆଙ୍ଗୁଠି ଦେଲା । ଛିଃ, ଛିଃ, ଛିଃ ! କି ମିଛ କଥା ! ସେମାନେ କହୁଛନ୍ତି, କାରୁତାମ୍ମା ପାରିକୁଟ୍ଟୀର ରକ୍ଷିତା ସ୍ତ୍ରୀ, ପାରିକୁଟ୍ଟୀ ଭଲଆ ଜଣେ ନହେଲେ ତାକୁ ଖାଇବାକୁ ଦେଇ ପୋଷିବ କିଏ ? ସେଇ ପାରିକୁଟ୍ଟୀ ହେତୁ ତା' ବାପାମାଙ୍କ ଅବସ୍ଥା ବଦଳିଗଲା । ତାଠଉଁ ଯେଉଁ ଟଙ୍କା ପଇସା ପାଉଛନ୍ତି, ସେତିକ ଛାଡ଼ିବାକୁ ମନ ନଥିବାରୁ, କାରୁତାମ୍ମାକୁ ବାହା ଦେଇପାରୁନାହାନ୍ତି । ଲୋକେ ଯଦି ଏହିଭଳି ମିଛ କହୁଥିବେ, ତେବେ ତା' ମାଆ ଅନ୍ୟ-ମାନଙ୍କ ନାଆରେ ଯାହା ସବୁ କହିଲା, ସେଗୁଡ଼ାକ ସେପରି ମିଛ, ଅନ୍ୟମାନେ ତା' ମାଆ ନାଆଁରେ ଯାହା କହିଲେ ସେଗୁଡ଼ାକ ବି ସେପରି ମିଛ ହୋଇଥିବ ।

ଚକ୍କୀକୁ ଧମକ ଦେଇ କାଳୀ କୁଞ୍ଜି କହିଲା, "ଆଲୋ, ଦେଖିବୁ ରହିଲେ, ଦେଖିବୁ, ତୋ ଅବସ୍ଥା ବାରଣ୍ଡାବକରା ନହୋଇଯିବ ତ ମତେ କହିବୁ । କୂଳଦେବୀଙ୍କ ପରା ଧରିଛି, ତୁ ଆଉ ଖସିଯିବୁ କୁଆଡ଼େ ?"

ଚକ୍କୀ କାହିଁକି ହଟିଲା । ସେ ଓଲଟି ଆକ୍ରମଣ କଲା, "ଆଲୋ, ସିଏ କଣ ଧରିବ ଲୋ । କଣଟା କରି ପକେଇବ ଲୋ କୂଳଦେବୀ ?"

କାରୁଆ ପେନ୍ନୁ କେଉଟୁଣୀ କହିଲା, "ଯେଉଁମାନଙ୍କର ଇଜ୍ଜତମହତ ନାହିଁ କି ନୀତି-ଅନୀତି ନାହିଁ ସେମାନଙ୍କୁ ସଲଖ କରିବାକଥା କୂଳଦେବୀଙ୍କ ଅଛି। କରି ଜାଣ ।"

"ଆମକୁ କଣ ସିଏ ସଲଖ କରିବ ଲୋ ? ଆମେ ମୁସଲମାନ ହୋଇଯିବୁ, ନହେଲେ ଖ୍ରିଷ୍ଟାନ ହୋଇଯିବୁ । ସେଇଠୁ ? କୂଳଦେବୀ ଆମର କୋଉଟା ବଙ୍କା କରିଦେବ ?"— ଚକ୍କୀ ପଚାରିଲା ।

"ଓଃ, ସେଇକଥା କହ ଲୋ, ସେଇକଥା କହ । ଝିଅକୁ ମୁସଲମାନ ଟୋକା ପାଖକୁ

Digitized by srujanika@gmail.com

ପଠେଇବା ଆଗରୁ ସବୁ ବାଟ ଠିଆର କରି ରଖିଛୁ । ସେକଥା କହୁନୁ କାହିଁକି ?''—ଆଉ ଜଣେ କେଉଟୁଣୀ ଟିପ୍ପଣୀ ଦେଲା ।

ଆଉ ଜଣେ କହିଲା, "ଆଲୋ, ସେମେତେ ହେଲେ ତ, ମା' ଝିଅ ଦୁହିଁଙ୍କ ସୁବିଧା ହେଇ-ଯିବ ଲୋ ।"

"ଆଲୋ, ହବ ତ ଆଉ ହବ ।''—ବେଖାତିର୍ କରି ଗୁନ୍‌ଜା ଶୁଣାଇଦେଲା ।

କାରୁତାମ୍ମା ବିମୂଢ଼ ହୋଇଗଲା । ଏପରି ଅବସ୍ଥା ତା' ଜୀବନରେ କୌଣସି ଦିନ ଆସି ନଥିଲା । କିଛି ଏକ ଅନ୍ତର୍ବେଦନା ଅନୁଭବ କଲାନା କଣ କହିବା ସହଜ ନୁହେଁ । ନା, ଏକ ବିଷମ ପରିସ୍ଥିତିରୁ ହଠାତ୍ ନିସ୍ତାର ମିଳିଗଲା ବୋଲି ସେ ବିହ୍ୱଳ ହୋଇପଡ଼ିଲା । କିଛି ଠିକ୍ କରି ବୁଝିପାରିଲା ନାହିଁ । ଯନ୍ତ୍ରଣାରେ ପଡ଼ି ସେ ମାଆ ମାଆ ବୋଲି ଚିତ୍କାର କରିଉଠିଲା । କଳି କରି କରି ଗୁନ୍‌ଜା କ୍ଳାନ୍ତ-ଶ୍ରାନ୍ତ ହୋଇଯାଇଥିଲା । ଝିଅର ଡାକ ଶୁଣି ସେ ଘରକୁ ଚାଲିଆସିଲା ।

ଘରକୁ ଫେରିବା ପରେ ମଧ୍ୟ ଗୁନ୍‌ଜା ଏଣ୍ଡେତେଣ୍ଡେ ଗୁଡ଼ାଏ ଅଗଡ଼ବଗଡ଼ କଥା କହିଚାଲିଲା । ମାଆକୁ ଅନେକ କଥା ପଚାରିବାକୁ କାରୁତାମ୍ମାର ମନ ହେଉଥାଏ—କିନ୍ତୁ କୌଣସିଟା ପଚାରିବା ପାଇଁ ତାର ସାହସ ପାଇଲା ନାହିଁ । ସେମାନେ ସେ ମୁସଲମାନ ହୋଇଯାଇ ପାରିବେ ଏ ବିଷୟଟା ତା ମୁଣ୍ଡକୁ ବାରମ୍ବାର ଆସୁଥାଏ । ଦେହ ଉପରେ ଖେଳିଯାଉଥାଏ ଏକ ନୂତନ ପୁଲକ ।

ଏଇଟା ତ ସ୍ୱାଭାବିକ କଥା । ବିଗୃଷ୍ଟିକୁ ଗୋଟିଏ ଦିଗରୁ ଟାଣୁଥିଲା ପ୍ରେମର ବନ୍ଧନ । କିନ୍ତୁ ସେ ଯେଉଁ ସମାଜରେ ବଢ଼ିଥିଲା, ସେ ସମାଜର ଚତୁର୍ଦ୍ଦିଗକୁ ଘେରିରହିଥିଲା ନିଷ୍ଠୁର ପରମ୍ପରା ଓ ନିର୍ଦ୍ଦୟ ବାରଣର ପାଚେରି । ଏହା ହିଁ ସେମାନଙ୍କର ଜୀବନ । ଏହା ପଛରେ ରହିଛି ସେମାନଙ୍କର କଠିନ ଓ ବିପଦସଙ୍କୁଳ ଜୀବନପଥ, ପ୍ରକୃତି ସହିତ ସତତ ସଂଘର୍ଷ । କାରୁତାମ୍ମାର ବୋଧହେଲା ସମାଜର ଏ ଅମୂର୍ତ୍ତା ଦୁର୍ଗ ଭିତରୁ ଉଦ୍ଧାର ପାଇବାର ଶ୍ରେଷ୍ଠ ଉପାୟ ହେଲା ମୁସଲମାନ ହୋଇଯିବା । ବେଶ୍, ଏହି ଗୋଟିଏ ନିଷ୍ପତ୍ତି କରି ଦିଆଯାଉ, ତାପରେ ସବୁ ଠିକ୍‌ଠାକ୍ ହୋଇଯିବ । ମୁସଲମାନ ହୋଇଯିବ ! ସେତେବେଳେ ସବୁ କିମିତି ହେବ ? କାନରେ କାନ ବଳା ପିନ୍ଧି, ଦେହରେ ବ୍ଲାଉଜ ପିନ୍ଧି, ମୁସଲମାନ ଝିଅପରି ବେଶଭୂଷା ହୋଇ ସେ ଯେତେବେଳେ ପାରିକୁଟ୍ଟୀ ପାଖକୁ ଯିବ, ତାକୁ ସେ କେତେ ଭଲ ନ ପାଇବ ! ସେତେବେଳେ ପାରିକୁଟ୍ଟୀ ତା ମୁହଁକୁ, ତା ଦେହକୁ ଚାହିଁବାରେ କାହାର ବାରଣ ନଥିବ । ତା ଦେହକୁ ଚାହିଁବାଟା ସେତେବେଳେ ପାରିକୁଟ୍ଟୀର ଏକ ଅଧିକାରର ବସ୍ତୁ ହୋଇଯିବ । ଏ ସବୁର ତାତ୍ପର୍ଯ୍ୟ ସେ ପୁର୍ଣ୍ଣଭାବରେ ଉପଲବ୍ଧି କରି ନପାରିଲେ ବି ସେ ଦେଖିଲା ବର୍ତ୍ତମାନ ଅବସ୍ଥାରୁ ମୁକ୍ତିପାଇବାର ଏହା ହେଲା ଏକମାତ୍ର ଉପାୟ । ମାତ୍ର ଥରଟିଏ ଏ ଅବସ୍ଥାରୁ ନିସ୍ତାର ପାଇଗଲେ ଯଥେଷ୍ଟ; ସେତିକି ମଧ୍ୟ ହୋଇଯାଏ, ତେବେ

Digitized by srujanika@gmail.com

ଆଜୀବନ କୌଣସି କେଉଟର ଘରଣୀ ହୋଇ ରହିବାକୁ ପଡ଼ିବ ନାହିଁ—ଯେ କି ମାଛଧରିବା ଲାଗି ପ୍ରତିଦିନ ଦରିଆ ମଝିକୁ ଯାଏ ।

କିନ୍ତୁ ତା ମାଆ କଣ ସବୁ ବୁଝିବିଚାରି ଏ କଥା କହିଥିଲା ? ପିଲାବେଳାରେ ପଞ୍ଚ ତା ମୁହଁରୁ ଏ କଥାଟା କାହାରି ନଶୁଣିଥିବ କାହିଁକି ? ମାଆକୁ ପଚାରିବାକୁ କାରୁତାମ୍ମାର ଭୟ ହେଲା । କାଳେ ମାଆ ଭୁଲ ବୁଝିବ । କହିବ, ଝିଅ ଏହି କଥାକୁ ଟାଳିବସିଥିଲା ।

× × ×

କିଛିଦିନ ପରେ ଚେମ୍ପନ କୁଞ୍ଜୁ କିଣିଥିବା ଡଙ୍ଗା ଆସି କୂଳରେ ଲାଗିଗଲା । ବଢ଼ିଆ ଡଙ୍ଗା ଖଣ୍ଡିଏ । ପାଲ୍ଲିକୁନ୍ନାଥର କାଣ୍ଡାନ୍ କୋରାନ୍ ଜଣେ ନାମଜାଦା ଲୋକ । ଖଲାସ୍କାରନ୍‌ମାନଙ୍କ ଭିତରେ ତାର କେତେ ଖ୍ୟାତି । ଏ ଡଙ୍ଗାଟି ଥିଲା ସେହି କାଣ୍ଡାନ୍ କୋରାନର । ସେତେବେଳକାର ଭଲ ଭଲ ଡଙ୍ଗା ଭିତରେ ଏ ଡଙ୍ଗାର ନାଆଁ ଥିଲା । ଚେମ୍ପନ କୁଞ୍ଜୁ ହାତକୁ ଆସିବା ବେଳକୁ ଡଙ୍ଗାଟି ଟିକିଏ ପୁରୁଣା ହୋଇଗଲାଣି ସତ, ତଥାପି ଚେଣ୍ଡାଲା ସମୁଦ୍ରକୂଳରେ ତାକୁ ବଳିଗଲା ପରି ଡଙ୍ଗା ଯେ ଆଉ ନାହିଁ, ସେକଥା ସେଠାରେ ସମସ୍ତେ ଜାଣନ୍ତି । ତେବେ କାଣ୍ଡାନ୍ କୋରାନ୍ ଡଙ୍ଗାଟି ବିକିଦେଲା କାହିଁକି ? ଟିକିଏ ପୁରୁଣା ହୋଇଗଲା ବୋଲି ବିକିଦେବନା ? କଥାହେଲା, କାଣ୍ଡାନ କୋରାନ୍‌ର ଅବସ୍ଥା ଟିକିଏ ଖସି ଆସିଥାଏ । ଲୋକଟା ଭାରି ବଦଖର୍ଚ୍ଚି, ଦେଖେଇ ଫୁଲେଇ ହେବାପାଇଁ ଭଲପାଏ । ଖର୍ଚ୍ଚ ବଢ଼ୁ ବଢ଼ୁ ଶେଷକୁ ଡଙ୍ଗାଟାକୁ ବି ବିକିଦେବାକୁ ପଡ଼ିଲା ।

ଡଙ୍ଗା ଦେଖିବାକୁ ସମସ୍ତେ ଚାଲିଲେ । ସମସ୍ତଙ୍କ ମନରେ ଟିକିଏ ଈର୍ଷା ଯେ ଚେମ୍ପନ କୁଞ୍ଜୁ ଭାଗ୍ୟକୁ ଏଡ଼େ ବଢ଼ିଆ ଡଙ୍ଗାଟିଏ ଜୁଟିଗଲା ।

ଆଚ୍ଚୁ କୁଞ୍ଜୁ ତା ସାଙ୍ଗମାନଙ୍କୁ କହିଲା, "ଚେମ୍ପନ କୁଞ୍ଜୁ ଏ ଯେଉଁ ଡଙ୍ଗା କିଣିଆଣିଲା, ତା ସାଙ୍ଗରେ ସେ ପାଲ୍ଲିକୁନ୍ନାଥର ଗିରାଡିକ ବି ନେଇଆସିଲା ।"

ଆଣ୍ଡାନ କୁଞ୍ଜୁ ଘୃଣାରେ ଲେଣ୍ଡାଏ ଛେପ ପକାଇଦେଇ କହିଲା, "ଛିଃ, ଛିଃ, ଛିଃ ! କି କଥା କହୁଛ ହେ ! ହଇହେ, କେଉଟକୂଳର ଜଣେ ମାନମହତଥିବା ଲୋକ ସିଏ । ତା ଗିରା କିମିତି ଚେମ୍ପନ କୁଞ୍ଜୁ ଭଳିଆ ଗୋଟାଲୋକ ପାଖକୁ ଚାଲିଆସିବ । କାଣ୍ଡାନ କୋରାନ୍‌ର ବର୍ଣ୍ଣିଟା ଦେଖିବାକୁ ଆଉଟିଲା ସୁନାହେଇକାଠି । ତା ଚେହେରାଖଣ୍ଡିକ ପରି ତା ଭାଗ୍ୟର ମାପକାଠି । ଡଙ୍ଗା ଲେଉଟାଣି ବେଳକୁ ଦରିଆ ସେପାଖକୁ ଅନାସା କରି ସେ ଯେତେବେଳେ ଠିଆ ହେଇଯାଇଥିବ, ତେମେ ତ ଦେଖିଥିବ ମଉସା, ମୁଁ ଆଉ କଣ କହିବି—ଲୁଗାପଟା ହଖଣ୍ଡ ସିମିତି ବାଗେଇ କରି ପିନ୍ଧିଥିବ, ଦେହଟା ସିମିତି ଲମ୍ବା, ଚଉଡ଼ା, ଫର୍ଚ୍ଚା । ଦେବତା-ମୂର୍ତ୍ତି ଭଳି ଦିଶୁଥିବ କି ! ଆଉ ତେମେ ଏଇଟାକୁ ତା'ଭଳିଆ ଲୋକ ସାଙ୍ଗରେ ତଉଲୁଛ ।

ରାମାନ୍ ମୁପ୍ପାନ ବି ତା' ମତ ଶୁଣାଇଦେଲେ, "ଆରେ, ଚେମ୍ପନ୍ କୁଞ୍ଜୁ ଯଦି କାଣ୍ଡାନ

Digitized by srujanika@gmail.com

କୋରନ୍ ପଣିକା ଚଳେ ନା, ତେବେ ସରୁପାଚେଲୀ, କାଳୀକୋଦସ୍ତ୍ରୀ ଚକ୍କୀ ବି କାଣ୍ଡାନ କୋରନ୍‌ର ସୁନ୍ଦରୀ ଭଉଣୀ ପାପ୍ପୀ କୁଞ୍ଜୁ ପଣିକା ଚଳିବ । ତୁ ପାପ୍ପୀ କୁଞ୍ଜୁକୁ ଦେଖିଛୁଟି ?"

ଆଚ୍ଛାନ କୁଞ୍ଜୁ କହିଲା, "ହଁ ହଁ, ତା ରୂପଖଣ୍ଡିକ ଆଖି ଝଲସେଇ ଦେବ ନା !"

× × ×

ଘରକୁ ଆସି ସବୁକଥା ଶୁଣି ଚେମ୍ବନ କୁଞ୍ଜୁର ବୁଦ୍ଧି ବଣା ହୋଇଗଲା । କି ବିପଦ ଆସି ପହଞ୍ଚିଗଲା ସତେ ! ମନରେ କେତେ ଖୁସି ନେଇ ସେ ଆସିଥିଲା ! ସେ ଡଙ୍ଗାଖଣ୍ଡିକ ହାତକୁ ଆଣିବା କଣ କମ୍ ଗର୍ବର କଥା ! ସେ ଭାବିଥିଲା, ପାଞ୍ଚୀକୁନ୍ନାଥ କାଣ୍ଡାନ୍ କୋରନ୍ ଘରକୁ ସେ କିପରି ଗଲା, ତା ଘରେ କିପରି ଖିଆପିଆ ହେଲା, ଆହୁରି କଣ କଣ ହେଲା ସେ ସବୁକଥା ଗୋଟି ଗୋଟି କରି ଭାର୍ଯ୍ୟା ଆଗରେ ବର୍ଣ୍ଣନା କରିବ । ଆହୁରି ମଧ୍ୟ ଭାବିଥିଲା, କାଣ୍ଡାନ୍ କୋରନ୍‌ର ଭାର୍ଯ୍ୟା ପାପ୍ପୀ କୁଞ୍ଜୁ ବିଷୟରେ, ତା ରୂପ, ତା ବେଶଭୂଷା ବିଷୟରେ ବି ଚକ୍କୀକୁ କହିବ । କିନ୍ତୁ ସବୁ ଭାବନା ପାଣିରେ ପଡ଼ିଗଲା । ଘରେ ଆସି ଗୋଡ଼ ଦେଉ ଦେଉ ଏପରି ଗୋଟିଏ ଦୁଃସମ୍ବାଦ ମିଳିଗଲା ।

ତାର ଅସଲ ଦୋଷ ହେଲା, ଡଙ୍ଗା ଆଉ ଜାଲ କିଣିବାକୁ ଯିବା ଆଗରୁ ସେ କୂଳ-ଦେବତାଙ୍କ ପାଖକୁ ଯାଇନଥିଲା । କଥାଟା ଯଥାର୍ଥ, ଯୁଗଯୁଗରୁ ଚାଲି ଆସୁଥିବା ପ୍ରଥାର ଅମାନ୍ୟ ହୋଇଗଲା । ଡଙ୍ଗା ଆଉ ଜାଲ କିଣିବା ଲାଗି ସେ ବହୁତ କଷ୍ଟରେ ଟଙ୍କା ଗଣ୍ଡିକ ସଞ୍ଚିଥିଲା । କୂଳଦେବତାଙ୍କ ଭେଟିଲାଗି ସେଥିରୁ ଟଙ୍କା ପଚାଶଟି ବାହାର କରିଥିଲେ ବି ଚଳନ୍ତା ନାହିଁ । ଯାହାହେଉ, ସେ ଭାବି ନଥିଲା ଯେ କଥାଟା ବଢ଼ି ବଢ଼ି ଏପରି ବିଷମ ଆକାର ଧରିବ ।

ନିଜକୁ ସେ ଅସହାୟ ମନେକଲା । ନିରାଶ ହୋଇ ସେ ଭାର୍ଯ୍ୟା ମୁହଁକୁ ଚାହିଁଲା, "ଚକ୍କୀ ଲୋ, ଜାତିଭାଇଙ୍କର ଆମେ କି କ୍ଷତି କରିଛେ କହିଲୁ ?"

"ଆମେ କାହାର କିଛି କରିନାହୁଁ; ଖାଲି ଈର୍ଷାରେ ଜଳିପୋଡ଼ି ମରୁଛନ୍ତି" ଚକ୍କୀ କହିଲା ।

ସତ କଥା । ଖାଲି ଟଙ୍କା ପଚାଶଟା ଖଣ୍ଡେ ହାତରେ ହୋଇଯାଆନ୍ତା କି, ସବୁ ଠିକ୍ ହୋଇଯାନ୍ତା । କିନ୍ତୁ ଟଙ୍କା ମିଳୁଛି କିପରି ? ଡଙ୍ଗା ଯିନା ହେଲା, ତାର ସାଜସରଞ୍ଜାମ ତ ହୋଇନାହିଁ; ସେଥିପାଇଁ କିଛି ନା କିଛି ଟଙ୍କା ରଖିବାକୁ ପଡ଼ିବ, ଏବେ ତା ପାଖରେ ମୋଟେ ଗୋଟିଏ ବୋଲି ଜାଲ ଅଛି ।

ଚେମ୍ବନ କୁଞ୍ଜୁ ଗୋଟି ଗୋଟି କରି ସବୁ ଅସୁବିଧା ଭାର୍ଯ୍ୟାକୁ ଶୁଣାଇଗଲା । କାହାକୁ ଅବା ସେ ଏକଥାଗୁଡ଼ାକ କହିବ ? କିଏ ସେ ଏବେ ତା କଥାକୁ କାନ ଦେଇ ଶୁଣିବ ? କିନ୍ତୁ ତାକୁ କୌଣସି ପ୍ରକାର ଆଶ୍ୱାସନା ଦେବା ଲାଗି ଚକ୍କୀ ଚେଷ୍ଟା କଲାନାହିଁ ।

Digitized by srujanika@gmail.com

ସେ ଓଲଟି ପଚାରିଲା, "ତାହେଲେ କାହିଁକି ଏ ପୋଡ଼ପଡ଼ା ବୋଝ ମୁଣ୍ଡେଇ ବୁଲୁଥିଲ ଯେ ?

ଚେମ୍ପନ କୁଞ୍ଜୁ କୌଣସି କଥା କହିଲା ନାହିଁ । ସେ ବୋଧହୁଏ ଭାବୁ ନଥିଲା ଯେ, ସେ ଯେଉଁ ବୋଝ ମୁଣ୍ଡାଇଛି, ସେ ବୋଝକୁ ସେ ସମ୍ଭାଳି ପାରିବନାହିଁ । ସବୁ କାମ ତ ସରିଲାଣି କେବଳ ତା' ନିଜ ଲୋକେ ତା ବିପକ୍ଷରେ ବାହାରିଛନ୍ତି ।

ଚକ୍କୀ ପଚାରିଲା, "ଯେଉଁ ଦି ପଇସା ଥିଲା, ସେଥିରେ ଝିଅଟାକୁ ବାହା ଦେଇ ଦେଇ-ଥିଲେ, କ'ଣ ଏ ବିପଦ ପଡ଼ିଥାନ୍ତା ?"

ଚେମ୍ପନ କୁଞ୍ଜୁ ନିରୁତ୍ତର ରହିଲା । ବଡ଼ ଆଶା କଲେ ମଣିଷକୁ ଶାନ୍ତି ମିଳିବ ନାହିଁ । ଯାହା ଅଛି, ସେଇଥିରେ ଚଳିଯିବାଟା ବୋଧହୁଏ ଭଲ ।

ବେଳ ବୁଡ଼ିଲା, ଅନ୍ଧାର ହେଲା । ଚେମ୍ପନ କୁଞ୍ଜୁ ଭାର୍ଯ୍ୟାକୁ କହିଲା, "ଟଙ୍କା ପଇଁତିରିଶଟା ହେଇଯା'ନ୍ତା କି, ସବୁ ଠିକଠାକ୍ ହେଇଯାନ୍ତା ।"

ଲୁଚେଇ ଚୋରେଇ ଚକ୍କୀ ଯେଉଁ ଦି'ପଇସା ସଞ୍ଚିଥିଲା, ଚେମ୍ପନ କୁଞ୍ଜୁ ସେତକ ଆଗରୁ ଡଙ୍ଗା କିଣିବାକୁ ଗଲାବେଳେ ନେଇଯାଇଥିଲା । ଏବେ ସେ ଆଉ ଯାହା କିଛି ସଞ୍ଚିଥିଲା ସବୁ ପୋଚୁପୋଛି କରି ଆଣିଦେଲା ।

କହିଲା, "କମିତି ଟାଣିଓଟାରି ହେଉଚି, ଦେଖୁଚଟି ? କେତେ ନେହୁରା ହେଇ କହିଲି, ମୋ ପେଇଁ ଟିକିଏ ହେଉ, ଝିଅଏ ହେଉ, କିଛି ସୁନା କରିଦିଅ···ହେଲେ, ମୋ କଥା ସେତେବେଳେ କାନରେ ପୂରେଇଲ ନାହିଁ ।"

ଚେମ୍ପନ କୁଞ୍ଜୁ ଟଙ୍କାତକ ହାତରେ ଧରିଲା ।

"ଚକ୍କୀଲୋ, ଗୋଟେ ବାଟ ଅଛି ।"

"ଆଉ କି ବାଟ ?"

"ସେଇ···" ପୁରା କଥାଟା କହିବାକୁ ଚେମ୍ପନ କୁଞ୍ଜୁ ଶଙ୍କା ବୋଧକଲା, "ସେଇ ଟୋକାଟାକୁ ଯଦି ଧରନ୍ତେ, ତେବେ ମିଳନ୍ତା ।"

ଚକ୍କୀ ଧଡ଼ପଡ଼ ହୋଇ ଚେମ୍ପନ କୁଞ୍ଜୁର ପାଟି ବନ୍ଦ କରିଦେଲା । ତାର ସନ୍ଦେହ ହେଲା, କାରୁତାମ୍ମା କାଳେ ଶୋଇନଥିବ । ତା କାନରେ କାଳେ ଏକଥା ପଡ଼ିଯିବ ।

ଚେମ୍ପନ କୁଞ୍ଜୁ ତା' ହାତ କାଢ଼ିନେଇ କହିଲା, "କଲୋ, କଥା କଣ କି ?"

"ଚୁପ୍ ଚୁପ୍ କୁହ ।"

"କନ୍ତୁ କାହିଁକି ?"

ଏହା ଏପରି ଏକ ବିଷୟ, ବୁଢ଼ୀଆର କୌଣସି ବାପା ଆଗରେ ଏକଥା କହିବା ଅନୁଚିତ; କିନ୍ତୁ ବର୍ତ୍ତମାନ ଏ କଥା କହିବା ଆବଶ୍ୟକ ହୋଇପଡ଼ିଲା । ଚେମ୍ପନ କୁଞ୍ଜୁ ବାରମ୍ବାର ପଚାରି ବସିଲା, "କାହିଁକି ?"

ଚକ୍କୀ ତା କାନରେ ଫୁସ୍‌ଫୁସ କରି ସବୁକଥା କହିଗଲା । "କାରୁତାମ୍ମା କହୁଛି, ସ୍ବା

Digitized by srujanika@gmail.com

ଫଳରେ ତା ମୁଣ୍ଡ ନଇଁଯାଉଛି । ସେ ଯଦି ଏକଥା ଜାଣେ, ତେବେ ବଡ଼ ଗଣ୍ଡଗୋଳ ବାହାରିବ ।"

"ତାହେଲେ ଆଉ କି ବାଟ ଅଛି କହ ?"

"ମୁଁ ତ ସେଇ କଥା ଭାବୁଛି ।"

କିଛି ସମୟ ଚୁପ୍ ରହି ଚେମ୍ବନ କୁଞ୍ଜୁ ପଚାରିଲା, "ସେ କ'ଣ ଏବେ ଘରେ ଥିବ ?"

"ଥିଲେ ଥାଇପାରେ ।"

"ମୁଁ ଯାଏ, ଦେଖେଁ ।"

ଚକ୍କୀ କିଛି କହିଲା ନାହିଁ; ଚେମ୍ବନ କୁଞ୍ଜୁ ନିଜେ ଦୁଆର ଖୋଲି ବାହାରକୁ ଚାଲିଗଲା ।

କାରୁତାମ୍ମା ସେତେବେଳକୁ ନିଘୋଡ଼ ନିଦରେ ଶୋଇଥାଏ । ଏସବୁ ଘଟଣା ସେ ମୋଟେ ଜାଣିପାରିଲା ନାହିଁ । କିଛି ସମୟ ପରେ ଚେମ୍ବନ କୁଞ୍ଜୁ ଫେରିଲା । ମୁହଁରେ ତାର ଖୁସି । ଆଖି ଦୁଇଟି ଉଜ୍ଜ୍ୱଳ ଦେଖାଯାଉଥାଏ । ସ୍ପଷ୍ଟ ଜଣାପଡ଼ିଗଲା ସେ ଯାହା ଚାହୁଁଥିଲା, ତାହା ମିଳିଗଲା ।

"ହାୟରେ ବିଚରା ! ଭଲ ପିଲାଟିଏ, ତା ପାଖରେ ମୋଟେ ଚାଳିଶିଟି ଟଙ୍କା ଥିଲା । ସବୁତକ ମତେ ଦେଇଦେଲା ।"

ତା ପରଦିନ ସକାଳେ ଚେମ୍ବନ କୁଞ୍ଜୁ ସିଧା ଚାଲିଗଲା କୁଲବେହେରାଙ୍କ ପାଖକୁ । କୁଲବେହେରାଙ୍କର କୋପ ଦେଖେ କିଏ ! ପ୍ରଥମେ ଖୁବ୍ ରାଗିଲେ । କିନ୍ତୁ ଧୀରେ ଧୀରେ ରାଗ କମିଆସିଲା । ଟିକିଏ ଥଣ୍ଡା ହେଲେ । ଶେଷରେ ସେ ଚେମ୍ବନ କୁଞ୍ଜୁକୁ ରାଜି କରାଇଲେ ଯେ ଯେତେ ଶୀଘ୍ର ସମ୍ଭବ ସେ ତା ଝିଅକୁ ବାହାଦେଇଦେବ । ପୁନଶ୍ଚ, ପ୍ରଥମ ଦିନ ତା ଜାଲରେ ଯାହା କିଛି ମାଛ ପଡ଼ିବେ ସେଥିରୁ ଗୋଟିଏ ଭାଗ କୁଲବେହେରାଙ୍କ ଘରକୁ ଆଣିଦେବ । ଆସିଲା ବେଳକୁ ଚେମ୍ବନ କୁଞ୍ଜୁ ଆପତ୍ତି କଲା, ଗାଁର ଅନ୍ୟ କେଉଟମାନେ ତାକୁ ଈର୍ଷା କରୁଛନ୍ତି । କୁଲବେହେରା ତାକୁ କଥା ଦେଲେ, ତାର ସେଥିରେ ବ୍ୟସ୍ତ ହେବା ଲୋଡ଼ା ନାହିଁ, ସେସବୁ କଥା ସେ ବୁଝିବେ ।

ଯାହାହେଉ କୌଣସିମତେ ଚେମ୍ବନ କୁଞ୍ଜୁର ସବୁ ସମସ୍ୟାର ଏକ ସାମୟିକ ସମାଧାନ ହୋଇଗଲା । କିନ୍ତୁ ଡଙ୍ଗାଟିକୁ ଅନୁକୂଳ କରି ପଠାଇବା ପୂର୍ବରୁ ସେଥିରେ ତ ସବୁ ସାଜ-ସରଞ୍ଜାମ ଆଣି ଯୋଡ଼ିବାକୁ ପଡ଼ିବ । ସେଥିପାଇଁ ଅନ୍ତତଃ ଟଙ୍କା ପାଞ୍ଚଶ ନ ହେଲେ ନଚଳେ । ଟଙ୍କାଟା କେଉଁଠୁ ହେଲେ ଯୋଗାଡ଼ କରିବାକୁ ପଡ଼ିବ ।

"ଏତେ ଟଙ୍କା ଆସିବ କୋଉଠୁ ?" ଚକ୍କୀ ପଚାରିଲା । ଚେମ୍ବନ କୁଞ୍ଜୁ କହିଲା, "ପାରିକୁଟ୍ଟୀ ହିଁ ଦେବ ।"

ଚକ୍କୀ ଅବାକ୍ ହୋଇଗଲା । ଏ ବିଷୟ ନେଇ ଦୁଇ ପ୍ରାଣୀଙ୍କ ଭିତରେ ଖୁବ୍ ବୁହେ ଯୁକ୍ତିତର୍କ ହୋଇଗଲା । ଅବଶ୍ୟ କାରୁତାମ୍ମା ସେ ସବୁ ଜାଣିପାରିଲା ନାହିଁ । ସ୍ୱାମୀର ସବୁ ଅଧିକାର ଦେଖାଇ ଚେମ୍ବନ କୁଞ୍ଜୁ ହୁକୁମ ଦେଲା, ଚକ୍କୀ ଯାଇ ଟଙ୍କା ମାଗିଆଣୁ ।

Digitized by srujanika@gmail.com

ଚକ୍କୀ କହିଲା, "ନା, ମୁଁ କେବେ ମାଗିବି ନାହିଁ ।"

"ତା ହେଲେ ଡଙ୍ଗାଟା ଅନୁକୂଳ ନହୋଇ ପଡ଼ିରହିଥାଉ ।"

"ପଡ଼ିଥାଉ ।"

କହି ସିନା ଦେଲା, ଚକ୍କୀର କିନ୍ତୁ ମନ ନଥାଏ ଯେ ଡଙ୍ଗାଟି ଅକାମୀ ହୋଇ ପଡ଼ିରହୁ । ତା ମନରେ ଭୟ ହେଲା, ସେ ଯଦି ଟିକିଏ ନଇଁ ନଯାଉଛି, ତେବେ ଚେମ୍ପନ କୁଞ୍ଜୁ ମୋଟେ ଟଳିବ ନାହିଁ । ବାଧ୍ୟ ହୋଇ ସେ କହିଲା, "ହଉ ହେଲା, ପଇସା ପାଇଲା କରି ତେମେ ତାର ସବୁ ଟଙ୍କା ଫେରେଇ ଦବ ନା ?"

ଚେମ୍ପନ କୁଞ୍ଜୁ ଶପଥ କରି କହିଲା, ସେ ତାର କାଣିକଉଡ଼ିଟିଏ ବି ରଖିବ ନାହିଁ; ସୁଧମୂଳ କରି ସବୁ ଫେରାଇଦେବ ।

ଶେଷକୁ ଚକ୍କୀ ଯାଇ ପାରିକୁଟ୍ଟୀକୁ ସବୁକଥା ଶୁଣାଇ ଟଙ୍କା ପାଇଁ ହାତ ପତାଇଲା । ସେଦିନ ରାତିରେ ପାରିକୁଟ୍ଟୀର ଗୋଦାମରୁ ବହୁତ କିଛି ଶୁଖୁଆ ବିକ୍ରି ହୋଇଗଲା । ଧୀରେ ଧୀରେ ଚେମ୍ପନ କୁଞ୍ଜୁର ଡଙ୍ଗାରେ ଜାଲ-ପାଲ ସାଙ୍ଗକୁ ସବୁପ୍ରକାର ସାଜସରଞ୍ଜାମ ଆସି ଲାଗିଗଲା । ବର୍ତ୍ତମାନ କଥାହେଲା, ଡଙ୍ଗାରେ କେଉଁମାନେ ସବୁ କାମ କରିବେ କୂଳବେହେରା କେଉଟକୂଳର ବୟସ୍କ ଓ ପୁରୁଖାଲୋକଙ୍କୁ ଡକାଇ ନେଇ ସବୁ କଥା ବୁଝାଇଦେଲେ । ଗଣ୍ଡଗୋଳ ତୁଟାଇବାକୁ ସେପରି କିଛି କଷ୍ଟ ହେଲାନାହିଁ । ଚେମ୍ପନ କୁଞ୍ଜୁର ଡଙ୍ଗାଟି ଯେ ଦେଖିଲା ସେ କହିଲା, ମତେ ଏଥିରେ କାମ କରିବାକୁ ମିଳିଲେ ଭଲ ହୁଅନ୍ତା ।

ଆୟି କୁଞ୍ଜୁର ଆଶା ଥିଲା ଏ ବିଷୟ ନେଇ ଚେମ୍ପନ କୁଞ୍ଜୁ ତାର ମତାମତ ଲୋଡ଼ିବ । ନୂଆ ଡଙ୍ଗାରେ କାମ କରିବା ପାଇଁ ସେ ନିଶ୍ଚୟ ତାକୁ ଅନୁରୋଧ କରିବ । ଏ ବିଷୟରେ କଥାଭାଷା ହେଉ ହେଉ ଦିନେ ତାଙ୍କ ଘରେ ଖୁବ୍ ଗୋଟାଏ ପାଟିତୁଣ୍ଡ ବି ହୋଇଯାଇଥିଲା । ତା ବନ୍ଦ ପାଇଁ ଦରକାର ପଡ଼ିଲେ କୂଳବେହେରାଙ୍କ ସାଙ୍ଗରେ ବି କଳିକରିବାକୁ ଆୟି କୁଞ୍ଜୁ ପ୍ରସ୍ତୁତ ହୋଇ ରହିଥିଲା । କିନ୍ତୁ ଦୁଇଜଣଙ୍କ ଭିତରେ ଅନେକଥର ଦେଖାସାକ୍ଷାତ ହୋଇଥିଲେ ବି ଚେମ୍ପନ କୁଞ୍ଜୁ ଦିନେହେଲେ ତାକୁ ଏ ବିଷୟ କହିଲା ନାହିଁ । ଡଙ୍ଗାରେ କାମ କରିବା ଲାଗି ଚେମ୍ପନ କୁଞ୍ଜୁ ଆହୁରି ବାରଜଣ କେଉଟଙ୍କୁ ବାଛିନେଲା । ସେ ଭିତରେ ଆୟି କୁଞ୍ଜୁ ନଥିଲା ।

× × ×

ସମୁଦ୍ରକୂଳରେ ଏହା ଏକ ପୁରୁଣା ଚଳଣି । ଯେଉଁଦିନ ଅନୁକୂଳ କରି ସମୁଦ୍ରକୁ ଡଙ୍ଗା ପଠାଯିବ, ତା ପୂର୍ବଦିନ ଘରେ ଗୋଟିଏ ଗ୍ରେଟକାଟିଆ ଭୋଜି ହେବ । ହାସାନ କୁଟ୍ଟୀ ଦୋକାନକୁ ଯାଇ ଚେମ୍ପନ କୁଞ୍ଜୁ ସବୁ ଜିନିଷ ଧାରରେ କିଣିଆଣିଲା । କାକାଝାମ, ପୁନ୍ନପରା ପ୍ରଭୃତି ପାଖଆଖ ଗାଁ ଆଁରୁ ସାଙ୍ଗସୁଖ ଓ ବନ୍ଧୁବାନ୍ଧବମାନଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରିବାକୁ

Digitized by srujanika@gmail.com

ପଡ଼ିବ । ଜଳେ କେତେ କୁଆଡ଼େ ହେବ ଖବର ନିମନ୍ତ୍ରଣ ଦେବା ଲାଗି ଚେମ୍ପନ କୁଞ୍ଜୁ କାରୁତାମ୍ମାକୁ ପଠାଇଲା ।

ସମୁଦ୍ର କୂଳେ କୂଳେ ଥୁଆ ହୋଇଛି ମାଲମାଲ ଡଙ୍ଗା । ସେ ଭିତର ଦେଇ କାରୁତାମ୍ମା ଚାଲିଛି । ମନରେ ତାର କେତେ କଣ ଚିନ୍ତା । ହଠାତ୍ ତା କାନରେ ଆସି ପଡ଼ିଗଲା ଗୋଟିଏ ପୁରୁଣା ପ୍ରଶ୍ନ—"ଆମକୁ ତେମେ ମାଛ ବିକିବନି ଲୋ ?"

ଅବାକ୍ ହୋଇ ଠିଆହୋଇଗଲା କାରୁତାମ୍ମା । ଆଗରେ ତାର ପାରିକୁଟ୍ଟୀ । ପାରିକୁଟ୍ଟୀ କିପରି ସେଠାକୁ ଆସିଲା ? କେଉଁଠୁ ଆସିଲା ସେ ? କାରୁତାମ୍ମା କିଛି କହିପାରିଲା ନାହିଁ । ଉଚିତ ପଇସା ପାଇଲେ ସେ ମାଛ ବିକିବ, ଏ କଥାଟା ବି କହିଲା ନାହିଁ । ସେ ଯେ ଆଉ ସେହି ପୁରୁଣା କାରୁତାମ୍ମା ହୋଇ ନାହିଁ । ମୁଣ୍ଡପୋତି ଠିଆ ହୋଇ ରହିଲା ବିଚାରୀ ।

ପାରିକୁଟ୍ଟୀ ପଚାରିଲା, "କାରୁତାମ୍ମା, ମୋ ଉପରେ ରାଗିଛୁ ନା କଣ ?"

ତଥାପି କାରୁତାମ୍ମା ପାଟିରୁ କଥା ବାହାରିଲା ନାହିଁ । ଛାତି ତାର ଦାଉଁ ଦାଉଁ ପଡ଼ୁଥାଏ, ସତେ ଯେପରି ସେ କୌଣସି ମୁହୂର୍ତ୍ତରେ ଫାଟିଯିବ ।

"ତୁ ଯଦି ଚାହୁଁନୁ ତାହେଲେ ମୁଁ କିଛି କହିବି ନାହିଁ ।"

ସେ ଚାହୁଁଥିଲା । ପ୍ରକୃତରେ ସେ ଚାହୁଁଥିଲା ବହୁତ କିଛି କହିବା ପାଇଁ । କେତେ ଯେ ପ୍ରଶ୍ନ ପଚାରିବା ଲାଗି ହୃଦୟ ତାର ଅସ୍ଥିର ହୋଇ ଉଠୁଥିଲା । ସେ ଏକଥା ବି ପଚାରିବାକୁ ଚାହୁଁଥିଲା ଯେ ନିଜର ଧର୍ମ ବଦଳାଇ ସେ ପାରିକୁଟ୍ଟୀର ଧର୍ମ ନେଇ ପାରିବ କି ?

ଡଙ୍ଗା ଆଢୁଆଳରେ ସେ ଠିଆହୋଇରହିଲା । ପାରିକୁଟ୍ଟୀ ତାର ଉନ୍ନତ ସ୍ତନ ଉପରୁ ଆଖି ଫେରାଇ ନେଇ ପାରିଲାନାହିଁ । କିନ୍ତୁ ସେପରି ଚାହିଁନ ବୋଲି ତାକୁ ବାରଣ କରିପାରିଲା ନାହିଁ କାରୁତାମ୍ମା ।

କିଛି ସମୟ ପରେ ସେ କହିଲା, "ମତେ ଗୁଡ଼ାଏ ମୁଁ ଯାଏ, ମୁତାଲାଲ୍ଲୀ ।"

କିନ୍ତୁ ପାରିକୁଟ୍ଟୀ କଣ ତାକୁ ଟାଣି ଧରିଥିଲା ? ସେ କଣ ଚାଲିଯାଇ ପାରନ୍ତା ନାହିଁ ? ସେ ଭୟବିହ୍ୱଳ ସ୍ୱରରେ କହିଲା, "କାଲେ କିଏସେ ଚାହୁଁଥିବ ।"

ଆଗକୁ ପାଦ ବଢ଼ାଇଲା କାରୁତାମ୍ମା । କିନ୍ତୁ ଶୁଣିଲା ପାରିକୁଟ୍ଟୀ ତାକୁ ଡାକୁଛି— "କାରୁତାମ୍ମା ।"

ସେ ଡାକରେ, ସେ ସ୍ୱରରେ ଗୋଟାଏ ଅସାଧାରଣ ମାଦକତା ପୂରିରହିଥିଲା । ତାର କାନରେ, ତାର ପ୍ରାଣରେ ଖେଳିଗଲା ଏକ ଅପୂର୍ବ ଅନୁଭୂତି । କାରୁତାମ୍ମା ଠିଆହୋଇଗଲା । ସତେ ଯେପରି ତାକୁ କିଏସେ ହଠାତ୍ ଅଟକାଇଦେଲା । ସେ ଆଶା କରିଥିଲା ପାରିକୁଟ୍ଟୀ ତା ପାଖକୁ ଆସିବ; କିନ୍ତୁ ପାରିକୁଟ୍ଟୀ ତା ପାଖକୁ ଆସିଲା ନାହିଁ ।

ଉଭୟେ ଠିଆ ହୋଇ ରହିଲେ । ଏ ଭିତରେ କେତେ ଯେ ସମୟ ବିତିଗଲା କେହି ଜାଣି ପାରିଲେ ନାହିଁ ।

ସମୁଦ୍ରରେ ଝଡ଼ ଉଠିଲା ନାହିଁ । ପବନରେ ପ୍ରଖରତା ଆସିଲା ନାହିଁ । ବରଂ ହସିଉଠିଲା

Digitized by srujanika@gmail.com

ସମୁଦ୍ର । ଅଳସ ନର୍ତ୍ତନ ଭିତରେ ନୀଳକୁଞ୍ଚିତ ତରଙ୍ଗମାଳା ଗୋଟି ଗୋଟି ହୋଇ ବିଲୀନ ହୋଇଗଲେ ଏକ ଶୁକ୍ଳ ଫେନିଳ ରାଜ୍ୟରେ । ସମୁଦ୍ରର ବେଳାଭୂମିରେ ଏ ମଧୁର ପ୍ରଣୟ-ଲୀଳା କିଛି ନୂତନ ନୁହେଁ ।

ପାରିକୁଟ୍ଟୀର ସମସ୍ତ ଆଶା-ଆକାଂକ୍ଷା ଗୋଟିଏ ମାତ୍ର ପ୍ରଶ୍ନରେ ରୂପାୟିତ ହୋଇ ବାହାରି ପଡ଼ିଲା—"କାରୁତାମ୍ମା, ତୁ ମତେ ଭଲପାଉ ?"

ତାର ଅଜ୍ଞାତସାରରେ କାରୁତାମ୍ମା ମୁହଁରୁ ଉତ୍ତର ବାହାରି ଆସିଲା—"ହଁ ।"

"କେବଳ ମତେ ହିଁ ?"

"ହଁ, କେବଳ ତୁମକୁ ।"

ଚେତନା ଫେରିପାଇ ନିଜ ମୁହଁରୁ ବାହାରି ଆସିଥିବା କଥାର ପୂର୍ଣ୍ଣ ଅର୍ଥ ଉପଲବ୍ଧି କଲା କାରୁତାମ୍ମା । ସେ ନିଜ କଣ୍ଠ ସ୍ୱରରେ ନିଜେ ବଜ୍ରାହତ ପରି ଥରିଉଠିଲା । ସେ ପାରିକୁଟ୍ଟୀର ମୁହଁକୁ ଚାହିଁଲା । ପାରିକୁଟ୍ଟୀ ଚାହିଁ ଥିଲା ତାକୁ । ଚାରିଆଖି ଏକ ହୋଇଗଲା । ଯାହା କିଛି କହିବାର ଥିଲା ସବୁ କୁହା ସରିଥିଲା । ପରସ୍ପର ନିକଟରେ ନିଜନିଜର ହୃଦୟ ଖୋଲି ଦେଇଥିଲେ ଦୁହେଁ ।

କାରୁତାମ୍ମା ଚାଲିଗଲା ତାର ଚଲାପଥରେ ।

ପାଞ୍ଚ

ତା ପରଦିନ ପାହାନ୍ତିଆ ବେଳକୁ ଗାଁ ର* ପ୍ରାୟ ସମସ୍ତେ ଆସି ସମୁଦ୍ରକୂଳରେ ଜୁଣ୍ଡ ହୋଇଗଲେ । ସେଦିନ ଚେମ୍ପନ କୁଞ୍ଜୁର ଡଙ୍ଗା ଅନୁକୂଳ ହୋଇ ସମୁଦ୍ରକୁ ଯିବ । ଯେଉଁଦିନ କୌଣସି ନୂଆ ଡଙ୍ଗାର ଅନୁକୂଳ ହୁଏ, ସେଦିନ ସମୁଦ୍ରକୂଳରେ ସବୁ ଡଙ୍ଗା ଏକ ସଙ୍ଗରେ ଯାତ୍ରାରମ୍ଭ କରନ୍ତି । ଏ ଗୋଟିଏ ପ୍ରାଚୀନ ପ୍ରଥା । ଚକ୍କି, କାରୁତାମ୍ମା ଓ ପଞ୍ଚମୀ ଆସି କୂଳରେ ଠିଆହୋଇଥାନ୍ତି । ପଞ୍ଚମୀ କାରୁତାମ୍ମାକୁ ଠାରିକରି ଦେଖାଇଦେଲା; ଟିକିଏ ଦୂରରେ ପାରିକୁଟ୍ଟୀ ଠିଆହୋଇଛି । କାରୁତାମ୍ମା ପଞ୍ଚମୀକୁ ଚିମୁଟି ଦେଇ ଚୁପ୍ ରହିବାକୁ ଇଙ୍ଗିତ ଦେଲା ।

---

* ମାଛଧରା ଡଙ୍ଗା ସବୁ ଖୁବ୍ ପାହାନ୍ତିଆରୁ, ସୂର୍ଯ୍ୟୋଦୟର ପ୍ରାୟ ତିନିଘଣ୍ଟା ପୂର୍ବରୁ ସମୁଦ୍ରକୁ ଯାଆନ୍ତି ।

Digitized by srujanika@gmail.com

ଅନ୍ଧାର ହେଲେହେଲେ କୂଳକୁ ଆସିଥାନ୍ତି । ବୁଢ଼ା ରାମାନ ମୁପ୍ପାନ୍ ସେମାନଙ୍କୁ ଡାକ ପକାଇଲା । ଆୟ୍ୟାନ କୁଞ୍ଜୁ ସେମାନଙ୍କୁ ଦେଖାଇ ଦେଖାଇ ଗାଳିଗୁଲଜ ଆରମ୍ଭ କରିଦେଲା—"ହଇରେ ହେ: ତେମେ ଜାଣିଚ, ଆଜି ଗୋଟେ ଡଙ୍ଗା ଅନୁକୂଳ ହବ, କୋଉ ବଡ଼ଲୋକୀ ଦେଖେଇ ଏମେତେ ଡେରି କରୁଚ କିରେ ?"

ଯେଉଁମାନେ ଚେମ୍ପନ କୁଞ୍ଜୁ ଡଙ୍ଗାରେ କାମ କରିବା କଥା ସେମାନେ ଠିକ୍ ସମୟରେ ଆସି ଡଙ୍ଗା ପାଖରେ ଠିଆହୋଇଥାନ୍ତି । ମଛୁଆଳୀ ସବୁବେଳେ ଯେଉଁ ଗୀତଟି ଗାଏ ସେମାନଙ୍କ ଭିତରୁ ଜଣେ ସେହି ଗୀତଟି ଗାଇଲା । ପ୍ରକୃତରେ ବଡ଼ ମର୍ମସ୍ପର୍ଶୀ ଗୀତଟିଏ ।

ସମୁଦ୍ର କୂଳେ କୂଳେ ପୂର୍ବଦିଗରେ ଲମ୍ବିଯାଇଛି ଧାଡ଼ି ଧାଡ଼ି ନଡ଼ିଆ ଗଛ । ଡେଙ୍ଗା ନଡ଼ିଆ ଗଛର ବରଡ଼ାଗହଳ ଭିତରୁ ଉର୍କି ମାରିଲେ ଚନ୍ଦ୍ର—ଚେମ୍ପନ କୁଞ୍ଜୁର ଡଙ୍ଗା କେତେବେଳେ ଅନୁକୂଳ ହୋଇ ସମୁଦ୍ର ଭିତରେ ପଶିବ ତାହା ଦେଖିବା ପାଇଁ ବୋଧହୁଏ ସମୁଦ୍ରର ଚେହେରା ଦେଖି ମନେହେଉଥିଲା ଦରିଆ ଠାକୁରାଣୀ ଖୁସି ମନରେ ଅଛନ୍ତି । କେଉଟମାନେ ଯେ ଯାହା ଡଙ୍ଗା ପାଖରେ ରୁଣ୍ଡ ହୋଇଥାନ୍ତି । ଚେମ୍ପନ କୁଞ୍ଜୁର ଡଙ୍ଗା ପ୍ରଥମେ ବାହାରିବା କଥା । ଆୟ୍ୟାନ କୁଞ୍ଜୁ ଗୋଟିଏ ହର୍ଷଧ୍ୱନି ଆରମ୍ଭ କଲା । ଅନ୍ୟମାନେ ତା ସହିତ ତାଳ ଧରିଲେ । ଲୋକକୋଳାହଳ ଓ ଆନନ୍ଦଧ୍ୱନିରେ ସମୁଦ୍ରର ବେଳାଭୂମି ମୁଖରିତ ହୋଇଉଠିଲା ।

ରାମାନ୍ ମୁପାନ୍ର ପାଟି ଶୁଭିଲା, "ଆରେ, ଏଥର ବଡ଼ ଆହୁଲା ଧରରେ···, ଏ ଚେମ୍ପନ କୁଞ୍ଜୁ ।"

ଚେମ୍ପନ କୁଞ୍ଜୁ ଆହୁଲା ନେଇ ମୁଣ୍ଡରେ ଲଗାଇଲା । ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଏକ ନୀରବ ପ୍ରାର୍ଥନା ଜଣାଇଲା । ମାଝିମାନେ ଏକସଙ୍ଗରେ ହାତ ଲଗାଇ ଡଙ୍ଗାଟିକୁ ଠେଲି ନେଇଗଲେ ପାଣି ଭିତରକୁ । ଡଙ୍ଗାଟା ବାଲି ଉପରେ ଘଷି ହୋଇ ହୋଇ ଶେଷକୁ ଭାଙ୍ଗି ପଡ଼ୁଥିବା ଢେଉ ଉପରେ ଭାସିଉଠିଲା । ଚକ୍କୀ ଓ କାରୁତାମ୍ମା ଆଖି ବୁଜି ଯୋଡ଼ହସ୍ତରେ ଠିଆହୋଇଥାନ୍ତି । ସେମାନେ ଆଖି ଖୋଲିବା ବେଳକୁ ଡଙ୍ଗା କେତେଣ ଢେଉର ତାଳେ ତାଳେ ନାଚ ନାଚ ଏକ ଲଳିତ ମନ୍ଥର ଗତିରେ ଚାଲିଥାଏ ପଶ୍ଚିମମୁଖୀ ହୋଇ ।

ଡଙ୍ଗାର ଗତିପଥରୁ ଭବିଷ୍ୟତର ଶୁଭାଶୁଭ ଲକ୍ଷଣ ଜଣାପଡ଼େ; କେଉଟ କୁଳର ଏପରି ଗୋଟିଏ ପ୍ରାଚୀନ ବିଶ୍ୱାସ ରହିଆସିଛି । ରାମାନ୍ ମୁପ୍ପାନ ଓ ଆୟ୍ୟାନ କୁଞ୍ଜୁ କୂଳରେ ଠିଆ-ହୋଇ ଡଙ୍ଗାର ଗତି ନିର୍ଣ୍ଣୟ କରିବାକୁ ଲାଗିଲେ ।

ରାମାନ୍ ମୁପାନ୍ ପଚାରିଲା, "କିରେ ଆୟ୍ୟାନ କୁଞ୍ଜୁ, ଡଙ୍ଗାଟା କେଉଁ ଆଡ଼କୁ ଯାଉଛି, କହିଲୁ ?"

"ସିଧା ପଶ୍ଚିମକୁ ମୁହେଁଇଛି କି ?" ଆୟ୍ୟାନ କୁଞ୍ଜୁ କହିଲା ।

"ହଁ ହେ, ଟିକିଏ ଦକ୍ଷିଣା ମୋଡ଼ ହେଲାପରି ଲାଗୁଛି ।"

Digitized by srujanika@gmail.com

ଚକ୍କୀ ଆସି ସେମାନଙ୍କ ପାଖରେ ଠିଆହେଲା । ଆଖିରେ ତାର ଜିଜ୍ଞାସା । ସେମାନଙ୍କର ମତ ଜାଣିବା ପାଇଁ ଆଗ୍ରହ ଦେଖାଇ ଚକ୍କୀ ପଚାରିଲା ।

“ତେମେ କଣ ଦେଖୁଛ, ଆସ୍ଥାନ କୁଞ୍ଜୁ, ଶୁଭ ଲକ୍ଷଣ ମିଳୁଛି କି ?”

ଆସ୍ଥାନ କୁଞ୍ଜୁ ସର୍ବଜାଣ ପରି କହିଲା, “ଶୁଭ କଥା ଆଉ କାହିଁକି ପଚାରୁଛୁ, ଚକ୍କୀ, ଷୋଳଣା ଶୁଭ । ଅଭାବ ବୋଲି କେବେ ପଡ଼ିବନି ଜାଣିଥା ।”

ଠାକୁରାଣୀଙ୍କୁ ସ୍ମରଣ କରି ଚକ୍କୀ ଦୁଇହାତ ଯୋଡ଼ି ମୁଣ୍ଡ ନୁଆଁଇଦେଲା । ସର୍ବମଙ୍ଗଳା, ସର୍ବଶକ୍ତିମୟୀ ମା ଦରିଆ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ସେ ପ୍ରାର୍ଥନା କରିବାକୁ ଲାଗିଲା । ଡଙ୍ଗା ତେଣେ ଛୁଟି ଚାଲିଥାଏ; ଲକ୍ଷ୍ୟ କରି ସଫଳକାମ ହେବାରେ ସତେ ଯେପରି ମଝି ଦରିଆକୁ ତାର କୌଣସି ସନ୍ଦେହ ନାହିଁ ।

“ଆମ ଡଙ୍ଗାଟା ବଡ଼ ଉଛଳ ହେଇଛି, ନାଇଁ ଲୋ, ମାଆ ?”—କାରୁତାମ୍ମା ପଚାରିଲା ।

ସମୁଦ୍ର ଉପରୁ ଆଖି ଫେରାଇ ନେଇ ଚକ୍କୀ କହିଲା, “ଆମ ଡଙ୍ଗାଟି ଗୋଟେ ଅଲଗା ଗଢଣର, ତା ମେଁତେ ସିଏ ।”

ଆଖି ତେଣେ ସମୁଦ୍ର ଉପରଟାଯାକ ଖୋଜିବୁଲୁଥାଏ ।

ଆସ୍ଥାନ କୁଞ୍ଜୁ କହିଲା, “ଆଲୋ ଚକ୍କୀ, ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ତେମେ ସିନା ଖାଲି ଡଙ୍ଗାଟା କିଣି ଆଣିଲ, ହେଲେ କୋଉଠିକା ଡଙ୍ଗା ସେଇଟା, ଜାଣିଛକି ? କୋଉ ଦରିଆକୂଳେ ହେଲେ ଆଦେରେ ଲକ୍ଷଣବନ୍ତ ଡଙ୍ଗାଖଣ୍ଡେ ନ ଥିବ ମ, ଜାଣିଛୁ ? ଭାରି କପାଳିଆ ଡଙ୍ଗା ଖଣ୍ଡେ । ଖାଲି ଏଇଟା ନୁହଁ ବା, ପାଲ୍ଲିକୁନ୍ନାଥ କାଣ୍ଡାନ୍ କୋରନ୍‌ର ସବୁ ଜିନିଷ ଏମିତେ । ତା ମାଇକିନା ଖଣ୍ଡିକ ? ସୁନାରେ ତିଆରିବୁ ପରି, ସେମିତେକା ରୂପ ତାର ! ହେଁ ! ଆଉ ତା ଘରଖଣ୍ଡିକ ? ସବୁ ତ । ଏବେ ତା ଡଙ୍ଗା ଆସି ତମ ହାତେରେ । ତମ କପାଳ ଖୋଲିଗଲା ଲୋ ଚକ୍କୀ, ତମ କପାଳ ଖୋଲିଗଲା ।”

ଗୋଟି ଗୋଟି ହୋଇ ସବୁ ଡଙ୍ଗା ସମୁଦ୍ର ଭିତରକୁ ଚାଲିଗଲେ । ସେତେବେଳକୁ ଚକ୍କୀ, ତା ଦୁଇ ଝିଅ ଓ ପାରିକୁଟ୍ଟୀ ବ୍ୟତୀତ କୂଳରେ ଅନ୍ୟ କେହି ନ ଥିଲେ । ଶୀତଳ ପବନର ପରଶରେ ପାରିକୁଟ୍ଟୀର ଦେହ ଟିକିଏ ଶୀତେଇ ଉଠିଲା । ସେ ଧୀରେ ଧୀରେ ଚକ୍କୀ ପାଖକୁ ଚାଲିଗଲା । କାରୁତାମ୍ମା ଟିକିଏ ଦୂରକୁ ଘୁଞ୍ଚିଯାଇ ମା' ପଛରେ ଠିଆହେଲା । କିନ୍ତୁ ପଞ୍ଚମୀ ନିଜ ଜାଗାରେ ଠିଆ ହୋଇ ପାରିକୁଟ୍ଟୀର ମୁହଁକୁ ବଲବଲ କରି ଚାହିଁରହିଲା ।

ପାରିକୁଟ୍ଟୀ ସେହି ପୁରୁଣା ପ୍ରଶ୍ନଟି ପଚାରିଲା—ଏଥର କିନ୍ତୁ ମାଆକୁ । ଥଟ୍ଟାରେ ହେଉ, ସତରେ ହେଉ; ଯେତେବେଳେ ସେ ପଚାରେ, ବୋଧହୁଏ ଏହି ପ୍ରଶ୍ନଟି ହିଁ ପଚାରେ—

“ମତେ ମାଛ ଦବକି ?”

“ହଁ ବାପ, ତମକୁ ବିକିବୁନି ତ ଆଉ ବିକିବୁ କାହାକୁ ?”—ଚକ୍କୀ କହିଲା ।

ସେ ପ୍ରଶ୍ନ ଭିତରେ ଯେଉଁ ତାତ୍ପର୍ଯ୍ୟ ଲୁଚି ରହିଥିଲା ତାହା ଚକ୍କୀ ବୁଝି ପାରିଲା ନାହିଁ ।

Digitized by srujanika@gmail.com

ଚ୍ଚକ୍କୀ ବି ତାହା କଦାପି ବୁଝି ପାରନ୍ତା ନାହିଁ । ପ୍ରଶ୍ନଟା ତ ଏକ ସାଧାରଣ ପ୍ରଶ୍ନ । କିନ୍ତୁ ତା'ଭିତରେ ଲୁଚି ରହିଥିଲା ଏକ ଅକଳନ୍ତ ଭାବଭଣ୍ଡାର ।

ତା ମାଆ ପଛରେ ଠିଆହୋଇଥିଲା କାରୁତାମ୍ମା । କହିଲା, "ମା, ମତେ ଶୀତ ହେଉଛି ।"

ଡଙ୍ଗା ଯିବାର ଆଜି ଅନୁକୂଳ ଦିନଟା । ଆଜି ପରି ଦିନରେ ପାଶକୁଟ୍ଟୀ ସହିତ ଦି'ପଦ କଥା ନହୋଇ ଚ୍ଚକ୍କୀ ଚାଲିଯାଇ ପାରିଲା ନାହିଁ ।

"ବାପ, ତମରି ଧରମରୁ ଡଙ୍ଗା ଖଣ୍ଡିକ ଆଜି ଅନୁକୂଳ ହେଲା । ନ ହେଲେ ଜମା ହୋଇ ପାରନ୍ତା ନାହିଁ ।"—ସେ କହିଲା ।

ପାଶକୁଟ୍ଟୀ କୌଣସି ଉତ୍ତର ଦେଇ ପାରିଲା ନାହିଁ । ମାଆର ଏ କୃତଜ୍ଞତାସୂଚକ କଥା ଦୁଇପଦ ଶୁଣି, କାରୁତାମ୍ମା ଖୁବ ଖୁସିହେଲା ।

"ଚାକିରି ସରିଲେ, ତମ ଟଙ୍କା ତମକୁ ଫେରେଇ ଦବୁ, ବାପା ।"—ଚ୍ଚକ୍କୀ କହିଲା ।

"ନାହିଁ, ଟଙ୍କାରେ କଣ ଅଛି—ମୁଁ ଟଙ୍କା ଚାହେଁନା ।"

"ଚାହୁଁନ ? ଇଏ କି କଥା କହୁ ମା ?"

"ଟଙ୍କା ତମେ ଫେରେଇ ଦବ—ଏକଥା ମୁଁ କେବେ ଚାହିଁନଥିଲି ।"

ଚ୍ଚକ୍କୀ ଏ ଉକ୍ତିରୁ କିଛି ବୁଝି ନପାରିଲେ ବି କାରୁତାମ୍ମା ଏହାର ମର୍ମ ଉପଲବ୍ଧି କରି ଉଲ୍ଲସି ଉଠିଲା । କିନ୍ତୁ ସେହି ମୁହୂର୍ତ୍ତରେ ଚ୍ଚକ୍କୀ ମନରେ ଗୋଟିଏ ସନ୍ଦେହର ଛାୟା ଖେଳିଗଲା ।

"ଇମିତି କଣ କହୁଛ, ବାପ ?"

"ନା ! ମୁଁ ଟଙ୍କା ଫେରାଇ ନେବାକୁ ଚାହେଁନା ।"—ଟିକିଏ ଦୃଢ଼ କଣ୍ଠରେ ପାଶକୁଟ୍ଟୀ କହିଲା, "ଡଙ୍ଗା ଓ ଜାଲ କିଣିବା ଲାଗି କାରୁତାମ୍ମା ମତେ ଟଙ୍କା ମାଗୁଥିଲା, ମୁଁ ଦେଲି । ଆଉ ଫେରେଇ ନେବି ନାହିଁ ।"

କ୍ଷଣକ ଲାଗି କାରୁତାମ୍ମାର ଆଖି ଅନ୍ଧାର ହୋଇଗଲା । ତାର ମନେହେଲା ତାର ମୁଣ୍ଡଟା ଚକ୍କର ଖାଇ ଘୂରୁଛି ।

ଚ୍ଚକ୍କୀ ଟିକିଏ ରାଗିଯାଇ କହିଲା, "ତେମେ କାହିଁକି କାରୁତାମ୍ମାକୁ ଟଙ୍କା ଦବ ? ସିଏ ତମର କିଏ କି ?" ଆହୁରି ଟିକିଏ ଗଳା ଚଢ଼ାଇ ସେ କହି ଚାଲିଲା, "ନା, ନା ସେକଥା ହୋଇ ପାରିବ ନାହିଁ । ଆମର ସିମିତି ଟଙ୍କା ଲୋଡ଼ା ନାହିଁ । ତମ ଟଙ୍କା ତମକୁ ଫେରେଇ ନେବାକୁ ପଡ଼ିବ ।"

ପାଶକୁଟ୍ଟୀ ଉପଲବ୍ଧି କଲା, ଚ୍ଚକ୍କୀ କଥାଟାକୁ ଗୁରୁତ୍ୱ ଦେଇ କହୁଛି । ମାଆ ଯେପରି ପୁଅକୁ ଉପଦେଶ ଦିଏ ଠିକ୍ ସେପରି ଭାବରେ ଚ୍ଚକ୍କୀ କହିଲା, "ମୋ ବାପଟା ପରି, ଶୁଣ କହୁଛି । ଆମେ ହେଲୁ କେଉଟକୁଳର ଲୋକ । ତେମେ ଆମ କୁଳର ନୁହଁ, ଯେତେବେଳେ ପିଲା ହୋଇଥିଲ, ସେତେବେଳେ କାରୁତାମ୍ମା ଆଉ ତେମେ ସମୁଦ୍ରକୂଳରେ ଖେଳ

Digitized by srujanika@gmail.com

ଭୁଲୁଥିଲା । ସେଦିନ କେବଠୁ ମଣିଷ ଲୋଡ଼ିଣି । ଆମେ ଭଲ ଘର ଦେଖି ଜେଉଟ କୁଳରେ ତାକୁ ବାହା ଦେଇଦବୁ । ତେମେ ..ଆମ କୁଳର ଭଲଟୁଅଟିଏ ଦେଖି ବାହା ହୋଇପଡ଼ିବ ।"

"ତେମେ ବଦ୍ଧିକ ଢେଙ୍କି ପିଲା !"—ଟିକିଏ ରହି ଚକ୍କୀ ପୁଣି କହି ବସିଲା, "ତେମେ ବୁଝି ପାରୁନାହଁ । ତାଆ ପଡ଼ୋଶିକାଠା ଭାଗ କ୍ରମିନ । ଏବେ ଆମେ ଏଇଠି ଯୋଉଁ ବିପଦ କଥା ହେଉଛୁଯେଉଁ, ସେସବୁ ଯଦି ତାଙ୍କ କାନରେ ପଡ଼ିଯିବ, ତେବେ ବାରକଥା ଉଠିବ । ହେଉ ଚୁକ୍କି ନା, ଯାଆଉଛେ ପରୀ ଆଡ଼ିମାନେ ଅଛନ୍ତି ।"

ଦୁଇ ଝିଅଙ୍କୁ ନେଇ ଘରକୁ ଫେରିବାକୁ ଚୋଡ଼ି କାଢ଼ୁଥିଲା ଚକ୍କୀ; କିନ୍ତୁ ଅଟକି ଯାଇ ପାରିଲୁଛୀ ଆଡ଼କୁ ମୁହାଁଇଲା ।

ସ୍ନେହବୋଳା କଣ୍ଠରେ ଚକ୍କୀ କହିଲା, "ଭୁଝିଲ ବାପ, ମୋ କଥା ଶୁଣ । ଟଙ୍କାଟାକୁ ଫେରେଇନବ ।"

ଆଗରେ ଆଗରେ ଚାଲିଲା ଚାକ୍କୀ ! ପଛରେ ଚାଲିଲେ କାରୁତାମ୍ମା ଓ ପଞ୍ଚମୀ । ସେମାନଙ୍କ ଯିବାବାଟକୁ ଚାହିଁ ଠିଆ ହୋଇ ରହିଲା ପାରିକୁଟୀ ।

× × ×

ସୂର୍ଯ୍ୟ ଉଇଁବାବେଳକୁ ଦୁଇ ଝିଅଙ୍କୁ ନେଇ ଚକ୍କୀ ପୁଣି ଚାଲିଗଲା ସମୁଦ୍ରକୂଳକୁ । ସେତେବେଳକୁ ସବୁ ଡଙ୍ଗା ଯାଇ ଦରିଆ ମଝିରେ ହେଲେଣି । ଗତିବିଧିରୁ ଜଣାପଡ଼ୁଥିଲା ସେଦିନ ଖୁବ୍ ଭଲ ମାଛ ପଡ଼ିବ ।

"ଆଚ୍ଛା ମାଆ, ଆଜି କି ମାଛ ପଡ଼ିବ କହିଲୁ ?" କାରୁତାମ୍ମା ପଚାରିଲା ।

"ଯିମିତି ଦେଖାଯାଉଚି, ଆଜି ପୋଡ଼ିଲା ପଡ଼ିବେ ।"

ଖୁସି ହୋଇ କାରୁତାମ୍ମା କହିପକାଇଲା, "ତାହେଲେ ମୂଳରୁ ହିଁ ଆମେ ଭଲ ମାଲ ପାଇବା ।"

"ସବୁ ସେଇ ଦରିଆ ଠାକୁରାଣୀଙ୍କ ଦୟା ଲୋ ମାଆ ।"

ମାଆଙ୍କଠାରୁ କିଛି ଗୋଟାଏ ଅନୁଗ୍ରହ ପାଇବା ଲାଗି ଛୁଆ ପିଲାଏ ଯେପରି କହିଁ ଲେଇ ଫୁସୁଲେଇ କଥା କହନ୍ତି, ଠିକ୍ ସେହି ଭଙ୍ଗୀରେ କାରୁତାମ୍ମା କହିଲା, ମା' ମ, ଆଜି ଆମର ଯାହା ମାଛ ପଡ଼ିବ, ସବୁ କୋଚୁମୁତାଲାଳୀଙ୍କି ବିକିଦେବା, ଏଁ ।"

ଚକ୍କୀର ଏଥିରେ କ୍ରୋଧ ହେଲା ନାହିଁ । କୋଚୁମୁତାଲାଳୀ ତାର କଣ ହେବ, ସେ ଏକଥା ପଚାରିଲା ନାହିଁ । ଚକ୍କୀର ବି ସେହି ମତ—ମାଛତକ କୋଚୁମୁତାଲାଳୀଙ୍କୁ ଦେବା । କିନ୍ତୁ ସେ ଗୋଟିଏ ଆଶଙ୍କା କଲା ।

କହିଲା, "କିନ୍ତୁ ମା ଲୋ, ତୋର ଯୋଉ ବାପଖଣ୍ଡିକ, ସେ କଣ ଏକଥା କରିବ ? ମତେ ପରତେ ଆସୁନି ।"

ବାପାଙ୍କୁ ହାତ କରିବା ଲାଗି କାରୁତାମ୍ମା ଏକ ଉପାୟ ବାହାର କଲା । ମା'କୁ କହିଲା—

Digitized by srujanika@gmail.com

ତାଙ୍କ ଜାଲକୁ ଆମ୍, ଆମ୍, ଆମେ ଯାଇ ତାଙ୍କ ଆଗରେ ଠିଆହୋଇଯିବା । ତୁ ବାପାଙ୍କୁ କହିବୁ, ଆଜିର ମାଛତକ କୋଚୁ ମୁତାଲାଲ୍ଙ୍କୁ ଦିଅ । ସେତକ ତତେ କହିବାକୁ ପଡ଼ିବ ।"

ଗୃକ୍କୀ ଏଥିରେ ରାଜି ହେଲା । ଏଇଟା କିନ୍ତୁ ସାମାନ୍ୟ ବିଷୟ ନୁହେଁ । ନିଶ୍ଚୟ କରିବାକୁ ପଡ଼ିବ ।

କିନ୍ତୁ ସେଣେ ଆଉ ଏକ ସମସ୍ୟା ଉପୁଜିଲା । ନାଲ୍ଲା ପେନ୍ନ୍, କାଳୀ କୁଞ୍ଜୁ, କୁଞ୍ଜି ପେନ୍ନ୍ ଓ ଲକ୍ଷ୍ମୀ ଆସି ଗୋଟିଏ ଓଳିର କରି ବସିଲେ । ଏ ସମସ୍ତେ ହେଲେ ସାହିପଡ଼ିଶା ଲୋକ । ସେମାନେ ପଚାରିବସିଲେ, ଆଜିର ମାଛ ଖେପାକ ଏକାସଙ୍ଗେ ବଡ଼ ବେପାରୀଙ୍କୁ ବିକି ଦବ ନା ଭାଗଭାଗ କରି କେଉଟୁଣୀମାନଙ୍କୁ ବିକିବ ? ବଡ଼ ବେପାରୀଙ୍କୁ ଏକା ସଙ୍ଗେ ସବୁ ମାଛ ବିକି ଦେବା ସେଠାର ସମୁଦ୍ରକୂଳର ଗୋଟିଏ ଅଭ୍ୟାସ ହୋଇଗଲାଣି; କିନ୍ତୁ ଫଳରେ ପୂର୍ବ ଅଞ୍ଚଳରେ ବୁଲାଇ ବିକିବା ଲାଗି ଯେଉଁ କେଉଟୁଣୀମାନେ ମାଛ ନିଅନ୍ତି ସେମାନଙ୍କୁ ବଡ଼ ବେପାରୀଙ୍କ ମରଜି ଉପରେ ନିର୍ଭର କରିବାକୁ ପଡ଼େ ।

"ଆଲୋ ଗୃକ୍କୀ କଣ ଜାଣିନି, ଆମେ ଅଧିକ କବା କହିବା ?"—କୁଞ୍ଜି ପେନ୍ନ୍ କହିଲା ।

କେଉଟୁଣୀମାନଙ୍କ ସମସ୍ୟା ଯେ କଣ, ସେ କଥା ଗୃକ୍କୀ ଜାଣେ । ବେପାରୀଙ୍କଠାରୁ ମାଛ କିଣି ବୁଲେଇ ବିକିଲେ ଲାଭବୋଲି ଯାହା ମିଳେ ତାହା କୋଉଥିକି ନୁହେଁ । ବେପାରୀ ଯେଉଁ ଦର ହାଙ୍କିବ କେଉଟୁଣୀ ବିଚାରୀ ସେହି ଦର ଦେବାକୁ ବାଧ୍ୟ । ତା ଉପରେ ପୁଣି ଗାଳିଫଜିତ ରହିଛି ।

"ହେଲେ ମୋ ହାତରେ କଣ ଅଛି କହ ?" ଗୃକ୍କୀ ପଚାରିଲା ।

"ମଛା ଯା ! ଆଲୋ, ତୋ ଖେପାକ ତୁ କେଉଟୁଣୀଙ୍କି ବିକିବା ପେଇଁ ଦେଇ ଦେ ।"
—କଥାଟା ଉପରେ ଜୋର୍ ଦେଇ ନାଲ୍ଲା ପେନ୍ନ୍ କହିଲା ।

କଣ କହିବ କିଛି ବୁଝିପାରିଲା ନାହିଁ ଗୃକ୍କୀ । ସେମାନେ ସାହିପଡ଼ିଶାଲୋକ । ଯାହା କହୁଛନ୍ତି ସବୁ ସତ । ତଥାପି, ସେ କୌଣସି କଥା ଦେଇ ପାରିଲା ନାହିଁ । ଚେମ୍ପନ କୁଞ୍ଜୁ ରାଜି ହେବ କି ନାହିଁ, କହି ହେଉନାହିଁ । ତେଣେ ପାରିକୁଟ୍ଟୀ ଆଗରୁ ମାଛ ମାଗି ସାରିଛି । କିନ୍ତୁ ସେ କଥା ଏବେ ଅନ୍ୟମାନଙ୍କୁ କହିଦେବ କିପରି ?

"ମଲା, ରୁନ୍‌ଟା ହୋଇଗଲୁ କାହିଁକି ବା ? ଆଲୋ, କହୁନୁ ଗୃକ୍କୀ ?" କାଳୀ କୁଞ୍ଜୁ ପଚାରିଲା, "ଚେମ୍ପନ କୁଞ୍ଜୁ ରାଜି ହବନି ବୋଲି ତୁ ଭାବୁଚୁ କି ଲୋ ? କାହିଁକି ବା, ଟାଣ କରି ବାପକୁ କହିଦବୁ । ମୁଣ୍ଡରେ ମାଛ ବୋଝ ଧରି ପୂରୁବ ଗାଁଟାକ ବୁଲେଇ ବିକି ବିକି ଯୋଉ ପଇସା କମେଇ ଥେଲୁ, ସେଇ ପଇସା ଦେଇ ତାଙ୍କ ଜାଲ୍ କିଣେଇଛୁଟି ?"

ଗୃକ୍କୀ କହିଲା, "ସେ କଥା ସତ ।"

ଲକ୍ଷ୍ମୀ ପଚାରିଲା, "ହଁ ଆଲୋ; ତୁ କଣ ଆଉ ଆମ ସାଙ୍ଗରେ ପୂରୁବକୁ ମାଛ ବିକିବାକୁ ଯିବୁ ଯେ ପଚାରୁଛୁ !"

"ଆଲୋ, ସେ କଥା କାହିଁକି ପଚାରୁଛ ? ତେଙ୍କି ସରଗକୁ ଗଲେ ବି ଧାନ କୁଟିବ ।"

Digitized by srujanika@gmail.com

ଖଣ୍ଡେ କାହିଁକି, ଦଶଖଣ୍ଡ ଡଙ୍ଗା ହେଲେ ବି ମୁଁ ମୋହ ଗୃହିଣୀ କ ସେଇ ଗୃହିଣୀ ହୋଇ ରହିବ ମୋ; ସେଇ ଗୃହିଣୀ ହୋଇ ରହିବ ।"

ଅନୁନୟ କରିବା ଭଙ୍ଗୀରେ ଲକ୍ଷ୍ମୀ କହିଲା, "ଶୁଣ ଅନ୍ତୁ, ମୁଁ ସେ କଥା କହୁନି ମ । ତୁ ବଦଳିଗଲୁଣି ବୋଲି କାହିଁକି କହିବ ? ମୁଁ କହୁଥିଲି ଆମ ଭିତରେ ଭାଗେ ଭାଗେ ବିକିବା ପେଇଁ ଆଜି ଖେପାକୁ ମାଛ ଗଣ୍ଡେ ତୁ ଆଣିପାରନ୍ତୁ କି··· ?"

"ଆହା କାହିଁକି କହୁଛୁ । ମୁଁ କଣ ବୁଝିପାରୁନି ? ହେଲେ; ମୋର ସେ ଯେଉଁ ମିଣିପ ଖଣ୍ଡିକ ସେ ଗାଳି ହେବ କି ନାହିଁ କିଏ କହିବ ?"—ନିଜର ଅସହାୟ ଅବସ୍ଥାକୁ ସ୍ପଷ୍ଟ କରିଦେଲା ଗୃହିଣୀ ।

କାଳୀ କୃଞ୍ଜ କାରୁଣାମ୍ମାକୁ ବି କହିଲା—"ମାଆଟା ପରି, ତୁ ଟିକିଏ ବାପାଙ୍କୁ କହିବୁ ।"

କାରୁଣାମ୍ମା ସଫା ସଫା ମନାକରିଦେଲା, "ମୁଁ କହିବ ନାହିଁ ।"

କିନ୍ତୁ ପଞ୍ଚମୀ କଥା ଦେଲା ସେ ବାପାଙ୍କୁ ଏକଥା କହିବ, କାରଣ ତାର ବି ଦି'ଟା ମାଛ ଦରକାର । ସେ ଭାବିଥାଏ ଡଙ୍ଗା ଆସି ଲାଗୁ ଲାଗୁ ସେ ଟୋକେଇଏ ମାଛ ନେଇ ଆସିବ । ଶୁଖୁଆ କରି ସାଇତି ରଖିବ । ପ୍ରତିଦିନ ଏଇଆ କରିବ ବୋଲି ସେ ତାର ଏକ ଯୋଜନା ଗଢ଼ି ରଖିଥାଏ । କିନ୍ତୁ ଯଦି ବେପାରୀମାନେ ମାଛ କିଣି ନେବେ ତେବେ ଏସବୁ କିଛି ହୋଇ ପାରିବ ନାହିଁ ।

"ହଉ, କହି—ଦେଖିବି ।"—ନାଚାର ହୋଇ ଗୃହିଣୀ କହିଲା । କିନ୍ତୁ ସେ ଜାଣେ ଯେ ଏସବୁ କିଛି କାମ ଦେବ ନାହିଁ; ଯାହା ଦେଖାଯାଉଛି, ଏ ସମସ୍ତେ ଅସନ୍ତୁଷ୍ଟ ହେବେ । ଉପହର ବେଳକୁ ଛୁଆପିଲା ଓ ଦଳଦଳ କେଉଟୁଣୀ ଆସି ଯେ ଯାହାର ଟୋକେଇ ନେଇ ଧାଡ଼ିବାନ୍ଧି ସମୁଦ୍ରକୂଳରେ ଠିଆହୋଇଗଲେ । ମାଛ ବେପାରୀ ବି ଆସି ଜମା ହୋଇଗଲେ । ତେଣେ ସମୁଦ୍ର ଭିତରେ ଦଳକୁ ଦଳ ଚିଲ ଡଙ୍ଗା ଉପରେ ଚକ୍କର ମାରୁଥାନ୍ତି । ସେଥିରୁ ସ୍ପଷ୍ଟ ଜଣାପଡ଼ିଗଲା ଏଥର ଜାଲ ଉଠାହୋଇ ଡଙ୍ଗାରେ ମାଛ ଅଜାଡ଼ା ହେଉଛି । ସମସ୍ତଙ୍କ ଭିତରେ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲା, ଆଜି କି ମାଛ ପଡ଼ିଥିବ ? ମାଛ ବେପାରୀଙ୍କ ଭିତରେ ଖାଦାର ଜଣେ ଜଣାଶୁଣା ଲୋକ । ସେ ଭାବିଲା ଆଜି ଏଣ୍ଡ୍ରେଣ୍ଡି ଚୁନାମାଛ ପଡ଼ିଥିବେ । ତେବେ ମାଛ ଯାହା ହେଉନା କାହିଁକି, ବେଶି ପରିମାଣରେ ପଡ଼ିଥିବେ । ସେଥିରେ ସନ୍ଦେହ ନାହିଁ । ହଠାତ୍ ଯୋଡ଼ିଏ ସମୁଦ୍ରଚିଲ ସମୁଦ୍ରଭିତରୁ ଉଡ଼ିଆସିଲେ । ଗୋଟିଏ ଚିଲ ଥଣ୍ଟରେ ମାଛଟାଏ ଧରିଥାଏ । ସମସ୍ତେ ଉପରକୁ ଚାହିଁଲେ ।

"ଆରେ, ମେଞ୍ଜିଆରେ ମେଞ୍ଜିଆ !"—ଏକ ସ୍ୱରରେ ସମସ୍ତେ କହିଉଠିଲେ ।

ଦରିଆଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଗୃହିଣୀ ପୁଣି ଥରେ ମୁଣ୍ଡିଆ ମାରିଲା ।

ଲହଡ଼ିର ତାଳେ ତାଳେ ନାଚ ନାଚ ଘରମୁହାଁ ହୋଇ ଡଙ୍ଗାସବୁ ଫେରିଲେ । ଆଜି ଖେପାରେ ମେଞ୍ଜିଆ ପଡ଼ିଛନ୍ତି ବୋଲି ଧୂରିଆଡ଼େ ସ୍ପଷ୍ଟ ହୋଇଯିବା ସଙ୍ଗେ ସଙ୍ଗେ, ସମୁଦ୍ର

Digitized by srujanika@gmail.com

କୂଳଟା କୋଳାହଳରେ କମ୍ପିଉଠିଲା । ନାନା ପେନ୍, କାଳୀ କୁଞ୍ଜୁ, କୁଞ୍ଜି ପେନ୍ ଓ ଲକ୍ଷ୍ମୀ ଚକ୍କୀ କାନ୍ଦରେ କାନ୍ଧେଇ ଲାଗିରହିଲେ । ପଞ୍ଚମୀ ବି ମାଆ ପାଖ ଛାଡ଼ିଲା ନାହିଁ । ସେମାନଙ୍କର ଡଙ୍ଗାଟା ଯେ କେଉଁଟା ତାହା ଚିହ୍ନିବା ଲାଗି ଚକ୍କୀ ଓ ଚାକୁତାମ୍ମା ଭିତରେ ଯୁକ୍ତିତର୍କ ଆରମ୍ଭ ହୋଇଗଲା । କିନ୍ତୁ ସେ ଡଙ୍ଗାଟା ସେ ସମସ୍ତଙ୍କ ପଛରେ ଅଛନ୍ତି, ତାହା ଜାଣିବା ପାଇଁ ବେଶି ସମୟ ଲାଗିଲା ନାହିଁ । ଲହରୀକୁ ଲହରୀ ଡେଇଁ ଡେଇଁ ଚାଲି ପରି ମାଡ଼ିଆସୁଥାଏ ଡଙ୍ଗା । ଜଣାଯାଉଥାଏ ଡ଼ଙ୍ଗାଟା ମାଛରେ ଭରପୂର ହୋଇ ରହିଛି ।

“ଆମ ଡଙ୍ଗାରେ ଜମା ହେଲେ ଆହୁଲା ଅଛି କଲେ ?”—ଅବିଶ୍ୱାସ ପ୍ରକାଶ କରି ପଞ୍ଚମୀ କହିଲା । କଥା ହେଲା ମାଝିମାନେ ଏକତାଳରେ ଆହୁଲା ପକାଉଥାନ୍ତି, କେଣ୍ଡ଼ ଆହୁଲାଗୁଡ଼ାକ ମୋଟେ ହଲେ ଆହୁଲା ପରି ଦେଖାଯାଉଥାଏ ।

ମାଲ ମାଲ ଡଙ୍ଗା ଆସି କୂଳରେ ଲଗି ନଙ୍ଗର ହୋଇଗଲା । ସେ ଏକ ଅପୂର୍ବ ଶୋଭାଯାତ୍ରା । ଆକାଶରେ ଘୂରି ବୁଲୁଥାନ୍ତି ଦଳଦଳ ସାମୁଦ୍ରିକ ପକ୍ଷୀ । ସମୁଦ୍ର ଭିତରୁ ଭାସି ଆସୁଥାଏ ଉନ୍ମାଦନାର ହର୍ଷଧ୍ୱନି ।

ସମସ୍ତଙ୍କ ପଛରେ ପକାଇ ଦେଇ ଆଗକୁ ମାଡ଼ି ଆସୁଥାଏ ଯେଉଁ ଡ଼ଙ୍ଗାଟି, ତା'ର ସ୍ୱକାମୀ ହୋଇ ଠିଆହୋଇଥାଏ ଚେମ୍ବନ କୁଞ୍ଜୁ—ଠିଆ ତ ହୋଇନଥାଏ, ନାଚୁଥାଏ; ପାଣିରେ ଅଧାଚକର ତ ଆକାଶରେ ଅଧାଚକର ମାରି ଘୂରି ବୁଲୁଥାଏ ତାର ବଡ଼ ଆହୁଲା ଏବଂ ଆହୁଲାର ତାଳେ ତାଳେ ନାଚି ଉଠୁଥାଏ ଚେମ୍ବନ କୁଞ୍ଜୁ । ବୋଧହୁଏ ତା ଗୋଡ଼ ଆଉ ତଳେ ଲାଗୁ ନ ଥାଏ । ଡଙ୍ଗାଟିକୁ ଦେଖିଲେ ବି ମନେହେଉଥାଏ ସତେ ଯେପରି ସେ ଖାଲି ଲହରୀର ଚୂଳ ଛୁଇଁ ଛୁଇଁ କୁଦାମାରି ଧାଇଁଆସୁଛି । ବାସ୍ତବିକ ସେ ଏକ ଚମତ୍କାର ଦୃଶ୍ୟ । ସମସ୍ତେ ଅନୁଭବ କଲେ ଡଙ୍ଗାଟିର ହୃଷ୍ଟପୁଷ୍ଟ ଗୋଟିଏ ଅଦ୍ଭୁତ ଶକ୍ତି ରହିଛି ।

ଚକ୍କୀ ଅନୁନୟ ବିନୟ କଲା, “ଆଲୋ ମୋ ମିତ, ଆଲୋ ମୋ ସାଙ୍ଗ, ଆଖି ପକେଇ ଦେଖନା ଲୋ !”

ଛୁହୁଁ ଛୁହୁଁ ଡଙ୍ଗା ଆସି କୂଳରେ ଲାଗିଗଲା । ମାଝିମାନେ ଆହୁଲା ଥୋଇଦେଇ କୂଳକୁ ଡେଇଁ ପଡ଼ିଲେ ଓ ଏକା ଟାଣରେ ଡଙ୍ଗାଟାକୁ ବାଲି ଉପରକୁ ଘୋଷାରି ଆଣିଲେ । ପିଲାଛୁଆ ଆସି ଡଙ୍ଗା ଚାରିପାଖରେ ଘେରିଗଲେ । ପଞ୍ଚମୀ ବି ସେମାନଙ୍କ ସହିତ ମିଶିଗଲେ ।

ଗୋଟାଏ ଗର୍ଜନ କରି କୂଳକୁ ଡେଇଁ ପଡ଼ିଲା ଚେମ୍ବନ କୁଞ୍ଜୁ । ପିଲାଗୁଡ଼ାକ ଭୟରେ ଚିତ୍କାର କରି ସେ ସୁଆଡ଼େ ଛତ୍ରଭଙ୍ଗ ହୋଇ ଦୌଡ଼ି ପଳାଇଲେ । ପଞ୍ଚମୀ କିନ୍ତୁ ନିଜ ଜାଗାରେ ଠିଆ ହୋଇ ରହିଲା । ସେ କାହିଁକି ଭୟ କରିବ ?

“ଆବେ ହେ, କୋଉ ହେଲେ ପିଲା ମୋ ଡଙ୍ଗାରୁ ଚୂନାମାଛ ଗୋଟେଇପାରିବେନି ।” —ପାଟିକରି ଉଠିଲା ଚେମ୍ବନ କୁଞ୍ଜୁ ।

ପିଲାଙ୍କୁ ଘଉଡ଼ାଉ ଘଉଡ଼ାଉ ପଞ୍ଚମୀକୁ ଧରି ଏପରି ଭାବରେ ଠେଲିଦେଲା ଯେ ସେ ବିଚାରୀ

Digitized by srujanika@gmail.com

"ମରିଗଲି ଲୋ ମାଆ," କହି ତଳେ କଚ୍ଛଡ଼ି ହୋଇ ପଡ଼ିଗଲା । ତା ଅବସ୍ଥା ଦେଖି ଚକ୍କୀ ଓ କାରୁତାମ୍ମା କାନ୍ଦ ବୋବାଳି ଆରମ୍ଭ କରିଦେଲେ ।

"ମୋ ଦାଉଁ ଲୋ ! କଏ କରେ ଇଏ !! ଗର୍ଭପାତ ପରି ହଉଚି"—କିଏ ଜଣେ କହି-ପକାଇଲା ।

ବାପାର ଡଙ୍ଗା ପାଖକୁ ପଞ୍ଚମୀ ଯାଇଥିଲା ଝିଅର ଅଧିକାର ନେଇ ଗଣ୍ଡିଏ ଚିନାମାଛ ଗୋଟାଇ ଆଣିବ ବୋଲି । ଚେମ୍ପନ କୁଞ୍ଜୁ କଣ ସେତକ ଦେଖି ପାରିଲା ନାହିଁ ? ମଣିଷ ନିଜକୁ ଏପରି ଭୁଲିଯିବା ଉଚିତ ନୁହେଁ ।

ଡଙ୍ଗାରେ ସେ ଯେଉଁ ଖେପାକ ମାଛ ବୋହି ଆଣିଥିଲା ସେ ମାଛ ସମୁଦ୍ରରେ ଜନ୍ମିଥିଲେ; କେହି ସେଥିପାଇଁ ମଞ୍ଜି ବୁଣି ନ ଥିଲା, କେହି ତାର ଯତ୍ନ ନେଇନଥିଲା । ଯେଉଁ ଗରିବ ଲୋକେ ଚିନାମାଛ ଗୋଟାଇବାକୁ ଆସିଥିଲେ ଏ ଖେପାରୁ ଗୋଟାଏ ଅଂଶ ସେମାନଙ୍କର ପ୍ରାପ୍ୟ । ଏହା ହିଁ ତ ସମୁଦ୍ର କୂଳର ପ୍ରଥା ।

"ଓହୋ. କି ଅମଣିଷ !" କହି ପଞ୍ଚମୀକୁ କାଖକୁ ଟେକିଆଣିଲା ଚକ୍କୀ । ଚକ୍କୀ ଓ କାରୁତାମ୍ମା ମିଶି ପଞ୍ଚମୀକୁ ଆଉଁସା ଆଉଁସି କରିବାକୁ ଲାଗିଲେ । ତଳେ ପଡ଼ିଯିବା ଫଳରେ ବିଚାରୀର ଦେହରେ ଖୁବ୍ ଆଘାତ ଲାଗିଥାଏ ।

ବେପାରୀମାନେ ଡଙ୍ଗା ଚାରିପାଖ ଘେରିଗଲେ । ପହିଲୁ ଯାଇ ପାରିକୁଟ୍ଟୀ ଡଙ୍ଗା ଆଗରେ ଠିଆହୋଇଯାଇଥାଏ । ଚେମ୍ପନ କୁଞ୍ଜୁ କିନ୍ତୁ ଏପରି ଚାହୁଁଥାଏ ସତେ ଯେପରି ସେ କାହାରିକୁ ଚିହ୍ନି ନାହିଁ ।

ଖାଦାର ମୁଡାଲାଲ୍ଲୀ ପଚାରିଲା, "କିରେ ଚେମ୍ପନ କୁଞ୍ଜୁ, ଆରେ, ଏକୁ କେତେ ଟଙ୍କା ନବୁ କହୁଚୁ ?"

କୁଞ୍ଜି ପେନ୍ନୁ, ଲକ୍ଷ୍ମୀ ଓ ଅନ୍ୟମାନେ ଆ'ପାଖକୁ ତା'ପାଖକୁ ହୋଇ ଦଉଡ଼ୁଥାନ୍ତି । ବାପାକୁ କହିବ ବୋଲି ପଞ୍ଚମୀ ଯିନା କଥା ଦେଇଥିଲା, ସେ ବିଚାରୀ ତ ତଳେ ପଡ଼ି ଧଇଁସଇଁ ହେଉଛି, ସେ ଆଉ କି ମାଛ ଆଣିଦେବ ? ଚକ୍କୀ ତ ତାକୁ ଧରିବସିଛି । ତେଣେ ବେପାରୀମାନେ ମୂଲଚାଲ ଆରମ୍ଭ କରିଦେଲେଣି ।

କୁଞ୍ଜି ପେନ୍ନ ତା ସାଥୀମାନଙ୍କୁ କହିଲା, "ଆଲୋ, ପଚାରି ଦେଖିବା, ଲୋ ।" ନାଲି ପେନ୍ନ ରାଜି ହେଲି ନାହିଁ, "ଆଲୋ, ସେ ପିଚାଶ ବାଡ଼ପୋଡ଼ାକୁ କି କଥା ପଚାରିବୁ ଲୋ ?"

ଅନ୍ୟ ଡଙ୍ଗାମାନେ ଆସି ଗୋଟି ଗୋଟି ହୋଇ କୂଳରେ ଲାଗିଲେ । ସେମାନେ ପହଞ୍ଚିବା ପୂର୍ବରୁ ନିଜର ବେପାର ଶେଷ କରିଦେବା ଲାଗି ଚେମ୍ପନ କୁଞ୍ଜୁ ବ୍ୟଗ୍ର ହୋଇପଡ଼ିଲା ।

"କଣ, ମତେ ମାଛ ଦବ ?"—ପାରିକୁଟ୍ଟୀ ପଚାରିଲା । ଚେମ୍ପନ କୁଞ୍ଜୁ, ପାରିକୁଟ୍ଟୀକୁ ମୋଟେ ଦେଖି ନଥିଲା ପରି ବ୍ୟବହାର କଲା । କହିଲା, "ଟଙ୍କା ଧରିଚ ? ମୋର ବାବୁ ନଗଦ କାରବାର ।"

ମୁହୂର୍ତ୍ତିକ ଭିତରେ ଖାଦାର ମୁଥାଲାଲ୍ଲୀ ଗୋଟା କେତେ ଶହେଟଙ୍କିଆ ନୋଟ କାଢ଼ି

Digitized by srujanika@gmail.com

ଚେମ୍ବନ କୁଞ୍ଜୁ ହାତରେ ଗୁଞ୍ଜି ଦେଲା । ଦରଦାମ୍ ତୁଟିଗଲା ।

ପାରିକୁଟ୍ଟୀ ଅନ୍ୟ ଡଙ୍ଗା ପାଖକୁ ଦୌଡ଼ିଲା । କିନ୍ତୁ ଯେଉଁଠିକି ଗଲା, ସେଇଠି ବିକାକିଣା ଶେଷ । ପଞ୍ଚମୀ ଟିକିଏ ସୁସ୍ଥ ହୋଇ ବସିବାପରେ କାରୁତାମ୍ମା ଗୁହଁି ଦେଖିଲା ପାରିକୁଟ୍ଟୀ ନିସ୍ତେଜ ହୋଇ ଖାଲି ହାତରେ ଘରକୁ ଫେରିଯାଉଛି । ସେ ମାଆକୁ କହିଲା—"ଚୋଚମ୍ମୁତା ଲକ୍ଷ୍ମୀ ଆଜି ମୋତେ ମାଛ କିଣିନାହାନ୍ତି ।"

ଚକ୍କୀ ପାରିକୁଟ୍ଟୀ ପାଖକୁ ଗୁଲିଲା—"ବାପ, ଆଜି ମୂଲଗୁଲ କଲନି ନା କଣ ?"

"କରିଥିଲି ।"

"ତା'ହେଲେ, ଇମିତି କଣ ହେଲା ?"

ପାରିକୁଟ୍ଟୀ ଚୁପ୍ ରହିବା ଦେଖି ଚକ୍କୀ ସବୁ ବୁଝିଗଲା । ହଠାତ୍ ବଦଳିଯିବା ମଣିଷ ପରି ଚେମ୍ବନ କୁଞ୍ଜୁ ଯେଉଁ ରୂପ ଧରିଥିଲା ଚକ୍କୀ ତାହା ଦେଖିଥିଲା ।

"ମାଛ ଦେଖିଦେଲାମାତ୍ରେ ତ ସିଏ ପିଶାଚ ପାଲଟିଗଲା, ବାପା !" ଚକ୍କୀ କହିଲା ।

ଗୁଲିଯିବାବେଳେ ପାରିକୁଟ୍ଟୀ କହିଲା, "ମୋ ପାଖରେ କିଛି ନଗଦ ଟଙ୍କା ଥିଲା । ବାକିଟା ମୁଁ ତାଙ୍କୁ ପରେ ଦେଇ ଦେଇଥାନ୍ତି ।"

ଡଙ୍ଗାରେ କାମକରିଥିବା ମାଝିମାନଙ୍କୁ ଚେମ୍ବନ କୁଞ୍ଜୁ ସେମାନଙ୍କର ଭାଗ ଟଙ୍କା ଦେଇ-ଦେବାପରେ ଜାଲ ଝାଡ଼ି ଧୁଆଧୋଇ କରି ଖରାରେ ଶୁଖାଇଦେଲା । କୂଳର କାମଦାମ ସାରି ଗୁଲିଲା ଘରକୁ । ହାତରେ ବେଜାୟ ପଇସା । ଆଜିଠାରୁ ସେ ଏକ ନୂତନ ଜୀବନ ପଥରେ ପାଦ ଦେଇଛି । ରାତି ପାହାନ୍ତିଆରୁ ଦେହ-ଖଟଣି କାମରେ ଲାଗିଛି, ତଥାପି ସେ କ୍ଳାନ୍ତ ହୋଇନି ।

ତେଣେ ଘରେ କାହା ମନରେ ସୁଖ ନାହିଁ । ହାତର ଟଙ୍କା ତାଡ଼ାଟା ସେ ଚକ୍କୀକୁ ଦେଖାଇଲା । ଚକ୍କୀ କିନ୍ତୁ କୌଣସି ଆଗ୍ରହ ପ୍ରକାଶ କଲା ନାହିଁ । କହିଲା, "କିଏସେ ସେ ଟଙ୍କା ଗୁଟିବ ଯେ ?"

"ଇମିତି କ'ଣ କହୁଛୁ ?"

"ପଞ୍ଚମୀର ଗ୍ରତି କଣ ହେଇଚ ଦେଖ ।"

ତଳେ ପଡ଼ି କହିଁ କହିଁ ହୋଇ କାନ୍ଦୁଥିଲା ପଞ୍ଚମୀ । ଚେମ୍ବନ କୁଞ୍ଜୁ ତାକୁ ତଳୁ ଉଠାଇ ଦେଖିଲା ବଗୁଆର ଗ୍ରତି ଉପର । ଗୁଞ୍ଚିଡ଼ି ହୋଇଯାଇ ଫୁଲିଯାଇଛି ।

"ତୁ ଭଲ କାହିଁକି ଡଙ୍ଗା ଆଗଟାରେ ଠିଆ ହେଇଥେଲୁ କହିଲୁ, ମାଆ ?"

ପଞ୍ଚମୀର ମନକଥା କଣ ଚକ୍କୀ ତାହା ବୁଝାଇ ଦେଲା । ସବୁକଥା ଶୁଣି ସାନଝିଅଟି ପ୍ରତି ସ୍ନେହ ଓ କରୁଣାରେ ଚେମ୍ବନ କୁଞ୍ଜୁର ହୃଦୟ ଭରିଗଲା । ଦୁ'ପଇସା ସଞ୍ଚିବ ବୋଲି ଝିଅ ମନ ବଳେଇଛି ଜାଣି ସେ ରାଗ ପକାଇ କହିଲା—ଏଥର ପ୍ରତିଦିନ ତାକୁ ଟୋକେଇଏ କରି ମାଛ ଦେଉଥିବ ।

ଚକ୍କୀ ତା'ପରେ ପାରିକୁଟ୍ଟୀ କଥା ପଗ୍ଗରିଲା ।

Digitized by srujanika@gmail.com

"କେତେ ଅଭଦ୍ର କଥା ନ ହେଲା ? ଆମକୁ ଡଙ୍ଗା ଆଉ ଜାଲ କିଏ କିଣେଇଦେଲା ?"

ଚେମ୍ବନ କୁଞ୍ଜୁ ବୁଝିପାରୁନା ନାହିଁ ଯେ ସେ ଭୁଲ କରୁଛି ।

"ତେମେ ତାକୁ କାହିଁକି ମାଛତକ ନ ବିକିଲ ?"

"ଆଚ୍ଛା କଥା ହେଉଛି ! ତାକୁ ବିକିଥିଲେ ମୋ କାମ ଚଳନ୍ତା କିମିତି କହିଲୁ ? ଆହୁଲ-ଧରା ମାଝିମାନଙ୍କୁ ଫେରେ ସେମାନଙ୍କ ଭାଗ ଦିଅନ୍ତୁ ନା ନାହିଁ ? ତାକୁ ଯଦି ମୁଁ ମାଛ ବିକନ୍ତି, ତେବେ ଆମ ଧାର ଟଙ୍କାଟା ସେ କାଟି ରଖନ୍ତା ନାହିଁ ?"

"ଓଃ, ତେମେ ବେପାର କରିବ ବୋଲି, ସିଏ ତା ପାଣ୍ଠିପତ୍ରର ସବୁ ହରେଇଦବ; ନୁହଁ ?"

କାରୁତାମ୍ମା ବି ଧୈର୍ଯ୍ୟ ଧରି ରହି ପାରିଲନାହିଁ । କହିଲା, "ଯାଉ ମ, ତା ଗୋଦାମରେ ଆଉ କଣଟା ଅଛି ଯେ ? ସବୁ ତ ପୋଛିପୋଛି କରି ନେଇଆସିଛି ।"

ଛଅ

ଚେମ୍ବନ କୁଞ୍ଜୁ ଭାଗ୍ୟବାନ୍ ଲୋକ । ତା ଖେପାରେ ଯେତେ ମାଛ ପଡ଼େ, କାହାର ଖେପାରେ ସେତେ ପଡ଼େ ନାହିଁ । ଅନ୍ୟମାନଙ୍କର ଗୁଣେ ମାଛ ପଡ଼ିଲାବେଳକୁ ଚେମ୍ବନ-କୁଞ୍ଜୁ ଜାଲରେ ଦୁଇଗୁଣ ପଡ଼େ । ଜାଲ ପକାଇଲା ତ ମାଛ ପଡ଼ିଲେ; ଥରଟିଏ ବୃଥା ଯିବାର ଶୁଣା ନାହିଁ, ଏ ଗୋଟିଏ ବଡ଼ ଆଶ୍ଚର୍ଯ୍ୟ କଥା ।

ସନ୍ଧ୍ୟାବେଳକୁ ଚେମ୍ବନ କୁଞ୍ଜୁ ଯେତେବେଳେ ଟଙ୍କା ଗଣି ବସେ, ସେତେବେଳେ ଚକ୍କୀ କହେ, "ଏଥର ଝିଅଟାକୁ ଟିକେ ଦବା ।"

ଚେମ୍ବନ କୁଞ୍ଜୁ କୌଣସି ଦିନ ସିଧା କଥା କହେନାହିଁ । ଚକ୍କୀ କହିଚାଲେ, "ତେମେ କଣ ଭାବୁଛ କେଜାଣି । ଆହେ, ଝିଅ ଘିଅ, ଏକୁ ପରି ସାଇତ ନୁହଁ । କେତେଦିନ ଇମିତି ସାଇତ ରଖିଥିବ ?"

ସବୁ କଥାକୁ ଚେମ୍ବନ କୁଞ୍ଜୁ ନୀରବ । ଯେତେଦିନ ଯାଏଁ ବେଶ୍ ଦି' ପଇସା କମେଉଛି, ସେତେଦିନ ଯାଏଁ ତାର କୌଣସି ବିଷୟ ଅସାଧ୍ୟ ହୋଇ ରହିବ ନାହିଁ । ଯେତେବଡ଼ ସମସ୍ୟା ହେଉ ପଛେ ସବୁ ତା ଆଖିରେ ସାମାନ୍ୟ ପରି ଦେଖାଯାଏ । ଭାବେ, "ମନ ବଳେଇକି ବୋଲି ରହିଛି, ଯେତେବେଳେ ଇଚ୍ଛା କରିବ ସେତେବେଳେ ଫଇସଲା କରିଦେବ ।"

Digitized by srujanika@gmail.com

ଡଙ୍ଗା ପାଇଁ ଯାହାକିଛି ସାଜସରଞ୍ଜାମ ଦରକାର, ଚେମ୍ପନ କୁଞ୍ଜୁ ସବୁ କିଣି ପକାଇଲା; ଏଥର ପାଗ ଯାହା ହେଉନା କାହିଁକି, ତାର ଯେତେବେଳେ ଇଚ୍ଛା ସେତେବେଳେ ସମୁଦ୍ରକୁ ଯାଇ ପାରିବ । ତାର କେଉଁ ଜିନିଷର ଅଭାବ ଅଛି ଯେ ?

ପାରିକୁଟ୍ଟୀର ଶୁଖୁଆ ଗୋଦାମ ପ୍ରାୟ ବନ୍ଦ ହୋଇ ଯିବାକୁ ବସିଲା । ତା ପାଖକୁ ବ୍ୟବସାୟ ବୋଲି ମୋଟେ ଆସିଲା ନାହିଁ । ହାତରେ ଟଙ୍କାପଇସା ଶୂନ, ବାପା ଅବଦୁଲ୍ଲା ମୁତାଲ୍ଲାଲି ଆସି ଯେତେବେଳେ ପୁଅର ଏ ଦଶା ଦେଖିଲେ, ସେତେବେଳେ ସେ ପୁଅକୁ ବହେ ବକଗଲେ । ପାରିକୁଟ୍ଟୀ ତାର ସବୁ ଟଙ୍କା ପଇସା ଜାଲେ ଦଶଆକିଲରେ କୌଣସି କେଉଟୁଣୀକୁ ଦେଇଦେଲା । ପୁଅକୁ ଦୋଷ ଦେଇ ତା ବାପା ଯାହା ଯାହା ସବୁ କହିଲେ, ସେ କଥାଗୁଡ଼ାକ କାରୁତାମ୍ମାର କାନକୁ ଆସିଲା ।

ତେଣୁ ପାରିକୁଟ୍ଟୀର ଟଙ୍କାପଇସା ଫେରାଇ ଦେବାଲାଗି କାରୁତାମ୍ମା ମାଆ ସଙ୍ଗରେ ଲାଗାଇଲା । ଅବଦୁଲ୍ଲା ମୁତାଲ୍ଲାଲି ତାଙ୍କ ପୁଅକୁ ଯେଉଁ ଯେଉଁ କଥା ସବୁ କହିଥିଲେ, କାରୁତାମ୍ମା ସେଗୁଡ଼ାକ ମାଆକୁ ଶୁଣାଇଲା । ଏହାଠାରୁ ଲାଜ ଅପମାନର କଥା ଆଉ କ'ଣ ଅଛି ? ସତ କହିବାକୁ ଗଲେ ପାରିକୁଟ୍ଟୀ କ'ଣ ତା ବ୍ୟବସାୟର ମୂଳ ଲାଭ ସର୍ବସ୍ୱ ନେଇ ଗୋଟିଏ କେଉଟୁଣୀକୁ ଦେଇ ଦେଇ ନାହିଁ କି ?

ଚକ୍କି ଯେତେବେଳେ କଥାଟାକୁ ନେଇ ଚେମ୍ପନ କୁଞ୍ଜୁ ଆଗରେ ପକାଇଲା, ଚେମ୍ପନ କୁଞ୍ଜୁ କହିଲା, "ଆଚ୍ଛା ରହିଥା, ଆମେ ତାର ସବୁ ଟଙ୍କା ଦେଇଦବା ।"

କିନ୍ତୁ ତା ପରେ ପରେ ଚେମ୍ପନ କୁଞ୍ଜୁ ଆହୁରି ବଡ଼ ବଡ଼ ଯୋଜନା ଆରମ୍ଭ କରିଦେଲା । ତାର ଦୁଇଖଣ୍ଡ ଡଙ୍ଗା ଓ ଢ଼'ସାର ଜାଲ ହେବା ଦରକାର । ଖଣ୍ଡେ ଭଲ ଘର ଓ କିଛି ଜମିବାଡ଼ି ବି କିଣିବାକୁ ପଡ଼ିବ । ହାତରେ ବି କିଛି ଟଙ୍କାପଇସା ରଖିବାକୁ ପଡ଼ିବ ।

କହିଲା, "ଏ ସବୁ ତ କରିବା, ତେବେ ମଣିଷ କଣ ଇମିତି ଜୀବନଟାଯାକ ଖଟୁଥିବ ନା କ'ଣ ? କାମଦାମରୁ ଛୁଟି ନେଇ ମଣିଷ ଟିକିଏ ପାଲିକୁନ୍ନାଥ ପରିକା ଫୁର୍ତ୍ତି କରିବନି ନା ?"

ତାର ବଡ଼ ମନ, ଚକ୍କି ଦେହରେ ଟିକିଏ ମାଉଁସ ଲଗାଇ ତାକୁ ମୋଟୀ କରାଇବ । ଚକ୍କି କହିଲା, "ଆଚ୍ଛା କଥା କହୁଛ ? ଏ ବୟସକୁ ମୋ ଦେହରେ ଆଉ ମାଉଁସ ଲାଗିବ ନା ?"

"ଆଲୋ, ଦେଖିବୁ ରହ, ତୋ ଦେହରେ ମୁଁ ଅଲବତ ମାଉଁସ ଲଗେଇଦେବି ।"

ତା' ଆଗରୁ କୌଣସି ଦିନ ଚେମ୍ପନ କୁଞ୍ଜୁ ମୁହଁରୁ ଫୁର୍ତ୍ତି କରିବା କଥା ଚକ୍କି ଶୁଣି ନଥିଲା । ଆଜିକାଲି ସେ ଏକ ନୂଆ ଜୀବନର ସ୍ୱପ୍ନ ଦେଖୁଛି ।

"ହେଲା ଯେ, ଏ ବୁଢ଼ା ବୟସରେ ତେମେ ଆଉ କି ମଉଜ କରିବ ଭଲା ? ଏ ବୁଦ୍ଧି ତୁମକୁ କିଏ ଦେଲା ? କେଉଁଠୁ ହେଲେ ଗୋଟେ ଶିଖିଥିବ ।"

"ଆଲୋ, ବୁଢ଼ା ହେଲେ କଣ ହେଲା, ମଣିଷ କଣ ଫୁର୍ତ୍ତି କରିପାରିବନି ? ଯାଇ

Digitized by srujanika@gmail.com

ପାଳିକୁନ୍ନାଥକୁ ଦେଖିଲୁ ? ସେ ଯେଉଁ ମଜାରେ ଫୁର୍ତ୍ତି କରୁଛି, ସେଇଟା ତୁ ଦେଖିବା କଥା । ଶୁଣ କହୁଛି, ତା ମାଇପ ପାପ୍‌ପି କୁଞ୍ଜୁ ତୋ ବଅସର ମାଇକିନିଆଟେ ହେଲେ କଣ ହେଲା, ତହିଁଟାକୁ ଖୁବ ଯତନରେ ରଖିଛି । ସେ ଯୋଉଁ ମାରଗରେ ମୁଣ୍ଡ କୁଣ୍ଡେଇଥିବ ଲୋ, ଆଉ ତାର ଯୋଉଁ ନାଲି ଟହଟହ ଓଠ, ତା ମୁଣ୍ଡର ସେ ଯୋଉଁ ସିନ୍ଦୂର ଟୋପାଟା; କଣ କହିବି ଆଉ, ତୁ ଖାଲି ଦେଖିବା କଥା ପରା, ଆଉ ତା ଦହି ଖଣ୍ଡିକ ! ସୁନାମିଛା ଝଟକୁଥିବ ଲୋ ! କେଉଟ-କେଉଟୁଣୀ ହେଲେ କଣ ହେଲା, ଭେଣ୍ଡା ବରକୁ ଦଣ୍ଡା କନିଆମିଛା ଚଳୁଛନ୍ତି ।"

"ତାହେଲେ ତେମେ କହୁଛ ମୁଁ ବି ନୂଆ ଟୋକୀମିଛା ବେଶଭୂଷା ହେବି ?"—ଚକ୍‌କୀ ପଚାରିଲା ।

"ଆଲୋ, ନ ହବୁ କାହିଁକି ଯେ ?"

"ତମକୁ ନାକ ଲାଗିବନି ?"

"ଏଥିକି ନାକ କରିବୁ କାହିଁକି ଯେ ?"

ଲାଜରେ ମୁହଁ ବୁଲାଇ ଦେଇ ଚକ୍‌କୀ କହିଲା, "ନାହିଁ ଲୋ ମା, ମୁଁ ପାରିବନି ।"

ଚେମ୍ପନ କୁଞ୍ଜୁ କାଣ୍ଡାନ୍ କୋରାନ୍‌ର ଚଳଣି ଗପି ବସିଲା, "ଗୋଟେ କଥା କହୁଛି ଶୁଣ । ତତେ କଣ ହେଲା ନା, ମୁଁ ତାଙ୍କ ଘରକୁ ପଶିଗଲା ବେଳକୁ ଦେଖିଦିଏ ତ, ତଳଣ-ଯାକ ଟୋକାଟୋକୀଙ୍କମିଛା କୁଣ୍ଡିଆକୁଣ୍ଡି ହେଉଛନ୍ତି । ଚୁମା ଦିଆଚାଲିଛି । ମୋ ମନ ଯାହା ହେଲା !"

"ଛିଃ, ଛିଃ, ଛି ! ନାକକଥା ।"

"ଏଇଟା ଏତେ ନାକ କଥା କ'ଣ ହେଲା ? ସେମାନେ ନୂଆ ବାହାହେଲା ପରିକା ଦିନରାତି ହସିଖେଳି ଚାଲିଛନ୍ତି ଟି ?" ଚେମ୍ପନ କୁଞ୍ଜୁ କହିଲା ।

"ତାଙ୍କର କଣ ପିଲାଝିଲା କେହି ନାହାନ୍ତି ?"

"ଗୋଟେ ବୋଲି ପୁଅ ।"

ଚକ୍‌କୀର ଦେହମୁଣ୍ଡକୁ ଲୋଭିଲା ଲୋଭିଲା ଆଖିରେ ଚାହିଁ ରହି ଚେମ୍ପନ କୁଞ୍ଜୁ କହିଲା, "ମୁଁ କହୁଚି ତୁ ପାପ୍‌ପି କୁଞ୍ଜୁମିଛା ଟିକିଏ ମୋଟୀ ସୋଟୀ ହେଇଯା; ଆମେ ବି ଟିକିଏ ଟୋକାଟୋକୀଙ୍କମିଛା ଚଳନ୍ତେଇ ମ ।"

ସତ କହିବାକୁ ଗଲେ ଚକ୍‌କୀର ମନକଥା ବି ସେଇଆ । ସେ ଟିକିଏ ଗ୍ରୀବା ଉପରେ ଢଳି-ପଡ଼ନ୍ତା, ଟିକିଏ ବାହୁ-ବନ୍ଧନ ଭିତରେ ରହନ୍ତା, ଟିକିଏ ଚୁମା ଖାଆନ୍ତା । କିନ୍ତୁ ସେ ଏକଥା ଖୋଲି କରି କହିବ କିପରି ?

ସେ କେବଳ କହିଲା, "ତମ ଦେହପା ଟିକିଏ ଭଲ ରହୁ, ତେମେ ଆଗ ଟିକିଏ ମୋଟା-ସୋଟା ହୁଅ ।"

ଚେମ୍ପନ କୁଞ୍ଜୁ କହିଲା, "ହଁ, ହଁ, ମୋ ଦେହପା ବି ଭଲ ରଖିବାକୁ ପଡ଼ିବ । ଏସବୁ ହେଲେ ଯାଇ ଆମକୁ ଟିକିଏ ଫୁରୁସତ ମିଳିବ ।"

Digitized by srujanika@gmail.com

ଟିକିଏ ରହି ପୁଣି କହିଲା, "ଆରେ, ଦରିଆ ଠାକୁରାଣୀ ସୁହିଁଥିଲେ ସବୁ କିଛି ହବ । ଯେତେବେଳେ ଆମର ଜମି ହୋଇଯିବ, ଘରଖଣ୍ଡେ ହୋଇଯିବ, କାମଦାମ ନ କରି ମିଶା ବସିପାରିବା, ବୁଝିଲୁ, ସେତେବେଳେ ଯାଇ ଆମେ ଟୋକାଟୋକୀଙ୍କ ପରିକା ମଜାରେ ଜୀବନ କଟେଇବା । ସେତେବେଳକୁ ନୂଆ ଉଠାଙ୍କୁ ବାହା ଦେଇ ସାରିଥିବା ।"

ଚକ୍‌କୀ ଆପତ୍ତି କଲା ସେ ପାପି କୁଞ୍ଜୁ ପରି ସୁନ୍ଦରୀ ନୁହେଁ; କିନ୍ତୁ ଚେମ୍ପନ କୁଞ୍ଜୁ ନିର୍ଭର ଜବାବ ଦେଲା, ସେଦିନ ଆସିଲା ବେଳକୁ ଚକ୍‌କୀ ଆଉ ଅସୁନ୍ଦରୀ ହୋଇ ରହି ନଥିବ ।

"ଧର, ମୁଁ ଯଦି ସେତେବେଳକୁ ମରିଯାଏ ?"

"ଯା'ରେ ବୋକୀ, ସିମିତି କଥାଗୁଡ଼ା ପାଟିରେ ଧରିବୁନି ।"

× × ×

କିନ୍ତୁ ଦିନେ ସମୁଦ୍ରର ରଙ୍ଗ ବଦଳିଗଲା । ନୀଳଜଳ ଲାଲ ଦେଖାଗଲା । କେଉଟମାନେ କହିଲେ ଦରିଆଠାକୁରାଣୀ ରଜସ୍ୱଳା ହେଲେ । ପ୍ରାଚୀନ ଯୁଗରୁ ସେମାନଙ୍କର ଏହି ବିଶ୍ୱାସ ରହିଆସିଛି । କିଛିଦିନ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ପଡ଼ିଲେ ନାହିଁ । ଦୁଇଚାରିଦିନ ନିକମା ହୋଇ ବସିବା ପରେ ଚେମ୍ପନ କୁଞ୍ଜୁ ସ୍ଥିର ହୋଇ ରହିପାରିଲା ନାହିଁ । ସେ ଭାବିଲା ଦଟ୍‌ବଳାସ୍ତ ଡେଉଁ, କେଉଟମାନଙ୍କ କଥାରେ କହିବାକୁ ଗଲେ, ସମୁଦ୍ର ଆରପଟକୁ ଯାଇ ଜାଲ ପକାଇଲେ ଦୋଷ କଣ ?

ତା' ଡଙ୍ଗାରେ ଯେଉଁମାନେ ସବୁ କାମ କରନ୍ତି ସେମାନଙ୍କୁ ଡଙ୍ଗା ପାଖକୁ ଡାକି ଏ ବିଷୟରେ କଥାଭାଷା କଲା । କିନ୍ତୁ ସେମାନଙ୍କ ଭିତରୁ କେହି ହଠାତ୍ କୌଣସି ପ୍ରତିଶ୍ରୁତି ଦେଇ ପାରିଲେ ନାହିଁ । ସମୁଦ୍ରର ଏପରି ଅବସ୍ଥାରେ ହେଠାକାର ସମୁଦ୍ରକୂଳର ପ୍ରାୟ କୌଣସି କେଉଟ ସମୁଦ୍ର ଭିତରକୁ ଯାଆନ୍ତି ନାହିଁ । ଦରିଆଠାକୁରାଣୀ ରଜସ୍ୱଳା ହେଲା ବେଳେ କେହି ମାଛ ଧରନ୍ତି ନାହିଁ ।

ଚେମ୍ପନ କୁଞ୍ଜୁ ସଫା ସଫା ଶୁଣାଇଦେଲା, "ହେଉଛି, ତେମେ ଯଦି କାମକୁ ନ ଆସିବ ନା, ମୁଁ ତମକୁ ଉପାସରେ ରଖିଦେବି, କହୁଛି । ଖାଲି ଖାଲିରେ ତମକୁ ଖୋରାକ ପତର ଦେବାକୁ ମୋ ପାଖରେ ଟଙ୍କାପଇସା ନାହିଁ ।"

କିଛିଦିନ ପର୍ଯ୍ୟନ୍ତ ଅଭାବ ସମସ୍ୟା ଲାଗିରହିଲା । ଯେ ଯାହା ଦୁଇପଇସା ସଞ୍ଚିଥିଲେ ସେତକ ଧୀରେ ଧୀରେ ସରିଆସିଲା । କେହି କେହି ଡଙ୍ଗା ଖୋଲି ସମୁଦ୍ରକୁ ଗଲେ । ଜାଲ ପକାଇ ଭାଗ୍ୟ ପରୀକ୍ଷା କଲେ । କିନ୍ତୁ କାହିଁ ? ମାଛ ବୋଲି ମୋଟେ ପଡ଼ିଲେ ନାହିଁ । ଡଙ୍ଗାରେ କାମ କରୁଥିବା ମାଝିମାନେ ଡଙ୍ଗାମାଲିକମାନଙ୍କୁ ସାହାଯ୍ୟ ମାଗି ବୟୁଣା ମାଗି ବ୍ୟସ୍ତ କରିପକାଇଲେ । କିନ୍ତୁ ସେତେବେଳକୁ ମାଲିକମାନଙ୍କ ହାତରେ ବି କିଛି ପଇସା ନଥାଏ ।

ଆଉ କୁଞ୍ଜୁ ନିଜର ଡଙ୍ଗା ଓ ଜାଲ କିଣିବା ଲାଗି ଜିଦ୍ ଧରିବସିଥିଲା । କିନ୍ତୁ ବର୍ତ୍ତମାନ

Digitized by srujanika@gmail.com

ସବୁଠାରୁ ବେଶି ଅଭାବରେ ପଡ଼ିଲା ସେହି ବିଚରା । ଘରେ ଯେଉଁ ପିଲାକବିଲା ଅଛନ୍ତି ତାଙ୍କୁ ତ ଫେରେ ଖାଇବାକୁ ଦେବ ।

ଧନକର କଥା । ଘରେ ଆଉ କିଛି ବୋଲି କିଛି ନଥାଏ । ଯେଉଁ ଦି'ମୁଠା ଶୁଖୁଆ ଓ ଏଣ୍ଡ୍ରେଣ୍ଡି କ'ଣ ଦି'ଟା ଥିଲା ତା ପୂର୍ବଦିନ ସେତକ ଶେଷ ହୋଇଯାଇଥାଏ । ସ୍ୱାମୀ-ସ୍ତ୍ରୀ ଦିହିଁଙ୍କ ଭିତରେ ବୋଲାବୋଲି ଆରମ୍ଭ ହୋଇଗଲା । ସ୍ତ୍ରୀ ଯେତେବେଳେ ବେଶି ଅମାନିଆ ହେଲା, ଆଚ୍ଚୁ କୁଞ୍ଜୁ ସେତେବେଳେ ତାକୁ ଦି'ଚାପୁଡ଼ା ଲଗାଇ ଦେଇ ଘରୁ ବାହାରିଗଲା । କିନ୍ତୁ ସେ ବିଚାରି ଯିବ କୁଆଡ଼େ ? ପିଲାକବିଲାଙ୍କ ଜଞ୍ଜାଳସବୁ ତାରି ମୁଣ୍ଡରେ । ସେ କଣ ଘର ଛାଡ଼ି ଚାଲିଯାଇ ପାରିବ ?

ନାଲି ପେନ୍ନୁ ଆଚ୍ଚୁ କୁଞ୍ଜୁକୁ ଧିକ୍କାର କଲା, "ଯାଇ ଚାହା ଦୋକାନରେ ବସି ପେଟେ ଠୁଙ୍କି ଦେବ, ସେଇଥିପାଇଁ ଅଣ୍ଡିରାପଣିଆ ଦେଖେଇ ଘରୁ ଦୁମ୍ଦୁମ୍ ହୋଇ ବାହାରି ଯାଉଛନା ?"

ସ୍ୱାମୀର ଆସିବା ବାଟକୁ ନାଲ୍ଲା ପେନ୍ନୁ ସନ୍ଧ୍ୟାବେଳଯାଏ ଚାହିଁବସିଲା । ଘରେ ଦୁଇଟି ପିତଳ ଗ୍ଲାସ ଥାଏ । ଶେଷକୁ ସେହି ଗ୍ଲାସ ଦୁଇଟି ଧରି ଯାଇ ଠିଆହେଲା ଚକ୍କୀ ଦୁଆରେ । ସେ ବନ୍ଧା ରଖୁ, ନ ହେଲେ ଯଦି କିଣି ନବ ତେବେ ଟଙ୍କେମଣେ ଦେଇ କିଣିନଉ । ଚାକ୍କୀ ଗ୍ଲାସ ଦୁଇଟି ରଖି ନାଲି ପେନ୍ନୁ ହାତକୁ ଟଙ୍କାଟିଏ ବଢ଼ାଇ ଦେଲା ।

କଥାଟା ପଡ଼ିଶା ଘର ଲକ୍ଷ୍ମୀ କାନକୁ ଯାଉ ଯାଉ ସେ ତା ଛୁଆ କାନରୁ ଫାସିଆ ଦୁଇଟି ବାହାର କରି ଯାଇ ଚକ୍କୀ ପାଖରେ ପହଞ୍ଚିଗଲା । ଧୀରେ ଧୀରେ ଅନ୍ୟ ମାଈପିମାନେ ଯାହା ଯେଉଁଠି ଥିଲା ତା' ଧରି ଟଙ୍କେମଣେ ପାଇବା ଆଶାରେ ଆସି ଚକ୍କୀ ଦୁଆରେ ରୁଣ୍ଡ ହେଲେ । ଚକ୍କୀ ବିଚାରି ବଡ଼ ଅସୁବିଧାରେ ପଡ଼ିଲା । ଦେଣନେଣ କରିବାକୁ ତା ପାଖରେ ଟଙ୍କାପଇସା କାହିଁ ? କିନ୍ତୁ ପାଖରେ ଟଙ୍କାପଇସା ନାହିଁ ବୋଲି ସେ ଯେତେ କହିଲେ ବି କେହି ତା କଥା ବିଶ୍ୱାସ କଲେ ନାହିଁ । ବର୍ଷ ତମାମ ଖଟି ଖଟି ପଇସାଅଧଲେ କରି ଯାହା କିଛି ସଞ୍ଚିଥିଲା ସେତକ ଦେଇ କାଳୀ କୁଞ୍ଜୁ କିଣିଥିଲା ଖଣ୍ଡେ ପିତଳ ଗରିଆ, ତାକୁ ଧରି ସେ ଆସି ଠିଆହେଲା ।

"ଆଲୋ, ତେମେ ଯେତେ ସମେତେ ଇମିତି ଆସିବ, ମୁଁ କଣ କରିବି କହିଲ ? ମୋର ତ କିଛି ପୋତା ନାହିଁ ଲୋ ।"—ଚକ୍କୀ କହିଲା ।

ପିଲାଛୁଆମାନେ ଖୋକ ଉପବାସରେ ଅଛନ୍ତି ବୋଲି ସିନା କାଳୀ କୁଞ୍ଜୁ ଆସିଥିଲା । ସେ କଣ ଚକ୍କୀଠୁଁ ଏଭଳି ବ୍ୟବହାର ପାଇବ ବୋଲି ଆଶା କରିଥିଲା ନା ଏଭଳି କଥା ଶୁଣିବ ବୋଲି ଭାବିଥିଲା ?

ଚକ୍କୀ କହିଲା, "ଆଲୋ ହଁଲୋ, ହଁ । ଅଭାବବେଳକୁ ଚେମ୍ବନ କୁଞ୍ଜୁ ଟଙ୍କାକୁ ସମେତେ ହାତ ପତେଇଥିବ । ସିଏ ଯେତେବେଳେ ଅଖନ୍ତରେ ପଡ଼ିଯିବ ସେତେବେଳକୁ ସମେତେ ତାରି ନିନ୍ଦା କରିବ ?"

କାଳୀ କୁଞ୍ଜୁ ପଚାରିଲା, "ମଲା, ଆମେ କଣ କଲୁ ଲୋ ?"

Digitized by srujanika@gmail.com

"ନାହିଁଲେ ମାଆ, ତେମେ କାହିଁକି କଣ କରନ୍ତି ? ହେଲେ ଆମ ପାଖରେ ଟଙ୍କାକଉଡ଼ି ନାହିଁ ।"

"ଆଲେ, ଅଚହ୍ଣା ଲୋକଙ୍କମେତେ କଣ ଇମିତି କହୁଚୁ ମ ?"

"ଯାଉନୁ, କାହିଁକି ମିଛରେ ବକ୍‌ବକ୍ ଲଗେଇଚୁ କହୁଲୁ ?"

ଗୁହୁଁ ଗୁହୁଁ ଆରମ୍ଭ ହୋଇଗଲା ଏକ ବାକ୍‌ଯୁଦ୍ଧ । କଳି ତୁଟାଇବା ଲାଗି କାରୁତାମ୍ମା ଆସି ମଧ୍ୟସ୍ଥତା କଲା । ତାର ଭୟ ଯେ, ସତରେ ଯଦି କଳି ଲାଗେ ତେବେ ସେ ଭିତରୁ ତା କଥା ବି ବାହାରିବ । ବଗୁଶି କାଳୀ କୁଞ୍ଜୁର ଗୋଡ଼ହାତ ଧରି ନେହୁରା ହେଲା, "ଛିଃ, ତୁଚ୍ଛା କଥାଟାରେ ଇମିତି ପାଟିତୁଣ୍ଡ କରନ୍ତି, ମାଉସୀ ?" ଶେଷକୁ କାଳୀ କୁଞ୍ଜୁ ନିରାଶ ହୋଇ ତା ଗରିଆଟି ନେଇ ଫେରିଗଲା !

କାରୁତାମ୍ମା ତା ମାଆକୁ ପଚାରିଲା, "ଇଏ କଣ ମାଆ, ତୁ କାହିଁକି ଇମିତି କଥାକଥାକେ ମୁଣ୍ଡ ଗରମ କରିଦଉଚୁ କହିଲୁ ?"

"କାହିଁକି ନ କରିବି ଯେ ?"

"ନା, ଆମର ଡଙ୍ଗା ଆଉ ଜାଲ କଣା ହେବା ଦିନଠୁଁ ବାପା ଆଉ ତୁ କାହିଁକି ଅନ୍ୟ ଲୋକଙ୍କ ପରିକା ହଉଚ ।"

ସେଦିନ ରାତି କଥା । ଚେମ୍ବନ କୁଞ୍ଜୁ ବସି ଭାତ ଖାଉଥାଏ । ଚକ୍କୀ ଗାଆଁ ଖବର କହି-ବସିଲା । ଲୋକେ ଭୋକ ଉପାସରେ ରହୁଛନ୍ତି । କାହାର ଘରେ ସେଦିନ ଚୁଲି ଲାଗି ନାହିଁ ।

ଚେମ୍ବନ କୁଞ୍ଜୁ କହିଲା, "ରହନ୍ତୁ, ରହନ୍ତୁ, ସମେତେ ଉପାସରେ ରହନ୍ତୁ ।"

କାରୁତାମ୍ମା ଚମକିପଡ଼ିଲା ।

"ଦୁଃଖ କଷ୍ଟ ଭୋଗନ୍ତୁ, ତେବେ ଯାଇ ଜାଣିବେ ।"

ବାପାଙ୍କ କଥାର ଉଦ୍ଦେଶ୍ୟ ଯେ କଣ, ତାହା କିଛି ବୁଝିପାରିଲା ନାହିଁ କାରୁତାମ୍ମା । ସେହି ମୁହୂର୍ତ୍ତରୁ ବାପାଙ୍କ ପ୍ରତି ତା ମନରେ ଗୋଟାଏ ଘୃଣା ଜାତ ହୋଇଗଲା ।

"ଆଉ କୋଉ କଥା ଜାଣିବେ ଯେ ?" ଚକ୍କୀ ପଚାରିଲା ।

"ଆଗେ ଭୋଗନ୍ତୁ, ଭୋଗନ୍ତୁ । ହାତକୁ ପଇସା ଆସୁ ଆସୁ ପୁଅମାନଙ୍କର ନାଚ କେତେ ଦେଖିବୁ ! ମଉଜ ମଜଲିସ କେତେ ଦେଖିବୁ ! ଆଲେପ୍ପି ପଳେଇବେ । ଖିଆପିଆରେ ମତ୍ତି ଉଡ଼େଇବେ । ସବୁଦିନ ପଛେ ପିଲ୍ମ ଦୋଡ଼େଇବାକୁ ମାଛପର କନାଖଣ୍ଡେ ନ ଥିବ, ହାତରେ ଟଙ୍କା ପଡ଼ୁ ପଡ଼ୁ ପୁଅମାନେ ସୁନାଜରିରେ ଫୁଲ ପଡ଼ିଥିବା ପାତଳା ଶାଢ଼ି କିଣି-ପକେଇବେ । ଟଙ୍କାପଇସା ହାତରେ ପଡ଼ିଗଲେ ପରା ତଳେ ଗୋଡ଼ ଲାଗିବନି ଲୋ । ଏବେ ଆକାଶକୁ ଚାହିଁଥାନ୍ତୁ, କେତେ ତାରା ଗଣିହେବ ଗଣୁଥାନ୍ତୁ ।"

ଚକ୍କୀ କହିଲା, "ଆହେ, ପୁରୁବକାଳରୁ ତ କଥା ଅଛି, ସହଜେ କେଉଟର ପୁଅ ସଞ୍ଚିବ କାହିଁ ପାଇଁ କୁହ ?"

"ନ ସଞ୍ଚନ୍ତୁ । ହେଇଟି, ଏଇମିତିକା ସଢ଼ିବେ । ଝିଅକୁ ଏଇକଥା ସବୁ ଶିଖେଇ ଦେ ।

Digitized by srujanika@gmail.com

ଏଇମିତ ଉପାସରେ ମରୁ ।”

“ହଁ, ତେମେ ତ ନଇଲେ ଖାଲି ବୁଦ୍ଧିମନ୍ତ ଲୋକ ?” ଟିକିଏ ହସିଦେଇ ଚକ୍‌କୀ ଟିପ୍‌ପଣୀ କଲା ।

“ହଁ ତ । ମୁଁ କହୁଛୁ ବୁଦ୍ଧିମନ୍ତ । ସେଇଥିପାଇଁ ମୋ ହାତରେ ଟଙ୍କା ରହୁଛୁ ।”

“ଆଉ କହ ତୁଅନ ମ ।” ଚକ୍‌କୀ କହିଲା,“ସେ ପାରକୁଟ୍ଟୀ ପିଲାଟା ଶେଷକୁ ତା ଗୋଦାମ ବନ୍ଦ କରିଦେଲା । ଝିଅକୁ ଇଆଡ଼େ ଅସଲ ଯୁବାକାଳରେ ଅଭିଆଡ଼ୀ କରି ସାଇତ ରଖିଛ ।”

କାରୁତାମ୍ମା ଶୁଣିଲା ବାପାଙ୍କୁ ପଚାରିଲା, “ପାରକୁଟ୍ଟୀ ବି ତ ଭୋକିଲା ହୋଇ ରହୁଥିବ, ନୁହଁ ବାପା ?”

ଗାଆଁର ଅଭାବ ସମସ୍ତ ଲାଗିରହିଲା । ଏଣେ ଚେମ୍ମନ କୁଞ୍ଜୁ ଓ ଚକ୍‌କୀ ବଡ଼ ଶଦ୍ଧାରେ ନାମକୁ ମାଝ ଟଙ୍କେମଣେ ଦେଇ ବହୁତ କଛୁ ବାସନକୁସନ ଘରବନ୍ଦ କରିପକାଇଲେ । ଗ୍ରେଟ ବଡ଼ ସୁନା ଅଳଙ୍କାର କଛୁ ମଧ୍ୟ ହାତକୁ ଆସିଗଲା । କନଷଗୁଡ଼ାକ ଥିଲେ କାରୁତାମ୍ମାର ବାହାଘରକୁ କାମରେ ଆସିବ । ଦିନେ ଚକ୍‌କୀ ଗୋଟିଏ ସୁନ୍ଦର ଖଟ କିଣିଲା । ସ୍ୱାମୀ ଘରକୁ ଆସୁ ଆସୁ ଟିକିଏ ଲଜ ଲଜ ହୋଇ ହସ ହସ ମୁହଁରେ କହିଲା, “ଶୁଣିଲଣି, ମୁଁ ଖଣ୍ଡେ ଖଟ କିଣିଛୁ ।” ଠିକ୍ ସେହିପରି ହସ ହସ ମୁହଁରେ ଚେମ୍ମନ କୁଞ୍ଜୁ ପଚାରିଲା, “ଭଲ କଲୁ । ହେଲେ ଖଟଟେ କାହିଁକି କିଣିଲୁ ?”

“ଖଟ କଣ ହୁଏ ଜାଣିନ କି ? ଶୋଇବ ।”

“ହଁ ଯେ, କିଏ ଶୋଇବ ?”

“ତମ ଝିଅର ବର ଆସିଲେ ଝିଅ-ଜୋଇଁ ଶୋଇବେ ।”

“ଓଃ, ଏଭଳି କଥା, ନୁହଁ ?”

“ନୁହଁ ତ ଆଉ କଣ ? ବୁଢ଼ାବୁଢ଼ୀଙ୍କି ଖଟ ଶୋହେନା ।”

ଚକ୍‌କୀ କଥାରେ ବିଶ୍ୱାସ କଲାପରି ଭଙ୍ଗି କରି ଚେମ୍ମନ କୁଞ୍ଜୁ କହିଲା, “ଠିକ କଥା, ମୁଁ ତା ହେଲେ, ମୋ ପାଇଁ ଖଣ୍ଡେ ଭଲ ମସିଣା ବନେଇବି, କାଣ୍ଡାନ କୋରନ ଘରେ ଯିମିତିକା ଖଣ୍ଡେ ଦେଖିଥିଲି ଠିକ ସିମିତିକା ଖଣ୍ଡେ ମ ।”

“ତା ହେଲେ ସେ ମସିଣାରେ ଶୋଇବା ପାଇଁ ତା ମାଇକିନା ମେତେମାଇକିନାଟିଏ ବି ନେଇଆସ ।”

“ମୁଁ ତତେ ଠିକ୍ ତାରମେତେ ଗଢ଼ିଦେବିନି ଯେ……।”

× × ×

Digitized by srujanika@gmail.com

ତନେ ସକାଳୁ ଉଠିଲାବେଳକୁ ଚେମ୍ବନ କୁଞ୍ଜୁ ଦେଖେ ତ, ତା ପାଇଁ ସ୍ୱମାନ କୁଞ୍ଜୁ ଅପେକ୍ଷା କରଛୁ । ଘରକୁ ପାଗ୍ରେଟି ଆଣି ଚେମ୍ବନ କୁଞ୍ଜୁ ତାକୁ ଆସନରେ ବସାଇଲା । ସ୍ୱମାନ କୁଞ୍ଜୁ ସେହି ସମୁଦ୍ରକୂଳର ଲୋକ; ଜଣେ ଜଣାଶୁଣା ଡଙ୍ଗା-ମାଲିକ । ତାର ଦୁଇଖଣ୍ଡ ଡଙ୍ଗା । କିନ୍ତୁ ବର୍ତ୍ତମାନ ତାର ସବୁ ସମ୍ପତ୍ତିବାଡ଼ି ବନ୍ଧାପଡ଼ିଛି । ଏହି ସ୍ୱମାନ କୁଞ୍ଜୁ ତଳେ ଚେମ୍ବନ୍ କୁଞ୍ଜୁ କିଛିଦିନ ମାଝି-କାମ କରିଥିଲା ।

ବର୍ତ୍ତମାନ ସ୍ୱମାନ କୁଞ୍ଜୁର କିଛି ଟଙ୍କା ଦରକାର । ତା ଡଙ୍ଗାରେ କାମ କରୁଥିବା ଲୋକମାନେ ଭୋକ-ଉପବାସରେ ରହୁଛନ୍ତି । ସେମାନଙ୍କୁ କିଛି ଖୋରାକପଣ ଦେବାକୁ ପଡ଼ିବ । ଉପଙ୍ଗଠାରୁ ସେ କିଛି ଟଙ୍କା ଧାର କରିସାରିଛି । ପୁଣି ଥରେ ତାର ପାଖକୁ ଟଙ୍କା ଆଣିବାକୁ ସେ କୁଣ୍ଠାବୋଧ କରୁଛି ।

ସ୍ୱମାନ କୁଞ୍ଜୁ କହିଲା, "ଯେଉଁମାନେ ଆମ ପାଇଁ କାମ କରୁଛନ୍ତି, ପୁଣି ଆମକୁ ଭରସା କରି ଚଳୁଛନ୍ତି, ସେଇମାନେ ଆଜି ଭୋକ-ଉପାସରେ ରହୁଛନ୍ତି । ଚେତେଣେ ଦରିଆରେ କିଛି କାମଦାମ ନାହିଁ, ଏ ଦୃଶ୍ୟ ମୁଁ ଆଉ ଦେଖିପାରୁନି ।"

କଥାଟା ଯେ ସତ, ଚେମ୍ବନ କୁଞ୍ଜୁ ତାହା ସ୍ୱୀକାର କଲା । କହିଲା, "ଠିକ କଥା ବାବୁ, ତମ ଭଳିଆ ଡଙ୍ଗାମାଲିକ ଏସବୁ ସହିବା କଷ୍ଟ ।"

ସ୍ୱମାନ କୁଞ୍ଜୁକୁ ଟଙ୍କା ଦେବା ଲାଗି ଚେମ୍ବନ କୁଞ୍ଜୁ ରାଜି । ତା ମନରେ କୌଣସି ପ୍ରକାର କୁଣ୍ଠା ନାହିଁ ।

"ଆପଣଙ୍କର କେତେ ଟଙ୍କା ଦରକାର ?"

"ଟଙ୍କା ଦେଢ଼ଶ ହେଲେ ଚଳିବ ।"

ଚେମ୍ବନ କୁଞ୍ଜୁ ଦେଢ଼ଶ ଟଙ୍କା ଗଣି ଦେଇ ସ୍ୱମାନ କୁଞ୍ଜୁ ହାତକୁ ବଢ଼ାଇ ଦେଲା ।

ସ୍ୱମାନ୍ କୁଞ୍ଜୁ ପଚାରିଲା, "ତମ ଲୋକଙ୍କୁ ଚେତେମ କିଛି ଖୋରାକପଣ ଦଉନା ?"

ଚେମ୍ବନ କୁଞ୍ଜୁ ନଖରେ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲା, "ବାବୁ ମୁଁ କୋଉଁଠୁ ଦେଇ ପାରିବି କହିଲ ? ମୁଁ ବି ତ ସେମାନଙ୍କ ସାଙ୍ଗରେ କାମ କରୁଛି । ଯେତେହେଲେ ବାବୁ, ହାତୀ ଆଁକୁ ମୂଷା ଆଁ ସରି ହବ ?"

ସ୍ୱମାନ୍ କୁଞ୍ଜୁ ଚାଲିଯିବା ପରେ ଚେମ୍ବନ କୁଞ୍ଜୁ ଚକ୍କୀ ପାଖକୁ ଯାଇ ପାଗଳଙ୍କ ପରି ହୋ ହୋ ହୋଇ ହସିଉଠିଲା । ଚେମ୍ବନ କୁଞ୍ଜୁ ଏତେ ଖୁସିହେବା, ଏତେ ହସିବା ଚକ୍କୀ କେବେ ଦେଖିନଥିଲା ।

"ଇଏ କଣ କି ହୋ ? ପାଗଳା ହୋଇଗଲ ନା କଣ ?" ଚକ୍କୀ ପଚାରିଲା ।

"ଯାଆଲୋ ବୋକୀ, ତୁ କଣ ବୁଝିବୁ ? ତା ଡଙ୍ଗା ଖଣ୍ଡିକ ମାସ ଛ'ଟା ଭିତରେ ମୋ ହାତକୁ ଚାଲିଆସୁଚି, ଦେଖିବୁ ରହ ! ହାତେରେ ପଇସା ଥିଲେ ଏଇମିତିକା ଉପକାର ମିଳେ, ବୁଝିଲୁ ?"

ଚେମ୍ବନ କୁଞ୍ଜୁର ଡଙ୍ଗାରେ କାମ କରୁଥିବା ଲୋକେ ଯେତେବେଳେ କିଛି ମାଗି ମାଗି

Digitized by srujanika@gmail.com

ତାକୁ ବ୍ୟସ୍ତ କରି ପଚାରିଲେ, ସେ ପଚାରିଲା—"ବାପଧନ, ଟଙ୍କା ମାଗୁଛ ଯେ, ଏଥର କାମ କରିବାକୁ ରାଜି ଅଛନ୍ତି ?"

କେହି ଅମଙ୍ଗ ହେବା ଦେଖାଗଲା ନାହିଁ । କାମକୁ ଯିବା ଲାଗି ସମସ୍ତେ ରାଜି ।

ଚେମ୍ପନ କୁଞ୍ଜୁ କହିଲା, "ଡଙ୍ଗା ନେଇ ଖୁବ୍ ଭିତରକୁ ଚାଲିଯିବା, ମାଛ କମିତ ନ ପଡ଼ିବ ଦେଖିବା ।"

ସେମାନେ ଅଙ୍ଗାଅଙ୍ଗି ହେଲେ । କହିଲେ, "ପାଗ ଯିମିତ ହେଇଚ, ଏଥିରେ ଦରିଆ ଭିତରକୁ ଏବେ ବାଟ କମିତ ଯିବା ?"

ଚେମ୍ପନ କୁଞ୍ଜୁ ହାତରେ ଅନ୍ୟ ଏକ ବାଣ ରହିଥିଲା । ବେଳକାଳ ଦେଖି ସେ ବାଣଟି ମାରିଦେଲା । ଠିକ୍ ଅଛୁ, ଆଗରୁ କାମ କରୁଥିବା ଲୋକେ ଯଦି ଦରିଆକୁ ଯିବାକୁ ନାରାଜ, ତେବେ ସେ ନୂଆ ଲୋକ ନେଇନେବ । ପୁରୁଣା ଲୋକଙ୍କୁ କାମରୁ ବାହାର କରିଦେଇ ନୂଆ ଲୋକଙ୍କୁ ସବୁଦିନ ପାଇଁ ରଖିନେବ ।

କହିଲା, "ବୁଝିଲ ରେ, ମୋର ଡଙ୍ଗା ଅଛୁ, ଜାଲ ସରଞ୍ଜାମ ଅଛୁ । ମୁଁ ବାବୁ ଇମିତ ନିକମା ହୋଇ ବସିପାରିବ ନାହିଁ । ମୋର ବେଳାୟୁ କ୍ଷେତି ହେଲାଣି ।"

ଦୁଇ ଦିନ ପରର କଥା । ଚକ୍କୀ ଓ କାରୁତାମ୍ମା ଦେଖିଲେ ତାଙ୍କ ଡଙ୍ଗାଖଣ୍ଡିକ ପଶ୍ଚିମମୁଖୀ ହୋଇ ଖୁବ୍ ଜୋର୍‌ରେ ସମୁଦ୍ର ଭିତରେ ଦୂରରୁ ଦୂରକୁ ମାଡ଼ିଚାଲିଛି । କଥାଟା ଯେ କଣ, ସେମାନେ ସେତିକିବେଳେ ଯାଇ ବୁଝିପାରିଲେ । ସେଦିନ ପ୍ରାୟ ତେରଟି କୁଟୁମ୍ବର ଛୁଆପିଲା ଆସି ସମୁଦ୍ରକୂଳରେ ଅପେକ୍ଷା କରି ବସିରହିଲେ । ସମସ୍ତେ ଉତ୍କଣ୍ଠାରେ ଚାହିଁରହିଥାନ୍ତି । ଦରିଆ ଠାକୁରାଣୀଙ୍କୁ ମନେ ମନେ ପ୍ରାର୍ଥନା ଚାଲିଥାଏ । ବୁଢ଼ୀମାନେ ସମୁଦ୍ରକୁ ଚାହିଁ କହୁଥାନ୍ତି, "ଆଜି ସମୁଦ୍ରର ସୋଉଁ ସୁଅ, ବଡ଼ ବିଷମଲୋ ମାଆ, ବଡ଼ ବିଷମ ।" ସେମାନେ ଭାବିଚାଲ ସମୁଦ୍ରରେ ନିଶ୍ଚୟ ଭଉଁରି ପଡ଼ିଛି ।

ସନ୍ଧ୍ୟା ହୋଇଗଲା, ତଥାପି ଡଙ୍ଗାଟା ଫେରିଲା ନାହିଁ । ଆକାଶରେ ତାରା ଫୁଟିଲେ । ମିଞ୍ଜିମିଞ୍ଜିଆ ତାରା ଉଜ୍ଜ୍ୱଳ ହୋଇ ଦେଖାଗଲେ । ସମୁଦ୍ର ତେଣେ ସ୍ଥିର, ଜଣେ କେହି କହିଲା, ବହୁତ ଦୂରରେ ଗୋଟିଏ କଣ କଳା ହୋଇ ଦେଖାଯାଉଛି; ଡଙ୍ଗା ହୋଇଥିବ । କିନ୍ତୁ ନାହିଁ—ଡଙ୍ଗାର ଚିହ୍ନବର୍ଣ୍ଣ ନାହିଁ ।

କୋଚ୍ଚୁନ୍ କେଉଟର ମାଆ ଗୁଡ଼ି ପିଟିହୋଇ କାନ୍ଦ-ବୋବାଳି ଆରମ୍ଭ କରିଦେଲା । ଚକ୍କୀକୁ କହିଲା, "ଆଲୋ, ମୋ ଏକୋଇରବଲା କୁଆଡ଼େ ଗଲା ଲୋ, ତାକୁ ଆଣି ଦେ ଲୋ ।" ଈବାର ସ୍ତ୍ରୀ ପୋଖତା ମାଇପିଟିଏ, କାଖରେ ତାର ଛୁଆ । ସେ କାହାକୁ ଦୋଷ ଦେଇ ପାରିଲା ନାହିଁ; ଆଖିରୁ ତାର ଝରିଚାଲିଲା ଧାର ଧାର ହୋଇ ଲୁହ । ସମୁଦ୍ର କୂଳଟା ଦୁଃଖ ଓ ଶୋକର ପ୍ରତିଛବିରେ ପରିଣତ ହୋଇଗଲା । ପ୍ରାୟ ଅଧରାତି ବେଳକୁ କୋଳାହଳ ଶୁଣାଗଲା । କିଏସେ ଜଣେ ପାଟି କରିଉଠିଲା, "ଡଙ୍ଗା ଆସୁଛି ରେ, ଡଙ୍ଗା" । ଡଙ୍ଗାଟା କୂଳ ଆଡ଼କୁ ଚାଲି ପରି ମାଡ଼ିଆସିଲା । ଡଙ୍ଗାରେ ଲଦା ହୋଇଥାଏ ଗୋଟିଏ ମଗର । ସେମାନେ

Digitized by srujanika@gmail.com

ଆଣିଥିଲେ ଗୋଟିଏ ମଗର ଧରିଥିଲେ; କିନ୍ତୁ ଏକାସଙ୍ଗେ ଦୁଇଟି ମଗର ଧରିଆଣିବା ସମ୍ଭବ ହେଲା ନାହିଁ ବୋଲି ଗୋଟାକୁ ଛାଡ଼ିଦେଲେ ।

ଚେମ୍ପନ କୁଞ୍ଜୁ ମଗରଟାକୁ କାଟି ଖଣ୍ଡ ଖଣ୍ଡ କରି ଭିତର ଦେଶକୁ ଯାଇ ବିକିବା ଲାଗି କେଉଟୁଣୀମାନଙ୍କୁ ଭାଗ ଭାଗ କରି ଦେଇଦେଲା । କହିଲା, "ବିକିସାରିଲେ ପଇସା ଆଣି ଦେବ ।" କାଳୀ କୁଞ୍ଜୁ, ଲକ୍ଷ୍ମୀ ଓ ଅନ୍ୟମାନେ ଭାଗେ ଭାଗେ ପାଇଲେ । ସେଦିନ ସବୁଘରେ କାହା କାହା ଘରେ ଚୂଲି ଲାଗିଲା ।

ଦୁଇଦିନ ପରେ ସେମାନେ ପୁଣି ଥରେ ସମୁଦ୍ର ଭିତରକୁ ଚାଲିଗଲେ । ସେଦିନ ବି ଚେମ୍ପନ କୁଞ୍ଜୁ ବିଜୟଗର୍ବରେ ଫେରିଆସିଲା । ସମୁଦ୍ର ଅଫଳନ୍ତ ରହିଥିବାବେଳେ ବି ଚେମ୍ପନ କୁଞ୍ଜୁ ବେଶ୍ ଦିପଇସା କମେଇପାରିଲା । ବୁଢ଼ାବୁଢ଼ୀମାନେ ପରାଜୟ ସ୍ୱୀକାର କରି ଚୁପ୍ ହୋଇ ରହିଲେ । ମାଇପିମାନେ କହିଲେ, "ଏଥର ଯା' ହେଉ, ଆମକୁ ଦିମୁଠା ଖାଇବାକୁ ମିଳିଲା— ଧନ୍ୟ ସେ ଚେମ୍ପନ କୁଞ୍ଜୁକୁ ।"

ତା ଦେଖାଦେଖି ଅନ୍ୟ ଡଙ୍ଗାବାଲାମାନେ ବି ଦରିଆ ସେପାରିକୁ ଡଙ୍ଗା ନେଇ ଚାଲିଲେ ।

ଦୁଃଖର ଦିନ ସରିଆସିଲା । ସମସ୍ତଙ୍କର ସେହି ଗୋଟିଏ ଆଶା, ସୁଖର ଦିନ ଫେରିଆସୁଛି । ଏଥର ବେଶି ଚେମ୍ମୀନ୍-ଚାକରା ପଡ଼ିବେ । ଗତବର୍ଷ ଆଲେପ୍ପିର ଉତ୍ତର ପଟକୁ 'ଚାକରା' ପଡ଼ିଥିଲା । ତେଣୁ ଏଥର ଯେ ନିର୍କୁନାମ୍ ସମୁଦ୍ରକୂଳରେ 'ଚାକରା' ପଡ଼ିବ ସେଥିରେ ଆଉ ସନ୍ଦେହ ନାହିଁ । ସେ ଯାହାହେଉ, ଆଜିନୁ ସଜ ହେବାକୁ ପଡ଼ିବ । ଭାଗ୍ୟକୁ ଦୋଷ ଦେଇ ଲାଭନାହିଁ । ଡଙ୍ଗା ମରାମତି କରିବାକୁ ପଡ଼ିବ । ଜାଲ ସଜାଡ଼ିବାକୁ ପଡ଼ିବ । ସବୁ ଠିକ୍‌ଠାକ୍ କରି ନ ରଖିଲେ ଚଳିବ ନାହିଁ ।

ଥଳିରେ ଥଳିଏ ଲେଖାଁ ଟଙ୍କା ଭରି ବରି ଇସଫ ଓ ଗୋବିନ୍ଦନ୍ ଦୁଇ ମହାଜନ ସମୁଦ୍ରକୂଳକୁ ଚାଲିଆସିଲେ । ସମସ୍ତଙ୍କର ଟଙ୍କା ଲୋଡ଼ା । କେଉଟ ବାପୁଡ଼ାଏ ସବୁ ସର୍ତ୍ତକୁ ରାଜି । ଶୁଖୁଆ ଗୋଦାମର ବେପାରୀମାନେ ଆଲେପ୍ପି, କୁଇଲନ୍ ଓ କୋଚିନ୍‌ର ବଡ଼ ବଡ଼ ମାଛ ବ୍ୟବସାୟୀଙ୍କ ସହିତ ବନ୍ଧୁତା ଆରମ୍ଭ କରିଦେଲେ । ବଡ଼ ବ୍ୟବସାୟୀଙ୍କ ଦଲାଲମାନେ ବଡ଼ ଶୁଖୁଆ ବେପାରୀଙ୍କର ସାଙ୍ଗାତ ମୈତ୍ର ହୋଇଗଲେ । ଋଣ ଟଙ୍କାର ସୁଅ ମାଡ଼ି ଆସିବା ସଙ୍ଗେ ସଙ୍ଗେ ସମୁଦ୍ରକୂଳର ଚେହେରା ବଦଳିଗଲା ।

ଶ୍ରେଷ୍ଠ ଶ୍ରେଷ୍ଠ ମହାଜନମାନେ ବି ଆସି ଘର ଘର ବୁଲି ମାଇପିମାନଙ୍କୁ ଟଙ୍କା ଧାର ଦେଇଗଲେ । ଶୁଖୁଆପାଇଁ ଆଗତୁରା ବଇଣା ଦେଇଗଲେ । ଏପରି ଘର ଘର ବୁଲୁଥିବା ବେଳେ ମହାଜନ ଟୋକା ଥରେ ଗୋଟିଏ କେଉଟୁଣୀ ଉପରେ ବଳାତ୍କାର କରିବାକୁ ଚେଷ୍ଟା କରୁଥିବା ଜାଣି, ତା ସ୍ୱାମୀ ସେ ମହାଜନ ଟୋକାକୁ ଛୁରାଭୁଷି ମାରିଦେଲା ।

ଚେମ୍ପନ କୁଞ୍ଜୁ ସଙ୍ଗେ ରାମାନ୍ କୁଞ୍ଜୁର ବରାବର ଦେଖାହୁଏ । ରାମାନ୍ କୁଞ୍ଜୁର ଭାରି ଭୟ ଯେ ଚେମ୍ପନ କୁଞ୍ଜୁ କାଲେ ଟଙ୍କାଟା ମାଗି ବସିବ । କିନ୍ତୁ ଟଙ୍କା ମାଗିବା ଦୂରେ ଥାଉ,

Digitized by srujanika@gmail.com

ଓଲଟି ଚେମ୍ମନ କୁଞ୍ଜୁ ତାକୁ ଅଧିକ ଟଙ୍କା ଯାଚେ—କହେ ଦରକାର ଥିଲେ ନେଇଥାଅ ।
ପାଲକୁଞ୍ଚୀ ସ୍ବୀକାର ପାଇଁ କୌଣସି ପ୍ରକାର ସଜବାଜ ହେଲନାହିଁ । ତା ବାପା କହିଲେ—ସେ ଗୋଦାମ ବନ୍ଦ କରିଦେଉ । ପାଲକୁଞ୍ଚୀ କିନ୍ତୁ ସମୁଦ୍ରକୂଳ ଛାଡ଼ିବାକୁ ନାରାଜ ।
ଶେଷକୁ ଆଶ୍ଚର୍ଯ୍ୟ ହୋଇ ଅବଦୁଲ୍ଲ ପଚାରିଲେ, "କରେ, ତୁ ଏ କି କଥା କହୁଛୁ ?"
ପାଲକୁଞ୍ଚୀ କହିଲା, "ବାପା, ମତେ ତୁମେ ପିଲାଟି ଦିନୁ ଆଣି ଏଇ ସମୁଦ୍ରକୂଳରେ ଛାଡ଼ିଦେଇଛ । ମାଛଶୁଖୁଆ ବ୍ୟବସାୟ ବ୍ୟତୀତ ମୁଁ ଆଉ କିଛି ଶିଖିନାହିଁ । ମୁଁ ଅନ୍ୟ ବ୍ୟବସାୟ କରିପାରିବିନାହିଁ ।"
"ଏହେ ମାଛ ବେପାରଟେ ତ, ଟଙ୍କାପଇସା ସବୁ ବୁଡ଼େଇ ଦେଇ ବସିଲୁ କିପରି ?"
ପାଲକୁଞ୍ଚୀ କହିଲା, "ବାପା, ବ୍ୟବସାୟରେ ଲାଭ ଅଛି, କ୍ଷତି ଅଛି । ବେଳ ପଡ଼ିଲେ ମଣିଷର ମୂଳଧନ ବି ବୁଡ଼ିଯାଉଛି ।"
"ତୁ ଯଦି ଆହୁରି ଏଭଳି କ୍ଷତି କରିଚାଲିଥିବୁ, ତେବେ···?"
ପାଲକୁଞ୍ଚୀ କହିଲା, "ପୁଅ ବୋଲି ମୋ ଭାଗରେ ଆପଣଙ୍କର ଯାହା ସମ୍ପତ୍ତିବାଡ଼ି ପଡ଼ିବା କଥା, ମତେ ଆପଣ ଠିକ୍ ସେତିକି ଦେଇଦିଅନ୍ତୁ, ମୁଁ କେବଳ ସେତିକି ମାଗୁଛି । ତା'ପରେ ଆପଣ ମତେ ଆଉ କିଛି ଦେବା ଦରକାର ନାହିଁ ।"
ତା ବାପା କହିଲେ, "କିନ୍ତୁ ତତେ ଦେବା ପାଇଁ ମୋର ଆଉ କିବା ସମ୍ପତ୍ତି ଅଛି ?"
ଅବଦୁଲଙ୍କ ଉପରେ ଅନେକ ଦାୟିତ୍ୱ । ଦିନ ଥିଲା, ସେ ଖୁବ୍ ଧନୀ ଥିଲେ, କିନ୍ତୁ ସେଦିନ ଆଉ ନାହିଁ । ସବୁ କ୍ଷୟକ୍ଷତି ହୋଇଯାଇଛି । ବାହାହେବା ପାଇଁ ଘରେ ଗୋଟିଏ ଝିଅ ବସିଛି । ସେ ପୁଅ ଆଗରେ ସବୁ ସମସ୍ୟା ବର୍ଣ୍ଣନା କରିଗଲେ, ତଥାପି ପାଲକୁଞ୍ଚୀର ମନ ବଦଳିଲା ନାହିଁ ।
କାଳୁଡାମ୍ମା ଦେଖିଲା ପାଲକୁଞ୍ଚୀ ଆସନ୍ତା ସ୍ବୀକାର ପାଇଁ କୌଣସି ପ୍ରକାର ସଜବାଜ ହେଉ ନାହିଁ । ଯେଉଁ ବଡ଼ ବଡ଼ ହାଣ୍ଡିରେ ଚିଙ୍ଗୁଡ଼ି ସିଝାଯାଏ, କାହିଁ ସେ ହାଣ୍ଡିସବୁ ଏପର୍ଯ୍ୟନ୍ତ ଠିକ୍ କରିନାହିଁ । ନଡ଼ିଆକତା ମସିଣାମାନଙ୍କରେ ମାଛ ଶୁଖାଯାଏ । ମସିଣା ବି ଆଜଯାଏ କିଣି ନାହିଁ, ଶୁଖୁଆ ରଖିବା ଲାଗି ଝୁଡ଼ି ବି କିଣିନାହିଁ ।
ସେ ମାଆକୁ କହିଲା, "ମା', ଏତିକିବେଳେ ତାଙ୍କ ଟଙ୍କାଟା ଫେରେଇଦବା ଠିକ୍ ହବ । ସେ ଯେଉଁ ସାହାଯ୍ୟ କରିଥେଲେ, ସେତକ ଯଦି ମାନୁଛ, ତା'ହେଲେ ଏତିକିବେଳେ ଭଲ ଟଙ୍କାଟା ଫେରେଇଦିଅ ।"
ଝିଅକଥା ଶୁଣି ଚକ୍କୀ ଚେମ୍ମନ କୁଞ୍ଜୁକୁ ପାଟିକଲା । କିନ୍ତୁ ସେଥିରେ କୌଣସି ଫଳ ହେଲ ନାହିଁ; ଓଲଟି ଚେମ୍ମନ କୁଞ୍ଜୁ ରାଗିଲା । କାଳୁଡାମ୍ମା ବୁଝିନେଲା ଯେ ଚେମ୍ମନ କୁଞ୍ଜୁ ପାଲକୁଞ୍ଚୀର ଟଙ୍କା ଆଉ ଫେରାଇବ ନାହିଁ ।
ସେ ତା ମାଆକୁ କହିଲା, "ମାଆ, ମତେ ଡର ଲାଗୁଛି, ମୁଁ ଏ ଭାର ଆଉ ସମ୍ଭାଳି ପାରିବ ନାହିଁ ।"

Digitized by srujanika@gmail.com

କିଛିକ୍ଷଣଯାଏ ଚକ୍କୀ ଏ କଥାର ତାତ୍ପର୍ଯ୍ୟ ବୁଝିପାରିଲା ନାହିଁ । ସେ ପଚାରିଲା, "ତୁ କଅଣ କହୁଛୁ ?"

କାରୁତାମ୍ମା ଆଖିରୁ ଲୁହ ଝରୁକିପଡ଼ିଲା । ଚକ୍କୀ କେତେ ସାନ୍ତ୍ୱନା ଦେଲା । କିନ୍ତୁ କାରୁତାମ୍ମା କିଛି ଶୁଣିଲା ନାହିଁ । କହିଲା—"ଯାଉଛୁ, ବାପାଙ୍କୁ ସବୁ କଥା ଖୋଲି କହିଦେବି । ସେତିକିବେଳେ ଯାଇ ସେ ଟଙ୍କା ବାହାର କରିବେ ।"

ଚକ୍କୀ ଆତଙ୍କିତ ହୋଇଗଲା । ବ୍ୟସ୍ତ ହୋଇ କହିଲା, "ମାଆ ମୋର, ଧନ ମୋର, କହନା, କିଛି କହନା ।"

ଚକ୍କୀ ଯେଉଁ ସବୁ ଘଟଣା ଜାଣିଛି, ଚେମ୍ପନ କୁଞ୍ଜୁ ଯଦି ସେତିକି ଜାଣେ, ତେବେ କଣ କ୍ଷତି ହୋଇଯିବ ? ଚକ୍କୀ ତାହା କଳ୍ପନା କରିପାରିଲା ନାହିଁ । କାରୁତାମ୍ମା କଥା ଶୁଣି ଚକ୍କୀ ଭାବିଲା, ସେ ଯାହା ଯାହା ଜାଣିଚି, ଘଟଣା କେବଳ ସେତିକି ହୋଇ ରହିନାହିଁ, ତା ଭିତରେ ଆହୁରି କିଛି ଗୁରୁତର କଥା ଲୁଚିରହିଚି ।

ସାତ

ଚାକର ଋତୁପାଇଁ କେଉଟମାନେ ଆଶାନ୍ୱିତ ହୋଇ ଚାହିଁରହିଲେ । ଯେତେବେଳେ ପେଜ ଓ ଶାଗ ବ୍ୟତୀତ ଅନ୍ୟ କିଛି ଖାଇବାକୁ ମିଳେ ନାହିଁ ସେତେବେଳେ ଘରେ ଘରେ ଶୁଣିବାକୁ ମିଳେ ସେହି ଗୋଟିଏ ପ୍ରାର୍ଥନା, "ହେ ମାଆ ଦରିଆଠାକୁରାଣୀ, କେବେ ଆଉ ଆମକୁ ପେଟ ପୂରାଇ ଗଣ୍ଡେ ଖାଇବାକୁ ମିଳିବ ? ଏଥର ହେଲେ ଚାକର ଚାଲିଆସୁ ମାଆ !"

ଚାହାଦୋକାନୀ ଯେତେବେଳେ ଧାର ଦିଏ ନାହିଁ କେଉଟମାନେ ସେତେବେଳେ କହନ୍ତି, "ଆରେ ଦେଉଥା ଭାଇ, ଚାକର ପାଖେଇ ଆସିଲାଣି, ଟଙ୍କାଟା ଶୁଝିଦେବାକୁ ଆଉ କେତେ ଦିନ ?"

ସ୍ତ୍ରୀ ତେଣେ ଚିରାଲେଙ୍କେଡା ଲୁଗା ଦିଖଣ୍ଡରେ ଚଳୁଥାଉ; କିନ୍ତୁ ସ୍ୱାମୀ କହେ, "ଏଥର ଚାକର ଆସିଗଲେ ତୋପାଇଁ ଫାଇନ୍ ଶାଢ଼ି ଦିଖଣ୍ଡ କିଣିଦେବି ।"

କେଉଟଜୀବନର ସବୁ ଆଶା, ସବୁ ଅଭିଳାଷ ଏଇ ଚାକର ଋତୁରେ ହିଁ ଫଳବନ୍ତ ହୁଏ ।

ଚାକରପାଇଁ କାରୁତାମ୍ମା ବି ଗୋଟିଏ ଯୋଜନା ଗଢ଼ିଥିଲା । ମାଆ ଆଗରେ ସେ ନିଜର ମନକଥା ବର୍ଣ୍ଣନା କରିଗଲା । ଏଥର ଚାକରରେ ଦିହେଁ ମିଶି କୌଣସି ପ୍ରକାରେ କିଛି ଟଙ୍କା ସଞ୍ଚିବେ । ତାଛଡ଼ା ଚେମ୍ପନ କୁଞ୍ଜୁ ଯାହା କିଛି ଘରକୁ ଆଣିବ, ସେଥିରୁ ବି ଗୋଟିଏ ଅଂଶ

Digitized by srujanika@gmail.com

ରଖିନେବେ । ଏପରି କଲେ ହିଁ ପାରିକୁଟ୍ଟୀର ଟଙ୍କା ପରିଶୋଧ କରିହେବ । ଚ୍ଚକ୍କୀ ମନରେ ବି ଗୋଟିଏ ଅଭିଳାଷ ଲୁଚିରହିଥାଏ । ଏଥର ଚାକାରିରେ ସେ ଝିଅ ବାହାଘରପାଇଁ କିଛି ଗହଣାଗାଣ୍ଠି ହେଉ ବା କିଛି ଲୁଗାପଟା ହେଉ କରିନେବ ।

କାରୁତାମ୍ମା କହିଲା, "ମାଆ, ମୋର ସୁନାରୁପା ଲୋଡ଼ା ନାହିଁ କି ଲୁଗାପଟା ଲୋଡ଼ା ନାହିଁ । ମୁଁ ଚାହୁଁଛି, କେବଳ ସେ କୋଚୁମୁତାଲାଲ୍ଲୀଙ୍କ କରଜ ଟଙ୍କାଟା କମିତ ଶୁଝି ହେଇଯାଆନ୍ତା ।"

"କିନ୍ତୁ ମାଆଲୋ, ତୋ ବାପା ବିନା ସେ ଋଣ ଶୁଝିବ !"

"ବାପା ଜେମେ ଶୁଝିବେନି ।"

ଚ୍ଚକ୍କୀ କାରୁତାମ୍ମା କଥାକୁ କାଟି ପାରିଲାନାହିଁ । କାରୁତାମ୍ମା ନିଜର ଯୋଜନା ଗଢ଼ି-ଚାଲିଲା ।

ଚାକାରିବେଳକୁ ପାରିକୁଟ୍ଟୀ ବି କିଛିଟା ଆଶା ବାନ୍ଧିରହିଥିଲା । ଜଣେ ବଡ଼ ମହାଜନ ପାଖରେ ଘର ଓ ଜମିବାଡ଼ି ବନ୍ଧକ ଦେଇ ଅବଦୁଲ୍ଲା କିଛି ଟଙ୍କା ଆଣିଥିଲେ । ବ୍ୟବସାୟ ଚାଲୁରଖିବାଲାଗି ସେଥିରୁ ଦୁଇହଜାର ଟଙ୍କା ଦେଇଥିଲେ ପାରିକୁଟ୍ଟୀକୁ । ସାବଧାନରେ କାରବାର କରିବ, ଋଣ ପରିଶୋଧ କରିବ ଓ ଭଉଣୀଟିକୁ ବାହାଦେବ—ଏହିସବୁ ଦୃଷ୍ଟିରୁ ବିଚାର କରି ପାରିକୁଟ୍ଟୀ ଏକ ଯୋଜନା ଗଢ଼ିଥିଲା ।

ସମସ୍ତଙ୍କର ଆଶା ଆକାଂକ୍ଷାକୁ ପୂର୍ଣ୍ଣକରି ବୋହିଆସିଲା ପ୍ରଥମ ମୌସୁମୀ ପବନ । ସମୁଦ୍ର ଅସ୍ଥିର ହୋଇଉଠିଲା । ପାଣି ପବନର ସୁଅରୁ ସ୍ପଷ୍ଟ ଜଣାପଡ଼ିଗଲା ଯେ ଏବର୍ଷ ସେହିମାନଙ୍କ ସମୁଦ୍ରକୂଳରେ ଚାକାରି ପଡ଼ିବ । ଆଶା ଓ ଆନନ୍ଦରେ ଝଲସିଉଠିଲା କେଉଟମାନଙ୍କର ଆଖି । ଏଥର ଆଉ ଦିନ କେଇଟା ଭିତରେ ସମୁଦ୍ରକୂଳଟା ଏକ କୋଳାହଳପୂର୍ଣ୍ଣ ଗ୍ରେଟ ସହରରେ ପରିଣତ ହୋଇଯିବ । ରାସ୍ତାର ଦୁଇ ପାଖରେ ସମୁଦ୍ର କୂଳେ କୂଳେ ତିଆରି ହୋଇଗଲା ମାଳ ମାଳ ଦୋକାନଘର । ସେ ସବୁ ଘରେ ଖୋଲିବ ଚାହା-ଦୋକାନ, ଦରଜି-ଦୋକାନ, ଲୁଗା-ଦୋକାନ, ସୁନାରୁପା-ଦୋକାନ । ଦୋକାନ ଘରମାନଙ୍କରେ ବିଜୁଳି ଆଲୁଅ ମଧ୍ୟ ଲାଗିଗଲା ।

ଦୂରସ୍ଥାନର ଡଙ୍ଗାବାଲାମାନେ ଡଙ୍ଗା ଧରି ଆସି ସେଠାରେ ପହଞ୍ଚିଗଲେ । ବର୍ଷା ଆସିଗଲା । ମୂଷଳ ଧାରରେ ବର୍ଷା ଅଜାଡ଼ି ହୋଇ ପଡ଼ିଲା । ପବନ ବୋହିଲା ସାଇଁ ସାଇଁ; କିନ୍ତୁ ସମୁଦ୍ର ହୋଇଗଲା ସ୍ଥିର; ଗୋଟିଏ ସାଧାରଣ ପୋଖରୀ ପରି ସ୍ଥିର ।

ପ୍ରଥମ ଦିନ ବେଶି ମାଛ ପଡ଼ିଲେ ନାହିଁ । ମାଛସବୁ ଧୀରେ ଧୀରେ ସ୍ଥିରଜଳକୁ ଆସୁଥାନ୍ତି । ସବୁ ଡଙ୍ଗା ଦରିଆକୁ ଯାଇଥିଲେ । କିନ୍ତୁ ଚେମ୍ପନ କୁଞ୍ଜୁ ଖେପାରେ ପଡ଼ିଲା ସବୁଠାରୁ ବେଶି ମାଛ । ଆମ୍ବାନ କୁଞ୍ଜୁ ଭାବିଲା ଚେମ୍ପନ କୁଞ୍ଜୁ ସମସ୍ତଙ୍କ ଆଗରୁ ଦରିଆକୁ ଯାଇଥିଲା, ତେଣୁ ତା ଖେପାରେ ବେଶି ମାଛ ପଡ଼ିଲା । କିନ୍ତୁ ରମାନ୍ ମୁପ୍‌ପାନ ଅନ୍ୟ ଏକ ମତ ଦେଲା । ସେ କହିଲା, "ଆରେ, ସିଏ ଯେଉଁଦିନ ପାଲ୍ଲିକୁନ୍ନାଥର ଡଙ୍ଗାଟା କିଣିଲା, ସେଦିନ ସେ ତା

Digitized by srujanika@gmail.com

ସୌଭାଗ୍ୟଟା ବି କରିଆଣିଲା ।"

ଚେମ୍ପନ କୁଞ୍ଜୁ ସମୁଦ୍ରକୂଳର ସବୁଡଙ୍ଗା ମାଲିକଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆହେଲା । ସମସ୍ତେ ଜିଦ୍ ଧରିଲେ, "ସିଏ କିମିତି ଆମଠୁ ବେଶି ମାଛ ଧରିବ ଦେଖିବା ।"

ଆସ୍ଥାନ କୁଞ୍ଜୁ ତା' ମାଝିମାନଙ୍କୁ ଡାକି ଏକାଠି କଲା । ସେ ସମସ୍ତଙ୍କ କାନେ କାନେ ଉପଦେଶ ଶୁଣାଇ ଦେଲା, "ଶୁଣ କହୁଛି, ମତେ ସିମିତି ତମମାନଙ୍କୁ ଆଉ ଡାକିବାକୁ ନ ପଡ଼େ । ଠିକ୍ ସମୟ ବେଳକୁ ତେମେସବୁ ଆପେ ଆପେ ଚାଲିଆସିବ । ଆମର ଗୋଟେ ଜିଦ୍ ଥିବା ଦରକାର କି !"

ତା'ପରଦିନ ଠିକ୍ ହୋଇଥିବା ସମୟର କିଛି ପୂର୍ବରୁ ମାଝିମାନେ ସମୁଦ୍ରକୂଳକୁ ଚାଲି ଆସିଲେ । ଖୁବ୍ ପାହାନ୍ତିଆରୁ ଚାହା ଦୋକାନମାନଙ୍କରେ ବିକାକିଣା ଆରମ୍ଭ ହୋଇଗଲା । ଚେମ୍ପନ କୁଞ୍ଜୁର ଡଙ୍ଗା ସେଦିନ ପହିଲୁ ଯାଇ ପାରିଲାନାହିଁ । ଅନ୍ୟମାନଙ୍କର ଫନ୍ଦିଟା ସେ ବିଚରା ଜାଣି ପାରିନଥିଲା ।

ସେଦିନ ଡଙ୍ଗାମାନଙ୍କ ଗତିବିଧିରୁ ଜଣାପଡ଼ିଗଲା ଯେ, ପ୍ରଚୁର ପରିମାଣରେ ଚିଙ୍ଗୁଡ଼ି ପଡ଼ିବେ । ଶୁଖୁଆ ବ୍ୟବସାୟୀ ଓ ଶୁଖୁଆ ତିଆରି କରୁଥିବା ଗୋଦାମବାଲାମାନେ ସମୁଦ୍ର-କୂଳରେ ଠୁଳ ହୋଇଗଲେ । ପାରିକୁଟ୍ଟୀ ବିଚରା ଅଥୟ ହୋଇପଡ଼ିଲା । ପାଚୁ ପିଲ୍ଲାଇ ମହାଜନଙ୍କ ଲୋକ କିଛି ଟଙ୍କା ଆଣିଦେବ ବୋଲି କଥା ଦେଇଯାଇଥିଲା; ଏତେ ଡେରି ହେଲାଣି, ତଥାପି ଲୋକଟାର ଦେଖାନାହିଁ । ପାରିକୁଟ୍ଟୀ ହାତରେ ଟଙ୍କା ବୋଲି ଖୁବ୍ କମ୍ ଥାଏ । ଏପରି ଭଲ ଦିନଟିଏ ଆଉ ମିଳିବ ନାହିଁ, ସମୁଦ୍ରରେ ଯଥେଷ୍ଟ ମାଛ ପଡ଼ିଛନ୍ତି । ଏଣେ ଟାଁସିଆ ଖରା ବି ପଡ଼ୁଛି । ଆଜି ଯଦି ଚିଙ୍ଗୁଡ଼ି ସିଝାଇ ଦିଆଯାଏ, ଆଜି ଦିନକ ଭିତରେ ଶୁଖିଯିବ । ଦିନକ ଭିତରେ ଟଙ୍କା ମିଳିଯିବ; କିନ୍ତୁ ବେପାରର ଆରମ୍ଭରୁ ହିଁ ପାରିକୁଟ୍ଟୀର ଅସୁବିଧା ଦେଖାଦେଲାଣି । ବିଚରା ମନରେ ଭୟ ହେଲା ।

ଡଙ୍ଗାସବୁ କୂଳଆଡ଼କୁ ମୁହାଁଇଲେ । ପାରିକୁଟ୍ଟୀ ହଇରାଣରେ ପଡ଼ିଲା; ଅନ୍ୟ ବ୍ୟବସାୟୀ-ମାନେ ନଗଦ ଟଙ୍କା ଧରି କୂଳରେ ଜଗିଛନ୍ତି ।

ସମୁଦ୍ରକୂଳଟା ହସଖୁସିରେ ଉଚ୍ଛୁଳିପଡ଼ିଲା । ଚାହା-ଜଳଖିଆ ଦୋକାନମାନଙ୍କରେ ଭଲ ଭଲ ଜଳଖିଆ ତିଆରି ଚାଲିଥାଏ । ଚିଙ୍ଗୁଡ଼ି ସିଝାଇବାଲାଗି ଶୁଖୁଆ ଗୋଦାମମାନଙ୍କରେ ବଡ଼ ବଡ଼ ହାଣ୍ଡିସବୁ ପ୍ରସ୍ତୁତ ହୋଇ ରହିଥାଏ । ସମୟ ନଷ୍ଟ କରିବାକୁ ଫୁରୁସତ କାହିଁ ? ପାରିକୁଟ୍ଟୀର ମୂଲିଆମଜୁରିଆ ବି ଅପେକ୍ଷା କରି ରହିଥାନ୍ତି ।

ସମସ୍ତଙ୍କୁ ପଛରେ ପକାଇ ଚେମ୍ପନ କୁଞ୍ଜୁର ଡଙ୍ଗା ଆଗେଇ ଆସିଲା । ସବୁଦିନ ପରି ନାଚି ନାଚି ଆଗେଇ ଆସିଲା ତା' ଡଙ୍ଗା, ପୁରାବୋଝ ଚିଙ୍ଗୁଡ଼ି ଧରି ଡଙ୍ଗା ଆସି କୂଳରେ ଲାଗିଗଲା । ଡଙ୍ଗାଟାର କୋଣବାଡ଼ ସବୁଆଡ଼ ଚିଙ୍ଗୁଡ଼ିରେ ଭରପୂର ହୋଇ ରହିଥାଏ ।

ପାରିକୁଟ୍ଟୀ ନିଜକୁ ଭୁଲିଯାଇ ଚେମ୍ପନ କୁଞ୍ଜୁ ପାଖକୁ ଧାଇଁଗଲା, ଆଗରୁ ଯାହାସବୁ ଘଟିଥିଲା, ବିଚରା ତାହା ଭୁଲିଯାଇଥିଲା । ସେ ଅନୁନୟ ବିନୟ କରି କହିଲା, "ଚେମ୍ପନ

Digitized by srujanika@gmail.com

କୁଞ୍ଜୁ, ଆଜ ଖେପାକ ମତେ ଦିଅ ।”

ପାରିକୁଟ୍ଟୀ ମୁହଁକୁ ଗୁହିଁ ଅତାନ୍ତ ହୃଦୟହୀନ ଭାବରେ ଚେମ୍ପନ କୁଞ୍ଜୁ କହିଲା, “ନଗଦ ଟଙ୍କା ଧରିଚ ତ ? ନଗଦ ନଥିଲେ ବାବୁ ଏଠୁ ଆଡ଼େଇଯାଅ ।”

ପାରିକୁଟ୍ଟୀ ମୁହଁରୁ କୌଣସି ଉତ୍ତର ବାହାରିବା ପୂର୍ବରୁ ସେଠାରେ ଖାଦାର ପହଞ୍ଚିଗଲା । ଚେମ୍ପନ କୁଞ୍ଜୁ ତାଙ୍କୁ ଯେ ଆଉ ଚିଙ୍ଗୁଡ଼ି ମିଳିବ ନାହିଁ, ସେଥିରେ ପାରିକୁଟ୍ଟୀର କୌଣସି ସନ୍ଦେହ ରହିଲା ନାହିଁ । ସେ ଦୌଡ଼ିଗଲା ଅନ୍ୟ ଡଙ୍ଗା ପାଖରେ ଚେଷ୍ଟା କରିବାଲାଗି । ଯାହା ନଗଦ ଟଙ୍କା ଥିଲା ସେଥିରେ ବଡ଼କଷ୍ଟରେ ଅନ୍ୟ ଏକ ଡଙ୍ଗାର ଖେପାରୁ ମାତ୍ର ଛଅଭାଗରୁ ଭାଗେ ଚିଙ୍ଗୁଡ଼ି ମିଳିଲା ।

ସବୁଦିନ ପରି ସେଦିନ ବି ଚେମ୍ପନ କୁଞ୍ଜୁ ସବୁଠାରୁ ବେଶି ଚିଙ୍ଗୁଡ଼ି ଧରିଥିଲା । ତେଣୁ ସେ ଯେଉଁ ଦର ହାଙ୍କିଲା ସେହି ଦର ରହିଲା । ମାଝିମାନଙ୍କୁ ସେମାନଙ୍କର ପାଉଣା ଦେବା ପରେ ସେ ଯେତେବେଳେ ନିଜର ଟଙ୍କାପଇସା ଗଣାଗଣି କରି ରଖିଲା, ସେତେବେଳେ ତା ମନକୁ ଏକ ନୂଆ ଭାବନା ଜୁଟିଲା । ମାଝିମାନଙ୍କୁ କହିଲା, “ଦରିଆରେ କେତେ ସମ୍ପତ୍ତି ରହିଛି ଦେଖୁଛ କି ? କି ସୁନ୍ଦର ଖବର ନପଡ଼ୁଛି, ପାଗ କମିତି ବଢ଼ିଆ ନହେଉଛି । ଆଜି ପରି ଦିନ ଆଉ ଆସିବନାହିଁ । ଆମ ଜାଲଖଣ୍ଡିକ ବି ଖୁବ୍ ବଢ଼ିଆ ଜାଲ ହେଉଛି, ନୁହଁ ରେ ?”

ମାଝିମାନେ ତା କଥାର ଉଦ୍ଦେଶ୍ୟ ବୁଝିପାରିଲେ ନାହିଁ ।

“ତେମେଗୁଡ଼ାକ ନିପଟ ବୋକା । ଆରେ, ଇଏ ଗୋଟେ ମଉକା ମିଳିଛି । ଯାହା କମେଇବା ଏତିକିବେଳେ କମେଇବା । ଘରକୁ ଯାଇ ଖାଇପିଇ ଚାଲିଆସ । ଆଉ ଖେପେ ଚିଙ୍ଗୁଡ଼ି ଧରି ଆଣିବା ।”

ପାଖରେ ଆୟ୍ୟାନ କୁଞ୍ଜୁ ଠିଆହୋଇଥିଲା । ସେ ସବୁ ଶୁଣୁଥାଏ । ଚେମ୍ପନ କୁଞ୍ଜୁ ଅବଶ୍ୟ ତାକୁ କିଛି କହି ନାହିଁ, ତଥାପି ସେ କହିଲା, “ବୁଝିଲୁ, କଥାଟା ଯେତେବେଳେ ମୋ କାନରେ ପଡ଼ିଲାଣି, ମୁଁ ମୋ ମତଟା ଶୁଣେଇ ଦଉଚି । ଟଙ୍କା କମେଉଚୁ ବୋଲି ତୁ ଦରିଆଟାକୁ ଇମିତି ଖାଲି କରି ଦେଇ ପାରିବୁ ନାହିଁ ।”

କେଉଟକୂଳରେ ଆଗରୁ ଏ ପ୍ରଥା ନାହିଁ । ନା, ସେ ମୋଟେ ଯାଇ ପାରିବ ନାହିଁ ।

ଚେମ୍ପନ କୁଞ୍ଜୁ ତା ମାଝିମାନଙ୍କୁ କହିଲା, “ଦେଖରେ, ତେମେ ବିଚାର କରି ଠିକ୍ କର ।”

ନୂତନ ସମ୍ପଦରେ ଝଲସିଉଠୁଥାଏ ସମୁଦ୍ରକୂଳ । ଶିଙ୍ଗା ଚିଙ୍ଗୁଡ଼ିସବୁ ଶୁଖିଆ ହେବା ଉଦ୍ଦେଶ୍ୟରେ ଗୋଦାମ ଅଗଣାମାନଙ୍କରେ ଶୁଖାଯାଇଥାଏ । ଦେଖିଲେ ମନେହେଉଥାଏ ସତେ ଯେପରି ସୁନା ବିଛାଇ ଦିଆଯାଇଛି ।

ଖାଇପିଇ ସାରି ଚେମ୍ପନ କୁଞ୍ଜୁ ସମୁଦ୍ରକୂଳକୁ ଆସିଲା । କିନ୍ତୁ ତା ମାଝିମାନେ କେହି ଆସିଲେ ନାହିଁ ।

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ଚେରିଆଡ଼, ତ୍ରିକୁନ୍ନାପୁଝାଁ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରୁ ଗୁଡ଼ାଏ ଡଙ୍ଗା ଆସି ଲଗିଲା । ରାତିତମାମ ମୁଷଳଧାରରେ ବର୍ଷା ହେଲା । ସକାଳେ ସିନ୍ଦୁର ଫାଟିବା ପରେ ଯାଇ ଡଙ୍ଗାସବୁ ସମୁଦ୍ରକୁ ଯିବାକୁ ବାହାରିଲେ । ସଅଳ ସଅଳ ଡଙ୍ଗା ଛାଡ଼ୁନାହାନ୍ତି କାହିଁକି ବୋଲି ଚେମ୍ପନ କୁଞ୍ଜୁ ତା ମାଇଁମାନଙ୍କୁ ପାଟିତୁଣ୍ଡ କରି କମାଇଦେଲା । ଯାହାହେଉ ଚେମ୍ପନ୍ କୁଞ୍ଜୁ ଡଙ୍ଗା ହିଁ ସର୍ବପ୍ରଥମେ ଛାଡ଼ିଲା ।

ଚେମ୍ପନ କୁଞ୍ଜୁ ଡଙ୍ଗା ସାଙ୍ଗରେ ଚାଲିଥାଏ ତ୍ରିକୁନ୍ନାପୁଝାର ଗୋଟିଏ ଡଙ୍ଗା । ସେ ଡଙ୍ଗାର ବଡ଼ ଆହୁଲା ଧରିଥାଏ ଗୋଟିଏ ଯୁଆନ ଟୋକା । ଦୁଇ ଡଙ୍ଗାର ମୁଣ୍ଡ ବାଜ ନ ବାଜ ହୋଇ ରହୁଥାଏ । ବାଦବୁଦିଆ ହୋଇ ଦୁଇ ଡଙ୍ଗା ଚାଲିଥାନ୍ତି; ଦେଖାଯାଉ କିଏ ଆଗରେ ଯିବ ? ସବୁ ବଳ ଖଟାଇ ଉଭୟ ଡଙ୍ଗାର ମାଝି ଆହୁଲା ପକାଉଥାନ୍ତି । ବଡ଼ ଆହୁଲା ଧରି ଦହେଁ ଖୁବ୍ ଜୋର୍‌ରେ ଡଙ୍ଗା ଠେଲିନେଉଥାନ୍ତି । ବାସ୍ତବିକ୍ ତାହା ଏକ ଦେଖିବାର ଦୃଶ୍ୟ ।

କୂଳରୁ ଦେଖାଗଲା ଚେମ୍ପନ କୁଞ୍ଜୁର ଡଙ୍ଗା ଯେପରି ପଛରେ ପଡ଼ିଯାଉଛି; ସାମାନ୍ୟ ପଛରେ ।

ଫେରିବା ବେଳକୁ ଦୁଇଡଙ୍ଗା ପୁଣି ବାଦବୁଦିଆ ହୋଇ ଫେରିଲେ । ଦୁଇ ଡଙ୍ଗା ଯଦି ଧକ୍‌କା ଖାଇଯିବେ ନା, ତେବେ କଳି ଆରମ୍ଭ ହୋଇଯିବ । ଚାହିଁ ଚାହିଁ ମୁହୂର୍ତ୍ତକ ପାଇଁ ଦୁଇ ଡଙ୍ଗା ବାଜ ନବାଜ ହୋଇଗଲେ । କୂଳରେ ଠିଆହୋଇଥିବା ଲୋକଙ୍କର ଆଖି ବୁଜହୋଇଗଲା ।

କାରୁତାମ୍ମା ପଚାରିଲା, "ମାଆ କହୁନୁ, ଏଇଟା କଣ ଭଲ କଥା ? ବାପା ଭଲା କାହିଁକି ଇମିତି ବାଦବୁଦିଆ ହେଇ ଡଙ୍ଗା ବାହୁଛନ୍ତି ?"

ଚକ୍‌କୀ ବି ବ୍ୟସ୍ତ ହୋଇପଡ଼ିଲା । କାହିଁକି ଭଲା ସେ ଇମିତି ହେଉଛନ୍ତି ? କଣ ଆହୁରି ଟୋକା ହେଉଛନ୍ତି ? ଦି ଡଙ୍ଗା ଯଦି ଧକ୍‌କା ଖାଇବେ ନା, ତେବେ କଣ ବୋଲ୍ କଣ ହେଇଯିବ ।"

ପ୍ରତିଟି ମୁହୂର୍ତ୍ତ ଗୋଟିଏ ଗୋଟିଏ ଅସରନ୍ତି ଯୁଗ ପରି ମନେହେଲା । କିନ୍ତୁ ଧନ୍ୟ ଭଗବାନଙ୍କର ମହିମା—ଦୁର୍ଘଟଣା ଘଟିଲା ନାହିଁ । ଦୁଇ ଡଙ୍ଗା ଯେତେବେଳେ ଏକସଙ୍ଗରେ ଆସି କୂଳରେ ଲାଗିଗଲେ, ସେତେବେଳେ ସମୁଦ୍ର କୂଳଟା ଆନନ୍ଦରେ ଉଚ୍ଛୁଳିଉଠିଲା ।

ଲମ୍ବା ବଡ଼ ଆହୁଲାଟି ଧରି ଡଙ୍ଗା ଉପରୁ ତଳକୁ ଡେଇଁ ପଡ଼ିଲା ସେ ଟୋକାଟି । ଲୋକଟିକୁ ନିରେଖି ଚାହିଁଲା କାରୁତାମ୍ମା । ମୁଣ୍ଡରେ ପଗଡ଼ି, ସୁନ୍ଦର ବଳିଷ୍ଠ ଗଢ଼ଣ । ଯୁବା ବୟସ ।

ଚେମ୍ପନ କୁଞ୍ଜୁ ଆସି ଟୋକାଟିକୁ କୁଣ୍ଢାଇ ପକାଇଲା । କହିଲା, "ବାପ, ଦେଖିଲୁ ତୁ ହିଁ ପୋଖତ ମାଝି । ତୋ'ର ଭଳିଆ ଲୋକ ଦରିଆକୁ ଶୋହେ ।"

ସେ ଟୋକା କୌଣସି ଉତ୍ତର ଦେଲା ନାହିଁ ।

Digitized by srujanika@gmail.com

ସବୁ ଡଙ୍ଗା ପୂର୍ବବୋଝ ମାଛ ନେଇ ଆସିଥାନ୍ତି । କିନ୍ତୁ ସେଦିନ ଅନ୍ୟମାନଙ୍କ ଅପେକ୍ଷା ସେ ନୂଆ ଡଙ୍ଗାବାଲା ଟିକିଏ ବେଶି ଲାଭ ପାଇଲା । ଚେମ୍ପନ କୁଞ୍ଜୁ ପକ୍ଷରେ ଏହା ଏକପ୍ରକାର ପରାଜୟ ।

ସେ ମାଝିଟୋକାକୁ ପଚାରିଲା, "ତୋ ନାଁ କଣ ବାପ ?"

ଯୁବକ ହେଲେ କଣ ହେଲା, ଦେହରେ ବଳ ଥିଲେ କଣ ହେଲା, ପିଲାଟି ଟିକିଏ ଲାଜକୁଳା । ସେ ଯେତେବେଳେ ତାର ବଡ଼ ଆହୁଲାଟା ଧରି ଡଙ୍ଗା ଉପରେ କର୍ଣ୍ଣଧାର ହୋଇ ଠିଆ ହୋଇଥିଲା, ସେତେବେଳେ ମୁଣ୍ଡ ତାର ତଳକୁ ନଇଁବା ଦେଖା ନଥିଲା । ସେତେବେଳେ ଦୃଷ୍ଟି ତାର ନିବଦ୍ଧ ରହିଥିଲା ଦୂର ଚକ୍ରବାଳ ଉପରେ; କିନ୍ତୁ ବର୍ତ୍ତମାନ ସେ ଚେମ୍ପନ କୁଞ୍ଜୁ ଆଗରେ ଲାଜକୁଳା ଲୁଆଟିଏ ପରି ଠିଆହୋଇରହିଲା ।

ଯୁବକ କହିଲା, "ମୋ ନାଁ ପାଲାନି ।"

"ତୋ ବିଦ୍ୟାଟା ତୁ ଷୋଳଣା ହାସଲ କରିଛୁ, ବାପ । ମଣିଷ ଇମିତି ହେବା ଦରକାର । କେଉଁ କୂଳରେ ଯେତେବେଳେ ଜନ୍ମ ହୋଇଥାଉ, ଦରିଆରେ ଡଙ୍ଗା ବାହିବା ବିଦ୍ୟାଟା ଆମେ ଭଲ କରି ଜାଣିବା ଦରକାର ।"

ପାଲାନି ଚୁପ୍ ରହିଲା ।

"ତୋ ବାପ ନାଆଁ କଣ, ବାପା ?" ଚେମ୍ପନ କୁଞ୍ଜୁ ପଚାରିଲା ।

"ଭେଲୁ । ବାପା ମରିଗଲେଣି ।"

"ଆଉ, ମାଆ ?"

"ସିଏ ବି ମରିଗଲାଣି ।"

"ତା'ହେଲେ ଘରେ ଆଉ କିଏସବୁ ଅଛନ୍ତି ?"

"ଆଉ କିଏ ନାହିଁ ।"

ଆଶ୍ଚର୍ଯ୍ୟ ହୋଇଗଲା ଚେମ୍ପନ କୁଞ୍ଜୁ । ପୁଣିଥରେ ପଚାରି ବୁଝିଲା, "ଘରେ ଆଉ କିଏସବୁ ଅଛନ୍ତି ?"

ପାଲାନି ନିରୁତ୍ତର ରହିଲା ।

ଚେମ୍ପନ କୁଞ୍ଜୁ ଘରେ ପହଞ୍ଚି ପହଞ୍ଚି ସ୍ତ୍ରୀକୁ ଭର୍ତ୍ସନା ଆରମ୍ଭ କରିଦେଲା—"ହଇ ହେ, ଟୋକା ହେବାକୁ ଯେଉଁ ମନ ହଉଚ, ମଣିଷ କଣ ଏଇମିତିକା ହୁଅନ୍ତି ?"

ଚେମ୍ପନ କୁଞ୍ଜୁ ନ ଶୁଣିବା ଭଳି ଛଳନା କଲା । ଆହୁଲା ଧରି ଡଙ୍ଗା ଉପରେ ଠିଆହୋଇ ଥିଲାବେଳେ ସେ କପରି ନିଜକୁ ମଧ୍ୟ ଭୁଲିଯାଇଥିଲା ସେହି କଥା କହିବାକୁ ସେ ମନ କରିଥାନ୍ତା । କିନ୍ତୁ ସେତେବେଳେ ସେ ଅନ୍ୟ ଗୋଟିଏ କଥା ଭାବୁଥିଲା । ସେ ପଚାରିଲା, "ଆଲେ, ସେ ଯେଉଁ ଟୋକାଟି ଆର ଡଙ୍ଗାର ବଡ଼ ଆହୁଲା ଧରିଥିଲା, ତାକୁ ଦେଖିଚ ?"

"ହଁ ।"

"ଖୁବ୍ ହୁସିଆର ଟୋକାଟିଏ ନୁହଁ କେ ?"

Digitized by srujanika@gmail.com

ଗ୍ରକକ୍ଷ ମଧ୍ୟ ତାକୁ ପ୍ରଶଂସା କରିଥିଲା । କେବଳ ଗ୍ରକକ୍ଷ କାହିଁକି, କୂଳରେ ଥିବା ପ୍ରତ୍ୟେକ ଲୋକ ତାକୁ ପ୍ରଶଂସା କରିଥିଲେ । କିନ୍ତୁ ଗ୍ରକକ୍ଷ ପଚ୍ଚାରିଲା, "ହେଲେ ତେମେ କଣ କହୁଛ ଯେ ?"

"ମୁଁ ତା ସାଙ୍ଗରେ ସମ୍ବନ୍ଧ କରିବାକୁ ଚାହୁଁଛ ।"

ଗ୍ରକକ୍ଷ କିଛି କହିଲା ନାହିଁ ।

"ତା ସାଙ୍ଗରେ କଥାଭାଷା ହେଉଥିଲ । ତା'ର ବୋଲି ଆଉ କେହି ନାହିଁ । ଆମର ସେଥିରୁ କଣ ଯାଏ-ଆସେ ଯେ ? ଗୋଟେ ଦଉଡ଼ିରୁ ଦେଖିଲେ ସେଇଟା ବରଂ ଭଲ ।" ଚେମ୍ପନ କୁଞ୍ଜୁ କହିଲା ।

"ସିମିତ ହେଲେ ତାକୁ ଘରକୁ ଖାଇବାକୁ ଡାକିଲ ନାହିଁ ?"

"ଠିକ୍ କହିଲୁ । ମୁଁ ସେତେବେଳେ ଭାବି ପାରିଲି ନାହିଁ ।"

ଗ୍ରକକ୍ଷ ଟିକିଏ ଆଶ୍ୱସ୍ତି ଅନୁଭବ କଲା । ଚେମ୍ପନ କୁଞ୍ଜୁ ଝିଅ ପାଇଁ ବରପାତ୍ରଟିଏ ଯୋଗାଡ଼ କଲାଣି । ଘରଦ୍ୱାର କଥା ତା ହେଲେ ତାର ମନେଅଛି ।

ଟୋକାଟା ଭଲ । ଆଉ କାହା ନଜର ପଡ଼ିଲେ କାଳେ କେହି ହାତ କରିନେବ । ଚେମ୍ପନ କୁଞ୍ଜୁ ମନରେ ସେ ଭୟ ଉଙ୍କିମାରିଲାଣି । ଖାଇପିଇ ସାରି ସେ ସମୁଦ୍ରକୂଳକୁ ଗ୍ଲଲିଲା । ସାଙ୍ଗସାଥୀମାନଙ୍କ ସହିତ ନଡ଼ିଆ ଗଛ ଗ୍ଲଇରେ ବସି ପାଳନ ବିଶ୍ରାମ ନେଉଥିଲା । ଚେମ୍ପନ କୁଞ୍ଜୁ କଥାଭାଷା ହୋଇ ପାରିଲାନାହିଁ । ତା' ପରଦିନ ପୁଣି ଥରେ ବାଦବୁଦଆରେ ଡଙ୍ଗା ଗ୍ଲଲିଲା । ଚେମ୍ପନ କୁଞ୍ଜୁ ହାରିଗଲା । ପାଳନ ଖେପାରେ ବେଶି ମାଛ ପଡ଼ିଲା ।

ଚେମ୍ପନ କୁଞ୍ଜୁର ମାର୍ଝିମାନଙ୍କୁ କଥାଟା ଭାରି ବାଧିଲା । କାଗ୍ରଥି କୁଞ୍ଜୁ କହିଲା, "ଆମ ଦରିଆକୂଳକୁ ଆସି ସେମାନେ ଏତେ ଦେଖେଇ ଫୁଲେଇ ହେବେ କାହିଁକି ? ପାଳନ ଡଙ୍ଗା ସହିତ ଆମ ଡଙ୍ଗାକୁ ନେଇ ଲଢ଼େଇଦେବା । ତା'ପରେ କଳିଟା ଠିକ୍ ଜମିବ ।"

ଚେମ୍ପନ କୁଞ୍ଜୁ କହିଲା, "ଆହେ, ଏଗୁଡ଼ା କ କଥା କହୁଛୁ । ହଇରେ, ଯୋଉଁ ଲୋକ ବହୁ ଭଙ୍ଗା ମେହେନତ କରି ଅଧିକ ଦ'ପଇସା କମାଉଛି, ତାକୁ ତୁ ଈରଷା କରୁଛୁ କାହିଁକି ରେ ? କରେ, ତାକୁ ହଟେଇବା ଇଚ୍ଛା ଥେଲେ ତେମେ ଆହୁରି ଅଧିକା ମେହେନତ କରୁନା ?"

ତଥାପି ଚେମ୍ପନ କୁଞ୍ଜୁର ଲୋକଙ୍କ ମନରୁ ରାଗ ଗ୍ଲଲିଲା ନାହିଁ । ସମୁଦ୍ରରେ ଯଦି ମାରି ନ ପାରିବେ, କୂଳକୁ ଆସିଲେ ମାରିବେ । କିନ୍ତୁ ଭେଲିୟ୍ଥା ମନକୁ କଥାଟା ପାଇଲା ନାହିଁ । ସେ ପ୍ରତିବାଦ ଜଣାଇ କହିଲା,"ଆଜି ଏବେ ସେମାନେ ଆମ ଦରିଆକୂଳକୁ ଆସିଛନ୍ତି—କାଲି ତ ପୁଣି ଆମକୁ ସେମାନଙ୍କ କୂଳକୁ ଯିବାକୁ ପଡ଼ିବ ନା ନାହିଁ ?"

କଥାଟା ଠିକ୍ । ତଥାପି ଗୋଟିଏ କିଛି ହେବା ଦରକାର । ଏଇନେ ସମସ୍ତେ କମାଉଛନ୍ତି; ସମସ୍ତଙ୍କ ହାତରେ ଟଙ୍କା । ପୋଲିସ୍ ସହିତ କଳି କରିବାକୁ ପଡ଼ିଲେ ବି ସେମାନେ ଖାତିର କରିବେ ନାହିଁ ।

Digitized by srujanika@gmail.com

ଏସବୁ ଷଡ଼ଯନ୍ତ୍ରର ଖବରପାଇ ଚେମ୍ପନ କୁଞ୍ଜୁ ବ୍ୟସ୍ତ ହୋଇପଡ଼ିଲା । କିନ୍ତୁ ପାଲାନି ଓ ତା ଡଙ୍ଗାର ଅନ୍ୟମାନଙ୍କୁ କେବଳ ଯେ ଚେମ୍ପନ କୁଞ୍ଜୁର ମାଝିମାନେ ଈର୍ଷା କରୁଥିଲେ ତା ନୁହେଁ, ସେମାନଙ୍କ ସହିତ ଅନ୍ୟମାନେ ବି ଥିଲେ । ସେମାନଙ୍କର ଆପତ୍ତି ହେଲା, ଏଗୁଡ଼ାକ ଏତେ ଦେଖେଇ ଫୁଲେଇ ହଉଛନ୍ତି କାହିଁକି ? ତଥାପି ବହୁତ ଲୋକ ଏସବୁ କଳଗୋଳ କଥାକୁ ପସନ୍ଦ କଲେ ନାହିଁ ।

ଦୁଇ ତିନି ଦିନ ପରେ ମାଝିମାନଙ୍କ ଭିତରେ କଳି ଆରମ୍ଭ ହୋଇଗଲା । ଦୁଇତିନି ଜଣଙ୍କ ମୁଣ୍ଡ ଫାଟିଗଲା । ସେଦିନ ଓ ତା ପରଦିନ କୌଣସି ଡଙ୍ଗା ସମୁଦ୍ରକୁ ଯାଇପାରିଲା ନାହିଁ । ସମସ୍ତେ ଲୁଚି ଛପି ରହିଲେ । ସମୁଦ୍ରକୂଳକୁ ପୋଲିସ୍ ଆସି ଯାହାକୁ ପାଇଲେ ତାହାକୁ ବାନ୍ଧି ନେଲେ । ଗାଆଁର କୁଳବେହେରା ଆସି କେଉଟମାନଙ୍କ ପାଇଁ ଜାମିନ୍‌ରେ ଠିଆ ହେବାରୁ ସେମାନଙ୍କୁ ଗୁଡ଼ିଦ ମିଳିଲା ।

କୁଳବେହେରାଙ୍କୁ ଦେଖା କରିବା ଲାଗି ଭେଟିଭେଟଣା ଧରି ଜଣକ ପରେ ଜଣେ ଚାଲିଲେ । ସମସ୍ତେ ମିଶି କିଛି ଟଙ୍କା ଚାନ୍ଦା କଲେ । ମୋକଦ୍ଦମାଟା ଉପରେ ଉପରେ ଉଡ଼ିଗଲା । କିନ୍ତୁ ଚାକିରି ବେଳେ ଯାହା କିଛି ଟଙ୍କା ପଇସା କମେଇଥିଲେ ସବୁ ଏଇଥିରେ ବ୍ୟୟ ହୋଇଗଲା । ଚେମ୍ପନ କୁଞ୍ଜୁ ଡଙ୍ଗା ସପ୍ତାହେ କାଳ ନିକମା ହୋଇ ପଡ଼ିରହିଲା । ବିଚରା ସପ୍ତାହକର କ୍ଷତି ସହିଲା । ପାଗ ଯେପରି ଅନୁକୂଳ ହୋଇଥିଲା ସେ ଦୃଷ୍ଟିରୁ ଗୁଡ଼ାଏ ଟଙ୍କା କ୍ଷତି ହୋଇଗଲା ।

ପୁଣିଥରେ ଯେତେବେଳେ ସମୁଦ୍ରରେ ମାଛଧରା କାମ ଆରମ୍ଭ ହୋଇଗଲା, ଚକ୍କୀ ପ୍ରତିଦିନ ଚେମ୍ପନ କୁଞ୍ଜୁ ସଙ୍ଗେ ଲଗାଇଲା, "ପାଲାନିକୁ ଟିକିଏ ଡାକ ।" ମଝିରେ ଥରେ ସବୁ ମାଝି ଦିନକ ପାଇଁ ଛୁଟି ନେଇ ତ୍ରିକୁନାପୁଝା ଗଲେ । କିନ୍ତୁ ପାଲାନି ସେମାନଙ୍କ ସହିତ ଗଲା ନାହିଁ ।

ଚେମ୍ପନ କୁଞ୍ଜୁ ପଚାରିଲା, "ବାପ, ତେମେ ଗଲ ନାହିଁ ?"

"ମୁଁ କୋଉଠିକି ଯିବି ?"

ଠିକ୍ କଥା, ତାହାର ତ କେହି ନାହିଁ; ସେ ତ୍ରିକୁନାପୁଝାର କାହା ଘରକୁ ଯାଆନ୍ତା ? ଚେମ୍ପନ କୁଞ୍ଜୁ ତାକୁ ନିଜ ଘରକୁ ଯିବା ଲାଗି କହିଲା, "ତା ହେଲେ ଆଜି ଆମଘରେ ଖାଇ ପକେଇବ; ଆସ ଯିବା ।"

ପାଲାନି ନିମନ୍ତ୍ରଣ ରକ୍ଷିଲା ! ଚକ୍କୀ ସେଦିନ ଏଣ୍ଡ ତେଣ୍ଡ କରି ଖୁବ୍ ଭଲ ରନ୍ଧାବଢ଼ା କରିଥାଏ ।

ପାଲାନି ପିଲାଟିଦିନୁ ତ୍ରିକୁନାପୁଝା ସମୁଦ୍ରକୂଳରେ ବଢ଼ିଥିଲା । କାହା ଘରେ ବଢ଼ିଥିଲା ତାର କୌଣସି ନିର୍ଦ୍ଦିଷ୍ଟତା ନାହିଁ । ସମୁଦ୍ରକୂଳଟା ହିଁ ଥିଲା ତାର ଘର । ବାପା ମାଆ ବୋଲି ଯେ କିଏସେ ଥିଲେ, ତାହା ତାର ମନେନାହିଁ । ତାକୁ କିଏସେ ପୋଷିପାଳି ବଢ଼ାଇଥିଲା ବୋଲି ପଚାରିଲେ ସେ କେବଳ କହେ, କୌଣସିମତେ ବଡ଼ହୋଇଗଲି । ତାକୁ ଖଟରେ,

Digitized by srujanika@gmail.com

ଦୋଳରେ ଶୁଆଇ କେହି କୌଣସିଦିନ 'ଧୋରେ ବାଇଆ ଧୋ' ବୋଲି ଗାଇନଥିଲେ । ସେ ଯେତେବେଳେ ଏଣ୍ଡୁକଟିକିଏ ଛୁଆ ସେଦିନଠାରୁ ସେ ଡଙ୍ଗାଚଢ଼ି ସମୁଦ୍ରକୁ ଯାଇଛି । ସେତେବେଳେ ସେ ଜାଲ ଦଉଡ଼ି ଧରିବା କାମ କରୁଥିଲା । ମଗର-ସାର୍କଚପୂର୍ଣ୍ଣ ଅତଳ ସାଗରରେ ବି ତା' ଚିନ୍ତା ନେଇ କେହି କେବେ ବ୍ୟସ୍ତ ହୋଇନାହାନ୍ତି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଡଙ୍ଗାରେ କାମ କରି ପାଳନି ବେଶି ଦି'ପଇସା ରୋଜଗାର କରିପାରିଲା । ହାତକୁ ଟଙ୍କା ଆସିଲି ତ ମନଇଚ୍ଛା ଖର୍ଚ୍ଚ କଲା । ଟଙ୍କା ନାହିଁ ତ ଦିଅ, କୌଣସି ପ୍ରକାରେ ଚଳିଯାଅ । ତା' ଜୀବନରେ କିଣ କିଛି ସ୍ୱପ୍ନ ବୋଲି ଥିଲା ? ଥାଇ ପାରେ । ସେ ଖାଇଲା କି ନ ଖାଇଲା, ଯାହା ବା ଖାଇଲା ତାହା ତାକୁ ରୁଚିଲା କି ନ ରୁଚିଲା ସେ କଥା ନେଇ କେହି କେବେ ମୁଣ୍ଡ ଖେଳାଇନଥିଲା । ମୋଟାମୋଟି କହିବାକୁ ଗଲେ ତା' ବିଷୟ ନେଇ ଚିନ୍ତା କରୁଥିବା ଅନ୍ୟ କାହାରି ଘରକୁ ସେ ଏହା ପୂର୍ବରୁ କେବେ ଯାଇ ନ ଥିଲା ।

ଆଜି ଅନ୍ୟ କେହି ଜଣେ ତା ପାଇଁ ରୋଷେଇ କରିଦେଉଛନ୍ତି । ପାଖରେ ଠିଆହୋଇଛି ଜଣେ ସ୍ତ୍ରୀଲୋକ । ତାକୁ ଆଜି ଜଣେ ପରଷି ଦେଉଛି; ସେ କପରି ଗଣ୍ଡେ ଭଲରେ ଖାଇବ, ଖୁସି ମନରେ ଖାଇବ ତାର ତତ୍ତ୍ୱ ନେଉଛି । ଜୀବନରେ ଏହା ଏକ ମଧୁର ଅନୁଭୂତି । ତା ଖିଆପିଆ ଢଙ୍ଗରୁ ତାକୁ କେଉଁ ତରକାରିଟା ବେଶି ଭଲ ଲାଗୁଛି, ଚକ୍କୀ ତାହା ଠଉରେଇନେଲା । ଆଜୁରି ଟିକିଏ, ଆଜୁରି ଟିକିଏ କରି ସେଥିରୁ ଦୁଇଗ୍ରାସ ଗିନା ଖୁଆଇଦେଲା ।

ଚକ୍କୀ ପଚାରିଲା, "ତମ ବୟସ କେତେ ହବ ବାପ ?"

"ମତେ, ହେଇଥିବ·········ଉଁ·········"

ବିଚରା ଜାଣେନା; ନିଜର ବୟସ କେତେ ସେ ହିସାବ ବି ସେ ରଖିନାହିଁ ।

ଉତ୍ତର ଶୁଣି ଚକ୍କୀ ଟିକିଏ ବିଚଳିତ ହୋଇପଡ଼ିଲା । ଭାବିଲା, ପଚାରିଲାବେଳେ ଟିକିଏ ଜଗିରଖି ପଚାରିବାକୁ ପଡ଼ିବ । କେଉଟମାନଙ୍କ ଭିତରୁ ସେ କେଉଁ ଜାତିର କେଉଟ ? ଏ କଥାଟା ତ ଜାଣିବା ଦରକାର ।

"ତେମେ କୋଉଠି ରହୁଚ, ବାପ ?"

"ମୋର ଖଣ୍ଡେ ଗ୍ରେଟ କୁଡ଼ିଆ ଅଛି ହେ, ଗାଁ ସେମୁଣ୍ଡକୁ ।"

"ଟଙ୍କାପଇସା କମଉଛ, ସେସବୁ କ'ଣ କରୁଛ ?"

"ଟଙ୍କାପଇସା ଆଉ କଣ ହବ ? ଖର୍ଚ୍ଚ କରୁଛି ।"

"ଘରେ ତୁମର କୁଟୁମ୍ବ ବୋଲି କେହି ନାହିଁ, ବାପ; ଯାହା କମାଉଛ, ସବୁ ଖର୍ଚ୍ଚ କରିଦେବା କଣ ଠିକ୍ ?" ଧରି ଦି'ଦିନ ଦି'ହପା କଣ ହୋଇଯିବ; କଣ କରିବ ସେଠୁ ?" —ଉପଦେଶ ଦେବା ଛଳରେ କହିଲା ଚକ୍କୀ । କଥାଟା ଉପରେ ପାଳନି ଜୋର ଦେଲା ନାହିଁ । ତା' ବଞ୍ଚିବାଟା ଅଦ୍ଭୁତ ଧରଣର । ତା'ହେଲେ କଣ ବୁଢ଼ା କାଳକୁ ବି ତା ଦେହ ପା' ଖରାପ ହେବ ନାହିଁ ?

କିଛି ସମୟ ଲାଗି ଚକ୍କୀ ଅବାକ୍ ହୋଇ ଚାହିଁରହିଲା । ଟୋକାଟି ଘୁରି ରଗଡ଼ାତଗଡ଼ା ।

Digitized by srujanika@gmail.com

ସ୍ୱଭାବ ଖରାପ ନୁହେଁ । ଏକାଟିଆ ରହୁଛି ବୋଲି ଯେଉଁଭଳି ଝୁଙ୍କି ଉଠୁଛି, ସେଭଳି ଚଳୁଛି ।

ଚକ୍କୀ କହିଲା, "କିନ୍ତୁ ସେଇଟା କଣ ଗୋଟେ କଥା, ବାପ ? ଆଜି ବଳ ବୟସ ଅଛି, ମେହେନତ କରୁଛ । ଧନ ଆସିବ, ସବୁ ବଦଳିଯିବ । ସବୁଦିନ ତ ଆଉ ମେହେନତ କରିପାରିବନି । ସେ କଥା ଛାଡ଼,—ମରଦ ପୁଅ ହୋଇଛ, ତମର ପୁଣି କେତେଟା ଜିନିଷ ଦରକାର ତ । ତମ ଦହପା ଦେଖିବାକୁ କିଏ ଜଣେ ଥିବା ଦରକାର । ସେଇଟା ମଣିଷର ବଡ଼ ଲୋଡ଼ା, ବାପ, ନିଜର ଘରବୋଲି ଖଣ୍ଡେ କରିବ । ତମ ପାଇଁ ଜଣେ କିଏସେ ରାନ୍ଧିବାଢ଼ି ଦେବ । ସିମିତି ଚଳିଲେ ଭଲହବନି ?"

ପାଲନି କିଛି କହିଲା ନାହିଁ ।

"ତୁମେ ବାହାଟିଏ ହୋଇପଡ଼, ବୁଝିଲ ବାପ !"

"ହିଁ... ।"

"ମୁଁ ତା' ହେଲେ ଠିକ୍ କରୁଚି ?"

ପାଲନି କଥାଳହରରେ ହିଁ ଭରିଦେଲା ।

ଚକ୍କୀ ପଚାରିଲା, "ଝିଅଟିକି ତମେ ଫେରେ ଦେଖିବ ନା ନାହିଁ ?"

"କୋଉ ଝିଅ ?"

"ମୋର ଝିଅଟିଏ ଅଛି ।"

ପାଲନି ପୁଣି କହିଲା, "ହଉ ।"

ପ୍ରସ୍ତାବଟା ଏତେଦୂର ଆଗେଇ ଗଲେ ବି ଚକ୍କୀ ଶେଷ ଜବାବ ଦେଇ ପାରିଲାନାହିଁ । ମନ ଭିତରେ କିଛି ଗୋପନ ରଖିଥାଏ । କେତେକ ଦୃଷ୍ଟିରୁ ପାଲନି ଯେ ଉପଯୁକ୍ତ ପାତ୍ର ସେକଥା ଠିକ୍ । କିନ୍ତୁ ଅନ୍ୟ ଦୃଷ୍ଟିରୁ ଦେଖିଲେ ପାଲନିର ବନ୍ଧୁବାନ୍ଧବ ବୋଲି କେହି ନାହାନ୍ତି । ଏଭଳି ଜଣେ ଲୋକ ହାତରେ ଝିଅଟାକୁ ସମର୍ପି ଦେବ ? ଧର, ସେ କାଲି ସକାଳୁ ଅମଣିଷପଣିଆ ଦେଖାଇଲା; ଖରାପ ଆଚରଣ କଲା; ଝିଅ ବିଚାରୀ ସେତେବେଳେ କଣ କରିବ ? କାହା ଆଗରେ ଗୁହାରି କରିବ ?

"କିନ୍ତୁ ପିଲାଟା ପରା ଭଲ ।"—ଚେମ୍ପନ କୁଞ୍ଜୁ କହିଲା ।

"ଲୋକେ ଯେତେବେଳେ ପଚାରିବେ, ଝିଅଟାକୁ କାହାଘରେ ଦେଲ, ସେତେବେଳେ କଣ କହିବ ?"

"ଆଲୋ, ସିଏ ତାର ଘର ଖଣ୍ଡେ କରିଦେବନି ।"

ଆଉ ଗୋଟିଏ କଥା । ସେଇଟି ସବୁଠାରୁ ବଡ଼ କଥା । ସେହି କଥାଟି ହିଁ ଚକ୍କୀକୁ ଘାରୁଥାଏ ।

"ଆଗୋ, ତାର କି ଜାତି ?"

"ମଛୁଆ ଯା ! ମରଦପୁଅ । ସମୁଦ୍ରରେ ପଶି ମେହେନତ କରୁଛି । ଜାତିରୁ କଣ ପାଇବୁ ?"

"ଆମ ବନ୍ଧୁବାନ୍ଧବ କେବେ ରାଜିହେବେନି ।"

"ନ ହୁଅନ୍ତୁ ।"

"ତା' ହେଲେ ଆମକୁ ଏକ ଘରକିଆ ହେଇ ରହିବାକୁ ପଡ଼ିବ ।"

Digitized by srujanika@gmail.com

"ରହିଲେ ରହିବା । ମୁଁ କିନ୍ତୁ ଝିଅକୁ ତାର ସାଙ୍ଗେ ବାହାଦେବି ।"—ନିଜର ନିଷ୍ପତ୍ତି ଜଣାଇଦେଲା ଚେମ୍ପନ କୁଞ୍ଜୁ ।

ଆଠ

ଘର-ପାଞ୍ଚ ଦିନ ଧରି କ୍ରମାଗତ ବର୍ଷାହେଲା । ମୋଟେ ଛାଡ଼ିଲା ନାହିଁ । ସମୁଦ୍ରରେ ତେଣେ ଭରିହୋଇ ରହିଥାନ୍ତି ଚିଙ୍ଗୁଡ଼ି । କିନ୍ତୁ ଲୋକେ ଡଙ୍ଗାନେଇ ଯାଇ ପାରିଲେ ନାହିଁ । ଭୀଷଣ ଅନ୍ଧାର ପଡ଼ିଥାଏ । ସେ ପାଗରେ କିଏ ସେ ବାହାରିବ ? ହଠାତ୍ ଦିନେ ସକାଳୁ ଖରା ପଡ଼ିଗଲା । ଆକାଶ ନିର୍ମଳ ହୋଇଗଲା । ମାଝିମାନେ ସଙ୍ଗେ ସଙ୍ଗେ ଡଙ୍ଗା ଭିଡ଼ିଦେଲେ । ଅସୁମାରି ଚିଙ୍ଗୁଡ଼ି ପଡ଼ିଲେ ସେଦିନ । ଡଙ୍ଗା ସବୁ କୂଳକୁ ଫେରିବା ପରେ କେଉଁଟଙ୍କୁ ଭଲ ଦର ବି ମିଳିଲା । କିନ୍ତୁ ଘୁଞ୍ଚି ଘୁଞ୍ଚି ପୁଣି ଘୋଟିଆସିଲା ମେଘ । ପୁଣି ଆରମ୍ଭ ହୋଇଗଲା ବର୍ଷା । ସେ ବର୍ଷାର ଆଉ ବିରାମ ନାହିଁ ।

ଗୋଦାମଗୁଡ଼ାକରେ ଚିଙ୍ଗୁଡ଼ି ସବୁ ବିଭିନ୍ନ ଅବସ୍ଥାରେ ଗଦାହୋଇଥାଏ । କେତେକ ଅଧା ଶୁଖିଛି ତ, କେତେକ ଏବେମାତ୍ର ସିଝା ହୋଇ ଚୁଲିରୁ ଓହ୍ଲାଇଛି । ସ୍ଥାନେ ସ୍ଥାନେ ଚିଙ୍ଗୁଡ଼ି ପୋଚସିବା ଫଳରେ ଗନ୍ଧ ବି ବାହାରିଲାଣି । ଶୁଖୁଆ ଗୋଦାମଗୁଡ଼ାକର ଅବସ୍ଥା ନିହାତି ଖରାପ । ଜଣାଯାଉଥାଏ ବହୁତ କିଛି କ୍ଷତିହେବ ।

ପାରିକୁଟ୍ଟୀର ତେଣେ ବିପଦ ଉପରେ ବିପଦ । ତାର ପହିଲି ଗୁହା ଶୁଖୁଆତକ ଖୁବ୍ ଭଲ ପାଗରେ ଉଠିଥିଲା । କିନ୍ତୁ ଦ୍ୱିତୀୟ ଗୁହାକୁ ସେତେ ଭଲ ହେଲା ନାହିଁ । ବୋଧହୁଏ ଭଲ ଖରା ପାଇଲା ନାହିଁ । ବଡ଼ ବେପାରୀର ଲୋକ ଆସି ଧମକ ଦେଇଗଲା, "ବାବୁ, ଇମିତି ବ୍ୟବସାୟ ଆମର ଦରକାର ନାହିଁ । ଆମ ଟଙ୍କା ଆମକୁ ଫେରାଇ ଦିଅ, ତୁମ ମାଲ ତୁମେ ଫେରାଇ ଆଣ; ତୁମଦେଇ ପଟିବ ନାହିଁ ।"

ପାରିକୁଟ୍ଟୀ ଆଲେପ୍ପୀ ସହରର ସବୁ ଶୁଖୁଆ ବ୍ୟବସାୟୀଙ୍କ ଦ୍ୱାରସ୍ଥ ହେଲା । କିନ୍ତୁ ତା ମାଲ ରଖିବା ଲାଗି କେହିହେଲେ ରାଜି ହେଲେନାହିଁ । ବିଚରା ଟଙ୍କା ଧାର ଆଣି ବେଶି ଚିଙ୍ଗୁଡ଼ି କିଣିଥିଲା । କିନ୍ତୁ ପାଗ ଯେତେବେଳେ ତା ବିରୁଦ୍ଧରେ ଠିଆହେଲା, ସେ କରେ କଣ ? ଗୋଦାମରେ ଚିଙ୍ଗୁଡ଼ି ନଷ୍ଟ ହେବା ସଙ୍ଗେ ସଙ୍ଗେ ଟଙ୍କା ବି ନଷ୍ଟ ହୋଇଗଲା । ଆଉ ଦିନଟିଏ ଗଡ଼ିଗଲେ ଚିଙ୍ଗୁଡ଼ିଗୁଡ଼ାକୁ ପୋତି ଦେବା ସାର ହେବ ।

ସମୁଦ୍ରକୂଳର ସବୁ ଡଙ୍ଗାବାଲା ହଇରାଣରେ ପଡ଼ିଲେ । ବିଶେଷକରି ରାମାନ୍ କୁଞ୍ଜୁ ଅବସ୍ଥା

Digitized by srujanika@gmail.com

ବେଶି ଖରାପ । ସେ ବର୍ଷ ତା' ବ୍ୟବସାୟ ଖୁବ ମାନ୍ଦାରେ ଚାଲିଥିଲା । ରାମାନ୍ କୁଞ୍ଜୁର ଟଙ୍କା ଉପରେ ବହୁ ଦିନ ପୂର୍ବରୁ ଜୋସେଫ ଆଖି ପକାଇ ସାରିଥିଲା ! ବର୍ତ୍ତମାନ ବେଲକାଲ ଦୃଷ୍ଟି ସେ ତା ଟଙ୍କା ପାଇଁ ଅଡ଼ିବସିଲା । ରାମାନ୍ କୁଞ୍ଜୁ ଶପଥ କରି କହିଲା, ଯେକୌଣସିମତେ ଆଉ ସପ୍ତାହକ ଭିତରେ ସେ ନିଶ୍ଚୟ ଟଙ୍କା ଫେରାଇଦେବ ।

ଶେଷରେ ଚେମ୍ମନ କୁଞ୍ଜୁ ପାଖକୁ ଯାଇ ରାମାନ୍ କୁଞ୍ଜୁ କିଛି ଟଙ୍କା ମାଗି ବସିଲା । ଚେମ୍ମନ କୁଞ୍ଜୁ ଯେତେବେଳେ ଟଙ୍କା ଦେବାପାଇଁ ଟିକିଏ ଦ୍ୱିଧା ପ୍ରକାଶ କଲା, ରାମାନ୍ କୁଞ୍ଜୁ ସେତେବେଳେ ଅସଲ କଥାଟାର ଅବସର ପାଇଗଲା ।

ସେ କହିଲା, "ଶୁଣ, ଚେମ୍ମନ କୁଞ୍ଜୁ, କଥାଟା ସଫା ସଫା କହୁଛି ।"

ଟିକିଏ ଡୋ-ଡୋ ପାଞ୍ଚ ହୋଇ ଚେମ୍ମନ କୁଞ୍ଜୁ କହିଲା, "କିଛି ଗୋଟେ ଜମାନତ ନ ରଖିଲେ ଟଙ୍କାପଇସା ଦେଣନେଣ କଥା, କିମିତି ହବ ?"

"ତେମେ ତା'ହେଲେ କ ଜମାନତ ଚାହୁଁଛ କହ ?"

"ମୁଁ କିମିତି ସେ କଥା କହିବ ?"

କିନ୍ତୁ ଶେଷରେ ଚେମ୍ମନ କୁଞ୍ଜୁ ନିଜର ମନକଥା ଖୋଲି ପ୍ରକାଶ କଲା । ଡଙ୍ଗାଟାକୁ ବନ୍ଧକ ଦେଲେ ରାମାନ୍ କୁଞ୍ଜୁକୁ ଟଙ୍କା ମିଳିବ ।

ଫଳରେ ଚେମ୍ମନ କୁଞ୍ଜୁ ହାତକୁ ଆଉ ଗୋଟିଏ ଡଙ୍ଗା ଚାଲିଆସିଲା ।

ଆଉ ଗୋଟିଏ ଡଙ୍ଗା ହୋଇଯିବାରୁ ଚକ୍କୀ ମନରେ ବି ଖୁବ ଖୁସି । କିନ୍ତୁ ତାର ଏତିକି ଦୁଃଖ ଯେ ବିଚରା ପାରିକୁଟ୍ଟୀର ଋଣଟା ଶୁଝା ହୋଇ ପାରିଲାନାହିଁ । ଏ ବିଷୟ ନେଇ କାରୁତାମ୍ମା ଯେ କୋଉଁଦିନ ନ କହେ, ସେପରି ନୁହେଁ ।

ଯେଉଁଦିନ ରାମାନ୍ କୁଞ୍ଜୁର ଡଙ୍ଗା ଆସି ଚେମ୍ମନ କୁଞ୍ଜୁ ପାଖରେ ବନ୍ଧା ପଡ଼ିଲା ସେଦିନ ଚକ୍କୀ କହିଲା, "ଏଗୁଡ଼ିକ କିଛି ଭଲ କଥା ନୁହଁ ।"

"କଣ ହେଲା କ ?"

"ପାରିକୁଟ୍ଟୀର ଟଙ୍କାଟା ଶୁଝିଲନି । ତେମେ ତାର ସର୍ବସ୍ୱ ବୁଡ଼େଇଦେଲ । ଏବେ ତା ସାଙ୍ଗରେ କଥାଭାଷା ବି କରୁନ ।"

ଏକଥା ଶୁଣି ଚେମ୍ମନ କୁଞ୍ଜୁ ଖପାଟାଏ ହୋଇଗଲା ।

ଚକ୍କୀ କହିଲା—"ମତେ ପିନା ନାଲି ଆଖି ଦେଖୋଉଛ, ହେଲେ ସେ ବିଚରା ପିଲାଟି କ ଅବସ୍ଥାରେ ନପଡ଼ିଛି ? ଟଙ୍କାଟା ଯଦି ଫେରେଇ ଦିଅନ୍ତ, ତେବେ ଖୁବ୍ କରନ୍ତ ।"

"ଏବେ ମୁଁ କୋଉଁଠୁ ଟଙ୍କା ଆଣିବ ?"

କାରୁତାମ୍ମା ବସି ସବୁକଥା ଶୁଣୁଥିଲା । ସେ ଆଉ ସମ୍ଭାଳି ପାରିଲା ନାହିଁ । ଆଗପଛ ବିଚାର ନକରି କହିଦେଲା—"ତାଙ୍କ ଟଙ୍କାଟା ଫେରେଇ ଦିଅ, ବାପା !"

ଚେମ୍ମନ କୁଞ୍ଜୁ ଚଟ୍‌କିନା ପଚାରି ଦେଲା, "ତୋର ସେଥିରେ କହିବାର କଣ ଅଛି ?"

Digitized by srujanika@gmail.com

କାରୁତାମ୍ମା କହି ଆସୁଥିଲା ପାଉଲୁକୁଟ୍ଟୀକୁ ସେ ହିଁ ପ୍ରଥମେ ଟଙ୍କା ମାଗିଥିଲା; ସେଥିପାଇଁ ହାତରେ ଟଙ୍କା ପଇସା ଅଭାବ ଥିବାବେଳେ ବି ସେ ବସ୍ତା ବସ୍ତା ଶୁଖୁଆ ଆଣି ଦେଇଥିଲା । ସେ ଭାବିଲା ବାପାଙ୍କୁ ଟିକିଏ ସାବଧାନ କରିଦେବ; ସେମାନେ ଯେତେ ଅଧିକ ଟଙ୍କା ରୋଜଗାର କରିବେ, କାରୁତାମ୍ମା ଉପରେ ପାଉଲୁକୁଟ୍ଟୀର ଋଣଭାର ସେତେ ଅଧିକ ବଢ଼ି ଯାଉଥିବ ।

ଚକ୍କୀର ଭୟ ହେଲା, କାରୁତାମ୍ମା କଣ ନାହିଁ କଣ କହିଦେବ । କି ବିପଦ ନ ଘଟିବ ସତେ ! ଚକ୍କୀ ତରତର ହୋଇ ଚେମ୍ବନ କୁଞ୍ଜୁଙ୍କୁ କହି ପକାଇଲା, "ଏଇ କଥାକୁ ଏତେ ରାଗିଯାଉଛ କାହିଁକି ଯେ ? ଝିଅ ତ ଠିକ୍ କଥା କହୁଛି ।"

"ମୁଁ ପଚାରୁଛି, ଝିଅ ମୁଣ୍ଡ କାହିଁକି ବଥେଉଛି ? କଣ ସିଏ ଋଣ ଆଣିଥିଲା ? ନା ତାକୁ ପାଉଲୁକୁଟ୍ଟୀ ଟଙ୍କା ମାଗୁଛି ?"

ଚକ୍କୀର ବୁଦ୍ଧି ବଣାହୋଇଗଲା । ସେ କହିଲା, "ସିଏ ଟଙ୍କା ନ ମାଗୁଛି ବୋଲି କଣ, ଝିଅ ତମକୁ କିଛି କହିପାରିବ ନାହିଁ ?"

କଥାଟାକୁ ଆଉ ଅଧିକ ନ ବଢ଼ାଇ ଚେମ୍ବନ କୁଞ୍ଜୁ କାରୁତାମ୍ମାକୁ ଏକ ଟାଣୁଆ ଉପଦେଶ ବାଣୀ ଶୁଣାଇ ଦେଲା । କହିଲା, "ତତେ ଗୋଟେ କଥା କହି ରଖୁଛି ଶୁଣ । ଟଙ୍କାପଇସା ଦେଣନେଣ ମରଦମାନେ କରନ୍ତି । ତୋର ସେଥିରେ କରିବାର କିଛି ନାହିଁ । ତତେ ବି ଦିନେ ଗୋଟାଏ ମରଦର ହାତ ଧରି କାଳକାଟିବାକୁ ପଡ଼ିବ ।" ତାପରେ କ୍ରୋଧଟାକୁ ଚକ୍କୀ ଆଡ଼କୁ ବୁଲାଇ ଦେଇ ଚେମ୍ବନ କୁଞ୍ଜୁ କହିଲା, "ଅସଲ କଥା ହେଲା, ଝିଅ ତୋଠୁ-ଠଉଁ ଏସବୁ କଥା ଶିଖୁଛି ।"

ମାଆଝିଅ ଯେତେବେଳେ ଏକାଟିଆ ହୋଇ ବସିବାର ସୁଯୋଗ ପାଇଲେ, ଚକ୍କୀ ସେତେବେଳେ କାରୁତାମ୍ମାକୁ କହିଲା, "ତୁ କାହିଁକି ଭଲ ନିଜକୁ ଏଇମିତି ଭୁଲିଯାଇ ବାପାଙ୍କ ମୁହଁ ଉପରେ କଥା କହିଲୁ ? ସେ ଯଦି ସନ୍ଦେହ କରି ବସିବେ, ଅବସ୍ଥା କଣ ହବ ବୋଲି ଭାବୁଛୁ ? ସାଇପଡ଼ିଶା ଲୋକେ କମିତି ବାଉକଥା ହଉଛନ୍ତି ତ ଶୁଣୁଥିବୁ । ତୋ ବାପା କାନରେ ଯଦି ପଡ଼େ ନା,...ହେ ମା ଦରିଆଠାକୁରାଣୀ ! ତୁ ହିଁ ସାହା ।"

ପାଲନିକୁ ବାହାହେବା ବିଷୟରେ କାରୁତାମ୍ମାର ମତାମତ କଣ ତାହା ଶୁଣିବା ଲାଗି ଚକ୍କୀ ଅନେକ ଥର ଚେଷ୍ଟା କଲାଣି, କିନ୍ତୁ କାରୁତାମ୍ମା ହଁ କି ନାହିଁ କିଛି କହିବାକୁ ନାରାଜ । ଝିଅର ଅଙ୍ଗ ଥଙ୍ଗ ଭାବ ଦେଖି ଚକ୍କୀ ବ୍ୟସ୍ତ ହୋଇପଡ଼ିଲା । ଝିଅ କଣ ମନରେ କିଛି କହୁ ନାହିଁ ? ଯେତେହେଲେ କଣ ହେଲା, ବୟସର ଝିଅଟେ ତ ! ନା, କାରୁତାମ୍ମା ପାଉଲୁକୁଟ୍ଟୀ ସହିତ କିଛି ସମ୍ପର୍କ ରଖିଛି ବୋଲି କିଛି କହୁ ନାହିଁ ? ଯାହା ହେଉ ଶେଷକୁ କାରୁତାମ୍ମା ଆଠପଣ ହଁ କଲା ଯେ ପାଉଲୁକୁଟ୍ଟୀର ଋଣ ଶୁଝାହେବା ପରେ ଯାଇ ସେ ପାଲନିକୁ ବାହା ହେବ ।

ଚକ୍କୀର ମୁହଁରେ ଆନନ୍ଦର ଗୋଟିଏ ହସ ଖେଳିଗଲା । କହିଲା, "ତାହେଲେ, ମୋ

Digitized by srujanika@gmail.com

ଧନର ବାହାହେବା ପାଇଁ ମନ ଅଛି ।''

କାରୁତାମ୍ମା ଆଉ କିଛି କହିଲା ନାହିଁ ।

ପାଳନିଟି ଭଲ ପିଲାଟିଏ ଲେ ମାଆ, ଖୁବ୍ ଭଲପିଲାଟିଏ ।''

ଚାକିକୀ ପାଳନିର ପ୍ରଶଂସା ଗାଇ ଚାଲିଲା, କିନ୍ତୁ କାରୁତାମ୍ମା ଭଲମନ୍ଦ କିଛି ଉପଲବ୍ଧି କରିପାରିଲାନାହିଁ । ମନଟାକୁ ସେ ଦୃଢ଼ କରିଦେଲା । ଭାବିଲା ସେ ଏ ବିବାହର ପ୍ରତିରୋଧ କରିବ । ପ୍ରତିରୋଧ କରିବାର ବହୁତ କାରଣ ରହିଛି । ପାଳନିର ବୟସ କେତେ ? ସେତିକି ଜାଣିବା ପାଇଁ କଣ କାରୁତାମ୍ମାର ଅଧିକାର ନାହିଁ ? ତାର ବନ୍ଧୁବାନ୍ଧବ ସବୁ କେଉଁଠି ଅଛନ୍ତି ? ସବୁଠାରୁ ବଡ଼ କଥା ହେଲା, ପାଳନି କଣ ତାର ହୃଦୟ ଜୟ କରିପାରିଛି ?

ଚାକିକୀ କିନ୍ତୁ ଖୁବ୍ ଖୁସି । ତା' ମୁଣ୍ଡରୁ ବୋଝ ଓହ୍ଲାଇଯାଇଛି । ତାର ସେ ଗପ ଶୁଣି ଶୁଣି କାରୁତାମ୍ମା ବିରକ୍ତ ହୋଇଗଲା । ସେ ପାଟିକରି କହିଲା, ''ହେଲା ମାଆ, ଏଥର ବନ୍ଦକର ।'' ତାପରେ ସେ ଭୁକ୍ଟୁଭୁକ୍ଟୁ ହୋଇ କଣ ଦପଦ କହିଦେଲା, ଚାକିକୀ ସେଥିରୁ କିଛି ଠଉରାଇ ପାରିଲା ନାହିଁ ।

ଚାକିକୀ କହିଲା; ''ଆଲେ ବାହାଘର ପୂର୍ବରୁ ତୋ ମାଆ ଏସବୁ ଜଞ୍ଜାଳ ତୁଟାଇଦବ ।''

ରାଗ ଜରଜର ହୋଇ କାରୁତାମ୍ମା କହିଲା, ''ହଁ, ହଁ ଜାଣିଛି, ମାଆ ସବୁ ତୁଟେଇ ଦବ । ତୁଟେଇ ଯଦି ଦବୁ ଆଜି ଯାଏଁ କଣ କରୁଥିଲୁ ?''

''ଏଥର ମୁଁ ଅଡ଼ି ବସିବି ।''

ନିରାଶ ହୋଇ କାରୁତାମ୍ମା କହିଲା, ''ନାହିଁ ତୋ ଅଡ଼ି ବସିବାରେ କିଛି ଫଳ ହିବନି, ଶେଷକୁ ଏଇୟା ହବ ବାହାଘର ହେଇଯିବ ।''

ଚାକିକୀ ନିର୍ଭର ଜବାବ ଦେଲା, ''ରହିଥା, ତୁ ଦେଖିବୁ ।''

ବ୍ୟସ୍ତତା ଓ ନୈରାଶ୍ୟ ଭିତରେ ପଡ଼ି କାରୁତାମ୍ମା ଗୋଟିଏ ଦୃଢ଼ନିଷ୍ପତ୍ତି କରି ବସିଲା । କହିଲା, ''ତାଙ୍କ ଟଙ୍କା ଯଦି ଫେରାଇ ନ ଦେଉଛ, ତାହେଲେ ମୁଁ ବାହାହେବା ପାଇଁ ମୋଟେ ରାଜି ହେବିନି । ନ ହେଲା ବେଳକୁ ମୁଁ ଆପଣା ଜୀବନ ଦେଇଦେବି । ଏକଥା ସତ୍ୟ ବୋଲି ଜାଣିଥା ।''

ଚାକିକୀ ବିଚଳିତ ହୋଇଯାଇ କହିଲା, ''ଛିଃ, ମୋ ମାଆଟା ପରା, ଇମିତି କଥା କହନ୍ତିନି ।''

କାରୁତାମ୍ମା ଆଖିରୁ ଲୁହ ଝରିପଡ଼ିଲା—''ଇଏ କି କଥା ? ସେ ବିଚରାର ସବୁ ବୁଡ଼ିଗଲା । ଆମର ଯଦି ଟଙ୍କା ନ ଥାନ୍ତା, ମୁଁ ବୁଝନ୍ତି ନାହିଁ ତ କଣ କରିବା ? ଘରେ ଟଙ୍କାପଇସା ରଖିଛ । ଋଣ ଶୁଝିଲାବେଳକୁ ମନାକରୁଛ !'' ତାପରେ ସେ ଚାକିକୀକୁ ଦୋଷ ଦେଇ ବସିଲା । କହିଲା, ''ତୁ ବି ସେଇଥିରୁ ପଟେ । ତାଙ୍କ ଋଣ ଶୁଝିବାକୁ ତୋର ବି ମନ ନାହିଁ ।''

ଦରିଆଠାକୁରାଣୀଙ୍କ ରାଣ ପକାଇ ଚାକିକୀ କହିଲା, ''ସେ କଥା ମୋଟେ ନୁହଁ ।'' କାରୁତାମ୍ମା ଆହୁରି ଏକ ନିଷ୍ପତ୍ତି ଜଣାଇଦେଲା—''ମୁଁ ଯାଉଛି ବାପାଙ୍କ ନିକେ ଏସବୁ କଥା

Digitized by srujanika@gmail.com

କହିଦେବ ।"

"ନା, ନା, ମାଆ ସେ କଥା ମୋଟେ କହିବୁନି ।"

"କାହିଁକି ନ କହିବ ଯେ ?" ଟିକିଏ ଅଟକିଯାଇ ସେ ପୁଣି କହିଲା, "ଆମେ ଯଦି ବାହାଘର ସାରିଦେବା ତେବେ କଣ ଘଟିବ ଭାବି ଦେଖିଲୁ ? ମୁଁ ଶାଶୁଘରକୁ ବାହାରିବା ବେଳକୁ ଯଦି ପାରିକୁଟ୍ଟୀ ଆସି ବାଟ ଓଗାଳିବ, କହିବ ମୋ ଟଙ୍କା ନ ଫେରେଇଲେ ମୁଁ ବାଟ ଛାଡ଼ିବି ନାହିଁ, ତେବେ ? ସେତେବେଳେ ତୁ କଣ କରିବୁ ?"

ଏପରି ଏକ ଘଟଣା ଯେ ଘଟିଯାଇପାରେ, ଚକ୍କିଙ୍କ ମୁଣ୍ଡକୁ ଆସିନଥିଲା । କଥାଟା ଶୁଣି ଚକ୍କି ଡରିଗଲା । ପଚାରିଲା, "ସେ କାହିଁକି ତତେ ଅଟକେଇବ ଯେ ?"

"କେବଳ ମୁଁ ମାଗିଥିଲି ବୋଲି ସେ ଟଙ୍କା ଦେଇଥିଲେ ।"

"ହେଲେ କଣ ହେଲା, ତୁ ଇମିତି ଅଡ଼ୁଆରେ ମାଗିଦେଇଥିଲୁ ନା ।"

"କିଏ କହିଲା ?"

ପାରିକୁଟ୍ଟୀ ଆସି କାରୁତାମ୍ମାର ବାଟ ଓଗାଳି ବସିବା ଚିତ୍ରଟା ଚକ୍କିର ଆଖିରେ ଆଖିରେ ନାଚିବାକୁ ଲାଗିଲା । ପାରିକୁଟ୍ଟୀ ଲୋକଟା ହତାଶ ହୋଇପଡ଼ିଛି । ତାର ସବୁ ଆଶାଭରସା ସ୍ୱର୍ଗ ବୁଜି ଚୂନା ହୋଇ ଯାଇଛି । ଏପରି ଲୋକ ପାଗଳଙ୍କପରି କଣ ବୋଲି କଣ କରି ବସିବ କିଏ କହିବ ?

"ମୁଁ ନିଶ୍ଚୟ ବାପାଙ୍କୁ କହିବି ।"—କାରୁତାମ୍ମା କହି ଚାଲିଲା, "ଆଜି ତ କହିବି । କଣ ଇମିତି ଅଛି ଯେ ମୁଁ କହି ପାରିବି ନାହିଁ ?"

"କିଛି କହନା, ମୋ ଧନ, କିଛି କହନା ।"

"ଅଲବତ କହିବି ।"

ଚକ୍କି ପ୍ରତିଜ୍ଞାକରି କହିଲା—ବାହାଘର ପୂର୍ବରୁ ଯେ କୌଣସି ମତେ ସେ ଏସବୁ ତୁଟାଇ ଦେବ ।

କିନ୍ତୁ ଚକ୍କି ଯେତେବେଳେ ଚେମ୍ପନ କୁଞ୍ଜୁଙ୍କୁ କହିଦେଲା ଯେ ବାହାହେବା ପାଇଁ କାରୁତାମ୍ମା ଅମଙ୍ଗ ନୁହେଁ, ସେତେବେଳେ ସେ କାରୁତାମ୍ମା ଦେଇଥିବା ସର୍ତ୍ତକଥା ଉଠାଇ ପାରିଲା ନାହିଁ । ଚେମ୍ପନ କୁଞ୍ଜୁ ଯେ କାରୁତାମ୍ମାର ହଁ-ନାହିଁକୁ ଅପେକ୍ଷା କରି ରହିଥିଲା, ତା' ନୁହଁ । ବାହା ହେବା ଲାଗି କାରୁତାମ୍ମା ହଁ କରିବ କି ନାହିଁ କରିବ, ସେ ବିଷୟନେଇ ଚେମ୍ପନ କୁଞ୍ଜୁ ମୋଟେ ବ୍ୟସ୍ତ ନ ଥିଲା । ସେ ଏହାକୁ ଏକ ସମସ୍ୟା ବୋଲି ଭାବୁ ନ ଥିଲା । ପାରିକୁଟ୍ଟୀର ଋଣଟା ପରିଶୋଧ କରିଦିଅ ବୋଲି ସ୍ୱାମୀକୁ କହିବା ଲାଗି ଚକ୍କିର ଅନ୍ୟ କୌଣସି ଉପାୟ ନ ଥିଲା ।

ଚିଙ୍ଗୁଡ଼ିର ଭଲ ଦର ଆସିଲା ନାହିଁ । କେବଳ ଚେମ୍ପନ କୁଞ୍ଜୁ କାହିଁକି, ସମୁଦ୍ରକୂଳର କାହାରି ମନରେ ଆନନ୍ଦ ନାହିଁ । ଆଲେପ୍ପୀ ଓ କୋଚୀନର ବେପାରୀମାନେ ଯେତେବେଳେ ଜାହାଜ ଭରି ମାଲ ରପ୍ତାନି କରିଦେଲେ, ସେତେବେଳକୁ ରେଙ୍ଗୁନରେ ଯେଉଁ ଦର ମିଳିବ

Digitized by srujanika@gmail.com

ବୋଲି ଅଣା କରିଯାଉଥିଲା ତାର ଅଧା ଦର ଖସିଗଲା । ପାଶକୁଟ୍ଟୀର ପୁରା ହଜାରେ ଟଙ୍କା ଷଠ ହୋଇଗଲା ।

ଏ ଭିତରେ କାରୁତାମ୍ମାର ଚରିତ୍ରରେ ଏକ ବଡ଼ ପରିବର୍ତ୍ତନ ଘଟିଗଲା । ବର୍ତ୍ତମାନ ସେ ବଡ଼ ହୋଇ ସାରିଥିଲା, ମନରେ ତାର ସାହସର ଅଭାବ ନ ଥିଲା । ଗୋଟିଏ ନୂଆ ଜିଦ୍ ଧରି ପାରିକୁଟ୍ଟୀ ସହିତ କଥାଭାଷା ହେବା ଲାଗି ସେ ସୁଯୋଗର ଅପେକ୍ଷାରେ ରହିଲା ।

ଦିନେ ଦୁହିଁଙ୍କର ସାକ୍ଷାତ ହୋଇଗଲା । ବାଡ଼ର ଆରପଟେ ଠିଆହୋଇଥିଲା ପାରିକୁଟ୍ଟୀ, ଏପଟରେ ଠିଆ ହୋଇଥିଲା କାରୁତାମ୍ମା । ସେଦିନ କାରୁତାମ୍ମା ହିଁ କଥାଭାଷା ଆରମ୍ଭ କଲା, ଏବଂ ସେ କଥାଭାଷା ଯେ କୌଣସି ଦାୟିତ୍ୱହୀନ ଆଳାପ ସେପରି ନୁହେଁ ।

"କୋଚମୁତାଲାଲି, ତୁମ ବେପାର ଆଜକାଲି ବହୁତ କ୍ଷତିରେ ଚାଲିଛି, ନୁହଁ ?'— କାରୁତାମ୍ମା ପଚାରିଲା ।

କଥାଭାଷାଟା ଯେ ଏପରି ଭାବରେ ଆରମ୍ଭ ହେବ, ପାରିକୁଟ୍ଟୀ ତାହା ଆଶା କରି ନ ଥିଲା । ସେ କିଛି ନ କହି ଚୁପ୍ ରହିଲା ।

କାରୁତାମ୍ମା କହିଲା, "ମୁଁ ତୁମ ଟଙ୍କା ଫେରେଇ ଦେବ !"

ପାରିକୁଟ୍ଟୀ କହିଲା, "କିନ୍ତୁ ତୁ ତ ମୋଠାରୁ କୌଣସି ଟଙ୍କା ଧାର କରି ନାହୁଁ ଲୋ, କାରୁତାମ୍ମା ।"

"ନହେଲେ କଣ ହେଲା, ମତେ ଫେରେଇବାକୁ ପଡ଼ିବ ।"

"ଇଏ ଗୋଟେ କି କଥା ?"

"ସେଇ କଥା ମୁତାଲାଲି । ତୁମ ଋଣ ଶୁଝି ଲି ପରେ ଯାଇ··· ?"

କଥାଟାକୁ ପୂର୍ଣ୍ଣକରି ପାରିଲା ନାହିଁ କାରୁତାମ୍ମା । କିଛି ଗୋଟିଏ ଜିନିଷ ତାର ଗଳାରୁଦ୍ଧ କରି ବସିଲା । ବକ୍ଷସ୍ଥଳର ସବୁ ଶକ୍ତି କେଉଁଆଡ଼େ ଉଭେଇଗଲା । ଦୁଇ ଆଖି ତାର ଲୁହରେ ଛଳଛଳ ହୋଇଉଠିଲା ।

କାରୁତାମ୍ମା ଯାହା କହିବାକୁ ଚେଷ୍ଟା କରୁଥିଲା ତାହା ପାରିକୁଟ୍ଟୀ ପ୍ରକାଶ କରିଦେଲା । କହିଲା, "ତୁ ଚାହୁଁଛୁ ବାହା ହୋଇଯିବା ପୂର୍ବରୁ ମୋ ଋଣଟା ଶୁଝିଦେଇ ଯିବୁ—ଏଇ କଥା ତ ?'

କାରୁତାମ୍ମା ଆଖିରୁ ଧାର ଧାର ହୋଇ ଝରିପଡ଼ିଲା ଲୁହ । ପାରିକୁଟ୍ଟୀ କାନ୍ଦିଲା ନାହିଁ । ପଚାରିଲା, "ତୁ ଚାହିଁଚ୍ ଏଇ ଭଳି ଭାବରେ ଆମ ସମ୍ପର୍କଟା କାଟିଦେବୁ, ନୁହଁ ?"

ଏ ପ୍ରଶ୍ନଟି କାରୁତାମ୍ମାର ହୃଦୟକୁ ବିଦୀର୍ଣ୍ଣ କରିଦେଲା । ପାରିକୁଟ୍ଟୀ ଯେତେବେଳେ ପ୍ରଶ୍ନଟି ପଚାରିଲା କଣ ସେ ବି ଏପରି ଏକ ଅବସ୍ଥା ଗ୍ରହଣ କରିବାଲାଗି ପ୍ରସ୍ତୁତ ଥିଲା ନା କଣ ? କାରୁତାମ୍ମାର ନିଃସହାୟ ଅବସ୍ଥା ପାରିକୁଟ୍ଟୀ ବୁଝିପାରିଲା । ତଥାପି କାରୁତାମ୍ମା ମୁହଁରୁ ଗୋଟିଏ କିଛି ଉତ୍ତର ଶୁଣିବାକୁ ସେ ଚାହୁଁଥିଲା ।

"ନା, ନା; କୋଚୁମୁତାଲାଲି, ମୁଁ ଚାହୁଁଛି, ତୁମେ ଭଲରେ ରହ । ସୁଖରେ ରହ ।"

Digitized by srujanika@gmail.com

ପାରିକୁଟ୍ଟୀ ସେ ଆତୁର ପ୍ରେମିକର ସୁଖସ୍ୱପ୍ନ ଦେଖିଥିଲା ତା ମୁହଁରେ । ସେ ଗୋଟିଏ ବ୍ୟଙ୍ଗ ପୂର୍ଣ୍ଣ ହସ ହସିଦେଲା ।—"ତୁ ଘରୁଁ କୁ ମୁଁ ସୁଖରେ ରଖିବ, ନା କେ କାରୁତାମ୍ମା ?"

ଏ କଥାର ମର୍ମ ଅନୁଭବ କରିପାରିଲା କାରୁତାମ୍ମା । ପାରିକୁଟ୍ଟୀ ଆଉ କୌଣସି ଦିନ ସୁଖରେ ଆନନ୍ଦରେ ରହି ପାରିବ ନାହିଁ । କାରୁତାମ୍ମା ଆଉ ସେଠାରେ ଠିଆ ହୋଇ ପାରିଲା ନାହିଁ । ସେ ଚାଲିଯିବା ପରେ ବି ନିରବ ନିଶ୍ଚଳ ଭାବରେ ଠିଆ ହୋଇ ରହିଲା ପାରିକୁଟ୍ଟୀ ।

× × ×

ସେଦିନ ଘରେ ଚେମ୍ପନ କୁଞ୍ଜୁ ଚକ୍କୀ ପାଇଁ ଗୋଟିଏ ବିଶେଷ ସମ୍ବାଦ ଆଣିଥିଲା । ମନ ତାର ଭାରି ଖୁସି । ସେ ଚୁପ୍ ଚୁପ କରି କହିଲା, "ପାଳାନି କହୁଚି ତାର କିଛି ଯୌତୁକ ଲୋଡ଼ା ନାହିଁ ।'

ଚକ୍କୀ ଏକଥା ବିଶ୍ୱାସ କରିପାରିଲା ନାହିଁ । ପଚାରିଲା, "ତାହେଲେ ?"

"ତା' ହେଲେ ଆଉ କଣ ? ବିନା ଯୌତୁକରେ ବାହା ହବ ।"

ଚକ୍କୀ ଚେମ୍ପନ କୁଞ୍ଜୁ ମୁହଁକୁ ନିରେଖି ଚାହିଁଲା । ଚେମ୍ପନ କୁଞ୍ଜୁ ତା ଦେହ ଛୁଇଁ ରାଣ ପକାଇ କହିଲା—"ଦରିଆଠାକୁରାଣୀଙ୍କ ରାଣ ଲେ, ସେ ନିଜେ ଏକଥା କହିଲା ।"

"ତାର ଲୋଡ଼ା ନାହିଁ ବୋଲି ସେ କହିଲା, ତା ହେଲେ ତେମେ ବି ଯୌତୁକ ଦବ ନାହିଁ ବୋଲି ଭାବିଛ ନା କଣ ?"

ଚେମ୍ପନ କୁଞ୍ଜୁ ଉପର ଆପତ୍ତି କରି ବସିଲା । କଣେ ଯେତେବେଳେ କିଛି ଚାହୁଁ ନାହିଁ ତାଉପରେ ସେଇଟାକୁ ଗୋଟିଏ କପର ଜବରଦସ୍ତି ଲଦି ଦିଆଯାଇପାରେ ? ବିଶେଷ କରି ଇଏତ ଟଙ୍କାପଇସା କଥା । ଏ ଅବସ୍ଥାରେ ଚକ୍କୀ ଯେ କାହିଁକି ଯୌତୁକ ଦେବାକୁ ଧରି ବସିଛି ତାହା ଚେମ୍ପନ କୁଞ୍ଜୁ ଭାବି ପାରିଲା ନାହିଁ ।

ଯାହାହେଉ ଚକ୍କୀ ସ୍ପେକଠୋକ ଶୁଣାଇଦେଲା, "ସେ ବିଚାରା ଗରିବ ବାପୁଡ଼ା, ସେ ଏସବୁ କଥା ମୋଟେ ଜାଣେନି । ତେମେ ହିଁ ତାକୁ ଏ ଫାନ୍ଦରେ ପକେଇ ଦେଇଛ, ସେଇଥି ପାଇଁ ତା ମୁହଁରୁ କଥା ବାହାରି ପଡୁଚି ।"

"ମୁଁ ତାକୁ ଏ ବିଷୟରେ ମୋଟେ କିଛି କହିନି ।"

"ମଣିଷର ଏତେ ଟଙ୍କାପଇସା କି ଦରକାର ଯେ ?"

"ଆଲୋ, ମୋ ହାତରେ ଭଲା କେତେ ଟଙ୍କାପଇସା ଅଛି ?"

· "ଏ ଯୋଉଁ ଯଉତୁକ ଯଉତୁକ ହଉଛ, ଏଇଟା ଆମ ନିଜ ଝିଅକୁ ଦେବା କି ?"

"ଆରେ, ଆଚ୍ଛା କଥା ! ସେ ନ ନେଲେ ମୁଁ କଣ କରିବ ଯେ ?"

"ତା' ହେଲେ ଏଟଙ୍କାଗୁଡ଼ା କାହା ପାଇଁ ଜମେଇ ରଖିଛ ? କୁହ, ମୁଁ ପଚାରୁଛି କୁହ ? ତେମେ ଏବେ ବୁଢ଼ା କାଳକୁ ମଉଜ ମଜଲିସି କରିବ । ଚକ୍କୀର ମୁହଁ ବନ୍ଦ ହେଲା ନାହିଁ । ସେ କହି ଚାଲିଲା, "ନିଜ ପାଇଁ ଏବେ ରୁଳାଦିଆ ଗଢ, କଅଁଳିଆ ମାଣ୍ଡି କରେଇବ, ଆତୁର

Digitized by srujanika@gmail.com

ପାରଲେ ମୁହଁସୁନ୍ଦରଣ୍ଣ ଟୋକାଟେ ନେଇ ଆସିବ । ହେଲେ ଜୀବନରେ ତମର ଆଉ କିଛୁ କରିବାର ଅଛି, ନା ନାହିଁ ? ମନେରଖିଥା, ମୁଁ ସାହା ପଡ଼ିବାକୁ ଏସବୁ କରିଛ, ହଁ ।"

ତାକୁ ଟିକିଏ ଶାନ୍ତ କରିବା ଲାଗି ଚେମ୍ପନ କୁଞ୍ଜୁ ହସି ହସି କହିଲା, "ହେଲା, ଏବେ ସେଇ କଥା ହଉ । ମୁଁ ଏକୋଟିଆଟା କାହିଁକି ମଜା କରିବ—ଆମେ ଦଦେଁ ମିଶି ମଜା କରିବା । ଗଦଟା ହେଇଗଲେ ତୁ ବି ଶୋଇବୁ ।"

ଚ୍ଚକ୍କୀ ପ୍ରକୃତରେ ରାଗିଗଲା । ଶାନ୍ତ ହେବ କଣ, ସେ ଆହୁରି ପାଟିକଲା । ଚେମ୍ପନ କୁଞ୍ଜୁର ଭୟ ହେଲା । ଘରେ ପାଟିତୁଣ୍ଡ ହେଲେ ସାହପଡ଼ଶାର ଲୋକେ କଥାଟା ଜାଣି ଯିବେ । ତେଣୁ କଳିଟାକୁ ଆଉ ନ ବଢାଇ ସେ ଚୁପ୍ ହୋଇ ଘରୁ ଖସି ଚାଲିଗଲା ।

କାରୁତାମ୍ମା ନିଜ ବଖରାରୁ ଆସି ମାକୁ ଚୁପ୍ କରାଇଲା । କହିଲା, "ମାଆ ଲୋ, ମୋର ସେ ଯୌତୁକ ଲୋଡ଼ା ନାହିଁ ।"

"କାହିଁକି ନ ନବୁ ନା ? ଯଉତୁକ ନନେଇ ଶାଶୂଘରକୁ ଗଲେ ଝିଅର ସେଇଟା ଅପମାନ । ଅଳ୍ପ ହଉ, ବହୁତ ହଉ, ତୋ ହାତରେ ତ ପଇସା ରଖିବୁନ ?"

ଟିକିଏ ଚୁପ୍ ରହି କାରୁତାମ୍ମା କହିଲା, "ମୁଁ ଯୋଉଠିକି ଯାଉଛି, ସେଇଠି ତ ଶାଶୂ ବୋଲି କେହି ନାହିଁ । ତେମେ ମତେ ଏଇମିତିକା ଗୋଟେ ଜାଗାକୁ ପଠେଇଦଉଛ ଟି ?"

କଥାଟା ଚ୍ଚକ୍କୀ ମନକୁ ବଡ଼ ବାଧିଲା । ସତକଥା । ଝିଅକୁ ଏଇମିତିକା ଗୋଟାଏ ଜାଗାକୁ ସେମାନେ ପେଲି ଦେଉଛନ୍ତି ।

"ମୋ ମାଆ ପରି, ମୋ କଥା ଶୁଣ । କିଏ ନଥେଲେ କଣ ହେଲା, ସାହପଡ଼ଶା ତ ଥେବେ । ସେମାନଙ୍କ କଥା ଟିକିଏ ଭାବ ।"

"ହଁ······ସାହପଡ଼ଶା !" ଅଟକି ନ ଯାଇ କାରୁତାମ୍ମା କହିଚାଲିଲା, "ଦଅ, ମତେ କୌଣସି ମତେ ପଠେଇଦଅ; ଟଙ୍କାଟା ଆମ କୋଚୁମୁତାଳିଙ୍କୁ ଦେଇଦଅ ।" ଟିକିଏ ରହି କାରୁତାମ୍ମା ପୁଣି କହିଲା, "ସେ ବିଚରା ବୁଡ଼ିଗଲେ । ତାଙ୍କୁ ଏ ଅବସ୍ଥାରେ ଦେଖି ମୁଁ ଜମା ଯାଇ ପାରିବ ନାହିଁ । ଆଉ ଯଦବା ଚାଲିଯାଏ······ସେ ଆଉ ବଞ୍ଚିବେ ନାହିଁ ।" ମାଆକୁ କହିଲା, "ବାପା ଯୋଉଁ ଟଙ୍କା ରଖିଛନ୍ତି, ସେଥିରୁ ଟ୍ଟେରେଇ କରି ଆଣ ପଛେ, ତାଙ୍କୁ ତାଙ୍କ ଟଙ୍କାଟା ଫେରେଇ ଦେ । ବାପା ଟଙ୍କା ଲୁଚେଇ ରଖିଛନ୍ତି ।"

ଚେମ୍ପନ କୁଞ୍ଜୁ ଯଦି ଜାଣିଦେବନା, ତେବେ ଜୀବନରେ ମାରିଦେବ । ଚ୍ଚକ୍କୀର ଏଥିକୁ ସାହସ ପାଇଲା ନାହିଁ । ଏଭଳି କାମ ସେ କୌଣସି ଦିନ କରିନାହିଁ ।

"ତୁ କଣ ଏକାମକୁ ଡରୁଛୁ, ମାଆ"—କାରୁତାମ୍ମା ପଚାରିଲା ।

ହଁ; ସେ ଡରୁଛି । ସେଇଥିପାଇଁ ସେ ପୂର୍ବରୁ ଯେଉଁ ଶପଥ କରିଥିଲା, ତାକୁ କାମରେ କରି ଦେଖାଇ ପାରୁନାହିଁ ।

ଚ୍ଚକାରର ଆରମ୍ଭରେ ତାଙ୍କର ବହୁତ ଟଙ୍କା ଲାଭ ହୋଇଛି । ଯଦି ପ୍ରତ୍ୟେକ ଦିନ ସେଥିରୁ କିଛି କିଛି ଟଙ୍କା ନେଇ ହୁଅନ୍ତା, ତେବେ କେହି ଜାଣି ପାରନ୍ତେ ନାହିଁ । କାରୁତାମ୍ମା ଚ୍ଚକ୍କୀକୁ ସାହସ ଦେଲା, ଅବସ୍ଥାର ଗୁରୁତ୍ୱ ବୁଝାଇ ଦେଲା । ଚେମ୍ପନ କୁଞ୍ଜୁ ଯେତେବେଳେ

Digitized by srujanika@gmail.com

ଖୁବ୍ ପାହାନ୍ତିଆରୁ ଉଠି ସମୁଦ୍ରକୁ ଚାଲିଗଲା, ସେତିକିବେଳେ ମାଆଝିଅ ମିଶି ଟଙ୍କା ବାକ୍ସ ଖୋଲିଲେ । କିଛି ଟଙ୍କା ବାହାର କରି ନେଇ ବାକ୍ସକୁ ଯେପରି ଥିଲା ସେପରି ରଖିଦେଲେ । କାଳେ ଧରାପଡ଼ିଯିବେ, ଏହି ଆଶଙ୍କାରେ ଦିନଟାଯାକ କଟିଗଲା । ସନ୍ଧ୍ୟାବେଳକୁ ଘରକୁ ଫେରି ଚେମ୍ପନ କୁଞ୍ଜୁ ସେ ଦିନର ଉପାର୍ଜନତକ ବାକ୍ସରେ ରଖି ଚାବି ଲୁଚାଇ ଦେଲା । ସେଦିନ କେତେ ଟଙ୍କା ଆୟ ହେଲା ବୋଲି ଚାକ୍କୀ ପଚାରିଲା । ଚାକ୍କୀ ଏଭଳି ପ୍ରଶ୍ନ ପଚାରିବା କୌଣସି ଅସାଧାରଣ ବିଷୟ ନୁହେଁ ।

ଚେମ୍ପନ କୁଞ୍ଜୁ କହିଲା, "ଆଜିକାଲି ଚିଙ୍ଗୁଡ଼ିକ କେହି ପଚାରୁନାହାନ୍ତି ।"

"ନ ହେଲେ ବି, ଆଜି କେତେ ଟଙ୍କା ହେଲା ?"

"ତୋର ଏତେ ଜାଣିବାକୁ କଣ ପଡ଼ିଛି ?"

ପ୍ରତିଦିନ ମାଆଝିଅ ମିଶି କିଛି କିଛି ପଇସା ବାହାର କରି ନିଅନ୍ତି । ଦିନେ ଚେମ୍ପନ କୁଞ୍ଜୁ ବାକ୍ସର ଟଙ୍କା ଗଣି ବସିଲା । ହିସାବ ଠିକ କଲା । ଚାକ୍କୀ ଓ କାରୁତାମ୍ମା ବିପଦ ଗଣିଲେ । ଶରୀରଙ୍କର ଦମ୍ ବନ୍ଦହୋଇଗଲା । ଟଙ୍କା ପଇସା ଗଣା ଗଣି କରିସାରି ଚେମ୍ପନ କୁଞ୍ଜୁ ଯେତେବେଳେ ବାକ୍ସରେ ଚାବି ପକାଇଲା, ସେତିକିବେଳେ ଯାଇଁ ଦୁହେଁ ଶାନ୍ତିରେ ନିଶ୍ୱାସ ମାରିଲେ, ସେମାନଙ୍କର ଚାଲବାଜି ଧରାପଡ଼ି ନାହିଁ ।

ଏପରି ଭାବରେ କିଛିଦିନ ଚାଲିବା ପରେ ଦେଖାଗଲା, ସେମାନେ ନେଇଛନ୍ତି ମୋଟେ ଟଙ୍କା ସତୁରିଟା । ମାଆ ଝିଅ ମିଶି କିଛି ଶୁଖୁଆ ମଧ୍ୟ କରିଥିଲେ । ସେତିକି ବିକାବିକି କରିବାରୁ ଟଙ୍କା କୋଡ଼ିଏ ଯାଏ ହେଲା । ଶେଷକୁ ସ୍ଥିର କଲେ ଅଭାବ ହେଲେ କଣ ହେଲା, ଟଙ୍କାତକ ନେଇ ପାରିକୁଟ୍ଟୀକୁ ଦେଇଆସିବେ ।

ନଅ

ବିବାହ ତିଥି ସ୍ଥିରହୋଇଗଲା । ଦୁନିଆରେ ପାଲିନର ନିଜର ବୋଲି କେହି ନ ଥିଲେ । ଅମୁକ ହେଲା ନାହିଁ କାହିଁକି, ସମୁକ ହେଲା ନାହିଁ କାହିଁକି ବୋଲି ଅଡ଼ି ବସିବାକୁ ଆଉ କିଏ ସେ ଅଛି ? ତେଣୁ ବିବାହ ପାଇଁ ବିଶେଷ କିଛି ଯୋଗାଡ଼ ଆଡ଼ମ୍ବରର ପ୍ରୟୋଜନ ହେଲା ନାହିଁ । ପାଲିନି ତା ଡଙ୍ଗାମାଲିକକୁ ଶୁଭସମ୍ବାଦଟା ଦେଇଦେଲା ।

ତାଙ୍କ ଦରିଆ କୂଳର ଭାଇ ବେହେରାଙ୍କ ପାଖକୁ ପାଲିନ ଯେତେବେଳେ ମାନସମ୍ମାନ ଦେଖାଇ ଆଶୀର୍ବାଦ ଆଣିବାକୁ ଗଲା, ଚେମ୍ପନ କୁଞ୍ଜୁ ବି ତା ସହିତ ଯାଇଥିଲା । ଚେମ୍ପନ କୁଞ୍ଜୁ

Digitized by srujanika@gmail.com

ନିଜ କୂଳର କୂଳ ବେଦେଶ୍ୱରଙ୍କୁ ବି ଉଚିତ ଭେଟିଖଣ୍ଟଣା ଦେଇ ଆସିଲା ।

ତେଣୁ ଚେମ୍ବନ କୁଞ୍ଜୁ ନିଜ ଝିଅକୁ ବାହା ଦେଉ ନାହିଁ ବୋଲି ଯେଉଁ ଅଭିଯୋଗଟା ଉଠିଥିଲା ତାହା ବର୍ତ୍ତମାନଠାରୁ କଟିଗଲା ।

ସେ ସ୍ତ୍ରୀଙ୍କୁ କହିଲା, "ଆଲୋ ହେ, ଦେଖିଲୁ; ଚେମ୍ବନ କୁଞ୍ଜୁ କିମିତି କଥାଟାକୁ ସୁରୁ-ଖୁରୁରେ ତୁଟେଇ ଦେଲା ଦେଖିଲୁ ?"

ଚ୍କକ୍କୀ ଓଲଟି ଅଭିଯୋଗ ଶୁଣାଇଲା—

"କି ବରପାଇଟେ ନ କରିଛ ଯେ ! ଘର ନାହିଁ କି ଦୁଆର ନାହିଁ; ବନ୍ଧୁ ନାହିଁ କି ସୋଦର ନାହିଁ । ଖରି ତ ଭଲ କରିଛ !"

ଚେମ୍ବନ କୁଞ୍ଜୁ ଖପା ହୋଇ ପାଟିକଲା—"ତୁ କଣଟା ବୁଝିଚୁ ଲୋ ? ମୋ ଜୋଉଁ କାମକୁ ଯିମିତିକା, ବଳବନ୍ଧସକୁ ସିମିତିକା; ବୁଦ୍ଧିବୃତ୍ତି ବି ସିମିତିକା । ପାଖ ଆଖ ଦରିଆ-କୂଳରେ ଯେତେ ଗାଁ ଅଛି, ଜୋଉଁଠି ହେଲେ ତା ଭଲିଆ ପାଇଟେ ନ ଥିବ ମ ।"

ଚ୍କକ୍କୀ ଆଉ ଅଧିକ ଲଗାଇଲା ନାହିଁ ।

ହସିଦେଇ କହିଲା, "ତାହେଲେ ଏଥର ଆମେ ଆମର ମଉଜ କରିବା ।"

"ହଁ; ଏଥର ମଉଜ କରିବା । ପାଲ୍ଲିକୁନ୍ନାଥ ଘରେ ଯିମିତି ଚଳେଇଛନ୍ତି ସିମିତି ଚଳେଇବା ।"

ଚ୍କକ୍କୀ କହିଲା, "ଆମେ ଯଦି ଟୋକାଟୋକୀଙ୍କ ପରି ଚଳିବା ବୋଲି କହୁଛ, ତେବେ ଆଗ ପାରିକୁଟ୍ଟୀକୁ ଟଙ୍କାପଇସା ଦେବା ବିଷୟଟା ତୁଟେଇ ଦିଅ ।"

"ସେ ବିଷୟଟା ତୁଟାଇ ଦେବାପାଇଁ ବି ଗୋଟେ ବାଟ ଅଛି । ମୁଁ କିଛି ଭୁଲିଯାଇନି । ଯେତେ ଯାହା ଅଛି, ବେଳ ଆସିଲେ ସବୁ ଗୋଟି ଗୋଟି କରି ତୁଟେଇଦେବି ।"

ତାପରେ ଟିକିଏ ଗମ୍ଭୀର ହୋଇଯାଇ କହିଲା, "ଶୁଣ, ଆମର ତ ପୁଅ ବୋଲି କେହି ନାହିଁ । ମୁଁ ଭାବୁଛି, ପାଲନିକୁ ପୋଷିଆ ପୁଅ କରିନେବା ।"

ଚ୍କକ୍କୀ କହିଲା, "ଯେତେହେଲେ ସେ ତ ବଡ଼ ଜୋଉଁ ହବ ।"

କାଳେ ଚ୍କକ୍କୀ ଭଲଭାବେ ବୁଝିପାରି ନ ଥିବ ଭାବି ଚେମ୍ବନ କୁଞ୍ଜୁ ସବୁକଥା ଗୋଟି ଗୋଟି କରି ବୁଝାଇବାକୁ ବସିଲା । ପାଲନିର କେହି ବୋଲି କେହି ନାହିଁ । ତେଣୁ ବାହାଘର ପରେ ସେ ଚେମ୍ବନ କୁଞ୍ଜୁ ଘରେ ରହିଗଲେ ଚଳିବ । ବର୍ତ୍ତମାନ ସେମାନଙ୍କର ଦୁଇ ଖଣ୍ଡ ଡଙ୍ଗା ଅଛି । ପାଲନି ଯଦି ରହିବାକୁ ମଙ୍ଗେ, ତେବେ ଖୁବ୍ ଭଲ ହବ । ଚ୍କକ୍କୀ କହିଲା, ଘରେ ପୁଅଟିଏ ଥିଲେ ସତରେ ଭଲ ହୁଅନ୍ତା । କିନ୍ତୁ ତା ମନରେ କେତେଟା ସନ୍ଦେହ ବି ଉପୁଜିଲା ।

ସେ ପଚାରିଲା, "ସେ କଣ ଏଥିକି ମଙ୍ଗିବ ?"

ଚେମ୍ବନ କୁଞ୍ଜୁ କହିଲା, "ମଙ୍ଗିବନି ବୋଲି ଭାବୁଛୁ କାହିଁକି ? ନ ମଙ୍ଗିବ କାହିଁକି ଲୋ ?"

Digitized by srujanika@gmail.com

"କେଉଁ କେଉଁଠି ଟୋକା କେବେ ଘର ଜୁଆଁଇ ହୋଇ ରହିଥିଲେ ଭଲା ?"

ଚୁପ୍ ହୋଇ ବସି କିଛି ସମୟ ଭାବିବା ପରେ ଚେମ୍ପନ କୁଞ୍ଜୁ କହିଲା, "ସେ କଥା ନିଶ୍ଚୟ ମାନିବି । ଗରିବ ଲୋକ କଥା ।"

"ସତେ ? ତେମେ ଯେତେବେଳେ ବାହାହେଲ, ତେମେ ଆମ ଘରେ ଯୋଡ଼େ ଦିନ ରହିଥିଲ ନା ?"

"ଆଲୋ, ମୋର ବାପା ମାଆ ଥିଲେ ।"

ତଥାପି ପାଲନି ଯେ ସେମାନଙ୍କ ସହିତ ଆସି ରହିବ, ଏଥିରେ ଚକ୍କୀର ବିଶ୍ୱାସ ଆସିଲା ନାହିଁ ।

ବାପାଙ୍କ ଭିତର ଉଦ୍ଦେଶ୍ୟ ଯେ କଣ, କାରୁତାମ୍ମା ତାହା ଜାଣିପାରିଲା । ସେ ଯାଇ ମାଆ ପାଖରେ ବସିଲା । ବାହାଘର ପରେ ସେ ଆଉ ଏଠାରେ ରହିବାକୁ ଚାହେଁନା । ଝିଅର ମତଗତି ଦେଖି ଚକ୍କୀ ବିସ୍ମିତ ହୋଇଗଲା ।

କହିଲା, "ତୁ ପରା ମୋ ସୁନା ଝିଅଟା । ଅଲୋ ମା, ତୁ କଣ ଇମିତି କହୁଚୁ କଲୋ ? ଆମେ ବାପା ମାଆ ତୋ ବାହାଘର ପାଇଁ କେତେ ବେସ୍ତ ହଉଚୁ, ତୁ ବସିଚୁ କଣ ନା ବାହା ବାସିଦିନଠୁ ଆମକୁ ଗୋଡ଼ରେ ଆଡ଼େଇ ଦେଇ ଚାଲିଯିବୁ ? ତତେ ଆମେ ଏତ୍ତିକିଟିରୁ ଏଡ଼େଟିଏ କଲୁ, କଣ ଇମିତି ଉଚ୍ଛୁଟାରେ କଲୋ ? ତୋ ପାଇଁ ବର ଆସିଲାଣି ବୋଲି ଶୁଣୁଶୁଣୁ ତୁ ବାପା ମାଆଙ୍କ ଠେଇଁ ଆଉ କି ଦରକାର ବୋଲି ଭାବିବସିଲୁଣି !'

ମାଆ କଥା ଶୁଣି କାରୁତାମ୍ମା ମନରେ ଖୁବ୍ ଦୁଃଖ ହେଲା । ବାପା ମାଆଙ୍କୁ ଭଲପାଏନି ବୋଲି ଯେ ସେ ଏପରି କହିଲା ତା ନୁହେଁ । ବାହା ହୋଇଯିବା ପରେ ବାପା ମାଆଙ୍କ ସହିତ ରହିବାଟା ଅପମାନ ଜନକ ବୋଲି ବି ସେ ଭାବୁ ନ ଥିଲା । ସେ ତ ସବୁଦିନ ପରି ତାର ଆଦରର ଝିଅ ହୋଇ ରହିବ ଏବଂ ସେ ଏକଥା ବି ଜାଣେ ଯେ ତାପାଇଁ ଯାହା ଦରକାର ତା' ମାଆ ତାହା କରିବାକୁ ପ୍ରସ୍ତୁତ । ପଞ୍ଚମୀକୁ ଛାଡ଼ି ସେ ବା ଦୂରେଇ ରହିବ କିପରି ? ଯେଉଁଦିନ ତାକୁ ଏଘର ଛାଡ଼ି ଚାଲିଯିବାକୁ ପଡ଼ିବ, ସେହି ଦୁଃଖଦ ଦିନର ବେଦନା ସେ ସହିବ କିପରି ?

ତଥାପି କାରୁତାମ୍ମାର ଇଚ୍ଛା ଘର ଛାଡ଼ି, ସାହିପଡ଼ିଶାଙ୍କୁ ଛାଡ଼ି, ସେ ଦୂରକୁ ଚାଲିଯିବ ।

ମର୍ମାହତ ହୋଇ କାରୁତାମ୍ମା କହିଲା, "ମୁଁ ସେକଥା କହୁନି, ମାଆ ! ତୁ କାହିଁକି ସିମିତି ଭାବୁଛୁ ? ମାଆ ବାପାଙ୍କ ଛଡ଼ା ମୋର ଆଉ ସାହାଭରସା କିଏ ଅଛି କହିଲୁ ?"

ଅନ୍ତରର କୋହ ଆଉ ସମ୍ଭାଳି ପାରିଲା ନାହିଁ କାରୁତାମ୍ମା । ମାଆର କାନ୍ଧ ଉପରେ ଢଳି ପଡ଼ି ସେ କଇଁ କଇଁ ହୋଇ କାନ୍ଦି ଉଠିଲା । ମାଆ ତାକୁ କୁଣ୍ଢାଇ ଧରିଲା ।

କଥାଟାକୁ ଝିଅ ଏତେ ଗୁରୁତ୍ୱ ଦେବ ବୋଲି ଚକ୍କୀ ଜାଣି ନଥିଲା । ସେ ଭାବି ନ ଥିଲା, ଲା କଥାରେ କାରୁତାମ୍ମା ଏଲେ ଭାଙ୍ଗିପଡ଼ିବ । ହୃଦୟ ଫଟାଇ କାନ୍ଦୁଥିଲା କାରୁତାମ୍ମା ।

Digitized by srujanika@gmail.com

ଚ୍କକ୍କୀ ବି ଝିଅ ସହିତ ମିଶି କାନ୍ଦିବାକୁ ଲାଗିଲା ।

"ମୋ···ମୋର···ଏ···ଏ ସମୁଦ୍ର କୂଳରେ···ରହିବା ଲୋଡ଼ା ନା-ନା···ନାହିଁ ମା, ଚାଲ ଆ···ଆ···ଆମେ ସମସ୍ତେ ଏ ··ଏଜାଗା ଛାଡ଼ି ପଳେଇବା ।" କାନ୍ଦି କାନ୍ଦି କାରୁତାମ୍ମା କହିଲା ।

ଚ୍କକ୍କୀ ପଚାରିଲା, "ମା' ମୋର କଣ ଇମିତି କହୁଛୁ ଲୋ ?" ହୃଦୟ ତାର ପରିପୂର୍ଣ୍ଣ ହୋଇ ରହିଥିଲା ବାତ୍ସଲ୍ୟ ମମତାରେ ।

ଅନ୍ତରର ଭାବ ଆଉ ଲୁଚାଇ ପାରିଲା ନାହିଁ କାରୁତାମ୍ମା । କହିଲା, "ମୁଁ ଯଦି ଏ ସମୁଦ୍ର କୂଳରେ ଆଉ ରହେ, ତେବେ···"

"ତେବେ କଣ ହବ ମାଆ ?"

ଚ୍କକ୍କୀ ଭାବିଥିଲା ତାର ଉଗରଗ କଥା ଶୁଣି କାରୁତାମ୍ମା କାନ୍ଦପକାଇଲା । କିନ୍ତୁ କାରୁତାମ୍ମା ହୃଦୟରେ ଲୁଚି ରହିଥିଲା ଅନ୍ୟ ଏକ ଗଭୀର ଦୁଃଖ ଓ ବେଦନା । ମାଆକୁ ସେ ହୃଦୟ ଖୋଲି କହିପାରୁ ନ ଥିଲା ସେହି ଦୁଃଖର କାହାଣୀ । ବହୁ କଷ୍ଟରେ କୋହ ଚାପି ରଖି କାରୁତାମ୍ମା କହିଲା, "ମାଆ, ମୁଁ ଯଦି ଏଠି ରହେ·· ତେବେ ଏ କୂଳକୁ ଦୁଃଖ ମାଡ଼ି ଆସିବ ।"

ଚ୍କକ୍କୀର ଆଖି ପୁଣି ଥରେ ଲୁହରେ ଭରି ଉଠିଲା । କହିଲା, "ଛି, ମାଆ, ଚିମିତି କହନା ।"

"ତୁ ଜାଣିନୁ, ମାଆ ! ମତେ ଏଠୁ ଚାଲିଯିବାକୁ ପଡ଼ିବ । ମୋର ସେତିକ ହିଁ ଆଶା । ତୋ ଛଡ଼ା ମୁଁ ଆଉ କାହାକୁ ଏ କଥା କହିବି, ମାଆ !"

ତଥାପି, ମାଆ ଆଗରେ ବି ଅନ୍ତରର ସମସ୍ତ କଥା ଖୋଲି କହି ପାରିଲା ନାହିଁ କାରୁତାମ୍ମା ।

ଚ୍କକ୍କୀ କହିଲା, "ମତେ ଲାଗୁଚି, ସେ ଟୋକା ତତେ କମିଆ କରିଦେଇଚି ।"

କାରୁତାମ୍ମା ମନାକଲା; କେହି ତାକୁ କମିଆ କରି ନାହିଁ । ସେ ପଚାରିଲା, "ମାଆ, ଏ ଦରିଆ କୂଳରେ ଏ ଭଳିଆ ଅନ୍ୟ କେହି ଝିଅ କେବେ ଥିଲେ କି ?"

"କୋଉ ଭଳିଆ ଝିଅ ଲୋ, ମାଆ ?"

"ମୋ କଥା କଣ ତୁ ବୁଝି ପାରୁନୁ, ମାଆ ?"

"ହେ ମାଆ ଦରିଆଠାକୁରାଣୀ—ମୁଁ କଣ କରିବି ଟି ! ମୋ ଝିଅ ପାଗେଳୀ ହୋଇଗଲା ।"

"ନା, ମାଆ ମୁଁ ମୋଟେ ପାଗେଳୀ ହୋଇନି । ମୁଁ ପଚାରୁଚି, ମୁଁ ଯୋଉ ଦଶା ଭୋଗୁଚି, ଏ ଦରିଆକୂଳରେ ଆଉ କୋଉଁ ଝିଅ ସେ ଦଶା କେବେ ଭୋଗିଥିଲା କି ?"

କେଉଁଝିଅ ହୋଇ ଜାତିର କୌଣସି ଲୋକକୁ ପ୍ରେମ କରୁଥିଲା; ଯେତେ ଚେଷ୍ଟା କଲେ ବି ତାକୁ ଭୁଲି ପାରିଲା ନାହିଁ; ବେଳକୁ ବେଳ ଅଧିକରୁ ଅଧିକ ଭଲ ପାଇ ବସିଲା ଏଭଳି

Digitized by srujanika@gmail.com

କୌଣସି ଝିଅ ଏ ଦରିଆକୂଳରେ କେବେ ଥିଲା କି ? ସେ ଏହି କଥା ଜାଣିବାକୁ ଚାହୁଁଥିଲା । ସେ ସମୁଦ୍ରକୂଳରେ ଏଭଳି ପ୍ରେମ କାହାଣୀ କେବେ ଶୁଣାଥିଲା କି ? ଇତର ଜାତିର କୌଣସି ଲୋକ କୌଣସି କେଉଟ ଝିଅକୁ କେବେ ଭଲ ପାଇଛି କି ଏବଂ ଏପରି ଭଲପାଇବା ଫଳରେ ନିଜ ଜୀବନଟା ଜାଳି ପୋଡ଼ି ପାଉଁଶ କରିଦେଇଛି କି ? ସମୁଦ୍ର କୂଳରେ ଏ ଯେଉଁ ବାଲି ପଡ଼ିଛି, ଏ ବାଲି କେବେ କୌଣସି ପ୍ରେମିକର ସଙ୍ଗୀତ ଶୁଣିଛି କି ? ସେ ସଙ୍ଗୀତର ଝଙ୍କାରରେ କେବେ ହେଲେ ଉଲସି ଉଠିଛି କି ଏ ସମୁଦ୍ର କୂଳର ବାଲି ? ସେ ପ୍ରେମିକର ଇତିବୃତ୍ତ କଣ ?

ନିଜ ମାଆକୁ କିଏ କଣ ଏପରି ପ୍ରଶ୍ନ ପଚାରି ପାରନ୍ତା ?

ହଁ, ପାରନ୍ତା । କିନ୍ତୁ କାରୁତାମ୍ମା ଅନୁଭବ କଲା, କେବଳ ସେ ହିଁ ଏପରି ଜଣେ ହତଭାଗିନୀ । କେବଳ ସେ ହିଁ ଜଣେ ପୁରୁଷକୁ ଏପରି ଭାବରେ ଭଲ ପାଇଛି । ଏ ସମୁଦ୍ର କୂଳରେ ଯଦି ବା କେହି କାହାକୁ ପ୍ରେମ କରିଛି, ତେବେ ସେ କଦାପି କାରୁତାମ୍ମା ପାରିକୁଟ୍ଟୀକୁ ପ୍ରେମ କରିବା ପରି କରିନଥିବ ।

ଉତ୍କଣ୍ଠିତା ହୋଇ ଚକ୍କୀ ପଚାରିଲା, "ମାଆ ମ, ତୁ କିଛି ଅସୁବିଧାରେ ପଡ଼ିଛୁ କି ଲୋ ?"

ମାଆ ପଚାରିଥିବା ପ୍ରଶ୍ନର ଅର୍ଥ ବୁଝିପାରିଲା ନାହିଁ କାରୁତାମ୍ମା ।

ଚକ୍କୀ ଆଉ ଟିକିଏ ବୁଝାଇବାକୁ ଯାଇ କହିଲା, "ବଢ଼ିଲା ଝିଅଙ୍କର……"

କାରୁତାମ୍ମା ଭାବିଲା ଚକ୍କୀ ଯେଉଁ ବିଷୟରେ ଇଙ୍ଗିତ ଦେଉଛି, ତାହା କୌଣସି ଗୁରୁତର ବିଷୟ ନୁହେଁ ।

ସେ କହୁ କହୁ କହିଦେଲା, "ନାହିଁ ମାଆ, ମୋ ଦେହକୁ ପାପ ଛୁଇଁନି ।"

କାରୁତାମ୍ମାର ଗୋଟିଏ ମାତ୍ର ଅନୁବୋଧ । ତାକୁ ଏକ ବଡ଼ ଅଜଣା ଭୟ ଆକ୍ରମଣ କରିଛି । ତା ଆଗରେ ଠିଆ ହୋଇଛି ଏକ ଭୟଙ୍କର ରାକ୍ଷସ । ସେ ରାକ୍ଷସ ତାକୁ ଗିଳିଦେବା ଲାଗି ଆଁ କରି ରହିଛି । ସେ ରାକ୍ଷସର ଲାଳ ବି ଯେପରି ତା ଦେହରେ ନପଡ଼େ । ସେ ଚାହୁଁଥିଲା କୌଣସି ପ୍ରକାରେ ସେହି ରାକ୍ଷସ କବଳରୁ ତାକୁ ଉଦ୍ଧାର ମିଳୁ । ତା ମାଆ ତାକୁ ଭରସା ଦେଲା; ତାକୁ ମୁକ୍ତ ଦେବା ଲାଗି ଶପଥ କଲା । ବାହା ଦିନ ହିଁ ଘରୁ ବିଦାୟ ଦେଇଦେବ ବୋଲି ସଂକଳ୍ପ କରି କହିଲା ।

ସାହିପଡ଼ିଶା ସମସ୍ତଙ୍କର ଦୃଷ୍ଟି ବର୍ତ୍ତମାନ କାରୁତାମ୍ମା ଉପରେ । ସେ ବାହା ହୋଇଯିବ । କେଉଟକୁଳର ପରମ୍ପରାର ପୁନରାବୃତ୍ତି ଘଟିଲା । ଯଦି ଗୋଟିଏ ବାହାଘର ହେବାକୁ ଯାଉଛି ତେବେ ନବବଧୂକୁ ଭାର୍ଯ୍ୟାର ପବିତ୍ର କର୍ତ୍ତବ୍ୟ ସମ୍ବନ୍ଧରେ ଉପଦେଶ ଦେବା ପଡ଼ୋଶୀମାନଙ୍କର ଗୋଟିଏ କର୍ତ୍ତବ୍ୟ । ଜୀବନରେ ଯଦି ସେ ଭୁଲ କରି ବସେ, ତେବେ କୁଳଲୋକେ ସାହିପଡ଼ିଶାଙ୍କୁ ହିଁ ଦୋଷ ଦେବେ ।

"ମାଆଲୋ, ଏଥର ତୋ ହାତରେ ମଣିପଟିଏ ସମର୍ପି ଦେଉଛୁ ।"—ନାଲ୍ଲାପେନ୍ନୁ ଆସି

Digitized by srujanika@gmail.com

କାରୁତାମ୍ମାକୁ କହିଲା ।

କେଉଁଠିକୂଳର ପରଂପରା ଅନୁଯାୟୀ ପୁରୁଷ ହାତରେ ନାରୀକୁ ସମର୍ପି ଦିଆଯାଏ ନାହିଁ; ଠିକ୍ ତାର ବିପରୀତ କଥା ଘଟେ—ସ୍ତ୍ରୀ ହାତରେ ପୁରୁଷକୁ ସମର୍ପି ଦିଆଯାଏ ।

କାଳୀ କୁଞ୍ଜୁ ଉପଦେଶ ଦେଇଗଲା, "ମାଆଲେ, ମନେରଖିଥିବୁ, ଭୁଲିବୁନି, ଆମ ମିଣିପମାନେ ଯୋଉ ଦରିଆ ଭିତରକୁ ଯାଇ କାମ କରନ୍ତି, ସେଠିଁ ବଡ଼ ବଡ଼ ଲହଡ଼ି ଉଠେ, ତୋଫାନ ବହେ ।"

କୁଞ୍ଜିପେନ୍ଣୁ ଆସି କାରୁତାମ୍ମାକୁ ସାବଧାନ କରି ଦେଇଗଲା, "ମାଇକିନିଆଁ ମନ ଟିକକରେ ଚହଲିଯାଏ । ସାବଧାନରେ ଚଳୁଥିବୁଟି ଲୋ ମାଆ ।"

ସମସ୍ତେ ଆସି ଏହିଭଳି ଉପଦେଶ ଦେଇଗଲେ । ବାହାହେବାବେଳେ ସମସ୍ତେ ଏହିଭଳି ଉପଦେଶ ପାଇଥିଲେ ଏବଂ କାଳକ୍ରମେ ସେମାନେ ଅନ୍ୟମାନଙ୍କୁ ବି ସେହି ଉପଦେଶ ଶୁଣାଇଛନ୍ତି । ଏହା ସେମାନଙ୍କର କର୍ତ୍ତବ୍ୟ । ଏହି ସମୁଦ୍ର କୂଳରୁ ଯେତେ ଝିଅ ବାହା ହୋଇଯାଇଛନ୍ତି କେହିହେଲେ କିମ୍ବା ଶୁଣାଇ ନାହାନ୍ତି । ଏ ଉପଦେଶ ପଛରେ କୌଣସି ଈର୍ଷା ବା ଦ୍ୱେଷ ନାହିଁ ।

କାରୁତାମ୍ମା ମନଦେଇ ସବୁ ଶୁଣିଲା, ସବୁ କଥାର ଅର୍ଥ ବୁଝିଲା । କିନ୍ତୁ ତାର ଇଚ୍ଛାହେଲା ସେ ଗୋଟିଏ ପ୍ରଶ୍ନ ପଚାରି ବୁଝନ୍ତା—ସେହି ପ୍ରଶ୍ନଟି ଯାହା ସେ ନିଜ ମାଆକୁ ପଚାରିପାରି ନ ଥିଲା । ଏ ପ୍ରଶ୍ନଟି ସବୁବେଳେ ତା ମନରେ ଲାଗି ରହିଥାଏ । ଏଭଳି ଏକ ଅଭାଗିନୀର ଅବସ୍ଥା କଣ ହୋଇଥିବ ?

ବେଳେବେଳେ କାରୁତାମ୍ମାକୁ ଲାଗେ, ଏଭଳି ଏକ ଝିଅର ପ୍ରେତାତ୍ମା ସମଗ୍ର ସମୁଦ୍ର କୂଳଟାରେ ଖେଳି ବୁଲୁଛି—ଭାଗ୍ୟ ଯାହାର ପୋଡ଼ିଗଲା, ପ୍ରେମତୃଷ୍ଣା ଯାହାର ଚିରଦିନ ଲାଗି ଅତୃପ୍ତ ହୋଇ ରହିଗଲା । ଏକାକିଆ ବସି ବସି ସେ ଭାବେ ତାର କାନେ କାନେ ଏକ ଅବୋଧ ଭାଷାରେ ଗୋଟିଏ କାହାଣୀ କିଏସେ କହି ଚାଲିଛି । ସେ ସେହି ଭାଷା ମୋଟେ ବୁଝି ପାରୁନାହିଁ । ବୋଧହୁଏ ଆଉ ଗୋସେଇଁମାଆଙ୍କ ଅମଳରେ ବି ସେମାନେ ଏ ପ୍ରକାର ମାନସିକ ବ୍ୟାଧି ଭୋଗିଥିବେ । ସମୁଦ୍ରର ସୁଲୁସୁଲିଆ ବାଆ ବି କାନେ କାନେ ଶୁଣାଇ ଦେଇଯାଏ ସେହିପରି ଏକ କରୁଣ କାହାଣୀ । ଲହରୀର ଗମ୍ଭୀର ନିନାଦରୁ ବି ସେ କାହାଣୀ ଶୁଣାଯାଏ । ସମୁଦ୍ର କୂଳର ଏହି ରାଶି ରାଶି ବାଲିକଣା ବି ନିଶ୍ଚୟ ଏ କାହାଣୀ ଜାଣିଥିବେ ।

ଦିନକର କଥା । ନାଲ୍ଲାପେନ୍ଣ ସହିତ କଥା ହେଉ ହେଉ କାରୁତାମ୍ମା ପଚାରିଲା, "ଆଚ୍ଛା ମାଉସୀ, ଗୋଟେ କଥା କହିଲ, ସତପଣିଆ ଗୁଡ଼ ଅବାଟରେ ଚାଲିଯାଇଥିବା ଭଳି କୋଉ କେଉଁଟୁଣୀ କଣ ଆମ ଏ ଦରିଆ କୂଳରେ କେବେ ଥିଲେ ?"

"ହଁ ଥିଲେ । ତେବେ ବେଶି ନୁହନ୍ତି, ଜଣେ ଅଧେ ହେବେ । ସେ ବିଷୟ ନେଇ ଗୋଟିଏ ଦୁଇଟି ପୁରୁଣା ଗପ ଅଛି । ସେମାନେ ଜାଣି ଜାଣି ଭୁଲ କରି ନ ଥିଲେ । ଦରିଆକୂଳରେ ଗୋଟିଏ ପୁରୁଣା ଗୀତ ଅଛି । ଏହିଭଳି ଜଣେ ଝିଅର କାହାଣୀ ନେଇ ସେ ଗୀତଟି ଲେଖା ।

Digitized by srujanika@gmail.com

ଙ୍କି ଅଚି ଅବାଟରେ ପାଦ ଦେବାରୁ ସମୁଦ୍ରରେ ପର୍ବତ ପ୍ରମାଣ ଲହରୀ ଉଠିଲା । ସମୁଦ୍ର ପାଣି ଆସି କୂଳ ଉପରେ ମାଡ଼ିଗଲା । କୂଳ ଗୋଟାକଯାକ ଖାଲି ସମୁଦ୍ର—ସାପ ଖେଳି ବୁଲିଲେ । ଓଃ, କି ବଡ଼ ସେ ସାପମାନଙ୍କର ! ସମୁଦ୍ରରେ କେତେ ଜନ୍ତୁ ନାହାନ୍ତି ? ସେମାନେ ସବୁ ଏଡ଼େ ଏଡ଼େ ଆଁ କରି ଡଙ୍ଗା ଗିଳିଦେବା ଲାଗି ଗୋଡ଼େଇ ଆସିଲେ । ସେ ସବୁ ବହୁ ପୂର୍ବ କାଳର କଥା ।" ସେ ଗୀତଟିରୁ କେଇ ପଦ ଗାଇବସିଲା ନାଲ୍ଲାପେନ୍ନ ।

ସେ ବି ଏକ ପ୍ରେମକାହାଣୀ । କାରୁତାମ୍ମା ମନେ ମନେ ଭାବିଲା ଶହ ଶହ ବର୍ଷପରେ ତା ଜୀବନର କାହାଣୀ ନେଇ ଲୋକେ ଏପରି ଏକ ଗୀତ ଗାଇପାରନ୍ତି ।

ନାଲ୍ଲାପେନ୍ନ କହିଲା, "ଏଇଟା ଆମ ଦରିଆକୂଳର ନିୟମ ।"

କାରୁତାମ୍ମା ପଚାରିଲା, "କିଣ ଆଜିକାଲି ବି ଏକଥା ଘଟିବ ମାଉସୀ ?"

"ଆଜିକାଲି ଲୋକଙ୍କଠେଇଁ ସେ ନିରମଳ ମନ କାହିଁ ? ସେ ନୀତି କାହିଁ ? ଆଜିକାଲିକା ମରଦମାନେ ବି ସିମିତି ହେଇଗଲେଣି ।"

ସ୍ତ୍ରୀ ଓ ପୁରୁଷ ଉଭୟେ ପ୍ରାଚୀନ ପ୍ରଥା ଓ ପରମ୍ପରାଠାରୁ ଦୂରେଇ ଗଲେଣି । ତଥାପି ସମୁଦ୍ରର କନ୍ୟାକୂଳକୁ ସେହି ସବୁ ପ୍ରାଚୀନ ପରମ୍ପରା ରକ୍ଷା କରିବାକୁ ପଡ଼ିବ ।

କାରୁତାମ୍ମା ପ୍ରାୟ ଭାବି ବସେ, ସେ ଯେଉଁ ନୂଆ ଦରିଆକୂଳକୁ ବୋହୂ ହୋଇ ଯିବ । ସେ ଦରିଆ କୂଳଟା କିପରି ହୋଇଥିବ ? ସୂର୍ଯ୍ୟ ଯେତେବେଳେ ଅସ୍ତ ହୋଇଯାଉଥିବେ, ସେତେବେଳେ କଣ ସେଠାରେ ବି ସୁନେଲି କିରଣ ବାଣ୍ଟିଦେଇ ଯାଉଥିବେ ? ସମୁଦ୍ରରେ ଝଡ଼ ଉଠିଥିବା ସମୟରେ ବି ତାଙ୍କ ସମୁଦ୍ରକୂଳରେ ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ଦେଖାଦିଏ । ଏଠାରେ ସେ କୌଣସି ଧନ ଭୟ ବୋଲି ଅନୁଭବ କରେନା । ପୁଣି ସମୁଦ୍ରର ସେହି ସୁଲୁସୁଲିଆ ପବନ, ଯେ କି ତାର କାନେ କାନେ ସେହି ପ୍ରେମପାଗଳିନୀ ଦୁଃଖିନୀ ଝିଅଟିର କାହାଣୀ ଗାଇଲା ପରି ଜଣାପଡ଼େ, ସେ ବି ତାର ନିତାନ୍ତ ଅନ୍ତରଙ୍ଗ । କଣ ସେ ନୂଆ ଦରିଆକୂଳଟା ବି ଏହି ଦରିଆକୂଳ ପରି ହୋଇଥିବ ?

ଆଉ ସେଠାର ଲୋକେ ? ସେମାନେ ବି ବନ୍ଧୁ ହୋଇପାରନ୍ତି, ତଥାପି ଏଇ ଦରିଆ କୂଳରେ ଯେଉଁମାନେ ତାକୁ ପିଲାଟିରୁ ବଡ଼ କରିଛନ୍ତି ସେମାନଙ୍କଠାରେ ଗୋଟିଏ ବିଶେଷ ମାଧୁର୍ଯ୍ୟ ରହିଛି । କିନ୍ତୁ ହାୟ, ଏଥର ସେ ଏ କୂଳର ସମସ୍ତଙ୍କୁ ଛାଡ଼ି ଚିରଦିନ ପାଇଁ ଚାଲିଯିବ ।

ସେଦିନ ଚନ୍ଦ୍ରକିରଣ ସ୍ୱଚ୍ଛ । ସମୁଦ୍ର ଶାନ୍ତ । କାରୁତାମ୍ମା ଶୁଣିଲା ଚନ୍ଦ୍ରକିରଣ ସହିତ ମିଶି ବୋହି ଆସୁଛି ଗୋଟିଏ ଗୀତର ସୁର । ଗୀତ ଗାଉଥିଲା ପାରିକୁଟ୍ଟୀ । କିନ୍ତୁ ସେ ମଧୁର ସଙ୍ଗୀତ ତା କାନକୁ ପାରିକୁଟ୍ଟୀର ଗୀତ ପରି ଶୁଭୁ ନଥିଲା । ସେ ଭିତରେ ଆଉ ପାରିକୁଟ୍ଟୀର ଅସ୍ତିତ୍ୱ ନ ଥିଲା । ସେ ଅନୁଭବ କଲା ତାହା ଏକ ଆନନ୍ଦ ଓ ଉଲ୍ଲାସମୟ ରାଜ୍ୟର ଆହ୍ୱାନ । ଚନ୍ଦ୍ରକାନ୍ତିଧୌତ ବେଳାଭୂମିର ଆହ୍ୱାନ । ଯେଉଁ ସାଗର ସୈକତରୁ ସେ ବିଦାୟ ନେଇ ଚାଲି ଯିବାକୁ ବସିଛି ସେହି ସାଗର ସୈକତର ଆହ୍ୱାନ ସେ ସଙ୍ଗୀତ । କେତେ ଅମୂଲ୍ୟ

Digitized by srujanika@gmail.com

ସୁନ୍ଦରର ଭଣ୍ଡାର ନୁହଁ ସେହି ବେଳାଭୂମି ସତେ !!

କାରୁତାମ୍ମା ଉଠି ଠିଆହେଲା । ପାରିକୁଟ୍ଟୀର ପ୍ରତିମୂର୍ତ୍ତି ତା ଆଖିରେ ସ୍ପଷ୍ଟ ଦେଖାଗଲା । ସେ କଣ ତାକୁ ପ୍ରକୃତରେ ଡାକୁଛି ? ନା, କେବଳ ଗୀତର ଲହରୀ ତୋଳି ନିଜକୁ ସାନ୍ତ୍ୱନା ଦେଉଛି ?

ମାଆ ତାର ଶୋଇଥିଲା ନିଘୋଡ ନିଦରେ । ବାପା ଘରେ ନଥିଲେ । ସେ ଜାଣେ, ସମୁଦ୍ର କୂଳରେ ବି ଆଉ କେହି ନ ଥିବେ । ତା ଅନ୍ତରରୁ ଏକ ପ୍ରବଳ ଆବେଗ ଉଠିଲା ଯେ ସେ ଦ୍ୱାର ଖୋଲି ବାହାରକୁ ଚାଲିଯିବ ।

ପାରିକୁଟ୍ଟୀ ଗାଉଥିଲା ସେହି ଦୁଃଖିନୀ କେଉଟୁଣୀର ଗୀତ । ଠିକ୍ ସେହି ପଦଗୁଡ଼ିକ ନାଲ୍ଲାପେନ୍ଣ ବି ଗାଇଥିଲା । ସେହି ହତଭାଗିନୀ କେଉଟୁଣୀଟି ବି ଏହିପରି ଏକ ଗୀତରେ ଆକୃଷ୍ଟ ହୋଇ ମନ୍ତ୍ରମୁଗଧା ପରି ସମୁଦ୍ରକୂଳକୁ ଚାଲିଯାଇ ନ ଥିବ କାହିଁକି ? ବୋଧହୁଏ ଚନ୍ଦ୍ରକିରଣ ହିଁ ତାକୁ ବାଟକଢ଼ାଇ ନେଇ ଯାଇଥିବ । କିନ୍ତୁ କାଲେ ସମୁଦ୍ରରେ ବଡ଼ ବଡ଼ ଲହରୀ ଉଠିବ ? ମଗର ବାହାରିବେ ବଡ଼ ବଡ଼ ଆଁ କରି ଏବଂ ସମୁଦ୍ରର ବିଷାକ୍ତ ସାପ ଯଦି କୂଳତମାମ ଖେଳି ବୁଲିବେ ?

କାରୁତାମ୍ମା ମନରେ ଉଠିଲା ଅନ୍ୟ ଏକ ପ୍ରକାର ଯୁକ୍ତି । ସେ ତ ଚାଲିଯାଉଛି । ଏତେ ଦିନ ଧରି ଯେଉଁମାନେ ତାର ଜୀବନ ସଙ୍ଗୀ ଥିଲେ, ସେମାନଙ୍କଠାରୁ ସେ ବିଦାୟ ନେଇଯିବା ଉଚିତ । ଗ୍ରାମ ଛାଡ଼ିଯିବା ଲାଗି ସେ ସମସ୍ତଙ୍କଠାରୁ ବିଦାୟ ନେଇ ସାରିଛି । କିନ୍ତୁ ସମୁଦ୍ର କୂଳର ଜ୍ୟୋତ୍ସ୍ନାସମ୍ଭାରଠାରୁ ତ ସେ ବିଦାୟ ନେଇନାହିଁ । ଜ୍ୟୋତ୍ସ୍ନାର ସ୍ରୋତରେ ଭାସି ଆସୁଛି ଯେଉଁ ମଧୁର ସଙ୍ଗୀତ ତାଠାରୁ ତ ସେ ବିଦାୟ ନେଇ ନାହିଁ ଏବଂ ସର୍ବୋପରି ତା ଜୀବନର ଦେବଦୂତ ପାରିକୁଟ୍ଟୀଠାରୁ ବି ତ ସେ ବିଦାୟ ନେଇନାହିଁ ।

ତାକୁ ଆଉ ଗୋଟିଏ ଆଶଙ୍କା ଆକ୍ରମଣ କଲା । ସେହି ସଙ୍ଗୀତରେ ସେହି ଜ୍ୟୋତ୍ସ୍ନାଲୋକରେ ସମ୍ପୂର୍ଣ୍ଣ ଆତ୍ମହରା ହୋଇଯିବା ଲାଗି ତାକୁ ହୁଏତ ଆଉ ସୁଯୋଗ ମିଳିବ ନାହିଁ । ତା ଅନ୍ତରରେ ବାସନା ଜାଗିଉଠିଲା । ଦରିଆ କୂଳରେ ବନ୍ଧାହୋଇଥିବା ଡଙ୍ଗା ଆଡ଼ୁଆଳକୁ ସେ ଆଉଥରେ ଚାଲିଯିବ; ଯେଉଁ ସୁଖରୁ ତାକୁ ହୁଏତ ଚିରଦିନ ଲାଗି ବଞ୍ଚିତ ହେବାକୁ ପଡ଼ିବ, ସେହି ସୁଖଟିକ ସେ ଶେଷଥର ଲାଗି ଉପଭୋଗ କରି ଆସିବ ।

ସମୁଦ୍ରର ସେହି ବେଳାଭୂମିରେ ସେ କେତେ ଖେଳିଛି, କେତେ ବୁଲିଛି । ସେଇଠି ସେ ଲାଭ କରିଛି ତାର କୁମାରୀ ଜୀବନ । ସେଇଠି ସେ କରିଛି ପ୍ରେମ ଏବଂ ସେହି ବେଳାଭୂମି ଛାଡ଼ି ଆଜି ସେ ଚାଲି ଯାଉଛି ଝଡ଼, ଝଞ୍ଜା ଓ ବିପଦ ଶଙ୍କୁଳ ଗଭୀର ସମୁଦ୍ରରେ ପଶି ଜୀବିକାର୍ଜ୍ଜନ କରୁଥିବା ଜଣେ କେଉଟର ପତିବ୍ରତା ଭାର୍ଯ୍ୟା ହେବା ଲାଗି । ଜୀବନ ଏଥର ହୋଇଉଠିବ ବ୍ୟସ୍ତ, ବ୍ୟସ୍ତତାମୟ, ଉଦ୍ଦେଶ୍ୟ ପ୍ରବଣ । ଜୀବନ ଏଥର ଏକ ନୂତନ ଅର୍ଥ ଧାରଣ କରିବ । ତା ପୂର୍ବରୁ ଜୀବନର ଏହି ଶେଷ ସରସ ଉତ୍ସବଟି ଉପଭୋଗ କରିଯାଉନା ।

କିନ୍ତୁ କାରୁତାମ୍ମା ମନରେ ଭୟ ହେଲା । ନିଜ ଉପରେ ସେ ଭରସା ରଖି ପାରିବ କି ନା

Digitized by srujanika@gmail.com

ଜାଣି ପାରିଲ ନାହିଁ । ସେ କାଳେ ଭୁଲ୍ କରି ବସିବ । କାଳେ ତାକୁ ପାପ ସ୍ପର୍ଶ କରିବ । ଏହା ପୂର୍ବରୁ ତା ମନରେ କୌଣସି ଦିନ ଏପରି ଭୟ ଦେଖା ଦେଇ ନଥିଲା । ତଥାପି ସେ ଯାଇ ପାରିକୁଟୀ ସହିତ କଥାଭାଷା କରି ଆସିବ । ତାକୁ କ୍ଷମା ମାଗି ଆସିବ ।

କାବୁତାମ୍ବା ଉଠିଲା । ଧୀରେ ଧୀରେ ଦ୍ୱାର ଖୋଲିଲା । ବାହାରେ ଚନ୍ଦ୍ରର ସ୍ୱର୍ଗୀୟ ବିମଳ କିରଣ । ଧାଡ଼ି ଧାଡ଼ି ନଡ଼ିଆ ଗଛର ଝାପସା ଛାଇ ଭିତରେ ସେ ଚାଲିଲା କୂଳ ଆଡ଼କୁ ।

ହଠାତ୍ ଗୀତ ବନ୍ଦହୋଇଗଲା । ଗାଇ ଗାଇ ବିହ୍ୱଳ ହୋଇଯିବା ବେଳକୁ ହଠାତ୍ ଏ କଣ ଘଟିଲା । ସମ୍ମୁଖରେ ଆବିର୍ଭୂତା ହୋଇଗଲା ତାର ସ୍ୱପ୍ନର ଅପ୍‌ସରୀ । ମୁହୂର୍ତ୍ତକ ଲାଗି ନିଜକୁ ବିଶ୍ୱାସ କରି ପାରିଲା ନାହିଁ ପାରିକୁଟୀ ।

"କାବୁତାମ୍ବା, ତୁ ଯେତେବେଳେ ଚାଲିଯିବୁ ମତେ କଣ ଆଉ ମନେପକେଇବୁ ?" ସେ ପଚାରିଲା, "ତୁ ମନେ ନପକାଇଲେ ବି, ଏଇଠି ଏଇ ସମୁଦ୍ରକୂଳରେ ବସି ମୁଁ ଗାଇବି । ଦିନ ଗଡ଼ିଯିବ । ବୁଢ଼ାହୋଇ ଦାନ୍ତ ପଡ଼ିଯିବ । ତଥାପି ମୁଁ ଏଇଠି ବସି ଏଇଭଳି ଗାଇ ଚାଲିଥିବି ।"

"ନା ନା, ସେମିତି କୁହନି କୋତାମୁଥାଲଛି । ଭଲ ଝିଅଟିଏ ଦେଖି ବାହା ହୋଇ ପଡ଼ିବ । ପିଲାଛୁଆ କରିବ । ତେମେ ଭଲରେ ବେପାରବଣିଜ କରି ସୁଖରେ ଚଳ ।"— କାବୁତାମ୍ବା କହିଲା ।

ପାରିକୁଟୀ କିଛି କହିପାରିଲା ନାହିଁ । କାବୁତାମ୍ବା କହିଚାଲିଲା, "ତେମେ ମୋତେ ଭୁଲି ଯାଅ । ଆମ ପିଲାଦିନର ଖେଳକଥା ସବୁ ପାଶୋରିଯାଅ । ଭୁଲିଗଲେ ହିଁ ଦୁହିଁଙ୍କର ମଙ୍ଗଳ ହେବ ।"

କାବୁତାମ୍ବା ସେତିକରେ ତାର ବକ୍ତବ୍ୟ ଶେଷ କରିପାରିଲା ନାହିଁ । କହିଲା, "ମୁଁ ଯିବା ପୂର୍ବରୁ ତମଠାରୁ ଧାର କରିଥିବା ଟଙ୍କାତକ ଶୁଝି ଦେଇଯିବି । ଆଉ ତମର ସୁଖ ପାଇଁ ମୁଁ..." ସେ ବାକ୍ୟ ପୂର୍ଣ୍ଣ କରି ପାରିଲା ନାହିଁ । "ଠାକୁରଙ୍କୁ ପ୍ରାର୍ଥନା କରିବି"—ସେ ଏହି କଥା କହିବାକୁ ଚାହୁଁଥିଲା । ତଥାପି ସେପରି କହିବାଟା ତା ପକ୍ଷରେ ଉଚିତ ହେବ କି ନା, ସେ ସ୍ଥିର କରି ପାରିଲା ନାହିଁ । କେଉଁଟ ଘରର ସ୍ତ୍ରୀ କେବଳ ଜଣେ ପୁରୁଷର ମଙ୍ଗଳ କାମନା କରି ପ୍ରାର୍ଥନା କରିପାରେ । ଭାବି ସ୍ୱାମୀଙ୍କ ପ୍ରତି ତାର ଯେଉଁ କର୍ତ୍ତବ୍ୟ ରହିଛି ସେହି କର୍ତ୍ତବ୍ୟର ଆହ୍ୱାନ ତାକୁ ଅନ୍ୟ କୌଣସି ପୁରୁଷର ମଙ୍ଗଳ ପାଇଁ ପ୍ରାର୍ଥନା କରିବାକୁ ଅନୁମତି ଦେଇ ନ ପାରେ ।

.ତେଣୁ ତା ପରିବର୍ତ୍ତେ ସେ କହିଲା, "ମୁଁ ତମକୁ ସବୁବେଳେ ମନେପକେଇବି, କୋତାମୁଥାଲଛି ।"

"ମତେ କାହିଁକି ମନେପକେଇବୁ କାବୁତାମ୍ବା ? ନା, ନା, ମନେ ପକେଇବୁନି ।"

କିଛି ସମୟଯାଏ ଉଭୟେ ନୀରବ ହୋଇ ରହିଲେ । କିନ୍ତୁ ସେ ନୀରବତା ବହୁ ଅବ୍ୟକ୍ତ ଭାବନାରେ ବାଙ୍ମୟ ହୋଇ ଉଠିଲା । ପାଖ ନଡ଼ିଆ ଗଛରୁ ପେଚାଟିଏ ବାହାରି ଚନ୍ଦ୍ର-

Digitized by srujanika@gmail.com

କିରଣ ଭିତରେ ଅନ୍ୟ ଆଡ଼େ ଉଡ଼ି ଚାଲିଗଲା । ବୋଧହୁଏ ସେ ଜଣାଇ ଦେବାକୁ ଚାହୁଁଥିଲା ଯେ, ସେ ଏ ପ୍ରେମଲୀଳାର ଜଣେ ନୀରବ ଦର୍ଶକ ଥିଲା । ଟିକିଏ ଦୂରରେ ସେମାନଙ୍କୁ ଚାହିଁ ଗୋଟିଏ ବୁଲା କୁକୁର ଠିଆହୋଇଗଲା ।

ପାରୀକୁଟ୍ଟୀ କହିଲା, "ଦରିଆକୂଳର ଏଇ ବାଲିରୁ ଶିପ ଗୋଟାଇ ଗୋଟାଇ ଆମେ ଯେଉଁ ଖେଳିବୁଲୁଥିଲୁ ସେଦିନ ଆଜି ଶେଷହୋଇଗଲା । ଆମ ଜୀବନର ଗୋଟିଏ ଅଧ୍ୟାୟ ଶେଷ ହୋଇଗଲା ।"

କାରୁତାମ୍ମା ବି ଏକଥା ସ୍ୱୀକାର କଲା ।

ପାରୀକୁଟ୍ଟୀ କହିଚାଲିଲା, "ଆଉ ମୁଁ ଏ ଦରିଆକୂଳରେ ସାଥିହୀନ ହୋଇ ଏକାକିଆ ହୋଇ ରହିଗଲି ।"

କଥାଟା କାରୁତାମ୍ମା ମନକୁ ବଡ଼ ବାଧିଲା ।

ପାରୀକୁଟ୍ଟୀ କହିଲା, "ମୁଁ ଆଶଙ୍କା କରୁଥିଲି, ମୋଠାରୁ ବିଦାୟ ନେବା ଲାଗି ତୁ ଆଉ ମୋତେ ଆସିବୁନି । ମୁଁ ତତେ ଦୋଷ ଦେଉନି; କିନ୍ତୁ ତୁ ଯଦି ମୋତେ ଦେଖା ନ କରି ଚାଲି ଯାଇଥାନ୍ତୁ, ତେବେ ମୋ ମନରେ ଖୁବ୍, ଖୁବ୍ କଷ୍ଟ ହୁଅନ୍ତା, କାରୁତାମ୍ମା ! କିନ୍ତୁ ଏଥର ତତେ ଆଉ କୌଣସି ଦୋଷ ଦେଇ ପାରିବି ନାହିଁ ।"

ଦୁଇ ହାତରେ ମୁହଁ ଢାଙ୍କି କାନ୍ଦିବାକୁ ଲାଗିଲା କାରୁତାମ୍ମା ।

"କାନ୍ଦୁଛୁ କାହିଁକି କାରୁତାମ୍ମା ? ପାଳନି ଖୁବ୍ ଭଲ । ଚାଲାଖ, ଚତୁର ।" ସେ କହିଚାଲିଲା । କଣ୍ଠ ତା'ର ସାମାନ୍ୟ ଥରି ଉଠୁଥାଏ । "କାରୁତାମ୍ମା, ତୋର ଭଲ ହେବ ।"

କାରୁତାମ୍ମା ଆଉ ସହ୍ୟ କରି ପାରିଲା ନାହିଁ । କାନ୍ଦି କାନ୍ଦି କହିଲା—"କୋଚୁମୁତାଲାଳୀ ମୋର ଏ ଦୁଃଖ ସମୟରେ ତେମେ ମତେ ଆଉ କଷ୍ଟ ଦିଅନି ।"

ପାରୀକୁଟ୍ଟୀ କାରୁତାମ୍ମାର ଉଦ୍ଦେଶ୍ୟ ବୁଝିପାରିଲା ନାହିଁ । କାହିଁ ସେ ତ ତା ମନରେ କଷ୍ଟ ହେଲାଭଳି କିଛି କହିନାହିଁ !

ଶୋକ ସମ୍ଭରଣ କରି ନ ପାରି କାରୁତାମ୍ମା କହିଲା, "ଯାହାହେଉ ତୁମେ ଆଉ ମୋ ପାଇଁ ଚିନ୍ତା କରନାହିଁ ।"

"ତୁ ଏ କଣ କହୁଛୁ କାରୁତାମ୍ମା ?"

ସେ ନିଜର ହୃଦ ଛୁଇଁ କହିଲା ଯେ କାରୁତାମ୍ମାର ସୁଖ ହିଁ ତା ଜୀବନର ଏକମାତ୍ର ପ୍ରାର୍ଥନା । "ମୁଁ ଏଇଠି ବସି ତୋର ପାଇଁ ଗାଇ ଗାଇ ଦିନ ସାରିଦେବି ।"

"ଆଉ ତ୍ରିକୁନାପୁଝା ଦରିଆକୂଳରେ ବସି ମୁଁ ତୁମ ଗୀତ ଶୁଣୁଥିବି ।"

"ଏଇମିତି ଗାଇ ଗାଇ ତୋଟି ଫଟାଇ ମରିଯିବି, ଜୀବନ ଦେଇଦେବି ।"

"ସେଦିନ ମୋ ବୁକୁ ବି ଫାଟିଯିବ ମୋ ପ୍ରାଣ ବି ଉଡ଼ିଯିବ । ଆଉ ଏଇମିତି ଜହ୍ନ ରାତିରେ ଏଇ ଦରିଆକୂଳରେ ଆମ ଦୁହିଁଙ୍କ ପ୍ରାଣ ଖେଳି ବୁଲୁଥିବ ।"

"ତାହା ହିଁ ହେବ ।"—ପାରୀକୁଟ୍ଟୀ କହିଲା ।

Digitized by srujanika@gmail.com

ଧୀର ମନ୍ଥର ଗତିରେ କାରୁତାମ୍ମା ଚାଲିଗଲା ସମୁଦ୍ରକୂଳରୁ । ପୂର୍ବାଭିମୁଖୀ ହୋଇ ସେ ନୀରବରେ ଫେରିଗଲା ଘରକୁ । ଏବଂ ଏହିଭଳି ଭାବରେ ଘଟିଗଲା ସେହି ଦୁଇଟି ଜୀବନର କରୁଣ ବିଚ୍ଛେଦ ।

ଦଶ

ଚକ୍କୀର ଖୁବ୍ ମନ, ବାହାଘରଟା ଆଡ଼୍ଡ଼ା-ଆଡ଼ମ୍ବରରେ କରାଇବ, ମହାଜମଜାଁସରେ କରାଇବ । ସାହିପଡ଼ିଶା ଲୋକେ ବି ଆଶା କରିଥିଲେ ଯେ ଖୁବ୍ ଗୋଟାଏ ଉତ୍ସବ ଜମିବ । ଚେମ୍ବନ କୁଞ୍ଜୁର ଟଙ୍କା ଅଛି । କାରୁତାମ୍ମା ତାର ବଡ଼ ଝିଅ ।

କିନ୍ତୁ ଚେମ୍ବନ କୁଞ୍ଜୁର ଏସବୁଥିରେ କୌଣସି ପ୍ରୟୋଜନ ନାହିଁ । ସାମାନ୍ୟ କିଛି ଖର୍ଚ୍ଚ କରି କାରୁତାମ୍ମା ଲାଗି ଗୋଟିଏ ଦୁଇଟି ସୁନା ଗହଣା ଗଢ଼ାଇଦେଲା । କହିଲା—ବାହାଘର ଲାଗି ଆଡ଼୍ଡ଼ା-ଆଡ଼ମ୍ବର କରିବାକୁ ତା ପାଖରେ ପଇସା ନାହିଁ ।

ଏ ବିଷୟ ନେଇ ଚକ୍କୀ ଓ ଚେମ୍ବନ କୁଞ୍ଜୁ ଏକମତ ହୋଇପାରିଲେ ନାହିଁ । ଉଭୟଙ୍କ ଭିତରେ ଯେତେବେଳେ କଳି ଲାଗିଗଲା ସେତେବେଳେ କାରୁତାମ୍ମା ହିଁ ଯାଇ ମଧ୍ୟସ୍ଥ ହୋଇ କଳି ତୁଟାଇଲା । ତା ମନରେ ବଡ଼ ଦୁଃଖ ହେଲା । କେବଳ ତା'ରିପାଇଁ ପ୍ରତିଦିନ ବାପା-ମାଆଙ୍କ ଭିତରେ କଳି ଲାଗୁଛି । ସେ ଚାହିଁ ବସିଲା, ବାହାଘରଟା କିପରି ଶେଷ ହୋଇଯାଉ । ତାର ବୋଧହେଲା ସେ ହିଁ ସବୁ ଦୁଃଖଯାତନାର କାରଣ । ଜୀବନରେ ଯେକେହି ତା ସଂସ୍ପର୍ଶରେ ଆସିଛି, ସେ ଦୁଃଖ ଭୋଗ କରୁଛି ଏବଂ ଭବିଷ୍ୟତରେ ଆହୁରି କେତେ ଲୋକ ଯେ କେବଳ ତା'ରି ହେତୁ ଦୁଃଖ ନଭୋଗିବେ ତାହା ସେ କଳ୍ପନା କରିପାରିଲା ନାହିଁ ।

ସମୁଦ୍ରକୂଳର କୂଳଦେବୀଙ୍କୁ ନିମନ୍ତ୍ରଣ କରି ଆଣିବା ପରେ ହିଁ ଆନୁଷ୍ଠାନିକ ଭାବେ ବିବାହ ବିଧାନ ଆରମ୍ଭ ହେବ । କିଛି ପାନ, କିଛି ଧୂଆଁପତ୍ର ଓ ଟିକିଏ ରୁପା ହେଲା କୂଳଦେବୀଙ୍କ ଭେଟି । ଚେମ୍ବନ କୁଞ୍ଜୁ ଏସବୁ ଭେଟି ଧରି କୂଳଦେବୀଙ୍କ ପାଖକୁ ଗଲା । ବିବାହ ପାଇଁ ତାଙ୍କର ଆଶୀର୍ବାଦ ନେଇ ଆସିଲା । କୂଳଦେବୀ ଖୁବ୍ ସନ୍ତୁଷ୍ଟ ହେଲେ । ବିବାହ ଉତ୍ସବରେ ଯୋଗଦେବା ଲାଗି ସେ ରାଜିହେଲେ ।

ବିବାହ ପାଇଁ ସେପରି କିଛି ଜାକଜମକର ବ୍ୟବସ୍ଥା ହୋଇନଥିଲା । ତଥାପି ଚେମ୍ବନ କୁଞ୍ଜୁ ଯେପରି କରାଇବ ବୋଲି ଠିକ୍ କରିଥିଲା, ଉତ୍ସବଟା ତା ଅପେକ୍ଷା ଟିକିଏ ଅଧିକ ଆଡ଼ମ୍ବରରେ ଆରମ୍ଭ ହେବାକୁ ଲାଗିଲା । କୂଳଦେବୀ ଆଗରୁ ଆସି ପହଞ୍ଚିଗଲେ ।

Digitized by srujanika@gmail.com

ଚିରୁକୁନାପୁଝାରୁ ବରଯାତ୍ରୀମାନେ ବି ଚାଲିଆସିଲେ । ବରଯାତ୍ରୀଙ୍କ ଭିତରେ କେହି ସ୍ତ୍ରୀଲୋକ ଆସି ନଥାନ୍ତି । ତେଣୁ ସ୍ଥାନୀୟ ସ୍ତ୍ରୀଲୋକଙ୍କ ଭିତରେ ଏ ବିଷୟ ନେଇ ଖୁବ୍ ଗୋଟାଏ ଆଲୋଡ଼ନ ଖେଳିଗଲା । ସମସ୍ତେ ଅବଶ୍ୟ ଜାଣନ୍ତି ଯେ ପାଲାନିର ଘରର ବୋଲି କେହି ନାହାନ୍ତି । ତଥାପି ଅନ୍ତତଃ ବରଯାତ୍ରୀଙ୍କ ଭିତରେ ଜଣେ ସ୍ତ୍ରୀଲୋକ ନ ଆସିବାଟା ଏକ ଲଜ୍ଜାର ବିଷୟ ।

ନାଲ୍ଲା ପେନ୍ନୁ କହିଲା, "ତାଙ୍କ ଦରିଆକୂଳରେ ଆଉ ଝିଅ ବୋଲି କେହି ନାହିଁ କି ଲୋ ? ଲୋକଗୁଡ଼ାକ ମାଇପିଟିଏ ସାଙ୍ଗରେ ଆଣି ପାରିଲେ ନାହିଁ ?" କାଳୀ କୁଞ୍ଜୁ ବି ସେହି କଥା କହିଲା ।

କୁଞ୍ଜି ପେନ୍ନୁ ପଚାରିଲା, "ଆଲୋ, ଏ ଅଣ୍ଡିରଗୁଡ଼ାକ ସାଙ୍ଗରେ ଝିଅଟାକୁ କିମିତି ପଠେଇ-ଦେବ ଲୋ ? କଥାଟା ଠିକ୍ ହେବନି ।"

ନାଲ୍ଲା ପେନ୍ନୁ କହିଲା, "ବର ଆସିଲାବେଳେ ତା ସାଙ୍ଗେ ମାଇପିଟିଏ ଆସେ । ମାଇପିଝିଅ ଥିଲେ ଯାଇ କନ୍ୟାକୁ ସାଙ୍ଗରେ ନବ; ସେଇଟା ଆମ କୂଳବିଧାନ ।" ମାଇପି ମହଲରେ ଚାଲିଥିବା ଏସବୁ ବାଦବିବାଦର ଚାକ୍‌ଳା କାନକୁ ଆସିଲା; ସେ ବି ଏ ବିଷୟ ନେଇ ବ୍ୟସ୍ତହୋଇ-ପଡ଼ିଲା ।

ବରପକ୍ଷରୁ ବିବାହ-ମାନତି ଟଙ୍କା ଦାଖଲ କରିବାର ବେଳ ଆସିଲା । କୂଳବେହେରା ହିଁ ଏହି ମାନତି ଟଙ୍କାର ପରିମାଣ ସ୍ଥିର କରନ୍ତି । ସେଇଟା ତାଙ୍କର ଅଧିକାର । ଏ ଟଙ୍କା ଦାଖଲ କରିବାପରେ ଅସଲ ବିବାହ କାର୍ଯ୍ୟ ଆରମ୍ଭ ହୁଏ । ପାଲାନି ଓ ତାର ସାଙ୍ଗମାନଙ୍କୁ କୂଳବେହେରା ପାଖକୁ ଡାକଲେ । ସମସ୍ତେ ଆସି କରପତ୍ର ଯୋଡ଼ି ଠିଆହେଲେ, କୂଳ-ବେହେରା କହିଲେ, "ନାହିଁ ପଞ୍ଚସ୍ତର ଟଙ୍କା ବାହାର କର ।"

ବରପକ୍ଷ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ଭାବିଲେ ଟଙ୍କାଟା ଅତିଗୁଡ଼ାଏ ବେଶିହୋଇ-ଗଲା । ଏତେ ଟଙ୍କାର ମାନତି କେବଳ ଭଲ୍ଲାକାରିନମାନଙ୍କ ବାହାବେଳରେ ଦେବାକୁ ହୁଏ ।

କିଛି ସମୟ ଯାଏଁ କାହାର ପାଟିରୁ କଥା ବାହାରିଲା ନାହିଁ । ଅଚ୍ୟୁତନ୍ ହେଲା ବରପକ୍ଷର ମୁଖିଆ । ସେ ଟିକିଏ ଦୃଢ଼ ଅଥଚ ନମ୍ର ଭାବରେ କହିଲା, "ଅବଧାନେ, ଆପଣ ତ ବାପା ମାଆ, ଆମ କଥାକୁ ଭୁଲ ବୁଝିବେ ନାହିଁ । ଆମେ ଆଜ୍ଞା ବି ଆଇଚୁ ଗୋଟେ କେଉଟ ଗାଁରୁ । ଆମର ବି କୂଳବେହେରା ଅଛନ୍ତି । ଆପଣ ଯେତେବେଳେ ମାନତି ଟଙ୍କାଟା ଧାର୍ଯ୍ୟ କଲେଣି, ଆମେ ସେଥିକି ଆଉ କହିପାରିବୁ କି ? କିନ୍ତୁ··· ।"

"ହଉ, କହ; କହିଯା । କିନ୍ତୁ ଆଉ କଣ ?"—କୂଳବେହେରା ପଚାରିଲେ ।

ଅଚ୍ୟୁତନ୍ କହିଲା, "ଅବଶ୍ୟ ମାନତି ଟଙ୍କାଟା ଧାର୍ଯ୍ୟ କରିବା ଆପଣମାନଙ୍କର ଅଧିକାର । କିନ୍ତୁ ଆପଣ ପ୍ରଥମେ ବରପକ୍ଷକୁ ଏକଥା ପଚାରି ଥାଆନ୍ତେ ।"

ଠିକ୍ କଥା । କୂଳବେହେରାଙ୍କର ଏଠାରେ ଟିକିଏ ଭୁଲ ହୋଇଗଲା । କିନ୍ତୁ ତାହା

Digitized by srujanika@gmail.com

ବୋଲି, ତାଙ୍କପରି ଲୋକର ଦୋଷଟାକୁ ଦେଖାଇ ଦିଆଯିବ ନା ? ସେ ଟିକିଏ ବିରକ୍ତ ହୋଇ ପଚାରିଲେ, "ଏଡ଼େ ସାମାନ୍ୟ କଥା ନେଇ ଏତେ ପାଟିତୁଣ୍ଡ କାହିଁକି ଯେ ?"

ଅଚ୍ୟୁତନ୍ ଦବିବାବାଲା ନୁହଁ । ତା' ଗାଆଁରେ ତାଙ୍କର ବି କୁଳବେହେରା ଅଛନ୍ତି । ସେ କିଛି ସାଧାରଣ ଲୋକ ନୁହନ୍ତି । ସେ କହିଲା, "ଏ ବିଷୟ ନେଇ ଆଗେ ଆମର ମତ ପଚାରି ଥାଆନ୍ତେ ।"

"ମୁଁ ଜାଣିବାକୁ ଚାହେଁ, ମୁଁ ତୁମକୁ କଣ ପଚାରି ଥାଆନ୍ତି ?"

ଅଚ୍ୟୁତନ୍ ସ୍ପଷ୍ଟ ଓ ଦୃଢ଼ ସ୍ୱରରେ କହିଦେଲା, "ବୋଧହୁଏ, ଆପଣ ଚାହାନ୍ତି ଯେ ଏ ବାହାଘରଟା ନ ହେଉ ।"

କଥାଟା ସୀମା ଟପିଗଲା । କୁଳବେହେରା ଗର୍ଜନ କରିଉଠିଲେ । ଲୋକଗୁଡ଼ାକ ତାଙ୍କୁ ବଦ୍‌ନାମ କରିବାକୁ ବସିଛନ୍ତି ।

ଅଚ୍ୟୁତନ୍ ଯାହା କହିଲା, ତାହା କହିବା ତାର ଅଧିକାର । ବରଂ କେତେ ଟଙ୍କା ମାନତି ଦେଇପାରିବ ତାହା ବିଚାର ନକରି ଯଦି ଯାହା ଇଚ୍ଛା ତାହା ଧାର୍ଯ୍ୟ କରିଦିଆଯାଏ ତେବେ ବାହାଘର ହୋଇପାରିବ ନାହିଁ ।

କୁଳବେହେରା ପଚାରିଲେ, "ତେମେଗୁଡ଼ା ତାହାହେଲେ ଖାଲି ବାରବୁଲା ଫଟାଦରିଦ୍ର ବୋଲି ?"

ତାଙ୍କ ନିଜର କୁଳବେହେରା ନ ହେଲେ କଣ ହେଲା, ସେ ତ ଫେରେ ଗୋଟିଏ ଗାଆଁର କୁଳବେହେରା । ବାରବୁଲା କହନ୍ତୁ, ଯାହା ଅପମାନ ଦେବାର ଦିଅନ୍ତୁ, ମୁଣ୍ଡ ପୋତି ସବୁ ସହିଯିବାକୁ ପଡ଼ିବ । ଯାହାହେଉ ନିଜ ଅଧିକାର ଅନୁଯାୟୀ ଯେତିକି କହିବା କଥା ଅଚ୍ୟୁତନ୍ ସେତିକି କହିଲା ।

କୁଳବେହେରା ଚେମ୍ବନ କୁଞ୍ଜୁକୁ ଡାକି କହିଲେ, "ହଇରେ ହେ ଚେମ୍ବନ କୁଞ୍ଜୁ, ଯୋଉଁ ଲୋକ ଟଙ୍କା ପଞ୍ଚତିରିଶଟା ଦବାକୁ ଅପାରଗ, ସେମିତି ଗୋଟାକୁ ଝିଅ ଦେଇଦବାକୁ ବସିଛୁ ?"

କଥାଟା ମାଇପିମାନଙ୍କ ମନକୁ ବଡ଼ ଘେନିଲା । ଘର ନାହିଁ, ଦ୍ୱାର ନାହିଁ, ବନ୍ଧୁ ନାହିଁ, ବାନ୍ଧବ ନାହିଁ—ଇମିତି ଗୋଟାଏ ଲୋକ ସାଥିରେ ସେ ପରି ଭଲ ଝିଅଟିକୁ ବାହା କରିଦିଆଯାଉଛି ଦେଖି ସେମାନଙ୍କ ମନରେ ଭାରି ଦୁଃଖ ।

ସମସ୍ତେ ଚେମ୍ବନ କୁଞ୍ଜୁକୁ ଛିଃ ଛିଃ କଲେ । କୁଳବେହେରା ଚେମ୍ବନ କୁଞ୍ଜୁକୁ ଅସଲ ଗୁମର କଥାଟି କହିଦେଲେ ଦେଖି ସମସ୍ତେ ତାଙ୍କୁ ପ୍ରଶଂସା କଲେ । ତା ମୁହଁ ଉପରେ ଆଉ କେହି ସେପରି କହିନଥିଲେ । ଚେମ୍ବନ କୁଞ୍ଜୁ ନୀରବ ରହିଲା ।

ଅଚ୍ୟୁତନ୍ କହିଲା, "ଅବଧାନେ, ଯାହା କହିଲେ ଠିକ୍ କଥା । ତାର କିଛି ବୋଲି କିଛି ନାହିଁ । ଆମେ ତାର କିଛି ବନ୍ଧୁ ବାନ୍ଧବ ନୋହୁଁ । ଆମେ କେବଳ ଏକା ଗାଆଁର କେଉଟ; ସେଇଥିପାଇଁ ମୁଁ କହୁଥିଲି, ଟଙ୍କା ଧାର୍ଯ୍ୟ କରିବା ଆଗରୁ ତାକୁ ଟିକିଏ ପଚାରିଥାଆନ୍ତେ ।"

ପାଲନିର ଇତିବୃତ୍ତ ବର୍ଣ୍ଣନା କରିଗଲା ଅଚ୍ୟୁତନ୍ । ଶୁଣୁଥିବା ମାଇପିମାନେ କାବୁତାମ୍ବା

Digitized by srujanika@gmail.com

କଥାଗୁଡ଼ିକ ଆହୁରି ଅଧିକ ଦୁଃଖ କଲେ । ଦରିଆ ମଝିରେ ନେଇ ବୁଡ଼େଇ ମାରି ଦେଇଥିଲେ ହେଲେ ବରଂ ତାର ଭଲ ହୋଇଥାନ୍ତା ବୋଲି କେହି କେହି କୁହାକୁହି ହେଲେ ।

ତଥାପି କୁଲବେହେଣ୍ଡି ଜିଦ୍ ଛାଡ଼ିଲେ ନାହିଁ । କହିଲେ, "ଏସବୁ ଯାହା କହୁଛ, ଠିକ୍ କଥା । ତେବେ ବରପାତ୍ରର ଅବସ୍ଥା ଦେଖି ତ ବାହା-ମାନତି ଧାର୍ଯ୍ୟ କରାଯାଏନ୍ତ ।"

ଅଚ୍ୟୁତନ୍ ଏକଥାକୁ ସ୍ୱୀକାର କଲା । କୁଲବେହେଣ୍ଡି କହିଚାଲିଲେ, "ଝିଅଟି ରୂପର, ଗୁଣର । ତାକୁ ଯଦି ବୋହୂ କରି ନବାକୁ ଚାହୁଁଛ, ତେବେ ଯେତିକି ଟଙ୍କା ଦବାକୁ ପଡ଼ିବ ସେତିକି ଦେବା ପାଇଁ ତେମେ ରାଜି ହେବା ଦରକାର ।"

ବରପକ୍ଷ ଲୋକଙ୍କ ଭିତରେ ପାପ୍ପୁ ବୋଲି ଜଣେ ଲୋକ ଥାଏ । କୁଲବେହେଣ୍ଡିଙ୍କ ଯୁକ୍ତିଟା ତା ମନକୁ ପାଇଲା ନାହିଁ । ତା ମନରେ ଗୋଟିଏ କଥାକୁ ସେ ଚାପି ରଖିପାରିଲା ନାହିଁ । ସେ ଟିକିଏ ଛଟ୍‌ପଟ୍ ହେଲା ।

"କହୋ, ତେମେ କଣ ଛଟ୍‌ପଟ୍ ହଉଛ ?" ତାକୁ ଲକ୍ଷ୍ୟ କରି କୁଲବେହେଣ୍ଡି ପାଟିକରି ଉଠିଲେ ।

ପାପ୍ପୁ କିଛି କହିଲା ନାହିଁ ।

"କଣ କହିବ କହୁନା ?" କୁଲବେହେଣ୍ଡି ରାଗରେ ପଚାରିଲେ ।

ପାପ୍ପୁ ସ୍ଥିର କଲା ମନକଥାଟି ଖୋଲି କହିଦେବ ।

ଟିକିଏ ବେଖାତିର କରି ସେ କହିଦେଲା, "କନ୍ୟାର ଗୁଣ ବିଷୟରେ ଆଉ ଅଧିକା କହନ୍ତୁନି ।"

"କଣ ହେଲା, କଣ ହେଲା ?"

ପାପ୍ପୁ କହିଲା, "ଏ ଗାଁକୁ କମିତି ବିପତ୍ତି ନପଡ଼ୁ ବୋଲି ଏ ବାହାଘରଟା ତରବରରେ କରେଇଦଉଛନ୍ତି । ସେ ବିପତ୍ତି ଏବେ ଆମ ଗାଁ ଉପରେ ନପଡ଼ିଯିବ ବୋଲି କିଏ କହିବ ? ଆହୁରି ଆପଣ ଅଯଥାଟାରେ ବରକୁ କହୁଛନ୍ତି କଣ ନା, ଏତେଗୁଡ଼େ ଟଙ୍କା ମାନତି ଦଉ । ଆଚ୍ଛା ପାଳି ଲଗିଛି ତ !"

ସମସ୍ତେ ବିସ୍ମିତ ହୋଇଗଲେ । ଲୋକଟା କଣ ଇମିତି କହୁଛି ? ଚକ୍କିର ଗୋଡ଼ହାତ ଅବଶ ହୋଇଗଲା । ସେ ତଳେ ତଳି ପଡ଼ିବାବେଳକୁ କାରୁତାମ୍ମା ତାକୁ ଧରିପକାଇଲା ।

"ମାଆ !!" ସେ ପାଟି କରିଉଠିଲା । ଅନ୍ୟ ମାଇପିମାନେ ଚକ୍କିକୁ ଭିତରକୁ ନେଇଗଲେ । ସେ ସେଇଠି ଅଚେତ ହୋଇ ପଡ଼ିରହିଲା ।

ଚେମ୍ବନ କୁଞ୍ଜୁ ପାଗଳଙ୍କ ପରି ବ୍ୟସ୍ତ ହୋଇ ଖାଲି ଏପଟ ସେପଟ ଧାଉଁଲା; ସେ ଭାବିଲା ତା ଭାର୍ଯ୍ୟା ମରିଯିବ । କିଛି ଗୋଟିଏ ଅଶୁଭ ବେଳାରେ ଏ ବାହାଘରଟା ଆରମ୍ଭ ହୋଇଥିଲା ।

ବରଯାତ୍ରୀଙ୍କ ଭିତରୁ କେତେକ କହିଲେ ଏ ଅବସ୍ଥାରେ ଏପରି କଥା କହିବା ପାପ୍ପୁ ପକ୍ଷରେ ଏକ ଅପରାଧ । ଏପରି ଅପରାଧର କ୍ଷମା ନାହିଁ । ପାପ୍ପୁର କିନ୍ତୁ ତିଳେହେଲେ

Digitized by srujanika@gmail.com

ଦୁଃଖ ନାହିଁ । ତା ମନରେ ଘୃଣା ଭରିଆସିଥିଲା ।

"ଏ ଦରିଆକୂଳକୁ ମୁଁ କେତେଥର ନାହିଁ କେତେଥର ଆସିଥିବ । ମୁଁ ଏ କଥା ବିଷୟରେ ସବୁକଥା ଜାଣେ ।"

ସମସ୍ତଙ୍କର ସନ୍ଦେହ ହେଲା, କାରୁତାମ୍ମା ଜୀବନରେ କିଛି ଏକ ବିଷମ ଗୁପ୍ତ କଥା ରହିଛି । କିନ୍ତୁ ସେ ଗୁପ୍ତ କଥାଟା ଯେ କଣ, ତାହା ଜାଣିବା ଲାଗି ସେ ଅବସ୍ଥାରେ କେହି ଇଚ୍ଛା କରୁ ନ ଥିଲେ । ସମସ୍ତେ ଚୁପ୍ ହୋଇଯାଉ । ଏ ଗାଆଁକୁ ସେ କେବଳ ଭୁଲ୍ ଆସିବା ଭଳି ଆସିଛି ।

ଅଚ୍ୟୁତନ୍ କହିଲା, "ତତେ ଧର୍ମ ଥାଉ, ଟିକିଏ ପାଟି ବନ୍ଦକର ।"

ଭିତରେ ତେଣେ ନାଲ୍ଲା ପେନ୍ନ ଓ କାଳୀ କୁଞ୍ଜୁ ଚକ୍କିର ସେବାରେ ବ୍ୟସ୍ତ । ଚକ୍କି ଟିକିଏ ଆଖି ଖୋଲିଲା ଓ ଝିଅ ଆଡ଼କୁ ହାତ ବଢ଼ାଇ କହିଉଠିଲା, "ମୋ ଝିଅ ।" କିନ୍ତୁ ସଙ୍ଗେ ସଙ୍ଗେ ପୁଣି ଅଚେତ ହୋଇ ପଡ଼ିଗଲା । ଅନ୍ୟ ମାଇପିମାନେ କାରୁତାମ୍ମାକୁ ସାନ୍ତ୍ୱନା ଦେବାକୁ ଲାଗିଲେ ।

ଚକ୍କି ଅବସ୍ଥା ଟିକିଏ ଭଲ ଆଡ଼କୁ ଆସିବାରୁ ଚେମ୍ପନ କୁଞ୍ଜୁ ପାଲନି ଓ ଅଚ୍ୟୁତନକୁ ପାଖକୁ ଡାକିଲା । ସେ ସେମାନଙ୍କୁ ପଞ୍ଚସ୍ତର ଟଙ୍କା ଦେବାକୁ ପ୍ରସ୍ତୁତ । ତା'ଠାରୁ ଟଙ୍କା ନେଇ ସେମାନେ ବେଦିରେ ବିବାହ-ମାନତ ଦେଇ ଦିଅନ୍ତୁ । ପ୍ରସ୍ତାବଟାକୁ ପାଲନି ଅସ୍ୱୀକାର କରିପାରିଲା ନାହିଁ । ଅଚ୍ୟୁତନ୍ ବି ସମ୍ମତି ଜଣାଇଲା ।

ତେଣୁ ପାଲନି ପଞ୍ଚସ୍ତର ଟଙ୍କା ଧରି ବେଦିକୁ ଆସିଲା । ଉତ୍ତେଜନାଟା କମିଗଲା, ପାପ୍ପୁ ଯେଉଁ କଥା ଉଠାଇଥିଲା; ସେ ବିଷୟ ନେଇ ଆଉ କେହି ମୁଣ୍ଡ ଖେଳାଇଲେ ନାହିଁ ।

ମାନତ ଟଙ୍କା ଦାଖଲ ହୋଇଗଲା । ଭୁଲବେହେଷ୍ଟ ହିଁ ବେଦିର ପୁରୋହିତ । ମାନତ ଟଙ୍କାରୁ ସେ ତାଙ୍କର ଅଂଶଟା ନେଇଗଲେ । ଏହା ତାଙ୍କର ପରମ୍ପରାଗତ ଅଧିକାର । ଅବଶିଷ୍ଟ ଟଙ୍କା ଗାଆଁଲୋକଙ୍କ କୋଠ କାମରେ ଖର୍ଚ୍ଚ କରିବା କଥା । ସେ ଶେଷରେ ଟଙ୍କାଟା ଚେମ୍ପନ କୁଞ୍ଜୁକୁ ଧରାଇଦେଲେ । ବିବାହ ଉତ୍ସବର ପ୍ରଥମ ଭାଗଟି ଏହିପରି ଭାବରେ ଶେଷ ହୋଇ-ଗଲା ।

ତାପରେ କନ୍ୟାକୁ ବେଦିକୁ ଅଣାଗଲା । ପୁରୁଖା ଲୋକେ ବିଧିବିଧାନ କଥାସବୁ ବଢ଼ାଇଦେଲେ । ତାଲୀ* ବାନ୍ଧ ଦିଆଗଲା ଏବଂ ବଉଳପାଟ ଓ ଅନ୍ୟାନ୍ୟ ଲୁଗାପଟା ଇତ୍ୟାଦି ଦିଆନିଆ ହୋଇଗଲା । ଚେମ୍ପନ କୁଞ୍ଜୁ ପାଲନିର ଦୁଇ ହାତ ନେଇ କାରୁତାମ୍ମାର ଦୁଇ ହାତରେ ଧରାଇବାକୁ ଗଲା । ଚେମ୍ପନ କୁଞ୍ଜୁ ଯେତେବେଳେ କାରୁତାମ୍ମାର ହାତ ଆଣିବାକୁ ଗଲା ସେତେବେଳେ ସେ ଅନୁଭବ କଲା ଝିଅ ତାର ହାତ ଦୁଇଟିକୁ ଟିକିଏ ଟାଣ କରିଦେଇଛି । କାରୁତାମ୍ମା କଣ ହାତ ଟାଣି ନେଉଥିଲା ନା କଣ ? ମନେହେଲା ସେ ଯେପରି

---

* ତାଲୀ—ବିବାହର ପ୍ରମାଣ ସ୍ୱରୂପ ଯେଉଁ ମଙ୍ଗଳସୂତ୍ର ବା କଣ୍ଠବନ୍ଧାଯାଏ ତାହାକୁ ମାଲୟାଲମ୍ ଭାଷାରେ ତାଲୀ ବୋଲାଯାଏ ।

Digitized by srujanika@gmail.com

ପାଳନର ହାତ ଧରନାହିଁ । ସେ ଦୁଇଟା କେବଳ ତା ହାତ ଉପରେ ଥୁଆ ହୋଇଛୁ । କାରୁତାମ୍ମାକୁ ଯାହା କୁହାଯାଉଥିଲା, ସେ କେବଳ ଯନ୍ତ୍ରଭଳି ତାହା କରିଯାଉଥିଲା; ସେ କାର୍ଯ୍ୟରେ ଦେହ ବ୍ୟତୀତ ତା ମନର କୌଣସି ସମ୍ପର୍କ ଥିଲା ଭଳି ଜଣାଗଲା ନାହିଁ ।

ମାଇପିମାନେ ଧରାଧରି କରି ଚୁକ୍‌କଙ୍କୁ କୌଣସିମତେ ଠିଆ କରାଇଲେ । କିନ୍ତୁ ବାହା ଚାଲିଥିବା ଭିତରେ ସେ ଆଉଥରେ ମୂର୍ଚ୍ଛା ହୋଇଗଲା । କେତେକ ମାଇପି କହିଲେ 'ଏସବୁ ଘଟିବା ବଡ଼ ଅଶୁଭ ଲକ୍ଷଣ । ବାହାଘେଜ ବେଳେ ଆହୁରି ଅନେକ ଗଣ୍ଡଗୋଳ ଉଠିଲା । ପାଳନର ଜାତପତ କଥା ଉଠାଇ କେତେକ ମାଇପି ଅଖିଆ ଫେରିଗଲେ । ଯେଉଁ ପାପ୍‌ରୁ ଏ ସବୁ ଗଣ୍ଡଗୋଳ ଉଆଇ ଥିଲା ସେ ବି ଚାଲିଗଲା ।

ବନ୍ଧୁବାନ୍ଧବ ବା କୁଟିଆମୈନ୍ଦଙ୍କର ବ୍ୟବହାରରେ ଚେମ୍ବନ କୁଞ୍ଜୁ ବ୍ୟଥିତ ହେଲା ନାହିଁ ସତ; କିନ୍ତୁ ନିଜର ଦୁର୍ଭାଗ୍ୟ ଦେଖି ସେ ଆପଣା ଚିନ୍ତାରେ ବିବ୍ରତ ହୋଇପଡ଼ିଲା । ଯାଇ କୁଲବେହେଙ୍କ ଗୋଡ଼ତଳେ ପଡ଼ିଗଲା । ଉଦ୍ଧାର କରନ୍ତୁ ବୋଲି ଅନୁନୟବିନୟ କଲା । ଚୁକ୍‌କୀ ଉଠିବସିବାକୁ ବି ସମ୍ପୂର୍ଣ୍ଣ ଅକ୍ଷମ । କାରୁତାମ୍ମା ଘର ଛାଡ଼ି ଚାଲିଗଲେ ବାହାରକୁ ଯାଇ ନାହିଁ । ଏବେ ତାକୁ ଏକାକିଆ ହୋଇ ପରଗାଆଁକୁ ଚାଲିଯିବାକୁ ପଡ଼ିବ । ବର ସାଙ୍ଗରେ ମାଇପି ଝିଅଟିଏ ଆସି ନାହିଁ । ତେଣୁ ସେଦିନ ଝିଅ ବିଦାୟ କରିବାକୁ ସେ ନାରାଜ । ପାଳନ ମଧ୍ୟ ନଯାଉ । କାରୁତାମ୍ମା ଯଦି ଚାଲିଯିବ, ଚେମ୍ବନ କୁଞ୍ଜୁ ଘର ଉଜାଡ଼ ହୋଇଯିବ । ଘରେ ରୋଗିଣୀ ଭାର୍ଯ୍ୟା; ତାର ଦେଖାଶୁଣା କରିବାକୁ ଦ୍ୱିତୀୟ ହୋଇ କେହି ନାହିଁ ।

ଚେମ୍ବନ କୁଞ୍ଜୁ ପାଗଳଙ୍କ ପରି ହେବାକୁ ଲାଗିଲା । କୁଲବେହେରା ସହାନୁଭୂତି ଦେଖାଇ କହିଲେ, "ଆରେ ବାବୁ ଚେମ୍ବନ କୁଞ୍ଜୁ, ତୁ ଯାହା କହୁଛୁ ସବୁ ଠିକ୍ କଥା; କିନ୍ତୁ ଧର, ଯଦି ପାଳନ ଅଡ଼ି ବସିବ ଯେ ସେ ଆଜି ତା କନ୍ୟାକୁ ନେଇ ଗାଆଁକୁ ଚାଲିଯିବ, ତା'ହେଲେ ତାକୁ ତୁ କମିତି ମନାକରିବୁ ?"

"ଅବଧାନେ, ଆପଣ ବାପ-ମାଆ । ଆପଣ ଯଦି କହିବେ, ସେମାନେ ନିଶ୍ଚୟ ଆପଣଙ୍କ କଥା ଶୁଣିବେ"—ଚେମ୍ବନ କୁଞ୍ଜୁ କହିଲା ।

ଏ କଥା ଶୁଣି କୁଲବେହେରାଏ ହସିଲେ । କହିଲେ, "ଆରେ ଚେମ୍ବନ କୁଞ୍ଜୁ, ସେମାନେ ହେଲେ ତ୍ରିକୁନ୍ନାପୁଝାର ଲୋକ । ଭାରି ମୁହଁଖୋର । ତୁ କଣ ନିଜ ଆଖିରେ ଦେଖିଲୁନି ରେ ?"

କୁଲବେହେରାଙ୍କ ବିନା ଚେମ୍ବନ କୁଞ୍ଜୁର ସାହା ବୋଲି ଆଉ କେହି ନାହିଁ । କାରୁତାମ୍ମା ଯଦି ଚାଲିଯାଏ, ସେ କଣ କରିବ ? କହିଲା, କୁଲବେହେରା ଯଦି ଟିକିଏ ଟାଣ କରି କହନ୍ତି, ତେବେ ସେମାନେ ନିଶ୍ଚୟ ତାଙ୍କ କଥା ମାନିବେ ।

ଭୋଜ-ଭାତ ଶେଷହେବା ପରେ ଅଚ୍ୟୁତନ୍ ଜଣାଇ ଦେଲା, ଏଥର ସେମାନଙ୍କର ଫେରିବାବେଳ ହୋଇଗଲା । କାରୁତାମ୍ମା ମାଆ ପାଖରେ ବସି କାନ୍ଦୁଥାଏ । କାମର

Digitized by srujanika@gmail.com

ବାହାନା କରି ଚେମ୍ପନ କୁଞ୍ଜୁ ସେହି ପାଖରେ ଲଙ୍ଗପଙ୍ଗ ହେଉଥାଏ । ଅଚ୍ୟୁତନ ଆଉଥରେ ଶୁଣାଇ ଦେଲା ଯେ ବର ଓ ବରଯାତ୍ରୀମାନଙ୍କର ଫେରିବା ବେଳ ହୋଇଗଲା, ସେ ଯେତେବେଳେ ସେହି କଥାଟାକୁ ପୁଣି ତୃତୀୟ ଥର କହି ବସିଲା, ଚେମ୍ପନ କୁଞ୍ଜୁ ଆଉ ଚୁପ୍ ହୋଇ ରହିପାରିଲା ନାହିଁ । ଚେମ୍ପନ କୁଞ୍ଜୁ ଯାଇ କୁଳବେହେରାଙ୍କୁ ଅନୁରୋଧ କରିବାରୁ କୁଳବେହେରା ଅଚ୍ୟୁତନକୁ ପଚାରିଲେ, "କଣ, ଆଜି କନ୍ୟାକୁ ନେଇ ପଳେଇବା ତୁମର ଏତେ ଜରୁରୀ ?"

ଏହା ଏକ ହଠାତ୍ ଅପ୍ରତ୍ୟାଶିତ ପ୍ରଶ୍ନ । ଅଚ୍ୟୁତନ କ ଉତ୍ତର ଦେବ କିଛି ବୁଝିପାରିଲା ନାହିଁ । ସେ ପଚାରିଲା, "ଆପଣ ଏ ଭଳି କଥା କାହିଁକି କହୁଛନ୍ତି ଯେ ?"

"କାହିଁକି ନ କହିବି ?"

"ବାହା ପରେ କନ୍ୟାକୁ ଛାଡ଼ିଦେଇ କେହି ଯାଏନି ।"

କୁଳବେହେରା ଜାଣନ୍ତି ଯେ ତାଙ୍କ କଥାଟା ଠିକ୍ ନୁହେଁ । ଏ ଘଟଣାରେ ସେ ଜୋର୍‌କରି କିଛି ହୁକୁମ ଦେଇପାରିବେ ନାହିଁ । ତେଣୁ ସେ ଚେମ୍ପନ କୁଞ୍ଜୁର ଘର ଅବସ୍ଥା ବର୍ଣ୍ଣନା କଲେ । କିନ୍ତୁ ବରଯାତ୍ରୀମାନେ ବି ସେ ଅବସ୍ଥା ଜାଣନ୍ତି । କୁଳବେହେରା କହିଲେ, "ତା ମାଆ ଟିକିଏ ସୁସ୍ଥ ହେବା ଯାଏଁ ସେ ଏଠି ରହୁ । ମୁଁ ତୁମକୁ କେବଳ ସେତିକି କହୁଛି ।"

ଅଚ୍ୟୁତନ୍ କହିଲା, "ଆଜ୍ଞା, ଏବିଷୟ ନେଇ ଯାହା କହିବା କଥା, ବର କହିବ ।"

କୁଳବେହେରା କହିଲେ, "ଆଉ ଗୋଟିଏ ଦୃଷ୍ଟିରୁ ଦେଖିଲେ, ତେମେ ଝିଅଟାର ହାତ ଧରି ବାଟ କଢ଼େଇ ନେବାଟା ସୁନ୍ଦର ହବନି ।"

"କାହିଁକି ? ନ ହବ କାହିଁକି ?" ଅଚ୍ୟୁତନ ପଚାରିଲା ।

"ତମ ଭିତରେ ଜଣେ କେହି ମାଇପି ଲୋକ ଥିଲେ, ସେ କନ୍ୟାର ହାତ ଧରି ବାଟ କଢ଼େଇ ନିଅନ୍ତା । ସେଇଟା ଠିକ୍ ହୁଅନ୍ତା ।"

"ତା'ହେଲେ ଯେଉଁ ଲୋକ କନ୍ୟା ଧରିବା ଲାଗି ମାଇପିଟିଏ ବି ଆଣିପାରୁନଥିଲା, ସେ ଲୋକ ହାତରେ ଝିଅ ଟେକି ଦେଉଥିଲେ କାହିଁକି ଯେ ?"

ଅଚ୍ୟୁତନ୍ ଓଲଟା ଅଭିଯୋଗ ବାଢ଼ିଲା ।

"ଏକଥା ତେମେ ମତେ ପଚାରୁଛ ?"—କ୍ରୋଧର ଛଳନା କରି କୁଳବେହେରା ପଚାରିଲେ ।

ଅଚ୍ୟୁତନ ଚୁପ୍ ହୋଇଗଲା । ତାପରେ କହିଲା, "ଏଥର ବର ଯେମିତି ବୁଝେଇବ ବୁଝୋଉ । ସେ ତାର କଣ କରିବ ଠିକ୍ କରୁ ।"

ବେଳୁବେଳ ସମସ୍ତ ଗଡ଼ିଗଲା । ଅଚ୍ୟୁତନ୍ କହୁଥିଲା—ଡେରି ହେଉଛି । କୁଳ-ବେହେରା ଉପଦେଶ ଦେବା ଛଳରେ କହିଲେ, ପାଲନି ବି ଏଇଠି ରହିଯାଉ । କିନ୍ତୁ ପାଲନି ଭଳି ଲୋକ ସେକଥା କେହି କହି ପାରିଲେ ନାହିଁ । ତା କଥା ସେ ସ୍ଥିର କରୁ ।

Digitized by srujanika@gmail.com

ଅଚ୍ୟୁତନ୍ ପଚାରିଲା, "ତାଇରେ କୋଉଁପୁଅ, କଣ ଠିକ୍ କରୁଚୁ ? ଆମେ ଫେରେ ଗାଁକୁ ଯିବୁ ଟି ?"

ପାଲନ ଦ୍ଵନ୍ଦ୍ଵରେ ପଡ଼ିଲା, ସେ କିଛି ସ୍ଥିର କରିପାରିଲା ନାହିଁ । ବୋଧହୁଏ କୌଣସି ନିଷ୍ପତ୍ତି ନେବା ପାଇଁ ସେ ଅକ୍ଷମ । ପାଲନ ବୋଧହୁଏ ଏ ବିଷୟଟିକୁ ଗୁରୁତ୍ଵ ଦେଇ ବିଚାର କଲା ନାହିଁ । ମନେହେଲା ସେ ନିତାନ୍ତ ଉଦାସୀନ, ଅସ୍ଥିର ମନ ।

ବିରକ୍ତ ହୋଇ ଅଚ୍ୟୁତନ ପଚାରିଲା, "କରେ, କିଛି କହୁନୁ କାହିଁକି ? ଆମକୁ କାହିଁକି ହଇରାଣରେ ପକାଉଚୁ ?" ତା'ପରେ ସେ ପାଲନକୁ ଗାଳିଦେବାକୁ ଆରମ୍ଭ କରିଦେଲା । ସେ ଗୋଟିଏ ଆନନ୍ଦ ଉତ୍ସବକୁ ଆସିଥିଲା; କିନ୍ତୁ ଉତ୍ସବ ଦେଖିବ କଣ, ଯେଉଁମାନଙ୍କୁ ସେ ଖାତିର କରେ, ସେମାନଙ୍କ ସହିତ ତାକୁ କଳି କରିବାକୁ ପଡ଼ୁଚି ।

ପାଲନ କଣ କହିବ ତାହା ଶୁଣିବାକୁ ଚେମ୍ପନ କୁଞ୍ଜୁ ଆତୁର ହୋଇ ଚାହିଁରହିଲା । ପାଲନ ଲୋକଟା ସରଳ; ତାକୁ ହତାଶ କରିବ ନାହିଁ ।

ଦୁନିଆଁରେ ପାଲନର ଘରଦ୍ଵାର ବୋଲି କୋଉଠି ନାହିଁ, ସେ ଯେଉଁଠି ରହିବ ସେଇଟା ହିଁ ତାର ଘର ।

ଅଚ୍ୟୁତନ୍ ପୁଣି କହିଲା, "ଆରେ, ଯାହା କହିବାର କହିଦେ ।"

ପାଲନ ଅଚ୍ୟୁତନ୍ ମୁହଁକୁ ଚାହିଁଲା । ଅନ୍ୟମାନଙ୍କ ମୁହଁକୁ ବି ଚାହିଁଲା, କାହାରିଠାରୁ କୌଣସି ସଙ୍କେତ ପାଇଲା ନାହିଁ । କିନ୍ତୁ ତା ପାଟିରୁ ବାହାରିପଡ଼ିଲା, "ମୁଁ ମୋ କନିଆକୁ ନେଇ ଏଇନେ ପଳେଇଯିବି ।"

ଚେମ୍ପନ କୁଞ୍ଜୁ ପୁଣି ହତଭମ୍ବ ହୋଇଗଲା । ପାଲନ ଯେ ତା ଇଚ୍ଛା ବିରୁଦ୍ଧରେ ନିଷ୍ପତ୍ତି ନେବ ତାହା ସେ ଆଶା କରି ନଥିଲା । ସେ ଦୁଇ ହାତରେ ଗୁଡ଼ି ପିଟି ହୋଇ ମିନତି ଆରମ୍ଭ କରିଦେଲା, "ମୋ ଧନ, ମୋ ପୁଅ, ତମ ମାଆଙ୍କ ଅବସ୍ଥା ଟିକିଏ ଦେଖ, ତାପରେ ଯାଇ କୁହ ।"

ଏ ମିନତି ପାଲନର ହୃଦୟ ସ୍ପର୍ଶ କଲା କି ନାହିଁ କହିବା କଷ୍ଟ । କିଛି ସଙ୍କେତ ପାଇବା ଆଶାରେ ସେ ପୁଣି ଥରେ ଅଚ୍ୟୁତନ ମୁହଁକୁ ଚାହିଁଲା । କିନ୍ତୁ କୌଣସି ଇଙ୍ଗିତ ପାଇଲା ନାହିଁ । ତଥାପି ସେ ଅନୁଭବ କଲା ଯେ କନ୍ୟାକୁ ନେଇ ଯିବା ନିଷ୍ପତ୍ତିଟାକୁ ଅଚ୍ୟୁତନ ପସନ୍ଦ କରୁଚି ।

ପାଲନ କହିଲା, "ମୁଁ ମୋ କନିଆକୁ ନେଇକରି ଯିବି ।"

ସେ ତା ଅବସ୍ଥା ବୁଝାଇ ବସିଲା । ତାର ଘରଦ୍ଵାର ନାହିଁ । ବନ୍ଧୁବାନ୍ଧବ ନାହାନ୍ତି । ନିଜର ବୋଲି ଖଣ୍ଡେ ଘର କରିବ ଏହି ଉଦ୍ଦେଶ୍ୟରେ ହିଁ ସେ କାରୁତାମ୍ମାକୁ ବାହା ହେଲା । ତାକୁ ଏଥର ଜୀବନ ଆରମ୍ଭ କରିବାକୁ ପଡ଼ିବ । ତେଣୁ ସେ ତାର ବିବାହିତ ସ୍ତ୍ରୀକୁ ଛାଡ଼ି ଯିବାକୁ ରାଜି ନୁହେଁ । ଯାଉ ଯାଉ ବହୁତ କାମ ଆରମ୍ଭ କରିବାକୁ ପଡ଼ିବ । ସେଥିରୁ କୌଣସିଟାରେ ବି ଡେରି କଲେ ଚଳିବ ନାହିଁ । କହିଲା, "ତେଣୁ ମୁଁ ଏଇଲାଗେ ମୋ

Digitized by srujanika@gmail.com

କନିଆଁକୁ ନେଇ ଚାଲିଯିବ ।”

ପାଲନି ନିଜର ମନ କଥାକୁ ଏତେ ସ୍ପଷ୍ଟ ଭାବରେ ଖୋଲି କହିପାରୁଛି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଏହା ତାର ଶେଷ ନିଷ୍ପତ୍ତି । ସେ ଭାବିଲା ତା ସାଙ୍ଗମାନେ ତା କଥା ପସନ୍ଦ କରୁଛନ୍ତି । ପାଲନିର ଏ ନିଷ୍ପତ୍ତିଟା ଚେମ୍ପନ କୁଞ୍ଜୁକୁ କିପରି ଲାଗିଲା ସେଥିପ୍ରତି କାହାର ଦୃଷ୍ଟି ନାହିଁ । ଅଥଚ ସେ ଯେଉଁ ଅନୁନୟବିନୟ କଲା, ଯେଉଁ କୃପା ଭିକ୍ଷାକଲା ତାହା କୌଣସି ଲୋକର ହୃଦୟ ତରଳାଇଦେଇଥାନ୍ତା ।

ଚେମ୍ପନ କୁଞ୍ଜୁ କହିଲା, “ବାପ, ପିଲାଟିଏ ବଢ଼େଇ ବଡ଼ କରିବା ଯେ କି କଷ୍ଟ, ସେକଥା ମୁଁ ଜାଣେ । ଶୁଣ, ଦିନ ଆସିବ, ତେମେ ବି ବୁଢ଼ା ହେବ; ସେତିକିବେଳେ ଯାଇ ଜାଣିବ ।”

ପାଲନି ଅବିଚଳିତ ଭାବରେ ଠିଆହୋଇରହିଲା । ଚେମ୍ପନ କୁଞ୍ଜୁର ଅବସ୍ଥା ଦେଖି କୁଲବେହେରାଙ୍କ ମନରେ ସହାନୁଭୂତି ଜାତ ହେଲା । ସେ ଟିକିଏ ରାଗିଗଲେ । କହିଲେ, “ଇଏ କି କଥା ? ଏ ଟୋକା ଘର ବୋଲି କଣ ଜାଣେନି । ଏକୁ ବାପ-ମାଆ ବୋଲି କଣ ଜଣାନାହିଁ । ସ୍ନେହ କଣ, ଶ୍ରଦ୍ଧା କଣ ଏ ସବୁକଥା ମଣିଷ ଆଗ ଘରେ ଶିଖେ । ଯେଉଁ ଲୋକ ବାରବୁଲାଙ୍କ ପରି ଦରିଆକୂଳରେ ବୁଲି ବୁଲି ବଡ଼ହୋଇଗଲା, ସେ ଏସବୁ କଣ ବୁଝିବ ?” ଚେମ୍ପନ କୁଞ୍ଜୁକୁ ଚାହିଁ ସେ କହିଲେ, “ହଇରେ, ଏଭଳିଆ ଗୋଟେ ଲୋକ ସାଙ୍ଗରେ ଝିଅକୁ ବାହା ଦବାର କି ଦରକାର ଥିଲା ?”

ଚେମ୍ପନ କୁଞ୍ଜୁ ମୁହଁ ଖୋଲି କିଛି କହିପାରିଲା ନାହିଁ । କିନ୍ତୁ ସେ ଉପଲବ୍ଧି କଲା ଯେ କୁଲବେହେରାଙ୍କ କଥା ଠିକ୍ । ଆଗରୁ ସେ ଯେଉଁ ପାଲନିକୁ ଚିହ୍ନିଥିଲା, ସେ ପାଲନି ଏଭଳି ହୃଦୟହୀନତାର ପରିଚୟ ଦେଇ ନଥିଲା । ବୋଧହୁଏ ପ୍ରକୃତ ଘର କଣ ଜାଣେ ନାହିଁ ବୋଲି ସେ ଏଭଳି ବ୍ୟବହାର ଦେଖାଇଲା । ଭବିଷ୍ୟତକୁ ଆହୁରି ଯେ କେତେ ହିନସ୍ତା ନ ଅଛି । ଝିଅଟିକୁ ଏଭଳି ଲୋକ ସହିତ ବାହା ଦେଇ ଭୁଲ ହୋଇଗଲା ନା କଣ ? ପାଲନି ଲୋକଟା ପାଖରେ ସ୍ନେହଶ୍ରଦ୍ଧା ବୋଲି କିଛି ନାହିଁ ।

ଅଚ୍ୟୁତନ୍ ପାଲନିକୁ ଗୋଟିଏ ନୂତନ ସମାଧାନ ପନ୍ଥା ଦେଖାଇ ଦେଲା, ଯତେ ଯେପରି ସେ ସବୁ କିଛି ବୁଝିପାରିଲା । କହିଲା, “ହଇରେ ପାଲନି, କାହିଁ ବୃଥାରେ ଏତେ ଗାଳି ଶୁଣୁଛୁ କହିଲୁ ? ଆରେ, ତୋ କନିଆ, ତୋ ସାଙ୍ଗରେ ଯିବା ନଯିବା କଥା ତାକୁ ପଚାରେ, ସେ ତାର କଣ ଠିକ୍ କରୁଛି, କହୁ ।”

କଥାଟା କୁଲବେହେରାଙ୍କ ମନକୁ ବି ପାଇଲା । ସେ କହିଲେ, “ହଁ, ଏଇଟା ଯାହା କହିଲା ଗୋଟେ କଥା ପରି କଥା । କନିଆ ନିଜେ କହୁ ତାର ଇଚ୍ଛା କଣ । କାହିଁ, ତାକୁ ଏଠିକି ଡାକିଲ ।”

ଚେମ୍ପନ କୁଞ୍ଜୁ କାରୁତାମ୍ମାକୁ ଡକାଇପଠାଇଲା । ସେ ବିଚାରୀ ତା ମାଆ ପାଖରେ ବସିଥିଲା, ଆଖିରୁ ତୋଡ଼ାଣି-ପାଣି ପରି ଲୁହ ବୋହିଯାଉଥାଏ । ସେ ଆସି ଦୁଆରମୁହଁରେ ଠିଆହେଲା ।

Digitized by srujanika@gmail.com

କୁଲବେନ୍ଦେଇ ପଚାରିଲେ, "ହେଇଲେ ମା, ମାଆକୁ ଏ ଅବସ୍ଥାରେ ଛାଡ଼ିଦେଇ ଚାଲିଯିବୁ; ନା ରହିବୁ ? କଣ ତୋ ଇଚ୍ଛା ? ତୋ ବାପକୁ ମୁନ୍ଦଏ ପାଣି ଦେବାକୁ ବି ଘରେ ଆଉ କେହି ନାହିଁ ।"

କାରୁତାମ୍ମା ଚୁପ୍ ରହିବା ଦେଖି, କୁଲବେନ୍ଦେଇ ଆହୁରି କହିଚାଲିଲେ, "ବାହାଘର ସରିଲା ପରେ, ତୁ ତୋ ସ୍ୱାମୀ ସାଙ୍ଗରେ ଚାଲିଯିବାଟା ଠିକ୍ । କିନ୍ତୁ ବର୍ତ୍ତମାନ ଅବସ୍ଥା ଯାହା ଏଥିରେ ତୋ କଥା ତୁ ସ୍ଥିର କରି କହ ।"

କାରୁତାମ୍ମା ଭଲା କଣ କହିବ ? କୌଣସି ଗୋଟିଏ ନିଷ୍ପତ୍ତି ନେବା ପାଇଁ ତାର ଅବା ଶକ୍ତି କାହିଁ ? ସେ ଗାଆଁରୁ ବିଦାୟ ନେଇ ସାରିଛି, ତଥାପି ଭବିଷ୍ୟତ କଥା ବିଚାର କଲାବେଳେ ତା ମନରେ ନାନା ସଂଶୟ ଆସି ଦେଖାଦେଲା । ମାଆ ତେଣେ ପଡ଼ିଛି ଯେ ଗୋଡ଼ହାତ ଚାଲୁନାହିଁ । ବାପାଙ୍କୁ ଦେଖାଶୁଣା କରିବାକୁ ଘରେ କେହି ନାହିଁ । ବିଚାରି ଅଧୀର ହୋଇ କାନ୍ଦିବାକୁ ଲାଗିଲା । ସେ କିଛି କହି ପାରିଲା ନାହିଁ ।

ତାର ଉତ୍ତର ପାଇଁ ସମସ୍ତେ ଅପେକ୍ଷା କରି ରହିଲେ । କୁଲବେନ୍ଦେଇ ପୁଣି କହିଲେ, "ହାୟରେ ବିଚାରି, ଏଭଳି ଅବସ୍ଥାରେ ସେ ବା କି ଉତ୍ତର ଦବ ? ତଥାପି ତାକୁ କହିବାକୁ ପଡ଼ିବ । ତା ନିଷ୍ପତ୍ତି ହିଁ ଠିକ୍ ନିଷ୍ପତ୍ତି ହବ ।"

କାରୁତାମ୍ମା ମାଆ ପାଖକୁ ଦୌଡ଼ିଗଲା । ମାଆର ମୁହଁ ଉପରେ ମୁହଁ ରଖି ନିତାନ୍ତ ଅସହାୟଙ୍କ ପରି କେବଳ କାନ୍ଦିବାକୁ ଲାଗିଲା । ଚକ୍କୀ ବି ଭେଁ ଭେଁ ହୋଇ କାନ୍ଦୁଥାଏ । କାନ୍ଦି କାନ୍ଦି ଚକ୍କୀ ପଚାରିଲା "ମୋ ଧନ ଲୋ, ସେମାନେ ତତେ କଣ ପଚାରିଲେ ଲୋ ମାଆ ?"

"ମା, ମୁଁ ଯାଇ ପାରିବି ନାହିଁ ମାଆ" କାନ୍ଦି କାନ୍ଦି, ବଡ଼ କଷ୍ଟରେ କାରୁତାମ୍ମା ଏତିକି କହିଦେଲା ।

ଚକ୍କୀ ବ୍ୟସ୍ତ ହୋଇ କହିଲା, "ନାଇଁ ଲୋ ମାଆ, ସିମିତି କହନି, ମୋ ଧନ । ତତେ ଯିବାକୁ ପଡ଼ିବ, ମୋ ସୁନା, ତତେ ଯିବାକୁ ପଡ଼ିବ । ତୁ ଯଦି ନ ଯାଉନା…… !

ସେ ଯଦି ନଯାଏ ତେବେ କଣ ହେବ ଚକ୍କୀ ତାହା ଜାଣେ । କାରୁତାମ୍ମା ମନରେ ବି ସେହି ଭୟ ଖେଳିଗଲା । ହାତଗୋଡ଼ ନ ଚଳୁଣ୍ଟି କତରାରେ ପଡ଼ିଥିବା ପଣ୍ଡୁ ପାଖକୁ ପାଣି ମନ୍ଦଏ ଦେବାକୁ ପଛେ କେହି ନଥାଉ, ଚକ୍କୀ ସେଥିକି ଡରେନି । ସେ ସବୁ ଦୁଃଖ ସହିନେବ । କିନ୍ତୁ ତା ଝିଅ ଯେପରି ଭାସି ନଯାଏ; ଅକୁଳରେ ହୋଇନଯାଏ; ନାଁ, ସେ ମୋଟେ ତାହା ହେବାକୁ ଦେବନାହିଁ । ଚକ୍କୀ ସଫା ସଫା ଜଣାଇଦେଲା, ଯେତେ ଶୀଘ୍ର ପାରେ ଝିଅ ସେତେ ଶୀଘ୍ର ଚାଲିଯାଉ । ତାକୁ ଯିବାକୁ ପଡ଼ିବ । ନଯାଇ ଅନ୍ୟ ଗତି ନାହିଁ ।

"ତୁ ଯା, ତୁ ଗଲୁ, ତାଙ୍କ ପାଖକୁ ଯାଇ କହ ଯେ ତୁ ଚାଲିଯିବୁ ।"

ମାଆକୁ ଜାବୋଡ଼ି ଧରିଥିଲା କାରୁତାମ୍ମା । ଚକ୍କୀ ଧୀରେ ଧୀରେ କାରୁତାମ୍ମାକୁ ଦେହରୁ

Digitized by srujanika@gmail.com

ଅଲଗା କରିଦେଲା । ମାଆ ବୋଲି ତାକୁ ବାଧିକଲା, ଭର୍ତ୍ସନା କଲା । ନିଷ୍ଠୁର ତିରସ୍କାର କରି କହିଲା, "ତାହେଲେ ତୁ ପାରିକୁଟ୍ଟୀ କୁ ଛାଡ଼ି ଯାଇପାରିବୁନି—ନାହିଁ ଲୋ ?"

କାରୁତାମ୍ମା କୌଣସି ପ୍ରକାରେ ଟିକିଏ ସ୍ଥିରହେଲା । ଟିକିଏ ଶକ୍ତି ସଂଚୟ କଲା । ଯାଇ ଦୁଆରମୁହଁରେ ଠିଆ ହୋଇଗଲା । କହିଲା, "ମୁଁ ଚାଲିଯିବି ।"

ତାପରେ ସେ ଚେମ୍ବନ କୁଞ୍ଜୁ ଆଗରେ ସାଷ୍ଟାଙ୍ଗ ହୋଇପଡ଼ି ତାର ପାଦ ଛୁଇଁଲା । ଚେମ୍ବନ କୁଞ୍ଜୁ ପାଦ ଘୁଞ୍ଚାଇ ନେଇ ଅନ୍ୟଆଡ଼େ ବୁଲିପଡ଼ିଲା । ସେହିଭଳି ଭାବରେ କିଛି ସମୟ ପଡ଼ିରହିଲା କାରୁତାମ୍ମା । ତା ପରେ ଯାଇ ଉଠିଲା । ତା ମାଆ ତାକୁ ଆଶୀର୍ବାଦ ଦେଲା । ସେ ଯାହା ଯାହା ସବୁ କହିଥିଲା, ସେସବୁ ମନେରଖିବୁ ବୋଲି ଉପଦେଶଦେଲା । ଯେତେବେଳେ ପାଲାନି ଆସି ବିଦାୟ ନେବାପାଇଁ ନମସ୍କାର କଲା, ଚେମ୍ବନ କୁଞ୍ଜୁ ସେତେବେଳେ କଥା କହିଲା ନାହିଁ । ସେ ଆଉ ପୂର୍ବରୁ ସେହି ଅସହାୟ ଚେମ୍ବନ କୁଞ୍ଜୁ ହୋଇ ରହିନଥିଲା । ସେ ଆଉ କାନ୍ଦୁନଥିଲା । ମୁହଁ ତାର ସେତେବେଳକୁ ଲାଲ ପଡ଼ିଯାଇଥିଲା, ଫୁଲି ଯାଇଥିଲା । ସେ ଏକ କ୍ରୋଧାନଳ ପୁରୁଷରେ ପରିଣତ ହୋଇଯାଇଥିଲା ।

ପାଲାନି ଗାଆଁର ଲୋକେ ଆଗେ ଆଗେ ଚାଲିଲେ, ସେମାନଙ୍କୁ ଅନୁସରଣ କଲା କାରୁତାମ୍ମା । ଝିଅର ଚାଲିଯିବା ବାଟକୁ ଟିକିଏ ଚାହିଁବା ଆଶାରେ ଚକ୍କୀ ଟିକିଏ ମୁଣ୍ଡ ଟେକିବାକୁ ଚେଷ୍ଟା କଲା । କିନ୍ତୁ ବିଚାରି ସଙ୍ଗେ ସଙ୍ଗେ ଅଚେତହୋଇ ଢଳିପଡ଼ିଲା ନାଲ୍ଲାପେନ୍ନୁର ବାହୁ ଉପରେ ।

ଦାନ୍ତ କଟମଟ କରି ଚେମ୍ବନ କୁଞ୍ଜୁ କହିଲା, "ଆଜିଠୁ ସିଏ ଆଉ ମୋ ଝିଅ ନୁହେଁ ।'

ଲୁହଭରା ଆଖିରେ ପଞ୍ଚମୀ ଖାଲି କାନ୍ଦିବାକୁ ଲାଗିଲା—"କାରୁତାମ୍ମା—ମୋ ଅପ୍ପା ।"

ଏହି ବେଳାଭୂମିର କନ୍ୟାରୂପରେ ବଡ଼ ହୋଇଥିଲା କାରୁତାମ୍ମା । ସେ ଏଠାରୁ ବିଦାୟ ନେଇ ଚାଲିଗଲା । ଭବିଷ୍ୟତ ତାର କଣ ହେବ ? ସେ କଣ ବିପଦରୁ ଉଦ୍ଧାର ପାଇଗଲା ? କେହି ତାର ମଙ୍ଗଳ ପାଇଁ ପ୍ରାର୍ଥନା କଲେନାହିଁ । ସେ ବି କୌଣସି ପ୍ରାର୍ଥନା ଜଣାଇଲା ନାହିଁ । ବୋଧହୁଏ ତା ପାଇଁ ପ୍ରାର୍ଥନା କରୁଥିଲା ଆଉ ଜଣେ ।—ପାରିକୁଟ୍ଟୀ ।

Digitized by srujanika@gmail.com

ଦ୍ୱିତୀୟ ଖଣ୍ଡ

ଏଗାର

ନୂଆ ଗାଆଁଟିରେ ପହଞ୍ଚି କାରୁତାମ୍ମା ଭାବିଲା, ଏଠିକା ସମୁଦ୍ରଟା ବି ଭିନ୍ନ ପ୍ରକାରର ହୋଇଛି । ଏ ପାଣି ଆମ ଗାଆଁ ସମୁଦ୍ରର ପାଣି ପରି ନୁହେଁ । ଏ ସମୁଦ୍ରଟା ସ୍ଥିର ନୁହେଁ । ଏ ଭିତରେ ବଡ଼ ବିଷମ ସୁଅ ବୋହୁଛି । ଏ ସୁଅ କେତେବେଳେ ଉପରକୁ ବାହାରି ପଡ଼ିବ, କିଏ କହିବ ? ଏଠିକା ବାଲିଟା ବି ଭିନ୍ନ ରଙ୍ଗର ।

ନୂଆ ବୋହୂଟିକୁ ଦେଖିବାଲାଗି ପଡ଼ୋଶା-ଅଡ଼ୋଶାର ଲୋକେ ଆସିଲେ । କିଏ ଏକାଟିଆ ଆସିଲା ତ କିଏ ଆସିଲା ସାଙ୍ଗସୁଖଙ୍କୁ ନେଇ ଦଳ ବାନ୍ଧି । କାରୁତାମ୍ମା ବି ଆଗ୍ରହୀ; ସେ ସମସ୍ତଙ୍କ ମନରେ ଭଲ ଧାରଣା ଦେବ, ସମସ୍ତଙ୍କ ସହିତ ବନ୍ଧୁତା ବାନ୍ଧିବ । କିନ୍ତୁ ଲୋକେ ଯେ ତାଠାରୁ କଣ ଆଶା କରନ୍ତି ତାହା ସେ ଜାଣେନା । ଯେ ଆସିଲା ତା ଆଖି କାରୁତାମ୍ମା ଦେହ ମୁଣ୍ଡ ଘୃଣଆଡ଼ ଖୋଜିବୁଲିଲା । ବିଚାରୀ ବଡ଼ ବିବ୍ରତ ହୋଇପଡ଼ିଲା ।

ସାତ ପାହାନ୍ତିଆରୁ ପାଲନି ଦରିଆକୁ ଚାଲିଗଲା । ଏ ଋତୁଟାରେ ଭଲ ମେଞ୍ଜିଆ ପଡ଼ନ୍ତି । କାରୁତାମ୍ମା ଯେତେବେଳେ ଘରେ ଏକାଟିଆ ବସିଲା, ସେ ଉପଲବ୍ଧି କଲା ସେ ଗୋଟିଏ ଘରର ଘରଣୀ । ତା ଆଗରେ ବେଳାଏ କାମ ।

ତାର ନୂଆଘରେ ଥାଏ ମାତ୍ର ଦୁଇଟି ବୋଲି ହାଣ୍ଡି ଓ ଗୋଟିଏ ବୋଲି କାଠଡଙ୍କି । ଏ ଘରକୁ ସତରେ ଗୋଟିଏ ଘର କରି ଗଢ଼ିବାକୁ ହେଲେ ଆହୁରି ଅନେକ ଜିନିଷ ଦରକାର । ଘର ବୋଲି କାହାକୁ କହନ୍ତି ବିବାହ ପୂର୍ବରୁ ପାଲନିକୁ ତାହା ଜଣା ନଥିଲା । ବୋହୂଟିଏ ଆଣିଲେ ଘରକୁ କ କ ଜିନିଷ ଦରକାର ସେ କଥା କହିବାକୁ ବି ତାର କେହି ନଥିଲେ ।

ତାଙ୍କ କୁଡ଼ିଆର ଉତ୍ତର ପଟକୁ ଗୋଟିଏ ବୁଢ଼ୀର କୁଡ଼ିଆ । କାରୁତାମ୍ମା ସେହି ପଡ଼ୋଶାଘର ବୁଢ଼ୀ ପାଖକୁ ଯାଇ ବାସନକୁସନ ଦୁଇଟି ମାଗିଆଣିଲା । କରେଇଟିଏ ଆଣିଲା । ଟିକିଏ ପିଆଜ ତରକାରି କଲା । ଗଣ୍ଡେ ଭାତ ରାନ୍ଧିଲା । ପଡ଼ୋଶା ଘର ଶିଲରେ ହିଁ ଗରମମସଲା ଟିକିଏ ବାଟି ଆଣି ତରକାରିରେ ଦେଲା ।

ବୁଢ଼ୀ କହିଲା, "ମାଆ ଲୋ, ସେ ବିଚରା ପିଲାଲୋକ । ତୋ ହାତରେ ତା ଘର ଛାଡ଼ିଦେଇଛନ୍ତି । ସବୁ କଥା ତତେ ନିଜେ କରିବାକୁ ପଡ଼ିବ ।

Digitized by srujanika@gmail.com

ଗାଆଁ ମାଇପିଙ୍କ ଭିତରେ ନୂଆ ବୋହୂଟି ବିଷୟରେ ଆଲୋଚନା ପଡ଼ିଲା । କଳ୍ପନାଜଳ୍ପନା କରିବା ଲାଗି ଲୋକଙ୍କ ଆଗରେ ବହୁତ କାରଣ ରହିଥିଲା । ସେ ହେଉଛି ଏଭଳି ଜଣେ କେଉଟର ଝିଅ ଯାହାର ଦୁଇ ଦୁଇ ଖଣ୍ଡ ଡଙ୍ଗା ଅଛି । ଏଭଳି ଲୋକ କଣ ଖାଲି ଖାଲିରେ ଝିଅକୁ ବାହା କରାଇ ଦିଅନ୍ତି ?

ଜଣେ ମାଇପି କହିଲା, "ନାହିଁ ମ, ତା ବାପର ବୋଧେ ଡଙ୍ଗା କି ଜାଲ କିଛି ନାହିଁ ।"

କେଉଟୁଣୀ କୋଗ୍ନିକ୍ଳା କହିଲା ତା ନୁହଁ । ତା ମିଶିପ ଗଲା ଗୁଳାଗ୍ରେ ହରୁକୁନ୍ନାମ୍ ଯାଇଥିଲା । ସେତିକିବେଳୁ ସେ ଚେମ୍ବନ କୁଞ୍ଜୁ ଜାଣେ । "ତାର ଦି' ଦି' ଖଣ୍ଡ ଡଙ୍ଗା ଅଛି, ଜାଲ ଅଛି, ଟଙ୍କାପଇସା ବି ଅଛି । ଭାରି ଅବାଟାଳି ଲୋ ।"

କେଉଟୁଣୀ ଭାବୀ କୁଞ୍ଜୁ ପଚାରିଲା, "ସିମିତି ହେଲେ ପାଳନ ମେଁତେ ଗୋଟାକ ଘରକୁ ଝିଅ ପଠେଇଦଉଥିଲା କିମିତି କି ଲୋ ?"

"ମୁଁ ଭାବୁଛି ଝିଅଠେଇଁ କିଛି ଖୁଣ ଥିବ ।"—କେଉଟୁଣୀ ଏକଥା କହିଲା ।

ଏକଥା ଶୁଣି ଶୁଣି ମାଇପିଙ୍କ ଭିତରେ ଭୁଟ୍‌ଭାଟ ଆରମ୍ଭ ହୋଇଗଲା । କଥାଟା ଯେ କଣ, ତାହା ଠଉରାଇବା ଲାଗି ସମସ୍ତଙ୍କର ଆଗ୍ରହ । ମନେହେଲା କୋଥା ବୋଧହୁଏ ଏ ବିଷୟରେ କିଛି ଜାଣିଛି । ସବୁ ମାଇପି ତାକୁ ପଚାରିବସିଲେ, "ମରମ କଥାଟା ଟିକଏ ଖୋଲି କହୁନୁ ?"

କୋଥା କହିଲା, "ଏ ଟୋକୀ କିଛି ହେଲେ ଗୋଟେ କସୁରୁ କରିଥିବ । କିଛି କାରଣ ଥିବ କିମିତି ହେଲେ ତାଙ୍କ ଦରିଆକୂଳରୁ ଏ ଟୋକୀକୁ ବିଦା କରିଦେବେ ବୋଲି ସେମାନେ ଖୋଜୁଥିଲେ ।"

ସେମାନଙ୍କ ଭିତରେ ଜଣେ ବୟସ୍କା ମାଇପି ଥାଏ । ସେ ଏକଥା ଶୁଣି ଆଚମ୍ବିତ ହୋଇଗଲା । "ତା'ହେଲେ ଏ ଟୋକୀ ଆଇଚ ଆମ ଦରିଆକୂଳଟାକୁ ଉଜାଡ଼ କରିଦବ !" କହି ସେ ଗୁଣ୍ଡି ପିଟିହେଲା ।

ସମସ୍ତେ କୋଥାକୁ ପଚାରିବସିଲେ । ସେ ଆଉ କିଛି କହିଲା ନାହିଁ । ସେଦିନ ସନ୍ଧ୍ୟା ହେବା ବେଳକୁ କାରୁତାମ୍ମା ଏକ ରହସ୍ୟାବୃତ ଚରିତ୍ରରେ ପରିଣତ ହୋଇସାରିଥିଲା । ସମସ୍ତେ ଭାବି ସାରିଥିଲେ ଯେ ତା ଭିତରେ ଏକ ନିଗୂଢ଼ ରହସ୍ୟ ଲୁଚିରହିଛି । ଘରେ ଘରେ କେବଳ ତାହାର ଚର୍ଚ୍ଚା ପଡ଼ିବାକୁ ଲାଗିଲା ।

କାମଦାମ ଶେଷ କରି କାରୁତାମ୍ମା ମାଆ କଥା ଭାବିବସିଲା । ମାଆ ଅବସ୍ଥା କିପରି ଥିବ ? ମାଆ ବେମାର ପଡ଼ିଥିବାବେଳେ ତାକୁ ଛାଡ଼ି ଚାଲିଆସିବାଟା କଣ ଠିକ୍ ହେଲା ?

ବାପାଙ୍କ କଥାଗୁଡ଼ାକ କାନରେ ଆସି ଦୋହୋରେଇ ହେଲା—"ଆଜିଠୁ ସିଏ ଆଉ ମୋ ଝିଅ ନୁହଁ ।"

ବାପାଙ୍କୁ ସେ ଭଲ ଭାବରେ ଜାଣେ । ଯେତେ ଦୂର ସମ୍ଭବ ସେ ଆଉ ତାକୁ କେବେ ହେଲେ ଝିଅ ବୋଲି ଗ୍ରହଣ କରିବେ ନାହିଁ । କାରୁତାମ୍ମା ମନରେ ଭୟହେଲା ଯେ ତାଙ୍କ

Digitized by srujanika@gmail.com

ଗାଆଁ ଲୋକେ ତାକୁ ଦୋଷ ଦେଉଥିବେ, ଗାଳି ବି କରୁଥିବେ । କିନ୍ତୁ ସେ ଜାଣେ ତା ମାଆ ତା ଉପରେ ସନ୍ତୁଷ୍ଟ; ସେ ତାକୁ ଆଶୀର୍ବାଦ ଦେଉଛି ।

ତା ପାଇଁ ତା ମାଆ କେତେ ଦୁଃଖକଷ୍ଟ ନସହୁଛି ! ସବୁ ମାଆଙ୍କର କପାଳ ଏଇଆ । ଏସବୁ କଥା ନେଇ ବାପା କେବଳ ମାଆକୁ ହିଁ ଗାଳିକରୁଥିବେ । ବର୍ତ୍ତମାନ ବି ତା ପାଇଁ ମାଆକୁ କଷ୍ଟ ସହିବାକୁ ପଡ଼ିବ ।

କାରୁତାମ୍ମା ତା ଭବିଷ୍ୟତ କଥା ଭାବି ବସିଲା । ନିଶ୍ଚିତ କଣ ସେ ଜାଣିଥିଲା । ଅବଶ୍ୟ କୌଣସି ଦିନ ସେ ବଡ଼ ଜିନିଷର ପ୍ରୟୋଜନୀୟତା ଉପଲବଧି କରି ନଥିଲା । ବଡ଼ ଆଶା ତାର ନଥିଲା, ତଥାପି ଅଭାବ କଣ ସେ ଜାଣି ନଥିଲା । କିନ୍ତୁ ସେ ଆଜି ସେସବୁକୁ ପରିତ୍ୟାଗ କରିଦେଇ ଆସିଛି, ନିଶ୍ଚିତକୁ ପଛରେ ପକାଇ ଦେଇ ସେ ଚାଲିଆସିଛି । ତାର ନୂଆ ଜୀବନଟା କିପରି ହେବ କିଏ କହିବ ।

ଖାଇବା ପିଇବାକୁ ମିଳିବ ନା ନାହିଁ ? ପିନ୍ଧିବାକୁ ଦିଖଣ୍ଡ ଲୁଗା ? ଦେହରେ ଲଗାଇବାକୁ ଟିକିଏ ତେଲମାଲିସ ? ଟିକିଏ ମନ ଖୋଲି ହସିପାରିବନି ? ଟିକିଏ ଶାନ୍ତିରେ, ସୁଖରେ ନିଃଶ୍ୱାସ ମାରିପାରିବନି ? ସବୁ ଅନିର୍ଦ୍ଦିଷ୍ଟ, ସବୁ ଅନିଶ୍ଚିତ ।

ଦିନ ଥିଲା, ତାକୁ ଜଣେ ଭଲପାଉଥିଲା । ଯାହା ସହିତ ସେ ଚାଲିଆସିଛି, ସେ ଲୋକ ତାକୁ ଭଲ ପାଇବେ ତ ? ସେ ଲୋକ ବିଷୟରେ କୌଣସି କଥା ଜାଣେନି ।

ତା ମାଆ ଯେତେବେଳେ ରୋଗଶଯ୍ୟାରେ ଅସହାୟ ଅବସ୍ଥାରେ ପଡ଼ିଥିଲି, ଏ ଲୋକ ସେତେବେଳେ ମାଆର ଅବସ୍ଥା ଦେଖି ମଧ୍ୟ ନିତାନ୍ତ ରୁକ୍ଷ, ଅମନୁଷ୍ୟ ବ୍ୟବହାର ଦେଖାଇଲେ । ସେ କିଭଳି ଲୋକ ହୋଇ ନପାରନ୍ତି ? ସେ ବିଗୃଷ୍ଟ କି ପ୍ରକାର ବ୍ୟବହାର କଲେ ଏଭଳି ଲୋକଠାରୁ ଭଲପାଇବା ଟିକିଏ, ସ୍ନେହ ଶ୍ରଦ୍ଧା ଟିକିଏ ପାଇପାରିବ ଏବଂ ସେ ଭଲପାଇବା ଟିକିକ ଆଶାବନ ମିଳିପାରିବ ତ ?

ଏହି ଲୋକଟି ବ୍ୟତୀତ ତାର ବୋଲି ଆଉ କେହି ନାହିଁ । ତାଙ୍କର ଇଚ୍ଛା-ଅନିଚ୍ଛା ହିଁ ତା ଜୀବନର ଏକମାତ୍ର ଅବଲମ୍ବନ । କିନ୍ତୁ ଏ ଲୋକର କେଉଁଥିରେ ଯେ ଇଚ୍ଛା, କେଉଁଥିରେ ବା ଅନିଚ୍ଛା ତାହା ସେ ବିଗୃଷ୍ଟ ଜାଣେନା ।

କାରୁତାମ୍ମା ସବୁ ଦୁଃଖ ସହିବାକୁ ପ୍ରସ୍ତୁତ । ହଜାର ହଜାର କେଉଟୁଣୀ ତ ବଞ୍ଚିଛନ୍ତି; ଦୁଃଖକଷ୍ଟ ଭୋଗୁଛନ୍ତି, ମରୁଛନ୍ତି । ସେ ବି ସେମାନଙ୍କ ମଧ୍ୟରେ ଜଣେ ହୋଇଯିବ । ତାର ସେହି ଇଚ୍ଛା । ସେ ଦରିଆଠାକୁରାଣୀଙ୍କୁ ପ୍ରାର୍ଥନା କଲା । ତା ଜୀବନରେ କୌଣସି ଅସାଧାରଣ କଥା ନଘଟୁ । ସବୁ କେଉଟୁଣୀ ଯେପରି ଜୀବନ କଟାଇ ଦେଉଛନ୍ତି, ସେ ବି ସେପରି ଜୀବନ କଟାଇଦେବ । କିନ୍ତୁ କାରୁତାମ୍ମାର ଭୟ; ଅନ୍ତତଃ ସେତକ ହୋଇପାରିବ ତ ?

ପାଲିନି ଯଦି ତାକୁ ଭଲ ପା'ନ୍ତା, କେବଳ ସେତିକରେ ତାର ସବୁ ଆଶା ମେଣ୍ଟିଯାନ୍ତା । ତାର କେବଳ ଏହି ଅଭିଳାଷ । କିନ୍ତୁ ଏପରି ଅଭିଳାଷ କରିବା କଣ ଉଚିତ ? ତା ମନରେ ସନ୍ଦେହ ଉପୁଜିଲା ।

Digitized by srujanika@gmail.com

ପ୍ରେମ ଯେ କଣ ତାହା କାରୁତାମ୍ମା ଜାଣେ । ପ୍ରେମର ବେଦନା ସେ ଅନୁଭବ କରିସାରିଛି । ସେ କଣ ପ୍ରେମର ଆନନ୍ଦ ଲାଭକରି ପାରିବ ?

ଦ୍ୱିପହର ବେଳକୁ ପାଲନି ଦରିଆରୁ ଫେରିଲା । ଅତି ସାବଧାନରେ, ଜୀବନରେ ଏହି ପ୍ରଥମ ଥର ପାଇଁ କାରୁତାମ୍ମା ତା ପାଇଁ ଭାତ ବାଢ଼ିଦେଲା । ଏ ଭାତ ତିଅଣ ତାକୁ ସୁଆଦ ଲାଗିବ ତ ? ପାଲନି ଖାଇବସିଲା । ଜଣାଗଲା ଆରମ୍ଭରୁ ହିଁ ଖାଇବା ଗଣ୍ଡିକ ତାକୁ ସୁଆଦ ଲାଗିଲା । ଯାହାହେଉ ଭଲହୋଇଛି । ରୋଷେଇଘର କବାଟ ଆଢ଼ୁଆଳରେ ଠିଆହୋଇ ପାଲନିକୁ ଯାହାସବୁ କହିବାକୁ କାରୁତାମ୍ମା ଭାବିଥିଲା, ସେ ସବୁ ଗୋଟି ଗୋଟି କରି କହିବସିଲା । ପାଲନି ତାକୁ ଭଲପାଉ କିମ୍ବା ପାଲନି ତାକୁ ଭଲ ପାଇଲେ ସେ ପାଲନିକୁ ଭଲପାଇବ ଏକଥା ସେ କିପରି କହନ୍ତା ? କହିଲା, ଘରେ ହାଣ୍ଡି ନାହିଁ କି କରେଇ ନାହିଁ । ଚୁଲିରେ ବହୁତ ଗୋଡ଼ । କୁଲାଟିଏ କି ଚାଲୁଣିଟିଏ ନଥିବାରୁ ଭଲକରି ଗୋଡ଼ ବାଛିହେଲା ନାହିଁ । ଓଳି ବୋଲି ଗୋଟିଏ, ପଡ଼ିଶାଘରୁ କରେଇଟିଏ ମାଗି ଆଣି ତରକାରି ଟିକିଏ କରିଦେଇଥିଲା । ସେଥିପାଇଁ ଭଲ ହୋଇ ନଥିବ । ଶେଷକୁ କହିଲା, "ହାଣ୍ଡି, କରେଇ ଯାହା ଯାହା ଦରକାର, ସବୁ ଆମର କିଣି ପକେଇବା ।"

ପାଲନି କହିଲା, "ହଉ, ସବୁ ଆଣିବା ଯେ, ଇମିତି କହୁ କହୁ ତ ସବୁ ପଲେଇଆସିବନି ।"

"ହଁ, ତା ନୁହଁ କଣ । ଧୀରେ ଧୀରେ ଗୋଟି ଗୋଟି କରି କିଣିବାକୁ ପଡ଼ିବ ।"

ବଡ଼ା ହୋଇଥିବା ଭାତଗଣ୍ଡିକ ପାଲନି ଖାଇସାରିବା ବେଳକୁ କାରୁତାମ୍ମା ଦୋଅଡ଼ି ଭାତ ପରଷିଦେଲା । "ସେତିକି ଥାଉ, ବୋଲି କହୁ କହୁ ବି ଆହୁରି ଓଳିଏ ଭାତ ଦେଇଦେଲା । ତାହା ହିଁ ପରଷିବାର ନିୟମ ।

ପାଲନି କହିଲା, "ମତେ ବହୁତଗୁଡ଼େ ଭାତ ଦେଇଦେଲୁ ।"

"ସେଥିରେ କଣ ଅଛି, ଯଦି କିଛି ବଳିପଡ଼ିବ, ମୁଁ ଖାଇଦେବିନି ।"

କିଛି ସମୟ ପରେ ସେ ଟିକିଏ ସାହସ ପାଇଲା । ପଚାରିଲା, "ତରକାରିଟା କଣ ଖରାପ ହୋଇଯାଇଛି ? ନା, ତୁମକୁ ଏ ରନ୍ଧାବଢ଼ା ସୁଆଦ ଲାଗିଲାନି ?"

"ତରକାରିଟା ବଢ଼ିଆ ହୋଇଛି । ମୁଁ ବହୁତ ଗୁଡ଼ାଏ ଖାଇଦେଲି ।"

"ଏତିକି ବହୁତ ହେଇଗଲା ? ମୋ ମା'ଲୋ !"

"ନାହିଁ ଲୋ; ମୁଁ ଏତେ ଖାଏନି ମ ।"

"ଭଲକରି ଦି'ଟା ଖାଇବ ନା । ନ ଖାଇଲେ ମୁଁ ଜବରଦସ୍ତ ଖୋଇଦେବି ନି ।" କହି ଭାର୍ଯ୍ୟାସୁଲଭ ହସଟିଏ ହସିଦେଲା କାରୁତାମ୍ମା ।

ପାଲନି ମୁହଁରେ ବି ହସ ଖେଳିଗଲା । ଖୁସିର ହସ, କାରୁତାମ୍ମାର ବେଦନା-ବିଦଗ୍ଧ ହୃଦୟକୁ ବଡ଼ ଆନନ୍ଦ ଦେଲା ସେ ହସଟିକିକ ।

ସ୍ୱାମୀର ଥାଳିରେ ଆଉ ଗଣ୍ଡିଏ ଭାତ ବାଢ଼ିଆଣି ସେ ନିଜେ ଖାଇବସିଲା । ପାଲନି ହାତ

Digitized by srujanika@gmail.com

ମୁହଁ ଧୋଇ ସାରି ବଡ଼ ଖଣ୍ଡେ ଲଗାଇଲା । ବଡ଼ି ଖାଉ ଖାଉ ଗ୍ରେଷେଇ ଘର ପାଖକୁ ଆସି ବସିପଡ଼ିଲା କାରୁତାମ୍ମା ପାଖରେ ।

"ମୁଁ ଭାତ ବାଢ଼ିଦେବି ।"

କିଛି କହିଲା ନାହିଁ କାରୁତାମ୍ମା । ଏକ ଲୀଳାନନ୍ଦମୟ ଜଗତରେ ପ୍ରତିଷ୍ଠିତ ହୋଇଯିବା ଲାଗି ତାର ହୃଦୟ-କଳିକା ଉଲ୍ଲସିତ ହୋଇଉଠିଲା ।

"ଆଲୋ, ଏତେ କାଲୁ । କିନ୍ତୁ ତୁ ତ କାହିଁ ଭଲକରି ଦ'ଟା ଖାଇଲୁନି ?"

"ମୋ ପେଟ ପୂରିଗଲାଣି ।"

ପାଲାନି ଯାଇ ହାଣ୍ଡି ଦେଖିଲା ।

"କଣ, ଭାତ ନଅଣ୍ଟ ହେଲା କଲେ ?"

"ଭାତ ଅଛି ମ; ମୋର ଆଉ ଲୋଡ଼ା ନାହିଁ ।"

"ନାହିଁ, ନାହିଁ; ଏତକ ଖାଇଲେ ଚଳିବନି ।"

ପାଲାନି ତାକୁ ଆଉ ଗଣ୍ଡିଏ ଭାତ ଆଣିଦେଲା । କାରୁତାମ୍ମା କହିଲାଗିଥାଏ, "ବାସ୍, ବାସ୍, ହେଇଯିବ, ହେଇଯିବ ।" ତଥାପି ସେ ସବୁତକ ଭାତ ଖାଇଦେଲା ।

ଘରର ସ୍ତ୍ରୀ ଭାବରେ କାରୁତାମ୍ମା ତା'ର ନୂଆ ଜୀବନ ଆରମ୍ଭ କରୁଥିଲା । ତା ପ୍ରତି କେହି ପ୍ରେମାବିଷ୍ଟ ହେଉ ବା ନହେଉ, ଜଣେ ସୁଗୃହିଣୀ ରୂପରେ ତାର ଜୀବନ ଆରମ୍ଭ ହେଉଥିଲା ।

ଖାଇପିଇ ସାରି କାରୁତାମ୍ମା ବାସନକୁସନ ଧୋଇବସିଲା । କାମଦାମ ସରିବା ପରେ ଯାଇଁ ଗ୍ରେଷେଇ ଘରୁ ବାହାରିଲା ।

"ହଁ, କେଉଁ କେଉଁ ଜିନିଷ କିଣିବାକୁ ପଡ଼ିବ କହିଲୁ ?" ପାଲାନି ପଚାରିଲା । ସେ ବି ତ ଜଣେ ଗୃହସ୍ଥ ହେଲାଣି ।

"କିଣାକିଣି କରିବା ଲାଗି ପଇସା କେତେ ଅଛି ଦେଖିଲ ?"

ପାଲାନି ତାର ଗ୍ରେଟ ଗାଣ୍ଠିଆଟି ବାହାର କରି ପଇସା ଗଣିବସିଲା । ସବୁ ମିଶି ହେଲା ମୋଟେ ଚାରି ଟଙ୍କା । ସେଦିନର ଆୟବ୍ୟୟ କଥା ପଡ଼ିଲା । ବେଶି ମାଛ ପଡ଼ିନଥିଲେ ସେଦିନ । ବାହାଘରପାଇଁ ପାଲାନି କିଛି ଟଙ୍କାପଇସା ଧାର କରିଥିଲା । ସେ ଦିନର ଆୟ ଟଙ୍କାରୁ ଧାର ଟଙ୍କାଟା ଶୁଝିଦେବା ପରେ ଏଇ ଯାହା ବଳିଛି ।

"ତମର ଏଇଠି ମାଛବିକା ଟଙ୍କା କିମିତି ଭାଗ କରୁଛ କି ?"— କାରୁତାମ୍ମା ପଚାରିଲା ।

ଅଧା ଅଧା; ମାଝିମାନଙ୍କର ଅଧା, ମାଲିକର ଅଧା ।

ଆମର ସେଇଠି ମାଝିମାନଙ୍କର ଦଶଣା ଭାଗ । ତେମେସବୁ ଏଇଠି ବି ସିମିତି ମାଗୁନା ?"

କଥାରେ ବିଶେଷ ଗୁରୁତ୍ୱ ନଦେଇ ପାଲାନି କହିଲା, "ଏଇଠି ଆମର ଇମିତି ଚଳୁଛି ।'

ଚେମ୍ବନ କୁଞ୍ଜୁ କପରି ଦରିଆକୂଳର ସବୁ ମାଝିଙ୍କୁ ଏକାଠି କରି ମେଳ ବାନ୍ଧିଲା, ଶେଷକୁ

Digitized by srujanika@gmail.com

ସେମାନେ କପର ଦଶଣା ଖଗ ପାଇଲେ କାରୁଡାମ୍ଭା ସେସବୁ ବର୍ଣ୍ଣନା କରବସିଲ୍ଲ ।

ପାଲାନ କହ୍ଲ, "ଆମର ଏଠି ସେସବୁ ଚଳବନ ।" ତାପରେ ସେ ପୁଣି ପଗ୍ଭରବସିଲ, "କୋଉଁ କୋଉଁ କନଷ ନଡାନ୍ତ ଦରକାର ଆଗ କହ୍ଲୁ ?"

କାରୁଡାମ୍ଭା ପଗ୍ଭରଲ, "ତେମେ କଣ ଏଇନେ ଆଣିବାକୁ ଯିବ ?

"ହଁ ।"

"ଟିକଏ ଗଡ଼ପଡ଼ ହୁଅ । ଏଇନେ ତ ଦରଆରୁ ଫେରଲ୍ଲ ଆସୁ ଆସୁ ଇମିତ ପଳେଇ ଯାଅନ, ଲୋକେ କହ୍ବେ ଯେତେ ଘରକୁ ଆସୁ ଆସୁ ହାଣ୍ଡିକୁଣ୍ଡି ଆଣିବା ଲାଗି ମୁଁ ତୁମକୁ ବଜାରକୁ ଦଉଡ଼େଇଲଣି । ଟିକଏ ଶୋଇପଡ଼, ତାପରେ ଯିବ । ସନ୍ଧ୍ୟାବେଳକୁ ଯିବ ।"

କଥାଟା ପାଲାନ ମନକୁ ପାଇଲ୍ଲ । ମସିଣା ଖଣ୍ଡିଏ ପାର ଶୋଇପଡ଼ି ଡାକଲ, "କାରୁଡାମ୍ଭା ।"

କାରୁଡାମ୍ଭା ବୋଧହୁଏ ଏହ୍ୱ ଡାକର ପ୍ରତୀକ୍ଷାରେ ରହ୍ଥିଲ୍ଲ । ସ୍ୱାମୀର ଡାକ ଶୁଣି ସେ ଓ କଲ୍ଲ ।

"ଟିକଏ ଏଠିକି ଆସ"—ପାଲାନ କହ୍ଲ ।

ସେ ଲଜ ଲଜ ହୋଇ ସ୍ୱାମୀ ପାଖକୁ ଆଗେଇଗଲ୍ଲ । ତାର ଇଚ୍ଛା ସେ ମନପ୍ରାଣ ଦେଇ ସତୀସ୍ୱାଧୀ ସ୍ତ୍ରୀର ଆଦର୍ଶ ନେଇ ଚଳବ ।

ଗ୍ରୀବ ଉପରକୁ ଟାଣି ନେଇ ଦୁଇଟି ସବଳ ବାହୁର ବନ୍ଧନ ଭିତରେ ପାଲାନ ତାକୁ ଚାପି ଧରଲ୍ଲ । କାରୁଡାମ୍ଭାର ନିଃଶ୍ୱାସ ବନ୍ଦହୋଇଗଲ୍ଲ ପରି ବୋଧହେଲ୍ଲ । ଆଖି ଦୁଇଟି ବୁଜି ହୋଇଆସିଲ୍ଲ । ଆବେଗ-ବହ୍ୱଳା ହୋଇ ସେ ଲୋଟିପଡ଼ିଲ୍ଲ ।

ପାଲାନ ଗ୍ରୀବ ଉପରେ ଏକଦା ସେ ଜଣେ ପୁରୁଷକୁ ପ୍ରେମ କରଥିଲା, ପ୍ରେମର ପ୍ରତଦାନ ବ ପାଇଥିଲ୍ଲ । କନ୍ତୁ ପୁରୁଷ ଅଙ୍ଗର ସ୍ପର୍ଶ-ସୁଖ ସେ କେବେ ପାଇନଥିଲ୍ଲ । ସେହ୍ୱ ସ୍ପର୍ଶ ଟିକଏ ପାଇବା ଲାଗି ମନ ତାର ନିଶ୍ଚୟ ଆକୁଳ ହୋଇଥିବ, କନ୍ତୁ ସେ କୌଣସି ଧନ ଏହ୍ୱ ପ୍ରଲୋଭନ ପାଖରେ ଆତ୍ମବଳୀ ଦେଇନଥିଲ୍ଲ । ଆଜି ସେ ବବାହ୍ତା । ସ୍ୱାମୀର ଅଧିକାର ନେଇ ଜଣେ ପୁରୁଷ ଆଜି ତାକୁ ବାହୁବନ୍ଧନ ଭିତରେ ନିବଡ଼ ଭାବରେ ଚାପି ଧରଛୁ । ତେଣୁ ସେ କୌଣସି ପ୍ରକାର ବାଧା ନଦେଇ ସ୍ୱାମୀଙ୍କ ଆଲିଙ୍ଗନ ନିକଟରେ ସମ୍ପୂର୍ଣ୍ଣ ଆତ୍ମନିବେଦନ କରଦେଇଛୁ । ସେ ଜଣକୁ ଭଲପାଇଥିଲ; କନ୍ତୁ ପୁରୁଷର ବାହୁବନ୍ଧନ ଭିତରେ ନିବଡ଼ ଆଲିଙ୍ଗନରେ ଆବଦ୍ଧ ହୋଇ ରହ୍ବାର ରୋମାଞ୍ଚକର ଅନୁଭୂତ ସେ ପାଇଲ୍ଲ ଅନ୍ୟ ଜଣେ ପୁରୁଷଠାରୁ । ବର୍ତ୍ତମାନ ସେ ଏହ୍ୱ ପୁରୁଷଟିର ସ୍ତ୍ରୀ । ତାର ଶରୀରଟି କେବଳ ଏହ୍ୱ ପୁରୁଷ ପାଇଁ ଉଦ୍ଦିଷ୍ଟ । କେବଳ ଏହ୍ୱ ପୁରୁଷଟିର ନୈବେଦ୍ୟ ପାଇଁ ସେ ତାର ଶରୀରକୁ ଏପର୍ଯ୍ୟନ୍ତ ଶୁଚବନ୍ତ କର ରଖିଆସିଥିଲ୍ଲ ଏବଂ ଏପର ସେବା ପାଇଁ ନିଜ ଶରୀରକୁ ସେ ଆଜୀବନ ପବିତ୍ର କର ରଖିବ ।

କେତେ ସମୟ୍ ଧରି ଯେ କାରୁଡାମ୍ଭା ସ୍ୱାମୀର ଆଲିଙ୍ଗନ ଭିତରେ ଆତ୍ମବିସ୍ମୃତ ହୋଇ

Digitized by srujanika@gmail.com

ରହିଥିଲେ ସେ ଜାଣେନା । ନବଯୌବନର ଜ୍ୱାଳା ଓ ମାଦକତା ଭିତରେ ନିମଜ୍ଜିତ ହୋଇ ରହିଥିଲେ ଦୁଇଟି ପ୍ରାଣ । ପ୍ରେମର ଉଚ୍ଛ୍ୱାସ ପ୍ରବାହିତ ହେଉଥିଲା ବନ୍ଧ ଭାଙ୍ଗି ମାଡ଼ି ଚାଲିଥିବା ଏକ ପ୍ରବଳ ସ୍ରୋତ ପରି ।

ପ୍ରେମଲୀଳାର ସମାପନ ପରେ ନିଜକୁ ଫେରିପାଇ କାରୁତାମ୍ମା ଲଜ୍ଜା ଓ ଭୟରେ ବୁଡ଼ିଗଲା । ସେ ଅସ୍ପଷ୍ଟଭାବରେ ଏଣ୍ଡେତେଣ୍ଡେ ଗୁଡ଼ାଏ କଥା କହିପକାଇଲା । ତଥାପି ଗୋଟିଏ ଅଜ୍ଞାତ ଭୟ ତାକୁ ଚାପିଧରିଲା । ଏସବୁ କି ପାଗଳାମି କଲା ସେ ? ଲାଜସରମ ଛାଡ଼ିଦେଲା କିପରି କି ? ଏସବୁ କଣ ସ୍ତ୍ରୀସୁଲଭ କାମ ହେଲା ? ସ୍ୱାମୀ ତାକୁ କଣ ବୋଲି ନଭାବୁଥିବେ ଭଲା ?

କାରୁତାମ୍ମାର ଭୟହେଲା ଯେ ସେ ଯାହା ଯାହା ସବୁ କଲା, ସେଗୁଡ଼ାକ ଭୁଲ । ତାର ସବୁ ଗୋପନୀୟତା ଖୋଲିଗଲା । ପାଲିନି ଜଣେ ଅପରିଚିତ ପୁରୁଷ; ନିଜେ ଜଣେ ସ୍ତ୍ରୀ ହୋଇ ଏପରି ଲାଜ-ସରମ ଛାଡ଼ି ପାଲିନିର ଆଲିଙ୍ଗନ ଭିତରେ ବିନାବାଧାରେ ଆତ୍ମହରା ହୋଇଯିବା କଣ ତାର ଠିକ୍ ହେଲା ? ସେ ତାର ସ୍ୱାମୀ ହେଲେ; ଏଇଟା ପରା ପ୍ରଥମ ଦିନ ! ବିଗ୍ରୁଷ ଲାଜମହତ ଜଗି ଚଳିଆସିଥିଲା । ଜୀବନ ଥିଲା ତାର ପବିତ୍ର, ନିଷ୍କଳଙ୍କ । ବର୍ତ୍ତମାନ ତାର ମନରେ ଏକ ଭୟାନକ ପ୍ରଶ୍ନ ଉଠିଲା; ସ୍ୱାମୀ ଯଦି ତାର ଚରିତ୍ର ନେଇ କିଛି ପଚାରି ଦିଅନ୍ତି ? ସମସ୍ତ ଜୀବନ ତାର ଜଳପୋଡ଼ି ଧ୍ୱଂସ ହୋଇଯିବ । ସ୍ୱାମୀ ଯଦି ପଚାରିଦେଇପାରନ୍ତି, "ତୋର ତାହେଲେ ଏସବୁଥିରେ ବହୁତ ଆଗରୁ ଅଭ୍ୟାସ ଅଛି—ନାହିଁ କି ?"

"ନା, ସତ କହୁଛି, ଏସବୁ ମୋଟେ ଜାଣେନି । ମତେ ବିଶ୍ୱାସ କର ।"—ଅତ୍ୟନ୍ତ ବିଶ୍ରସ୍ତ ଭାବରେ ସେ ଏହି ଉତ୍ତର ହିଁ ଦେବ । କିନ୍ତୁ ସ୍ୱାମୀ ଏକଥା ବିଶ୍ୱାସ କରିବେ ତ ?

ତା ପରି ଗୋଟିଏ ଝିଅ ମନରେ ଏତେ ପ୍ରେମାବେଗ, ଏତେ କାମନା ଯେ କିପରି ଆସିଲା ତାହା ସେ ବୁଝିପାରିଲା ନାହିଁ । ସେ ଜଣେ ସ୍ତ୍ରୀ । ନିଜର ନାରୀତ୍ୱ ସମ୍ବନ୍ଧରେ ସେ ସଚେତ ଏବଂ ପୁରୁଷର ପୁରୁଷତ୍ୱ ସମ୍ବନ୍ଧରେ ବି ସେ ସଚେତ । ସମ୍ଭବତଃ ପ୍ରେମାଲିଙ୍ଗନର ମାଦକତାରେ ଉଦ୍ବୁଳିତ ହୋଇଉଠିଲା ତାର ନାରୀତ୍ୱ ।

କିନ୍ତୁ କାରୁତାମ୍ମା ଯେଉଁ ଆଶଙ୍କା କରୁଥିଲା ତାହା ଘଟିଲା ନାହିଁ । ପାଲିନି ସେଭଳି କୌଣସି ପ୍ରଶ୍ନ ପଚାରିଲା ନାହିଁ । ପାଲିନି କହିଲା, "ନା ଡେରି ହଉଛି; ଏଥର ଯିବ । କଣ କଣ ଆଣିବ କହିଲୁ ।"

"ଯୋଉଁତିକ ପଇସା ଅଛି, ତାକୁ ଦେଖି ଯାହା ଯାହା ହଉଛି, ଆଣ ।"—କାରୁତାମ୍ମା କହିଲା ।

ତାପରେ ଯେଉଁ ଜିନିଷ ତାର ନିତାନ୍ତ ଦରକାର ତାହା କହିବସିଲା । କିନ୍ତୁ ସେଗୁଡ଼ିକର ସଂଖ୍ୟା ବି ବହୁତ ହୋଇଗଲା ।

ଘରେ ଏକାଟିଆ ବସି ବସି କାରୁତାମ୍ମା ପାରିକୁଟ୍ଟୀ ବିଷୟ ଭାବିବାକୁ ଲାଗିଲା । ବିଚରାର ମନ ହତାଶାରେ ଭାଙ୍ଗି ପଡ଼ିଥିବ । ମାଆ ତ ବେମାର ପଡ଼ିଛି । ତାଙ୍କ ଟଙ୍କା ବୋଧହୁଏ ଆଉ ଫେରିବେଇହେଲେ ଶୁଝି ହେବ ନାହିଁ । ସେ ହିଁ ତାଙ୍କର ସର୍ବସ୍ୱ ନଷ୍ଟକରିଦେଲା ।

Digitized by srujanika@gmail.com

ସେ ଜଣେ ପୁରୁଷର ସ୍ତ୍ରୀ ହୋଇ ଅନ୍ୟ ଜଣେ ପୁରୁଷର କଥା ବିଚାର କରୁଛୁ । ଏଇଟା କଣ ଉଚିତ ? କିନ୍ତୁ ତାର ମନ ଭିତରୁ କେହି ଯେପରି କହୁଥାଏ—ତୁ କୌଣସି ଦିନ ପାରକୁଞ୍ଚୀକୁ ଭୁଲିପାରିବୁନି । ତା ସ୍ମୃତି ତତେ ଜୀବନ ସାରା ଘାରିବ ।

ହାଣ୍ଡିକୁଣ୍ଡି, ଡେକଚି, ଡଙ୍କି ଇତ୍ୟାଦି ଧରି ପାଲାନି ବଜାରରୁ ଫେରିଲା । ଘରକୁ ଫେରିବା ବାଟରେ ସାଙ୍ଗସାଥୀମାନେ ଥଟ୍ଟା-ତାମସା କଲେ । ଘରେ ଏଣେ ଜିନିଷଗୁଡ଼ାକ କାରୁଡାମ୍ମା ଖୁଣିବସିଲା । ହାଣ୍ଡିଟା ମୋଟେ ଭଲ ହେଲା ନାହିଁ । ଯିମିତି କରେଇଟେ ଆସିଛୁ, ସିମିତି କରେଇ ସେ ଚାହୁଁ ନଥିଲା । ଏ ସମ୍ବନ୍ଧରେ ତାର କେତେ ଅଭିଜ୍ଞତା ଓ ଅଧିକ ଜ୍ଞାନ ଅଛି ସ୍ତ୍ରୀ ତାହା ସ୍ୱାମୀ ଆଗରେ ପ୍ରକାଶ କରିଦେଲା ।

ପାଲାନି କହିଲା, "ଏ ହାଣ୍ଡି-କରେଇ କଥା ମୁଁ କଣ ଜାଣେ କହିଲୁ ଭଲା ?" ଦୁନିଆଁର ସବୁ ସ୍ୱାମୀଙ୍କର ଭୂମିକା ଏଇଆ । କାରୁଡାମ୍ମା ହସିଲା । କହିଲା ଥଟ୍ଟା କରିବା ଲାଗି ସେ ସେପରି ଖୁଣ୍ଟୁଥିଲା ।

ସେଦିନ ରାତିତମାମ ଦିହେଁ ଶୋଇନାହାନ୍ତି । ଦିହିଙ୍କ ଭିତରେ କୁହାକୁହି ହେବା ଲାଗି ବହୁତ କଥା ଥିଲା । ଦାମ୍ପତ୍ୟ-ଜୀବନ ଲାଗି କେତେ କଥା ଲୋଡ଼ା ନୁହେଁ । ଇଏ ତ ମୂଳଦୁଆ ମାଡ଼ ପଡ଼ୁଛି । କଥାଭାଷା ହେଉ ହେଉ ଅପରିଚିତ ଅବସ୍ଥାର ଭୟ ସଙ୍କୋଚ ଦୂରହୋଇଗଲା । କାରୁଡାମ୍ମା ପଚାରିଲା, "ମୋ ମାଆ ତେଣେ ବେହୋସ ହୋଇ ପଡ଼ିଥିଲେ, ଇମିତି ଅବସ୍ଥାରେ ତେମେ ମତେ ନେଇଆସିଲ କାହିଁକି ?"

ପ୍ରଶ୍ନଟା ପାଲାନିକୁ ଟିକିଏ ଅଡୁଆ ଲାଗିଲା । ତଥାପି ସେ ସତ କଥାଟା କହିଦେଲା— "ବାହା ପରେ କନିଆଁକୁ ଗୁଡ଼ି ଆସିବା ମରଦପଣିଆ ନୁହେଁ, ଗୁଡ଼ିଆସିବା ଠିକ୍ ହୁଅନ୍ତାନି ।"

ପାଲାନି ସେ ଦିନର ସମସ୍ତ ଘଟଣା ବର୍ଣ୍ଣନା କରିଗଲା । ଯେଉଁମାନେ ବରଯାତ୍ରୀ ହୋଇ ତା ସହିତ ବାହାଘରକୁ ଯାଇଥିଲେ, ସେମାନଙ୍କର ମତ ନଥିଲା ଯେ ସେ ତା କନିଆକୁ ବାପଘରେ ଗୁଡ଼ି ଆସୁ । ତେଣୁ ତାକୁ ବାଧ୍ୟ ହୋଇ ସେପରି କରିବାକୁ ପଡ଼ିଲା । ତାପରେ ସେ ଟିକିଏ ସଙ୍କୁଚିତ ହୋଇ ପଚାରିଲା, "ଆଚ୍ଛା, ତୋର କଣ ମୋ ସାଙ୍ଗରେ ଆସିବାକୁ ଇଚ୍ଛା ନଥେଲା ?"

କାରୁଡାମ୍ମା ସଙ୍ଗେ ସଙ୍ଗେ କହିଦେଲା, "ହଁ, ମୋର ଇଚ୍ଛା ଥେଲା ।"

ତାର ଘର ଗୁଡ଼ି ଚାଲିଆସିବା ପଛରେ ଯେଉଁ ରହସ୍ୟ ଲୁଚିରହିଥିଲା ତାହା ଅବ୍ୟକ୍ତ ହୋଇ ରହିଗଲା । ଘର ଗୁଡ଼ି ଚାଲି ଆସିବା ସମ୍ପର୍କରେ କିଛି କହୁ କାରୁଡାମ୍ମା ଅନ୍ୟ ବହୁତ ବିଷୟ କହିବସିଲା । ବାପାଙ୍କ ବିଷୟରେ କହିଲା—ଏଥର ବାପା ଆଉ ମୋର ନୁହନ୍ତି । ସେ ଭାରି ଏକଜିଦିଆ ମଣିଷ । ମତେ ସେ ଝିଅ ପଦରୁ କାଟିଦେଇଛନ୍ତି ।"

ଏଥିରେ କିଛି ବିଚଳିତ ନହୋଇ ପାଲାନି କହିଲା, "ଠିକ୍ ଅଛି । ସେ ଯଦି ଭାବୁଚନ୍ତି ଯେ ତୁ ଆଉ ତାଙ୍କର ଝିଅ ନୁହଁ, ତୁ ବି ଭାବେ ଯେ ସେ ଆଉ ତୋର ବାପା ନୁହନ୍ତି ।"

କାରୁଡାମ୍ମା ପକ୍ଷରେ ଏହା ଏକ ଅଭୟବାଣୀ । ବାପା ତାକୁ ପରିତ୍ୟାଗ କରିଛନ୍ତି ସତ,

Digitized by srujanika@gmail.com

କରୁ ସେ ଲାଭ କରିଛି ସ୍ୱାମୀ ।

ପାଲାନି ଆହୁରି କହିଲା, "ତୋ ବାପା କିଛି ଭଲଲୋକ ନୁହଁନ୍ତି । କପଟ ଲୋଭୀ ଲୋକ । ଘର ଖଗ୍ରପ । ତମ ଗାଆଁର ସେ କୁଳଦେବଦେବୀ ଲୋକଟା ବି କିଛି ଭଲ ନୁହେଁ । ଆମକୁ ଘୃଣା ଆନଆଖିରେ ଦେଖିଲା । ମୋର ବନ୍ଧୁବାନ୍ଧବ ନଥିଲେ କଣ ହେଇଗଲା—ମୁଁ ଦରିଆ-କୂଳର ପୁଅ । ମୋ ଆଗରେ ଏତେ ବଡ଼ ଦରିଆ ପଡ଼ିଛି । ଦରିଆ ଯୋଟାକଯାକ ମୋ ସମ୍ପତ୍ତି, ମୋ ବାପଅଜାଙ୍କ ସମ୍ପତ୍ତି । ମୋର ଆଉ ଅଧିକ କଣ ଲୋଡ଼ା ? ଦରିଆକୂଳରେ ପାଁଚଜଣ କେଉଟଙ୍କ ଭିତରେ ମୁଁ ବି ଜଣେ । ମୋ ବିଦ୍ୟା ମତେ ଷୋଳଣା ଜଣା । ସେତିକି ମୋର ବଡ଼ପଣିଆ । ଦରିଆ ଯିମିତି ହେଉଥାଉ ପଛେ, ମୁଁ ଆହୁଲା ଧରିପାରିବି । ଯେତେ ଭଉଁରି ଖେଳୁଥାଉ ପଛେ, ମୁଁ ତାକୁ ପାରହେଇଯିବି । ମୋ ବିଦ୍ୟାରେ ମତେ ହରେଇ ଦବା ପୁଅ ନାହିଁ—ହଁ ।"

କାରୁତାମ୍ମା କିଛି କହିଲା ନାହିଁ । ବର୍ତ୍ତମାନ ଏ ବିଷୟ କହିବା କୌଣସି ଆବଶ୍ୟକ ନଥିଲା । ପାଲାନି ତା' ହେଲେ ଖୁବ୍ ରାଗିଯାଇଛି । ଶ୍ୱଶୁରକୁ ବି ସେ ଖାତିର କରେନା । ପାଲାନି କହିଲା, "ସେ ଯଦି ମୋ ଦୁଆରକୁ ନ ଆସନ୍ତି; ତୋ ବାପାଙ୍କ କଥା କହୁଛି ମ—ମୁଁ ବି ଆଉ ତାଙ୍କ ଦୁଆରକୁ ଯିବି ନାହିଁ ।"

ତା ବାପା ଏକ ଭୟଙ୍କର ନିଷ୍ପତ୍ତି ଶୁଣାଇଦେଇଥିଲେ । ବର୍ତ୍ତମାନ ସ୍ୱାମୀ ଶୁଣାଇଦେଲେ ଆଉ ଏକ ଭୟଙ୍କର ନିଷ୍ପତ୍ତି । ଏ ନିଷ୍ପତ୍ତି ବି ସହଜରେ ବଦଳିବାର ନୁହଁ ।

କାରୁତାମ୍ମା ନିଜ କଥା କହିବସିଲା । ବାପାମାଆ ତାକୁ ଝିଅପଦରୁ କାଟିଦେଉଛନ୍ତି । ବର୍ତ୍ତମାନ ସ୍ୱାମୀ ହିଁ ତାର ଏକମାତ୍ର ଆଶ୍ରୟ । ସେ ଯେପରି ତାକୁ ଟିକିଏ ଭଲପା'ନ୍ତି । ସେ ବିସ୍ୱସ୍ତ ତାଙ୍କର ଆଜ୍ଞା ପାଳି ଚଳିବ । ସବୁ ଦାୟିତ୍ୱ ମୁଣ୍ଡାଇବ । ସ୍ୱାମୀଙ୍କର ପ୍ରେମ ଟିକିଏ, ସ୍ନେହ ଟିକିଏ ପାଇବ—ଏତିକି ହିଁ ତାର ଭିକ୍ଷା ।

ପ୍ରତିଦାନରେ ପାଲାନି ତାର ପ୍ରେମଭିକ୍ଷା କଲାନାହିଁ । ପାଲାନିର ବୋଧହୁଏ ସ୍ତ୍ରୀଠାରୁ ଏ ବିଷୟରେ କୌଣସି ପ୍ରତିଶ୍ରୁତି ନେବାର ଆବଶ୍ୟକତା ନଥିଲା ଏବଂ କାରୁତାମ୍ମା ବି ବୋଧହୁଏ ତା ପକ୍ଷରୁ ଏ ପ୍ରକାର ପ୍ରତିଶ୍ରୁତି ଦେବାର କୌଣସି ଆବଶ୍ୟକତା ଅନୁଭବ କଲାନାହିଁ । ଯାହାହେଉ ପରସ୍ପର ଭିତରେ ଗୋଟିଏ ବୁଝାମଣା ହୋଇଗଲା । ତଥାପି ସେମାନଙ୍କର ସମ୍ପର୍କରେ କିଛି ଗୋଟିଏ ଅଭାବ ରହିଗଲା ।

ପାହାନ୍ତିଆ ହେଉ ହେଉ ଦରିଆକୂଳରେ ଲୋକଙ୍କର ପାଟିତୁଣ୍ଡ ଶୁଭିଲା । ପାଲାନିର ଦରିଆକୁ ଯିବାର ବେଳ ହୋଇଗଲା । ବିବାହ ପୂର୍ବରୁ ସାହିପଡ଼ିଶାର ବୟସ୍କା ସ୍ତ୍ରୀମାନେ କାରୁତାମ୍ମାକୁ କେଉଟମାନଙ୍କ ଦୈନିକ ଜୀବନର ରୀତି-ନୀତି ସମ୍ବନ୍ଧରେ ନାନା ବିଷୟ ଶିକ୍ଷା ଦେଇଥିଲେ । ସେଥିରୁ ଗୋଟିଏ ଉପଦେଶ କାରୁତାମ୍ମାର ମନେପଡ଼ିଗଲା । ସେ ଟିକିଏ ତରତର ହୋଇ ପଚାରିଲା, "କଣ ପିଧା ଇମିତିକା ଡଙ୍ଗା ପାଖକୁ ପଳେଇଯିବ ନା କଣ ?"

Digitized by srujanika@gmail.com

ପାଲନି କାରୁତାମ୍ମା କଥାର ଉଦ୍ଦେଶ୍ୟ ବୁଝିପାରିଲା ନାହିଁ । କହିଲା, "ହଁ, କାହିଁକି ଯେ ?"

"ଯୋଉମାନେ ଦରିଆ ଭିତରକୁ ଯାଇ କାମ କରନ୍ତି, ସେମାନେ କମିତ ଶେଯରୁ ଉଠି କାମକୁ ଯାଆନ୍ତି ନାହିଁ !"

"ଫେରେ ? ଆଉ କମିତ ଯାଆନ୍ତି ?"

"ଦରିଆକୁ ଯିବା ଲୋକ ସଫାସୁତୁରା ହେଇ, ଶୌଚ ହେଇ ଯାଆନ୍ତି ।"

ବଡ଼ ଝନ୍ଝଟ୍‌ରେ ପଡ଼ିଲା ପାଲନି । ବାଧ୍ୟ ହୋଇ ପଚାରିଲା, "ତା'ହେଲେ ମୁଁ କଣ କରିବି କହିଲୁ ।"

ଲାଜ ଲାଜ ହୋଇ କାରୁତାମ୍ମା କହିଲା, "ଯିବା ଆଗରୁ ଗାଧେଇ ପକାଅ ।" ସ୍ୱାମୀଙ୍କୁ ସେ ନିର୍ମଳ କରି ଗାଧୋଇଦେଲା । ନିଜେ ବି ଗାଧୋଇପଡ଼ିଲା ।

ପାଲନି ଦରିଆକୂଳରେ ପହଞ୍ଚୁ ପହଞ୍ଚୁ ଜଣେ ପୁରୁଖା କେଉଟ ପଚାରିଲା, "ବାପ, ଗାଧେଇପାଧେଇ ଆସିଛୁ କି ରେ ?"

ବାର

ଘରେ ମାଆବାପା କପରି ଦିନରାତି ପରିଶ୍ରମ କରନ୍ତି, ଜଗିରଖି ଟଙ୍କାପଇସା ଖର୍ଚ୍ଚ କରନ୍ତି, କାରୁତାମ୍ମା ସେସବୁ ଦେଖି ଆସିଛି । ଘରଟି କପରି ସଜାଡ଼ିବାକୁ ହୁଏ ତାହା ବି ସେ କଛଟା ଶିଖିଛି । ପାଲନି ଦରିଆକୁ ଚାଲିଯିବା ପରେ ନିଜର ଭବିଷ୍ୟତ ଘରଟି କପରି ଗଢ଼ିବାକୁ ହେବ, କପରି ସଜାଡ଼ିବାକୁ ହେବ ସେଇ ସବୁ ବିଷୟ କାରୁତାମ୍ମା ଭାବିବସିଲା ।

ସେଦିନ ଗୋଟିଏ ତରକାରି ବଦଳରେ ଦି'ଟା ତରକାରି ରାନ୍ଧିଲା । ସେ କ୍ରମଶଃ ଅନୁଭବ କରୁଥିଲା ଯେ ପାଲନି ତାର ଅଧିକରୁ ଅଧିକ ନିଜର । ତେଣୁ ପାଲନିର ଆଗମନ ପାଇଁ ଡଙ୍ଗା ଲେଉଟାଣି ବେଳଯାଏଁ ସେ ଉଦ୍‌ବେଗରେ ପ୍ରତୀକ୍ଷା କରିବାକୁ ଲାଗିଲା ।

ପୁରବେଳାଙ୍କ ମେଞ୍ଜିଆମାଛ ନେଇ ଡଙ୍ଗାସବୁ ଫେରିଆସିଲେ । ଗତ ବହୁଦିନ ଧରି ଏତେ ମେଞ୍ଜିଆ କେବେ ପଡ଼ିନଥିଲେ । ପାଲନି ଭାଗରେ ପ୍ରାୟ ତିରିଶ ଟଙ୍କା ଯାଏଁ ପଡ଼ିଲା । ଜାଲ୍ ଧୁଆଧୋଇ କରି ଖରାରେ ଶୁଖାଇବା ବେଳକୁ ଆୟ୍ୟାପ୍‌ପାନ୍ ତା ସାଙ୍ଗମାନଙ୍କୁ କହିଲା, "ଭାଇ, ଆଜି ହାରପାଡ୍ ଯିବା କି ? ସେଇଠି ଖାଇପିଇ ଆସିବା ।"

ପ୍ରସ୍ତାବଟା ସମସ୍ତଙ୍କ ମନକୁ ପାଇଲା ! ସେଦିନ ପ୍ରଚୁର ପଇସା ଉପାର୍ଜନ କରିଛନ୍ତି । ଦରିଆ

Digitized by srujanika@gmail.com

ଠାକୁରାଣୀଙ୍କର ସେହିଦିନ ଅପାର କରୁଣା । ହିକିଏ ମଉଜ ମଜଲିସ୍ କଲେ କଣଟା ଖରାପ ହୋଇଯିବ ? କେବଳ ପାଲନି କିଛି କହୁ ନ ଥାଏ ।

"ହେଲେ, ପାଲନି, ତୁ କାହିଁକି କିଛି କହୁନୁରେ ?" ଭେଲୁତା କୁଞ୍ଜୁ ପଚାରିଲା ।

ପାଲନିକୁ ଚିଡ଼େଇବା ଭଙ୍ଗୀରେ ଆଉ କୁଞ୍ଜୁ କହିଲା, "ଆରେ, ତୁ ନ ଜାଣିଲୁ ମେଁଚେ କଣ ଇମିତି ପଚାରୁଛୁବେ ? ତା ନୂଆଁ ବୋହୂଟିଲା ଘରେ ଭାତ ତୁଣ ରାନ୍ଧି ରହିଁବସିଥିବ । ସେ ଘରକୁ ଯାଇ ବୋହୂଟିଲା ପାଖରେ କାନ୍ଧକୁକାନ୍ଧ ଘଷିହୋଇ ବସି ଖାଇବ ନା, ହାରିପାଡ଼ ଯିବବେ ?"

"ଆରେ ସେ ମଜା ହନଗ୍ଭରଟାରେ ଭାଙ୍ଗିଯିବ ।" ଆଉଜଣେ କେଉଟ କହିଲା, "ସେଇଠୁ ଘରକୁ ଗଲାବେଳକୁ ଖାଇବାକୁ ନ ଥିବ; ଯଦି ବା ଥିବ ସେ ଭାତତୁଣ ଆଉ ସୁଆଦ ଲାଗିବ ନାହିଁ ।"

ସମସ୍ତେ ଗାଧୋଇ ସାରିବା ପରେ ଭେଲୁତା କୁଞ୍ଜୁ ପଚାରିଲା, "ପାଲନି, ତୁ ଆସିବୁଟିରେ ?"

ପାଲନି କହିଲା, "ହଉ, ମୁଁ ବି ଯିବି ।"

କିନ୍ତୁ ପାଲନି ଯେ ପୁରା ଖୁସିମନରେ ଗଲା ତା ନୁହଁ । ସମସ୍ତେ ସଡ଼କ ପାଖକୁ ଗ୍ଭଲିଲେ । ସଡ଼କରେ ବସ୍ ଧରି ସମସ୍ତେ ଏକସଙ୍ଗରେ ଗ୍ଭଲିଲେ ହାରିପାଡ଼ ।

ବହୁତ ସମୟ ଧରି ଅପେକ୍ଷା କଲା କାରୁତାମ୍ମା । ପାଲନି ଫେରୁ ନାହିଁ ଦେଖି ତାକୁ ଖୋଜିବା ଲାଗି ବାହାରି ଦରିଆକୂଳକୁ ଗଲା । ସବୁ ଡଙ୍ଗା କୂଳକୁ ଫେରିଆସିଲାଣି । ଦରିଆରେ ଆଉ କାହିଁ ଡଙ୍ଗା ଦିଶୁନି । କିନ୍ତୁ କୂଳରେ ଏଣେ କେହି ବୋଲି କେହି ନାହିଁ ।

କିଛି ସମୟ ପରେ ଆଉ କେଉଟର ଭାର୍ଯ୍ୟା ପାରୁ ଦରିଆକୂଳକୁ ଆସିଲା । କାରୁତାମ୍ମାକୁ ଦେଖି ସେ ପଚାରିଲା, "କଲେ ମା, ଦରିଆକୁ ଗ୍ଭହିଁ ଏଠି କାହିଁକି ଠିଆହୋଇଛୁଲେ ?"

ଲାଜରେ ନଇଁଯାଇ କାରୁତାମ୍ମା କହିଲା, "ନାହିଁ, କିଛି ନାହିଁ; ଇମିତି ଠିଆହୋଇ ହିକିଏ ଗ୍ଭହୁଁଥିଲି ।"

କଥାଟା ଯେ କଣ ପାରୁ ତାହା ବୁଝିଗଲା । କହିଲା—"ବୁଝିଲୁ, ତୁ ତୋ ମିଶିପକୁ ଅନେଇଛୁ । ସେମାନେ ସବୁ ହାରିପାଡ଼ ଗଲେଲେ ! ଆଜି କୁଆଡ଼େ ବହୁତ ଟଙ୍କା କମେଇଛନ୍ତି ଲେ, ମାଆ ।"

କାରୁତାମ୍ମାର ଗାଆଁ ଦରିଆକୂଳରେ ବି ଏଭଳି ଘଟଣା ଘଟେ । ସେଠା କେଉଟମାନେ ଟଙ୍କାପଇସା କମେଇଲେ ଆଲେପ୍ପୀ ପଳାନ୍ତି; କିନ୍ତୁ କାରୁତାମ୍ମା ଭାବିଥିଲା ପାଲନି, ବିଶେଷ କରି ସେହିଦିନ, ଅନ୍ୟ କେଉଁଠିକି ଯିବନାହିଁ ।

କାରୁତାମ୍ମା ଓ ପାରୁ କିଛି ସମୟ କଥାଭାଷା ହେଲେ । କାରୁତାମ୍ମା ମନରେ ସୁଖ ନାହିଁ । ସ୍ୱାମୀଙ୍କର ଏହି ଅଭ୍ୟାସ ବଦଳାଇବାକୁ ପଡ଼ିବ । ହାତରେ ଟଙ୍କାପଇସା ଦି'ଟା ପଡ଼ିଗଲେ ହାରିପାଡ଼ ଯାଇ ଖର୍ଚ୍ଚ କରିଦେଇ ଆସୁଛନ୍ତି । ସେହି ପଇସାରେ ଏଣେ ଘରେ କେତେ

Digitized by srujanika@gmail.com

ଜିନିଷ କିଣା ହୋଇପାରନ୍ତା । ଏସବୁ ଚିନ୍ତାରେ କାରୁତାମ୍ମା ବ୍ୟସ୍ତ ହୋଇପଡ଼ିଲା ।

ପାରୁ କହିଲା, "ହାଟପାଡ଼ରୁ ଫେରିବା ବେଳେ ସେ ନିଅ ବୋହୂଟିପାଇଁ ଭଲ ଭଲ ଶାଢ଼ି, ସିଲ୍କ ଜିନିଷ ସବୁ ଆଣିଥିବ ନେ ।"

"କିନ୍ତୁ ନାନାଗୋ, ହାଣ୍ଡି ଟେ କି କରେଇ ଟେ ନାହିଁ । ଡେକିଚ ବୋଲି ପରି କମା ବି' ଖଣ୍ଡ ଗୋ ।"

ପାରୁ ବୟସ୍କା । ସେ କହିଲା, "କାହା ଘରେ ଏବେ ଏସବୁ ଜିନିଷ ଅଛି ଯେ ? ମାଆଲେ, ଗୁହାରୀବେଳେ ପାରିଲେ ଦିଖଣ୍ଡ କିଣିଦବୁ । ସେଉଳିକିବେଳେ କିଣିଥେଲେ ଦିଶିଆ ଅଫଲନ୍ତି ହେବା ଦିନକୁ ବନ୍ଧକଙ୍କ ଚାଲିଯିବୁ ।"

କାରୁତାମ୍ମାର କୁଡ଼ିଆ ପାଖରେ ଗୋଟିଏ ବୃଦ୍ଧକୁକୁର ଆସି ଘରେ ପଶିଯିବାକୁ ଲସର-ପସର ହେଉଥିଲା । ତେଣୁ କାରୁତାମ୍ମା ତରତର ହୋଇ ଘରକୁ ଫେରିଆସିଲା । କାରୁତାମ୍ମା ଭାବିଲା ସ୍ୱାମୀ ଫେରିବା ପରେ ମୁହଁ ଶୁଖାଇ ଠିଆହେବ ନା ନାହିଁ ? କଥାଭାଷା ନ କଲେ କିଣ ହେବ ? ଛଳନା କରିବା, ଅଭିନୟ କରିବା, ଏ ସବୁ ତାର ଇଚ୍ଛା ନୁହେଁ । ତାର ଇଚ୍ଛା, ସେ ଯାହା ସବୁ ଭଲପାଏନ ତାହା ସ୍ୱାମୀଙ୍କୁ ଜଣାଇଦେବ । କିନ୍ତୁ ପାଲନ ଏସବୁକୁ କେଉଁ ଭାବରେ ଗ୍ରହଣ କରିବ, ସେ ଜାଣେନା । ତେଣୁ ମୁହଁରେ ଗୋଟିଏ ଅଭିନବ ହସ ଫୁଟାଇ ସେ ପାଲନର ଫେରିବା ବାଟକୁ ଚାହିଁବସିଲା ।

ପାଲନ ଯେତେବେଳେ ଘରକୁ ଫେରିଲା, କାରୁତାମ୍ମା ପଚାରିଲା, "ଡଙ୍ଗା କିଣ ଏଇନେ କୂଳରେ ଲାଗିଲା ?"

ପ୍ରଶ୍ନ ଭିତରେ ଯେଉଁ ଅଭିଯୋଗ ଲୁଚିରହିଥିଲା ପାଲନ ତାହା ବୁଝି ପାରିଲାନାହିଁ । କହିଲା, "ନାହିଁ ମ; ହେଇଟି ଇଆଡ଼େ ଚାହିଁଲୁ ।"

ସେ ତା ଭାର୍ଯ୍ୟା ହାତକୁ ଗୋଟିଏ ପୁଡ଼ିଆ ବଢ଼ାଇଦେଲା । ପୁଡ଼ିଆଟି ଫିଟାଇଦେଇ କାରୁତାମ୍ମା ପଚାରିଲା, "ସତେ !! ତମର ଏଇଠି ମାଛ ପାଇଁ ଜାଲ ପକାଇଲେ ସୁନ୍ଦର ସୁନ୍ଦର ଫାଇନ ଶାଢ଼ି ସବୁ ପଡ଼ୁଛି ନା କିଣ ?"—ହସିଉଠିଲା ପାଲନ । କାରୁତାମ୍ମା ବି ହସିଉଠିଲା । ଖୁବ୍ ସୁନ୍ଦର ଶାଢ଼ି ଖଣ୍ଡିଏ ଆଣିଥିଲା ପାଲନ । ଧଡ଼ିରେ ସୁନା ଜରିରେ କାମ ହୋଇଥାଏ । ଲୁଗାଟି ଖୋଲି ଘୂରି ଘୂରି କରି ଚାହିଁଗଲା କାରୁତାମ୍ମା । ଓଃ, ଚମତ୍କାର ହୋଇଛି ! କେତେ ଟଙ୍କା ପଡ଼ିଲା, ପାଲନ ବୁଝାଇଦେଲା । ଭେଲୁତା କୁଞ୍ଜୁ, ଭେଲାୟୁଦ୍ଧନ୍ କୋଚୁ ରାମନ୍, ଆୟ୍ୟାପପାନ୍ ଏବଂ ସେ ପ୍ରତ୍ୟେକେ ଖଣ୍ଡେ ଖଣ୍ଡେ ଶାଢ଼ି ଆଣିଛନ୍ତି । ସେଦିନ ଭେଲାୟୁଦ୍ଧନ୍‌ର ଛୁଆ ବେମାର ପଡ଼ିଥାଏ । ତା ଭାର୍ଯ୍ୟା ହାତରେ ଔଷଧ କିଣିବା ଲାଗି ବି ପଇସାଟିଏ ନଥାଏ । ତେଣୁ ବୟସ୍କା ପାରୁ ପାଖକୁ ଯାଇ କିଛି ସାହାଯ୍ୟ ପାଇଁ ହାତ ପତେଇଥିଲା । ଆୟ୍ୟାପପାନ୍ ଘରେ ସେପରି ରାତିକ ରନ୍ଧାବଢ଼ା କରିବାକୁ କିଛି ନଥିଲା । କିନ୍ତୁ ସେ ସମସ୍ତଙ୍କ ଘରକୁ ସେଦିନ ଫାଇନ୍ ଶାଢ଼ି ଆସିଥିଲା ।

ହସି ହସି କାରୁତାମ୍ମା ପଚାରିଲା, "ଘରେ ଆମର ହାଣ୍ଡିଟିଏ କି କରେଇଟିଏ ନାହିଁ ।

Digitized by srujanika@gmail.com

ତେବେ ଏ ସବୁ ରଙ୍ଗଚଙ୍ଗିଆ ସିଲ୍କ ଶାଢ଼ି କିଣିବାକୁ କାହିଁକି ଯାଇଥିଲ ଭଲା ?"

ସେ ପ୍ରଶ୍ନର ଅର୍ଥ—ଉଦ୍ଦେଶ୍ୟ ନ ବୁଝି ପାଲାନି ହସି ହସି ଗଡ଼ିଗଲା । କହିଲା, "ତୋପାଇଁ ଏ ରଙ୍ଗିନ୍ ଶାଢ଼ିଖଣ୍ଡକ କାହିଁକି ଆଣି ଦେଇଛି ଜାଣିଛୁ ନା ?"

"କାହିଁକି ? କହୁନା ?"—ସେ ପଚାରିଲା ।

"ଏ ଶାଢ଼ି ପିନ୍ଧି ମାନ୍ନାରଶାଲାର ଆୟିଲ୍ୟମ୍ ଯାତ୍ରା ଦେଖିବାକୁ ଯିବା । କାହିଁ, ଟିକିଏ ପିନ୍ଧିଲୁ, ମୁଁ ଦେଖନ୍ତି ତୁ କିମିତି ଦିଶୁଛୁ ।"

କାରୁତାମ୍ମାକୁ ଚାହିଁରହିଲା ପାଲାନି । ଆଖିରେ ଅଜସ୍ର କାମନାର ତୃଷ୍ଣା । ଦୃଷ୍ଟି ତାର ଖେଳି ବୁଲିଲା କାରୁତାମ୍ମାର ସୁଗଠିତ ସ୍ତନଯୁଗଳ ଉପରେ । କାରୁତାମ୍ମା ତାର ଦୃଷ୍ଟିପଥରୁ ଅପସରି ଯିବା ଲାଗି ପଛକୁ ବୁଲିପଡ଼ିଲା । ପାଲାନିର ଦୃଷ୍ଟି ଯାଇ ନିବଦ୍ଧ ହୋଇଗଲା କାରୁତାମ୍ମାର ସୁଗଠିତ ନିତମ୍ବ ସୁଷମାରେ । କାରୁତାମ୍ମା ଆଡ଼କୁ ପାଦ ବଢ଼ାଇଲା ପାଲାନି । କାରୁତାମ୍ମା କହିଲା, "ଛିଃ, ମୋ ଦେହଟା ଯାକ ଝାଳ; ମଇଳା ହୋଇଛି ।"

ଘରେ ତେଣେ ଗିନା ତାଟିଆ ବି ଖଣ୍ଡେ ନାହିଁ । ଏ ଅବସ୍ଥାରେ ଏଭଳି ଖଣ୍ଡେ ଦାମିକା ଶାଢ଼ି କିଣି ଆଣିବାଟା କଣ ଭୁଲ ହୋଇଛି ? ପାଲାନିର ଏ ଗୋଟିଏ ଆକାଂକ୍ଷା । ତା ସ୍ତ୍ରୀ ଖଣ୍ଡିଏ ଭଲ ଲୁଗା ପିନ୍ଧି ଟିକିଏ ବେଶଭୂଷା ହେଲେ ସେ ତାକୁ ଟିକିଏ ଆଖି ପୂରାଇ ଦେଖିବ । ଜୀବନଟା ଏପରି ଖଟିଖାଇ କଟାଇ ଦେବାର ନୁହେଁ । ହିସାବ-କିତାବ ଧରି କେବଳ ଅଣ୍ଡି ଦରକାରୀ ଘରକରଣା ଜିନିଷ ଦୁଇଟି କିଣି ଟଙ୍କାକଉଡ଼ି ସଞ୍ଚିପାରିଲେ ଜୀବନଟା ସାର୍ଥକ ହୋଇଯାଏ ନାହିଁ । ଜୀବନର ଅନ୍ୟ ଗୋଟିଏ ଦିଗ ବି ରହିଛି ।

ତାଙ୍କ ଘରେ କୌଣସି ଦିନ ଜୀବନକୁ ଏ ଦୃଷ୍ଟିରୁ ଦେଖନ୍ତି ବୋଲି କାରୁତାମ୍ମା ଜାଣିନଥିଲା । ସେ ଭଲ ଖଣ୍ଡିଏ ପିନ୍ଧି ଟିକିଏ ବେଶଭୂଷା ହେଲେ ସ୍ୱାମୀ ଯେ ଅପାର ଆନନ୍ଦ ପାଇବେ ଏ କଥାଟି ସେ ଉପଲବ୍ଧି କଲା । ମନ ତାର ଆନନ୍ଦରେ ନାଚିଉଠିଲା । ଏପରି ବେହିସାବୀ ଖର୍ଚ୍ଚ କଲେ ସ୍ୱାମୀଙ୍କୁ ସେ ଆଉ ଦୋଷ ଦେବନାହିଁ । ଏକ ଗଭୀର ଆଲିଙ୍ଗନ ମଧ୍ୟରେ କାରୁତାମ୍ମାର ଅଙ୍ଗଲତା ଉପରେ ପାଲାନିର ବାହୁଯୁଗଳ ଛନ୍ଦି ହୋଇଗଲା । ପଲକ ମଧ୍ୟରେ ଏକ ହୋଇଗଲା ଦୁଇଟି ସରଳ ପ୍ରାଣ । ପରସ୍ପରର ବାହୁବନ୍ଧନ ଭିତରେ ଉଭୟେ ଆତ୍ମବିସ୍ମୃତ ହୋଇଗଲେ । ଅର୍ଦ୍ଧନିମୀଳିତ ହୋଇ ଆସିଲା ଉଭୟଙ୍କର ନୟନ ।

ଉଠିକି ଯାଇ ଯେତେବେଳେ ଏକା ଥାଳିରେ ଖାଇ ବସିଲେ, ସେତେବେଳେ ବି କାରୁତାମ୍ମାର ଆଖି ଦୁଇଟି ଅଧା ବୁଜିହୋଇ ଆସିଲା । ମୁହଁରେ ତାର ବୋଲି ହୋଇଗଲା ଏକ ଅପୂର୍ବ ରକ୍ତିମାଭା, ପାଲାନି ନିଜ ହାତରେ ଭାତ ଗଣ୍ଡାଏ ଧରି ତାକୁ ଖୋଇଦେଲା ।

"ହେ ଭଗବ, ମୋ ପାଟିରେ ଏତେ ବଡ଼ ଗୁଣ୍ଡା ଗଳିବ ନି ।"

ଠିକ୍ କଥା । ସେହି ଗଣ୍ଡାକ ଭାତ ଯେଉଁ ହାତରେ ଉଠିଥିଲା, ସେ ହାତ ସାଧାରଣ ହାତ କିଛି ନୁହେଁ । ବକ୍ଷୁବ୍ଧ ସାଗର ସହିତ ଲଢ଼ିଲଢ଼ି ଫିମ୍ପାମସିଦ୍ଧ ହୋଇଯାଇଛି ସେ ହାତ । ଗୁଣ୍ଡାଟିକୁ

Digitized by srujanika@gmail.com

ଟିକିଏ ଗ୍ରେଟ ଉଣଦେଲା ପାଲାନ । ପ୍ରତିଦାନରେ କାରୁତାମ୍ପା ତାକୁ ଗୁଣ୍ଡାଏ ଖାତ ଖୋଇ-ଦେଲା ।

"ହେ···ଏ···ମୋ ପାଟିକି ଜମା ଲଗିଲାନ ।" ପାଲାନ କହିଲା ।

ଏହିପରି ଖେଳ-କୌତୁକ ଭିତରେ ଦୁହେଁ ହସି ହସି ଗଡ଼ିଗଲେ । ଯେଉଁ କାରୁତାମ୍ପା ବେହିସାବୀ ଖର୍ଚ୍ଚ ପାଇଁ ସ୍ୱାମୀକୁ ଦୋଷ ଦେବାକୁ ବସିଥିଲା ତାର ପାଟିରୁ ବାହାରିଲା, "ମୋ ପାଇଁ ଏଥର ଖଣ୍ଡେ ସିଲ୍କ ବ୍ଲାଉଜ ଆଉ ଖଣ୍ଡେ ଭଲ ସାଢ଼ୀ କିଣିଦେବ ।"

କାମନା ଓ ଉତ୍ତେଜନାର ମୁହୂର୍ତ୍ତ ଗଡ଼ିଯିବା ପରେ ଧୂଳିର ଧରଣୀକୁ ଫେରିଆସିଲା କାରୁତାମ୍ପା । ସେ ହିଁ ତ ଜୀବନସରଣୀକୁ ସଂଯତ ଓ ସଗଠିତ କରିବ । ସେ ଦିନର ମାଛବିକା ଟଙ୍କାରୁ ପାଲାନ ଖିଶରେ କେତେ ପଡ଼ିଲା ତାହା ଜାଣିବା ତା'ର ଦରକାର । ପଚାରିଲା, "ଆଜି ତମ ଖିଶରେ କେତେ ଟଙ୍କା ପଡ଼ିଥିଲା ?"

"ତିରିଶ ଟଙ୍କା ଖଣ୍ଡେ ପଡ଼ିଥିବ ।"

"କେତେ ଟଙ୍କା ବଳିଛି ?"

ତା ଉପରେ ବିଶେଷ ଗୁରୁତ୍ୱ ନଦେଇ ପାଲାନ କହିଲା, "ହେ ସେଇଠି ଗାଣ୍ଠିଆଟା ଅଛି; ଆଣି ଗଣ ।"

କାରୁତାମ୍ପା ଗାଣ୍ଠିଆ ଖୋଲି ଟଙ୍କା ଗଣି ବସିଲା । ଦେଖିଲା ମୋଟେ ଦୁଇଟି ଟଙ୍କା ବଳିଛି । ତା'ହେଲେ ଇଏ ଅଠେଇଶି ଟଙ୍କା ଖର୍ଚ୍ଚ କରିଦେଲେ । ଆହା, ସେତିକି ଟଙ୍କାରେ ଘରପାଇଁ କେତେ କଣ ଜିନିଷ କିଣିହୋଇନଥାନ୍ତା ! କିନ୍ତୁ ମୁହଁ ଖୋଲି କହିବା ଲାଗି ତାର ସାହସ ପାଇଲା ନାହିଁ ।

ପାଲାନର କାନ୍ଧ ଉପରେ ତାର ଦୁଇ ହାତ ରଖି ତାର ଗୁଡ଼ି ଉପରେ ଢଳିପଡ଼ି କାରୁତାମ୍ପା କହିଲା—"ଏଇ ଗୋଟିଏ ବଖରା ଘରେ, ଏଇଠି ରାନ୍ଧ, ଏଇଠି ଖାଇ, ଏଇଠି ଶୋଇବସି ଏଇମିତି ଚଳିଯିବାଟା କଣ ତମ ମନକୁ ପାଉଛି ? ଏଇମିତି କୁଡ଼ିଆଟିକରେ ଚଳିବା କଣ ଠିକ୍ ?"

ସମ୍ପୂର୍ଣ୍ଣ ସଚେତ ହୋଇ ପାଲାନ କହିଲା, "ନା ।" "ତା'ହେଲେ ଆମର କିମିତି ଖଣ୍ଡେ ଘର କରିବା କହିଲ ?"

କାରୁତାମ୍ପା ଜାଣି ଖୁସିହେଲା ଯେ ପାଲାନର ଗୋଟିଏ ଉଚ୍ଚାକାଙ୍କ୍ଷା ରହିଛି । ଆନନ୍ଦ ଗଦ୍‌ଗଦ ହୋଇ ସେ କହିଲା, "ଆଜି ଯେଉଁ ପାଲାନଙ୍କର ଘରଦୁଆର ନାହିଁ, ବନ୍ଧୁବାନ୍ଧବ ନାହାନ୍ତି; ସେ ପାଲାନଙ୍କୁ ମୁଁ ଜଣେ ଡଙ୍ଗାମାଲିକ କରେଇଦେବ ।" ପାଲାନକୁ ପାଞ୍ଚଜଣରେ ଜଣେ କରି ଠିଆକରାଇବାକୁ ସେ ଦୃଢ଼ପରିକର । ପାଲାନର ବି ସେହି ଇଚ୍ଛା । କାରୁତାମ୍ପା ତାକୁ ବଡ଼ହେବାରେ ସାହାଯ୍ୟ କରୁ ।

ମୃଦୁ-ମଧୁର ହସଟିଏ ହସିଦେଇ କାରୁତାମ୍ପା କହିଲା, "ତା'ହେଲେ ତୁମକୁ ମୋ କଥା ମାନିଚଳିବାକୁ ପଡ଼ିବ । ଯାହା ଆୟ କରୁଛ, ସବୁଟା ଖର୍ଚ୍ଚ କରିଦବନି ।" ତା ପରେ ପାଲାନର

Digitized by srujanika@gmail.com

ଦୁଇ ଚକୁକରେ ଦୁଇ ହାତ ରଖି କହିଲ, "ନା, ମୁଁ ତୁମକୁ ସିମିତ ଖର୍ଚ୍ଚ କରିବାକୁ ଦେବିନି ।"

"ଟିକିଏ ଟିକିଏ କ ଜଲଖିଆ ଟିକିଏ ଖାଇବାକୁ ମନାକରିବୁ ?"

"ନାଁ ମ; ସେକଥା କମିତ ମନାକରିବ ? ସେଥିପାଇଁ ଦ'ପଇସା ଖର୍ଚ୍ଚ କରିପାରିବ ।" ତା ପରେ ଟିକିଏ ଗମ୍ଭୀର ହୋଇ ପଚାରିଲ, "ଅଚ୍ଛା, ପିଲାଛୁଆ ହେଲ ପରେ କଣ କରିବ କହିଲ ?"

ପାଳନି କିଛି ବୁଝିପାରିଲ ନାହିଁ । ପିଲାଛୁଆ ତ ହେବେ, ଏ ଲୋକ କଣ କରିବ ଯେ ? କହିଲ, "ଯାଃ—ପିଲାଛୁଆ ହେଲେ ବଡ଼ ହେବେ, ଆଉ କଣ ?"

ମଣିଷ କାପରି ଯଥତ ଯଗଠିତ ଜୀବନ ନେଇ ଚଳିବ; ସେପରି ଚଳିଲେ ଲାଭ କଣ, ଇତ୍ୟାଦି ଇତ୍ୟାଦି ବିଷୟ କାରୁତାମ୍ମା ବୁଝାଇବାକୁ ଲଗିଲ । ଅଜ୍ଞ ଅବୋଧ ବାଳକକୁ ଯେପରି ବୁଝାନ୍ତି, ସେହିପରି ଗୋଟି ଗୋଟି କରି ବୁଝାଇଲ—"ମୋର ବୋଲି ଖଣ୍ଡେ ମାଛଧରା ଡଙ୍ଗା ହେଉ, ମୋର ବୋଲି ସାରେ ଜାଲ ହେଉ ଏହା କଣ ସବୁ କେଉଟ ଚାହାନ୍ତିନାହିଁ ? ପାଳନିର କି କଣ ସେ ଅଭିଳାଷ ନାହିଁ ?

"ଦରିଆକୂଳର ସବୁ କେଉଟ ଯଦି ଏ ଭଳିଆ ଭାବୁଥାନ୍ତେ ନା, ତେବେ ଦରିଆ କୂଳଯାକ ଲୋକ ଲକ୍ଷପତି ହୋଇ ଯା'ନ୍ତେଣି । କାହିଁ, ସମସ୍ତେ ତ ଏମିତି ଭାବୁନାହାନ୍ତି ?" ପାଳନି ପଚାରିଲ ।

ଆଉ ଗୋଟିଏ ପ୍ରଶ୍ନ ପଚାରି କାରୁତାମ୍ମା ଏ ପ୍ରଶ୍ନର ଉତ୍ତର ଦେଇଦେଲା । "କିନ୍ତୁ ଆମେ କାହିଁକି ସିମିତ ଭାବିବା ଯେ ?"

କେଉଟମାନଙ୍କ ଭିତରେ ଏକ ପ୍ରଚଳିତ ବିଶ୍ୱାସ ରହିଛି । ପାଳନି ସେ କଥା ଗପିବସିଲ ।

"ଆଲୋ, ଶୁଣ, କେଉଟ ପୁଅ କେବେହେଲେ ସଞ୍ଚି ରଖି ପାରିବନାହିଁ । ସେ ପରା ଲକ୍ଷଲକ୍ଷ ଜୀବ ମାରି ପଇସା ରୋଜଗାର କରୁଛି । ମାଛ ବିଚରା କାହାର ଖାଏ କହିଲୁ ? ବିଚରା ନିରୀହ ଜୀବ; ସମୁଦ୍ର ପାଣିରେ ଖେଳିବୁଲି ଖୁସିରେ ଥାଏ; କେଉଟ ଯାଇ ତାକୁ ଠକି, ଭୁଲେଇ, ଫାନ୍ଦରେ ପକେଇ ଧରିଆଣି ପଇସା ରୋଜଗାର କରେ । ମାଛଗୁଡ଼ାକ ଆଖି ମେଲେଇ ଚାହିଁ ଥିବେ, ଏଣେ ପ୍ରାଣ ଚାଲିଯାଉଥିବ, ସବୁଦିନ ଦେଖି ଦେଖି ଆମର ଅଭ୍ୟାସ ହୋଇଗଲଣି ବୋଲି ଲକ୍ଷ ଲକ୍ଷ ଜୀବଙ୍କର ପ୍ରାଣ ଚାଲି ଯାଉଥିଲେ ବି ଆମକୁ କିଛି ବାଧୁନି । କିନ୍ତୁ ନିରୀହ ପ୍ରାଣୀଙ୍କୁ ମାରି ଯୋଉଁ ପଇସା ରୋଜଗାର ହଉଛି ସେ ପଇସା କେବେହେଲେ ରହିବନି । ସିମିତ ପଇସା ସଞ୍ଚିବା ମୋଟେ ହୋଇପାରିବନି । ତା ଯଦି ନହୋଇଥାନ୍ତା କେଉଟ ବାପୁଡ଼େ କାହିଁକି ଉପାସରେ ରହନ୍ତେ କହିଲୁ ?"

ଏହା ଯେ କେବଳ ପାଳନିର ବିଶ୍ୱାସ ତା ନୁହେଁ—ଶହ ଶହ କୋଶ ଧରି ଏ ଯେଉଁ ସମୁଦ୍ରକୂଳ ଲମ୍ବି ଯାଇଛି, ଏ କୂଳର ଯେଉଁଠିକି ଯାଅ ସେଇଠି ଦେଖିବ ସବୁ କେଉଟଙ୍କର ଏହି ବିଶ୍ୱାସ । ଏ ବିଶ୍ୱାସ, ଶହ ଶହ ବର୍ଷର ପ୍ରାଚୀନ ବିଶ୍ୱାସ । କାରୁତାମ୍ମା ବି ଏ କଥା

Digitized by srujanika@gmail.com

ଜାଣେ । କିନ୍ତୁ ତା ନିଜ ବାପ ଏ କଥା ସ୍ୱୀକାର କରେନାହିଁ । ଆଜି କାରୁତାମ୍ମା ଦେଖିପାରୁଛି, ତା ବାପା ଯେଉଁ ଭିନ୍ନ ମତ ଧରିଛନ୍ତି, ତା ଭିତରେ ଗୋଟିଏ ନୂତନ ଅର୍ଥ ରହିଛି; ନୂଆ ପ୍ରେରଣା ରହିଛି । କିନ୍ତୁ ବିଷୟଟି ସେ ପୂରା ବୁଝିପାରିନାହିଁ । ତେଣୁ ପାଲାନି ଆଗରେ ଯୁକ୍ତି କରିବାକୁ ତାର ସାହସ ପାଇଲା ନାହିଁ ।

ପାଲାନି କହିଲା, "କେଉଁଠିପୂଅ ହେଇ ସମ୍ଭବ କାହିଁକି ଯେ ? ଏ ଅକଲନ୍ତି ଦରିଆ ତାର ସମ୍ପତ୍ତି । ଦରିଆରେ କଣ ନାହିଁ କହିଲୁ ? ଟଙ୍କାପଇସା ଯଦ କିଛି ନାହିଁ, ତେବେ ସାହାଭରସାକୁ ଦରିଆଠାକୁରାଣୀ ଅଛନ୍ତି ।"

କାରୁତାମ୍ମା କହିଲା, "ଅବସ୍ଥାଟା ଭୋଗିଲେ ତେମେ ଜାଣିବ ।"

ତାର ବାପାମାଆଙ୍କ କଥା ମନେପଡ଼ିଗଲା । ସେମାନେ କପରି ଡଙ୍ଗା ଓ ଜାଲ ଖରିଦ କଲେ ସେସବୁ ଆଖି ଆଗରେ ନାଚିଗଲା । ହଠାତ୍ ତାର ମୁହଁରେ ଖେଳିଗଲା ଗୋଟିଏ ଲଜ୍ଜାର ଛାୟା । ସେମାନେ ଡଙ୍ଗା ଆଉ ଜାଲ କପରି କିଣିପାରିଲେ ? ତାଙ୍କ ଡଙ୍ଗାକିଣା ନିଶା ହେତୁ ବିଚରା ପରିକୁଟ୍ଟୀର ସର୍ବସ୍ୱ ବୁଡ଼ିଗଲା ନାହିଁ କି ?

ପାଲାନି ପଚାରିଲା, "କଣ ତୋ ବାପାମାଆଙ୍କୁ ଆଖି ଆଗରେ ରଖି ଏ କଥା କହୁଛୁ ନା ?

ମନେହେଲା ପାଲାନି ମୁହଁର ରଙ୍ଗ ବଦଳିଯାଇଛି । ସେ କହିଚାଲିଲା, "ତୋର ଏ ଲୋଭୀପଣ ତୁ ତାଙ୍କଠାରୁ ଶିଖିଛୁ ।" ଟିକିଏ ରହି ପୁଣି କହିଲା, "ତୋ ବାପଘରକୁ ଆମେ କେବେ ଯିବା ବୋଲି ସମସ୍ତେ ପଚାରୁଛନ୍ତି ।"

କାରୁତାମ୍ମାକୁ ବି ମାଇପିମାନେ ଏକଥା ବହୁତ ଥର ପଚାରିଲେଣି । ସେ ସେମାନଙ୍କୁ କୌଣସି ଜବାବ ଦେଇପାରିନାହିଁ । ବାହାଘର ପରେ ତା ବାପା ତାକୁ ଘରକୁ ଡାକିନେବା କଥା; ଆଜିଯାଏ ନ ଡାକିବାଟା ଠିକ୍ ହୋଇନି । କିନ୍ତୁ ବାପା ଯେ ତାକୁ ଆଉ ଡାକିବେ, ସେଥିରେ ତାର ବିଶ୍ୱାସ ନାହିଁ ।

"ତେମେ ତ ଦେଖିଛ, ଆମେ ଆସିଲାବେଳେ ମୋ ମାଆ କେତରି ଧରି ପଡ଼ିଥିଲା; କେଉଁବେଳେ ମରିଯିବ ଠିକ୍ ଠିକଣା ନାହିଁ । ମତେ ଆଉ ତା ପାଖକୁ କିଏ ନବ ?" କିଛି ସମୟ ପରେ ଟିକିଏ ସାହସ ନେଇ, ହସ ହସ ହୋଇ ସେ ପଚାରିଲା, "ଆମେ ବାହାହୋଇ ଏଠିକି ଆସିବା ପରେ, କାହିଁ କୋଉ ବନ୍ଧୁବାନ୍ଧବ ବି ତ ଆମକୁ ତାଙ୍କ ଘରକୁ ଡାକିନାହାନ୍ତି ? ସବୁ ଲୋକଙ୍କ ରୀତି ସେଇଆ ନୁହଁ ?"

"ଆମକୁ ନିମନ୍ତ୍ରଣ କରି ଘରକୁ ଡାକିନେବା ପାଇଁ ମୋର କେହି ନାହାନ୍ତି—ଏ କଥାଟା କଣ ପ୍ରଥମରୁ ଜାଣିନୁ କି ? ଇମିତି ଜାଗାକୁ ତୋ ବାପାମାଆ ତତେ କାହିଁକି ପଠେଇ ଦେଲେ ସେ କଥା ବି ଜାଣିନୁ କି ?"—ବିରକ୍ତ ହୋଇ ପାଲାନି ପଚାରିଲା ।

କାରୁତାମ୍ମାର ମୁହଁ ତଳକୁ ହୋଇଗଲା । ପାଲାନିର କ୍ରୋଧ ଉଠିଥାଏ । ତା ମୁହଁ କି ଆଉ ବନ୍ଦ ହୁଅନ୍ତା ? ସେ କହିଚାଲିଲା,—"ମୋର ବୋଲି କେହି ନାହିଁ । ମତେ ଟିକିଏ ଖୁସି କରାଇବାଭଳି ଲୋକ ହୋଇ କେହିନାହିଁ । ଆଜି ଯଦି ମୁଁ ଦରିଆ ମଝିରେ ବୁଡ଼ିମରେ,

Digitized by srujanika@gmail.com

ତେବେ ମୋ ଲଗି କାନ୍ଦିବା ପାଇଁ ବି କେହି ନାହିଁ । ଘରେ କୁଳଟା ହୋଇ ଝିଅଟେ ରହିଥିଲା, ସେଇଟାକୁ କୌଣସିମତେ ପାର କରିଦେଲେ ଯାଏ ବୋଲି ସୁବିଧା ଖୋଜୁଥିଲେ । ସେଇ ଝିଅଟାକୁ ଆଣି ମୋ ବେକରେ ବାନ୍ଧିଦେଲେ ।—ଏକଥା ତ ସମସ୍ତେ କହୁଛନ୍ତି ।”

ହାୟ ! କେଡ଼େ ବଡ଼ ଅପମାନ ନୁହେଁ ସତେ ! ଝିଅଟା କୁଳଟା ହୋଇ ରହିଥିଲା— ଏକଥା ସେ କିପରି ସହ୍ୟ କରିବ ? କିନ୍ତୁ ଏଇଟା ସତ କଥା । ମନେହେଲା ଯେଉଁ ପାପ ତା ଅନ୍ତର ଭିତରେ ବସାବାନ୍ଧି ରହିଥିଲା, ସେ ପାପ ଏକ ବାସ୍ତବ ରୂପ ନେଇ ବାହାରିପଡ଼ିଲା । ଇଏ ହେଉଛନ୍ତି ତାର ସ୍ୱାମୀ ! ବାହା ହେବାର ଦିନ ଦୁଇଟା ହୋଇନାହିଁ; ଏ ଲୋକ ତା ମୁହଁ ଉପରେ ଏ କଥାଗୁଡ଼ାକ ବଳେଇ ଫଟେଇ କହିଦେଇଗଲେ !!

ଦୁଇ ହାତରେ ମୁହଁ ଲୁଚେଇ କଇଁ କଇଁ ହୋଇ କାନ୍ଦିଉଠିଲା କାରୁତାମ୍ମା । କୋହର ଆବେଗରେ ଦେହ ସାରା ତାର ଥରିବାକୁ ଲାଗିଲା !

ପାଲନି କୋମଳ ଭାବରେ କହିଲା, “ଏକଥା ମୁଁ ଭାବୁନାହିଁ; ଏସବୁ ମୁଁ କହୁନାହିଁ ଲୋ, ଏ କଥା ଅନ୍ୟ ଲୋକେ କହୁଛନ୍ତି । ସେହି ପାପୁ ବଦମାସ୍‌ଟା ଏତକ ଆରମ୍ଭ କଲା ।”

ବିବାହ ପରେ ଦାମ୍ପତ୍ୟ-ଜୀବନରେ ଏହି ପ୍ରଥମ କରି ଲୁହ ବୋହିଲା । ପରସ୍ପର ମଧ୍ୟରେ ବୁଝାମଣା ଆଣିବା ଲାଗି, ସାନ୍ତ୍ୱନା ଦେବା ଲାଗି ଅବଶ୍ୟ ଚେଷ୍ଟା ଚାଲିଲା; ତଥାପି ସେମାନଙ୍କର ସୁଖର ଜୀବନ ଉପରେ କିଛି ସମୟ ଧରି ଅଶାନ୍ତିର କାଳିମା ବୋଳିହୋଇଗଲା ।

ଧକେଇ ଧକେଇ କାରୁତାମ୍ମା କହିଲା, “ମୁଁ···ମୁଁ ତୁମ ଦରିଆକୂଳରେ କୌଣସି କଳଙ୍କ ଲଗେଇବି ନାହିଁ ।”

ସେ ଏଭଳି ଭାବରେ ଚଳିବ, ଏଭଳି ଭାବରେ ଜୀବନ କାଟିବ ଯେ ତା ସ୍ୱାମୀ କୌଣସି ଦିନ ଘରକୁ ଆସିବାକୁ ଅସୁଖୀ ମଣିବେ ନାହିଁ, ଘୃଣା କରିବେ ନାହିଁ । ଯେଉଁ ଦୋଷ କଲେ ଦରିଆରେ ସବଗିଲା ଲହରୀ ଉଠି ଗାଆଁ ଭିତରକୁ ମାଡ଼ିଆସିବ, କୁଲଯାକ ବିଷାକ୍ତ ସାପ ଖେଳି ବୁଲିବେ, ଝଡ଼ତୋଫାନ ଭିତରେ ବଡ଼ବଡ଼ ଆଁ କରି ସମୁଦ୍ରର ଅଜଣା ଜୀବଜନ୍ତୁସବୁ ମାଡ଼ିଆସିବେ ସେପରି ଦୋଷ ସେ କୌଣସି ଦିନ କରିବ ନାହିଁ । ସେ ସତୀସାଧ୍ୱୀ କେଉଟୁଣୀଙ୍କ ପରି ଚଳିବ ।

ବିଚ୍ଛିନ୍ନ ଶବ୍ଦ ଥରି ହାତ ଯୋଡ଼ି ନେହୁରା ହେଲା, “ମତେ ବିଶ୍ୱାସ କର ।” ପାଲନି କିନ୍ତୁ କିଛି କହିଲା ନାହିଁ । ଚୁପ୍ ରହିଲା, ବିଚ୍ଛିନ୍ନର ଆଉ ଭାବି କଣ ? ପାଲନିର ଚଉଡ଼ା ଛାତି ଉପରେ ମୁଣ୍ଡ ଢଳେଇଦେଇ କେବଳ ଲୁହ ବୁହାଇବାକୁ ଲାଗିଲା । ଲୁହର ସୁଅରେ ସେ ହୃଦୟଟା ଟିକିଏ ହାଲୁକା ଲାଗିଲା ।

ଶେଷକୁ ପାଲନି କହିଲା, “ମୁଁ ତତେ ବିଶ୍ୱାସ କରୁଛି କି ନାହିଁ, ଏକଥା କାହିଁକି ଥରକୁ ଥର ପଚାରୁଛୁ ? ଏକଥା ଶୁଣିଲେ ମତେ ଲାଗୁଛି ତୋ ନିଜ ଉପରେ ତୋର ବିଶ୍ୱାସ ନାହିଁ, ତୋ ମନରେ କଳଙ୍କ ଅଛି ।”

Digitized by srujanika@gmail.com

ଓଃ, ଇଏ ତ ଆନ୍ତୁର ଏକ ଖ୍ରତବ୍ରଦଂଶନ । ତା ଅନ୍ତରର ନିଭୃତ କନ୍ଦରରେ ଯେଉଁ ଗୋପନ କଥାଟିକ ଲୁଚି ରହିଛି, ପାଲନି ସେ କଥାର ଆଭାସ ପାଇଯାଇଛି ନା କଣ ? ଲୋକେ ତ ଝଲକୁ ତାଲ କରି ବାରକଥା କହନ୍ତି; ପଡ଼ି ପଡ଼ି ପାଲନି କାନରେ ଏବେ ସବୁ କଥା ପଡ଼ିଯାଇଥିବ ।

କାରୁତାମ୍ମା ଆଉ କିଛି କହିଲା ନାହିଁ । ଘୋର ତମାମ ନାନା ସନ୍ଦେହ ଆସି ତା ମନକୁ ଘାରିଲା । ସ୍ୱାମୀ ତାର ଗୋପନ ରହସ୍ୟଟା ଜାଣିଛନ୍ତି ନା ନାହିଁ ? ସବୁ ବିଷୟ ତାଙ୍କ ଆଗରେ ଖୋଲି କହିଦେବା ସବୁଠାରୁ ଭଲ କଥା ହେବନାହିଁକି ? ଯଦି ସେ ସବୁ ସତକଥା ଖୋଲି କହିଦିଏ, ସେ କଣ ତାକୁ କ୍ଷମା କରିବେ ନାହିଁ ? ଲୋକେ ଯେତେବେଳେ ନାନାରଙ୍ଗ ଦେଇ ତାଙ୍କ କାନକୁ କଥାଟା ଆଣିବେ, ସେତେବେଳେ ତାଙ୍କ ମନ ନିଶ୍ଚୟ ଖରାପହେବ । ବରଂ ପ୍ରକୃତ କଥାଟି ଶୁଣାଇ ଦେବା ଭଲ । କିନ୍ତୁ ସେ କିପରି କହିବ ?

ତହିଁଙ୍କ ଜୀବନରେ ଏହା ଏକ ପରୀକ୍ଷାର ବେଳ । ତାକୁ ଗୋଟିଏ କିଛି ନିଷ୍ପତ୍ତି ନେବାକୁ ପଡ଼ିବ । ସେ କଣ କହିଦେବ, 'ମୁଁ ଜଣେ ଲୋକକୁ ଭଲପାଉଥିଲି ? ଏଇତକ କଥା ଶୁଣିବାକୁ କୌଣସି ସ୍ୱାମୀର ଧୈର୍ଯ୍ୟ ପାଇବ ତ ? ନା, ସେ ଏପରି ଆରମ୍ଭ କରିବ—'ପିଲାଦିନେ, ମୋର ଜଣେ ସାଙ୍ଗ ଥିଲେ ?' ନା; ସେପରି କହିଲେ ବି ଚଳିବନାହିଁ, କାରଣ କଥାଟି ଯଦି ଭଲଭାବରେ ଆରମ୍ଭ କରେ, ତେବେ ପିଲାଦିନର ସେହି ସ୍ମୃତିମଧୁର ଦିନଗୁଡ଼ିକ ବିଷୟରେ କେତେ କେତେ ବହୁତ କଥା କହିହୋଇଯିବ । କେତେ କେତେ ପାରିକୁଟ୍ଟିର ପ୍ରଶଂସା ବି କରିପକାଇବ । ସେଥିରୁ ସ୍ୱାମୀ ଅର୍ଥ କରିବସିବେ ଯେ କାରୁତାମ୍ମା ଏବେ ବି ପାରିକୁଟ୍ଟିକୁ ଭଲପାଏ । ସେ କଣ କହିବ ଯେ ପାରିକୁଟ୍ଟି ତାର ଶୁଖୁଆ ଗୋଦାମ ପାଖରେ ତାକୁ ପ୍ରେମ ପ୍ରାର୍ଥନା କରୁଥିଲା ? ନା, ନା,—କଦାପି ନୁହଁ । ତା'ହେଲେ ପାରିକୁଟ୍ଟିକୁ ଜଣେ ଖରାପ ଲୋକ ବୋଲି ବର୍ଣ୍ଣନା କରିବାକୁ ପଡ଼ିବ । କହିବ, ଲୋକଟା ନିତାନ୍ତ ନୀଚ, ଶୁଖୁଆ ଗୋଦାମ ପାଖରେ ସେ ତାକୁ କିଛି କହିନାହିଁ । ସେ ତା ଆଡ଼କୁ ହାତ ବଢ଼ାଇନାହିଁ କି ତା ପାଖକୁ ଆସିନାହିଁ । କାରୁତାମ୍ମାର ମନଶ୍ଚକ୍ଷୁ ଆଗରେ ପାରିକୁଟ୍ଟିର ନିରୀହ-ନିଃସହାୟ ରୂପଟି ନାଚିଗଲା । ଆଖିରେ ତାର ଧାର ଧାର ଲୁହ । ଗ୍ରେଟ ବଖରାଟିର ଅନ୍ଧକାର ଭିତରେ ପାରିକୁଟ୍ଟିର ଏ ରୂପ ତାକୁ ଜଳଜଳ ହୋଇ ଦେଖାଗଲା । ସେ ହିଁ ତାକୁ ସର୍ବସ୍ୱାନ୍ତ କରିଦେଲା । ଜୀବନରେ ତାର ଆଉ କୌଣସି ଆଶା ନାହିଁ । ପଚତ୍ତୋର ବର୍ଷର ବୁଢ଼ାକାଳେ ବି ସେ ସେହି ଗୀତଟି ଗାଉଥିବ ଏବଂ ସେହିଭଳି ଗାଇ ଗାଇ ତାର ପ୍ରାଣବାୟୁ ଉଡ଼ିଯିବ । କାରୁତାମ୍ମା ପାରିକୁଟ୍ଟିକୁ ସ୍ପଷ୍ଟ ଦେଖିବାକୁ ପାଇଲା । ତାକୁ କିଛି କହିବା ଲାଗି ତାର ଅଧର ଥରିଉଠିଲା । ନିଜକୁ ଭୁଲିଗଲା କାରୁତାମ୍ମା । ତା ସ୍ୱାମୀ ଯେ ତାକୁ ଲାଗି ଶୋଇଛନ୍ତି, ସେ ତାହା ସମ୍ପୂର୍ଣ୍ଣ ଭୁଲିଗଲା । ତାର ଅନ୍ତରରୁ ବାକ୍‌ସ୍ଫୁରଣ ହୋଇଗଲା । ସେ କହିପକାଇଲା, "ମୁଁ ତୁମକୁ ପ୍ରେମ କରେ", କିନ୍ତୁ ପରମୁହୂର୍ତ୍ତରେ ସେ ନିଜ କଣ୍ଠସ୍ୱରରେ ନିଜେ ଚମକିପଡ଼ିଲା ।

Digitized by srujanika@gmail.com

ପାଲନି ପଚାରିଲା, "କଣ ଇମିତ ବାଉଳେଇ ହଉଚୁ କଲେ ? ତୁ ମତେ ପ୍ରେମ କରୁ !!"

କାରୁତାମ୍ମାର ସ୍ୱପ୍ନ ଭାଙ୍ଗିଗଲା । ସେ ସମ୍ପୂର୍ଣ୍ଣ ସଚେତ ହୋଇଗଲା । ଟିସ ଉତ୍ତର ଦେଲା, "ହଁ ।"

"ତୁ କାହାକୁ ପ୍ରେମ କରୁ ?"—ପାଲନି ପଚାରିଲା ।

କାରୁତାମ୍ମା ମିଛ କହିଲା—"ମୋ ସ୍ୱାମୀଙ୍କୁ ।"

ପାହାନ୍ତିଆ କୁକୁଡ଼ା ଡାକିଲା । ଦରିଆକୂଳରେ ଲୋକେ ଡକାଡ଼କି ହେଉଥିବାର ଶୁଭିଲା । ଡଙ୍ଗା ପାଖକୁ ଯିବାର ବେଳ ହୋଇଗଲା ।

ସେଦିନ ପାଲନିର ଟିକିଏ ବିଳମ୍ବ ହୋଇଗଲା । ପୂର୍ବରୁ କୌଣସି ଦିନ ଏଭଳି ହୋଇ-ନଥିଲା । ଅନ୍ୟ ମାଝିମାନେ ତାପାଇଁ ଅପେକ୍ଷା କରି ରହିଥିଲେ । ଥଟ୍ଟା କରି ପାପ୍ପୁ କହିଲା, "ଆରେ, ଏଇଟା ଜଣାଶୁଣା କଥା । ମଣିଷ ନୂଆ ବାହାହେଇ ଯେଲେ, ଉଠିଲାବେଳକୁ ନିଶ୍ଚୟ ଟିକିଏ ଡେରିହେଇଯିବ ।"

ଏଭଳି ଥଟ୍ଟା କରିବାଟା ହେଲା ନାହିଁ । କଥାଟା ପାଲନିକୁ ଭଲ ଲାଗିଲା ନାହିଁ । କହିଲା —"ପାପ୍ପୁ, ଭଡ଼ଭଡ଼ ହ'ନା କହୁଛୁ ।"

ପାପ୍ପୁ ପଚାରିଲା, "ଆରେ, ମୋ ସାଙ୍ଗରେ କାହିଁକି କଳିକରୁଛୁ ?"

ପାଲନି କୌଣସି ଉତ୍ତର ଦେଲାନାହିଁ । ତାର ଭୟ ଯେ ପାପ୍ପୁ ଆଉରି କଣ ନାହିଁ କଣ କହିଦେବ । କାରୁତାମ୍ମା ବିଷୟରେ ବି କହିପାରେ ।

ଡଙ୍ଗା ଛାଡ଼ିଲା । ଠିକ୍ ପଶ୍ଚିମମୁଖୀ ହୋଇ ଡଙ୍ଗା ଚାଲିଲା, ପାଲନି ବଡ଼ ଆହୁଲା ଧରିଥାଏ; କିନ୍ତୁ କେଉଁଠି ମାଛର ସନ୍ଧାନ ନ ଥାଏ । ଡଙ୍ଗାଗୁଡ଼ାକ ଏଣେ ତେଣେ ହୋଇ ବୁଲୁଥାନ୍ତି । କୌଣସି ଡଙ୍ଗାର ଜାଲ ପଡ଼ିନଥାଏ ।

ଆହୁଲା ମାରି ମାରି ପାଲନି ଚାଲିଲା ସିଧା ପଶ୍ଚିମକୁ । ତା ଦେହର ମାଂସପେଶୀଗୁଡ଼ାକ ଅଦମ୍ୟ ଶକ୍ତି-ସ୍ରୋତରେ ଚଳଚଞ୍ଚଳ ହୋଇଉଠିଲେ । ତାର ମନେହେଲା ସମୁଦ୍ରଟା କିଛି ଅନନ୍ତ ନୁହେଁ । ତା ହାତକୁ ଲାଗିଲା ବଡ଼ ଆହୁଲାଟା ନିତାନ୍ତ ହାଲୁକା । କ୍ଷିପ୍ର ଗତିରେ ଆହୁଲା ଚଳାଇଲା ପାଲନି ।

ଡଙ୍ଗା ବହୁତ ଦୂର ଚାଲିଗଲା । ଯେତେବେଳେ କୂଳ ଆଉ ଦେଖାଗଲା ନାହିଁ ସେତେ-ବେଳେ ଆଉ ପଚାରିଲା, "ଆରେ, ତୁ ଡଙ୍ଗାଟାକୁ କିମିତି କୁଆଡ଼େ ନେଉଛୁ ?"

ସମସ୍ତେ ଆହୁଲା ବନ୍ଦକରିଦେଲେ । ତଥାପି ପାଲନିର ଆହୁଲା ବନ୍ଦ ହେଲାନାହିଁ । ଡଙ୍ଗା ଆହୁରି ଆଗକୁ ମାଡ଼ିଚାଲିଲା, ମନେହେଲା ତାକୁ ଯେପରି ଭୂତ ଲାଗିଛି । ଦରିଆବଳୟରେ ପହଞ୍ଚିଲେ ହିଁ ସେ ସନ୍ତୁଷ୍ଟ ହେବ ।

ତାର ସେହି ରୂପ ଦେଖି କୁମାରୁ ଡରିଗଲା । "ଆବେ, ତୁ'ଟାର କେହି ନାହିଁ ବୋଲି······" କହି ଗର୍ଜନ କରି ସେ ପାଲନି ଉପରକୁ ଡେଇଁପଡ଼ିଲା । "ତୁ ଯଦି

Digitized by srujanika@gmail.com

ନେଉଛୁ, ତୁ ଦରିଆକୁ ଡେଇଁ ବୁଡ଼ିମର । ଘରକୁ ତ ଦୋସ୍ତବୁଣି ମାଇକିନିଆଟେ ଆଣିଛୁ, ଏବେ ଦରିଆକୁ ଡେଇଁ ବୁଡ଼ିମର । ତୋ କପାଳରେ ସେଇଆ ଲେଖାହୋଇଛି । କିନ୍ତୁ ଧନ, ଆମର କୁଳକୁଟୁମ୍ବ ଅଛନ୍ତି, ପିଲାକବିଲା ଅଛନ୍ତି ।"

ପାପ୍ପୁ ପାଲନି ହାତରୁ ଆହୁଲା ଛଡ଼ାଇ ନେଇଗଲା । ତାକୁ ଆଣି ଆଘ ପାଖରେ ବସାଇ ଦେଇ ଡଙ୍ଗାର ମୁହଁ ମୋଡ଼ିଲା ।

କ୍ଳାନ୍ତ-ଶ୍ରାନ୍ତ ହୋଇଯାଇଥିଲା ପାଲନି । କିଛି ସମୟ ଚୁପ୍ ହୋଇ ବସିରହିବା ପରେ ଗୋଟିଏ ପଖା ଆହୁଲା ଧରିଲା । ସେମାନେ ଅନ୍ୟ ଡଙ୍ଗାମାନଙ୍କ ପାଖକୁ ଫେରିଆସି ଜାଲ ପକାଇଲେ ।

ସେଦିନ ମାଛ ପ୍ରାୟ ପଡ଼ିଲେ ନାହିଁ । ପାଲନି ଡଙ୍ଗାରେ ଅଳ୍ପ କେତୋଟା ଚିନାମାଛ ପଡ଼ିଥିଲେ । ଭାଗ କଲାବେଳକୁ ଜଣକା ମାଟ ଟଙ୍କାଦେଢ଼ଟା କରି ପଡ଼ିଲା ।

ଦେହମୁଣ୍ଡ ଧୁଆଧୋଇ ହେଲାବେଳେ ପାପ୍ପୁ ପଚାରିଲା, "ହଇରେ ପାଲନି, ତୋର ଇମିତି କଣ ହେଲା କରେ ।"

ପାଲନିର କାହିଁକି ଏପରି ହେଲା, ତାହା ଜାଣିବାକୁ ସମସ୍ତଙ୍କର ଉତ୍କଣ୍ଠା; ଲୋକଟା ସେତେବେଳେ ପୂରା ଅମଣିଷ ପରି ଦେଖାଗଲା । ଅବଶ୍ୟ ଡଙ୍ଗା ଚଲାଇବାବେଳେ ସେ ଖୁବ୍ ଜୋରରେ, ପୂରା ଦମ୍ ଲଗାଇ ଆହୁଲା ମାରେ; କିନ୍ତୁ କାହିଁ କୌଣସି ଦିନ ତ ଏପରି ଭୂତ ଲାଗିଲା ପରି ହୋଇନଥିଲା !

ପାଲନି କହିଲା, କଣ ହେଲା ମୁଁ ଜାଣିନି; ମୁଁ କାହିଁକି ନିଜକୁ ଭୁଲିଗଲି ।"

ଆଘ କହିଲା, "ବାପ, ବୁଝିଲୁ, ଆମ ସମସ୍ତଙ୍କର ପରା ପିଲାକବିଲା ଅଛନ୍ତି ।"

କୁମାରୁ ତାର ମନକଥା କହିଦେଲା—"ନା, ଆଜିଠୁଁ ପାଲାନି ଆଉ ବଡ଼ ଆହୁଲା ଧରିବ ନାହିଁ । କୋଉଦିନ ଆମକୁ ମଝି ଦରିଆରେ ବୁଡ଼େଇ ମାରିଦବ, କିଏ କହିବ ?"

ସମସ୍ତେ ଏଥିରେ ରାଜିହେଲେ । ପାଲାନି ଦେହରେ କିଛି ଗୋଟିଏ ଭୂତ ଲାଗିଛି—ସେଥିରେ ଆଉ ସନ୍ଦେହ ନାହିଁ ।

ତେର

ସେମାନଙ୍କର ପରମ୍ପରା ଅନୁଯାୟୀ ବିବାହର ଚତୁର୍ଥଦିନ କନ୍ୟାଘରର ଲୋକେ ଆସି ବର-କନ୍ୟା ଉଭୟଙ୍କୁ ନିଜ ଘରକୁ ଡାକିନିଅନ୍ତି । କିନ୍ତୁ କାରୁତାମ୍ମାକୁ ତା ବାପଘରକୁ

Digitized by srujanika@gmail.com

ନେବା ଭଳି ଲୋକ ନୀରକୁନ୍ନାମରେ କେହି ନଥିଲେ ।

ଝିଅ ବାହାଘର ଦିନଠାରୁ ଚକ୍କୀ ଶଯ୍ୟାଶାୟୀ ହୋଇ ପଡ଼ିଥିଲା । ନାଲ୍ଲାପେନ୍ନୁ ଭଲ ପଡ଼ୋଶୀଟିଏ । ବିଚାରୀ ମଝିରେ ମଝିରେ ଆସି ସେବାଶୁଶ୍ରୂଷା କରେ । ଘରକରଣା ଭାର ପଞ୍ଚମୀ ଉପରେ । ଭାର୍ଯ୍ୟାର ଏପରି ନିଃସହାୟ ଅବସ୍ଥା ଦେଖି ଚେମ୍ପନ କୁଞ୍ଜୁ କୌଣସି ପ୍ରକାର ବ୍ୟସ୍ତ ହେଉଥିବା ପରି ଜଣାଗଲାନାହିଁ । ନାଲ୍ଲାପେନ୍ନୁ ଦିନ ଚାରି ଥର କହିଲାଣି, ଭଲ ଡାକ୍ତରଟିଏ ଡାକି ଚକ୍କୀକୁ ଦେଖାଅ । କିନ୍ତୁ ଚେମ୍ପନ କୁଞ୍ଜୁ ଜବାବ ଦେଉନାହିଁ । କେବଳ ଚକ୍କୀ ଶୋଇଥିବା ଘରକୁ ଯାଇ ମଝି ମଝିରେ ଟିକିଏ ଚାହିଁଦେଇ ଆସେ । ଥରେ ଚକ୍କୀ କହିଲା, "ଟିକିଏ ତ୍ରିକୁନ୍ନାପୁଝା ଯାଇ ଝିଅ ଜୋଇଁଙ୍କୁ ଡାକିଆଣ ।"

ଚେମ୍ପନ କୁଞ୍ଜୁର ରାଗ ଦେଖେ କିଏ । ଅବସ୍ଥା ଭୁଲିଯାଇ ସେ ପାଟିକରିଉଠିଲା । କହିଲା, "ମୁଁ କଦାପି ଯିବିନାହିଁ । ସେ ଭଳିଆ ଝିଅ ମୋ ଘରକୁ ଆସୁ ବୋଲି ମୁଁ ଚାହେଁନା ।" ଚକ୍କୀର ରାଗ ବି ଉଠିଲା । ଫଳ ଏଇଆ ହେଲା ଯେ, ବିଚାରୀ ବେହୋସ ହୋଇ ପଡ଼ିଗଲା ।

ଚେମ୍ପନ କୁଞ୍ଜୁ ସେଦିନ ଘରକୁ ଜଣେ ଡାକ୍ତର ଡାକିଆଣିଲା । କିନ୍ତୁ ଝିଅ ଡାକିବା ଲାଗି ତ୍ରିକୁନ୍ନାପୁଝା ଗଲାନାହିଁ । ସମସ୍ତେ ଏ କଥା ପଚାରିଲେ । କିନ୍ତୁ ସମସ୍ତଙ୍କ କଥାରେ ସେ ରାଗିଲା । ଯେ ପଚାରିଲା, ତା ସହିତ କଳି କଲା ।

ତ୍ରିକୁନ୍ନାପୁଝା ଗାଆଁରେ ଲୋକଙ୍କ ଭିତରେ ବି ଏହିକଥା ପଡ଼ିଲା । ବାହାହେବାର ଆଜି ଚତୁର୍ଥଦିନ, ଆଜି କିପରି କାରୁତାମ୍ମାକୁ ତା ବାପ ଘରକୁ ଡାକି ନେଲେନାହିଁ । ସେ କିଛି କୁଳକୁଟୁମ୍ବ ନଥିବା ଝିଅଟିଏ ନୁହଁ, ତ୍ରିକୁନ୍ନାପୁଝା ଗାଆଁର ସମସ୍ତେ ଏକଥା ଜାଣନ୍ତି । ତେଣୁ ଭାବିଲେ ବୋଧହୁଏ ତାକୁ ଘରୁ ତଡ଼ିଦେଇଛନ୍ତି ।

କାରୁତାମ୍ମାର କିନ୍ତୁ ବଡ଼ ଆଶା କେହିହେଲେ ଜଣେ ଆସିବ; କିଛି ହେଲେ ଗୋଟିଏ ଘଟିବ । ସେ ବିଶ୍ୱାସ କରିପାରିଲା ନାହିଁ ଯେ ବାପା ତାକୁ ସତରେ ଏପରି ପରିତ୍ୟାଗ କରିଦେବେ । ଏଣେ ମାଆକଥା ଭାବି ଭାବି ମନଟା ବ୍ୟସ୍ତ ହେଇଗଲା । କିନ୍ତୁ ଏସବୁ କଥା ସ୍ୱାମୀକୁ କହିବାକୁ ସେ ଭୟକଲା । ତଥାପି ମନଟା ଏତେ ଯାଣ୍ଟି ଚକଟି ହେଲା ଯେ ସେ ଆଉ ଚୁପ୍ ହୋଇ ରହିପାରିଲାନାହିଁ । କହିଲା, "ମୋ ମାଆ କଣ ଆଉ ଆଜି ଯାଏ ବଞ୍ଚିଥିବ ?"

ପାଲନି କୌଣସି ଉତ୍ତର ଦେଲାନାହିଁ । କାରୁତାମ୍ମା ତା ମୁହଁକୁ ଭଲକରି ଚାହିଁଲା । କାରୁତାମ୍ମା ଡରି ଡରି ପଚାରିଲା "ଆମେ ଯାଇ ଟିକିଏ ଦେଖି ଆସିଲେ ଭଲ ହୁଅନ୍ତା ନାହିଁ ?"

ପାଲନି ଚଟ୍ କରି ଉତ୍ତରଦେଲା—"ସେ କଥା ନେଇ ମୁଣ୍ଡ ଖେଳାନା କହୁଛି ।"

ଓଃ—ପାଲନିର ସେ ଉତ୍ତର ଶୁଣି କାରୁତାମ୍ମାର ମନେହେଲା ତା ଗାଲରେ ଯେପରି କିଏ ସେ ଗୋଟାଏ ନିର୍ଘାତିଆ ଚାପୁଡ଼ା ମାରିଦେଲା । ପାଲନିର ଏପରି ପରିବର୍ତ୍ତିତ ଭାବ ଦେଖି କାରୁତାମ୍ମା ଭୟଭୀତ ହୋଇଗଲା । ତଥାପି ମୁହଁରେ ଟିକିଏ ହସ ଟାଣିଆଣି ସେ ପଚାରିଲା,

Digitized by srujanika@gmail.com

"ଇମିତ ଗୋଟେ କଣ କହୁଛ ମ ?"

ପାଲନି ପଚାରିଲା, "କାହିଁକି ନ କହିବ ?"

"ଯେତେବେଳେ ଆମର ଝିଅଟିଏ ହୋଇ ବାହା ହବ, ସେତେବେଳେ ଯଦି ଆମକୁ ଇମିତ କଥା ଶୁଣିବାକୁ ପଡ଼ିବ ?"

ସେ ପ୍ରଶ୍ନର ଉତ୍ତର ବି ପାଲନି ପ୍ରସ୍ତୁତ କରି ରଖିଥିଲା । କହିଲା, "ଓଃ ! ସେଦିନ ଆସିଲା ବେଳକୁ ଦେଖିବା ।"

ତଥାପି ପ୍ରସ୍ତାବଟା ତଳେ ପକାଇନଦେଇ କାରୁତାମ୍ମା ପଚାରିଲା, "ତା' ହେଲେ ମୁଁ ଏକାଟିଆ ଯାଇ ମାଆକୁ ଦେଖି ଆସିବି ?"

ପାଲନି କହିଲା ଯେ ସେଥିରେ ତାର ଆପତ୍ତି ନାହିଁ; କିନ୍ତୁ ତାର ଗୋଟିଏ ସର୍ତ୍ତ ଅଛି । "ଯଦି ଯିବାକୁ ବସିଛୁ ତେବେ ଯା'—କିନ୍ତୁ ଏଠିକି ଯିମିତି ଆଉ ଫେରିନଆସୁ ।

କାରୁତାମ୍ମା କ୍ରୋଧରେ ଜଳିଉଠିଲା । କହିଲା—"ଧନ୍ୟରେ ଦଇବ ! ତମ ମରଦମାନଙ୍କ ମନରେ କଣ ଥାଏ କି ଲେ ମାଆ ।" ତାପରେ ଜୋର୍ କରି ମୁହଁରେ ଟିକିଏ ହସ ଫୁଟାଇ-ନେଲା ।

ନିରକୁନ୍ନାମରେ ଚକ୍କି ଓ ତିରୁକୁନ୍ନାପୁଝାରେ କାରୁତାମ୍ମା । ଉଭୟେ ଦୁଃଖ ଓ ଅନ୍ତର୍ବେଦନାରେ ବିଦଗ୍ଧ ହୋଇ ରହିଥିଲେ । ସେମାନଙ୍କୁ ସମବେଦନା ଜଣାଇବା ଲାଗି କେହି ନଥିଲେ । ଉଭୟଙ୍କ ମନ ଉଭୟଙ୍କ ପାଇଁ କାନ୍ଦିବାକୁ ଲାଗିଲା । କାରୁତାମ୍ମା ନିର୍ଜନରେ ବସି ଆଖିରୁ ଲୁହ ଢାଳିବାକୁ ଲାଗିଲା । ଚକ୍କିର ବେଦନାକୁଳ ହୃଦୟ ଭିତରେ ଭିତରେ ଜଳିପୋଡ଼ି ଯିବାକୁ ଲାଗିଲା । କେହି ସେମାନଙ୍କର ମନକଥା ବୁଝିଲେ ନାହିଁ ।

ଚକ୍କିର ଅବସ୍ଥା ଖରାପ ଆଡ଼କୁ ଯାଉଥିବା ଶୁଣି ଦିନେ ପାରିକୁଟ୍ଟୀ ତାକୁ ଦେଖିବାକୁ ଆସିଲା । ଚେମ୍ବନ କୁଞ୍ଜୁ ଘରେ ନଥାଏ । ପାରିକୁଟ୍ଟୀକୁ ଦେଖି ଦେଖି ଚକ୍କିର ଲୁହ ଉଚ୍ଛୁଳି-ପଡ଼ିଲା । ଚକ୍କିର ସେ ଅବସ୍ଥା, ସେ କୋହ ଦେଖି ପାରିକୁଟ୍ଟୀର ଆଖି ଛଳଛଳ ହୋଇଗଲା ।

ଅନେକ ବଦଳିଯାଇଛି ପାରିକୁଟ୍ଟୀ । ସେ ଆଉ ପୂର୍ବର ସେହି ପାରିକୁଟ୍ଟୀ ନୁହଁ । ତା ମୁହଁରେ ଆଉ ହସ ନାହିଁ, ଖୁସି ନାହିଁ । କାନ୍ଦୁ କାନ୍ଦୁ ଚକ୍କି କହିଲା, "ମୁତାଲାଲି, ମୁଁ ଏଥର ଚାଲିଲି ବାପା ।"

ପାରିକୁଟ୍ଟୀ ଦେଖିଲା, ଚକ୍କି ଅବସ୍ଥା ନିତାନ୍ତ ଖରାପ । ତଥାପି ତା ମନରେ ସାହସ ଦେବାଲାଗି ସେ କହିଲା—"ଏପରି କଣ କହୁଛ, ମାଉସୀ । ତୁମ ଦେହ ତ କାହିଁ ସେତେ ଖରାପ ଦେଖାଯାଉନି ।"

ଶେଯ ପାଖରେ ଟିକିଏ ବସ ବୋଲି ଚକ୍କି ଠାରିଲା । ପାରିକୁଟ୍ଟୀ ମୁହଁକୁ ଚାହିଁ ସେ ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲା । କହିଲା, "କୋଚୁମୁତାଲାଲି, ତୁମକୁ ମୋର ବହୁତ କିଛି କହିବାର ଅଛି ।"

Digitized by srujanika@gmail.com

ପ୍ରଥମେ ସେ ଧାରନେଇଥିବା ଟଙ୍କା କଥା କହିବସିଲା । ପାରିକୁଟ୍ଟୀ କହିଲା—ସେ କଥା ନେଇ ଆଉ ବ୍ୟସ୍ତ ହୁଅନ୍ତୁ । ସ୍ୱାମୀଙ୍କୁ ନିନ୍ଦା ଦେଲା ଚକ୍କୀ—ବଡ଼ ଖଲ ପ୍ରକୃତିର ଲୋକ ସେ, ବଡ଼ ଲୋଭୀ ।

"ମୁଁ କଣ କରିବି କହ, ବାପ ? ସେ ଆଉ ତମ ଟଙ୍କା ଶୁଝିବେ ନାହିଁ ।"

"ହଉ ମାଉସୀ, ସେ ବିଷୟ ନେଇ ଏତେ ଆଉ ଚିନ୍ତା କରନ୍ତୁ—ଏତେ ବ୍ୟସ୍ତ ହୁଅନ୍ତୁ ।

"ଖାଲି ସେତିକ ନୁହଁ, କୋଚ୍ଚୁମୁତାଲାଲି" ବଡ଼ କଷ୍ଟରେ କହୁଥାଏ ଚକ୍କୀ, "ଝିଅଟାକୁ ବି ଆମେ କିଛି ସୁଖର ଜାଗାରେ ଦେଇପାରିଲୁନି । ତାର ସାରା ଜୀବନ ଦୁଃଖରେ କଟିବ ।"

ତାକୁ ସାନ୍ତ୍ୱନା ଦେବା ଲାଗି ପାରିକୁଟ୍ଟୀ ଭାଷା ଖୋଜି ପାଇଲା ନାହିଁ ।

ଚକ୍କୀ କହିଲା, "ମୁଁ ମରିବାକୁ ବସିଛି; ଏ ବେଳରେ ବି ଝିଅଟାକୁ ଟିକିଏ ଆଣିଲେ ନାହିଁ । ମଲାବେଳକୁ ମୋ ଝିଅ ମତେ ଦେଖିପାରିବନି ।" ଭାବନାରେ ବୁଡ଼ିଗଲା ଚକ୍କୀ ।

ଝିଅ ତାର ମନେ ମନେ ଜଣକୁ ଭଲପାଉଥିଲା । କିନ୍ତୁ ତାକୁ ବାହା କରାଇ ଦିଆଗଲା ଅନ୍ୟ ଜଣଙ୍କ ସହିତ । ଝିଅର ସେହି ପୁରୁଣା ଦିନର ଭଲପାଇବା ଟିକିକ ତାର ନୂଆ ଜୀବନ ଉପରେ ମେଘ ଅନ୍ଧାର ପରି ଘୋଟି ନରହିବ ବୋଲି ଚକ୍କୀ ଏବେ କିପରି କହିବ ? ତା ଜୀବନର ଏହା ଏକ ନୂଆ ପ୍ରଶ୍ନ । କିନ୍ତୁ ଏ ନୂଆ ଜୀବନ ସହିତ ପୁରୁଣା ଦିନର କିଛି ସମ୍ବନ୍ଧ ନାହିଁ ବୋଲି କେହି ହେଲେ କହି ପାରିବେ ନାହିଁ । ସବୁଠାରୁ ବଡ଼ କଥା ହେଲା, ଝିଅକୁ ଏଭଳି ଗୋଟିଏ ଲୋକ ହାତରେ ଦେଇଦେଇଛନ୍ତି ଯାହାର ନିଜର ବୋଲି କେହି ନାହିଁ; ନିଜର ବୋଲି କିଛି ନାହିଁ । ପାଲନି ଯେ ତାର ଝିଅକୁ ଭଲ ପାଇବ, ସାହାଭରସା ହୋଇ ଯତ୍ନ ନେବ ସେଥିରେ କି ନିଶ୍ଚିତତା ଅଛି ।

ଚକ୍କୀ କହିଲା, "ବାପ ହେ, ମତେ ଖାଲି ଲାଗୁଛି, ଝିଅକୁ ଯିମିତି ମୁଁ ଭଙ୍ଗା ନାଆରେ ବସେଇଦେଇ ମଝି ଦରିଆକୁ ଠେଲିଦେଲି ।"

ପାରିକୁଟ୍ଟୀ କହିଲା, "ନାହିଁ ନାହିଁ, ମାଉସୀ, ସେପରି ଭାବବ ନାହିଁ । ପାଲନିଟା ପରିଶ୍ରମୀ ପିଲା । ସେ ତାର ଠିକ୍ ଯତ୍ନ ନେବ ।"

ଏ କଥାରେ ଚକ୍କୀ ବିଶ୍ୱାସ ଗଲାନାହିଁ । ମୁଣ୍ଡ ହଲାଇ ହଲାଇ ଆବେଗଭରା କଣ୍ଠରେ ସେ କହିଲା, "ବାପା, ତେମେ ଦି'ଜଣ ପିଲାଟି ଦିନୁ ଏଇ ଦରିଆକୂଳରେ କି ସୁନ୍ଦର ଏକାଠି ଖେଳିବୁଲି ଚଳୁଥିଲ ।"

ହଜିଲା ଦିନର ସେହି ମଧୁର ସ୍ମୃତି ପାରିକୁଟ୍ଟୀର ହୃଦୟତନ୍ତ୍ରୀ ସ୍ପର୍ଶ କଲା । ପାରିକୁଟ୍ଟୀ ବର୍ତ୍ତମାନ ଉପଲବ୍ଧି କଲା ଚକ୍କୀ ସେମାନଙ୍କର ଭଲପାଇବା କଥାଟି ଜାଣେ । ସେ ଭଲ-ପାଇବାଟିକ ଯେ କେତେ ଗଭୀର ବୋଧହୁଏ ତାହାବି ଜାଣେ ।

ଚକ୍କୀର କଥା ସରି ନଥାଏ, ସେ କହିଲା, "ବାପ, ପୁଅଟିଏ ଜନ୍ମ କରିବା ଭାଗ୍ୟ ମୋର ହେଲାନି । ହେଲେ କଣ ହେଲା ମୋର ଗୋଟିଏ ପୁଅ ଅଛି ।"

ପାରିକୁଟ୍ଟୀର ଦୁଇହାତ ମୁଠେଇ ଧରି ଚକ୍କୀ ସେହି ଆବେଗଭରା କଣ୍ଠରେ କହିଲା,

Digitized by srujanika@gmail.com

"ବାପ, ତେମେ ହିଁ ମୋର ସେଇ ପୁଅ ।"

ପାରକୁଟୀର ଦଗ୍ଧ ହୃଦୟରେ କିଏସେ ଯେପରି ଚନ୍ଦନ ଲେପିଦେଲା । କାବୁତାମ୍ପାକୁ ସେ ପାଇଲା ନାହିଁ ସତ; କିନ୍ତୁ କାବୁତାମ୍ପା ସହିତ ତାର ସମ୍ପର୍କ ଚିରଦିନ ଲାଗି ରହିଯିବ; ତା ସହିତ କାବୁତାମ୍ପାର ସମ୍ପର୍କ ବି ଚିରଦିନ ରହିଯିବ ।

ବୃଦ୍ଧ କହିଲା, "ବାପ, ଭଲ ଝିଅଟିଏ ଦେଖି ବାହା ହେଇପଡ଼; ପିଲାଛୁଆ ହୁଅନ୍ତୁ । ବେପାର ବଣିଜ କରି ସୁଖରେ ରହ । କାବୁତାମ୍ପା ମନରେ ଆଉ କଷ୍ଟ ଦିଅନି, ବାପ, ସେ ବିଚାରି ବାହା ହେଇଗଲାଣି । ତେମେ ଏଥର ତା ଭାଇ—ମୋ ପୁଅ ହେଇ ତାକୁ ଏଥର ଭଉଣୀ ବୋଲି ମଣିବ ।"

ପାରକୁଟୀ ଆଖିରୁ ଲୁହ ଉଚ୍ଛୁଳିପଡ଼ିଲା ।

"ବାପା; ତେମେ କାବୁତାମ୍ପାକୁ କେତେ ଭଲପାଅ, ମୁଁ ଜାଣେ । ତମ ଆଖି ଲୁହ ହିଁ ସେ କଥା କହିଦଉଛି ।"

କିଛି କହିପାରିଲାନାହିଁ ପାରକୁଟୀ । ଆବେଗରେ ତାର କଣ୍ଠ ରୁଦ୍ଧହୋଇଗଲା । କାବୁତାମ୍ପାକୁ ସେ ଭଲପାଉଥିଲା; ସେଥିପାଇଁ ସେ ଭାଇ ପରି ତାର ଯତ୍ନ ନେବ । ହଁ, ଠିକ୍ କଥା ।

ନିରବତା ମଧ୍ୟରେ କଟିଗଲା କେତୋଟି କ୍ଷଣ । ବୃଦ୍ଧ ପଚାରିଲା, "ମୋ କଥା ରଖିବ ନାହିଁ ବାପ ?"

ପାରକୁଟୀ ମୁହଁରୁ ଯନ୍ତ୍ରଚାଳିତବତ୍ ଉତ୍ତର ବାହାରିଆସିଲା, "ହଁ ।"

"ତା'ହେଲେ, ଶୁଣ ମୋ ଧନ, ତେମେ ବି ହେଁ ମୋର ପିଲା, ବି ହେଁ ମୋର ପୁଅଝିଅ ପରି ଚଳିବ ।" ଟିକିଏ ରହି ବୃଦ୍ଧ ପୁଣି କହିଲା, "ଝିଅ ଯଦି ମୋର ଏଠି ଥାନ୍ତା, ଏଇଠି ଏ ମଳାଚଣିଯରେ ଶୋଇ ତାକୁ ଏତକ କହିଦେଇଥାନ୍ତି ।"

ବୃଦ୍ଧ ପାରକୁଟୀକୁ ଆଉ ଥରେ କହିବସିଲା ଯେ ସେ କାବୁତାମ୍ପା ସହିତ କେବଳ ଭାଇ ସମ୍ପର୍କ ହିଁ ରଖିବ । କାବୁତାମ୍ପା ଯଦି ତା ମରିବା ପୂର୍ବରୁ ଆସିନପାରେ, ତେବେ ପାରକୁଟୀ କାବୁତାମ୍ପା ପାଖକୁ ଯାଇ ସନ୍ଦେଶ ଦେଇ ଆସିବ ଯେ ତାର ଜଣେ ଭାଇ ଅଛି । ପାରକୁଟୀ ଏଥିରେ ସମ୍ମତ ହେଲା; କିନ୍ତୁ ସେ ଯେଉଁ ଆକାରରେ ସମ୍ମତି ଦେଲା ବୃଦ୍ଧ ସେଥିରେ ଆଶ୍ୱସ୍ତ ହେଲାନାହିଁ । ଶେଷକୁ ସେ ଶପଥ କରାଇଲା, "କାହିଁ ମୋ ରାଣ ପକେଇ କହିଲ ।"

ସେଦିନ ରାତିରେ ବୃଦ୍ଧ ଶୁଣିବାକୁ ପାଇଲା ଦରିଆକୂଳରେ ବସି ପାରକୁଟୀ ତାର ସେହି ପୁରୁଣା ଗୀତଟି ଗାଉଛି ।

ଟେମ୍ପିନ କୁଞ୍ଜର ବଡ଼ ଖରାପ ଦିନ ପଡ଼ିଛି । ଦରିଆକୁ ଯିବା ଲାଗି ଆଉ ତାର ସେ ପୂର୍ବ ଓଜଃ ନାହିଁ । ଖୁବ୍‌ଲ—କେବଳ ସେଇଥିପାଇଁ ତାର ବେଶି ମାଛ ପଡ଼ୁନାହାନ୍ତି । ଏ ବିପଦ ଉପରକୁ ଆହୁରି ଏକ ବିପଦ ପଡ଼ିଲା । ଟେମ୍ପିନ କୁଞ୍ଜୁ ଖାଦାର ମୁଥାଲଲ୍ଲୀକୁ ଯେଉଁ ମାଛ ବିକେ, ସେ ବାବଦରେ ଖାଦାର ଉପରେ କିଛି ଟଙ୍କା ବକେୟା ଥିଲା । ଦିନେ ରାତିରେ

Digitized by srujanika@gmail.com

ଗୋଦାମର ସବୁ ଜଳକଷପଙ୍କ ଭୁଣ୍ଡେଇସୁଣ୍ଡେଇ ନେଇ ଖାଦାର କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ଏ ଘଟଣା ଚେମ୍ପନ କୁଞ୍ଜୁକୁ ବହୁତ ଆଘାତ ଦେଲା ।

ଏସବୁ କାରଣରୁ ଚେମ୍ପନ କୁଞ୍ଜୁ ସ୍ଥିର କଲା, ସେ ଆଉ ଚୁପ୍ ହୋଇ କୂଳରେ ବସି ରହିଲେ ଚଳିବ ନାହିଁ । ତାକୁ ଆଉଥରେ ଦରିଆକୁ ଯିବାକୁ ପଡ଼ିବ । ଦିନେ ଭଲ ପାଗ ଦେଖି ଚେମ୍ପନ କୁଞ୍ଜୁ ଦରିଆକୁ ବାହାରିପଡ଼ିଲା । ଏଥର ଆଉ କିନ୍ତୁ ସୁକାନ ପାଖରେ ବଡ଼ ଆହୁଲା ଧରି ଠିଆ ହୋଇ ପାରିଲା ନାହିଁ; ବସିଲା । ତା ଡଙ୍ଗାର ପୂର୍ବ ଛଟକ ଆଉ ନାହିଁ । ସମସ୍ତଙ୍କ ପଛରେ ପକାଇଦେଇ ଆଗକୁ ଯାଇ ପାରିଲା ନାହିଁ ତା ଡଙ୍ଗା । ମାଝିମାନେ ଜୋର୍‌ରେ ଆହୁଲା ପକାଉଥାନ୍ତି । କିନ୍ତୁ ଚେମ୍ପନ କୁଞ୍ଜୁର ଗୋଡ଼ ଥରୁଥାଏ । ଡଙ୍ଗାର ସରୁଆ ଧାରରେ ପାଦର ଗୋଟିଏ ବୁଢ଼ାଆଙ୍ଗୁଠି ଦେଇ ଆଗେ ସେ ଯେପରି ସିଧା ହୋଇ ଠିଆହୋଇ ପାରୁଥିଲା, ଏଥର ଆଉ ସେପରି ଠିଆହୋଇ ପାରିଲାନାହିଁ । ବୋଧହୁଏ ତା ମନକୁ ଭୟ ମାଡ଼ିବସିଲା । ତାର ସବୁ ଅସ୍ତଗତି କଣ ଏଇଠି ଶେଷହୋଇଗଲା ? ଆଗେ ସେ ଯେପରି ଚଲ୍ ପରି ସାଇଁ ସାଇଁ ହୋଇ ଦରିଆ ଭିତରକୁ ଚାଲିଯାଇ ସମସ୍ତଙ୍କ ଅପେକ୍ଷା ବେଶି ମାଛ ଧରି ସମସ୍ତଙ୍କ ପୂର୍ବରୁ ଆସି କୂଳରେ ପହଞ୍ଚି ଯାଉଥିଲା, ଆଉ କଣ ସେ ସେପରି ପାରିବ ନାହିଁ ? ବାକି ପାଞ୍ଚଟା ସାଧାରଣ ଡଙ୍ଗା ଯେପରି ଚାଲୁଥିଲା, ଚେମ୍ପନ କୁଞ୍ଜୁ ଡଙ୍ଗା ବି ସେପରି ଚାଲିଥିଲା ।

ଚେମ୍ପନ କୁଞ୍ଜୁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଡଙ୍ଗାମୁହଁକୁ କୂଳ ଆଡ଼କୁ ମୋଡ଼ିଦେଲା । କହିଲା, "ଚାଲ ଏଥର ଫେରିବା, ଆଜି ଏତିକି ଥାଉ । ଯଥେଷ୍ଟ ହୋଇଗଲା ।"

'ଆଜି ଯଥେଷ୍ଟ କାମ ହେଲା' ବୋଲି ଚେମ୍ପନ କୁଞ୍ଜୁ ମୁହଁରୁ ପୂର୍ବରୁ କୌଣସି ଦିନ ଶୁଣାନଥିଲା ।

ସେ ଦିନ କୂଳକୁ ଫେରିବାବେଳର କଥା । ଚେମ୍ପନ କୁଞ୍ଜୁ ଡଙ୍ଗା ଧାରରେ ପାଦ ଦେଇ ଥରିଥରିକା ଠିଆହୋଇଥାଏ । ଥରିଥରିକା ଆହୁଲା ପକାଉଥାଏ । ହଠାତ୍ କଣ ହେଲା କେଜାଣି ଆହୁଲା ଦଣ୍ଡଟା ତା ହାତରୁ ଖସିପଡ଼ିଲା । ତା ସହିତ ସେ ବି ଚିତ୍ ଯାଇ ସମୁଦ୍ର ଭିତରେ ପଡ଼ିଗଲା । ଅବଶ୍ୟ ମାଝିମାନେ ତାକୁ ସଙ୍ଗେ ସଙ୍ଗେ ଡଙ୍ଗା ଉପରକୁ ଟାଣି ଆଣିଲେ । କିନ୍ତୁ ସେ ଆଉ ବଡ଼ ଆହୁଲା ଧରି ପାରିଲା ନାହିଁ ।

ସେଦିନ ବେପାରୀମାନେ ଯେଉଁ ଦର ଡାକିଲେ ଚେମ୍ପନ କୁଞ୍ଜୁ ସେହି ଦରରେ ମାଛତକ ବିକିଦେଲା । ଘରକୁ ଫେରିଲାବେଳକୁ ବିଚରା କ୍ଲାନ୍ତ-ଶ୍ରାନ୍ତ ହୋଇଯାଇଥାଏ । ଦେଖାଯାଉଥାଏ ସତେ ଯେପରି ସେ ତାର ସର୍ବସ୍ୱ ହରାଇ ବସିଛି ।

ପଞ୍ଚମୀ ବାପା ପାଇଁ ରାନ୍ଧିବାଢ଼ି ରଖିଥିଲା । ବାପାକୁ ଯେଉଁ ତରକାରି ଭଲଲାଗେ ସେହି ତରକାରି ଟିକିଏ କରିଥିଲା । ଚକ୍କି କହିଲା, "ମାଆ ଲୋ, ବାପା ଆସିଲେଣି, ଭାତ ବାଢ଼ିଦେ ।"

ଚେମ୍ପନ କୁଞ୍ଜୁ ଅଳ୍ପ ଦୁଇଟି କଣ ଖାଇଲା । ମନେହେଲା, ତା ପାଟିକି ସେ ଭାତ ରୁଚୁନାହିଁ । ଖାଲି ଅଭ୍ୟାସରୁ ହାତଟା ପାଟି ପାଖକୁ ଯାଉଛି ।

Digitized by srujanika@gmail.com

ବାପା ଥାଳରୁ ଉଠିଗଲା ପରେ ପଞ୍ଚମୀ ଦୁଃଖରେ କହିଲା, "ମାଆ ଲୋ, ବାପା କିଛୁ ଖାଇଲେନାହିଁ ।"

ଟେମ୍ପନ କୁଞ୍ଜୁ ହାତ-ମୁହଁ ଧୋଇ ଗୃହିଣୀ ପାଖକୁ ଗଲା । ତାହାଙ୍କର ଦୁଇ ଆଖି ଏକ ହୋଇଯାଇ ଲୁହ ଛଳ ଛଳ ହୋଇଗଲା । ଗୃହିଣୀ କହିଲା, "କଣ କରିବା, ଭାଗ୍ୟରେ ଆମର ଏଇଆ ଥିଲା ।"

କିନ୍ତୁ ଆଖିଲୁହକୁ ସଂଯତ କରିନେଲା ଟେମ୍ପନ କୁଞ୍ଜୁ । ଟୋପାଏ ଲୁହ ବି ତଳେ ପଡ଼ିବାକୁ ଦେଲାନାହିଁ । ସେ ସେତିକି ମନୋବଳ ହରାଇ ନଥାଏ । ପଚାରିଲା, "ତୁ ଆଜି ଶେଯରୁ ଉଠି ବସିପାରୁନୁ ?"

"ଚେଷ୍ଟା କରୁଚି, ପାରୁନି । କଣ କରିବି ?"

ଟେମ୍ପନ କୁଞ୍ଜୁ ଯାଇ ଗୃହିଣୀ ଶେଯ ପାଖରେ ବସିଲା । ଗୃହିଣୀ ଦେଖିଲା ତା ସ୍ୱାମୀର ସବୁ ଦମ୍ଭ, ସବୁ ଗର୍ବ ମଉଳିପଡ଼ିଛି । ସେଦିନ ରାତିରେ ଦୁର୍ଘଟଣା କଥା ବର୍ଣ୍ଣନା କରି ଟେମ୍ପନ କୁଞ୍ଜୁ କହିଲା, "ଗୃହିଣୀ ଲୋ, ମୋ ଗୋଡ଼ ଖସିଗଲା—ମୋର ଦୋଷ କଣ ?"

ଏକାନ୍ତ ଅସହାୟ ହୋଇ ସେ ଏ ପ୍ରଶ୍ନଟି ପଚାରିଲା । ଜୀବନର କର୍ମକ୍ଷେତ୍ରରେ, ଜୀବନର ଶୃଙ୍ଖଳାବିଧାନରେ ଗୃହିଣୀ ଥିଲା ତାର ଚିରସଙ୍ଗିନୀ । ଆଜି ସେ ଶଯ୍ୟାଶାୟୀ ଏବଂ ସେ ଶଯ୍ୟାଶାୟୀ ହୋଇଯିବା ସଙ୍ଗେ ସଙ୍ଗେ ତା ଜୀବନର ସବୁ ଶୃଙ୍ଖଳା ଭାଙ୍ଗିପଡ଼ିଛି । ସବୁ ଉତ୍ସାହ ଆଜି ଉଭେଇ ଯାଇଛି । ଗୃହିଣୀର ରୋଗଶଯ୍ୟାରେ ମୁଣ୍ଡପୋତି ବସିଛି ଏ ଯେଉଁ ପୁରୁଷ ଆଜି ଜୀବନଯୁଦ୍ଧରେ ପରାହତ ।

ଟେମ୍ପନ କୁଞ୍ଜୁର ଦୁଇ ହାତ ନେଇ ଗୃହିଣୀ ନିଜ ଛାତି ଉପରେ ଚାପି ଧରିଲା । ପଚାରିଲା, "ମୁଁ ଚାଲିଗଲେ ତେମେ କଣ କରିବ ?"

ଭେ ଭେ ହୋଇ କାନ୍ଦିଉଠିଲା ଟେମ୍ପନ କୁଞ୍ଜୁ । "ନା—ନା, ତୁ ସିମିତି କଥା କହନା, ଲୋ, ସିମିତି କଥା କହନା । ମୁଁ ତା' ହେଲେ କଣ କରିବି ?"

ସ୍ୱାମୀର ହାତ ଦୁଇଟିକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରିଲା ଗୃହିଣୀ । ଛାତି ଉପରେ ଚାପି ହୋଇଯିବାବେଳେ ହୃତ୍‌ପିଣ୍ଡର ଆବେଗମୟ ସ୍ପନ୍ଦନରେ ଟେମ୍ପନ କୁଞ୍ଜୁର ହାତ ଦୁଇଟି ବି ଥରିଯିବାକୁ ଲାଗିଲା । ଅସ୍ଫୁଟ ସ୍ୱରରେ ଗୃହିଣୀ କହିଲା, "ଆଉ କାହାକୁ ଗୋଟିଏ ଦେଖି ବାହାହୋଇପଡ଼ିବ ।"

ସର୍ବାଙ୍ଗ ତାର ଥରିବାକୁ ଲାଗିଲା । ମନେହେଲା ତାର ହୃତ୍‌ପିଣ୍ଡର ସ୍ପନ୍ଦନ ଅବଶ ହୋଇଆସୁଛି ।

ଟେମ୍ପନ କୁଞ୍ଜୁକୁ ଚାହିଁ ପଡ଼ିରହିଲା ଗୃହିଣୀ । ଟେମ୍ପନ କୁଞ୍ଜୁ ପଚାରିଲା, "କଣ କହୁଚୁ ଲୋ, ବାମ୍ଭଣୀ ? ମୁଁ ଆଉ କାହାକୁ ବାହା ହେଇଯିବି ?"

ସେ ପ୍ରଶ୍ନର ଉତ୍ତର ମିଳିଲା ନାହିଁ । ଜୀବନରେ ସଙ୍ଗୀଟିଏ ଥିବା ଯେ କେତେ ଦରକାର ଗୃହିଣୀ ତାହା ଜାଣେ ।

Digitized by srujanika@gmail.com

"ଆଲୋ, ତୁ କଥା କହୁନୁ କାହିଁକି ? ଚୁକ୍କୀ !!"

ଚୁକ୍କୀର ଆଖି ଦୁଇଟି ଉପରେ କଳା ଗୋଟିଏ ଛାୟା ମାଡ଼ିଗଲା, ଚେମ୍ବନ କୁଞ୍ଜୁ ଉଦ୍‌ବ୍ୟସ୍ତ ହୋଇଗଲା । ଚୁକ୍କୀକୁ ଟିକିଏ ହଲାଇ ଦେଇ ସେ ଡାକିଉଠିଲା, "ଚୁକ୍କୀ ! ଚୁକ୍କୀ ଲୋ !!"

ନିର୍ବେଦ ହୋଇ ପଡ଼ିରହିଥିଲା ଚୁକ୍କୀ ।

"ତୁ କଣ ସତରେ ଚାଲିଗଲୁ, ଲୋ ଚୁକ୍କୀ ?" କାନ୍ଦି କାନ୍ଦି ଚୁକ୍କୀର ଛାତି ଉପରେ ଲୋଟିପଡ଼ିଲା ଚେମ୍ବନ କୁଞ୍ଜୁ । ସେତେବେଳେ ବି ତା ହାତ ଦୁଇଟି ଚୁକ୍କୀର ହାତମୁଠା ଭିତରେ ରହିଥିଲା ।

ଚଉଦ

ଚୁକ୍କୀର ମୃତଦେହଟାକୁ କାବୋଡ଼ି ଧରି ପଡ଼ିରହିଥିଲା ଚେମ୍ବନ କୁଞ୍ଜୁ । ଆୟୁ କୁଞ୍ଜୁ ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବ ଆସି ତାକୁ ଚୁକ୍କୀ ଦେହରୁ ଟାଣି ଅଲଗା କରାଇଲେ । କୁଳପ୍ରଥା ଅନୁଯାୟୀ ଶବସତ୍କାର କରିବା କଥା । ଗାଆଁର କୁଳଦେବେବୀଙ୍କୁ ଡକାଗଲା । କାରୁତାମ୍ମା ପାଖକୁ ଖବର ଦିଆଯିବ କି ନାହିଁ ସେ କଥା ଉଠିଲା । କିଏ ଜଣେ ପଚାରିଲା, "ଆହେ ଝିଅ ପାଖକୁ ଖବର ଦେଲଣି ଟି ?"

ପ୍ରଶ୍ନଟା କାନରେ ପଡ଼ୁ ପଡ଼ୁ ଏତେ ଦୁଃଖ ସତ୍ତ୍ୱେ ଚେମ୍ବନ କୁଞ୍ଜୁ ଗର୍ଜନ କରି ଉଠିଲା, "ନାଁ, ନାଁ; ସେଇଟା ପାଖକୁ ଖବର ଦେବା ଲୋଡ଼ାନାହିଁ ।"

ତାର ସେହି ଗୋଟିଏ ମତ । କାରୁତାମ୍ମା ହିଁ ଚୁକ୍କୀକୁ ମାରିଦେଲା ।

ରୁଣ୍ଡ ହୋଇଥିବା ଲୋକେ ଚୁପ ହୋଇଗଲେ । ଝିଅଟାକୁ ଏପରି ଦୋଷ ଦେବା ଠିକ୍ ହେଉଛି କି ନାହିଁ ତାହା ହିଁ ବିଚାର କଲେ ସମସ୍ତେ । ଶେଷରେ କୁଳଦେବେବୀ ନିଜର ନିଷ୍ପତ୍ତି ଶୁଣାଇ ଦେଲେ । କହିଲେ, "ମାଆଟା ଏପରି ଦରମରା ଅବସ୍ଥାରେ ପଡ଼ିଥିଲା, ତଥାପି ଝିଅ ଘର ଛାଡ଼ି ଚାଲିଗଲା ।·· ଦିଅ; ଯାଇଛୁ ତ ଯାଇଛୁ; ତା କଥା ଛାଡ଼ିଦିଅ ।" କେବଳ ପଞ୍ଚମୀ ହିଁ ଅପା ଅପା, ବୋଲି ବାହୁନି ହେଲା । କିନ୍ତୁ ତା କଥାକୁ କାନେଉଛୁ କିଏସେ ?

ପାରିକୁଟ୍ଟୀ କେଉଁଟକୁଳର ଲୋକ ନୁହେଁ । ଦୂରେଇ ହୋଇ ରହି ସେ ସବୁ ଦେଖିଲା । କାରୁତାମ୍ମାକୁ ନ ଡାକି ତା ମାଆକୁ ପୋତି ଦିଆଗଲା ଦେଖି ତା ମନରେ ଖୁବ୍ ଦୁଃଖ ହେଲା । କିନ୍ତୁ ଏଭଳି ବିଷୟରେ ହସ୍ତକ୍ଷେପ କରିବା ଲାଗି ତାର ବା କି ଅଧିକାର ଅଛି ?

Digitized by srujanika@gmail.com

ତଥାପି ପାରକୁଟ୍ଟୀ ତ ଚକ୍କୀ ଆଗରେ ଶପଥ କରିଥିଲା—ସେ କାରୁତାମ୍ମାର ଭାଇ— କିଛି ଗୋଟିଏ କରିବା ତାର କର୍ତ୍ତବ୍ୟ ।

ସେଦିନ ରାତିରେ ସେ ଶୋଇପାରିଲାନାହିଁ । ଅଧରାତିବେଳକୁ ଉଠି ଗୋଦାମ ଘରେ ତାଲା ଲଗାଇଦେଇ ସେ ସମୁଦ୍ର କୂଳେ କୂଳେ ବାହାରିପଡ଼ିଲା । ତିରୁକୁନ୍ନାପୁଝା ସମୁଦ୍ରକୂଳରେ ଯାଇ ପହଞ୍ଚିବା ବେଳକୁ ପାହାନ୍ତିଆ ହୋଇ ଯାଇଥାଏ । ସମୁଦ୍ରକୂଳରେ ଜଣେ କେଉଟ ସହିତ ଦେଖାହେଲା । ସେ ପାହାନ୍ତିଆରୁ ଡଙ୍ଗାଧରି ଦରିଆକୁ ଯିବ ବୋଲି ଘରୁ ଆସୁଥାଏ । ପାରକୁଟ୍ଟୀ ତାକୁ ପଚାରିଲା, "ପାଲନି ଘରଟା କେଉଁଠି ?" ସେ କେଉଟ ଜଣକ ଗତ ଚକାର ହାଟରେ ନିରକ୍ନାମ୍ ଯାଇଥିଲା । ତେଣୁ ପାରକୁଟ୍ଟୀକୁ ଦେଖି ଦେଖି ସେ ଚିହ୍ନିପାରିଲା । ଲୋକଟାର ନାମ କୋଚ୍ଚୁନାଥନ୍ ।

କୋଚ୍ଚୁନାଥନ୍ ପଚାରିଲା, "ଇହୋ କୋଚୁମୁତାଲାଳି, ତେମେ କାହିଁକି ପାଲନିକି ଖୋଜୁଛ ?"

ପ୍ରଶ୍ନଟା ପାରକୁଟ୍ଟୀକୁ ଟିକିଏ ଅଡ଼ୁଆରେ ପକାଇଲା । ସେ କହିଲା, "ପାଲନିର ଶାଶୁ ମରିଗଲେ ।"

କୋଚୁନାଥନ୍ ଚକ୍କୀ ଓ ଚେମ୍ପନ କୁଞ୍ଜୁ ଉଭୟଙ୍କୁ ଜାଣେ । ଖବରଟା ଶୁଣି ଆଗ ସେ ଚକ୍କୀର ଖୁବ୍ ପ୍ରଶଂସା କରିଗଲା । କିନ୍ତୁ ଶେଷରେ ପାରକୁଟ୍ଟୀକୁ ଏକ ଅପ୍ରୀତିକର ପ୍ରଶ୍ନ ପଚାରି ବସିଲା—"କିନ୍ତୁ କୋଚୁମୁତାଲାଳି, ତେମେ କାହିଁକି ଏ ଭଳି ଗୋଟେ ଖବର ନେଇ ଆସିଲ ? ସେ ଗାଁରେ କଣ କେହି କେଉଟ ପୁଅ ନାହାନ୍ତି ?"

ଜଣେ ଅପରିଚିତ ଲୋକ ଆଗରେ ନିଜର ଉପସ୍ଥିତି ବିଷୟ ବୁଝାଇବାକୁ ଯାଇ ପାରକୁଟ୍ଟୀ ବଡ଼ ଅଡ଼ୁଆରେ ପଡ଼ିଲା । କହିଲା, "ଗାଁ ଲୋକେ ସ୍ଥିର କଲେ ଯେ ଏ ବିଷୟରେ ପାଲନି ବା ତା ଭାର୍ଯ୍ୟାକୁ ଖବର ଦେବା କିଛି ଦରକାର ନାହିଁ । ତେଣୁ ମୁଁ ଚାଲିଆସିଲି ।"

ଚକ୍କୀ ମରିବା ପରେ ଯାହା ଯାହା ସବୁ ଘଟିଥିଲା, ସେସବୁ ବିଷୟ ପାରକୁଟ୍ଟୀ ବର୍ଣ୍ଣନା କରିଗଲା । କିନ୍ତୁ କୋଚୁନାଥନ୍ ଯେଉଁ ପ୍ରଶ୍ନଟା ପଚାରିଥିଲା ଏ ସବୁରୁ ସେ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ ।

"ହେଲା ଯେ, ମୁଁ କଣ କହୁଚି କି, କୋଚୁମୁତାଲାଳି, ତେମେ କାହିଁକି ଏ ରାତିଟାରେ ଇମିତି ଦୌଡ଼ିଆସିଲ ?"

ଏ ପ୍ରଶ୍ନର ଏକମାତ୍ର ଯଥାର୍ଥ ଉତ୍ତର ହେଉଛି ଯେ, ଚକ୍କୀ ତାକୁ କାରୁତାମ୍ମାର ଭାଇ କରିଦେଇଥିଲା । କିନ୍ତୁ ପାରକୁଟ୍ଟୀ ଯଦି ତାହା କହୁଛି, ତେବେ ତାକୁ ଅନ୍ୟ ସବୁ କଥା କହିବାକୁ ବି ପଡ଼ିବ । ପାରକୁଟ୍ଟୀ କିପରି ଜଣେ କେଉଟୁଣୀର ଭାଇ ହେଲା ? ଉଦ୍ଦେଶ୍ୟ କଣ ? କୌଣସି ଉତ୍ତର ଦେଇ ପାରିଲା ନାହିଁ ପାରକୁଟ୍ଟୀ । ଶେଷକୁ କହିଲା, "ଲୋକେ ଯେଉଁ ଦୟା-ମାୟା ନ ଥାଉଣୁ ସ୍ଥିର କଲେ, ମୁଁ ତାହା ସହି ପାରିଲି ନାହିଁ । ସେଇଥିପାଇଁ ଖବରଟା ଦେବାକୁ ଚାଲିଆସିଲି ।"

Digitized by srujanika@gmail.com

କୋଚୁନାଥାନ୍ ବ ସେଥିରେ ଏକମତ ହେଲା । ପାରିକୁଟ୍ଟୀକୁ ପାଲନିର ଘର ଦେଖାଇ-ଦେଲା ।

ସବୁ ଡଙ୍ଗା ସମୁଦ୍ରକୁ ଚାଲିଯିବା ପରେ ପାରିକୁଟ୍ଟୀ ଯାଇ ପାଲନି ଘର ଆଗରେ ଠିଆହେଲା । ଗୋଟେ ଗୋଟିଏ କୁଡ଼ିଆ । ଭିତରୁ କାହାର ସ୍ୱରଶବ୍ଦ ଶୁଭୁ ନଥାଏ । ଚାରିଆଡ଼ ନୀରବ ନିସ୍ତବ୍ଧ । ପାରିକୁଟ୍ଟୀର ଜିଭ ଲେଉଟିଲା ନାହିଁ । ତାର ତୋଟି ଶୁଖିଗଲା, ସେ କିଛିକ୍ଷଣ ନିର୍ବାକ୍ ହୋଇ ଠିଆ ହୋଇଗଲା । ତା'ପରେ ଯାଇ ଡାକିଲା—"କାରୁତାମ୍ମା ।"

କାହାର ଉତ୍ତର ମିଳିଲା ନାହିଁ । ସେ ଆଉଥରେ ଡାକିଲା ।

—"କିଏସେ ?"

କାରୁତାମ୍ମାର କଣ୍ଠସ୍ୱର ବାରିପାରିଲା ପାରିକୁଟ୍ଟୀ ।

ସେ କହିଲା—"ମୁଁ ଡାକୁଛି, କାରୁତାମ୍ମା ।"

"ମୁଁ ମାନେ ? କିଏସେ ?"

ମୋ ପାଟି ବାରିପାରୁନାହୁଁ ?"

"କିଏସେ ?"

"ମୁଁ—ମୁଁ ପାରିକୁଟ୍ଟୀ ।"

ହଠାତ୍ ସବୁ ନିସ୍ତବ୍ଧ ହୋଇଗଲା । ଗମ୍ଭୀର ନିସ୍ତବ୍ଧତା ମଧ୍ୟରେ କଟିଗଲା ବହୁସମୟ ।

"କାରୁତାମ୍ମା, ତତେ ଗୋଟିଏ ଅତି ଜରୁରୀ ଖବର ଦେବାର ଅଛି ।"

କାରୁତାମ୍ମା ଚିତ୍କାର କରିଉଠିଲା, "ଘରଦ୍ୱାର ଗୁଡ଼ ଏଠିକି ପଳେଇ ଆସିଲି, ତେବେ ବି ତେମେ ମତେ ଶାନ୍ତିରେ ରଖେଇଦବନି ।" ତାର କଣ୍ଠସ୍ୱରରୁ ମନେହେଲା ହୃଦୟ ତାର ବିଦୀର୍ଣ୍ଣ ହୋଇଯାଉଛି ।

ଟିକିଏ ରହି ସେ ପୁଣି କହିଉଠିଲା, "ନା—ନାଁ, ମୁଁ ଦରଜା ଖୋଲିବି ନାହିଁ । ମୁଁ ତୁମ ମୁହଁ ଦେଖିବାକୁ ଚାହେଁନା ।"

କହୁ କହୁ କାରୁତାମ୍ମା କାନ୍ଦୁଥାଏ । ତାର କଥାଗୁଡ଼ାକ ପାରିକୁଟ୍ଟୀର ହୃଦୟ ବିଦ୍ଧ କରି-ଦେଲା । କିନ୍ତୁ ସେ ଚାଲିଯିବା ପୂର୍ବରୁ, ଖବରଟାକୁ ତ ଦେଇଯିବ । ପାରିକୁଟ୍ଟୀ ଅନୁନୟ କରି କହିଲା, "ଟିକିଏ ଦରଜା ଖୋଲ । ମୁଁ ଜାଣେ, ବାହାଘର ହେଇଯାଇଛି; କିନ୍ତୁ ତୋ ସହିତ ପଦେ କଥା ଅଛି ।"

ନିତାନ୍ତ ଅସହାୟ ଭାବରେ କାରୁତାମ୍ମା କହିଲା, "ନା, ମୁଁ ତୁମ ସଙ୍ଗେ ଦେଖା କରିପାରିବି ନାହିଁ, କୌଣସି ମତେ ପାରିବିନାହିଁ ।"

ପାରିକୁଟ୍ଟୀ ମନରେ ସାହସ ନେଇ ଟିକିଏ ବୁଝାଇ ଶୁଝାଇ କହିଲା,"ଆଲୋ, ନା ଲୋ ନା ସେପରି କହନି, କାରୁତାମ୍ମା । ଆମ ଦୁହିଁଙ୍କ ଭିତରେ ପୁଣି ଦେଖାହେବ; ଆମେ ପୁଣି କଥା ଭାର୍ତ୍ତା କରିବା ।"

"ନା, ନା, ମୋତେ ନୁହଁ । ମୋତେ ନୁହଁ !! ଓଃ, ମୁଁ କଣ କରିବିଟି ! ସେ ଦରିଆକୁ

Digitized by srujanika@gmail.com

ଯାଇଛନ୍ତି, ଝଡ଼-ତୋଫାନଆ ଦରିଆ !!"

କିଛି ସମୟ ଧରି ସବୁ ନୀରବ ନିସ୍ତବ୍ଧ ହୋଇଗଲା ।

—"କାରୁତାମ୍ମା ।"

ସଂପୂର୍ଣ୍ଣ ପରିହିତଙ୍କ ପରି କାରୁତାମ୍ମା ମୁହଁରୁ ଉତ୍ତର ବାହାରି ଆସିଲା—"କଣ ?"

"ମୁଁ ତୋର ଭାଇ ଲୋ କାରୁତାମ୍ମା ।"

—"ଭାଇ ।"

ଦୁହିଁଙ୍କ ମଧ୍ୟରେ ଯେଉଁ ନିଗୂଢ଼ ବନ୍ଧନ ରହିଥିଲା, ସେ ବନ୍ଧନକୁ ଛିନ୍ନଭିନ୍ନ ନକରି, ବିନଷ୍ଟ ନକରି ପାରିକୁଟ୍ଟି ତାକୁ ଏକ ନୂତନ ରୂପ ପ୍ରଦାନ କରିଦେଇଥିଲା । ସେ ବନ୍ଧନ ଏକ ନୂତନ ନାମରେ ଅଭିହିତ ହୋଇଗଲା । ବୁଡ଼ିଗଲା ଲୋକ କୁଟା ଖିଅଟିଏ ପାଇଲେ ବି ତାକୁ ଆଶ୍ରୟ ଭାବି ଧରିପକାଏ । ପାରିକୁଟ୍ଟିର ଏ କଥା ପଦକ କାରୁତାମ୍ମା ମନରେ ଗଭୀର ଭରସା ଆଣିଦେଲା ।

ପାରିକୁଟ୍ଟି କହିଲା, "ହଁ ଭଉଣୀ, ମୁଁ ତୋର ଭାଇ । ତୋ ମାଆ ମତେ କହିଛନ୍ତି, ମୁଁ ତତେ ଭଉଣୀ ପରି ଦେଖିବି ।"

"ମୋ ମାଆ ?"

"ହଁ, ତୋର ମାଆ । ଦରଜାଟା ଟିକିଏ ଖୋଲ, ମୁଁ ସବୁ କହୁଛି ।"

କାରୁତାମ୍ମା ଦୀପ ଲଗାଇ, ଦରଜା ଖୋଲି ବାହାରକୁ ଆସିଲା ।

ଏପରି ଏକ ଦାରୁଣ ସମ୍ବାଦ ସେ କି ଭାଷାରେ କହିବ ? ଭାବୁ ଭାବୁ ଅତି କ୍ରୂର ନିଷ୍ଠୁର ଭାଷାରେ ହିଁ ପାଟିରୁ ବାହାରିପଡ଼ିଲା—"କାରୁତାମ୍ମା, ତୋ ମାଆ ମରିଗଲେ ।"

କରୁଣ ଚିତ୍କାର କରିଉଠିଲା କାରୁତାମ୍ମା । ସାହିପଡ଼ିଶାର ଲୋକେ ଆସି ରୁଣ୍ଡ ହେବାବେଳକୁ ପାରିକୁଟ୍ଟି ସେ ସ୍ଥାନ ଛାଡ଼ି ଚାଲିଯାଇଥିଲା ।

ପାଖପଡ଼ିଶାର ମାଇପିମାନେ ଆସି କାରୁତାମ୍ମାକୁ ସାନ୍ତ୍ୱନା ଦେବାକୁ ଲାଗିଲେ । ଏ ଖବରଟା ସେମାନେ ବିଶ୍ୱାସ କରିପାରିଲେ ନାହିଁ । କିଏ ସେ ଯେ ଖବର ଆଣିଦେଲା, ଏ ଦାରୁଣ ଦୁଃଖ ବେଳାରେ ବି କାରୁତାମ୍ମା ତାହା ପ୍ରକାଶ କଲାନାହିଁ । ଅନ୍ୟ ମାଇପିମାନେ ଭାବିଲେ କାରୁତାମ୍ମା ବୋଧହୁଏ ସ୍ୱପ୍ନଦେଖି ଏପରି ହେଉଛି ।

ବହୁ ସମୟ ଧରି କାନ୍ଦି କାନ୍ଦି ନିଜେ କାରୁତାମ୍ମା ମନରେ ହିଁ ଗୋଟିଏ ସନ୍ଦେହ ଉପୁଜିଲା । ଖବରଟା ସତ ନା ମିଛ ? ବୋଧହୁଏ, ତାର ହତାଶ ପ୍ରେମିକର ଏହା ଏକ କୁଟିଳ ପ୍ରବଞ୍ଚନା । ମାଆ ଯଦି ମରିଯାଇଥାଏ, ତେବେ ଘରୁ କେହିହେଲେ ଆସି ଖବର ଦେବେ ନାହିଁ ନା ?

ସ୍ୱାମୀ ତାର ସମୁଦ୍ରକୁ ଯାଇଛନ୍ତି । ଫେରିଲେ ତାଙ୍କୁ ଦୁଇଟି ଖାଇବାକୁ ବାଢ଼ିବ । ଭାର୍ଯ୍ୟାର କର୍ତ୍ତବ୍ୟ ପୁଣି ଅଛି ତ ? ସେହି କର୍ତ୍ତବ୍ୟଚେତନା ତାକୁ ଗୃହକର୍ମ ଭିତରକୁ ଟାଣିନେଲା । ସେ କୌଣସିମତେ ସବୁଦିନ ପରି ଗଣ୍ଡିଏ ଭାତ ରାନ୍ଧିଲା, ଟିକିଏ ତରକାରି କଲା । ରନ୍ଧାରନ୍ଧି

Digitized by srujanika@gmail.com

ସାରି ଗୁହିଁରହିଲା ପାଲନିର ଫେରିବା ବାଟକୁ ।

ପାଲନି ସେଦିନ ସଅଳ ସଅଳ ଫେରିଆସିଲା ।

କରୁଣ ବିଳାପ ଭିତରେ କାରୁତାମ୍ମା କହିଲା, "ମୋ ମାଆ ମରିଗଲା ।"

ପାଲନି ଏଭଳି ବ୍ୟବହାର ଦେଖାଇଲା, ସତେ ଯେପରି ସେ କାରୁତାମ୍ମା କଥା ଶୁଣିବାକୁ ପାଇନାହିଁ । କାରୁତାମ୍ମା ଦେଖିଲା ପାଲାନିର ମୁହଁ ଉପରେ ଗୋଟିଏ ନୂତନ ଭାବ ଖେଳି-ଯାଇଛି । ଏହା ପୂର୍ବରୁ ସେ କୌଣସି ଦିନ ଏ ଭାବ ଦେଖିନଥିଲା । ସେ କାନ୍ଦି କାନ୍ଦି କହିଲା "ହାୟ, ମୋ ମାଆକୁ ମୁଁ ମାରିଦେଲି ।"

ଅତି ନିର୍ଭିକ ଭାବରେ ପାଲନି ପଚାରିଲା, "ତତେ ଏ ଖବର ଦେବାକୁ କିଏ ଆସିଥିଲା ?"

କାରୁତାମ୍ମା କି ଉତ୍ତର ଦେବ, ବୁଝିପାରିଲା ନାହିଁ । ତା ମୁହଁକୁ ଗୁହିଁରହିଥାଏ ପାଲନି ।

ଟିକିଏ ଚୁପ ରହି କାରୁତାମ୍ମା କହିଲା, "ସେହି କୋଚୁମୁତାଲାଳୀ ।"

"ସେ ଟୋକାକୁ କିଏ ତୋ ବାପ ପଠେଇଥିଲା ?"

ପାଲନି ପଚାରିଲା, "ଇମିତକା ଗୋଟେ ଖବର ଆଣିଦେବା ଲାଗି କିଏ ତମ ଗାଁରେ କେଉଁଟପୁଅ ହେଇ କେହି ନଥିଲେ ?"

ପାଲନିକୁ ସେ କି ଉତ୍ତର ଦେବ ? ଏଭଳି ଭାବରେ ଖବର ଦେବାଟା ଠିକ୍ ହେଲା କି ଭୁଲ ହେଲା, ସେ ବିଷୟ ନେଇ ଯୁକ୍ତି କରିବାର ସମୟ ଇଏ ନୁହେଁ । ପାଲନି ମନରେ ନିଶ୍ଚୟ କିଛି ଗୋଟିଏ ସନ୍ଦେହ ପଶିଛି । କିନ୍ତୁ ତାହା ସେ କି ସନ୍ଦେହ କାରୁତାମ୍ମା ତାହା ଜାଣିପାରିଲା ନାହିଁ ।

ସେ କହିଲା, "ଗୁଲ, ଟିକିଏ ଯିବା ?"

"କୁଆଡ଼େ ?"

"ନିରକୁନ୍ନାମ ।"

ଅଧର କୁଞ୍ଚିତ କରି ପାଲନି ଗୋଟାଏ କୁଟିଳ ହାସ୍ୟରେଖା ଫୁଟାଇ ଦେଲା । କାରୁତାମ୍ମା ସ୍ପଷ୍ଟ ବୁଝିଗଲା, ସେ ନଯିବା ପାଇଁ ହିଁ ସ୍ଥିର କରିଛି । ସେ କାନ୍ଦିଉଠିଲା, "ଯେଉଁ ମାଆ ମତେ ଦଶମାସ ଗର୍ଭରେ ଧରି ଜନ୍ମ ଦେଇଥିଲା, ମୋର ସେଇ ମାଆ ମରିଗଲା । ହାୟ !"

ପାଲନି କିନ୍ତୁ କୌଣସିପ୍ରକାର ବିଚଳିତ ହେଲାନାହିଁ । କାରୁତାମ୍ମା କହିଲା—ତା ମାଆ ପାଲନିକୁ ନିଜର ପୁଅ ପରି ସ୍ନେହ କରୁଥିଲା । ତା ମାଆ କିଛି ଭୁଲକରିନାହିଁ । ମାଆର ଅନୁରୋଧରେ ହିଁ ତାକୁ ବୋଟଣଯ୍ୟାରେ ଗୁଡ଼ିଦେଇ ସେ ପାଲନି ପଛରେ ଗୁଲିଆସିଥିଲା । ସେ କହିଲା, "ଦରିଆଠାକୁରାଣୀଙ୍କ ରାଣ ପକେଇ କହୁଛି, ଘର ଗୁଡ଼ି ଗୁଲିଆସିବାକୁ ମୁଁ ଯେତେବେଳେ ଦୋଦୋପାଞ୍ଚ ହେଲି, ସେତେବେଳେ ତୁମ ସାଙ୍ଗରେ ବାହାରିଆସିବାକୁ ମୋ ମାଆ ହିଁ ମତେ କହିଥିଲା ।"

ପାଲନିର ପାଦ ତଳେ ପଡ଼ି ତାର ଦୁଇ ଗୋଡ଼ ଧରି କାନ୍ଦିବାକୁ ଲାଗିଲା କାରୁତାମ୍ମା । ପାଲନି କିନ୍ତୁ ଠିଆହୋଇ ରହିଲା ନିର୍ଜୀବ ନିର୍ବେଦ ପ୍ରତିମା ପରି । ମାତୃସ୍ନେହର ଆସ୍ୱାଦ

Digitized by srujanika@gmail.com

ଯେ କଣ ପାଲ୍ଲନ ତାହା ବୃକ୍‌କୀଠାରୁ ହିଁ ପ୍ରଥମେ ପାଇଥିଲା । ଆଜ ସେହି ମାତୃସ୍ଥାନୀୟ ନାରୀ ଆଉ ନାହିଁ । ତାର ମୃତ୍ୟୁ କଣ ପାଲ୍ଲନ ହୃଦୟକୁ ସ୍ପର୍ଶ କରିନଥିବ ?

ବିମର୍ଷ ମନରେ ପାଲ୍ଲନ କହିଲା, "ମୋ ସାଙ୍ଗମାନେ ମିଶି ମତେ ଆଣି କୂଳରେ ଗୁଡ଼ି ଦେଇଗଲେ ।"

କାରୁତାମ୍ମା ପଚାରିଲା, "ତେମେ ନରକୁନ୍ନାମ ଯିବ ବୋଲି ତୁମକୁ ସେମାନେ ସାହାଯ୍ୟ କଲେ କି ?"

"ହଁ, ସେମାନେ ତ ସେହି କଥା କହିଲେ । କିନ୍ତୁ କଥାଟା ସତରେ ତାହା ନୁହଁ ।"

"ତା' ହେଲେ ?"

ପାଲ୍ଲନ କହିଲା, "ପାରିକୁଟ୍ଟୀ ଆସୁଥିବାବେଳେ କୋଚୁନାଥନ୍ ଦେଖିଛି ।" ଟିକିଏ ରହି ପୁଣି କହିଲା, "ସେ ପାପ୍‌ପୁଟା ଏଣ୍ଡୁ ତେଣ୍ଡୁ କରି ଗୁଡ଼ାଏ ଖରାପ କଥା କହି ଗାଆଁଯାକ ବଦନାମ ଗାଇ ବୁଲୁଛି । ସେଇଥିଲାଗି······ସେଇଥିଲାଗି······ ।" ତାର କଣ୍ଠ ରୁଦ୍ଧ ହୋଇ ଆସିଲା । ସେ ଅଟକି ଗଲା । ଛେପ ଢୋକି ଗଲା ସଫା କରିବା ପରେ ସେ କହିଲା, "ସେମାନଙ୍କର ପିଲାଛୁଆ ଅଛନ୍ତି । ସେଇଥି ଲାଗି ମତେ ଆଣି ସେମାନେ କୂଳରେ ଗୁଡ଼ିଦେଇ ଗଲେ ।"

କାରୁତାମ୍ମା ସମସ୍ତ ବିଷୟଟା ବୁଝିଗଲା । ଓଃ, ଏକଥା ବି ଘଟିବାକୁ ଥିଲା । ସେ ପଚାରିଲା, "ତେମେ କଣ ମତେ ସନ୍ଦେହ କରୁଛ ?"

ପାଲ୍ଲନ ହଁ କି ନା କିଛି କହି ପାରିଲା ନାହିଁ ।

"ଏଠିକି ଆସି ତତେ ଏ ଖବରୁ ଦେଲା ପରେ, ସେ ବଦମାସଟା ଗଲା କୁଆଡ଼େ ?"

"ମୁଁ ତାକୁ ଦେଖିନି ।"

"ସେ କାହିଁକି ଏଠିକି ଧାଇଁ ଆସିଥିଲା ?"

ସବୁ କଥା ଖୋଲି କହିଦେବା ଲାଗି ଏଥରକବେଳେ ଗୋଟିଏ ସୁବର୍ଣ୍ଣ ସୁଯୋଗ ମିଳିଥିଲା । କିନ୍ତୁ କାରୁତାମ୍ମା କହିବାକୁ ଭରସା ପାଇଲା ନାହିଁ ।

ପାଲ୍ଲନ ପଚାରିଲା, "ସେ ତତେ କଣ କହିଲା ?"

"କହିଲେ, ମୋ ମାଆ ମରିଗଲା ।"

ସେତେବେଳକୁ ଘଟଣାଟା ଦରିଆକୂଳଯାକ ସ୍ପଷ୍ଟ ହୋଇଗଲାଣି । ବୁଢ଼ୀ ମରିଯାଇଥିବା ଖବରଟା ସତ ହୋଇଥାଇପାରେ । ସମସ୍ତେ ଜାଣନ୍ତି ଯେ ବୃକ୍‌କୀ କିଛି ଦିନ ହେଲା କଡ଼ରେ ଧରି ପଡ଼ିଥିଲା; ସେ ଯେ ଆଉ ଭଲ ହେବ, ତାହା ପ୍ରାୟ କେହି ବିଶ୍ୱାସ କରିପାରୁ ନଥିଲେ । କିନ୍ତୁ ଏପରି ଏକ ଖବର ଧରି ଆସିବା ଲାଗି ପାରିକୁଟ୍ଟୀର କି ଆବଶ୍ୟକତା ଥିଲା ?

କୋଚୁନାଥନ୍ କହିଲା, "ତା ମୁହଁଟା ଦେଖି, ମତେ କମିତ କମିତ ଲାଗିଲା । ମୁଁ ପରା ଦେଖିଛି ।" ପାପ୍‌ପୁ ତ ଆହୁରି କେତେ କଣ ଗପି ବସିଲା । କହିଲା, କାରୁତାମ୍ମା ଓ ପାରିକୁଟ୍ଟୀ ମିଶି ନରକୁନ୍ନାମ ଦରିଆକୂଳଟାକୁ ଦିନରାତି କେଳିକୁଞ୍ଜ କରିଦେଇଥିଲେ ।

Digitized by srujanika@gmail.com

"ଆରେ, କଣାଘଡରେ ଟୋକା ଗୀତ ଗାଇବ । ଗୀତ ଶୁଣି ଶୁଣି ଟୋକୀ ଘରୁ ବାହାରିଆସିବ । ବୁଝିଲ, ସେଇଥିପାଇଁ ବାହାବେଳେ ମୁଁ ଟିକିଏ ଗୋଳ ଉଠେଇ ଥେଲି ।

ସମସ୍ତଙ୍କର କିନ୍ତୁ ଗୋଟିଏ ବିଷୟ ନେଇ ଦୁଃଖ । ପାଲନି ଲୋକଟା ଭଲ । ତା ଭଳି ଲୋକ ଭାଗ୍ୟରେ ଏଭଳି ଝିଅଟାଏ କାହିଁକି ଜୁଟିଲା ?

ଜଣେ କିଏସେ ପଚାରିଲା, "ତା' ହେଲେ ଆମେ ପାଲନିକି ନେଇ ଦରିଆକୁ ଯିବା କମିଯିବା ? ପାଲନି ଘରେ ଯଦି ଅଲଥା ରହୁଛି, ତେବେ ସେ ଯେଉଁ ଡଙ୍ଗାରେ କାମ କରୁଥିବ ସେ ଡଙ୍ଗାର ଯେ କେତେବେଳେ କଣ ହୋଇଯିବ କିଏ କହିବ ?"

ତଥାପି ପାଲନି ଘରଟା ଅପବିତ୍ର ହୋଇଯାଇଛି ବୋଲି ସାହସ କରି କହିଦେବାକୁ କେହି ହେଲେ ପ୍ରସ୍ତୁତ ନଥିଲେ । କାହା ଉପରେ କିଛି ବଡ଼ ବିପଦ ପଡ଼ିନାହିଁ । ତା' ବୋଲି କିଏସେ ଏବେ ଜୋର୍ ଦେଇ କହିପାରିବ ଯେ ତା' ନିଜ ଘରେ କିଛି ଗଳତି ନାହିଁ, ତା ନିଜ ଘରେ ମୋଟେ ପାପ ଲାଗିନାହିଁ ? ତଥାପି ସମସ୍ତଙ୍କ ମନରେ ଗୋଟିଏ ଆଶଙ୍କା ଦେଖାଦେଲା । କିଛି ଗୋଟିଏ ଦୋଷ ରହିଯାଇଥିବାରୁ ହିଁ ପାଲନି ସେଦିନ ଡଙ୍ଗାଟାକୁ ସେପରି ଭାବରେ ମହିଦରିଆକୁ ବାହି ନେଇଯାଇଥିଲା । ସେ ଦିନର ଘଟଣା କିଛି ସାଧାରଣ ଘଟଣା ନୁହେଁ । ପାପ୍ପୁ ଯାହା କହିଗଲା ସେଥିରେ ସମସ୍ତଙ୍କର ମନ ବଦଳିଗଲା । ତଥାପି ବହୁତ ଲୋକ ଅନୁଭବ କଲେ କାରୁତାମ୍ମା ଝିଅଟି ଭଲ ଝିଅଟିଏ ।

ତେଣେ ପାଲନି ଘରେ ଏକ ଅନିଶ୍ଚିତ ଅବସ୍ଥା ଲାଗିରହିଲା । ଅନୁନୟ କରି କାରୁତାମ୍ମା କହିଲା, "ମତେ ଟିକିଏ ନେଇଗଲେ, ମୋ ମାଆର ମୁରଦାରଟାକୁ ହେଲେ ଟିକିଏ ଦେଖନ୍ତି, କ୍ଷମା ମାଗି ଆସନ୍ତି ।" ଦୁଃଖର ଧାଉରେ ପଡ଼ି ସେ ଶେଷକୁ ପଚାରିଦେଲା, "ତୁମର ଭାରିଯା ହେଇ, ମୋର କଣ ଏତିକି ଅଧିକାର ନାହିଁ ?" ପାଲନି କିନ୍ତୁ ସବୁ କଥାକୁ ନିରବ । ଅସହାୟ ଭାବରେ କାରୁତାମ୍ମା କେବଳ ଆଖି ଲୁହ ଝରାଇବାକୁ ଲାଗିଲା ।

ଦୂରଦିଗ୍‌ବଳୟକୁ ଚାହିଁ ବସିରହିଥିଲା ପାଲନି । ତାର ମନର ଶାନ୍ତିଟିକି ଆଉ ନାହିଁ । ଚିନ୍ତା ଯେ କଣ ତାହା ସେ ବାହାହେବା ଯାଏଁ ଜାଣି ନଥିଲା । ଯେତେବେଳେ ଯେଉଁଠି ରହୁ ନା କାହିଁକି, ସେ ସ୍ଥାନଟା ତାକୁ ସରଗ ପରି ଲାଗୁଥିଲା ।

କିଛି ସମୟ ପରେ ଭାତ ବାଢ଼ି ଦେଇ କାରୁତାମ୍ମା ଡାକିଲା, "ଖାଇବ ଆସ ।"

ପାଲନି କହିଲା, "ଭୋକ ନାହିଁ ।"

"କାହିଁକି ?"

"ପାରିକୁଟ୍ଟୀ କାହିଁକି ଆସିଥେଲା ?"

ଏଥର ନିର୍ଭୟ ସତ୍ୟ କଥାଟା କହିଦେଲା କାରୁତାମ୍ମା—"ସେ କାହିଁକି ଆସିଥେଲା ବୋଲି ଯଦି ପଚାରୁଛ, ତା' ହେଲେ ମୁଁ କହୁଛି ସେ ଆସିଥେଲା ମୋର ସର୍ବନାଶ କରିଦେବାକୁ । ତା ନୁହଁ ତ ଆଉ କଣ ?"

Digitized by srujanika@gmail.com

ଏତେ ଦିନ ଧରି ଯେଉଁ ଆହ୍ୱାନର ସମ୍ମୁଖୀନ ହେବାକୁ ସେ ପାରୁନଥିଲା, ଆଜି ସେ ଆହ୍ୱାନର ସମ୍ମୁଖୀନ ହେବା ଲାଗି ସେ ପ୍ରସ୍ତୁତ । ଆଜି ତାର ସାହସ ଜନ୍ମିଛି ସେପରି ସମ୍ମୁଖୀନ ହେବା ଲାଗି ।

ଧୀରସ୍ଥିର ଭାବରେ ପାଲାନ ପଚାରିଲା, "ସେ ଲୋକଟା ତୋର କିଏ ହୁଏ, କାରୁଡାମ୍ପା ?"

କାରୁଡାମ୍ପା ଆଗ ଟାଣ ହୋଇ ବସିପଡ଼ିଲା । ଆଜି ସେ ସବୁକଥା ଖୋଲି କହିଦେବ । ସତ ଯେତେବେଳେ କହିବ, କଥାଟାକୁ ଯେକୌଣସିଠାରୁ ଆରମ୍ଭ କଲେ ବି ଚାଲିବ; କିଛି କ୍ଷତି ହେବନାହିଁ ।

ସେ ଆରମ୍ଭ କଲା, "ଏକା ଦରିଆକୂଳେ ଖେଳିବୁଲି, ଆମେ ଦିହେଁ ପିଲାରୁ ବଡ଼ ହୋଇଥିଲୁ ··"

କୌଣସି ପ୍ରକାର ଚାଞ୍ଚଲ୍ୟ, କୌଣସି ପ୍ରକାର ଉତ୍ତେଜନା ନଦେଖାଇ ପାଲାନ ଶୁଣି-ଯାଉଥାଏ । ତାର ସେହି ନିଶ୍ଚଳତା, ସେହି ଗମ୍ଭୀରତା ଦେଖି କାରୁଡାମ୍ପା ମନରେ ଭୟ ହେଲା; ଅଟକି ଯାଇ ସେ ଉତ୍କଣ୍ଠିତା ହୋଇ ପଚାରିଲା—

"ମୁଁ ଯାହା କହୁଛି ତେମେ ବିଶ୍ୱାସ କରୁଛ ଟି ?"

"ହଁ । ବିଶ୍ୱାସ କରୁଛୁ ।" ପାଲାନ କହିଲା ।

ଜଣେ ସ୍ତ୍ରୀ ତା'ର ବିବାହ ପୂର୍ବର ପ୍ରେମ କାହାଣୀ ନିଜର ସ୍ୱାମୀ ଆଗରେ କହିଯାଉଛି; ସେଥିରେ ତ ଅବିଶ୍ୱାସ କରିବାର କିଛି ନାହିଁ । ସେ ନିଜେ ନିଜ ମୁହଁରେ ଚୂନକାଳି ବୋଳି ହୋଇ ନିଜର ସ୍ୱରୂପ ଦେଖାଉଛି । ଏଥିରେ କିଏ କିଛି ଅବିଶ୍ୱାସ କରିପାରି ପାରେ ?

କିନ୍ତୁ କାରୁଡାମ୍ପା ଦେଖିଲା ସେ ଯାହା ଯାହା ସବୁ କହିଦେବାକୁ ବସିଥିଲା ସେସବୁ ପୂର୍ଣ୍ଣଭାବରେ କହିହେଲା ନାହିଁ । କାହାଣୀ ତାର ସ୍ୱଚ୍ଛଳ ଗତିରେ ଆଗେଇ ପାରିଲା ନାହିଁ । ସେ ପାରିକୁଟ୍ଟିକୁ ଟଙ୍କା ମାଗିବା କଥା କହିପାରିଲା ନାହିଁ । ପାରିକୁଟ୍ଟୀ ଯେଉଁ ଗୀତଟି ଗାଏ ସେ ଗୀତଟି କଥା କହିପାରିଲା ନାହିଁ । ପାରିକୁଟ୍ଟୀ ପାଖରୁ ସେହି ଶେଷ ବିଦାୟ ନେବାର ଘଟଣା ବି କହିପାରିଲା ନାହିଁ । ଏତିକି ଛାଡ଼ିଦେଲେ କାରୁଡାମ୍ପା ଅନ୍ୟ ସମସ୍ତ ବିଷୟ କହିଦେଲା; କିନ୍ତୁ ମନରେ ତାର ଭୟହେଲା, ସେ ଯାହାସବୁ ନ କହି ରଖିଦେଲା ସ୍ୱାମୀ କିଏ ସେସବୁ ଜାଣିଦେଲେ ନା କିଏ ? କିଏ ଜାଣେ ?

ଶେଷରେ କହିଲା, "ମୋର ନିଜର ବୋଲି କେହି ଭାଇ ନାହିଁ । ବର୍ତ୍ତମାନକୁ ପାରିକୁଟ୍ଟୀ ହିଁ ମୋର ଭାଇ ।"

କଥାଟା ପାଲାନ ମନକୁ ଛୁଇଁଲା କି ନାହିଁ କହି ହେଉନାହିଁ । ସବୁ ଶୁଣି ସାରିବା ପରେ ପାଲାନ ପଚାରିଲା, "ତତେ ନିର୍କୁନ୍ନାମରୁ ତଡ଼ିଦେଇଚନ୍ତି ବୋଲି ଯେଉଁ ଗୋଟେ ଗୋଳ ଉଠିଛି, ସେଇଟା ତା'ହେଲେ ଠିକ୍ ନୁହଁ ଲୋ ?"

ଏ ପ୍ରଶ୍ନର ଉତ୍ତରରେ କାରୁଡାମ୍ପାର ମାତ୍ର ଗୋଟିଏ କଥା ହିଁ କହିବାର ଥିଲା । ସେ

Digitized by srujanika@gmail.com

ଶପଥ କରି କହିଲା, "ବଞ୍ଚିଥିବା ଯାଏ କେଉଟ ଘରର ସତୀ ସ୍ତ୍ରୀ ହୋଇ ହିଁ ମୁଁ ଏ ଦରିଆ କୂଳରେ ଜୀବନ କଟେଇଦେବି।"

ପନ୍ଦର

କାରୁତାମ୍ମା ଯାହା ଯାହା କହିଗଲା ପାଲାନି ସେସବୁ କଥା ବିଶ୍ୱାସକଲା । ତଥାପି ଏ ଘଟଣା ସେମାନଙ୍କର ଦାମ୍ପତ୍ୟ-ଜୀବନକୁ ନଷ୍ଟ କରିଦେଲା । ପାଲାନିର ସବୁ ଉତ୍ସାହ, ସବୁ ଉନ୍ମାଦନା ମଉଳିପଡ଼ିଲା । ସେ କଣ ଆଉ ପାପ୍‌ପୁ ଆଗରେ ଯୁକ୍ତିତର୍କ କରିପାରିବ ? କାରୁତାମ୍ମା ସଚ୍ଚୋଟ ହୋଇ ନାହିଁ—ପାଲାନି ଏହା ବିଶ୍ୱାସ କରେ । ତଥାପି ପାପ୍‌ପୁ ଯଦି ଆସି ତା ମୁହିଁ ଉପରେ କହିବ ଯେ ତା ଭାର୍ଯ୍ୟା ଏ ଦରିଆକୂଳର କଳଙ୍କ, ତେବେ ପାଲାନି ଆଉ କେଉଁ ମୁହଁରେ ତାର ପ୍ରତିବାଦ କରିବ ? ଯେଉଁ କାରୁତାମ୍ମାକୁ ସେ ତା ବାପାର ପାଦତଳୁ ଉଠାଇ ଆଣିଥିଲା; କେଉଟପୁଅ ହୋଇ ସେହି କାରୁତାମ୍ମାକୁ ସେ ଛାଡ଼ିଦେବ କିପରି ? ତାହା ଅଧର୍ମ ହେବ । ଯଦି ବା ସେ କାରୁତାମ୍ମାକୁ ଛାଡ଼ି ଦିଏ ତେବେ ସେ ବିଚାରୀ ଆଉ ଯିବ କେଉଁଠିକି ?

ହଁ, କାରୁତାମ୍ମା ଦୋଷ କରିଛି । ତଥାପି ସେ ପ୍ରତିଦିନ ଆଖି ଲୁହ ଢାଳି ବାରମ୍ବାର ଶପଥ କରେ, ସ୍ୱାମୀଙ୍କୁ ହିଁ ସେ ପ୍ରାଣ ଦେଇ ଭଲପାଏ । ଗତକଥା ସେ ଭୁଲିଯାଇଛି । ସେ ଚିରଦିନ ପତିବ୍ରତା ହୋଇ ରହିବ—ଏଥିରେ ଅନ୍ୟଥା ହେବ ନାହିଁ । ପାଲାନି ବି ବିଶ୍ୱାସ କଲାଣି ଯେ ଏ ଶପଥରେ ସନ୍ଦେହ କରିବାର କିଛି ନାହିଁ ।

ତଥାପି ତାର ଚୁମ୍ବନରେ ଆଉ ଆବେଗ ରହିଲା ନାହିଁ । ତାର ଆଲିଙ୍ଗନରେ ଆଉ ଉଷ୍ମତା ଆସିଲା ନାହିଁ । କିନ୍ତୁ କାରୁତାମ୍ମାର ଆଖିଲୁହ ବୋଧହୁଏ ପାଲାନି ପ୍ରତି ରହିଥିବା ମୋହକୁ ଆହୁରି ସାନ୍ଦ୍ର, ଆହୁରି ଦୃଢ଼ କରିଦେଲା । ପ୍ରତି କଥାରେ ତା ଆଖିରୁ ଝରିଆସିଲା ଲୁହର ଧାର । କଣ କଲେ ଯେ ସ୍ୱାମୀଙ୍କର ବିଶ୍ୱାସଭାଜନ ହୋଇପାରିବ; ତାହା ଜାଣି ନପାରି କାଳେ ସ୍ୱାମୀଙ୍କୁ ହରାଇ ବସିବ ସେହି ଭୟରେ ସେ ପାଲାନିକୁ ନିବିଡ଼ ଭାବରେ ଦୁଇ ବାହୁରେ ଛନ୍ଦିଧରେ । କିନ୍ତୁ ସେ ଅନୁଭବ କଲାଣି, ତାର ସେ ବାହୁବନ୍ଧନ ଆଉ ପାଲାନିକୁ ଧରିରଖି ପାରୁନାହିଁ । ପାଲାନି କ୍ରମଶଃ ଖସିଯାଉଛି । "ତୁମେ କଣ ମୋତେ ଭଲ ପାଅନି ?" —ଅନ୍ତତଃ ଏ ପ୍ରଶ୍ନଟା ସେ ପଚାରି ପାରନ୍ତା । କିନ୍ତୁ ବୋଧହୁଏ ଏ ପ୍ରଶ୍ନ ପଚାରିବାର ଅଧିକାର ବି ସେ ହରାଇ ସାରିଛି ।

Digitized by srujanika@gmail.com

ପାଳନି କାହା ସହିତ କୌଣସି ଦିନ କଳହ କରିନଥିଲା । ବର୍ତ୍ତମାନ ସେ ଗଣ୍ଡଗୋଳ ଭିତରକୁ ଧୀରେ ଧୀରେ ଟାଣିହୋଇଗଲା । କାରୁତାମ୍ମା ବିଷୟରେ ଗୁଡ଼ାଏ ବାଜେ କଥା କହି ଦିନେ ପାପ୍ପୁ ପାଳନିକୁ ଉପହାସ କଲା । ପାଳନି ଅବଶ୍ୟ କାରୁତାମ୍ମାଠାରୁ ସେହି ସବୁ କଥା ଶୁଣିଥିଲା । ତଥାପି ସେସବୁ କଥା ଅନ୍ୟ ଲୋକଙ୍କ ମୁହଁରୁ ଶୁଣି ସେ ସହ୍ୟ କରନ୍ତା କିପରି ? ଫଳରେ ଦୁହିଁଙ୍କ ଭିତରେ ଝଗଡ଼ା ହୋଇଗଲା; ପାପ୍ପୁ ଉପରେ ଦୁଇଚାରି ପାହାର ମାଡ଼ ବି ବସିଗଲା । ଗଣ୍ଡଗୋଳଟା କିନ୍ତୁ ସେତିକରେ ଶେଷ ହେଲାନାହିଁ । ପାପ୍ପୁ ଗୋଟାଏ ଜଣାଶୁଣା ଘରର ପୁଅ । ତାର ସାଙ୍ଗସୁଖ, ବନ୍ଧୁବାନ୍ଧବ ଅନେକ । ଘଟଣାଟା ଶୁଣି ସମସ୍ତେ କହିଲେ ପାଳନିର ଆଖି ଉପରକୁ ଉଠିଗଲାଣି । ନ ହେଲେ କି ପାପ୍ପୁ ପରି ଜଣେ ଥିଲାବାଲା ଲୋକ ଉପରକୁ ହାତ ଉଠାନ୍ତା ?

ସେଇଠି କିଛିଦିନ ଯାଏ ସମୁଦ୍ରରେ ମୋଟେ ମାଛ ପଡ଼ିଲେ ନାହିଁ । ଏଣେ କାମକୁ ଯିବା ଲାଗି ପାଳନିର ମୋଟେ ମନ ନଥାଏ । ପୁଣି ଆହୁରି ଗୋଟିଏ ବଡ଼ କଥା ହେଲା, କେଉଁଦିନ କେତେ ପଇସା ମିଳିଲା ବୋଲି ପଚାରିବାକୁ ବି କାରୁତାମ୍ମାର ସାହସ ନ ଥାଏ ।

ପାଳନି ମନକରିଥିଲା ଖରଯାକୁ ଟିକିଏ ବେଶଭୂଷା କରି ସାଙ୍ଗରେ ଧରି ଆମ୍ବିଳମ୍ ମେଳା ଦେଖିବା ଲାଗି ମାନାର୍ଶାଲା ଯିବ । ରୋଷେଇ କରିବା ପାଇଁ ବଖୁରିଏ ଓ ଶୋଇବା-ବସିବା ପାଇଁ ବଖୁରିଏ—ଏମିତି ଦୁଇଟି ବଖରା ଘର କରିବ । ବାସନକୁସନ ଦିଖଣ୍ଡ କଲାଣି; କିନ୍ତୁ କରିବା ପାଇଁ ଆହୁରି ବହୁତ ଅଛି । ଡଙ୍ଗା ଓ ଜାଲ କିଣିବା ପ୍ରସ୍ତାବଟା ବର୍ତ୍ତମାନ ପାଇଁ ଥାଉ । ବହୁତ ଦିନ ଲାଗିଲେ ଯାଇଁ ସେସବୁ ହୋଇପାରିବ । ଏବେ ତ ନିତିଦିନିଆ ଖର୍ଚ୍ଚକୁ ପଇସା ପାଉନି । ଖାଇବାକୁ ଦି'ଟା ମିଳିବା କଷ୍ଟ । କାରୁତାମ୍ମାର ଆଉ ଖଣ୍ଡେ ବ୍ଲାଉଜ ଦରକାର, ଆଉ ଖଣ୍ଡେ ଶାଢ଼ି ଦରକାର । ପାଲାନିର ବି କାମକୁ ଯିବାବେଳେ ପିନ୍ଧିବା ଲାଗି ମୋଟେ ସାରେ ଲୁଗା ଅଛି ।

ଦିନେ କାରୁତାମ୍ମା ପଚାରିଲା, "କାଲିଠୁଁ ମୁଁ ପୁରୁବକୁ ମାଛ ବିକି ଯାଉଛି ?"

ପାଳନି କୌଣସି ସ୍ପଷ୍ଟ ଉତ୍ତର ଦେଉନାହିଁ ଦେଖି ମାଛ ବିକି ଗଲେ କି କି ଲାଭ ହେବ, କାରୁତାମ୍ମା ସେସବୁ କହିବସିଲା ! କିନ୍ତୁ ସ୍ୱାମୀ ଅନୁମତି ଦେଲେ ହିଁ ସେ ଯିବ ।

ପାଳନି କହିଲା, "ହଉ, ତା'ହେଲେ ଯାଆ ।"

ତା'ପରଦିନ ଡଙ୍ଗା ଲେଉଟାଣିବେଳକୁ ମାଛ ବିକି ଯିବା ଲାଗି ପ୍ରସ୍ତୁତ ହୋଇ କାରୁତାମ୍ମା ଦରିଆକୂଳକୁ ଚାଲିଗଲା । ଜଣେ ବେପାରୀ ମୋଟା ଦାମ୍‌ରେ ପୁରା ଡଙ୍ଗାକ ମାଛ ବିକିଦେବା ଲାଗି ରାଜିହୋଇଗଲା । କାରୁତାମ୍ମା ଓ ଆଉ ଚାରି ପାଞ୍ଚଜଣ କେଉଟୁଣୀ ମିଶି ଡଙ୍ଗାକ ମାଛ କିଣି ପକାଇଲେ ଓ ନିଜ ଭିତରେ ଭାଗ କରିନେଲେ ।

ଏସବୁ କାମରେ କାରୁତାମ୍ମା ଅଭ୍ୟସ୍ତ ନୁହଁ । ସେ ଅନ୍ୟ କେଉଟୁଣୀଙ୍କ ସାଙ୍ଗରେ ଚାଲି ପାରିଲା ନାହିଁ । ତାକୁ ପଛରେ ପକାଇଦେଇ ଅନ୍ୟମାନେ ଆଗରେ ଚାଲିଗଲେ । କେଉଁଠିକି

Digitized by srujanika@gmail.com

ଗଲେ ମାଛ ବିକି ହେବ କାରୁତାମ୍ମା ତାହା ବି ଜାଣେନା । କାରୁତାମ୍ମା ଯାଇ ସେ ଗାଆଁରେ ପହଞ୍ଚିବା ବେଳକୁ ଅନ୍ୟ କେଉଟୁଣୀଏ ସେଠାରେ ପହଞ୍ଚି ଅନେକ ଘରେ ମାଛ ବିକି-ସାରିଲେଣି । ବିଚାରି ଘର ଘର ବୁଲି ମାଛ ଯାଚିଗଲା, କେତେକଙ୍କ ଘରେ ଆଗରୁ ମାଛ କିଣି ସାରିଥିଲେ । ଆଉ କେତେକଙ୍କ ଘରେ ତା ମାଛକୁ ପସନ୍ଦ କଲେନାହିଁ । ଆଉ କେତେକଙ୍କ ଦୁଆରେ ଦରଦାମ୍ ପଟିଲା ନାହିଁ । ବୁଲି ବୁଲି ଅକ୍ଲା ହୋଇଗଲା; ବିକି ବଟା କିଛି ହେଲା ନାହିଁ । ଶେଷକୁ ବିଚାରି ମାଛତକ ଷଠରେ ବିକି ଦେଇ ଝାଳନାଳ ହୋଇ ଘରକୁ ଫେରିଲା, କିନ୍ତୁ ଗୋଟିଏ ବିଷୟରେ ତାର ଲାଭ ହୋଇଛି । କେତେକଙ୍କ ଘରେ ନିୟମିତ ମାଛ ଯୋଗାଇଦେବା ଲାଗି ସେ କଥା ଦେଇଆସିଛି ।

କାରୁତାମ୍ମା ଆସି ଘରେ ପହଞ୍ଚିବାବେଳକୁ ପାଲିକ୍ନି ବିଡ଼ିଟିଏ ଲଗାଇ ବସିଥିଲା । ବିଚାରି ଏତେ କ୍ଳାନ୍ତ-ଶ୍ରାନ୍ତ ହୋଇପଡ଼ିଥାଏ ଯେ ଗୁଲିବାକୁ ବି ତାର ବଳ ନଥାଏ । ମୁହଁଟା ଶୁଖି ମଉଳିଯାଇଥାଏ । ମନେ ମନେ ଆଶାକରିଥିଲା, ପାଲିକ୍ନି ନିଶ୍ଚୟ ଦରଦଭରା କଥା ଦି'ପଦ କହିବ । ଜୀବନରେ ଏକ ନୂତନ ଅଭିଯାନ ପଥରେ ସେ ଆଜି ପାଦ ଦେଇଛି । 'ଆଜି କମିତି କଣ ହେଲା ?'—ସ୍ୱାମୀ କଣ ଏତିକ ବି ପଚାରିବେ ନାହିଁ ? ସେ ତ କେବଳ ନିଜପାଇଁ ଏ କାମ କରିନାହିଁ; ଏଥିରେ ତାଙ୍କର ବି ତ ସ୍ୱାର୍ଥ ଅଛି । କିନ୍ତୁ ପାଲିକ୍ନି ତାକୁ କୌଣସି କଥା ପଚାରିଲା ନାହିଁ । ସେ ଏଭଳି ଭାବରେ ବସିରହିଲା, ଯେତେ ଯେପରି କାରୁତାମ୍ମା କେଉଁଠିକି ଯାଇନାହିଁ । ସେ କାହିଁକି ଏଭଳି ବ୍ୟବହାର ଦେଖାଉଛନ୍ତି ବୋଲି ପଚାରିବା ଲାଗି ତାର କଣ କିଛି ଅଧିକାର ଅଛି ? ଅନ୍ତତଃ ଏଥିରେ ଦୁଃଖ କରିବାକୁ ବି କଣ ତାର କିଛି ଅଧିକାର ଅଛି ? ନା, ତା'ର କୌଣସିଥିରେ ଅଧିକାର ନାହିଁ ।

କିନ୍ତୁ ସେ ତାର ସ୍ତ୍ରୀ । ବିଚାରିର ଅଧିକାର ସିନା ନାହିଁ, କର୍ତ୍ତବ୍ୟ ତ ରହିଛି !! ପଚାରିଲା, "କଣ କିଛି ଖାଇଥିଲ ?"

ପାଲିକ୍ନି କହିଲା, "ହଁ ।"

ତା ପରଦିନ ସମୁଦ୍ରରେ ବହୁତ ମେଞ୍ଜିଆ ପଡ଼ିଲେ । ନିଜ ପାଖରେ ଥିବା ସବୁ ଟଙ୍କା ଦେଇ କାରୁତାମ୍ମା କେବଳ ମେଞ୍ଜିଆ କିଣିପକାଇଲା । କିନ୍ତୁ ଗତଦିନ ପରି ସେଦିନ ବି ସେ ସବୁ କେଉଟୁଣୀଙ୍କ ପଛରେ ପଡ଼ିଗଲା । କିନ୍ତୁ ଯାହା ଯାହା ଘରେ ସେ କଥାଦେଇ ଆସିଥିଲା, ସେମାନେ ତା ପାଇଁ ଅପେକ୍ଷା କରିଥିଲେ । ସେଦିନ ଅନ୍ୟ କେଉଟୁଣୀମାନେ ଅଣାରେ ଦୁଇଟା କରି ମେଞ୍ଜିଆ ବିକଲେ । କାରୁତାମ୍ମା ବିକିଲା ଦିଅଣାରେ ପାଞ୍ଚଟି କରି, ଦି' ପଇସା କମ୍ ରୋଜଗାର କଲେ କଣ ହେଲା; ସେ ଅଧିକ ଗରାଖଙ୍କୁ ହାତ କରିପାରିଲା । ସେମାନେ ତାଠାରୁ ନିୟମିତ ମାଛ କିଣିବେ । ସେମାନଙ୍କ ମନରେ ଧାରଣା ଆସିଗଲା, ଏ ନୂଆ କେଉଟୁଣୀଟି ଭଲ ମାଇପିଟିଏ ।

ଦିନ ଗୁରିଟା ଯାଇଛି କି ନାହିଁ, ସମୁଦ୍ରକୂଳରେ ଭୀଷଣ ଗଣ୍ଡଗୋଳ ଆରମ୍ଭ ହୋଇଗଲା । ଭିତର ଦେଶକୁ ଯାଇ ମାଛ ବିକୁଥିବା କେଉଟୁଣୀଏ ଏକଜୁଟ ହୋଇ କାରୁତାମ୍ମା

Digitized by srujanika@gmail.com

ବିରୋଧରେ ଠିଆହୋଇଗଲେ । କାରୁତାମ୍ମା କାହିଁକି ସେମାନଙ୍କର କେତେଜଣ ଗ୍ରାହକଙ୍କୁ ଛଡ଼ାଇନେଲା ବୋଲି ଦୋଷ ଦେଇ ତା ଉପରେ ଚଢ଼ାଉ ଆରମ୍ଭ କରିଦେଲେ । ସେମାନଙ୍କ ଭିତରୁ କାହାରି ଜଣକ ବିରୁଦ୍ଧରେ ପାଟି ଫିଟାଇବାକୁ କାରୁତାମ୍ମାର ବଳ ନଥିଲା । ସହଜେ ତ ସେମାନେ ପାଞ୍ଚ-ଛଜଣ; ବିଚାରି କେବଳ କାଠଟି ପରି ଠିଆହୋଇ କାନ୍ଦିବାକୁ ଲାଗିଲା ।

ଜଣେ କେଉଟୁଣୀ ରାଗ ଜରଜର ହୋଇ ଆରମ୍ଭ କରିଦେଲା, "ଆଲୋ. କୋଉଁଠି କୋଉ ବାଡ଼ପୋଡ଼ା ଦରିଆକୂଳେ ଗୋଟେ ପଠାଣ ଟୋକାକୁ ଘଇତା କରି ଧନ କାଟୁଥିଲା, ଏବେ ଏଠିକି ଆସିଚି ଆମ ଦରିଆକୂଳଟାକୁ ଉଜାଡ଼ି ଦବ ଲୋ !"

ଆଉଜଣେ କେଉଟୁଣୀ ଟିପ୍ପଣୀ କଲା, "ଆଲୋ, ତା ଉପରେ ତ ବେପାର ଉପରେ ବେପାର କୁଟେଇହେଇ ପଡ଼ୁଛି । ତାର ପରି ଖାଲି ଅଣ୍ଡିରି-ଗରାଖ ଲୋ ! ସବୁ ଘରେ ଅଣ୍ଡିରିମାନେ ପରି ତା'ର ହାତରୁ କିଣିବେ ବୋଲି ଚାହିଁରହୁଛନ୍ତି । ଚହଟଚମ୍ପୀ ଊଣା ଖେଳେ ନୁହଁ ଲୋ !"

କାରୁତାମ୍ମା ଆଖିକୁ ସବୁ ଅନ୍ଧାର ଦେଖାଗଲା । କାନ୍ଦି କାନ୍ଦି ସେ ଫେରିଆସିଲା ଘରକୁ । ଏତେ ବଡ଼ ସଂସାର ପଡ଼ିଛି; କିନ୍ତୁ ତାର ବୋଲି କହିବାକୁ ଏ ସାରା ସଂସାରରେ ଜଣେ ବି ଲୋକ ନାହିଁ । ତା ବିଷୟ ନେଇ ଏତେ କଥା ଉଠୁଛି; କିନ୍ତୁ ସତ କଥାଟା ଯେ କଣ ତାହା କେହି ଜାଣି ପାରିଲେ ନାହିଁ । ଏଥର ମନେହେଲା ଆଉ ପାଞ୍ଚଜଣ କେଉଟୁଣୀ ଯେପରି ଖଟି ଖାଇ ବଞ୍ଚିରହିଛନ୍ତି, ତାର ସେପରି ବଞ୍ଚିରହିବାର ଅଧିକାର ବି ନାହିଁ ।

ପାଲନି ସମୁଦ୍ରରୁ ଫେରିଲା । କିନ୍ତୁ କାରୁତାମ୍ମା କାହିଁକି ମାଛ ବିକିବାକୁ ଗଲାନାହିଁ, ବୋଲି ପଚାରିଲା ନାହିଁ । କେବଳ ତା ମୁହଁକୁ ଟିକିଏ ଚାହିଁଲା, ସେ ଲୁହଭରା ଆଖି, ସେ ଶୁଖିଲା ମୁହଁ ଆଉ କିଛି ନୂଆ ଜିନିଷ ହୋଇ ରହିନଥିଲା । ଏ ଗତ କିଛିଦିନ ହେଲା ସେ ମୁହଁରେ କାନ୍ଦ ଓ ଲୁହ ଛଡ଼ା ଅନ୍ୟ କିଛି ପ୍ରାୟ ଦେଖିବାକୁ ମିଳୁନଥିଲା । କିନ୍ତୁ ସେଦିନ ସେ ମୁହଁଟି ଦୁଃଖ ଓ ଶୋକରେ ସାଧାରଣ ଦିନ ଅପେକ୍ଷା ବେଶି ମଉଳିଯାଇଥିଲା । ପାଲନି ଯେତେବେଳେ ତାର କାନ୍ଦିବାର କାରଣ ଜାଣିବାକୁ ଚାହିଁଲା, କାରୁତାମ୍ମା କହିଲା, "ସେ କିଛି ନୁହଁ ।" କଣ ଆଉ କହନ୍ତା ବିଚାରି ? ସବୁ ଘଟଣା କଣ ସେ କହିପାରନ୍ତା ?

କାରୁତାମ୍ମା ଆଉ ମାଛ ବିକିବା ଲାଗି ପୂର୍ବକୁ ଗଲା ନାହିଁ ସତ; କିନ୍ତୁ ସେ ଆଉ ଗୋଟିଏ ବ୍ୟବସାୟ ଆରମ୍ଭ କରିଦେଲା । ଲୁଣ ଦେଇ ଶୁଖୁଆ କରି ସାଇତି ରଖିବା ଲାଗି ସେ ପ୍ରତିଦିନ ସମୁଦ୍ରକୂଳରୁ ମାଛ କିଣିଆଣିଲା ।

ଶୁଖୁଆ ରଖିଥିଲେ ମାଛ ଅଭାବ ପଡ଼ିବା ଦିନରେ ଭଲ ଦି'ପଇସା ଲାଭ ମିଳିବ, କିଛି ନ ହେଲେ ଶୁଖୁଆ ଗୋଦାମରେ ତ ବିକିହେବ ।

ଏହିପରି ଏକ କ୍ଷୁଦ୍ର ଜୀବନ ଗଢ଼ି ଚାଲିଲା କାରୁତାମ୍ମା । ଏକାନ୍ତ ଗୋପନ, ଏକାନ୍ତ ନିଃସଙ୍ଗ ଏ ଜୀବନ । ଏଥିରେ ତାର ଅଂଶୀଦାର ହେବାକୁ କେହି ନାହିଁ । ଏ ଜୀବନରେ ବି ବନ୍ଧୁ ନାହିଁ

Digitized by srujanika@gmail.com

କି ସନ୍ଦେହର ନାହିଁ । କାହାରି ସନ୍ଦେହ କଥାଭାଷା ନକରି ଅନେକ ଦିନ କଟାଇଦେଲା କାରୁତାମ୍ମା ।

ପାଳନି ଅବସ୍ଥା ବି ତଦ୍ରୂପ । ସବୁଦିନ ସେ କାମକୁ ଯାଏ; କିନ୍ତୁ ତା ଜୀବନରେ ଉତ୍ସାହ ଆନନ୍ଦ ବୋଲି କିଛି ନଥାଏ । ଆଗେ ତାର ବହୁତ ସାଙ୍ଗସୁଖ ଥିଲେ; କିନ୍ତୁ ଆଜିକାଲି ସେ ସମସ୍ତଙ୍କ ସାଙ୍ଗ ଛାଡ଼ିଲାଣି ।

କାରୁତାମ୍ମା ଓ ପାଳନି ଉଭୟଙ୍କର ଜୀବନ ଏକ ଗତିବନ୍ଧା କାର୍ଯ୍ୟକ୍ରମରେ ପରିଣତ ହୋଇଗଲା । ପୂର୍ବର ସେ ଆବେଗ କୁଆଡ଼େ ଉଭେଇଗଲା । ଭବିଷ୍ୟତ ଜୀବନ ଲାଗି ଯେଉଁ ସବୁ ଯୋଜନା ଗଢ଼ାଯାଇଥିଲା, ହଠାତ୍ ସେସବୁ ଧୂଳିସାତ୍ ହୋଇଗଲା । ଦାମ୍ପତ୍ୟ-ଜୀବନର ସବୁକିଛି ଉଷ୍ଣତା, ସବୁକିଛି ମାଦକତା ହରାଇବସି ବି ଦୁନିଆର ବହୁତ ଲୋକ ସ୍ୱାମୀ-ସ୍ତ୍ରୀ ହୋଇ ଜୀବନ ଅତିବାହିତ କରିଦଅନ୍ତି । ପାଳନି ଓ କାରୁତାମ୍ମା ବି ଠିକ୍ ସେହିପରି ସ୍ୱାମୀ-ସ୍ତ୍ରୀ ହୋଇ ରହି ଜୀବନ କଟାଇବାକୁ ଲାଗିଲେ ।

ଆଗେ ଲୋକଙ୍କ ଭିତରେ କାରୁତାମ୍ମା ବିଷୟ ନେଇ ଚର୍ଚ୍ଚା ପଡ଼ୁଥିଲା । ଆଜିକାଲି ଲୋକେ ପାଳନି କଥା ବି ଚର୍ଚ୍ଚା କରିବାକୁ ଆରମ୍ଭ କଲେଣି । ସେ ଚାଲିଗଲାବେଳେ ଲୋକେ ତା ପଛରେ ଦୁଃଖ ପ୍ରକାଶ କରିବାର ଶୁଣାଯାଉଛି । ଲୋକେ ଚୁପ୍ ରହିଥିବାବେଳେ ବି ପାଳନି ଭାବେ, ସେମାନେ ତା କଥା ନେଇ ଟିପ୍ପଣୀ କରୁଛନ୍ତି । ପାଗଳଙ୍କ ପରି ଆବ୍ଦୁଲ ମାରି ପାଳନି ଯେଉଁଦିନ ଡଙ୍ଗାଟିକୁ ମଝିଦରିଆକୁ ଟାଣିଦେଇଥିଲା, ସେହିଦିନୁ ତାକୁ ଆଉ ସୁକାନ୍ ଆବ୍ଦୁଲ ଧରିବାକୁ ଦିଆଯାଇ ନାହିଁ । ସମସ୍ତଙ୍କ ମନରେ ଭୟ । କେବଳ ତା ଡଙ୍ଗାର ମାଝି ନୁହନ୍ତି ତ, ଦରିଆକୁ ଯାଉଥିବା ସବୁ ମାଝି ଭୟ କଲେଣି । ସମସ୍ତେ ଭାବିଲେଣି ତାକୁ ଭୂତ ଲାଗିଛି; ଯଦି ବା ନହୋଇଥିବ, ତେବେ କାରୁତାମ୍ମା ହେତୁ ଗାଆଁଟାର ସର୍ବନାଶ ହୋଇଯିବ । ଅନ୍ୟ କେଉଟୁଣୀମାନେ ବୋଧହୁଏ ପାଳନିକ ସାଥିରେ ନେଇ ଦରିଆକୁ ଯାଅ ନାହିଁ ବୋଲି ନିଜ ନିଜ ସ୍ୱାମୀଙ୍କୁ ସତର୍କ କରାଇସାରିଲେଣି ।

ପାଳନି ଯେଉଁ ଡଙ୍ଗାରେ କାମକରେ, ସେ ଡଙ୍ଗାର ମାଲିକର ନାମ କୁଞ୍ଜନ୍ ଭାଲିକ୍କାରନ୍ । ଆଜିକାଲି ତାର ଦିନମାନ ଭାରି ଖରାପ ପଡ଼ିଛି । ଡଙ୍ଗା ଖଣ୍ଡିକ ଓ ଜାଲ ସାରିକ ଛାଡ଼ିଦେଲେ ତାର ଆଉ ସବୁ ସରିଗଲାଣି । ଅବସ୍ଥା ଖରାପ ପଡ଼ିବାରୁ ଘରବାଡ଼ିସବୁ ବନ୍ଧକ ଦେଇ ଦେଇଛି । ଯଦି ଡଙ୍ଗାଟି ଓ ଜାଲଖଣ୍ଡିକ ହରାଇଲା ନା, ତେବେ ଉପବାସରେ ଦିନ କାଟିବାକୁ ପଡ଼ିବ । ପୂର୍ବରୁ ଗୋଟିଏ ଥିଲାଘରର ଲୋକ ହୋଇ ଏବେ ସେ ଅନ୍ୟ ଡଙ୍ଗାରେ ଯାଇ ଚାକିରି କରିବ କିପରି ? ସହଜେ ବୁଢ଼ାଲୋକ ।

କାରୁତାମ୍ମା ବିଷୟରେ ଯେଉଁ ଗୁଜବ ଉଠିଥିଲା ସେସବୁ କୁଞ୍ଜନ କାନରେ ବି ପଡ଼ିଲାଣି । କି ଦୁର୍ଭାଗ୍ୟର କଥା ! ଗୋଟାଏ ଚରିତ୍ରହୀନାର ସ୍ୱାମୀ ଆସି ତା ଡଙ୍ଗାରେ କାମ କରୁଛି ! ସେହିଦିନଠାରୁ ଡଙ୍ଗା ଆସି କୂଳରେ ନ ଲାଗିବା ପର୍ଯ୍ୟନ୍ତ କୁଞ୍ଜନ ଆଉ ଶାନ୍ତିରେ ବସିଇଠେ ପାରୁନାହିଁ । ତା ଡଙ୍ଗାରେ ଯେତେବେଳେ ପାଳନି ବସିଛି, ଡଙ୍ଗାଟା ଫାଟି ଖଣ୍ଡ ଖଣ୍ଡ ହୋଇ

Digitized by srujanika@gmail.com

ଯାଇପାରେ ! କେଉଁ ଅଜଣା ସମୁଦ୍ର ସୁଅରେ ପଡ଼ି ଭାସିହୋଇ ସମୁଦ୍ର ତଳକୁ ଚାଲିଯାଇପାରେ —ସବୁକିଛି ବିପଦ ଘଟିପାରେ ।

ପାଲିନ ବ୍ୟତୀତ ଅନ୍ୟ ସବୁ ମାଝିଙ୍କୁ କୃଷ୍ଣନ ଗୋପାଳକୃଷ୍ଣନ ଡକାଇପଠାଇଲା । ସମସ୍ତେ ବସି ବିଷୟଟି ଗୋପନରେ ଆଲୋଚନା କଲେ । ସେମାନଙ୍କ ମନରେ ବି ସେହି ଭୟ । ସବୁଦିନ ସେମାନଙ୍କ ଘରେ ମାଇପିମାନେ ସେହିଭଳି ବିପଦ ଆଶଙ୍କା କରୁଛନ୍ତି । ସବୁଦିନ ସେମାନେ ଦରିଆଠାକୁରାଣୀଙ୍କୁ ପ୍ରାର୍ଥନା କରୁଛନ୍ତି । କୃଷ୍ଣନ ଗୋପାଳକୃଷ୍ଣନ୍ ସମସ୍ତଙ୍କୁ ଆଜି ଡାକିଛି ବୋଲି ସମସ୍ତେ କିଛି ଭଲ ଆଶା କରୁଛନ୍ତି ।

କୁମାରୁ କହିଲା, "ତେମେ ସିନା ତମ ଡଙ୍ଗା କଥା ନେଇ ବେସ୍ତ, ଆମର ବାବୁ ଜୀବନକୁ ଭୟ । ଆମ କଥା ଯଦି ସରଲ ନା, ତେବେ ଦଶବାରଟା କୁଟୁମ୍ବ ଅରକ୍ଷ ହୋଇଯିବେ, ଅକୂଳର ହୋଇଯିବେ ।"

କୃଷ୍ଣନ ଗୋପାଳକୃଷ୍ଣନ କହିଲା; "ସତ ସତ; ତୁ ଯାହା କହୁଚ୍, ଠିକ୍ କଥା । ଦରିଆ ତା କଲାକାମ ନଷ୍ଟ କରିଦବ । ଟିକିଏ ବି ଏପଟ-ସେପଟ କରିବନି । ସୋଉଁଟା ନିୟମ ଅଛି କି ।"

ଏଥିରେ ଆଉ କାହାରି ସନ୍ଦେହ ନାହିଁ । ଆଜିକାଲି ସମସ୍ତ ବଦଳିଗଲାଣି ସତ, ହେଲେ ଦରିଆ ତା ନିୟମ ଭାଙ୍ଗିବ ନାହିଁ । ପୁଣି ଯେଉଁ ନୀତି-ନିୟମ ଧରି କେଉଟକୁଳ ଚଳୁଛନ୍ତି, ସେ ନୀତି-ନିୟମ ବି ବଦଳିବାର ନୁହେ ।

କୁମାରୁ କହିଲା, "ଆମେ ସିଆଡ଼େ ଦରିଆକୁ ଯାଇଥେବୁ, ଇଆଡ଼େ ସେ ପଠାଣଟୋକାଟା ଯଦି ପଳେଇ ଆସିଲା, ତେବେ ଆମ ଅବସ୍ଥା କଣ ନହିବ କହିଲ ?"

କୃଷ୍ଣନ ଭେଲକୃଷ୍ଣନ୍ ଚମକିପଡ଼ିଲା ।

"ଠିକ୍ କଥା ଠିକ୍ କଥା;—କଣ ନହିବ ସତେ !!"

ଆଦି କୁଞ୍ଜୁ କହିଲା, "ଲୋକେ କହୁଛନ୍ତି, ସେ କାଲେ ଆଜିକାଲି ବି ଆସୁଛି ।"

ଦରିଆକୂଳର ମାଇପିଙ୍କ ମନରେ ଆଉ ଶାନ୍ତି ନାହିଁ । ଦରିଆକୁ ଡଙ୍ଗା ଗଡ଼ିବା ମୁହୂର୍ତ୍ତରୁ କାନ୍ଦବୋବାଳି ଆରମ୍ଭ ହୋଇଯାଉଛି । ଡଙ୍ଗା ସବୁ କୂଳକୁ ଫେରିଆସିବା ପରେ ଯାଇ ଟିକିଏ ଶାନ୍ତି ପାଉଛନ୍ତି ।

ଆଦି କୁଞ୍ଜୁ ପୁଣି କହିଲା, "ମାଇପିମାନେ ଅଧିଆ ପଡ଼ିଲେ ଯାଇଁ ଦରିଆଠାକୁରାଣୀ ଆମକୁ ରକ୍ଷା କରୁଛନ୍ତି । ଯଦି, ବାବୁ, ସେ କାଳ ହୋଇଥାଆନ୍ତା ନା, ତେବେ ଆଉ ମୁହଁ ଦେଖେଇବାକୁ ବି ଆମେ ଏଇଠି ନଥାନ୍ତୁ । କେବଠୁଁ ଦରିଆ ତଳେ ବୁଡ଼ିଯାଆନ୍ତୁଣି ।"

ଭେଲୁତା କୁଞ୍ଜୁ କହିଲା ତାକୁ ପାପ୍ପୁ କାଳେ କହୁଥିଲା ଯେ ଚୁରିପାଞ୍ଚ ଦିନ ତଳେ ପାରିକୁଟ୍ଟୀକୁ ସେ ଏହି ଦରିଆକୂଳେ ଦେଖିଛି । ରାତି ସେତେବେଳକୁ ଅଧାଅଧି ହିବଣି । ଦରିଆକୂଳେ ବୁଲି ବୁଲି ଟୋକାଟା କାଳେ ଗୀତ ଗାଉଥିଲା । ସେ କାଳେ ସବୁଦିନ ଆସୁଛି ।

Digitized by srujanika@gmail.com

ଏତେ କଥା ସତ୍ତ୍ୱେ ପାଲନ ପାଇଁ ସମସ୍ତଙ୍କ ମନରେ ଦୁଃଖ । ଭଲ ଟୋକାଟିଏ; ବିଚରା କି ଅବସ୍ଥାରେ ନପଡ଼ିଗଲା ସତେ !! କିନ୍ତୁ ସେମାନଙ୍କର ସ୍ୱର କଣ ! ସେମାନେ କଣ କରିପାରିବେ ?

ନିରାଶ ହୋଇ କୃଷ୍ଣନ୍ ସ୍ୱାମୀକ୍କାରନ୍ କହିଲା, "ହଉ, ସବୁ ହେଲା ଯେ, ଏବେ ଉପାୟ କଣ ?"

କୁମାରୁ ମତରେ ଗୋଟିଏ ମାତ୍ର ଉପାୟ ଅଛି । ପାଲନକୁ ଡଙ୍ଗାରୁ ବାହାର କରି ଦେଇ କୂଳରେ ଗୁଡ଼ିଦେଇ ଯିବାକୁ ପଡ଼ିବ । ଏହାହିଁ ହେଉଛି ଏକମାତ୍ର ସମାଧାନ । ପାଲନ ସେଦିନ କିପରି ଭୂତ ଲାଗିଲା ପରି ହୋଇ ଡଙ୍ଗାଟାକୁ ନେଇ ମଝିଦରିଆରେ ବୁଲାଇ ଦେଲା, ସେହି କଥା ସେହି କଥା ସେ ଶହେଥର ବର୍ଣ୍ଣନା କରିଗଲା ।

ତଥାପି ସେ ଆହୁରି କହିଲା, "ତାକୁ ଆଉଥରେ ସିମିତି ଭୂତ ମାଡ଼ ନବସିବ ବୋଲି କିଏ କହିବ ? ବୁଝିଲେ, ଡଙ୍ଗାରେ ଥିବାଯାଏଁ ମୁଁ ତା ଉପରୁ କେବେହେଲେ ନଜର ଫେରେଇ ନଥାଏ । କେତେବେଳେ ଯେ ତା ମୁହଁ ରଙ୍ଗ ବଦଳିଯିବ, ମୋଟେ ଜାଣି ହୁଏନି ପରା ।"

ସମସ୍ତେ ସ୍ୱୀକାର କଲେ ଯେ କୁମାରୁର ପ୍ରସ୍ତାବଟି ହିଁ ଠିକ୍ ପ୍ରସ୍ତାବ; କିନ୍ତୁ ଏହା ଏକ ଦୁଃଖର ଘଟଣା ହେବ । ଅଠ ପିଲାଟି ଦିନୁ ପାଲନ କୃଷ୍ଣନ ଭେଲକ୍କାରନର ଡଙ୍ଗାରେ କାମ କରିଆସିଛି । ସେ ସମୁଦ୍ରକୁ ଯାଇ ଜାଲ ଧରିଛି । ଜୀବନକୁ ପାଣି ଛଡ଼େଇ ସେ ମଝି ଦରିଆରେ ଏ କାମ କରିଥିଲା କେବଳ ତାର ସାହାସୋଦର ହୋଇ କେହି ନଥିଲେ ବୋଲି । ଧୀରେ ଧୀରେ ବଡ଼ ହୋଇ ସେ ସୁକାନ ଆହୁଲାଧରା ପର୍ଯ୍ୟନ୍ତ ଉଠିଛି । ଡଙ୍ଗାର କର୍ଣ୍ଣଧାର ହୋଇ ପାରିଛି ପାଲନ ଏବଂ ସେ ଯେଉଁ ଦିନୁ ସୁକାନ ଆହୁଲା ଧରିଛି, ସେହିଦିନୁ ମାଝିମାନେ ଅଧିକ ଦୁଇ ଦୁଇ ଟଙ୍କା ପାଇଆସିଛନ୍ତି ।

କୃଷ୍ଣନ ସ୍ୱାମୀକ୍କାରନ କହିଲା, "କିନ୍ତୁ କୁମାରୁ, ଗୋଟେ କଥା । ତାକୁ ତେମେ ଯୋଉଁ ଦିନଠୁ ସୁକାନ ପାଖରୁ ହଟେଇ ଦେଲଣି, ସେହି ଦିନଠୁ ତମ ରୋଜଗାର ଦ'ଦ' ଟଙ୍କା କମି ଯାଇଛି । ନୁହଁ ?"

କଥାଟା ଯେ ଠିକ୍, କୁମାରୁ ତାହା ସ୍ୱୀକାର କଲା । କିନ୍ତୁ ମୁଣ୍ଡ ଉପରେ ଏ ଯେଉଁ ବିପଦ ରହିଛି, ଏ ବିପଦରୁ ରକ୍ଷା ପାଇବାର ଆଉ କି ଉପାୟ ଅଛି ?

କାମଟା କିପରି କରାଯିବ ? ପାଲନକୁ ଏ କଥା କିଏସେ କହିବ ? କୃଷ୍ଣନ ସ୍ୱାମୀକ୍କାରନ ପାରିବ ନାହିଁ । ନା, ହୃଦୟଟାକୁ ସେ ଏତେ ନିଷ୍ଠୁର କରିଦେଇ ପାରିବ ନାହିଁ ।

ସେ କୁମାରୁକୁ କହିଲା, "ତମ ଭିତରୁ କିଏ ହେଲେ ଜଣେ ତାକୁ ଏକଥା କହିଦିଅ ।"

କିନ୍ତୁ ଏକଥା କହିବାକୁ କେହି ହେଲେ ରାଜି ହେଲେନାହିଁ । ତା' ହେଲେ କିପରି କରାଯିବ ?

କୁମାରୁ ଗୋଟିଏ ପନ୍ଥା ବାହାର କଲା—"ସେ ଆସିବା ଆଗରୁ ଆମେ ଡଙ୍ଗା ଖୋଲି

Digitized by srujanika@gmail.com

ଦେବା । ଏଇଭଳିଆ କରି ତ ଆମେ ଲୋକ ବଦଳୋଉଥାଉଁ; ନା କଣ ?"

କୁଞ୍ଚନ ଖାଲବ୍‌କାରନ ଏ ଉପାୟଟି ଜାଣେ; କିନ୍ତୁ ପରେ ପାଲନ ଯେତେବେଳେ ପଚାରିବାକୁ ଆସିବ, ସେ କେଉଁ ମୁହଁରେ ତାକୁ ଜବାବ ଦେବ ? ଏହା ହିଁ ତାକୁ ବିବ୍ରତ କରିଦେଉଥିଲା ।

ସବୁ ମାଝି ସ୍ଥିର କଲେ ଯେ ଏହା ହିଁ ଏକମାତ୍ର ଉପାୟ । କୁଞ୍ଚନ ଖାଲବ୍‌କାରନ୍ ବି ଆଉ ଜଣେ ସୁକାନଧରା ନିଯୁକ୍ତ କରିଦେଲା ।

ତା ପରଦିନ ପାହାନ୍ତିଆ କଥା । ସବୁଦିନ ପରି ସଅଳ ସଅଳ ଉଠି ପାଲନ ଚାଲିଲା ଦରିଆ-କୂଳକୁ । କିନ୍ତୁ ସେ ଯାଇ ପହଞ୍ଚିବାବେଳକୁ ଡଙ୍ଗା ତେତେଣେ କୂଳ ଛାଡ଼ିଦେଇଥିଲା । ମାଝି-ମାନଙ୍କୁ ସେ ଖୁବ୍ ପାଟି କରି ଡାକିଲା । ଭୀଷଣ ଗର୍ଜନ କରି କୂଳ କମ୍ପାଇଦେଲା । ଡଙ୍ଗା କିନ୍ତୁ ଫେରିଲା ନାହିଁ । ସେ ଜାଣିପାରିଲା, ତାକୁ ଆଉ ସମୁଦ୍ରକୁ ନନେବା ଲାଗି କାଣିଶୁଣି କୂଳରେ ଛାଡ଼ିଦିଆଯାଇଛି । ତାର ଅଙ୍ଗପ୍ରତ୍ୟଙ୍ଗର ସମସ୍ତ ସ୍ନାୟୁତନ୍ତ୍ର ଜାଗ୍ରତ ହୋଇଉଠିଲା । ସମୁଦ୍ରର ଅକୃତ୍ରିମ ସନ୍ତାନ ସେ । ପ୍ରକୃତି ସହିତ ଯୁଦ୍ଧ କରିବା ପାଇଁ ତାର ଜନ୍ମ । ସମୁଦ୍ରର ଝଡ଼ଝଞ୍ଜା ସହିତ ସଂଗ୍ରାମ କରିବା ଲାଗି ଗଢ଼ାହୋଇଛି ତାର ଶରୀର । ବର୍ଷ ବର୍ଷ ଧରି ତାର ଦେହ ଉପରେ ବୋହିଯାଇଛି ପ୍ରକୃତିର ରୋଷ-ବାତ୍ୟା । ସମୁଦ୍ରର ପଶ୍ଚିମାପବନ ତାର ଗର୍ଜନକୁ ଫେରାଇ ଦେଇ ବୋହିନେଇଗଲା ଗାଆଁ ଭିତରକୁ । ଯେଉଁ ଡଙ୍ଗାକୁ ସେ ଏତେ ଦିନ ଧରି ଭଲପାଇଆସିଥିଲା ସେ ଡଙ୍ଗା ପଶ୍ଚିମପଥରେ ଦୂରକୁ ଚାଲିଗଲା ଘୋଷଣା କରି କରି—"ପାଲନ, ତୁ ଆଉ ସମୁଦ୍ରରେ କାମ କରିବାକୁ ଯୋଗ୍ୟ ନୋହୁ ।"

ଅନ୍ତରରୁ ଜାଗି ଉଠିଥିବା ଶକ୍ତିକୁ ଆଉ ସଂଯତ କରି ରଖିପାରିଲା ନାହିଁ ପାଲନ । ସେ ଡେଇଁପଡ଼ିଲା ସମୁଦ୍ର ଭିତରକୁ । ପାଣି ଭିତରେ ଦିଆର କାଟି ଶିଶୁମାର ପରି ଆଗେଇଗଲା ଡଙ୍ଗାଆଡ଼କୁ । ସାଗରଦୈତ୍ୟ ପରି ମାଡ଼ିଚାଲିଲା ଡଙ୍ଗାଟାକୁ ଧରିବା ପାଇଁ, ତା ଉପରେ ପୁନର୍ବାର ପ୍ରତିଷ୍ଠା କରିଦେବା ପାଇଁ ତାର ପୂର୍ବର ଅଧିକାର । କିନ୍ତୁ ସେପଟୁ ମାଡ଼ିଆସିଲା ଏକ ବିରାଟ ଲହରୀ । ବୋଧହୁଏ ସେତେବଡ଼ ଲହରୀ ସେ ପର୍ଯ୍ୟନ୍ତ କେବେ ଉଠିନଥିଲା । ସେ ଲହରୀ ଭିତରେ ବୁଡ଼ିଗଲା ପାଲନ । ମୁହୂର୍ତ୍ତକ ମଧ୍ୟରେ ତାର ସବୁ ଶକ୍ତି ଚୂର୍ଣ୍ଣିଭୂତ ହୋଇଗଲା । ଲହରୀ ଆଣି ତାକୁ ଅସ୍ତବ୍ୟସ୍ତ କରି ଫୋପାଡ଼ି ଦେଇଗଲା କୂଳର ବାଲି ଉପରେ ।

ପରାଜିତ ହୋଇଗଲା ପାଲନ । ଝାଳନ୍ତୁଡ଼ି ହୋଇ ସେ ଚାଲିଲା କୁଞ୍ଚନ ଖାଲବ୍‌କାରନ୍ ଘରକୁ ।

ସେ ଯାଇ ଜବରଦସ୍ତି ପଚାରିଲା, "ମୁଁ କଣ ଦରିଆରେ କାମ କରିବାକୁ ଯୋଗ୍ୟ ନୁହଁ ?"

ଆ-ଆ-ମା-ମା ହୋଇ କୁଞ୍ଚନ ଖାଲବ୍‌କାରନ କହିଲା, "ଦେଖ ବାପ, କଥା ହେଲା··· ।"

"ମିଛ ମିଛ । ତାହା ମିଛ । ମୋ ଶରୀରଠାରେ କୌଣସି ଦୋଷ ନାହିଁ । ହଁ ହଁ, ମୁଁ କହୁଛି, ମୁଁ ଜାଣେ ତାର କୌଣସି ଦୋଷ ନାହିଁ ।"

Digitized by srujanika@gmail.com

"କିନ୍ତୁ ସବୁ ଲୋକେ ତ କହୁଛନ୍ତି···!"

"ଲୋକେ କହିବେ କଣ !" କହି କ୍ରୋଧ ଓ ଘୃଣାରେ ଫେରିଆସିଲା ପାଲନ ।

ଷୋହଳ

ପାଲନ ଫେରି ଆସିବା ଦେଖି କାରୁଣାମୟୀ ବିସ୍ମିତ ହୋଇଗଲା । ପଚାରିଲା—କଣ ଅସୁବିଧା ହେଲା ?

ପାଲନ କହିଲା, "ତୁ ଗୋଟାଏ ଖରାପ ମାଇକିନା । ସେଇଥିପାଇଁ ସେମାନେ ଠିକ୍ କରିଛନ୍ତି, ମୁଁ ଆଉ ସମୁଦ୍ରକୁ ଯିବାକୁ ଯୋଗ୍ୟ ନୁହେଁ ।"

ମର୍ମାହତ ହୋଇ ଠିଆହୋଇପଡ଼ିଲା କାରୁଣାମୟୀ । ସେ ଯେ ଖରାପ, ସେ କଥା ବହୁତ ଲୋକ କହିଛନ୍ତି । ବହୁତ ଲୋକଙ୍କ ମୁହଁରୁ ସେ ଏହା ଶୁଣିଛି । କିନ୍ତୁ ନିଜ ସ୍ୱାମୀଙ୍କ ମୁହଁରୁ ସେ କୌଣସି ଦିନ ଏ କଥା ଶୁଣିନଥିଲା । ଅନ୍ୟ ଲୋକ କହୁଥିବା କଥାଟା ଆଣି ସେ ତାକୁ ଶୁଣାଇଛନ୍ତି ମାତ୍ର, ତଥାପି ଏହି ପ୍ରଥମ ଥର ତା ସ୍ୱାମୀ ତା ମୁହଁ ଉପରେ ଏକଥା କହିଲେ ।

ପାଲନ ନିର୍ଦ୍ଦୋଷ, ନିଷ୍କଳଙ୍କ । କେବଳ ସ୍ତ୍ରୀ ହେତୁ ସେ ଆଜି କେଉଟକୂଳରୁ ବାସନ୍ଦ ହୋଇଛି ।

ପାଲନ ପଚାରିଲା, "ତୁ କେଉଟଘର ଝିଅ । ତୁ କେବେହେଲେ ସେ ଟୋକାକୁ ବାହା ହେଇ ପାରିନୁନ । ତୁ ତା ହେଲେ କାଣ୍ଡ କାଣ୍ଡ କାହିଁକି ତା ସାଙ୍ଗରେ ଏତେ ହସିଖେଳି ଦିନ କଟାଉଥିଲୁ ?"

ଏଭଳି ଏକ ଖୋକଟୋକ ପ୍ରଶ୍ନ ତାକୁ କେହି କେବେ ପଚାରିନଥିଲା । ଯେଉଁ ମାଆ ତାକୁ ବେଳେ ବେଳେ ଦୋଷ ଦେଇ ଧିକ୍କାରଭର୍ତ୍ସନା କରୁଥିଲା, ସେ ମାଆ ବି ଦିନେ ଏପରି ପଚାରି ନଥିଲା । କିନ୍ତୁ ସେ କି ଉତ୍ତର ଦେବ ? ନିଜର ସବୁ ଦୋଷ ସ୍ୱୀକାର କରିଗଲା କାରୁଣାମୟୀ । ଲୁହ ଛଳ ଛଳ ଆଖିରେ ସେ କହିଲା, "ଯାହା ହେବାର ହେଇଯାଇଛି । ଆଉ ସେ କଥାକୁ ଧରନାହିଁ । ମତେ କ୍ଷମା କର ।"

କାରୁଣାମୟୀ ପ୍ରତି ପାଲନର କ୍ରୋଧ ନଥିଲା । କହିଲା, "ତତେ କାହିଁକି ମୁଁ ଦୋଷ ଦେବି ? ଦୋଷ ତ ତୋର ନୁହେଁ ।"

ଆଶ୍ୱସ୍ତି ବୋଧକଲା କାରୁଣାମୟୀ । ସ୍ୱାମୀ ତାକୁ କ୍ଷମା କରିଛନ୍ତି । ସେ ତାକୁ ଦୋଷ ଦେଉ

Digitized by srujanika@gmail.com

ନାହାନ୍ତି । ସେ କେବଳ ତା ବାପମାଆଙ୍କୁ ଦୋଷ ଦେଉଛନ୍ତି । ସେମାନେ କାହିଁକି ଝିଅର ଉଚିତ ଯତ୍ନ ନେଲେ ନାହିଁ ?

ପାଲନି ପୁଣି କହିଲା, "ପିଲାଦିନେ ଗୋଟିଏ ପଠାଣ ଟୋକା ସାଙ୍ଗରେ ଖେଳବୁଲି ଦିନ କଟେଇ ଦେବାକୁ ଝିଅକୁ ଛାଡ଼ିଦେଲେ । ଏବେ ଦୁଃଖ ଭୋଗିଲାବେଳକୁ ଭୋଗୁଛି ଝିଅ । ବାପମାଆ ହୋଇଥିଲେ ପିଲାଙ୍କୁ ନଜରରେ ରଖିପାରିଲେନି ?"

ତା କ୍ରୋଧ ସେତିକିରେ ଶେଷ ହେଲାନାହିଁ । କାରୁତାମ୍ମା ମୁହଁକୁ ଚାହିଁ ସେ କହିଲା, "ତୋ ବାପ ବୋଧହୁଏ ସେ ଟୋକା ଆଗରେ ଝିଅକୁ ଦେଖେଇ ତାକୁ ଠକିଠାକି ଟଙ୍କା ପଇସା ମାରିଆଣିଛି । ଆଉ ସେଇଥିରେ ଡଙ୍ଗା, ଜାଲ୍ କିଣି ପକେଇଛି । ଘର ବୁଡ଼ିବନ୍ତି-ପଣିଆ ନା !"

ଏ ଗୋପନ କଥା କୌଣସି ଦିନ କାରୁତାମ୍ମା ମୁହଁରୁ ବାହାରି ନଥିଲେ ବି ଏଭଳି ଏକ ବିଷୟ ସନ୍ଦେହ କରିବା ପାଲନି ପକ୍ଷରେ ସ୍ୱାଭାବିକ । ଏ ବିଷୟ ପୂର୍ବରୁ ଜଣାଇ ନଥିବାରୁ କାରୁତାମ୍ମା ନିଜକୁ ବର୍ତ୍ତମାନ ଅପରାଧୀ ବୋଲି ମନେକଲା । ପାଲନି ତା ଭାର୍ଯ୍ୟାକୁ ସାବଧାନ-ବାଣୀ ଶୁଣାଇ ଦେଲା—"ଦେଖ, କହୁଚି ! ତୋ ବାପମାଆ ତତେ ଯିମିତି ବଢ଼େଇଥିଲେ ତୋ ପେଟରେ ଯୋଉଁ ଛୁଆ ଧରିଛୁ, ତାକୁ ବି ତୁ ଠିକ୍ ସିମିତି ବଢ଼େଇବୁ । ଯଦି ଛୁଆଟା ଝିଅ ହବ ନା, ତେବେ ଦରିଆକୂଳରେ କୋଉ ହେଲେ ଗୋଟିଏ ଲୋକର ଯିମିତି ସର୍ବନାଶ ହେଇଯିବ, ସିମିତି ବ୍ୟବସ୍ଥା କରିଦବୁ । କଣ ଶୁଣୁଛୁଟି ଲୋ ?"

"ନା, ନା, ତା କରିବିନି ।" କାରୁତାମ୍ମା କହିଲା । ସ୍ୱାମୀର କହିବାର ଉଦ୍ଦେଶ୍ୟ ସେ ବୁଝିଗଲା । ସେ ଆଜି ଯେଉଁ ଦୁଃଖ ଭୋଗ କରୁଛି, ତା ଛୁଆକୁ ସେହି ଦୁଃଖ ଭୋଗ କରିବାକୁ ସେ ମୋଟେ ଦେବ ନାହିଁ । ସେ ଯଥେଷ୍ଟ ଶିକ୍ଷା ପାଇସାରିଛି ।

ଜୀବନରେ ଏହା ଏକ ବିଷମ ସମସ୍ୟାର ବେଳ, ତଥାପି କାରୁତାମ୍ମା ଆଜି ଆଶ୍ୱସ୍ତି ଅନୁଭବ କରୁଛି । ତା ଗର୍ଭରେ ସେ ଯେଉଁ ସନ୍ତାନ ଧରିଛି, ସେହି ସନ୍ତାନ ବିଷୟରେ ତା ସ୍ୱାମୀ ଆଜି ଏହି ପ୍ରଥମ ଥର ଉଲ୍ଲେଖ କରିଛନ୍ତି । ପୁଣି ଆଜି ଏହି ପ୍ରଥମ ଥର ସେ ତାର ସ୍ୱାମୀ ଆଗରେ ନିଜର ଦୋଷ ଅତି ସରଳ ଭାବରେ ସ୍ୱୀକାର କରିଛି । ଗାଆଁଲୋକେ ଯେଉଁ ବଦନାମ ଦେଉଛନ୍ତି ପାଲନିର ସେଥିରେ ବିଶ୍ୱାସ ନାହିଁ—ଏହା କଣ କମ୍ ଆନନ୍ଦର କଥା ।

"ଏଥର ଆମେ ଚଳିବା କିମିତି ?" କାରୁତାମ୍ମା ପଚାରିଲା ।

ଲୋକଙ୍କୁ ସେ ଅଭିଶାପ ଦେବାକୁ ଲାଗିଲା—"ବାଡ଼ିପୋଡ଼ା ଲୋକେ କି ଅମଙ୍ଗଳ ଲୁହନ୍ତି ସତେ ! ଗାଆଁ ଗଣ୍ଡା ବୁଲି ମାଛ ଦି'ଟା ବିକିଲେ ହେଲେ ଦି'ପଇସା ରୋଜଗାର କରି ଗୁଜରାଣ ମେଣ୍ଟାନ୍ତି, କିନ୍ତୁ ସେତିକି ବି କରେଇ ଦେଲେନି । ଶେଷକୁ ତମକୁ ବି ଦରିଆକୁ ଯିବାକୁ ଦେଲେନି ।"

ପାଲନି ଏକ ଦୀର୍ଘନିଃଶ୍ୱାସ ପକାଇ ଦୃଢ଼କଣ୍ଠରେ କହିଲା, "ମୁଁ କେଉଟପୁଅ; ଯେତେ-

Digitized by srujanika@gmail.com

ଦିନ ବଞ୍ଚିବ ଚୋରି ଦଉଡ଼ି କରି ବଞ୍ଚିବ । ଯେଉଁଦିନ ମରିବ, ସେଦିନ କେଉଟପୁଅ ପରି ମରିବ ।"

କାରୁତାମ୍ମା ଦେଖିଲା ତା ସ୍ୱାମୀଙ୍କର ସମସ୍ତ ପୌରୁଷ ଶକ୍ତି ଆଜି ଜାଗି ଉଠିଛି । ତାର ଶ୍ରମଶକ୍ତି ସୁଠାମ ମାଂସପେଶୀ ଭିତରେ ଦପ୍ ଦପ୍ ହୋଇ ଖେଳିଯାଉଛି ପ୍ରାଣପ୍ରତୁର୍ଯ୍ୟର ଉତ୍ସ । କାରୁତାମ୍ମା ଉପଲବ୍ଧି କଲା ଯାହାର ବାହୁଗ୍ରନ୍ଥୀ ତଳେ ସେ ଆଶ୍ରୟ ନେଇଛି ତା ଦେହରେ ରହିଛି ଅଫୁରନ୍ତ ଶକ୍ତି ଓ ଅସୀମ ସାହସ ।

ଦାନ୍ତ କଟମଟ କରି ପାଲନି କହିଲା, "ମୁଁ ଦରିଆକୁ ଯିବାକୁ ଯୋଗ୍ୟ ନୁହଁ ବୋଲି କୋଉ ଶଶୁରପୁଅଟା କହିବ କହୁ । ଦରିଆରେ ଖଟିବାପାଇଁ ମୁଁ ଜନ୍ମ ହୋଇଛି । ଦରିଆରେ ଯାହା କିଛି ଅଛି ସେ ସବୁଥିରେ ମୋର ଅଧିକାର ରହିଛି । କାହା ଜଭରେ ହାଡ଼ ଅଛି ଯେ ଏକଥା ମନାକରିଦବ ?"

ପାଲନିର ମନପ୍ରାଣକୁ ଆଜି ପରିପୂର୍ଣ୍ଣ କରିରଖିଛି କେଉଟପୁଅର ଜନ୍ମଗତ ଅଧିକାର । ଏଇ ଅଗାଧ ସମ୍ପଦର ଉତ୍ତରାଧିକାରୀ ବୋଲି ସେ ଆଜି ଗର୍ବ ଅନୁଭବ କରୁଛି ।

"କେଉଟପୁଅ କେବେହେଲେ ମାଟି ଖୋଳି ଜମି ଚାଷ କରିବାକୁ ଯାଏନି । ଆଉ ଏକଥା ସତ ବୋଲି ଜାଣିଥା ଯେ ପାଲନି ବି କୋଉଁଦିନ ସେ କାମ କରିବାକୁ ଯିବନି ।" ଭାର୍ଯ୍ୟାକୁ ଆଶ୍ୱାସନା ଦେଇ କହିଲା, "ଆଲୋ, ତୁ କିଛି ଚିନ୍ତା କରନା । ଦରିଆଠାକୁରାଣୀ ଯାହା ଦେବେ, ପାଲନି ସେଇଥିରେ ବଞ୍ଚିବ ।"

ଚେଶେ ଦରିଆ ଭିତରେ ଜାଲ ଟାଣିବାବେଳ ହୋଇଗଲା । ପାଞ୍ଚବର୍ଷବେଳୁ ସେ ଦରିଆରେ କାମ କରିଆସିଛି । ଏତେ ବର୍ଷ ବିତିଯାଇଥିଲା, କୌଣସି ଦିନ ସେ ନିକମା ହୋଇ ବସି ନଥିଲା ।

ପାଲନି ପଶ୍ଚିମ ଦିଗକୁ ଚାହିଁଲା । ମାଛଧରା ଡଙ୍ଗାସବୁ ଦରିଆ ଭିତରେ ଅପେକ୍ଷା କରିଥାନ୍ତି । ସେଦିନ ଖାଲି ମେଞ୍ଚିଆ ଓ ପୋହଳାରେ ଜାଲ ଭରିହୋଇଗଲା । ତା ହାତକୁ କିପରି କାମଟିଏ ଆସିବ ? ସେ କ୍ରୋଧରେ କମ୍ପିଗଲା । ତାର ଅନ୍ତର୍ନିହିତ ପୌରୁଷ ସଚେତ ହୋଇ ଉଠିଥିଲା ।

କାରୁତାମ୍ମାର ଶକ୍ତି ବି ଜାଗ୍ରତ ହୋଇଉଠିଲା । ପାଲନି କେଉଟ ତ ସେ କେଉଟୁଣୀ । ଦରିଆଠାକୁରାଣୀଙ୍କ ସମ୍ପତ୍ତି ଭୋଗକରି ବଞ୍ଚିବା ଲାଗି ତା ଭାଗ୍ୟରେ ବି ଲେଖାଅଛି । ଅନ୍ୟ କୌଣସି ଜୀବିକା ନେଇ କୌଣସି କେଉଟୁଣୀ ବଞ୍ଚିଥିବା କଥା ଶୁଣା ନାହିଁ ।

ସେ ପଚାରିଲା, "ମୁଁ ପୁରୁବକୁ ଯାଇ ମାଛ ବିକିବି ନା ?"

କିନ୍ତୁ ପାଲନି ସେଭଳି ଅନୁମତି ଦେବାକୁ ଚାହିଁନି—"ନା, ତୁ ଘରେ ରହିବା ହିଁ ଭଲ ହବ । ତୋର ଏ ଅବସ୍ଥାରେ ମୁଣ୍ଡରେ ବୋଝ ନେଇ କୁଆଡ଼େ ଯିବା ଠିକ୍ ହବନି ।"

"ମତେ କାହିଁକି କିଛି ହାଲିଆ ଲାଗୁନି । ସେ ବେଳ ଆହୁରି ଆସିନି ।"

ପାଲନି ତାକୁ ବିଶ୍ୱାସ ଦେଇ କହିଲା, "ତତେ ପୋଷି ପାରିବି ବୋଲି ଭାବୁଚନ୍ତି ଠିକ୍

Digitized by srujanika@gmail.com

କାଲପରେ ଯାଇ ତତେ ଘରକୁ ଆଣିଲି । ଆଉ ମନେରଖିଥା, ତତେ ପୋଷିବା ଲୋକ ମୁଁ । ତୋର କିଛି ମେହେନତ କରିବା ଦରକାର ନାହିଁ ।''

କାରୁତାମ୍ମାର ଜୀବନରେ ଏହା ଏକ ଅବିସ୍ମରଣୀୟ ଦିବସ । ବସ୍ତୁତଃ ଆଜି ହିଁ ସେ ପାଲନିର ପ୍ରକୃତ ଭାର୍ଯ୍ୟା ହେଲା । ଏଥର ତା ଜୀବନରେ ଆଉ ଅଭାବ କଣ ? ତା ସ୍ୱାମୀ ଅପେକ୍ଷା ଅଧିକ ସାହସୀ ସ୍ୱାମୀର ଭାଗ୍ୟବତୀ ସ୍ତ୍ରୀ ସେ ଦରିଆକୂଳରେ ଆଉ କେହି ନାହିଁ । ଦୁଇ ଜଣଙ୍କ ମଧ୍ୟରେ ସୁନ୍ଦର ବୁଝାମଣା ହୋଇପାରିଛି । ସେମାନଙ୍କ ଭିତରେ ଯେଉଁ ସ୍ୱାମୀ–ସ୍ତ୍ରୀ ସମ୍ପର୍କ ରହିଛି, ସେ ସମ୍ପର୍କ ଏହି ବୁଝାମଣା ଉପରେ ପ୍ରତିଷ୍ଠିତ । କେବଳ ଆଉ ଗୋଟିଏ ବିଷୟରେ ଅବଶୋଷ ରହିଯାଇଛି । ପାଲନି କହିଲା, "କାରୁତାମ୍ମା, ତୁ ଆମ କୁଳପ୍ରଥା ମାନି, ଭଲ ମଣିଷ ପରି ଚଳ । ଦରିଆକୂଳରେ କେଉଟଘର ବୋହୂ ଯିମିତି ଚଳିବା କଥା, ତତେ ସିମିତି ଚଳିବାକୁ ପଡ଼ିବ ।''

ସେ ଯେ କଣ ଚାହେଁ ତାହା ଅତି ସ୍ପଷ୍ଟ ଭାବରେ କହିଦେଲା । ଏତେଦିନଯାଏ କାରୁତାମ୍ମା ହିଁ ପାଲନିଠାରୁ ବିଭିନ୍ନ ପ୍ରତିଶ୍ରୁତି ଚାହିଁଥିଲା । କାରୁତାମ୍ମା ହିଁ ପାଲନିର ପାଦ ଧରି ଅନୁନୟ ବିନୟ କରି ଜଣାଇଥିଲା ତାର ବିଭିନ୍ନ ଭିକ୍ଷା । କିନ୍ତୁ ପାଲନି କୌଣସି ଦିନ କାରୁତାମ୍ମାଠାରୁ କୌଣସି ପ୍ରତିଶ୍ରୁତି ଚାହିଁ ନଥିଲା । ସତ କହିବାକୁ ଗଲେ କୌଣସି ସ୍ୱାମୀ କୌଣସି ସ୍ତ୍ରୀକୁ ଏଥିପାଇଁ ଅନୁରୋଧ କରିବାର ଆବଶ୍ୟକତା ନାହିଁ ବା ସ୍ତ୍ରୀଠାରୁ ଏପରି ପ୍ରତିଶ୍ରୁତି ଦାବି କରିବାର କୌଣସି ପ୍ରୟୋଜନ ନାହିଁ । କିନ୍ତୁ ସ୍ତ୍ରୀର ଏ ଅଧିକାର ଅଛି, କାରଣ ଏଇତକ ବିନା ତାର ଆନନ୍ଦ, ତାର ସୁଖ ଅପୂର୍ଣ୍ଣ ହୋଇ ରହିଯିବ । ଏ ପ୍ରତିଶ୍ରୁତି ଦାବି ତ ବିବାହ ଅନୁଷ୍ଠାନର ଏକ ଅଂଶବିଶେଷ । "କୁଳପ୍ରଥା ଓ ପରମ୍ପରା ମାନି ତତେ ଜୀବନ କାଟିବାକୁ ପଡ଼ିବ ।''—ସ୍ୱାମୀ ପ୍ରତି ତାର ସ୍ତ୍ରୀର କର୍ତ୍ତବ୍ୟ ଭିତରେ ଏହା ଅନ୍ୟତମ ।

ତୃପ୍ତି ଓ ଆନନ୍ଦରେ କାରୁତାମ୍ମା ଢଳିପଡ଼ିଲା ପାଲନିର ଚଉଡ଼ା ଛାତି ଉପରେ । ଆଖି ତାର ଭରିଆସିଲା ଆନନ୍ଦର ଲୁହରେ । ଲୁହ ଝରାଇ ଅନ୍ତରର ଗଭୀରତମ ପ୍ରଦେଶର ଆକୁଳ ନିବେଦନ ଜଣାଇଦେଲା କାରୁତାମ୍ମା, "ଆଉ କାହିଁକି ସେ କଥା କହୁଛ ? ଜୀବନରେ ଥରେ ଭୁଲ କରିଦେଲି । ଅନ୍ଧାର ଥରେ କଣ ଭଲ ବାଟରୁ ଗୋଡ଼ ଖସେଇଦେବ ?'' ତାର ପିଠି ଆଉଁସି ଆଉଁସି ସାନ୍ତ୍ୱନା ଦେବାକୁ ଲାଗିଲା ପାଲନି, "ଛିଃ, କାନ୍ଦନ୍ତି ନା ? କାନ୍ଦନି, କାନ୍ଦନି ।''

ଦୁଇ ପ୍ରାଣୀଙ୍କର ଲିଭିଯାଇଥିବା ପ୍ରେମ ବାସନା ପୁଣି ଥରେ ଜଳିଉଠିଲା । ପାଲନି ତାର ବଳିଷ୍ଠ ବାହୁ ଦୁଇଟିରେ କାରୁତାମ୍ମାକୁ ଅତି ନିବିଡ଼ ଭାବରେ ଚାପି ଧରିଲା ନିଜ ଛାତି ଉପରେ । କାରୁତାମ୍ମା ଶ୍ୱାସ ରୁଦ୍ଧପ୍ରାୟ ହୋଇଗଲା ସେହି ଆଲିଙ୍ଗନ ଭିତରେ । ପୁନର୍ବାର ଦିହେଁ ସେହି ଅପୂର୍ବ ସୁଖାନୁଭୂତିର କାଉଁଶପରଶ ଫେରି ପାଇଲେ ।

କେହି କେବେ ପାଲନି ପାଇଁ ବ୍ୟସ୍ତ ହୋଇ ନଥିଲା, ପାଲନି ପାଇଁ କେହି କେବେ ଚିନ୍ତା କରି ନଥିଲା । ଆଜି କିନ୍ତୁ ପାଲନି ଉପଲବ୍ଧି କଲା ଏ ଦୁନିଆରେ ତା ଲାଗି ବ୍ୟସ୍ତ ହେଉଥିବା

Digitized by srujanika@gmail.com

ଭଲ ଜଣେ ଲୋକ ଅଛୁ । ଅପର ପକ୍ଷରେ କାରୁଚାମ୍ପାର ଘର ବୋଲି କିଛୁ ନଥିଲା, ସାହାଭରସା ବୋଲି କେହି ନଥିଲେ । ଆଜି କିନ୍ତୁ ସେ ପାଇଗଲା ତାର ପ୍ରକୃତ ଜୀବନସାଥୀ । ସେମାନେ ମୋଟେ ଦୁଇଜଣ । ଦୃଢ଼ ଭାବରେ ହାତରେ ହାତ ମିଳାଇ ନିଷ୍ଠୁର ଦୁନିଆଁ ସହିତ ଲଢ଼ି ଲଢ଼ି ସେମାନେ ନିଶ୍ଚୟ ଆଗେଇ ଯିବେ ।

ସେମାନଙ୍କର ଜୀବନର ଭିତ୍ତି ସ୍ଥାପନ ହୋଇଗଲା । ସେମାନେ ଆଜି ଏକ; ପରସ୍ପରଠାରୁ ଅଭିନ୍ନ । କିନ୍ତୁ ବର୍ତ୍ତମାନ କରିବେ କଣ ? ବଞ୍ଚିବାକୁ ତ ପଡ଼ିବ ।

"ଆମେ ଏଥର କଣ କରିବା ?"—କାରୁଚାମ୍ପା ପଚାରିଲା । "ମୋ ପାଖରେ ମୁଁ ବାରଟଙ୍କା ସଞ୍ଚିଛୁ ।"

ସେତକରେ କେତେ ବା କଣ ହେବ ? ଖଣ୍ଡେ ଗ୍ରେଟିଆ ହାତଜାଲ କିଣିଲେ ତ ଉଣିଶ ଟଙ୍କା ପଡ଼ିଯିବ । କାରୁଚାମ୍ପାକୁ ଗୋଟିଏ ବୁଦ୍ଧି ଦେଖାଗଲା । କହିଲା, "ଆମେ କଣ କଣ୍ଟା ପକାଇ ମାଛ ଧରିପାରିବା ନାହିଁ ?"

"କଣ୍ଟା ଯିନା ପାଇବା; କିନ୍ତୁ ଗ୍ରେଟ ଡଙ୍ଗା ଖଣ୍ଡେ କେଉଁଠୁ ପାଇବା ?"

"ତା' ପରେ ସାଙ୍ଗରେ କାମ କରିବା ଲାଗି ଆଉଜଣେ ଲୋକ ବି ଦରକାର । ଆମ ପାଇଁ କାମ କରିବାକୁ କିଏ ଆସିବ ?"

ସେ କଥା ଉପରେ ଗୁରୁତ୍ୱ ନଦେଇ ପାଲିନି କହିଲା, "ସେ କଥା ଭୁଲିଯାଅ । ଖାଲି ଗ୍ରେଟ ଡଙ୍ଗା ଖଣ୍ଡେ ହୋଇଯାଆନ୍ତା କି, ମୁଁ ଏକା ଏକା ଦରିଆକୁ ଯାଇ ଯାହା ରୋଜଗାର କରନ୍ତି, ସେତିକି ଆମର ଦିନଦିନିଆ ଖର୍ଚ୍ଚକୁ ଯଥେଷ୍ଟ ହୁଅନ୍ତା ।"

ଦରିଆକୂଳରେ ପାଞ୍ଚଛ'ଟା ଗ୍ରେଟ ଡଙ୍ଗା ଥାଏ । କଣ୍ଟା ପକାଇ ମାଛ ଧରିବାଲାଗି ସେସବୁ ଡଙ୍ଗା ଦରିଆକୁ ଯାଏ । କାରୁଚାମ୍ପା କହିଲା, "ସେଥିରୁ ଗୋଟିଏ ଡଙ୍ଗା ଭଡ଼ା ନେଲେ କିମିତି ହୁଅନ୍ତା ?"

"ଆମକୁ କେହି ଭଡ଼ା ଦେବେନି । ମୁଁ ସେଥିରେ ଗଲେ କାଳେ ଡଙ୍ଗା ବୁଡ଼ିଯିବ ବୋଲି ଭୟ କରିବେ ।"

"ତା'ହେଲେ ଉପାୟ ?"

କିଛୁ ସମୟ ଚିନ୍ତା କରି ପାଲିନି କହିଲା, "ଆଚ୍ଛା ହଉ । କାହିଁ ସେ ଟଙ୍କା ଦେ; ମୁଁ ଆଗ କଣ୍ଟା କିଣି ଆଣେ ।"

କାରୁଚାମ୍ପା ଟଙ୍କା ଗଣିଦେଲା, କଣ୍ଟା କିଣିବା ଲାଗି ଚାଲିଗଲା ପାଲିନି ।

ନିଜକୁ ଭାଗ୍ୟବତୀ ମନେକଲା କାରୁଚାମ୍ପା । ସେ ଏପରି ଜଣେ ବ୍ୟକ୍ତିର ସ୍ତ୍ରୀ ଯାହାଠାରେ ରହିଛି ବଞ୍ଚିବା ପାଇଁ ଏକ ଗଭୀର ଅଭିଳାଷ । ତାକୁ ଦେଖାଗଲା ଏଥର ନିଜର ହୋଇ ଖଣ୍ଡେ ଘର ଓ ଘରକୁ ଲୋଡ଼ା ସବୁ ଆସବାବପତ୍ର, ସବୁ ବାସନକୁସନ କରିବା ସମ୍ଭବ ହୋଇଯିବ । ନିଜର ହୋଇ ଡଙ୍ଗା ଖଣ୍ଡେ, ଜାଲ ସାରେ କିଣା ହୋଇ ପାରିବ । ମାକାଇଶାଲାର ଆଯ୍ୟୀଲିମ୍ ମେଲାଟା ବି ନାଚିଗଲା ତା ଆଖି ଆଗରେ ।

Digitized by srujanika@gmail.com

ସେ ମନେ ମନେ ପ୍ରାର୍ଥନା କଲା, ତା ଗର୍ଭରେ ଯେଉଁ ସନ୍ତାନଟି ଅଛି ସେଇଟି କପଣ ଝିଅ ନହେଉ । ଝିଅଜୀବନର ଦୁଃଖକଷ୍ଟ ଯେ କଣ, ତାହା ସେ ଅନୁଭବ କରିସାରିଛନ୍ତି । ତାର ଏ ଦୁଃଖିନୀ ଜୀବନର କାହାଣୀର ପୁନରାବୃତ୍ତି ହୋଇଯିବା ଅସମ୍ଭବ ନୁହେଁ । ନା, ସେ ଆଉ ତାହା ଘଟିବାକୁ ଦେବନି । ତା ଝିଅକୁ ସେ ପିଲାଟିବେଳରୁ ହିଁ ପୁଅଙ୍କ ମେଳରେ ବଢ଼ିବାକୁ ଦେବନି । ସେ ଦେଖିବ, ତା ଝିଅ ଯେପରି ଭଲପାଇବା ବିଷୟ ନେଇ କୌଣସି ଘଟଣାରେ ଜଡ଼ିତ ନହୁଏ । ଯଦି ପୁଅଟିଏ ହୁଏ, ତେବେ ସେ କଣ କରିବ ? ତା ପୁଅହେଉ ଅନ୍ୟ କୌଣସି ଝିଅ ଯେପରି ହଇରାଣରେ ନପଡ଼େ, ସେ ସେଥିପ୍ରତି ଦୃଷ୍ଟି ରଖିବ ।

ସେ ସେଇଘରକୁ ଯାଇ ଭାତତିଅଣ ରାନ୍ଧି ବସିଲା କାରୁତାମ୍ମା । ଭାବିଲା ଆଜି ସ୍ୱାମୀସ୍ତ୍ରୀ ଦୁହେଁ ବସି ଏକା ଥାଳରେ ଖାଇବେ; ଆଗେ ଯେପରି ଖାଉଥିଲେ ସେପରି । ସେ ନିଜ ହାତରେ ଭାତ ଗୁଣ୍ଡାଟିଏ କରି ତାଙ୍କୁ ଖୁଆଇଦେବ । ନା, ଆଉ ଛୋଟ ଗୁଣ୍ଡା କରିବ ନାହିଁ—ଖୁବ୍ ବଡ଼ ବଡ଼ ଗୁଣ୍ଡା କରି ଖୁଆଇବ । ବସି ବସି ଏକ ମଧୁର ସ୍ୱପ୍ନରାଜ୍ୟରେ ବୁଡ଼ିଗଲା କାରୁତାମ୍ମା ।

ଏଥର ଖାଇବାକୁ ନପାଇ ଉପବାସରେ ରହିବାକୁ ପଡ଼ିଲେ ବି ସେ ସହିପାରିବ । ତା ସ୍ୱାମୀ ତାକୁ ଭଲପାଆନ୍ତି, ସେ ତାକୁ କ୍ଷମା କରିଛନ୍ତି । ଦୁନିଆରୁ ସେ ଆଉ କଣ ଚାହେଁ ? ଏଥର ତାକୁ ସ୍ୱୟଂ ଭଗବାନଙ୍କର ରକ୍ଷାକବଚ ମିଳିଗଲା ।

ପାଲନି ଜାଲ ନେଇ ଘରକୁ ଫେରିବାବେଳକୁ ମାଛ ଅନ୍ଧାର ହୋଇଆସୁଥାଏ । ସେ ଛୋଟ ବଡ଼ ଉଭୟ ପ୍ରକାରର ଜାଲ ଆଣିଥାଏ, ଅଲଗା ଅଲଗା କରି ବାଛିରଖି ଜାଲରେ ଡୋରି ବାନ୍ଧିଦେଲା । ସବୁ ଠିକଣା କରିଦେଇ ସଜାଇ ରଖିଲା ।

ଦରିଆକୂଳର ଲୋକେ ନିଘୋଡ଼ ନିଦରେ ଶୋଇଥିବାବେଳେ ପାଲନି ବାହାରିଲା ଜାଲ-ନେଇ ମାଛ ଧରିବାକୁ ଯିବ । କିନ୍ତୁ ସେ ତାର ମନକଥା ଖୋଲି ନକହିବା ପର୍ଯ୍ୟନ୍ତ କାରୁତାମ୍ମା ତାକୁ ଛାଡ଼ିଲା ନାହିଁ । ପାଲନି ସ୍ଥିର କରିଥାଏ କାହାର ହେଲେ ଗୋଟିଏ ଛୋଟ ଡଙ୍ଗା ନେଇ ସେ ଦରିଆ ଭିତରକୁ ଚାଲିଯିବ ଏବଂ କାହାରି ନିଦ ଭାଙ୍ଗିବା ଆଗରୁ ସେ ମାଛନେଇ ଫେରି-ଆସିଥିବ । କହିଲା; "ମୁଁ ତ ଫେରେ ଦରିଆକୂଳରେ ବଞ୍ଚିବ ।"

ଭୟଭୀତ ହୋଇଗଲା କାରୁତାମ୍ମା । ନିଶା ଗର୍ଜୁଛି, ଏ ବେଳରେ ଫେରେ ଏକାକିଆ ହୋଇ ଦରିଆକୁ ଯିବାକୁ ବାହାରୁଛନ୍ତି ! କେତେ କେତେ ବିପଦ ନରହୁଛି ।

ଆତୁର ହୋଇ କହିଲା, "ମୋ ରାଣ ଅଛି···।"

"ଆଚ୍ଛା କଥା ! ଇମିତି ହେଲେ ହବ ନା ?"

"ଏକାକିଆ କମିତି ଯିବ ?"

"ଆଲୋ, ମୁଁ ଏ ଦରିଆ କୋଳରେ ଜନ୍ମ ହୋଇଚ ।"

ପାଲନି ବାହାରିପଡ଼ିଲା । ପଛରୁ କାରୁତାମ୍ମା ଡାକ ପକାଇଥାଏ, "ଆଗୋ, ମାଛ-ଲୋଭରେ ବେଶି ଦୂରକୁ ଚାଲିଯିବ ନାହିଁଟି ।" କଥାର ଉତ୍ତର ନଦେଇ ପାଲନି ଚାଲିଗଲା ।

କାରୁତାମ୍ମା ଆଖିକୁ ନିଦ ଆସିଲା ନାହିଁ ।

Digitized by srujanika@gmail.com

କୁଡ଼ିଆ ଭିତରୁ ବାହାରିଆସି ସେ ପଶ୍ଚିମକୂଳର ନଡ଼ିଆ ଗଛ ତଳେ ବସିପଡ଼ିଲା । ତାର ଦକ୍ଷିଣକୁ ଚାହିଁ ଦେଖିଲା ଦରିଆକୁ ବାହାରିଲା ଖଣ୍ଡିଏ ଶ୍ରେଷ୍ଠ ଡଙ୍ଗା । ସେ ମନେ ମନେ ପ୍ରାର୍ଥନା କରିବାକୁ ଲାଗିଲା, "ହେ ମାଆ, ଦରିଆଠାକୁରାଣୀ, ତୁ ହିଁ ସାହା ।" ନିର୍ଜନ ସମୁଦ୍ର ବକ୍ଷରେ ତାର ସେହି ଏକାନ୍ତ ପ୍ରାର୍ଥନା ହିଁ ନାବିକର ଏକମାତ୍ର ସହାୟ ।

କାହାର ନିଦ ଭାଙ୍ଗିବା ପୂର୍ବରୁ କିଛି ମାଛଧରି ପାଲନି ଫେରିଆସିଲା । ରାତି ପାହିଲାବେଳକୁ ସେ ଯାଇ କାର୍ତ୍ତିକାପଲ୍ଲୀ ବଜାରରେ ପହଞ୍ଚିଗଲା, ବିକିପରେ ଦେଖାଗଲା ସେ ଧରିଆଣିଥିଲା ଆଠ ଟଙ୍କାର ମାଛ ।

ତାକୁ ଖଣ୍ଡେ ଶ୍ରେଷ୍ଠ ଡଙ୍ଗା କିଣିବାକୁ ପଡ଼ିବ । ନିତିଦିନିଆଁ ଆୟରୁ ଟଙ୍କା ସଞ୍ଚି ଡଙ୍ଗା କିଣିବାକୁ ହେଲେ ବହୁତଦିନ ଲାଗିଯିବ । ଟଙ୍କା ଦେଢ଼ଶହ ହେଲେ ଖଣ୍ଡିଏ ପୁରୁଣା ଡଙ୍ଗା ବି ମିଳିଯାଇପାରିବ । ଟଙ୍କା ମିଳିବାର ସୁବିଧା ଥିଲା କାରଣ କାରୁତାମ୍ମା ଦେହରେ କିଛି ସୁନା ଅଳଙ୍କାର ଥାଏ । କିନ୍ତୁ ସେ ସୁନାତକ ବିକି ସେହି ଟଙ୍କାରେ ଡଙ୍ଗା କିଣିବା ପ୍ରସ୍ତାବକୁ ପାଲନି ପସନ୍ଦ କଲାନାହିଁ । କାରୁତାମ୍ମା କହିଲା, "ଆହେ, ତେମେ ଏତେ ଭାବନି, ଏଇଟା ତ ମୋ ସୁନା; ମୁଁ ଦେଉଛି ନିଅ; ମୋ ମାଆ ମତେ ଏ ସୁନାତକ ଦେଇଥିଲା ।"

"କିନ୍ତୁ, ନିଜ ସ୍ତ୍ରୀର ଅଳଙ୍କାର ବିକି···।"

"ତାହେଲେ, ମତେ ତେମେ ପର ବୋଲି ଭାବୁଛ ?"

ସେକଥା କହିବା ଲାଗି ସେ ପ୍ରସ୍ତୁତ ନୁହେଁ । କିନ୍ତୁ ଭାର୍ଯ୍ୟାର ଅଳଙ୍କାର ବିକି ଡଙ୍ଗା କିଣିବାଟା କିପରି ଗୋଟିଏ ଖରାପକଥା ପରି ଲାଗିଲା । ତଥାପି ସେ ଅଳଙ୍କାରତକ ନେଇ ବିକି ଦେଲା ଏବଂ କିଣି ଆଣିଲା ଖଣ୍ଡିଏ ଶ୍ରେଷ୍ଠ ଡଙ୍ଗା । ସେତେ ଭଲ ମାଲ ପଡ଼ିଲାନି, ଯାହାହେଉ ସେତିକି ଟଙ୍କାରେ ଯେଉଁଭଳି ମାଲ ମିଳିବା କଥା, ସେ ଦୃଷ୍ଟିରୁ ଭଲ ଡଙ୍ଗା ଖଣ୍ଡିଏ ହୋଇଥାଏ ।

ଏ ନୂଆ ଧନ୍ଦାରେ ପାଲନିର ରୋଜଗାର କିଛି ମନ୍ଦ ହେଲା ନାହିଁ । ଦିନେ ଦିନେ ଦଶ-ଟଙ୍କା ଯାଏ ଆୟ ହୋଇଯାଏ । କେଉଁ କେଉଁ ଦିନ କିଛି ବି ହୁଏନି; କିନ୍ତୁ ତାକୁ ଚାହିଁ ଡଙ୍ଗାଟା ନିତାନ୍ତ ଶ୍ରେଷ୍ଠ, ନିତାନ୍ତ ହାଲୁକା ହୋଇଗଲା । ଏଭଳି ଖଣ୍ଡିଏ ଡଙ୍ଗା ନେଇ କାମକରି ସେ ଅନୁଭବ କଲାନାହିଁ ଯେ ସେ ପୂର୍ବ ଦିନଟାକର ପରିଶ୍ରମ କଲା । ସେ ତାର ସମସ୍ତ ଶକ୍ତି ବିନିଯୋଗ କରିବାର ସୁଯୋଗ ପାଇଲା ନାହିଁ । ସେ ଆଉ କ୍ଳାନ୍ତ ହୋଇ ପାରିଲା ନାହିଁ । ନା, ତା'ଭଳି ଜଣେ ସୁଦକ୍ଷ ଶକ୍ତିଶାଳୀ ପୁରୁଷ ପକ୍ଷରେ ଏଭଳି ଖଣ୍ଡିଏ ଶ୍ରେଷ୍ଠ ଡଙ୍ଗା ଓ ଶ୍ରେଷ୍ଠିଆ ଆହୁଲା କୌଣସି ରୂପେ ଯୋଗ୍ୟ ନୁହେଁ । ନିଶ୍ଚୟ ଖଣ୍ଡିଏ ବଡ଼ ଡଙ୍ଗା କିଣିବାକୁ ପଡ଼ିବ । ସୁକାନ ଆହୁଲା ଧରି ସେ ଠିଆହେବ ଡଙ୍ଗାର କର୍ଣ୍ଣଧାର ହୋଇ, ଏ ବର୍ଷ ଚ୍ଛକାରା ପରେ ସେ ନିଶ୍ଚୟ ଭିତର ଦରିଆକୁ ଯାଇ ମାଛ ଧରିବ ।

କାରୁତାମ୍ମା ପଚାରିଲା, "ଯଦି ବଡ଼ ଡଙ୍ଗା ଖଣ୍ଡେ କିଣିବ, ତେମେ କଣ ଏକେଲା ଡଙ୍ଗା ନେଇ ଯାଇପାରିବ ? ତମ ସାଙ୍ଗରେ ଯିବାକୁ ତ ଆଉ କେହି ବାହାରିବେନି ।"

"ଆଲୋ, ମୋର ନିଜର ଡଙ୍ଗା ହେଇଗଲେ, ଏ ବଡ଼ଲୋକମାନେ କୁକୁରମେଁତେ ମୋ

Digitized by srujanika@gmail.com

ପଛରେ ଧାଇଁବେ ।''

ସେ ଏକ ନିଷ୍ପତ୍ତି କରି ବସିଲା—''ଅନ୍ୟ ଲୋକଙ୍କ ଡଙ୍ଗା ଚଢ଼ି ପାଲନି ଆଉ ଦରିଆକୁ ଯିବ ନାହିଁ ।''

ଗର୍ଭାବସ୍ଥାର ଶେଷଆଡ଼କୁ ଯେଉଁ କ୍ଳାନ୍ତି ଜଣାପଡ଼େ କାରୁତାମ୍ମା କ୍ରମଶଃ ସେହି କ୍ଳାନ୍ତି ଅନୁଭବ କରିବାକୁ ଲାଗିଲା । ତାର ବର୍ତ୍ତମାନ ଅବସ୍ଥା ଯେ କଣ ତାହା ତାର ଚେହେରା ଦେଖି ସ୍ପଷ୍ଟ ବୁଝିହୋଇଗଲା । ଦରିଆକୁ ଯାଇ ପାଲନି ଭାବେ, ଘରେ କାରୁତାମ୍ମା ଏକୋଟିଆ କପରି ରହିଥିବ । ସେ ଆଉ ବେଶି ସମୟ ଦରିଆରେ ରହିପାରେନା, ଦିନେ ଘରକୁ ଫେରି ଦେଖିଲା, ଘରେ ଚାରି ପାଞ୍ଚଜଣ ମାଇପି ଜମା ହୋଇଛନ୍ତି । ତାକୁ ଦେଖି ସେମାନେ ଖୁସିରେ ହସିପକାଇଲେ, କହିଲେ, ''ବାପରେ, ଝିଅଟିଏ ହେଇଚ ।''

ସେମାନେ ମିଶି ଛୁଆଟିକୁ ଗାଧୋଇଦେଲେ । ସବୁ ଛୁଆଙ୍କ ପରି ସେ ଛୁଆଟି ବି କାନ୍ଦୁଥାଏ । ସଜଗାଧିଆ ଛୁଆଟିକୁ ଆଣି ସେମାନେ ପାଲନି ହାତକୁ ବଢ଼ାଇଦେଲେ । ଛୁଆକୁ କପରି ନିଅନ୍ତି, କପରି ଧରନ୍ତି ପାଲନି ସେସବୁ ଜାଣି ନଥିଲା । ଜୀବନରେ କୌଣସି ଦିନ କୌଣସି ଶିଶୁକୁ ସେ କୋଳ କରିନଥିଲା ।

ସ୍ୱାମୀ-ସ୍ତ୍ରୀ ଯେତେବେଳେ ଏକାଠି ବସିବାର ସୁବିଧା ପାଇଲେ ସେତେବେଳେ ପାଲନି ପଚାରିଲା, ''ଇ ଲୋ, ତୁ କାହିଁକି ଟିକିଏ ବିରସ ଦେଖାଯାଉଚୁ ? କଣ ଝିଅଟେ ହେଲା ବୋଲି ଦୁଃଖ କରୁଛୁ କି ଲୋ ?''

କାରୁତାମ୍ମା କହିଲା, ''ଯଦି ପୁଅଟିଏ ହେଇଥାନ୍ତା··· ।'' ଟିକିଏ ରହି ପୁଣି କହିଲା, ''ଆଚ୍ଛା, ତେମେ ବି କଣ ସିମିତି ଭାବୁନା ?''

''ତୁ କାହିଁକି ସେ କଥା ଭାବୁଛୁ ।''

''ନା, ଝିଅ ହେଉ, ପୁଅ ହେଉ, ସେଥିରେ କଣ ଅଛି ?''

ନିଜର ସମସ୍ତ ମନଭାବକୁ ଗୋଟିଏ ସ୍ପଷ୍ଟ ବାକ୍ୟରେ ପ୍ରକାଶ କରିଦେଲା କାରୁତାମ୍ମା, ''ଯାହା ହେଲେ ହେଇଯିବ ପଛେ, ମୁଁ ମୋ ପିଲାକୁ ଆଉ ଗୋଟେ କାରୁତାମ୍ମା କରି ଗଢ଼ିବି ନାହିଁ ।''

ମୁରୁକି ହସଟିଏ ହସିଦେଇ ପାଲନି କହିଲା, ''ତା ହେଲେ ପାଲନି ବି କୋଉଦିନ ଚେମ୍ପନ କୁଞ୍ଜୁ ହେଇଯିବନି ।''

ଛୁଆଟି ଜନ୍ମ ହେବା ଦିନୁ ସେମାନଙ୍କ ଜୀବନରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଗଲା । ଏଥର ଉଭୟଙ୍କୁ ଜଣେ ତୃତୀୟ ପ୍ରାଣୀ ପାଇଁ ବି ବଞ୍ଚିବାକୁ ପଡ଼ିଲା । ପାଲନି ଭାବେ କେବଳ ତାକୁ ସବୁଦିନ ଆନନ୍ଦ ଦେବା ଲାଗି ଛୁଆଟି ଜନ୍ମହୋଇଛି । ସମୁଦ୍ରକୁ ମାଛ ମାରିବାକୁ ଯାଇ ସମୁଦ୍ରର ନୀଳଜଳ ଦେଖିଲେ ତାର ମନେପଡ଼ିଯାଏ ଗୁଲୁଗୁଲିଆ ଝିଅଟିର ନୀଳକଅଁଳ ଆଖି । ସେ ଚାହେଁ, ସଅଳ ସଅଳ ଫେରିଯିବ । ଛୁଆକୁ କପରି ଧରିବାକୁ ହୁଏ, କାରୁତାମ୍ମା ତାହା ଶିଖାଇଦେଲାଣି । କିନ୍ତୁ ସେ ସ୍ୱାମୀକୁ ଚିଡ଼ାଇ କହେ—''ଛୁଆଟାକୁ ଇମିତି

Digitized by srujanika@gmail.com

ସବୁବେଳେ ଧରି ବୁଲେଇଲେ, ସିଏ ଖରାପହେଇଯିବ ।" ପାଲନ ବଚରା ବ୍ୟସ୍ତ ହୋଇ ଝିଅକୁ ତଳେ ବସାଇଦଏ ।

ଛୁଆଟିକୁ ଦେଖି କାରୁତାମ୍ମା ଆଗରେ ଅତୀତର ବହୁ କରୁଣ ସ୍ମୃତି ନାଚଉଠେ । ହାୟ ! ତା ମାଆ ତା ଛୁଆଙ୍କୁ ଦେଖି ପାରିଲା ନାହିଁ । ଝିଅ ମୁହଁକୁ ଚାହିଁଦେଲେ ତାର ପଞ୍ଚମୀ କଥା ମନେପଡ଼ିଯାଏ । ପଞ୍ଚମୀ ଯେତେବେଳେ ଛୁଆଟିଏ ହୋଇଥିଲା ଠିକ୍ ଏହିପରି ଗୋଡ଼ହାତ ଗୁଟିକୁଏ । ପଞ୍ଚମୀ ବିଚାରୀ ଆଜିକାଲି କିପରି ଚଳୁଥିବ ସତେ ? କାରୁତାମ୍ମା ସେହି କଥା ଭାବି-ବସେ । ଭାବି ଭାବି ଅନ୍ତରଟା କୁହୁଳିଉଠେ ।

ପାଲନ ଦିନେ ଗୋଟିଏ ନୂଆ ଖବର ନେଇ ଆସିଲା । ଚେମ୍ପନ କୁଆଡ଼େ କାଳେ ତେଣ୍ଡିଆଳଇ ନା ସେ ପାଖଆଖର ଜଣେ ମାଇପିକୁ ଆଣି ଘରଯା କରି ରଖିଛି । ସେ ଏହା ଦଣ୍ଡଆକୂଳରେ ଜଣେ ଲୋକଠାରୁ ଶୁଣି ଆସିଛି । ସେ ଲୋକ କାଳେ ନିରକୁନାମର କାହାଠାରୁ ଏକଥା ଶୁଣିଥିଲା । ତାହେଲେ ଯେଉଁ ଘର ଦିନେ ତା ମାଆର ଇଙ୍ଗିତରେ ଚଳୁଥିଲା, ଯେଉଁ ଘରେ କାରୁତାମ୍ମା ଜନ୍ମ ହୋଇ ବଡ଼ହୋଇଥିଲା ସେହି ଘରେ ଆଜ ଜଣେ ଅଜଣା, ଅଶୁଣା ମାଇପି ଘରଣୀ ହୋଇଛି ? ସେ ଘର ଖଣ୍ଡିକ ତା ମାଆ ଗଢ଼ିଥିଲା । ସେ ଘରର ପ୍ରତ୍ୟେକଟି ଜିନିଷ ତା ମାଆର । ସେ ନୂଆ ମାଇପିଟି ପଞ୍ଚମୀକୁ କଣ କରୁ ନଥିବ ଟି ?

ଦିନେ ଝିଅକୁ ଗାଧୋଉ ଗାଧୋଉ ସେ ପାଲନକୁ କହିଲା, "ଝିଅ ମୁହଁକୁ ଦେଖିଲେ ମୋର ପଞ୍ଚମୀର ପିଲାଦିନ କଥା ମନେପଡ଼ୁଯାଉଛି । ମୁଁ ତାକୁ ମୁହୂର୍ତ୍ତେ ହେଲେ ତଳେ ବସେଇଦୋଉ ନଥିଲି ।"—କହୁ କହୁ କାରୁତାମ୍ମାର ଆଖି ଲୁହରେ ଜକେଇ ଆସିଲା । ସେ ପୁଣି କହିଲା, "ବିଚାରୀ ଏବେ ସାବତମାଆଠୁ କେତେ ଲାତ, କେତେ ଗୋଇଠା ଖାଉ ନ ଥିବଟି ।"

"କାହିଁକି ?"—ପାଲନ ପଚାରିଲା ।

"ସାବତମାଆ ମାନେ ସିମିତି ।"

"ଆମର ସେଥିରେ କଣ କରିବାର ଅଛି ।"

ଟିକିଏ ସତର୍କ ହୋଇଯାଇ କାରୁତାମ୍ମା କହିଲା, "ତାକୁ ଟିକିଏ ଦେଖିଲେ ମୁଁ ଭାରି ଖୁସି ହୁଅନ୍ତି ।"

ପାଲନ ଆଉ କିଛି କହିଲା ନାହିଁ ।

ଆଉ ଦିନକର କଥା । ଦୁହେଁ ହସଖେଳ ଭିତରେ ବିଭୋର ହୋଇ ରହିଥିବାବେଳେ କାରୁତାମ୍ମା ପଚାରିଲା, "ମୁଁ ଟିକିଏ ନିରକୁନାମ ଯିବି ନା ? ପଞ୍ଚମୀକୁ ଦେଖିଆସିବି ।"

ପାଲନ ଏ ପ୍ରସ୍ତାବକୁ ପସନ୍ଦ କଲାନାହିଁ । ମନମତାଣିଆ ହସଟିଏ ହସିଦେଇ କାରୁତାମ୍ମା କହିଲା, "ଆଚ୍ଛା ଦେଖ, ତମର ଏ ଝିଅଟି ଅଛି । ଝିଅଟି ବଡ଼ ହେଇଗଲେ ତମ ଘରକୁ ଟିକିଏ ବୁଲିଆସୁ ବୋଲି କଣ ତେମେ ଚାହିଁବନି ?"

ଗୋଟାଏ ବଦ୍ରୂପାତ୍ମକ କଣ୍ଠରେ ପାଲନ କହିଲା, "ତୁ ତା'ହେଲେ କଣ ଚାହୁଁଚୁ ?

Digitized by srujanika@gmail.com

ପଞ୍ଚମୀକୁ ଦେଖିଯିବୁ ବୋଲି କହୁଚୁ ନା; ପାରିକୁଟ୍ଟୀକୁ ଦେଖିବାକୁ ମନଟା ଆହୁରି ସଡ଼ସଡ଼ ହେଉଚି ?''

ଆତଙ୍କିତ ହୋଇଗଲା କାରୁତାମ୍ମା । ତାହେଲେ ପାଲନି ଭିତରେ ଥିବା ପୁରୁଷର କୌଣସି ପରିବର୍ତ୍ତନ ହୋଇ ନାହିଁ । ପାରିକୁଟ୍ଟୀର କଳାଛାଇ ଆହୁରି ଘୁଞ୍ଚିନାହିଁ । ସେ ଛାଇ କଣ କେବେହେଲେ ଘୁଞ୍ଚିବ ?

ସେ ଯେ ଗୋଟିଏ ଭୁଲ ବାଟରେ ପାଦ ବାଢ଼ିଦେଇଥିଲା କାରୁତାମ୍ମା ତାହା ଉପଲବ୍ଧି କଲା । ସେ କହିଲା, "ନା, ନା, ମୁଁ ଆଉ କୌଣସି ଦିନ ନୀରକୁନାମ ଯିବିନାହିଁ । ଯିବା କଥା ହିଁ ଆଉ ଉଠେଇବି ନାହିଁ ।''

କିନ୍ତୁ ତାର ଜୀବନର ଶାନ୍ତି ନଷ୍ଟହୋଇଗଲା । ଅତୀତର ଛାୟା ତା ଜୀବନକୁ ଆହୁରି ଆଚ୍ଛାଦିତ କରିରଖିଥିଲା ।

ସତର

ପ୍ରବାଦ ଅଛି ସ୍ତ୍ରୀ ଯେତେବେଳେ ମରିଯାଏ, ତାର ଆତ୍ମା ଆସି ରାତିରେ ତାର ସ୍ୱାମୀର ଶୋଇବା ଘରକୁ ବୁଲେ । ସେ ଆତ୍ମା ବାୟୁରେ ମିଶି ସ୍ୱାମୀର ପ୍ରଶ୍ୱାସ ବାଟେ ତା ଦେହ ଭିତରକୁ ଯାଏ । ସ୍ତ୍ରୀର ପରକାଳର ଜୀବନଟା କାଳେ ଏଇଆ ।

"ଆଉ ଗୋଟିଏ କାହାକୁ ଦେଖି ବାହା ହେଇ ପଡ଼ିବ ।'' ଚକ୍‌କୀ ଏକଥା କାହିଁକି କହିଥିଲା ? ସମସ୍ତ ପରିସ୍ଥିତିଟାକୁ ବିଚାର କରିକରି ସେ ବୋଧହୁଏ ସ୍ଥିର କରିଥିଲା ଯେ ସ୍ୱାମୀଙ୍କୁ ଏହି ଉପଦେଶଟି ଦେବା ହିଁ ସବୁଠାରୁ ବେଶି ଭଲହେବ ବା ସେ ବୋଧହୁଏ ଜାଣିଥିଲା ଯେ ଜୀବନଟାକୁ ଉପଭୋଗ କରିବା ଲାଗି ତା ସ୍ୱାମୀ ବିଶେଷ ବ୍ୟାକୁଳ—ତେଣୁ ତାଙ୍କର ସ୍ତ୍ରୀଟିଏ ଦରକାର ପଡ଼ିବ ।

ସମସ୍ତେ କହିଲେ ଚେମ୍ପନ କୁଞ୍ଜୁର ଡାହାଣ ଭୁଜଟା ଛିଣ୍ଡି ପଡ଼ିଲା । କଥାଟା ସତ । ଚକ୍‌କୀ ଥିଲା ତା ଜୀବନର ସକଳ ଉନ୍ନତିର ମୂଳ । ସାରା ଦରିଆକୂଳଟା ଖୋଜିଗଲେ ବି ତା ପରି ଚାଲାଖଚତୁର ମାଇପିଟିଏ ଦେଖିବାକୁ ମିଳିବ ନାହିଁ । କିନ୍ତୁ ବର୍ତ୍ତମାନ ଚେମ୍ପନ କୁଞ୍ଜୁ କରେ କଣ ? ପଞ୍ଚମୀଟା ମେଞ୍ଚଡ଼ ଝିଅଟିଏ । ସେ କଣ ଘର ଚଳାଇ ପାରିବ ? କାରୁତାମ୍ମା ତ ଆଉ ଆସିବ ନାହିଁ, ସେ ବି ତାକୁ କେବେହେଲେ ଡକାଇ ପଠାଇବ ନାହିଁ ।

"ଆଉ କାହାକୁ ଗୋଟିଏ ଦେଖି ବାହା ହେଇ ପଡ଼ିବ ।''—ଚକ୍‌କୀର ସେହି ଶେଷ

Digitized by srujanika@gmail.com

କେଇପଦ କଥା ଚେମ୍ବନ କୁଞ୍ଜୁ କାନରେ ଆସି ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା । ଶେଷକୁ ସେ ଯାଇ ଆଚ୍ଚ କୁଞ୍ଜୁ ସହିତ ପରାମର୍ଶ କଲା ।

"ତୁ କଣ ଭାବୁଛୁ କହିଲୁ, ଭାଇ ! ଆଉଥରେ ବାହା ହେବ ?"

ଆଚ୍ଚ କୁଞ୍ଜୁ କହିଲା, "ତା' ଛଡ଼ା ଆଉ ଗତି ନାହିଁ । ତୋ ଛୁଆଟାକୁ ମାଆଟେ ନ ହେଲେ ସେ ଚଳିବ କିପରି ?"

"ହେଲେ, ମୋ ଚକ୍‌କୀ ଭଳିଆ କେହି ହେବନି ।"

"ଆଚ୍ଛା, ତା ଦେରେ ସିଏ । ତା ଦେରେ କିଏସେ ହବ ?"

ନାଲାପେନ୍ନୁ ଦାୟିତ୍ୱରେ ପଞ୍ଚମୀକୁ ଛାଡ଼ିଦେଇ ଚେମ୍ବନ କୁଞ୍ଜୁ ଓ ଆଚ୍ଚ କୁଞ୍ଜୁ କନ୍ୟା ଖୋଜିବା ଲାଗି ବାହାରିପଡ଼ିଲେ । କଣ କଲେ ଭଲ ହେବ ସେ ଦୃଷ୍ଟିରୁ ଆଚ୍ଚା କୁଞ୍ଜୁ ସବୁ ଉପଦେଶ ଦେଲା । ଚେମ୍ବନ କୁଞ୍ଜୁ ଆଉ ସେ ପୂର୍ବର ଚେମ୍ବନ କୁଞ୍ଜୁ ହୋଇ ନାହିଁ । ଆଜି ତା ହାତରେ ପଇସାପତ୍ର ଅଛି । ଗାଁରେ ତାର ମାନସମ୍ମାନ ଅଛି । ତାର ମାନସମ୍ମାନକୁ ଖାପ ଖାଇଲା ଭଳି ସ୍ତ୍ରୀଟିଏ ଖୋଜିବାକୁ ପଡ଼ିବ ।

ଚେମ୍ବନ କୁଞ୍ଜୁ ଏ କଥାରେ ରାଜିହେଲା । ଖୋଜି ଖୋଜି ଗୋଟିଏ ଭଲ ପାତ୍ରୀ ଆଖିରେ ପଡ଼ିଗଲା । କିଛିଦିନ ପୂର୍ବେ ପାଲ୍ଲୀକୁନ୍ନାଥ ଖାଲକ୍‌କରନ୍ ମରିଯାଇଥିଲା । ତାର ବିଧବା ସ୍ତ୍ରୀ ପାପ୍‌ପୀ କୁଞ୍ଜୁର ଅବସ୍ଥା ଟିକିଏ ଖରାପ; ଟଙ୍କା-ପଇସାର ଅଭାବ ଲାଗି ରହିଥାଏ । ତାକୁ ବିବାହ କରିବା କଥା ପଡ଼ିଲା ।

ଏ ବିବାହ ପ୍ରସ୍ତାବ ପଡ଼ିବା ମାତ୍ରେ ଚେମ୍ବନ କୁଞ୍ଜୁ ରାଜିହୋଇଗଲା । ଏହି ପାପ୍‌ପୀ କୁଞ୍ଜୁ ଘରୁ ହିଁ ମଜାମଜଲିସରେ ଜୀବନ କଟାଇବା ବିଷୟରେ ସେ ପ୍ରଥମ ଧାରଣା ପାଇଥିଲା । ସ୍ତ୍ରୀଟି ଦେଖିବାକୁ ସୁନ୍ଦରୀ । ଦୁଇ ବନ୍ଧୁ ଯାଇ ସେ ଗାଁର କୁଲବେହେରାଙ୍କୁ କଥାଟା ଜଣାଇଲେ ଏବଂ ଚେମ୍ବନ କୁଞ୍ଜୁ ପାପ୍‌ପୀ କୁଞ୍ଜୁକୁ ନିରକୁନ୍ନାମ ନେଇଆସିଲା । ପାପ୍‌ପୀ କୁଞ୍ଜୁ ସହିତ ତାର ବୟସ୍କ ପୁଅଟି ବି ଆସିଲା ।

କାଣ୍ଡ୍ରାନ୍‌କୋରନ୍ ମରିଯିବା ପରେ ପାପ୍‌ପୀ କୁଞ୍ଜୁ ବଡ଼ ଅଭାବରେ ଚଳୁଥିଲା । ତଥାପି ତା ଚେହେରା ଅତୁଟ ରହିଥିଲା । ମୁହଁଟି ତାର ସବୁବେଳେ ତୋଫା । କିନ୍ତୁ ଘରକୁ ଜଣେ ନୂଆ ମାଇପି ଆସିବାଟା ପଞ୍ଚମୀକୁ ଭଲ ଲାଗିଲା ନାହିଁ । ସାନ୍ତ୍ୱନା ପାଇବା ଆଶାରେ ସେ ଧାଇଁଗଲା ନାଲାପେନ୍ନୁ ପାଖକୁ ।

ଉପଦେଶ ଦେଇ ନାଲାପେନ୍ନୁ କହିଲା, "ମୋ ମାଆଟି ପରା, ତୁ କିଛି କହିବୁ ନାହିଁ ।"

"କାହିଁକି ନ କହିବ ଯେ ?"

"ତୋ ବାପା ରାଗିବେ ।"

କିଛି କାରଣ ନପାଇ ପଞ୍ଚମୀ କାନ୍ଦପକାଇଲା ।

Digitized by srujanika@gmail.com

ଜୀବନରେ ଏଇ ପ୍ରଥମ ଥର ପାଇଁ ନଜର ପୁରୁଣା ଘରଟି ଦେଖି ଚେମ୍ବନ କୁଞ୍ଜୁ ଅପ୍ରତିଭ ହୋଇପଡ଼ିଲା । ଘରଟି ସେତେ ସୁନ୍ଦର ଦେଖାଯାଉନାହିଁ । ଅପ୍ରସ୍ତୁତଙ୍କ ପରି ହସିଦେଇ ପାପ୍‌ପୀ କୁଞ୍ଜୁ ପାଖରେ ସେ ଗୋଟିଏ ସଫେଇ ଦେଇ ବସିଲା—"ଘରଟା ବହୁତ ପୁରୁଣା ହୋଇଗଲାଣି । ଏ ଘର ତିଆରି କଲାବେଳେ ମୋର ଟଙ୍କା ନଥିଲା କି ଜାଲ ନଥିଲା । ଚୁକ୍‌କୀର ଏସବୁ କଥାରେ ବେଶି ଜିଦ୍ ନଥାଏ, ନୂଆ ଘର ଖଣ୍ଡେ ଆଉ ତିଆରି ହୋଇ ପାରିନି; ରହିଯାଇଚି ।"

ଭାବିଲା ଚୁକ୍‌କୀ ତ ଆଉ ଥରେ ବାହା ହେବା ଲାଗି ମତେ ଏତେ କରି କହିଥିଲା, ମୋର ଏ ନୂଆ ଭାର୍ଯ୍ୟାଟି ମୋ ଚୁକ୍‌କୀ ମନକୁ ପାଉଛି ତ ? ସେ ନଜର ଚାରିଆଡ଼କୁ ଚାହିଁପକାଇଲା । ତାକୁ ଲାଗିଲା ସତେ ଯେପରି ତା ଚୁକ୍‌କୀ ସେ ପାଖରେ କେଉଁଠି ନିଶ୍ଚୟ ଠିଆହୋଇଛି ।

ପଞ୍ଚମୀ ନାଲ୍ଲପେନ୍ନୁ ଘରେ ବସି କାନ୍ଦୁଥିଲା । ଚେମ୍ବନ କୁଞ୍ଜୁ ତାକୁ ଡାକପକାଇଲା—ନୂଆ ମାଆ ସାଙ୍ଗରେ ଆସି ଚିହ୍ନା-ପରିଚୟ ହୁଅ ।

ନାଲ୍ଲପେନ୍ନୁ କହିଲା, "ଯାଆ, ମା, ଯାଆ ।"

ଲୁହ ବୁହାଇ ବୁହାଇ ପଞ୍ଚମୀ କହିଲା, "ନା, ମୁଁ ଯିବିନି ।"

"ଚାଲ, ମୁଁ ତୋ ସାଙ୍ଗରେ ଯାଉଛି ।"

ପଣତକାନିରେ ପଞ୍ଚମୀର ଲୁହ ପୋଛିଦେଇ ତାକୁ ଆଶ୍ୱାସନା ଦେଲା ନାଲ୍ଲପେନ୍ନୁ । ଶେଷରେ ତାକୁ ସାଙ୍ଗରେ ନେଇ ତାଙ୍କ ଘରେ ପହଞ୍ଚାଇଦେଲା ।

"ଛୁଆଟା ନା, ଆଉ କଣ । ମୋ ଝିଅ ମାଆକୁ ମନେପକାଇ କାନ୍ଦୁଛି ।" ଚେମ୍ବନ କୁଞ୍ଜୁ କହିଲା ।

ଝିଅକୁ କାଖେଇ ପକାଇ ଆଦରରେ କହିଲା, "ଛି, କାନ୍ଦନି ପରି । ତୋର ଏ ନୂଆ ମାଆଟି ବି ଭଲ ମାଆଟିଏ ହବ ଲେ ।"

ପାପ୍‌ପୀ କୁଞ୍ଜୁର ପୁଅ ଗଙ୍ଗାଦତ୍ତନ୍ ବି ଚେମ୍ବନ କୁଞ୍ଜୁ ଘରେ ରହିଲା । କିନ୍ତୁ ରହିଲା ଜଣେ ଅଲୋଡ଼ା ଅତିଥି ପରି । ଯାବତ-ଦାପ କମ୍ବା ପଞ୍ଚମୀ କାହାରି ପାଖରେ ସେ ଭରସି ପଶି ପାରିଲା ନାହିଁ । ଗଙ୍ଗାଦତ୍ତନ୍‌ର ବୟସ ହେଲାଣି । ପାପ୍‌ପୀ କୁଞ୍ଜୁ ଉପରେ ସେ ଗୋଟିଏ ବୋଝପରି ରହିଥିଲା । ପଞ୍ଚମୀ ଭାବିଲା, 'ଏ ଲୋକଟା ଆସି ଆମ ଘରେ ରହୁଛି କାହିଁକି !' ନିଜେ ଗଙ୍ଗାଦତ୍ତନ୍ ବି ଭାବିଲାଣି, 'ମୁଁ କାହିଁକି ଏଠିକି ଆସିଛି ?' ପୁଣି ଭାବେ, 'ଖାଲି ଦ'ବେଳା ଦ'ମୁଠା ଖାଇବାକୁ ପାଇବ ବୋଲି ମାଆ ଏଠି ବାହା ହୋଇନି, ମୋ ଜୀବନଟାକୁ ଟିକିଏ ଭଲକରି ଗଢ଼ିବା ଲାଗି ସେ ଆଉ ଥରେ ବାହା ହୋଇଚି ।'

ଅତୀତରେ ଡଙ୍ଗା 'କିଣିବାକୁ ପାଲ୍ଲକୁନ୍ନାଥ ଯାଇଥିବାବେଳେ ଚେମ୍ବନ କୁଞ୍ଜୁ ପାପ୍‌ପୀ କୁଞ୍ଜୁର ହାତରନ୍ଧା ଖାଇଥିଲା । ସେଦିନର ସେ ସୁଆଦଟିକ ଆଜି ପର୍ଯ୍ୟନ୍ତ ଚେମ୍ବନ କୁଞ୍ଜୁ ସ୍ମୃତିରେ ଲାଗିରହିଛି । ସେଇ ଖିଆପିଆର ମଜା ହିଁ ତା ମନରେ ଭଲକରି ବଞ୍ଚିବାର ନିଶା ଆଣିଦେଇଥିଲା । ସେଇଥିରୁ ହିଁ ସେ ପାଇଥିଲା ଭୋଗ କରିବାର ପ୍ରେରଣା । ଏଥର ସେ

Digitized by srujanika@gmail.com

ସେହିପରି ଖାନା ଦିନକୁ ତିନିଥର ଖାଇବାକୁ ପାଇବ ।

ଚେମ୍ପନ କୁଞ୍ଜୁ ଖଣ୍ଡିଏ ଖଟ ତିଆରି କରାଇଥିଲା । ପାଳିକୁନ୍ନାଥ ଘରେ ଯେଉଁପରି ଖଟଖଣ୍ଡେ ଦେଖିଥିଲା ଠିକ୍ ସେହିପରି ଖଣ୍ଡିଏ । କିନ୍ତୁ ପାପ୍ପୀ କୁଞ୍ଜୁ ଦେହଟା କାହିଁକି ଟିକିଏ ଫିକା ପଡ଼ିଗଲା ପରି ଲାଗୁଛି । କଣ ଏ ଗାଆଁର ପାଣିପବନରେ ମଣିଷ ଦେହର ରଙ୍ଗ ବି ଖରାପ ହୋଇଯାଏ ନା ? ଚେମ୍ପନ କୁଞ୍ଜୁର ବୋଧ ହେଲାଣି ପାପ୍ପୀ କୁଞ୍ଜୁ ଦେହର ସେ ପୂର୍ବ ଜ୍ୟୋତି ଆଉ ନାହିଁ ।

ପାପ୍ପୀ କୁଞ୍ଜୁ ଓ କାଣ୍ଡାନକୋରନ ପରସ୍ପର କୋଳାକୋଳି ହୋଇ କପରି ଚୁମା ଦିଆ ଦେଇ ହେଉଥିଲେ ସେ କଥା ସେ ଦିନେ ଚକ୍କୀ ଆଗରେ ବର୍ଣ୍ଣନା କରିଥିଲା; ସେ ବର୍ଣ୍ଣନା ଶୁଣି ଚକ୍କୀ ଲାଜରେ ମରିଯାଇଥିଲା । ସେ ଦୃଶ୍ୟ ବି ଚେମ୍ପନ କୁଞ୍ଜୁ ସ୍ମୃତିରେ ଲାଗି ରହିଥାଏ ।

ତାର ମନ, ଏଥର ସେ ନିଜେ ସେ ଦୃଶ୍ୟରେ ଅଭିନୟ କରିବ । ସୁଖୀ ଜୀବନ ନେଇ ତା ମନରେ ଯେଉଁ ଧାରଣା ଥିଲା, ଏ ଦୃଶ୍ୟ ସେ ଧାରଣାକୁ ଆହୁରି ରଙ୍ଗିନ କରି ଗଢ଼ି ତୋଳିଲା ।

କିନ୍ତୁ ସେମାନଙ୍କର ଚୁମ୍ବନରେ କୌଣସି ଉତ୍ତେଜନା ରହିଲା ନାହିଁ । ଆଲିଙ୍ଗନରେ ଉନ୍ମାଦନା ମିଳିଲା ନାହିଁ । କାମ-ଲାଳସାରେ ମନକୁ ଉଚ୍ଚାଟ କରିବାବେଳେ ଚେମ୍ପନ କୁଞ୍ଜୁ ପାଟିରୁ ବାହାରି ପଡ଼ିଲା "ମୋ ଚକ୍କୀ !" ପାପ୍ପୀ କୁଞ୍ଜୁ ପାଟିରୁ ଅନ୍ୟ ଗୋଟିଏ ନାମ ବାହାରି ପଡ଼ିଲା । ବୋଧହୁଏ ସେ ସେହି ନାମ ଧରି କାଣ୍ଡାନ୍‌କୋରନକୁ ସମ୍ବୋଧନ କରି ଆସିଥିଲା । ପରସ୍ପର ପରସ୍ପର ସହିତ ନିବିଡ଼ ଭାବେ ମିଶିଯାଇ ଏକ ହୋଇଯାଇ ପାରିଲେ ନାହିଁ । ଜୀବନର ପ୍ରଥମ ଯୌବନବେଳାରେ ପାପ୍ପୀ କୁଞ୍ଜୁ ସହିତ ଚେମ୍ପନ କୁଞ୍ଜୁର ମିଳନ ହୋଇଥିଲେ ଆଜିର ଏ ଅବସ୍ଥା ବୋଧହୁଏ ଭିନ୍ନ ରୂପ ଗ୍ରହଣ କରିଥାନ୍ତା ।

ଘରେ ମନଖୋଲା ହସ ବିରଳ ହୋଇଗଲା । ସ୍ୱତଃସ୍ଫୂର୍ତ୍ତି କ୍ରୀଡ଼ା-ପରିହାସ ଆଉ ଦେଖାଗଲା ନାହିଁ । ସେମାନଙ୍କର ନୂତନ ଜୀବନଯାପନ ପ୍ରଣାଳୀରେ ଗୋଟିଏ ବାହ୍ୟାଡ଼ମ୍ବର ରହିଥିଲା; କିନ୍ତୁ ଚେମ୍ପନ କୁଞ୍ଜୁ ସେସବୁ ଭିତରେ ବଡ଼ ଅସ୍ୱସ୍ତି ଅନୁଭବ କଲା । ତା ଅନ୍ତର ଭିତରଟାକୁ ଏକ ଅବ୍ୟକ୍ତ ଯନ୍ତ୍ରଣା କାଲିପୋଡ଼ି ଦେଉଥିଲା । ସେ କାମଦାମ ଛାଡ଼ି ନିଷ୍କର୍ମା ହୋଇ ବସି ରହିପାରିଲା ନାହିଁ । ସେ ପ୍ରକାର ଆଳସ୍ୟ ଭିତରେ ସେ କୌଣସି ଦିନ ଜୀବନ କଟାଇ ନଥିଲା ।

ଡଙ୍ଗା ଲେଉଟାଣିବେଳକୁ ଭଲ ଲୁଗାପଟା ଦି'ଖଣ୍ଡ ପିନ୍ଧି ସେ ଯାଇ କୂଳରେ ପହଞ୍ଚିଯାଏ; ନିଜେ ରହି ମାଛଡାକ ଦିଏ । କାଣ୍ଡାନ୍‌କୋରନ ଭାଲ୍ୟକ୍‌କାରନ ଜୀବନଟାକୁ ଠିକ୍ ଏହିପରି ସ୍ୱବରେ କଟାଇ ଦେଉଥିଲା; କିନ୍ତୁ ଚେମ୍ପନ କୁଞ୍ଜୁର ଜୀବନଟା ଗଢ଼ିଉଠିଥିଲା ଭିନ୍ନ ଛାଞ୍ଚରେ । ଚକ୍କୀ ମରିଯିବା ସଙ୍ଗେ ସଙ୍ଗେ ଚେମ୍ପନ କୁଞ୍ଜୁର ବଡ଼ ହେବାର ଆକାଂକ୍ଷା ବି ମରିଯାଇଥିଲା । ବର୍ତ୍ତମାନ ସେ ନିଜକୁ ଜଣେ କାଣ୍ଡାନ୍‌କୋରନ୍ ଭାଲ୍ୟକ୍‌କାରନ୍ କରି ଗଢ଼ିବାକୁ ଚେଷ୍ଟା କରୁଛି ମାତ୍ର ।

Digitized by srujanika@gmail.com

କାମଦାମକୁ ଯାଏ ନାହିଁ; ପରିଶ୍ରମ ବୋଲି କରେ ନାହିଁ । ତଥାପି ତାର ସ୍ୱାସ୍ଥ୍ୟ କାହିଁକି ଭଲ ରହୁଛି ନାହିଁ । ଦେହର ବର୍ଣ୍ଣ ବଦଳିଗଲା । ଶରୀର କ୍ଷୀଣ, ଅବସନ୍ନ ହୋଇ ଆସିଲା । ସେ ଆଉ ସେହି ପୂର୍ବର ଚେମ୍ପନ କୁଞ୍ଜୁ ହୋଇ ରହିଲା ନାହିଁ । ଦିନେ ସେ ପାପ୍‌ପୀ କୁଞ୍ଜୁକୁ କହିଲା, "ଆଜିକାଲି ଆଉ ଆଗପରି ଭଲ ଖିଆ ମିଳୁନି ।"

ପାପ୍‌ପୀ କୁଞ୍ଜୁ କୌଣସି କଥା କହିଲା ନାହିଁ । ବୋଧହୁଏ ଏସବୁ ବିଷୟରେ ସେ କେବେ କୌଣସି ମତ ପ୍ରକାଶ କରିନଥିଲା ।

"ଆଗେ ଟଙ୍କା ଆଉ ଜାଲ ପାଇଁ ଖିଆ ମିଳୁଥିଲା । ତା ସାଙ୍ଗକୁ ପୁଣି ମୁଁ ସୁକାନି ଆହୁଲା ଧରୁଥିଲି ବୋଲି ମତେ ଅଲଗା ଭାଗ ମିଳୁଥିଲା ।" ଟିକିଏ ରହି ସେ ପୁଣି କହିଲା, "ଆଉ ସେତେବେଳେ ମାଛ ବି ସିମିତି ପଡ଼ୁଥିଲେ, ଲୋକଙ୍କ ଜାଲରେ ଗୋଟିଏ ମାଛ ପଡ଼ିବା ବେଳକୁ ମୋ ଜାଲରେ ଦ୍ୱିଗୁଣ ପଡ଼ୁଥିଲେ ।"

ଅତୀତ ସ୍ମୃତିରେ ମୁହଁ ତାର ଉଜ୍ଜ୍ୱଳ ହୋଇଉଠିଲା । କହିଲା, "ଆଉ ଟଙ୍କାପଇସା ଆଣି ଚକ୍‌କୀ ହାତରେ ଦେଇଦେଲେ ଚକ୍‌କୀ ତାକୁ ବେପାରରେ ଲଗେଇ ଗୁଣାକୁ ଦିଗୁଣା କରିଦେଉଥିଲା ।"

ଚକ୍‌କୀ କପରି ମେହନତ କରୁଥିଲା, କିଛି ଟଙ୍କା ପଇସା ରୋଜଗାର କରୁଥିଲା ଚେମ୍ପନ କୁଞ୍ଜୁ ତାହା ବର୍ଣ୍ଣନା କରିବସିଲା । ମାଛ ବିକିବା ଲାଗି ସେ କପରି ପୂର୍ବକୁ ଯାଉଥିଲା, ସେ କପରି ମାଛ ଶୁଖାଇ ଶୁଖୁଆ କରି ସାଇତି ରଖୁଥିଲା ସେସବୁ ବି ଗପିଗଲା । କିନ୍ତୁ ଏସବୁ ବର୍ଣ୍ଣନା ଶୁଣି ପାପ୍‌ପୀ କୁଞ୍ଜୁର ମୁହଁ ଫିକା ପଡ଼ିଯାଉଛି ଦେଖି ଚେମ୍ପନ କୁଞ୍ଜୁ କହିଲା, "ତେମେ ବି ତା ଭଳିଆ କାମଦାମ କର ବୋଲି ମୁଁ ଏସବୁ କହୁନାହିଁ ଟି । ଏ ଭଳିଆ କାମ କରିବାଟା ଚକ୍‌କୀର ପିଲାଦିନୁ ଗତି ପଡ଼ିଯାଇଥିଲା । ତେମେ ତ ଅଲଗା ବାଟରେ ବଢ଼ିଛ, ତମକୁ ମୁଁ ଏକଥା କହିବି କପରି ?"

କିନ୍ତୁ ଚେମ୍ପନ କୁଞ୍ଜୁ ଅନୁଭବ କଲା ଯେ ଚକ୍‌କୀର ଗୁଣଗାନ ପାପ୍‌ପୀ କୁଞ୍ଜୁ ମନକୁ ବାଧିଲା । ଘରର ପ୍ରତ୍ୟେକ ଜିନିଷରେ ଚକ୍‌କୀର ସ୍ପର୍ଶ ରହିଛି । ପ୍ରତ୍ୟେକ ଜିନିଷ, ଏପରି କି ସେମାନେ ଯେଉଁ ଖଟିଟିରେ ଶୁଆବସା କରୁଛନ୍ତି ସେଇଟି ବି କେବଳ ଚକ୍‌କୀର ଚେଷ୍ଟା, ଚକ୍‌କୀର ହସାଖୀ-ପଣିଆ ହେତୁ ହୋଇପାରିଛି ।

ଗଙ୍ଗାଦତ୍ତନ୍ ବି ତା ମାଆକୁ ଚିନ୍ତାରେ ପକାଇଲା । ସେ ଧରିବସିଲା ଯେତେ ଶୀଘ୍ର ପାରେ ସେ ଏଠାରୁ ଚାଲିଯିବ । ଗଙ୍ଗାଦତ୍ତନ୍ ଅଭିଯୋଗ କଲା, "ସେ ବୁଢ଼ାଟାକୁ ଦେଖିଲେ ମତେ ଡର ଲାଗୁଛି । ଦେଖନ୍ତୁ, ସବୁବେଳେ କମିତି ଗୋଟେ ମାରିଗୋଡ଼େଇଲା ପରି ମତେ ଚାହୁଁଛି । କୋଉ ଦିନ କିଏ ମତେ ଅପମାନ କରି କହିଦେବ ଠିକ୍ ନାହିଁ । ସେ କିଛି କହିବା ଆଗରୁ ମୋର ଏଠୁ ଚାଲିଯିବା ଭଲ ।"

କିନ୍ତୁ ପାପ୍‌ପୀ କୁଞ୍ଜୁ ଟଙ୍କା କେଉଁଠୁ ଆଣିବ ଯେ ଗଙ୍ଗାଦତ୍ତନ୍‌କୁ ପଠାଇ ଦେବ ? ସେ ଜାଣେ ଚେମ୍ପନ କୁଞ୍ଜୁ ହାତରେ ବେଶି ଟଙ୍କାପଇସା ନାହିଁ । ପୁଣି ଚେମ୍ପନ କୁଞ୍ଜୁକୁ ବା

Digitized by srujanika@gmail.com

ଟଙ୍କାପଇସା ମାଗିବ କିପରି ? ଖୁବ ଖୁବ ସେ ବିବ୍ରତ ହୋଇପଡ଼ିଲା ।

ଆଜିକାଲି ପଞ୍ଚମୀ ଗୋଟିଏ ନୂଆ ଗୀତ ଶିଖିଲାଣି, ସବୁବେଳେ ସେ ବାପା କଡ଼ରେ କଡ଼ରେ ଲାଗି ରହୁଛି । ପାପ୍ପୀ କୁଞ୍ଜୁ ଆଉ ଚେମ୍ପନ କୁଞ୍ଜୁକୁ ଏକାଠିଆ ପାଉନାହିଁ । କିନ୍ତୁ ସେ ବାପଝିଅ ଦୁହିଁଙ୍କୁ ପରସ୍ପରଠାରୁ ଅଲଗା କରିଦେବା ଲାଗି ଚେଷ୍ଟା କରିପାରୁନି ନାହିଁ । ପଞ୍ଚମୀ ତେଣେ ସାବତ-ମାଆକୁ କୌଣସି ଭ୍ରୂକ୍ଷେପ କଲା ନାହିଁ । ଗଙ୍ଗାଦତ୍ତନ୍‌କୁ ଦେଖାଇ ଗତେଇଦେଲା । ସେ ଭାବିଲା ସେ ଦର୍ପେ ବିନା କାରଣରେ ଆସି ତାଙ୍କ ଘରେ ରହିଛନ୍ତି ।

ଦିନକର କଥା । ପାପ୍ପୀ କୁଞ୍ଜୁ ଚାଲିଗଲାବେଳେ ପଞ୍ଚମୀ ତା ପଛରେ ଖଟେଇ ବିଗୁଲେଇ ହୋଇ ଚାଲିଲା । ପାପ୍ପୀ କୁଞ୍ଜୁ ଚଟକରି ପଛକୁ ବୁଲିପଡ଼ି ଚାହିଁଦିଏ ତ ସାବତ-ଝିଅ ତାକୁ ଅନୁକରଣ କରି ପରିହାସ କରୁଛି । ତେଣେ ନାଲାପେନ୍ନୁ ତା ଦୁଆର ମୁହଁରେ ଠିଆହୋଇ ଏ ତାମସା ଦେଖି ହସୁଛି । ପାପ୍ପୀ କୁଞ୍ଜୁ କାନ୍ଦ କାନ୍ଦ ହୋଇଗଲା ।

ସେଦିନ ଚେମ୍ପନ କୁଞ୍ଜୁ ଘରକୁ ଫେରିବା ପରେ ପାପ୍ପୀ କୁଞ୍ଜୁ କହିଲା, "ବୁଝିଲ, ତମ ଝିଅକୁ ଟିକିଏ ତାଗିଦ କର । ଦିନକୁ ଦିନ ଭାରି ଦୁଷ୍ଟ ହେଲାଣି ।"

ଘଟଣା କଣ ଜାଣିବା ଲାଗି ଚେମ୍ପନ କୁଞ୍ଜୁ ଚାହିଁବସିଲା । ପାପ୍ପୀ କୁଞ୍ଜୁ ଭାବିଲା ଝିଅକୁ ଦୋଷ ଦେଇ ସବୁକଥା କହି ବସିଲେ ଏ ଲୋକ ଜମା ପସନ୍ଦ କରିବେ ନାହିଁ । ତେଣୁ ସେ ବିସ୍ମୟ ଟିକିଏ ଅଟେଇ ଅଟେଇ ଦି'ପଦ କହିଦେଲା । ଚେମ୍ପନ କୁଞ୍ଜୁ କହିଲା, "ଛାଡ଼, ବିଚାରି ମା ଛେଉଣ୍ଡ ପିଲାଟେ, ତା କଥା ଧରିବନି ।" ପାପ୍ପୀ କୁଞ୍ଜୁ ଟିକିଏ ସତର୍କତାର ସହିତ କହିଲା, "ତା ବୁଦ୍ଧି କଣ । ହେଲେ ମତେ ପରା ସିଏ ଜମା ପାସଙ୍ଗରେ ପକାଉନି । ଆଉ ତମର ଏ ଯେଉଁ ସାଇପଡ଼ିଶା; ଏମାନେ ସବୁ ଶିଖାଉଛନ୍ତି ।

ଏ କଥା ଶୁଣି ଚେମ୍ପନ କୁଞ୍ଜୁ ରାଗିଯାଇ ପଞ୍ଚମୀକୁ ଡାକପକାଇଲା । ପଞ୍ଚମୀ ପଡ଼ିଶାଘରେ ଥାଏ । ବାପାଙ୍କ ଡାକ ଶୁଣି ବିଚାରି ଭୟରେ ଥରିଗଲା । ଚାରି-ପାଞ୍ଚ ଡାକ ପରେ ସେ ଆସି ବାପାଙ୍କ ପାଖରେ ଠିଆହେଲା । ସାବତ-ଝିଅକୁ ଆଚ୍ଛାକରି ମାଡ଼ ଦିଅନ୍ତୁ ବୋଲି ଉଦ୍ଦେଶ୍ୟରଖି ପାପ୍ପୀ କୁଞ୍ଜୁ କିଛି ଅଭିଯୋଗ କରିନଥିଲା । ତଥାପି ଚେମ୍ପନ କୁଞ୍ଜୁ କ୍ରୋଧପରବଶ ହୋଇ ଝିଅକୁ ଦୁଇ ଚାପୁଡ଼ା ମାରିଦେଲା । ପଞ୍ଚମୀ ବିଚାରି ଚାହାଁଧରି କାନ୍ଦ ମାଆକୁ ଡାକପକାଇଲା । ତା କାନ୍ଦବୋବାଳି ଶୁଣି ନାଲାପେନ୍ନୁ ତା ଘରୁ ଧାଇଁ ଆସି ତାକୁ କୁଣ୍ଢେଇ ଧରିପକାଇଲା । ସେ ପାପ୍ପୀ କୁଞ୍ଜୁକୁ ପଚାରିଲା, "ହଇଲୋ ମାଇକିନା, ତୋର ଇଏ କି କଥା ? ଆଲୋ ଏ ମାଆଛେଉଣ୍ଡ ଝିଅଟା ଉପରେ ରାଗ ଛାଡ଼ୁଛୁ କାହିଁକି ?"

ପାପ୍ପୀ କୁଞ୍ଜୁ ସଙ୍ଗେ ସଙ୍ଗେ ଜବାବ ଲେଉଟାଇ ଦେଲା, "ମଲା, ଆମ ଝିଅକୁ ଆମେ ଛାଡ଼ିବୁନି ?"

ସାଇପଡ଼ିଶାଙ୍କୁ ସେ କେତେ ଯେ ଘୃଣା କରେ ତାହା ତାର ମୁହଁରୁ ବୁଝିହୋଇଗଲା । ନାଲାପେନ୍ନୁ ପଚାରିଲା, "ସତେ ! ପିଲାଟା ଇମିତି କି ଦୋଷ କରିପକେଇଲା ?" ତାପରେ ଚେମ୍ପନ କୁଞ୍ଜୁକୁ ଉଦ୍ଦେଶ୍ୟ କରି କହିଚାଲିଲା, "ଏ ମାଇକିନା କଥା ଶୁଣନି ଗୋ, ସ୍ତ୍ରୀ

Digitized by srujanika@gmail.com

କଥାରେ ପଡ଼ି ଆପଣା ପିଲ୍ଲାଙ୍କୁ ଆଉ ମାଣଉଅଛ ।''

ପାପ୍ପୀ କୁଞ୍ଜୁ ପଗ୍ଭରିଲା, "ତମର ସେଥିରେ କଣ ହୋଇଗଲା ଯେ ? ତେମେ କାହିଁକି ଭଲେଇ ହଉଛ ?''

"ଆଲୋ, ଯୋଉ ଗ୍ଭକ୍କୀର ସାଇତଲା ଭାତ ଖାଇ ଏଠି ଦିନ କଟୋଉଛୁ ସେଇ ଗ୍ଭକ୍କୀ ତା ମଲାମସିଣାରେ ଥାଇ ଏ ଝିଅଟିକି ମୋ ହାତରେ ସମର୍ପି ଦେଇଯାଇଛି ।''

କେଉଟୁଣୀ ହେଲେ କଣ ହେଲା ପାପ୍ପୀ କୁଞ୍ଜୁ ମାଇପିଟି ଭଦ୍ର । କିନ୍ତୁ ନାଲ୍ଲପେନ୍ନୁ କଥା ଶୁଣି ତା ଭିତରର କେଉଟୁଣୀ ସ୍ୱଭାବ ବି ଚେଇଁଉଠିଲା । ସେ ଗର୍ଜନ କରିଉଠିଲା, "ରହିଥା, ରହିଥା ଖୁବ୍ ହୋଇଗଲା । ମୁହଁ ସମ୍ଭାଳି କଥା କହି କହୁଛ । ଆଲୋ, ପାପ୍ପୀ କୁଞ୍ଜୁକୁ ତୁ ଏକଥା କହୁଚୁ ? ମୁଁ ପାଲ୍ଲୀକୁନ୍ନାଥ କାଣ୍ଡାନ କୋରନର ଝିଅଟା ଟି ଲୋ; ମତେ କି ଖାତ ଦେଖୋଉଚୁ ଲୋ ?''

ନାଲ୍ଲପେନ୍ନୁ ଏକଥା ଶୁଣୁ ଶୁଣୁ ମୁହଁରେ ଗ୍ଭପୁଡ଼ା ମାରିଲା ପରି ଗୋଟାଏ ଟାଣୁଆ ଜବାବ ଶୁଣାଇ ଦେଲା । କହିଲା,"ଆଲୋ ଆଉ ବଢ଼େଇ କରନା ଲୋ, ବଢ଼େଇ କରନା; ଏବେ ତ ତୁ ଚେମ୍ପନ କୁଞ୍ଜୁ ମାଇପ । ତୁ ଗ୍ଭକ୍କୀ ଭାତ ଖାଇ ବଞ୍ଚିନୁ ତ କଣ ଖାଇ ବଞ୍ଚିଛୁ ?''

ଚେମ୍ପନ କୁଞ୍ଜୁ କେବଳ ଅସହାୟ ଅବସ୍ଥାରେ ଗ୍ଭହିଁରହିଲା । ପାପ୍ପୀ କୁଞ୍ଜୁ ରାଗରେ ନିଜକୁ ଭୁଲିଯାଇ ଚିତ୍କାର କଲା, "ଆଲୋ ହେ କହ, ତୋର ଏ ଘରେ କି ଅଧିକାର ଅଛି ? ଆଲୋ, ଚେମ୍ପନ କୁଞ୍ଜୁ ତୋର କିଏ ବା ? ଅଭି ନିକାଲ ମୋ ଘରୁ, ନିକାଲି ଯା କହୁଚ ।''

ନାଲ୍ଲପେନ୍ନୁ କି ଆଉ ସମ୍ଭାଳି ଧରେ ? କ୍ରୋଧାନଳ ହୋଇ ଖାଲି ଜଳିବାକୁ ଲାଗିଲା । ଦଶଁ ଦେବତାଙ୍କୁ ସାକ୍ଷୀ ରଖି ପାପ୍ପୀ କୁଞ୍ଜୁକୁ କେତେ ଯେ କଟାବସ୍ତୁ କରିଦେଇ ଗଲା ତାର କଳନା ନାହିଁ । କହିଲା, "ଆଲୋ, ରହିଥାଲୋ ଧମକ । ଚେମ୍ପନ କୁଞ୍ଜୁ ସାଙ୍ଗରେ ମୋର କିଛି ସ୍ୱେଚ୍ଛାପୀରତି ନାଇଁଲୋ, ଡରୋଉଛୁ ଯେ । ଆଲୋ, ଚେମ୍ପନ କୁଞ୍ଜୁ ମୋ ଘଇତାର ପିଲା ଦିନଠୁ ସାଙ୍ଗ । ମୋ ଘଇତାର ସାଙ୍ଗସୁଖ ହେଲେ, କି ତାଙ୍କ ପିଲାଝିଲା ହେଲେ ତାଙ୍କୁ ଦେଖା-ଶୁଣା କରିବାକୁ ମୋର ହକ ନାଇଁ ? ଆଲୋ, ଗ୍ଭକ୍କୀ ଏ ଘରେ ପାଦଦେଲା ଦିନଠୁଁ ତାର ମୋର ମିତ; ଆମେ ଦିହେଁ ଏକାପ୍ରାଣ ହୋଇ ଚଳୁଥିଲୁ । ବେଳ ପଡ଼ିଲେ କଳି କରୁଥିଲୁ, ହେଲେ କଣହେଲା ମତେ ସିଏ ଭଲପାଉଥିଲା, ମୁଁ ତାକୁ ଭଲପାଉଥିଲି । ଆଲୋ, ଏତେ ଯୋଉଠି ଅଛି, ତୁ କହୁଚୁ ମୋର ଏଇଠି ଅଧିକାର ନାଇଁ ?''

ଗ୍ଭକ୍କୀ କପର ମଲାକତରରେ ପଡ଼ି ତା ହାତରେ ପଞ୍ଚମୀକୁ ସମର୍ପିଦେଇଯାଇଛି, ସେକଥା ସେ ଦୋହରେଇ ଦୋହରେଇ ବଖାଣିଗଲା । ପଞ୍ଚମୀକୁ ସେ କପରି ଗେଲବସରରେ ବଢ଼େଇଛି, ତାହାଁ ବି ବର୍ଣ୍ଣନା କରିଗଲା । କହିଲା, "ଆଲୋ, ମୁଁ ସିନା ଏଙ୍କୁ ଦଶମାସ ଗର୍ଭରେ ଧରିନି, ହେଲେ ମୁଁ ଏଙ୍କୁ ମୋ ପିଲାଙ୍କମିତ ଦେଖେ ଲୋ । ଆଲୋ, ଦେଖେ ଲୋ ! କହିଲା କଣ ନା ମୋର ଅଧିକାର ନାହିଁ ! ଏଁ !''

Digitized by srujanika@gmail.com

ତଥାପି ତାର ଉତ୍ତେଜନା ଶାନ୍ତ ହେଲ ନାହିଁ । ସେ ଚେମ୍ବନ କୁଞ୍ଜୁକୁ ଦେଖାଇ କହିଲ, "ନାଇଁ, ତମୁକୁ ଇମିତ ଯୋଗାଏ । ଆହା, ତାହା ପର୍ ମାଇପକୁ କି ଦହଗଞ୍ଜ ନକରେଇଲ !! ବିଚ୍ଚାରି ଶେଷକୁ ମରିଗଲ । ଭାରି କଷ୍ଟ ନୋକ, ବଡ଼ ଝିଅଟାକୁ ସିମିତ ବନସ୍ତକୁ ପଠେଇ-ଦେଲ । ଆଉ ବାକିଅଚ୍ଛି ଏଇ ଗୋଟିକ । ଶେଷକୁ···ହଁ, ମୋର କିଣ ପଡ଼ିଚ ଯେ ମୁଁ କହିବ ।" କିନ୍ତୁ ତାର କ୍ରୋଧ ଆଉରି ସମ୍ଭାଳ ପଡ଼ୁନଥାଏ, ପୁଣି ରୁହେ ଝାଡ଼ିଦେଇଗଲ ପାପ୍ପୀ କୁଞ୍ଜୁ ଉପରେ । "ଆଲେ, ଆମର ଏ ଦରିଆକୂଳରେ ଆମ ଘଇତା ମଲାପରେ ଆମେ ଆଉ ପର ଅଣ୍ଡିରି ପଛରେ ଗୋଡ଼େଇ ଯାଉନୁଲେ । ଆମର ଏଠିକା ଚଳଣି, ଆମ ଏଠିକା ଜୀବନ ଇମିତକା, ଜାଣିଥା ।"

ତାର ସେ ଲଗାମଛଡ଼ା ପାଟିକୁ ପାପ୍ପୀ କୁଞ୍ଜୁ ବା ଚେମ୍ବନ କୁଞ୍ଜୁ କେହି ବନ୍ଦ କରିପାରିଲେ ନାହିଁ । ସେ ଯେତେବେଳେ ବକ ବକ ଥକିଗଲ, ସେତେବେଳେ ଯାଇ ତା ରାଗ ଟିକିଏ ଥଣ୍ଡା ପଡ଼ିଲ । କିନ୍ତୁ ପଞ୍ଚମୀ ଉପରେ ତାର ଯେଉଁ ଅଧିକାର ଥିଲ ସେ ଅଧିକାର ଛାଡ଼ିବାପାଇଁ ସେ ପ୍ରସ୍ତୁତ ନୁହେଁ । ସେ ପଞ୍ଚମୀକୁ ଡାକପକେଇଲ, "ଆଲେ ହେ ଟୋକି, ମୋ ସାଙ୍ଗରେ ଆସୁଚୁ ଟି !"

ଚେମ୍ବନ କୁଞ୍ଜୁ ନିଶ୍ଚଳ ହୋଇ ଠିଆହୋଇରହିଲ । ତା ନିଜ ଝିଅ ପଞ୍ଚମୀକୁ ନାଲ୍ଲପେନ୍ନୁ ଡାକୁଚ୍ଛି ତା ସାଙ୍ଗରେ ଚାଲିଯିବା ଲାଗି । ପଞ୍ଚମୀ ମୂକ୍ଷାଟି ପରି ନାଲ୍ଲପେନ୍ନୁ ପଛେ ପଛେ ଚାଲିଗଲ ।

ପାପ୍ପୀ କୁଞ୍ଜୁ ତା ଜୀବନରେ କୌଣସି ଦିନ ଏଭଳି ଅପମାନ ପାଇନଥିଲ । ରାଗ ଓ ଦୁଃଖରେ ସଢ଼ଯାଇ ସେ ଚେମ୍ବନ କୁଞ୍ଜୁକୁ ପଚ୍ଚାରିଲ, "କିଣ ମତେ ଏଇଥିପାଇଁ ଏଠିକି ଆଣିଥିଲ ? ମୁଁ ମୋର କେଡ଼େ ନିଶ୍ଚିନ୍ତରେ ଥିଲି ।"

ଚେମ୍ବନ କୁଞ୍ଜୁ ମୁହଁରୁ କଥା ବାହାରିଲନାହିଁ; ବିଚରା ଅସହାୟ ଭାବରେ ଚାହିଁରହିଲ ।

ପାପ୍ପୀ କୁଞ୍ଜୁ କହିଲ, "ସାଧାରଣ କେଉଟୁଣୀଏ ମୋ ମୁହଁ ଉପରେ କଥା କହିବାକୁ ହିମତ ପାଉ ନଥେଲେ । ପୁନାମୀ ଘାଆଁର କୁଲବେହେରା ଘର ଝିଅ ମୁଁ । ମତେ ଆଜି ଏତେ କଥା ଶୁଣିବାକୁ ପଡ଼ିଲ ।"

ତାକୁ ସାନ୍ତ୍ୱନା ଦେବାକୁ ଯାଇ ଚେମ୍ବନ କୁଞ୍ଜୁ କହିଲ, "ଆହା, ତେମେ ଏତେ ମନ ଖରାପ କରନି ମ । ଏଠିକା କେଉଟୁଣୀଗୁଡ଼ାକ ଇମିତକା ଗ୍ରେଟଲୋକ ।"

"ତା'ହେଲେ ତେମେ କାହିଁକି ଚୁପ୍ ହେଇ ଠିଆହେଲ ?"

ମୁଁ ଆଉ କିଣ କରିପାରନ୍ତି ଭଲ ?"

ପାପ୍ପୀ କୁଞ୍ଜୁ କହିଲ, "ସତେ, ତେମେ କିଣ କରିପାରନ୍ତ !! ମୁଁ ଇମିତ ଅଣ୍ଡିରିଙ୍କ ସାଙ୍ଗରେ ଦିନକାଟି ନଥିଲି, ଏଥର ମୋ ଭାଗ୍ୟରେ କିଣ ଲେଖା ଅଚ୍ଛି ଟି !" ତାପରେ ସେ ପଞ୍ଚମୀ

Digitized by srujanika@gmail.com

ଉପରେ ନଜର ପୂରା ବୁଲାଇ କହିଲା, "ଦେଖିଲ ? ସେ ମାଇକନା ଡାକଦେଲା ମାତ୍ରେ, ଚମ ଗେଲବସର ଝିଅ ତା ପଛେ ପଛେ ପଳେଇଗଲା ।"

ଚେମ୍ପନ କୁଞ୍ଜୁ କହିଲା, "ହଁ, ସେଇ ନାଲପେନ୍ନ ତ ମୋ ଝିଅଙ୍କୁ ବଡ଼ କରିଥିଲା ।"

"ସତେ ନା ?"

ପାପ୍ପୀ କୁଞ୍ଜୁ ଆଉ କ୍ରୋଧ ସମ୍ଭରଣ କରି ପାରିଲାନାହିଁ । ତା ମୁହଁରୁ ଗୋଟିଏ ଅଭିଶାପ ବାହାରିପଡ଼ିଲା, "ଏ ଭଉଣୀ ବି ଆର ଭଉଣୀ ଭଳିଆ ହେଇଯିବ ।"

ଚେମ୍ପନ କୁଞ୍ଜୁ ଚମକିପଡ଼ିଲା । ଇଏ କିଛି ସାମାନ୍ୟ ଅଭିଶାପ ନୁହେଁ । ବଡ଼ଝିଅ ତ ଗଲା, ବାକି ରହିଛି ପଞ୍ଚମୀଟି । ସେ ବି କରିଛଡ଼ା ଦେବନା କଣ ?

ପାପ୍ପୀ କୁଞ୍ଜୁର ପାଟି ବନ୍ଦ ହେଲା ନାହିଁ । ଜୀବନ ଗଲେ ପଛେ ଯିବ, ସେ ରହସ୍ୟ ଶୁଣାଇ ଦେବ । କହିଲା, "ନାମା ଭଉଣୀ ଏକା ମସ୍ତର । ନାମା ଯିମିତ କରିଥିଲା, ଇଏ ବି ଯିମିତ ପାରିକୁଟ୍ଟୀମିତ ଗୋଟେ ଟୋକାକୁ ଧରି ବଇଆକୂଳଟାଯାକ ଟହଲ ମାରିବ ।"

କାରୁତାମ୍ମାର ସେ ମୁସଲମାନ ଟୋକା ସହିତ ସମ୍ପର୍କ ଥିଲା ନା କଣ ?

ହଠାତ୍ ଚେମ୍ପନ କୁଞ୍ଜୁ ଆଗରେ ସବୁ ସ୍ପଷ୍ଟ ହୋଇଗଲା । ମନେପଡ଼ିଗଲା, ତା'ହେଲେ ସେଇଥିପାଇଁ ପାରିକୁଟ୍ଟୀର ଟଙ୍କାପଇସା ଫେରାଇଦେବାଲାଗି କାରୁତାମ୍ମା ଏତେ ବ୍ୟସ୍ତ ହେଉ ଥିଲା ! ତାହେଲେ···ସେ···ସେ···ଚକ୍କୀ ବି ଏ ଭିତରେ ଥିଲା ନା କଣ ? ବର୍ତ୍ତମାନ ହିଁ କଥାଟା ଜାଣିବାକୁ ପଡ଼ିବ, ଏଇଟା ହିଁ ଅସଲ କଥା ।

ପାଗଳଙ୍କ ପରି ହୋଇଗଲା ଚେମ୍ପନ କୁଞ୍ଜୁ । ନାଲପେନ୍ନ ଘରକୁ ଦୌଡ଼ିଯାଇ ପଞ୍ଚମୀକୁ ନାଲପେନ୍ନ ପାଖରୁ ଟାଣିଆଣି ତାକୁ ଆଖିବୁଜା ପିଟିଦେଇଗଲା । ଛେଚି ଚାଲିଥାଏ, ତେଣେ ପଚାରି ଚାଲିଥାଏ, "କହିଲେ, ପଠାଣ ସାଙ୍ଗରେ ପଳେଇବୁ ?" ନାଲପେନ୍ନ ଅବାକ୍ ହୋଇ ପାଟି ଆଁ କରି ଠିଆହୋଇଗଲା । ପଞ୍ଚମୀ ଖାଲି "ମରିଗଲି ଲୋ ମାଆ" ବୋଲି ରଡ଼ି ଛାଡ଼ୁ-ଥାଏ ।

"କହ, କେବେ ପଠାଣ ସାଙ୍ଗରେ ଯିବୁନି । କହୁଚୁ ନା ନାହିଁବେ ।"

ଯେତେବେଳେ ସେ ନିର୍ଘାତ୍ ପ୍ରହାର ଆଉ ସହି ପାରିଲା ନାହିଁ ସେତେବେଳେ ପଞ୍ଚମୀ କହିଲା, "ନାହିଁ, ବାପା, ମୁଁ ପଠାଣ ସାଙ୍ଗରେ ଯିବ ନାହିଁ । ନାହିଁ, ବାପା ମୁଁ ଯିବ ନାହିଁ ।"

ବାସ୍ତବରେ ବିଚାରୀ । ସେ କଣ ଏସବୁ କଥାର କିଛି ଅର୍ଥ ବୁଝେ; ବୁଝିଥାଇପାରେ ବା । ସେ ବି ତ ଏସବୁ ଦୃଶ୍ୟ ଦେଖିଛି । ଚେମ୍ପନ କୁଞ୍ଜୁ ତାକୁ ମାରିମାରି ଘରକୁ ପଠାଇଦେଲା ।

ସେଦିନ ରାତି କଥା । ଦେଖାଗଲା ଚକ୍କୀକୁ ଯେଉଁଠି ପୋତାଯାଇଥିଲା ଚେମ୍ପନ କୁଞ୍ଜୁ ସେ ସ୍ଥାନଟା ଖୋଳୁଛି । କିନ୍ତୁ କାହିଁକି ସେ ଖୋଳୁଥିଲା, ତାହା କେହି ଜାଣିପାରିଲେ ନାହିଁ । ବୋଧହୁଏ ସେ ନିଜେ ଚକ୍କୀକୁ ପଚାରି ବୁଝିବାକୁ ଚାହୁଁ ଥିଲା ।

Digitized by srujanika@gmail.com

ଅଠର

ଅଳ୍ପ କେତୋଟି ଦିନ ଭିତରେ ଚେମ୍ପନ କୁଞ୍ଜୁର ପାଗଳାମି ଭଲହୋଇଗଲା । କିନ୍ତୁ ତା ମୁଣ୍ଡରେ ଟିକିଏ ଦୋଷରହିଗଲା, ଲୋକଟା ସବୁବେଳେ ବିଷଣ୍ଣ ଦେଖାଗଲା । ବେଶି କଥା-ଭାଷା କହିଲା ନାହିଁ; ମୂକ ପାଲଟିଗଲା, ସଦ୍ଦହରିଙ୍କ ପରି ଏଣେତେଣେ ବୁଲିଲା । ସତେ ଯେପରି ସେ ଜୀବନ ଯୁଦ୍ଧରେ ପରାସ୍ତ ହୋଇଯାଇଛି । ଏକଥା କଣ ସତ ନୁହେଁ ? ହଁ, ତା ଦୃଷ୍ଟିକୋଣରୁ ସତ ।

ଚେମ୍ପନ କୁଞ୍ଜୁର ଦୁଇଟିଯାକ ଡଙ୍ଗା ଅକାମୀ ହୋଇପଡ଼ିଛି, ଗୋଟିଏ ବି ସମୁଦ୍ରକୁ ଯିବା ଅବସ୍ଥାରେ ନାହିଁ । ଜାଲଗୁଡ଼ିକର ଅବସ୍ଥା ବି ସେଇଆ, ଠିକ୍ ସମୟରେ ମରାମତି ନ ହେବାରୁ ସେଗୁଡ଼ିକ ବି ଛିଣ୍ଡିଗଲଣି । ଏସବୁକୁ ସଜାଡ଼ିବା ଲାଗି ବର୍ତ୍ତମାନ ଭୂରିଭୂରି ଗୁଡ଼ିଏ ଟଙ୍କା ଦରକାର; ନିଜ ହାତରେ ଟଙ୍କାକଉଡ଼ି କିଛି ନାହିଁ । ନୂଆ ଘରକରଣାରେ ଖର୍ଚ୍ଚଦଗଟା ବଢ଼ିଗଲିଛି ।

ପାପ୍ପୀ କୁଞ୍ଜୁ ସବୁ ଦେଖାଶୁଣା କରେ । ସେ ଚେମ୍ପନ କୁଞ୍ଜୁକୁ ବାଧ୍ୟ କଲା, କିଛି ଟଙ୍କା-ପଇସା କରଜ କରି, ଡଙ୍ଗା ଆଉ ଜାଲ ମରାମତି ନକଲେ ନଚଳେ । କିନ୍ତୁ ତାକୁ କରଜ ଦେବ କିଏ ? ଦଉଅଳିଲା ଗୋଟାକଯାକ ଘୁଞ୍ଚିଗଲେ ବାହିଁ ଉପସ ଭିନ୍ନ ଆଉ କେହି ଆଖିରେ ପଡ଼ୁନାହିଁ ।

ଆଗେ ମାଆ ବଞ୍ଚିଥିବାବେଳେ ପଞ୍ଚମୀ ଚୂନାମାଛ ଗୋଟାଉଥିଲା । ସେହି ଚୂନାମାଛ ବିକି ସେ ଟଙ୍କା କୋଡ଼ିଏଟି ଯାଏଁ ସଞ୍ଚିଥିଲା । ବାପାଙ୍କ ଅସମୟ ଦେଖି ପଞ୍ଚମୀ ସେହି ଟଙ୍କାତକ ଆଣି ତାଙ୍କ ହାତରେ ଦେଲା, ସେ ଟଙ୍କା ଗଣ୍ଡିକ ଧରୁ ଧରୁ ଚେମ୍ପନ କୁଞ୍ଜୁ ଆଖିରୁ ଲୁହ ବୋହିପଡ଼ିଲା ।

ପଞ୍ଚମୀ କହିଲା, "ବାପା, ମୁଁ ଯେବେ ସବୁଦିନ ମାଛ ଗୋଟେଉଥାନ୍ତି, ତେବେ ଆହୁରି ଅଧିକ ପଇସା ସଞ୍ଚିଥାନ୍ତି । ଟିକିଏ ରହି କହିଲା, "ନାଇଁ, ଖାଲି ଯେବେ ମାଆ ବଞ୍ଚିଥାନ୍ତା ନା, ତେବେ ଆଉ ଚିନ୍ତା ନଥାନ୍ତା ।"

ଚେମ୍ପନ କୁଞ୍ଜୁ କିଛି କହିପାରିଲା ନାହିଁ । ଅତୀତ ଦିନର ସେ କଥାଗୁଡ଼ିକ ବଡ଼ ମର୍ମଭେଦୀ; ମନେପଡ଼ିଲେ ବଡ଼ ଦୁଃଖ ଲାଗେ ।

ତେଣେ ଗଙ୍ଗାଦତ୍ତନ୍ ତା ମାଆ ସାଙ୍ଗରେ ଲଗାଇଲା, ସେ ତାକୁ କିପରି ଚଞ୍ଚଳ ବିବାହ କରିଦେଉ । କିନ୍ତୁ କଥାଟି ଚେମ୍ପନ କୁଞ୍ଜୁ କାନରେ ପକାଇବାକୁ ପାପ୍ପୀ କୁଞ୍ଜୁ ସାହସ କଲା ନାହିଁ । ସେ ନିଜେ ଆଜିକାଲି ନାନା ଦିଗଗଞ୍ଜ ଭିତରେ ଚାଲୁଛି । କିନ୍ତୁ ଗଙ୍ଗାଦତ୍ତନ୍ ଲାଗି

Digitized by srujanika@gmail.com

ତାକୁ ଅଳକାଳ ସବୁକଥା ମୂଣ୍ଡ ପୋଛ ସବୁଦିନାକୁ ପଡ଼ୁଛି । ଏତେ ଘଟଣା ଘଟିଯିବା ସତ୍ତ୍ୱେ ବି ପଞ୍ଚମୀ ତା ସମ୍ବନ୍ଧ ସେହି ପୂର୍ବର ନିସ୍ତୁର ବ୍ୟବହାର କରୁଛନ୍ତି । ସେଘରେ ରହିବା ପାଇଁ ଗଙ୍ଗାଦତ୍ତନର କି ଅଧିକାର ଅଛି ?—ଏହି ଚିନ୍ତା ପାପ୍‌ପୀ କୁଞ୍ଜୁକୁ ଘାରୁଛି । ସବୁଠାରୁ ବଡ଼ କଥା ହେଲା ଚେମ୍ପନ କୁଞ୍ଜୁର ମୁଣ୍ଡ ଠିକ୍ ରହୁନାହିଁ । ତାକୁ ଟିକିଏ ଆରାମ ଦେବା, ଶାନ୍ତି ଦେବା ପାପ୍‌ପୀ କୁଞ୍ଜୁର କର୍ତ୍ତବ୍ୟ । ପୁଣି ଜଥା କହି ତା ଦୁଃଖଭାର ଆହୁରି ବଢ଼ାଇଦେବା ପାଇଁ ପାପ୍‌ପୀ କୁଞ୍ଜୁର ଇଚ୍ଛା ହେଉନାହିଁ ।

ଏହା ପୂର୍ବରୁ ପାପ୍‌ପୀ କୁଞ୍ଜୁ ତାର ପ୍ରଥମ ସ୍ୱାମୀର ସେବାଯତ୍ନ କରିଥିଲା । ସ୍ୱାମୀ ସେବା କପରି କରିବାକୁ ହୁଏ, ତାହା ସେ ଜାଣେ । ତଥାପି ତା ମନରେ କେବେ କେବେ ପ୍ରଶ୍ନ ଉଠେ, ଘରେ ଏ ଯେଉଁ ଅଭାବ-ଅସୁବିଧା ଦେଖାଦେଉଛି, ଏଗୁଡ଼ାକ ତା ଦୋଷରୁ ହେଉଛି କି ? ଯେଉଁ ଆସନରେ ଅନ୍ୟ ଜଣେ ପୁରୁଷ ବସିଥିଲା, ସେହି ଆସନରେ ବସିବା ଲାଗି ଚେମ୍ପନ କୁଞ୍ଜୁ ଅନେକ ଚେଷ୍ଟା କରିଛି । ପୁଣି ଯେଉଁ ସ୍ତ୍ରୀ ଆସନରେ ଅନ୍ୟ ଜଣେ ସ୍ତ୍ରୀଲୋକ ବସିଥିଲା ସେହି ସ୍ତ୍ରୀ ଆସନରେ ବସିବା ଲାଗି ପାପ୍‌ପୀ କୁଞ୍ଜୁ ବି ଚେଷ୍ଟା କରିଛି । ଚକ୍କୀ ସମୟରେ ଚେମ୍ପନ କୁଞ୍ଜୁର ଉନ୍ନତି ଘଟିଥିଲା । କିନ୍ତୁ ପାପ୍‌ପୀ କୁଞ୍ଜୁ ସମୟରେ ତାର ସର୍ବନାଶ ଘଟିଛି, ଚକ୍କୀ ଥିଲା ଜଣେ ମାଲିକ୍‌କାନର ସ୍ତ୍ରୀ । କିନ୍ତୁ ପାପ୍‌ପୀ କୁଞ୍ଜୁ ଥିଲା ଜଣେ ଖଲାସ୍‌କାରନର ସ୍ତ୍ରୀ ।

ଦିନେ ରାତିରେ ଖିଆପିଆ ସରିବାପରେ ପାପ୍‌ପୀ କୁଞ୍ଜୁ ଯାଇ ଚେମ୍ପନ କୁଞ୍ଜୁ ପାଖରେ ପହଞ୍ଚିଲା । ବସି ବସି କଣସବୁ ଭାବୁ ଭାବୁ ଚେମ୍ପନ କୁଞ୍ଜୁ ବୁଡ଼ିଯାଇଥାଏ କେଉଁ ଏକ ଭାବନା ରାଜ୍ୟରେ । ପାପ୍‌ପୀ କୁଞ୍ଜୁ କହିଲା, "କେତେ ଇମିତିକା ମନମାରି ବସିଲେ ଚଳିବ ? ଡଙ୍ଗା ଦି'ଟା ପରା ମରାମତି କରିବା ?"

ଚେମ୍ପନ କୁଞ୍ଜୁ ମୁଣ୍ଡଟେକି ସ୍ତ୍ରୀମୁହଁକୁ ଚାହିଁଲା । ତା ମୁହଁରୁ କୌଣସି କଥା ବାହାରିଲା ନାହିଁ । ପାପ୍‌ପୀ କୁଞ୍ଜୁ ପୁଣି ଥରେ ସେହି ପ୍ରଶ୍ନ ପଚାରିଲା । ଏଥର ଚେମ୍ପନ କୁଞ୍ଜୁ କହିଲା, "ହଁ, କରିବାକୁ ପଡ଼ିବ ।"

ପାପ୍‌ପୀ କୁଞ୍ଜୁ ପଚାରିଲା, "ତା'ହେଲେ ଉସଫଙ୍କୁ ଡକାଇବା ?"

"ହଉ, ଡକାଅ ।"

କଥାଟି ତା ପାଟିରୁ ଗରଗର ହୋଇ ବାହାରି ପଡ଼ିଲା । କିନ୍ତୁ ସେ କଥାର ଅର୍ଥ କଣ ସେ ଉପଲବ୍ଧି କରିଥିଲା ?

ଉସଫଠାରୁ ଟଙ୍କା କରଜ କରିବା ଅର୍ଥ ସେ କଣ, ଚେମ୍ପନ କୁଞ୍ଜୁ ତାହା ଯେତେଟା ଜାଣେ ଅନ୍ୟମାନେ ସେତେଟା ଜାଣି ନଥିବେ । କେଜାଣି ତାର ବର୍ତ୍ତମାନ ଅବସ୍ଥା ଯାହା ସେଥିରେ ସେ ବୁଝିବାପରି କଥାଟା କହିଥିବ ବୋଲି ମନେହେଉ ନାହିଁ । ଯଦି ସବୁ ବିଷୟ ଭାବିଚିନ୍ତି ଦେଖିଥାନ୍ତା, ତେବେ କଣ ଏକଥା କହିଥାନ୍ତା ? ବୋଧହୁଏ ଡଙ୍ଗା ଦୁଇଟି ଏପରି ନିକମା ହୋଇପଡ଼ିଛି ଦେଖି ବି ସେ ବ୍ୟସ୍ତ ହେଉନଥିଲା ।

Digitized by srujanika@gmail.com

ଅତୀତରେ ଘଡ ଝିଆପିଆ ଶେଷ ହେବାପରେ ଏହି ଘରଟିରେ ଏହି ଦୃଶ୍ୟର ବହୁବାର ପୁନରାବୃତ୍ତି ଘଟିଛି । ଗ୍ରେଟ କାଗ୍ରିନ ଡବାଗୁଟି ପାଖରେ ଚକ୍କୀ ଓ ଚେମ୍ପନ କୁଞ୍ଜୁ ବସି ହସ ଖୁସି ଭିତରେ ଭବିଷ୍ୟତ ପାଇଁ କେତେ ଯୋଜନା ଗଢ଼ୁଥିଲେ । ସେତେବେଳେ ଜୀବନରେ ଥିଲା ପ୍ରାଚୁର୍ଯ୍ୟ, ପ୍ରାଣରେ ଥିଲା ଉଲ୍ଲାସ, ବୁକୁରେ ଥିଲା ଆକାଂକ୍ଷା । ଘର ଭିତରେ ପିଲାଏ ଶୋଇଥାନ୍ତି ଶାନ୍ତିରେ, ଆରାମରେ । କାହାରି ପାଟିରୁ ବାହାରୁ ନଥିଲା ଦୁଃସ୍ୱପ୍ନର ବ୍ୟାକୁଳ ଆର୍ତ୍ତନାଦ; କିନ୍ତୁ ପଞ୍ଚମୀ ଆଜି ଦୁଃସ୍ୱପ୍ନ ଦେଖି କାନ୍ଦିଉଠିଛି ।

ପାପ୍‌ପୀ କୁଞ୍ଜୁ ପଚାରିଲା, "ମୁଁ ଏବେ କଣ କରିବି ? କହ ।"

ଚେମ୍ପନ କୁଞ୍ଜୁ କୌଣସି ଉତ୍ତର ଦେଲା ନାହିଁ ।

ପାପ୍‌ପୀ କୁଞ୍ଜୁ କହିଚାଲିଲା, "ମୁଁ ତମ ଉପରେ ଗୋଟେ ବୋଝପରିକା ନହା ହୋଇଚି । ମୁଁ ତମର କୌଣସି କାମର ନୁହଁ । କିନ୍ତୁ ମୋର ଦୋଷ କଣ, କହ ? ମୁଁ ଯୋଉଁ ଘରେ ଚାଲିଆସିଲି ସେଇଠେ ତ ମରଦମାନେ କାମ କରି କୁଟୁମ୍ବ ପୋଷନ୍ତି ।"

ଚେମ୍ପନ କୁଞ୍ଜୁ ନୀରବରେ ସବୁକଥା ଶୁଣିଗଲା । ମନୋଦୁଃଖରେ ପାପ୍‌ପୀ କୁଞ୍ଜୁ କାନ୍ଦପକାଇଲା । ଧକେଇ ଧକେଇ କହିଲା, "କେତେ ଲୋକଙ୍କର ଅନିଷ୍ଟ ନକଲି ମୁଁ । ମୁଁ ଏ ଘରେ ଗୋଡ଼ ଦେଉ ଦେଉ ଅମଙ୍ଗଳ ଘୋଟି ଆସିଲା ।"

ତା'ପରଦିନ ପାପ୍‌ପୀ କୁଞ୍ଜୁ ଇସଫ୍‌କୁ ଡକାଇ ତାକୁ ସବୁକଥା ବୁଝାଇଦେଲା । କରଜ ଦେବା ପାଇଁ ଇସଫ୍ ରାଜି ହେଲା ସତ; କିନ୍ତୁ ସେ ଧରିବସିଲା ଦୁଇଟିଯାକ ଡଙ୍ଗା ଓ ଜଣାରଯାକ ଜାଲ ବନ୍ଧକ ଦେବାକୁ ପଡ଼ିବ । ପୁଣି ସର୍ତ୍ତ ରଖିଲା ଯେ ଯଦି ଠିକ୍ ସମୟରେ ସୁଧ ନମିଳେ, ତେବେ ବନ୍ଧକ-ଜିନିଷ ଉପରେ ତାର ମାଲିକାନା ସାବ୍ୟସ୍ତ ହୋଇଯିବ ।

ସବୁ ଶୁଣି ମଧ୍ୟ ଚେମ୍ପନ କୁଞ୍ଜୁ ଚୁପ୍ ରହିଲା । ଇସଫ କହିଲା, "ଚେମ୍ପନ କୁଞ୍ଜୁ, ତମର ଯଦି କିଛି କହିବାର ଅଛି, ତେବେ କହୁନା ?"

ଚେମ୍ପନ କୁଞ୍ଜୁ କହିଲା, "ଏଥିରେ ଆଉ କହିବାର କଣ ଅଛି ? ତେମେ ଯୋଉଁ ସରତ କରିବ କର, ମୋର ତ ବାବୁ, ଟଙ୍କା ଦରକାର ।"

ଠିକ୍ ତା ପରଦିନ ଇସଫ ଗୋଟିଏ ବନ୍ଧକନାମା ଲେଖାଇ ଆଣିଲା । କାଗଜରେ କଣ ଲେଖା ହୋଇଛି, କଣ ନାହିଁ, କିଛି ପଢ଼ାପଢ଼ି ନକରି ଚେମ୍ପନ କୁଞ୍ଜୁ ସେଥିରେ ଦସ୍ତଖତ କରିଦେଲା । ଇସଫ ସାତଶହ ପଞ୍ଚାନବେ ଟଙ୍କା ଗଣିଦେଇ ଚେମ୍ପନ କୁଞ୍ଜୁ ହାତକୁ ବଢ଼ାଇ-ଦେଲା । କହିଲା, "କାଗଜପତ୍ର କରିବାବେଳେ ଗୋଟେ ବିଶେଷ କାମରେ ପାଞ୍ଚଟା ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା ।" ଟଙ୍କାତକ ବାକ୍‌ସରେ ରଖିଦେଇ ଚେମ୍ପନ କୁଞ୍ଜୁ ଚାବି ପକାଇ ଦେଲା ।

କିଛି ସମୟ ପରେ ଚେମ୍ପନ କୁଞ୍ଜୁର ହାବଭାବରେ କିଛିଟା ଉନ୍ନତିର ପରିଚୟ ମିଳିଲାପରି ମନେହେଲା । ଏଥର ସେ ଡଙ୍ଗା ମରାମତି କରିବା କଥା କହି ବସିଲା; ଅନ୍ୟାନ୍ୟ ବିଷୟରେ ବି ଭୁଲଭ୍ରାନ୍ତିପରି କହିଲା । ଏ କଥା ବି କହିଲା ଯେ ମିଆଦ ପୂରିବାବେଳକୁ ଟଙ୍କାଟା

Digitized by srujanika@gmail.com

ଫେଡ଼ାଇ ଦେବାକୁ ପଡ଼ିବ । ନଚେତ ଅବସ୍ଥା ବିଷମ ହୋଇଯିବ ।

ଟଙ୍କା କରଜ ଆଣିବା କଥା ଗଙ୍ଗାଦତ୍ତନ ଜାଣିଲା କି ନାହିଁ କହିହେଉନି; କିନ୍ତୁ ସେ ପାପ୍‌ପୀ କୁଞ୍ଜୁକୁ ଅଧିକରୁ ଅଧିକ ବ୍ୟସ୍ତ କରିବାକୁ ଲାଗିଲା । କହିଲା, "ମାଆ, ମତେ ଜଲଦି ବିଦାକରିଦେ । ମୁଁ ଆଉ ଏଠି ଦଣ୍ଡେ ରହିପାରିବିନି ।" ପାପ୍‌ପୀ କୁଞ୍ଜୁ ତା ଗୋଡ଼ହାତ ଧରି ନେହୁରା ହେଲା, "ବାପା, ଡଙ୍ଗା ଦିଟା ମରାମତି ହୋଇ ଟିକିଏ ଦରିଆକୁ ଯାଉ । ତା' ପରେ ମୁଁ କୋଉ ବାଟରେ ହେଲେ, ତୋ ପାଇଁ ଟଙ୍କାପଇସା ଯୋଗାଡ଼ କରିଦେବି ।"

ଗଙ୍ଗାଦତ୍ତନ୍ କିନ୍ତୁ ତାର ଦୃଢ଼ ସିଦ୍ଧାନ୍ତ ଶୁଣାଇଦେଲା, "ନା, ନା, ମୁଁ ଆଉ ଜଗି ପାରିବି ନାହିଁ ।"

ପାପ୍‌ପୀ କୁଞ୍ଜୁ ଖପା ହୋଇ ଉଠିଲା । କହିଲା, "ନ ଜଗିବୁ ତ ନାହିଁ, ମୁଁ ସେଥିକି କଣ କରିବି ?"

"ତା'ହେଲେ ତୁ ଆଜିଠୁଁ ମୋ କଥା ପାସୋରି ଯାଆ, ଧରିନେ ତୋର ପୁଅ ବୋଲି କେହି ନାହିଁ ।"

ପାପ୍‌ପୀ କୁଞ୍ଜୁ ପୁଅକୁ କି ଜବାବ ଦେବ ବୁଝିପାରିଲା ନାହିଁ । ଯେତେହେଲେ କଣ ହେଲା, ସେ ପରା ମାଆ, ଜନ୍ମ ଦେଇଛି । ପୁଅର ସ୍ୱାର୍ଥ ପାଇଁ ତା ବାପର ସବୁ ସ୍ମୃତିକୁ ପଛରେ ପକାଇଦେଇ ସେ ଚାଲିଆସିଛି ଚେମ୍ପନ କୁଞ୍ଜୁ ପାଖକୁ । ଏକାନ୍ତ ଅସହାୟ ଭାବରେ ସେ କହିଲା, "ମୁଁ ସେ ଲୋକକୁ କୋଉ ମୁହଁରେ ଟଙ୍କା ମାଗିବି କହିଲୁ ?"

"ମୁଁ ଏତେ କଥା ଶୁଣିବାକୁ ଚାହେଁନା । ମତେ ତୁ ବିଦା କରିଦେ, ମୁଁ ଯାଏ । ମୁଁ ଚାଲିଗଲେ, ତୁ ଏଠି ଚେମ୍ପନ କୁଞ୍ଜୁ ଘରେ ନିଦକରେ ଚଳିପାରିବୁ ।"

"କିନ୍ତୁ ବାପ, ମୁଁ ତ ଏଟିକି ଏକା ମୋ ପାଇଁ ଆସିନି; ତୋ ପାଇଁ ବି ଆସିଛି ।"

"ସେ ଯା' ହେଉ, ତୁ ମତେ ବିଦାକରିଦେ ।"

ସମସ୍ୟାଟାକୁ ଆଣି ଚେମ୍ପନ କୁଞ୍ଜୁ ଆଗରେ ପକାଇବାକୁ ପାପ୍‌ପୀ କୁଞ୍ଜୁର ସାହସ ହେଲା ନାହିଁ । କିନ୍ତୁ ଏହା ଏକ ଏପରି ବିଷୟ ଯେ ସେ ଆଉ ତାକୁ ଫଯତ କରି ରଖି ପାରୁନାହିଁ । ଏକ ଦିଗରେ ସ୍ୱାମୀର ଘାନ ନିଃସହାୟ ଅବସ୍ଥା—ଅନ୍ୟ ଦିଗରେ ପୁଅର ତାଗଦା । ମାଆ ଓ ସ୍ତ୍ରୀର ଦାୟିତ୍ୱ ନେଇ ଏ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଥିଲା, ସେ ଦ୍ୱନ୍ଦ୍ୱରେ ମାତୃତ୍ୱର ବିଜୟ ହେଲା । ମାଆ ହିଁ ତ ଜୟ କରିବା କଥା । ପାପ୍‌ପୀ କୁଞ୍ଜୁ ଭୋକ ଉପବାସରେ ରହିବା ଲାଗି ପ୍ରସ୍ତୁତ; ବାସ୍ତୁହରା ହୋଇ ବୁଲିବା ପାଇଁ ପ୍ରସ୍ତୁତ । ସେ ଯଦି କିଛି ଗୋଟିଏ ଭୟଙ୍କର ଦୋଷ କରିଦିଏ, ତେବେ ଅତି ବେଶି ହେଲେ ଏହି ପରିଣତି ତ ହେବ ? ହେଉ । ସେଘର ସହିତ ତାର କି ଗୋଟାଏ ବଡ଼ ସମ୍ପର୍କ ଅଛି ଯେ ? ଏଥିପାଇଁ ସେ କାହିଁକି ଏତେ ଚିନ୍ତା କରିବ ? ଏବଂ ଧରି, ଚେମ୍ପନ କୁଞ୍ଜୁର ସର୍ବନାଶ ହୋଇଯିବ । ହେଉ; ତା'ହେଲେ ହୋଇ ହୋଇ ଖାଇବାକୁ ଦିମୁଠା ମିଳିବ ନାହିଁ । କିନ୍ତୁ ଗଙ୍ଗାଦତ୍ତନ୍‌କୁ ଯଦି କିଛି ଟଙ୍କାପଇସା ଦେଇ ପଠାଇଦିଏ, ତେବେ ଅସମୟରେ ସେ କଣ ମାଆକୁ ଆଶ୍ରୟ ଦେବ ନାହିଁ ଏବଂ ଯଦି ସେ

Digitized by srujanika@gmail.com

ଟିକିଏ ଆଶ୍ରୟ ପାଇ ବଞ୍ଚିବ, ତେବେ ଚେମ୍ପନ କୁଞ୍ଜୁ ବି ନିଶ୍ଚୟ ବଞ୍ଚିବ । ଫଳତଃ ମାତୃତ୍ୱର ହିଁ ବିଜୟ ଘଟିଲା ।

ଥରେ ଚେମ୍ପନ କୁଞ୍ଜୁ ଓ ପଞ୍ଚମୀ ଘରେ ନଥିବା ବେଳେ ପାପ୍ପୀ କୁଞ୍ଜୁ ଟଙ୍କାବାକ୍ସ ଖୋଲିଲା । ଉସଫଠାରୁ କରଜ ଆଣିଥିବା ଟଙ୍କାରୁ ଦୁଇଶହ ଟଙ୍କା ବାହାର କରିନେଇ ବାକ୍ସରେ ପୂର୍ବପରି ଚାବି ପକାଇଦେଲା ।

ସେଦିନ ରାତିରେ ପଞ୍ଚମୀ ଦେଖିଲା ମାଆ ପୁଅ ଦୁହେଁ ଘରର ପଶ୍ଚିମପଟେ ଗୋଟିଏ ସ୍ଥାନରେ ପାସ୍‌ପାସ୍ ହୋଇ କଣ ସବୁ କଥା ହେଉଛନ୍ତି । ଗୋଟିଏ ନଡ଼ିଆଗଛ ଆଢ଼ୁଆଳରେ ଠିଆ ହୋଇ ପଞ୍ଚମୀ ସବୁକଥା ଶୁଣିବାକୁ ଲାଗିଲା । ଶୁଣିଲା ଅନୁନୟ କରି ପାପ୍ପୀ କୁଞ୍ଜୁ କହୁଛି, "ମୋ ବାପଟା ପରା, ଏଥରକ ଦୁ'ଶ ଟଙ୍କା ନେଇଥା । ବାକି ଯାହା ହବ, ମୁଁ ପରେ ଯୋଗାଡ଼ କରି ଦେବ ।"

ମାଆର ଆଶୀର୍ବାଦ ନେଇ ଗଙ୍କାଦଥନ୍ ଚାଲିଗଲା । ପୁଅର ଯିବାବାଟକୁ ଚାହିଁ ରହିଲା ପାପ୍ପୀ କୁଞ୍ଜୁ । ଆଖିରେ ତାର ଜକେଇ ଆସିଲା ଲୁହ । ଶେଷରେ ଲୁହ ପୋଛି ପୋଛି ସେ ଘରକୁ ଫେରିଆସିଲା ।

ଏଥର ପଞ୍ଚମୀ ହାତରେ ଗୋଟିଏ ବଡ଼ ଅସ୍ତ୍ର ପଡ଼ିଗଲା । ସାବତ-ମାଆ ତା ପୁଅକୁ ଟଙ୍କା ଯୋଗାଇ ଦେଉଛି । ଚେମ୍ପନ କୁଞ୍ଜୁ ଯେଉଁ ଟଙ୍କାପଇସା ସାଇତି ରଖିଥିଲା ଏ ଟଙ୍କା ଯେ ସେଥିରୁ ଚୋରି କରି ନିଆଯାଇଛି ପଞ୍ଚମୀ ତାହା ଜାଣିପାରିଲା ନାହିଁ । କିନ୍ତୁ ସେ ଟଙ୍କା ଯେ ସେହି ଘରର ଟଙ୍କା ସେଥିରେ ତାର କୌଣସି ସନ୍ଦେହ ରହିଲା ନାହିଁ । ସେ ନିଶ୍ଚୟ ତା ବାପାକୁ କହିଦେବ; ବାପା ଯେତେବେଳେ ଡଙ୍ଗା ଓ ଜାଲ ବନ୍ଧା ପକାଇ କରଜ କଲେ ସାବତମାଆ ହାତରେ ସେତେବେଳେ ଟଙ୍କାପଇସା ଥିଲା । ସେହି ଟଙ୍କା ସେ ନିଜ ପୁଅକୁ ଦେଇଦେଲା ।

ତା ପରଦିନ ସକାଳ କଥା । ଚେମ୍ପନ କୁଞ୍ଜୁ ସମୁଦ୍ରକୂଳକୁ ଗଲାବେଳେ ପଞ୍ଚମୀ ବି ତା ସହିତ ଗଲା । ଘରୁ ବାହାରି ଯିବାର ଅଳ୍ପସମୟ ମଧ୍ୟରେ ଚେମ୍ପନ କୁଞ୍ଜୁ ଘରକୁ ଫେରିଆସିଲା—ଠିକ୍ ଯେପରି ଗୋଟାଏ ପାଗଳ । ସଙ୍ଗେ ସଙ୍ଗେ ବାକ୍ସ ଖୋଲି ଟଙ୍କା ଗଣି ବସିଲା । ବାକ୍ସରେ ଥିଲା ମୋଟେ ପାଞ୍ଚଶହ ପଞ୍ଚାନବେ ଟଙ୍କା । ପରମୁହୂର୍ତ୍ତରେ ଏକ ବିକଟାଳ ଗର୍ଜନରେ କମ୍ପିଉଠିଲା ସେ ଝଣ୍ଡ୍ରମଣ୍ଡଳ—"ତୁ ଏଥିରୁ ଟଙ୍କା ନେଇଛୁ ?"

ପାପ୍ପୀ କୁଞ୍ଜୁ ସବୁ କଥା ସ୍ୱୀକାର କରିଗଲା । କ୍ରୋଧ ସମ୍ବରଣ କରି ନପାରି ଚେମ୍ପନ କୁଞ୍ଜୁ କେବଳ ଥରିବାକୁ ଲାଗିଲା । ସେ ଗର୍ଜିଉଠିଲା, "ନିକଳିଯା ମୋ ଘରୁ ।"

ଚୁପ୍ ହୋଇ ବାହାରିଗଲା ପାପ୍ପୀ କୁଞ୍ଜୁ । ଏ ଦୃଶ୍ୟ ଦେଖି ପଞ୍ଚମୀ ମନେ ମନେ ଖୁସି ହେଉଥାଏ ।

"ଚାଲିଯା, ଚାଲିଯା କହୁଛି । ସେଇ ଦରିଆକୂଳରେ ତୋ ଥାନ, ଏ ଘରେ ଆଉ ଦିନେ ପାଦ ଦବୁନି ।"

Digitized by srujanika@gmail.com

ପାପ୍ପୀ କୁଞ୍ଜୁ ସମୁଦ୍ରକୂଳକୁ ଚାଲିଗଲା । ଚେମ୍ପନ କୁଞ୍ଜୁ ତା ପଛେ ପଛେ କବାଟ କିଳିଦେଲା । ସାହାଭରସା କେହି ନାହିଁ, ବସ୍ତ୍ରହୀ ଦରିଆକୂଳରେ ବୁଲିବାକୁ ଲାଗିଲା । ଦିନେ ସେ କାଣ୍ଡାନ୍‌କୋରନ୍ ଖାଲକ୍‌କାରନ ଭଳି ଜଣେ ନାମଜାଦା ଲୋକର ଧର୍ମପତ୍ନୀ ଥିଲା । ଆଜି ସେ ଚେମ୍ପନ କୁଞ୍ଜୁର ସ୍ତ୍ରୀ ।

ଚେମ୍ପନ କୁଞ୍ଜୁକୁ ପୁନର୍ବାର ଏକ ନୂତନ ଶକ୍ତି, ଏକ ନୂତନ ଉତ୍ସାହ ମିଳିଗଲା । ଯେଉଁ ଶକ୍ତିସ୍ରୋତରେ ଭଟ୍ଟା ପଡ଼ିଆସୁଥିଲା, ଯେଉଁ ଶକ୍ତି ଏଯାଏ କିଛୁଦିନ ଧରି ସୁପ୍ତ ହୋଇ ରହିଥିଲା ସେ ଶକ୍ତି ପୁନର୍ବାର ଜାଗିଉଠିଲା ।

ଚେମ୍ପନ କୁଞ୍ଜୁ ପାପ୍ପୀ କୁଞ୍ଜୁକୁ ଘରୁ ତଡ଼ି ଦେଇଥିବା ଖବରଟା ଗାଁ ତମାମ ବ୍ୟାପ୍ତହୋଇଗଲା । ଆଶ୍ରୟ ଦେବାପାଇଁ ଦୁନିଆଁରେ ତା ପାଇଁ ଆଉ ସ୍ଥାନ କାହିଁ ? ସେ ଆଶ୍ରୟ ନେଇ ବସିଥାଏ ଗୋଟିଏ ନଡ଼ିଆଗଛତଳେ । ତେଣେ ଚେମ୍ପନ କୁଞ୍ଜୁର ହୃଦୟ ତରଳିବାର କୌଣସି ସୂଚନା ମିଳିଲା ନାହିଁ । କିନ୍ତୁ ଗାଁର ସମସ୍ତେ ଅନୁଭବ କଲେ ଯେ ସେମାନେ ଏ ସମୟରେ ନୀରବ ଦର୍ଶକ ହୋଇ ରହିବା ଉଚିତ ହେବ ନାହିଁ । ନିଃସହାୟ ସ୍ତ୍ରୀ-ଲୋକଟିଏ ଏପରି ନିରାଶ୍ରିତା ହୋଇ ସମୁଦ୍ରକୂଳଟାରେ ବୁଲିବା ଠିକ୍ ନୁହେଁ ।

ଗାଁର ପୁରୁଖା ପୁରୁଖା ଲୋକେ ଏକାଠି ହୋଇ କୂଳବେହେରାଙ୍କ ପାଖରେ ଆପତ୍ତି-କଲେ । ପୋନ୍ନାନି ଗାଁର କୂଳବେହେରା ବଂଶର ଗୋଟିଏ ଝିଅ, ଯେ କି ଦିନେ ପାଲିକୁନ୍ନାଥ କାଣ୍ଡାନ୍‌କୋରନ୍‌ର ସ୍ତ୍ରୀ ଥିଲା ସେ ଆସି ଚେମ୍ପନ କୁଞ୍ଜୁ ସାଥିରେ ଘର କରୁ—ଏ କଥା ତ କୂଳବେହେରା କୌଣସି ଦିନ ପସନ୍ଦ କରିନଥିଲେ । ଏ ଘଟଣା ଘଟିବା ଦିନୁ ସେ ଅନୁଭବ କରୁଥିଲେ ଯେ ଏହା ସବୁ ଗାଁର କୂଳବେହେରାଙ୍କ ପ୍ରତି ଏକ ଅପମାନ । ତେଣୁ ଦିନେ ସେ ଦୃଢ଼ ଓ ସ୍ପଷ୍ଟ ଭାବରେ ଜଣାଇଦେଇଥିଲେ ଯେ ଯେଉଁ ସ୍ତ୍ରୀଲୋକ କୂଳକୁଟୁମ୍ବର ସବୁ ପରମ୍ପରା ଓ ନୀତି ନିୟମ ଲଙ୍ଘନ କରି ଏଭଳି କାମ କରିଛି ତା ବିଷୟରେ ସେ କୌଣସି କଥା ଶୁଣିବାକୁ ଇଚ୍ଛା କରନ୍ତି ନାହିଁ । କିନ୍ତୁ ବର୍ତ୍ତମାନ କୂଳବେହେରା ଭୀଷଣ ରାଗିଗଲେ । ଇଏତ ଏକ ଭୀଷଣ ପରିସ୍ଥିତି ସୃଷ୍ଟି ହୋଇଯାଇଛି; ମୁଣ୍ଡ ଗୁଞ୍ଜିବା ଲାଗି ବାସ ଖଣ୍ଡିଏ ନପାଇ ସ୍ତ୍ରୀଲୋକଟିଏ ସମୁଦ୍ରକୂଳରେ ବୁଲୁଛି—ଏଗୁଡ଼ା କଣ ହେଲା କଥା ?

କୂଳବେହେରା କହିଲେ, "ତୁମ ମନକୁ ଯାହା ପସନ୍ଦ ଆସୁଛି ତା' କର ହୋ । ଛେଚ ହୋ; ଦୁଇଟାଯାକକୁ ଛେଚି ଛେଚି ନେଇ ଦରିଆ ଭିତରେ ବୁଡ଼େଇ ଦିଅ ।"

କାକୁସ୍ଥ ହୋଇ ଆୟ୍ୟାନ କୁଞ୍ଜୁ ବିନତି ଜଣାଇଲା, "ହଜୁର, ସେଇଟା କଣ ଠିକ୍ ହବ ?"

"ତାହେଲେ ମୁଁ ଆଉ କଣ କରିବ ?"

"ହଜୁର, ଚେମ୍ପନ କୁଞ୍ଜୁକୁ ଡକାଇ ଦି'ପଦ କହନ୍ତୁ !"

"ନା, ମୁଁ ତା କରିପାରିବି ନାହିଁ । ତାକୁ ମୁଁ କଣ ବୋଲି କହିବି ?"

"ତା' ହେଲେ ଆମେ ଆଉ କଣ କରିପାରିବୁ କହନ୍ତୁ ? ହଜୁର, ଆପଣ ଯଦି କରିବେ

Digitized by srujanika@gmail.com

ନାହିଁ, ତେବେ ଏ ବଙ୍କା ଗନ୍ତାକୁ ଆଉ ସିଧା କରିବ କିଏ ସେ ?"

ପୁରୁଖା ଲୋକଙ୍କର ଏ ପ୍ରଶ୍ନ ଆଗରେ କୁଳବେହେରାଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ତାଙ୍କୁ କିଛୁ ଗୋଟିଏ କହିବାକୁ ପଡ଼ିବ । ବାପ ଖଣ୍ଡିଏ ନପାଇ ସମୁଦ୍ରକୂଳରେ ସେ ଯେଉଁ ସ୍ତ୍ରୀଲୋକଟା ଅରକ୍ଷ ହୋଇ ବୁଲୁଛି ସେ ପୁଣି ଅନ୍ୟ କେହି ନୁହଁ, ସେ ବି ଗୋଟିଏ କୁଳବେହେରା ବଂଶରେ ଜନ୍ମ ହୋଇଛି । କୁଳବେହେରା କହିଲେ, "ମଣିଷ ନିଜର କୁଳକୁଟୁମ୍ବର ନୀତିନିୟମ ଭାଙ୍ଗିଦେଲେ, ପରମ୍ପରା ଭୁଲିଗଲେ ଶେଷରେ ଏହି ଦଶା ହୁଏ, ବୁଝିଲ ? ମାଇକିନାଟା ଯଦି କୌଣସି କୁଳବେହେରା ଘରେ ରହିଥାନ୍ତା, ତେବେ କଣ ଏ ଦଶା ଭୋଗିଥାନ୍ତା ?"

ଚେମ୍ବନ କୁଞ୍ଜୁର ଘରେ ଯେଉଁ ସାବତ ମାଆ ମାଆର ସ୍ଥାନ ପୂରଣ କରିଥିଲା ତାକୁ ଘରୁ ବାହାର କରିଦିଆଗଲା; ସାବତ୍ତାସ୍ତ ଘରକରଣାର ଭାର ନେଇଥିଲା ଯେଉଁ ସ୍ତ୍ରୀଲୋକ, ସେ ଘରୁ ଅନ୍ତର ହୋଇଗଲା । ଫଳରେ ପୁଣି ଥରେ ପୂର୍ବର ଅବସ୍ଥା ଫେରିଆସିଲା । ଗୋଟିଏ ବିଶେଷ କଥା କହିବା ପାଇଁ ସୁଯୋଗର ଅପେକ୍ଷା କରି ପଞ୍ଚମୀ ବାପାଙ୍କ କଡ଼ରେ କଡ଼ରେ ଲାଗିରହିଲା । ଅପାକୁ ଡାକି ଆଣିବା ଲାଗି ସେ ନିଶ୍ଚୟ ବାପାଙ୍କୁ କହିବ, ଅପାକୁ ଯଦି ଡାକି ଆଣନ୍ତି, ତେବେ ଘରଟା ପୁଣି ଥରେ ପୂର୍ବର ଘରପରି ହୋଇଯିବ । ହଁ, ମାଆ ଆଉ ମିଳିବ ନାହିଁ, ତଥାପି କାରୁତାମ୍ମା ଘରେ ରହିଲେ ପଞ୍ଚମୀ ସବୁ ଦୁଃଖ ସହିଯିବ ।

କିନ୍ତୁ ବାପାଙ୍କୁ ଏତିକି କହିବା ଲାଗି ତାକୁ ସୁଯୋଗ ମିଳିଲା ନାହିଁ । ଚେମ୍ବନ କୁଞ୍ଜୁ ଘରକୁ ଆସିଲେ କ୍ଷଣେ ମାତ୍ର ରହି ପୁଣି କେଉଁଆଡ଼େ ଚାଲିଯାଏ । ନୂତନ ସାହସ ଓ ନୂତନ ଶକ୍ତି ବଳରେ ସେ ବର୍ତ୍ତମାନ ଏକ ଭିନ୍ନ ମନୁଷ୍ୟରେ ପରିଣତ ହୋଇଯାଇଛି । ସେ ସ୍ଥିର କରି-ନେଇଛି, ସେ ପୁନର୍ବାର ସେହି ପୂର୍ବର ଚେମ୍ବନ କୁଞ୍ଜୁ ହୋଇଯିବ । ପାପିଷ୍ଠୀ କୁଞ୍ଜୁଟା ହତଲକ୍ଷ୍ମୀଟାଏ । ଘରେ ତା ଗୋଡ଼ ପଡ଼ୁଛି କି ନାହିଁ ଅମଙ୍ଗଳ ମାଡ଼ିଆସିଲା । କି ଖରାପ ମୁହୂର୍ତ୍ତରେ ସେ ଏଭଳି ଗୋଟାଏ ସ୍ତ୍ରୀକୁ ବିବାହ କରିବାକୁ ମନ ବଳାଇଥିଲା ସତେ ! ସେ ନିଜକୁ ନିଜେ କହିହେଲା—"ମୋ ବୁଦ୍ଧି ବିବେକ ସେତେବେଳେ କଣ ହୋଇଯାଇଥିଲା କେଜାଣି ! ମାଇକିନିଆଟାର ଗୋରା ଚମଡ଼ା, ଚକ୍‌ଚକ ବାଳ ଆଉ ମାଉଁସିଆ ଦେହ ଦେଖି ମୁଁ ପାପରେ ଆସକ୍ତ ହୋଇପଡ଼ିଲି ।"

କାରୁତାମ୍ମା ବିଷୟରେ ବି ମନେ ମନେ ଘାରିହେଲା—ଏଇଠି ପାରିକୁଟ୍ଟୀ ସାଥିରେ ଖିଦପୀରିତି ଲଗାଇ ରହିଥିଲା, ବରଟାଏ ମିଳିଯିବା ମାତ୍ରେ ତା ସାଥିରେ ଚାଲିଗଲା । ତେଣୁ ସେଇଟା ତା ଝିଅ ନୁହଁ । ଆଉ ତାକୁ ଝିଅ ବୋଲି କଳ୍ପନାରେ ବି ଭାବିବା ଉଚିତ ନୁହେଁ ।

ହଁ, ଜୀବନରେ ସେ କେତୋଟି ବୋକାମି କରିଦେଇଛି । ଏଥର କିନ୍ତୁ ଜୀବନଟାକୁ ନୂଆ କରି ଗଢ଼ିବାକୁ ପଡ଼ିବ ।

Digitized by srujanika@gmail.com

ନାଲ୍ଲପେନ୍ନ ପାପ୍‌ପୀ କୁଞ୍ଜୁକୁ ଡାକି ନେଇ ନିଜ ଘରେ ଆଶ୍ରୟ ଦେଲା । ସେ ଅଲକ୍ଷଣୀଟାକୁ ତଡ଼ି ନଦେଇଥିଣ୍ଡି ନାଲ୍ଲପେନ୍ନ ତାକୁ ଆଶ୍ରୟ ଦେବା ଦେଖି ପଞ୍ଚମୀ ସହିପାରିଲା ନାହିଁ । ଅନ୍ୟ କେହି ଲୋକ ଏକଥା କରିଥିଲେ ସହି ହୁଅନ୍ତା, ଚକ୍କି କଣି ମଲାବେଳେ ନାଲ୍ଲପେନ୍ନ ହାତରେ ପଞ୍ଚମୀକୁ ସମର୍ପିଦେଇ ଯାଇନଥିଲା ? ସେହି ମାଉସୀ ଶେଷକୁ ଏହି ଖେଳ ଦେଖାଇଲା । ଚେମ୍ପନ କୁଞ୍ଜୁ ବି ମନେ ମନେ କୁହୁଳିଉଠିଲା । ତଥାପି ନିଜକୁ ନିଜେ ବୁଝାଇବାକୁ ଲାଗିଲା, ଦେଖିବାକୁ ଗଲେ ଆଚ୍ଚୁ କୁଞ୍ଜୁ ତାକୁ ଚିରଦିନ ଈର୍ଷା କରିଆସିଛି ।

ଅପାକୁ ଘରକୁ ଡାକିଆଣିବା ଲାଗି ପଞ୍ଚମୀ ଯାହା ଟିକିଏ ଭାବୁଥିଲା, ବର୍ତ୍ତମାନ ଆହୁରି ବେଶି ବ୍ୟାକୁଳ ହୋଇପଡ଼ିଲା । ସୁଯୋଗ ପାଇ ଦିନେ କହିଲା, "ବାପା, ତେମେ କାରୁତାମ୍ମା ଅପାକୁ କାହିଁକି ଘରକୁ ଡାକିଆଣୁନା ? ଅପା ଭାରି ଭଲ ମଣିଷ । ତା ନାଆଁରେ ଏଗୁଡ଼ା ସବୁ ଯୋଉ କହୁଚନ୍ତି, ଏଗୁଡ଼ା ତାହା ମିଛ ।"

ଚେମ୍ପନ କୁଞ୍ଜୁ କ୍ରୋଧରେ ଜଳିଉଠିଲା । "କାହାକୁ ଘରକୁ ଡାକି ଆଣିବି କହିଲୁ ?"— ଗର୍ଜନ କରିଉଠିଲା ଚେମ୍ପନ କୁଞ୍ଜୁ ।

ପଞ୍ଚମୀ ଭୟରେ ଥରିଗଲା ।

ପାରିକୁଟ୍ଟୀର ଶୁଖୁଆ ଗୋଦାମ ସିନା ଭାଙ୍ଗିଯାଇଛି, ହେଲେ ନିଜେ ପାରିକୁଟ୍ଟୀ ତ ଏ କୂଳରେ ରହିଛି । ମୁଁ ଗୋଟାଏ ଦୋଷ୍ଟରୁଣୀକୁ ଆଣି ଘରେ ପୂରେଇବ ?"

ପଞ୍ଚମୀ ଆଉ କୌଣସି କଥା କହିପାରିଲା ନାହିଁ ।

ଚେମ୍ପନ କୁଞ୍ଜୁ ପଚାରି ବସିଲା, "କଣ ତୁ ବି ତାରି ଥେରେ ହବାକୁ ପାଉଛୁ କି ଲୋ ? ସିମିତି ଯଦି ପାଉଛୁ, ତା'ହେଲେ ଆଜି ହୁଁ ନିକାଲ୍ ଯା କହୁଛି ।"

ପାପ୍‌ପୀ କୁଞ୍ଜୁ ବିଷୟ ତଦାରଖ କରିବା ଲାଗି ଗାଆଁର କୁଳବେହେରା ଆସି ପହଞ୍ଚିବାରୁ ମୁଖିଆଲୋକେ ଯାଇ ଚେମ୍ପନ କୁଞ୍ଜୁ ଓ ପାପ୍‌ପୀ କୁଞ୍ଜୁକୁ ତାଙ୍କ ପାଖକୁ ଡାକି ଆଣିଲେ । ଦରିଆକୂଳରେ ଏଭଳି ଘଟଣା ଘଟିବା କିଛି ସାମାନ୍ୟ କଥା ନୁହେଁ । ବହୁଲୋକ ଆସି ସେଠାରେ ଜୁଟି ହୋଇଗଲେ । ତେବେ ଏତେ ଲୋକଙ୍କ ମଧ୍ୟରୁ କେବଳ ଜଣେ ମନେ ମନେ ପ୍ରାର୍ଥନା କରି ଚାଲିଥାଏ, କଥାଟା କପରି ଆପୋଷରେ ତୁଟି ନଯାଉ । ପଞ୍ଚମୀ ନୀରବ ପ୍ରାର୍ଥନା ଜଣାଉଥାଏ, "ମା ଦରିଆଠାକୁରାଣୀ, କଳିଟାକୁ ଭଲରେ ତୁଟେଇ ଦେନା ମାଆ ।"

କୁଳବେହେରା ପଚାରିଲେ, "କିରେ ଚେମ୍ପନ କୁଞ୍ଜୁ ଇଏ କି କଥା ? ତୁ କାହିଁକି ସବୁ ରୀତିନୀତି, ସବୁ ପରମ୍ପରାକୁ ଅମାନ୍ୟ କରି ଚାଲିଛୁ ?"

କୁଳବେହେରା ତା ବିରୁଦ୍ଧରେ କେତୋଟା ଗୁରୁତର ଅଭିଯୋଗ ବାଢ଼ିବାକୁ ଆରମ୍ଭକଲେ ।

Digitized by srujanika@gmail.com

ପ୍ରଥମ କଥା ହେଲା ତାର ଦ୍ୱିତୀୟ ବିବାହଟା ହିଁ କୁଲବେଚେହେରଙ୍କର ବିନା ଅନୁମତିରେ କରାଯାଇଛି । ସେ ବିଷୟରେ ଚେମ୍ବନ କୁଞ୍ଜୁର କିଣ କହିବାର ଅଛି କହୁ ।

"କରେ ଚେମ୍ବନ କୁଞ୍ଜୁ, କିଣ କହିବୁ କହ ?"--କୁଲବେଚେହେର ପଚାରି ବସିଲେ । ଦେଖାଣରେ ମୁଣ୍ଡଟେକ ଦେଇ ଚେମ୍ବନ କୁଞ୍ଜୁ ସିଧା ଠିଆହୋଇଗଲା । ମନେହେଲା ଲୋକଟା ଆହୁରି ବଡ଼ ଆହୁରି ଉଚ୍ଚ ହୋଇଯାଇଛି, ସେ ଯେପରି କାହାକୁ ଭ୍ରୂକ୍ଷେପ କରିବାକୁ ପ୍ରସ୍ତୁତ ନୁହେଁ । ଏକ ଅବର୍ଣ୍ଣନୀୟ ଦୃଢ଼ତାରେ ତାର ମୁଖମଣ୍ଡଳ ଗମ୍ଭୀର ହୋଇଉଠିଲା । ପୂର୍ବରୁ ସେ କୌଣସି ସମୟରେ ଏପରି ଦେଖାଯାଉ ନ ଥିଲା ।

କୁଲବେଚେହେର କିନ୍ତୁ ତାଙ୍କ ପ୍ରଶ୍ନଟାକୁ ଦୋହରେଇ ଦେଲେ, ଚେମ୍ବନ କୁଞ୍ଜୁ ପାଟିରୁ ଗୋଟାଏ ଠେଙ୍ଗାପିଟା ଉତ୍ତର ବାହାରି ଆସିଲା—"ମୁଁ ତାକୁ ବାହା ହେଇନି ।"

ଏହା ଏକ ଅପ୍ରତ୍ୟାଶିତ ଉତ୍ତର । ସମସ୍ତେ ଅବାକ୍ ହୋଇଗଲେ । କୁଲବେଚେହେର ବି ଅବାକ୍ ହୋଇଗଲେ । ଦଣ୍ଡେରହି ଟିକେ ଚୋକପାରି ସେ ପଚାରିଲେ—"ତା'ହେଲେ ମାଇକିନିଆଟା କିଣ ଆପଣାଛାଏଁ ଆସି ତୋ ଘରେ ରହିଥିଲା ?"

"ଘରେ କାମଦାମ କରି ଘର ଚଳେଇବା ଲାଗି ମୁଁ ଗୋଟିଏ ଚାକରାଣୀ ଆଣିଥିଲି । ଏଥେରେ ଏବେ ଦୋଷ କିଣ ହେଲା ଯେ ?"

କୁଲବେଚେହେର ଦବିଗଲେ । ତାଙ୍କର ପ୍ରଥମ ଅଭିଯୋଗଟାକୁ ଅସ୍ୱୀକାର କରି ଉଡ଼ାଇଦିଆ ଗଲା; ଅନ୍ୟ ଯାହାସବୁ ଅଭିଯୋଗ ଅଛି ତାହା ବି ଏପରି ଫସରଫାଟିଯିବ ନା କିଣ ?

କୁଲବେଚେହେର ଏଥର ପାପ୍ପୀ କୁଞ୍ଜୁକୁ ସାମନାକୁ ଡାକିଲେ । ଦରିଆକୂଲର ସମସ୍ତ ଚଳଣି ଓ ପରମ୍ପରାକୁ ପାପ୍ପୀ କୁଞ୍ଜୁ ଅମାନ୍ୟ କରିଦେଇଥିଲା । ତା ମୁହଁକୁ ଚାହିଁ ସେ ପଚାରିଲେ, "ଆଲୋ, ଏକଥା କିଣ ସତ ?"

ସମସ୍ତେ ଭାବିଲେ ଚେମ୍ବନ କୁଞ୍ଜୁ ଯାହାସବୁ କହିଥିଲା, ପାପ୍ପୀ କୁଞ୍ଜୁ ସେଗୁଡ଼ାକୁ ମିଛ ବୋଲି କହିଦେବ । କିନ୍ତୁ ଚେମ୍ବନ କୁଞ୍ଜୁ ସେଥିକି ତିଳେମାତ୍ର ଭ୍ରୂକ୍ଷେପ କଲାନାହିଁ ।

କୁଲବେଚେହେର ପାପ୍ପୀ କୁଞ୍ଜୁକୁ ପୁନର୍ବାର ସେହି ପ୍ରଶ୍ନଟି ପଚାରିଲେ । ତା ଉତ୍ତର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଲା ।

ସେ ଶାନ୍ତ ଭାବରେ କହିଲା, "ହଁ ।"

"ଚେମ୍ବନ କୁଞ୍ଜୁ ତତେ ବାହା ହେଇନାହିଁ ?"

"ନା ।"

"ତୁ କିଣ ତା ଘରେ ଚାକରାଣୀ ହୋଇ ରହିଥିଲୁ ?"

"ହଁ ।"

କୁଲବେଚେହେର ବୁଦ୍ଧିମାନ ଲୋକ । ସେ ଅବାକ୍ ହୋଇ ବସିଗଲେ । ପାପ୍ପୀ କୁଞ୍ଜୁ ମୁହଁରୁ ଏଭଳି ଏକ ଉତ୍ତର ଶୁଣିବାକୁ ପାଇବ ବୋଲି ଚେମ୍ବନ କୁଞ୍ଜୁ ବି ଆଶା କରିନଥିଲା । କୁଲବେଚେହେର ପାପ୍ପୀ କୁଞ୍ଜୁକୁ ଘୃଣାଚକ୍ଷୁରେ ଚାହିଁବାକୁ ଲାଗିଲେ । ନିଜର କୁଳକୁଟୁମ୍ବ ସହିତ

Digitized by srujanika@gmail.com

ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲା ଏହି ପାପ୍ପୀ କୁଞ୍ଜୁ; ବର୍ତ୍ତମାନ କୁଲବେହେଗ୍ରଙ୍କ ପକ୍ଷରେ ବ ସେ ଏକ ଅପମାନର କାରଣ ହୋଇଗଲା ।

"ନାହିଁ, ତଟେ ଇମିଡ ଯୋଗାଏ । କେତେବଡ଼ ଲୋକର ହାତଧରି ରହିଥିଲୁ, ଆଉ···।" କୁଲବେହେଗ୍ର ଯାହା କହିଆସୁଥିଲେ ତାହା ସମ୍ପୂର୍ଣ୍ଣ କରି କହିଲେ ନାହିଁ । ଏ ଘଟଣା ସହିତ ମୋଟେ ସମ୍ପର୍କ ନଥିବା ପରି ଭାବ ଦେଖାଇ କୌଣସି ଭ୍ରୂକ୍ଷେପ ନକରି ଚେମ୍ବନ କୁଞ୍ଜୁ ସେଠାରେ ଠିଆହୋଇଥାଏ । କୁଲବେହେଗ୍ର ଅନୁଭବ କଲେ ଚେମ୍ବନ କୁଞ୍ଜୁକୁ ଏପରି ଭାବରେ ଜୟ କରିବା ଲାଗି ସୁବିଧା ଦେବା ଉଚିତ ହେବନାହିଁ । ସେ ଚେମ୍ବନ କୁଞ୍ଜୁକୁ ପଚାରିଲେ, "ଯଦି ବା ସେ ତୋ ଘରେ ଗୃହକର୍ତ୍ତ୍ରୀ ହୋଇ ରହିଥିଲା, ତୁ କପରି ଗୋଟିଏ ମାଇପିକୁ ଦରିଆକୂଳକୁ ଛାଡ଼ି ଦେଉଥିଲୁ ?"

ତା ପାଖରେ ଏ ପ୍ରଶ୍ନର ଉତ୍ତର ବ ପ୍ରସ୍ତୁତ ହୋଇ ରହିଥିଲା—"ସେ ସ୍ୱେଚ୍ଛାରେ କଲା ।"

କୁଲବେହେଗ୍ର ପୁନର୍ବାର ସ୍ତମ୍ଭୀଭୂତ ହୋଇଗଲେ । ସବୁକଥା ଯୁକ୍ତିସଙ୍ଗତ ପରି ଶୁଭୁଛି; କିନ୍ତୁ କୌଣସିଟି ସତ୍ୟ ନୁହେଁ । ସମସ୍ତେ ଜାଣନ୍ତି ଯେ ଚେମ୍ବନ କୁଞ୍ଜୁ ପାପ୍ପୀ କୁଞ୍ଜୁକୁ ନଜର ବାନ୍ଧି କରି ରଖିବା ଲାଗି ଘରକୁ ଆଣିଥିଲା ।

କୁଲବେହେଗ୍ର ଅନ୍ୟ ଏକ ଉପାୟ ଅବଲମ୍ବନ କଲେ । ସେ ଚେମ୍ବନ କୁଞ୍ଜୁକୁ ଭୟଭୀତ କରାଇବା ଲାଗି ଚେଷ୍ଟାକରି କହିଲେ—"ତୁ ଭାରି ମୁହଁ ବଢ଼େଇ କଥା କହୁଛୁ । ଏଇଟା କିଛି ପହିଲି ଥର ନୁହେଁ, ସବୁବେଳେ ତୋର ଏହି ଢଙ୍ଗ । ଇମିତି ହେଲେ ଶେଷକୁ ଅବସ୍ଥା କଣ ହେବ ଜାଣିଛୁ କି ?"

ଅହଙ୍କାରରେ ଅଧର କୁଞ୍ଚିତ କରି ଚେମ୍ବନ କୁଞ୍ଜୁ ଶୁଣାଇଦେଲା, "ଜାଣିବା ପାଇଁ କଣ ଅଛି ହେ ? କଣ ଏତେ ଜଣେଇ ହଉଚ ଯେ ? ଆହେ, ଚେମ୍ବନ କୁଞ୍ଜୁର ଆଗକୁ ଚାହିଁଲେ ଦରିଆ, ଉପରକୁ ଚାହିଁଲେ ଆକାଶ ।" ତାର କହିବା ସେତିକିରେ ଶେଷ ହେଲାନାହିଁ । ସେ କହିଚାଲିଲା, "ଆଉ ବେଶି ହେବାର କିଛି ନାହିଁ । ଆଉ ଅଛି କଣ ଯେ ? ସବୁ ତ ସରିଯାଇଚି । ତେମେ ବ ବେଶି ହେବା ଲୋଡ଼ା ନାହିଁ । ମୁଁ ଆଉ ଲୋକଙ୍କ ସାହାଯ୍ୟ ଖୋଜୁ ନାହିଁ; ଠିକ୍ କରିସାରିଛି, ଆଉ କାହାରି କଥା ମାନିବି ନାହିଁ । କାହିଁକି ମାନିବି ଯେ ? ତେମେ ସିନା ସୁନାରୁପା ମୁଣ୍ଡେଇ ଥେଲେ ଖୋଳା ରାସ୍ତାକୁ ଡରିବ । ···ଆଉ ··।"

କୁଲବେହେଗ୍ର ଧମକ ଦେଇ କହିଲେ, "ଆରେ, କେଉଟ ଜାତି ଆଖିରେ ଧୂଳି ଦେଇ ଇମିତି ଖସିଯାଇ ପାରିବୁ ନାହିଁ ।"

କୁଲବେହେଗ୍ରଙ୍କର ମୁହଁକଥା ମୁହଁରେ ଅଛି । ଚେମ୍ବନ କୁଞ୍ଜୁ କ୍ରୋଧରେ ଥରହର ହୋଇ ଗର୍ଜନ କଲା, "ଯଦି ନିଜର ମାନସମ୍ମାନକୁ ଡର ଅଛି ତେବେ ଚୁପ୍ ରହିକ୍ତି କହୁଛି ।"

କୁଲବେହେଗ୍ରଙ୍କ ମୁହଁ ଉପରେ ଏଭଳି ଜବାବ ଦେବାକୁ କେହି କେବେ ସାହସ କରି ନ ଥିଲା । ଏ ଅପମାନଟା କେବଳ କୁଳର ଅଧିକାରୀଙ୍କର ଅପମାନ ନୁହେଁ—ଏହା ସମସ୍ତ ଜାତିର,

Digitized by srujanika@gmail.com

କୂଳର ଅପମାନ । ଚେମ୍ପନ କୁଞ୍ଜୁ ତାହାହେଲେ କଣ କରିବାକୁ ଚେଷ୍ଟା କରୁଥିଲା ? ଲୋକଟା କଣ ପୁରାପୁରି ପାଗଳ ହୋଇଗଲା ନା କଣ ? କଣ ଭବିଷ୍ୟତ କଥା ଭୁଲିଗଲା ନା କଣ ?

ଆଉ ଅଧିକ କିଛି ନକହି ଚେମ୍ପନ କୁଞ୍ଜୁ ସେଠାରୁ ଘରକୁ ଚାଲିଗଲା ।

କୂଳଦେବୀ ଅପମାନିତ ହୋଇଗଲେ । ଗାଆଁ ଲୋକେ ବିଚଳିତ ହୋଇ ପରସ୍ପରକୁ ଚାହିଁବାକୁ ଲାଗିଲେ । ପାପ୍‌ପୀ କୁଞ୍ଜୁ ଚେମ୍ପନ କୁଞ୍ଜୁର ପଛେ ପଛେ ତା ଘରକୁ ଚାଲିଗଲା । ଚେମ୍ପନକୁଞ୍ଜୁ ତାକୁ ବାଧା ଦେଲାନାହିଁ ।

ଊଣେଇଶ

ତା ପରଦିନ ପଞ୍ଚମୀର ଆଉ ଦେଖା ମିଳିଲା ନାହିଁ । ଝିଅଟା ଯେ କେଉଁଆଡ଼େ ଚାଲିଗଲା ତାହା କେହି ଜାଣିପାରିଲେ ନାହିଁ । ମାଇପିମାନେ କହିଲେ ଘରଦାଣ୍ଡ ସମ୍ଭାଳି ନପାରି ସେ କେଉଁଆଡ଼େ ଚାଲିଗଲା, ତଥାପି ସମସ୍ତେ ପାପ୍‌ପୀ କୁଞ୍ଜୁର ବ୍ୟବହାରରେ ସନ୍ତୁଷ୍ଟ; ଏତେ ହିନସ୍ତା ହୋଇ ବି ସେ ଚେମ୍ପନ କୁଞ୍ଜୁକୁ ଛାଡ଼ି ଚାଲିଗଲା ନାହିଁ । କେଉଁ ମାଇପି ଭଲା ଏଭଳି ସହିପାରନ୍ତା ? ପାପ୍‌ପୀ କୁଞ୍ଜୁ ଟି ଭଲ ମଣିଷଟିଏ ।କେତେ ବଡ଼ ଲୋକ ସାଙ୍ଗରେ ସେ ତା ଦିହକ ଘରକରି ଆସିଛି । ଏବେ ଆଉ କଣ ସେ ଅଲଗା ମଣିଷ ହୋଇଯିବ ?

ଚେମ୍ପନ କୁଞ୍ଜୁ କୂଳଦେବୀଙ୍କୁ ଯେଉଁ ଅପମାନ ଦେଇଥିଲା ବର୍ତ୍ତମାନ ତାର ଫଳାଫଳ କଣ ହେବ ତାହା ଦେଖିବା ଲାଗି ସମସ୍ତେ ଅପେକ୍ଷା କରିବାକୁ ଲାଗିଲେ । କୂଳଦେବୀଙ୍କ ବଇରୀ ହୋଇ ସେ କେତେଦିନ ଭଲା ଠିଆହେବ ? ତାଙ୍କ ପରି ଲୋକର କ୍ରୋଧ ଯେ କି ରୂପ ଧରି ବାହାରିବ କିଏ ଜାଣେ ? କେବଳ ସେତିକି ତ ନୁହେଁ —ତା ଡଙ୍ଗା ଦୁଇଟି ଯେ ଏଥର ଉସଫ୍ ହାତକୁ ଚାଲିଯିବ ଏଥିରେ ଆଉ ସନ୍ଦେହ ନାହିଁ । ସେତେବେଳେ ସେ ବଞ୍ଚିବ କିପରି ? ସେ ଯେ ଆଉ ଦରିଆ ଭିତରକୁ ଯାଇ କାମ କରିବ, ସେପରି ଭାବିବା ଉଚିତ ନୁହେଁ, ତାର ବି ଆଉ ସେଭଳି କାମରେ ଆଗ୍ରହ ନାହିଁ ।

ତେଣେ ଦରିଆକୂଳରେ ଅନ୍ୟ ଜଣେ ଲୋକର ଜୀବନ ସ୍ରୋତ ବି ଧୀରେ ଧୀରେ କ୍ଷୀଣ ହୋଇ ଚାଲିଥିଲା । ଲୋକେ ଆଉ ତା ବିଷୟରେ ବିଶେଷ ଆଲାପଆଲୋଚନା କରୁ ନଥିଲେ; ଯାହାହେଉ ପରିକୁଟ୍ଟୀ ଗୋଟିଏ ଲକ୍ଷ୍ୟହୀନ ଜୀବନ ବିତାଇ ଚାଲିଥିଲା । କୂଳର ଶୁଖିଲା ବାଲି ଉପରେ କେତେଟା ଡଙ୍ଗା ପଡ଼ିଥାଏ । ପରିକୁଟ୍ଟୀ ବେଳେ ବେଳେ ସେଇଥିରୁ ଗୋଟିଏ

Digitized by srujanika@gmail.com

ଡଙ୍ଗାର ଶିଉଳିରେ ବସି ତା ଗୀତ ଗାଏ । ତାର ବାରମ୍ବାର ଗାଇବା ଭିତରେ ସେ ଗୀତଟିର ଗୋଟିଏ ସ୍ୱତନ୍ତ୍ର ମାଧୁର୍ଯ୍ୟ ଆସିଯାଇଥିଲା । ଗୀତଟିକୁ ବର୍ତ୍ତମାନ ସେ ନିଜର କରିସାରିଲାଣି; ସତେ ଯେପରି ଗୀତଟି କେବଳ ତାହାରି ପାଇଁ ସ୍ୱତନ୍ତ୍ର ଭାବରେ ଲେଖାଯାଇଥିଲା ।

ପାରିକୁଟ୍ଟୀର ବ୍ୟବସାୟ କେଉଁ ଦିନରୁ ଦେବାଳିଆ ହୋଇଗଲାଣି । ତା ଶୁଖୁଆ ଗୋଦାମ ବି ଭୁଷୁଡ଼ି ପଡ଼ିଲାଣି । ତଥାପି ପାରିକୁଟ୍ଟୀ ଦରିଆକୂଳ ଛାଡ଼ି ଚାଲିଯାଇନାହିଁ । ବୋଧହୁଏ ଯିବାପାଇଁ ତ ଲାଗି ଅନ୍ୟ କୌଣସି ସ୍ଥାନ ନଥିଲା । ସେ ଦରିଆକୂଳ ତମାମ ବୁଲେ । ସବୁବେଳେ ମୁଣ୍ଡଟା ତଳକୁ ନଇଁପଡ଼ିଥାଏ । ମନେହୁଏ ସତେ ଯେପରି ସେ ସେହି ବାଲିରେ ହଜିଯାଇଥିବା କିଛି ଗୋଟିଏ ପଦାର୍ଥ ଖୋଜୁଛି । ଗୋଟିଏ ଦୃଷ୍ଟିରୁ ଦେଖିଲେ କଥାଟା କଣ ସତ ନୁହେଁ କି ? ସେହି ଦରିଆ ବାଲିରେ ତ ତାର ଜୀବନ ହଜିଯାଇଛି ।

ଯେତେବେଳେ କାଳୁତାମ୍ମାକୁ ଅପବାଦ ଦେଇ ଲୋକେ ଆଲୋଚନା କରନ୍ତି ସେତେ-ବେଳେ ପାରିକୁଟ୍ଟୀ କଥା ବି ପଡ଼େ । କିନ୍ତୁ ସେ ଆଲୋଚନା କେବଳ କିଛି ସମୟ ପାଇଁ । ତାପରେ ଲୋକେ ଭୁଲିଯାନ୍ତି । କେତେ ବ୍ୟବସାୟୀ ଯେ ନିଜର ଶୁଖୁଆ ଗୋଦାମ ଖୋଲି ଏଠାରେ କେତେ ଲୀଳା ଲଗାଇଥିଲେ ତାର ହିସାବ ନାହିଁ । କିନ୍ତୁ କେହି ଏଠି ରହିଲେ ନାହିଁ । ଆସିଥିଲେ ଯେପରି ଚାଲିଗଲେ ବି ସେପରି; ଦିନ କେତଟା ପାଇଁ ଲୋକେ ସେମାନଙ୍କ ବିଷୟରେ ବି ଆଲୋଚନା କରିଥିଲେ । କୌଣସି ବ୍ୟବସାୟୀ କଣ ସତରେ କୌଣସି କେଉଟୁଣୀକୁ ପ୍ରେମ କରୁଥିଲା ? ନା, କୌଣସି ଦିନ ଏଠାରେ ଏପରି ଘଟିନାହିଁ ।

ପାରିକୁଟ୍ଟୀର ପ୍ରେମ କାହାଣୀ ଭିତରେ ଯେଉଁ ମର୍ମଭେଦୀ କାରୁଣ୍ୟ ରହିଥିଲା, ସତରେ କେହିହେଲେ ତାହା ହୃଦୟଙ୍ଗମ କରିପାରିନଥିଲେ ।

ଏସବୁ ସତ୍ତ୍ୱେ ଡଙ୍ଗା ଲେଉଟାଣି ବେଳ ହେଲେ ପାରିକୁଟ୍ଟୀ ଦରିଆକୂଳକୁ ଯାଏ, କାରବାର ପାଖରେ ଚାହିଁ ଠିଆହୁଏ । ଏଣ୍ଡେତେଣ୍ଡେ କିଛି ଟିକିଏ ବ୍ୟବସାୟ କରି କୌଣସି ପ୍ରକାର ବଞ୍ଚିଯିବା ଲାଗି ସେ ଦୁଇପଇସା ରୋଜଗାର କରେ ।

ଚେମ୍ପନ କୁଞ୍ଜୁର ଡଙ୍ଗା ଦୁଇଟି ନିକମା ହୋଇ କୂଳରେ ପଡ଼ିଥାଏ । ଅଧିକାଂଶ ସମୟରେ ଦେଖାଯାଏ, ପାରିକୁଟ୍ଟୀ ସେ ଦୁଇଟାକୁ ଚାହିଁ ଠିଆହୁଏ; ବୋଧହୁଏ ଡଙ୍ଗା ଦୁଇଟି ଦେଖି-ଦେଲେ ତାର ପୂର୍ବ ସ୍ମୃତି ମନେପଡ଼ିଯାଏ । ଦିନକର କଥା । ପାରିକୁଟ୍ଟୀ ଡଙ୍ଗା ଦୁଇଟିକୁ ଚାହିଁ କେଉଁ ଏକ ଭାବନାରାଜ୍ୟରେ ବୁଡ଼ିଯାଇଛି । ଏହି ସମୟରେ ଚେମ୍ପନ କୁଞ୍ଜୁ ଆସି ସେଠାରେ ପହଞ୍ଚିଗଲା । ଅନେକ ଦିନ ହେଲା ପାରିକୁଟ୍ଟୀ ଓ ଚେମ୍ପନ କୁଞ୍ଜୁ ଭିତରେ ଭେଟ ହୋଇ ନଥିଲା । ଦୂରରୁ ଚେମ୍ପନ କୁଞ୍ଜୁ ଆସୁଥିବା ଦେଖିଦେଲେ ପାରିକୁଟ୍ଟୀ ବାଟ କାଟି ଅନ୍ୟ ଆଡ଼େ ଚାଲିଯାଉଥିଲା । ସବୁବେଳେ ସେ ତାଠାରୁ ଦୂରେଇ ରହୁଥିଲା । ତା ମନକୁ ନିଶ୍ଚୟ କିଛି ଗୋଟିଏ ପାପ ଛୁଇଁଥିଲା । ସେ ନିଜକୁ ଅପରାଧୀ ବୋଲି ମନେକରୁଥିଲା । ପାରିକୁଟ୍ଟୀ କଣ ସତରେ ଚେମ୍ପନ କୁଞ୍ଜୁ ପାଖରେ ଅପରାଧ କରି ନଥିଲା କି ?

ହଠାତ୍ ଚେମ୍ପନ କୁଞ୍ଜୁ ହାବୁଡ଼ରେ ପଡ଼ିଯାଇ ପାରିକୁଟ୍ଟୀ ବଡ଼ ଅଡ଼ୁଆ ଅନୁଭବ କଲା ।

Digitized by srujanika@gmail.com

ତା ଆଗରେ ଆଉ ସେ ପୁରୁଣା ଚେମ୍ପନ କୁଞ୍ଜୁ ଠିଆହୋଇ ନଥିଲ, ତା ସ୍ୱରୂପ ଦେଖିଲେ ଯେକୌଣସି ଲୋକ କହିବ ଲୋକଟାର ମୁଣ୍ଡ ଖରାପ ହୋଇଯାଇଛି ।

ଚେମ୍ପନ କୁଞ୍ଜୁ ପାଲକୁଞ୍ଚୀର ମୁହଁକୁ ଚାହିଁରହିଲା । କିଛି ସମୟ ଯାଏଁ ଉଭୟେ ଉଭୟଙ୍କୁ ଚାହିଁ ଠିଆହୋଇ ରହିଲେ । ତାପରେ ଚେମ୍ପନ କୁଞ୍ଜୁ ହଠାତ୍ ଏକ ପ୍ରଶ୍ନ ପଚାରିଲା—"ମୋର ତୁମକୁ କେତେଟଙ୍କା ଦବାର ଅଛି ?"

ଏସବୁ ବିଷୟ ମନେରଖିବା ଉପରେ ପାଲକୁଞ୍ଚୀ କୌଣସି ଗୁରୁତ୍ୱ ଦେଇ ନଥିଲା । ସେ ଏସବୁ ଜାଣି ନଥିଲା । ଏ ବିଷୟରେ ତାର ଧାରଣା ହିଁ ନାହିଁ ।

"କେତେ ଟଙ୍କା ?" ଚେମ୍ପନ କୁଞ୍ଜୁ ପୁଣି ଥରେ ପଚାରିଲା ।

ପାଲକୁଞ୍ଚୀ ଯେ କଣ କହିବ କିଛି ବୁଝି ପାରିଲାନାହିଁ । ସେ କୌଣସି ଟଙ୍କାପଇସା ଆଶାକରେ ନାହିଁ । ଚେମ୍ପନ କୁଞ୍ଜୁ ତାଠାରୁ କିଛି କରଜ କରିନାହିଁ । ଏ ବିଷୟରେ କହିବା ଲାଗି ତା ମନକୁ ବହୁତ କିଛି ଆସିଲା; କିନ୍ତୁ କୌଣସି କଥା କହିବାକୁ ସେ ସାହସ ପାଇଲା ନାହିଁ । ତା ମନକୁ ଭୟ ଗ୍ରାସ କରିବାକୁ ବସିଲା, ସତେ ଯେପରି ସେ ନିଜେ ଦେଣାଦାର ହୋଇପଡ଼ିଛି ଏବଂ ତା ମହାଜନ ତାଠାରୁ ଟଙ୍କା ଅସୁଲ କରିବା ଲାଗି ଅଡ଼ି ବସିଛି ।

ସେ ଟଙ୍କା ଦେଣନେଣଟା ସତରେ କାହିଁକି ହୋଇଥିଲା ? କିପରି ହୋଇଥିଲା ?—କାରୁତାମ୍ମା ପାଲକୁଞ୍ଚୀକୁ ପ୍ରେମ କରୁଥିଲା । ପାଲକୁଞ୍ଚୀ ବି କାରୁତାମ୍ମାକୁ ପ୍ରେମ କରୁଥିଲା । ପ୍ରେମକୁସୁମ ବିକଶିତ ହେବାକୁ ବସିଛି, ଏପରି ଅବସ୍ଥାରେ ଚକ୍କୀ ଓ ଚେମ୍ପନ କୁଞ୍ଜୁ ସହିତ ଟଙ୍କା ଦେଣନେଣ ହୋଇଥିଲା । ଟଙ୍କା ଦେବାବେଳେ ବୋଧହୁଏ ଫେରାଇ ନେବାର ଭାବନା ହିଁ ତା ମନରେ ଉଠିନଥିଲା । ସେ ତା'ହେଲେ କାରୁତାମ୍ମାର ବାପା-ମାଆଙ୍କର ମନ କିଣି ନେଇ ଅନାବିଳ ପ୍ରେମଧାରାକୁ ଆହୁରି ସରଳ କରାଇବା ଉଦ୍ଦେଶ୍ୟରେ ହିଁ ଟଙ୍କା ଦେଇଥିଲା; ନା ଆଉ କଣ ? ନା, ଝିଅକୁ ପାଇବା ଲୋଭରେ ବାପାମାଆଙ୍କୁ ଏହା ଏକପ୍ରକାର ଲାଞ୍ଚ ଦିଆଯାଇଥିଲା ? ନା, ନା; ତା' ହୋଇ ନପାରେ । ଅସାଧୁ ଉପାୟରେ କାରୁତାମ୍ମାକୁ ପାଇବା ପାଇଁ ପାଲକୁଞ୍ଚୀ କୌଣସି ଦିନ ଚେଷ୍ଟା କରି ନଥିଲା । ସେ ସେଭଳି ସମ୍ପର୍କ ଚାହିଁ ନଥିଲା । ଅନ୍ୟଜଣେ ଯେତେବେଳେ କାରୁତାମ୍ମାର ହାତ ଧରି ତା ନିଜ ଘରକୁ ନେଇଗଲା, ସେତେବେଳେ କଣ ସେ ଟଙ୍କା ଫେରାଇ ଦିଅ ବୋଲି ଧରି ବସି ନଥାନ୍ତା ? ସେ କଣ ସେପରି କିଛି କଲା ? ଉଦ୍ଦେଶ୍ୟ ସଫଳ ନହେଲେ, ଲାଞ୍ଚ ଟଙ୍କାଟା ଫେରାଇ ନେବାକୁ ମଣିଷ କଣ ଅଡ଼ି ବସେ ନାହିଁ ? ଯଦି ଧରାଯାଏ ଯେ ସେ ସେହି ଉଦ୍ଦେଶ୍ୟରେ ଟଙ୍କା ଦେଇଥିଲା, ତେବେ ମନେରଖିବା ଉଚିତ ଯେ ସେ କିଛି ଲୁଚାଇ ଛପାଇ କାରୁତାମ୍ମାକୁ ଟଙ୍କା ଦେଇ ନଥିଲା । ସେହି ଟଙ୍କା ଦେଇ ସେ ସର୍ବସ୍ୱାନ୍ତ ହୋଇଗଲା । ପିନ୍ଧିଥିବା ଲୁଗା ଦୁଇଖଣ୍ଡ ଛାଡ଼ି ଦେଲେ ବର୍ତ୍ତମାନ ତାର ନିଜର ବୋଲି ଆଉ କିଛିନାହିଁ । ତାର ଘରବାରି ସବୁ ବନ୍ଧା ପଡ଼ିସାରିଥିଲା । ଜୀବନରେ ତାର ଆଉ ଆଶା ବୋଲି କିଛି ନଥିଲା ।

ସ୍ଲେଟ ଶୁଖୁଆଗୋଦାମଟିଏ ଖୋଲି କଣ ଆଉ ଥରେ ନୂଆ କରି ଜୀବନଯାତ୍ରା ଆରମ୍ଭ

Digitized by srujanika@gmail.com

କରାଯାଇ ପାରନ୍ତା ନାହିଁ ? ଆଉ କିଛି ନ ହେଉ, ବଞ୍ଚିଥିବା ଯାଏଁ କୌଣସି ପ୍ରକାରେ ଗଣ୍ଡିଏ ଖାଇ ଖଣ୍ଡିଏ ପିନ୍ଧି ଚଳିଯାଇ ହୁଅନ୍ତା ନାହିଁ ? କାରୁତାମ୍ମା ତ ଆଉ କଦାପି ତାର ହୋଇ ପାରିବ ନାହିଁ । ଜୀବନର ସେ ଅଧ୍ୟାୟଟି ଭୁଲିଯିବା ବ୍ୟତୀତ ତାର ଅନ୍ୟ ଉପାୟ ନଥିଲା । ଏତେ ଦାରୁଣ ଆଘାତ, ଏତେ ତିକ୍ତ ଅନୁଭୂତି ସତ୍ତ୍ୱେ ମଣିଷ ନିଜକୁ ବଦଳାଇ ହୁଅନ୍ତା ନାହିଁ ନା ? କିନ୍ତୁ ନା, ଆଜି ବି ପାରିକୁଟ୍ଟୀ ବଦଳିନାହିଁ । ଆଜି ବି ସେ ଜଣେ ତରୁଣ ପ୍ରେମିକ; ଜଣେ ନିର୍ଗୁଣ ପ୍ରେମିକ ।

ଚେମ୍ବନ କୁଞ୍ଜୁ ଅଣ୍ଟାରୁ ଟଙ୍କାଗାଣ୍ଠିଆ ବାହାରକଲା । ସେ ପୁଣିଥରେ ପଚାରି ବସିଲା, "କେତେ ଟଙ୍କା ପାଇବ କହ ?"

ପାରିକୁଟ୍ଟୀ ମୁହଁରୁ ଉତ୍ତର ବାହାରିଲା ନାହିଁ । ସେ ଅପରାଧୀଙ୍କ ପରି ଠିଆହୋଇ ରହିଲା ।

ଚେମ୍ବନ କୁଞ୍ଜୁ କହିଲା, "ଭାବିଥିଲି, ତେମେ ଜଣେ ସିଧାସଳଖ ମଣିଷ । କିନ୍ତୁ ନା, ତେମେ ତା' ନୁହଁ ।"

ହାୟ !! ବିଚରା କି ଦୋଷ କରିଥିଲା ଭଲା ! ସେ କଣ କାରୁତାମ୍ମାକୁ ଭୁଲାଇ ମଙ୍ଗାଇ କେଉଁଆଡ଼େ ନେଇ ପଳାଇଥିଲା ? ବିବାହବେଳେ ସେ କଣ କିଛି ପ୍ରତିବନ୍ଧକ ସୃଷ୍ଟି କରିଥିଲା ? କାରୁତାମ୍ମାର ବୈବାହିକ ଜୀବନରେ ହସ୍ତକ୍ଷେପ କରି ସେ କଣ ତାକୁ କିଛି ଅସୁବିଧାରେ ପକାଇଲା ? ତାହାହେଲେ ତାର ଦୋଷଟା କଣ ?

ପ୍ରେମ କରିବାଟା ତାର ନିଜର ଅସ୍ୱାଧୀନ ନୁହେଁ । ସେ କାରୁତାମ୍ମାକୁ ସ୍ୱଭାବତଃ ପ୍ରେମ କରୁଥିଲା; କାରୁତାମ୍ମାକୁ ବା ତାର କୁଳକୁଟୁମ୍ବକୁ ନିନ୍ଦା ଶୁଣାଇବା ଲାଗି ତ ସେ ପ୍ରେମ କରି ନଥିଲା । ସେ ଜନ୍ମ ହୋଇଥିଲା ପୁରୁଷ ହୋଇ ଏବଂ ପ୍ରେମ କରିଥିଲା ଜଣେ ନାରୀକୁ । ତା' ସତ୍ତ୍ୱେ ସେ ତ ନିଜକୁ ସେହି ନାରୀଠାରୁ ବହୁତ ଦୂରରେ ରଖିଥିଲା ।

ତଥାପି ପାରିକୁଟ୍ଟୀ ଅପରାଧୀଙ୍କ ପରି ଠିଆହୋଇ ରହିଲା ।

ଚେମ୍ବନ କୁଞ୍ଜୁ ପଚାରିଲା, "ମୋ ଝିଅକୁ ପାଇବା ଲୋଭରେ ତେମେ ଟଙ୍କା ଦେଇଥିଲ; ସତ ନା ନୁହଁ ?"

ପାରିକୁଟ୍ଟୀର ଜିଭ ଅଗକୁ 'ନାଁ' ବୋଲି ଶବ୍ଦଟି ଚାଲିଆସିଲା । କିନ୍ତୁ ପଦଟା ପାଟିରୁ ବାହାରିଲା ନାହିଁ । ଅଭିଯୋଗଟାକୁ ସେ ଦୃଢ଼ଭାବରେ ଅସ୍ୱୀକାର କରନ୍ତା ନାହିଁ ନା ? କିନ୍ତୁ ସେ ତାହା କଲାନାହିଁ ।

ଚେମ୍ବନ କୁଞ୍ଜୁ କହିଚାଲିଲା, "ମାଗିବା ମାତ୍ରେ ତେମେ ତମର ସବୁକିଛି ମତେ ଦେଇ ଦେଲ । ଟିକିଏ ବି ଅଟକେଇଲ ନାହିଁ । ଭାବିଲି ଲୋକଟା ଭଲ, ନ ହେଲେ ଏ ଇମିତି ହୁଅନ୍ତା ? କିନ୍ତୁ ନା । ତମ ମନରେ ଦୋଷବି ମତଲବ ଥିଲା ।"

ଗାଣ୍ଠିଆ ଖୋଲି ଟଙ୍କା ଗଣିବାକୁ ଆରମ୍ଭ କରୁ କରୁ ଚେମ୍ବନ କୁଞ୍ଜୁ ପଚାରିଲା, "ମୋର କେତେ କ୍ଷତି କଲ, କିଛି ଧାରଣା କରିପାରୁଛ ? କିଛି ବୁଝି ପାରୁଛ ?"

Digitized by srujanika@gmail.com

ପାରିକୁଟ୍ଟୀ ନିଶ୍ଚଳ ନିର୍ବିକାର ଭାବରେ ପଥର ପ୍ରତିମାପରି ଠିଆହୋଇ ରହିଲା । ଚେମ୍ପନ କୁଞ୍ଜୁର ଆଖି ଲୁହଛଳଛଳ ହୋଇ ଆସିଲା । ସେ କହିଚାଲିଲା—"ତେମେ ବୁଝିପାରିବନି; ତେମେ ବୁଝିପାରିବନି । ତେମେ କିମିତି ବୁଝିବ ? ତେମେ ତ ମଣିଷ ନୁହଁ, ତେମେ ପିଶାଚ ।"

ତଥାପି ପାରିକୁଟ୍ଟୀ ଚୁପ୍ ହୋଇ ଠିଆହୋଇ ରହିଲା ।

"ତେମେ ଗୋଟେ ଘର ଭାଙ୍ଗିଦେଲ । ଗୋଟେ କୁଟୁମ୍ବକୁ ମାଟିରେ ମିଶେଇଦେଲ । ମୋର ସର୍ବନାଶ କରିଦେଲ ତେମେ । ତମରି ଲାଗି କେତେ ଲୋକଙ୍କର ସର୍ବନାଶ ହେଇଗଲା ଜାଣିଛ ? ମୋର ଏତେ ଆଦରର ଝିଅ କାରୁତାମ୍ମା ଏଇ ଦରିଆକୂଳରେ କେଡ଼େ ଖୁସିରେ ଖେଳି ବୁଲୁଥିଲା -- ତେମେ ତାକୁ ନଷ୍ଟ କରିଦେଲ ।"

ଚେମ୍ପନ କୁଞ୍ଜୁର କଣ୍ଠ ଥରିଉଠିଲା । ଥରିଲାଗଳାରେ ସେ କହିଉଠିଲା, "ସତ କହ, ସେଇ ଛୁଆବେଳୁ, ଯୋଉ ଦିନୁ ତେମେ ତା ସାଙ୍ଗରେ ଖେଳିବାକୁ ଆସିଲ; ସେହି ଦିନୁ ତାର ସର୍ବନାଶ କରିଦେଇଛ ନା ନାହିଁ ?"

କଥାଟା ସତ । ପାରିକୁଟ୍ଟୀ ଯଦି କାରୁତାମ୍ମାକୁ ପ୍ରେମ କରି ନଥାନ୍ତା, ତେବେ ଏ କୌଣସିଟା ଘଟି ନଥାନ୍ତା । ଗୋଟିଏ ସରଳ ସୁନ୍ଦର କେଉଟ ପରିବାର ଏ ସମୁଦ୍ରକୂଳରେ ନିୟମିତ ପରିଶ୍ରମ କରି ସଂଯତ ଜୀବନଯାପନ କରି ନିଶ୍ଚୟ ସମୃଦ୍ଧ ହୋଇଉଠନ୍ତା । କେଉଟ ଚେମ୍ପନ କୁଞ୍ଜୁ କଣେ ଶକ୍ତସମର୍ଥ ମଣିଷ; ପ୍ରକୃତି ସହିତ ସଂଗ୍ରାମ କରିବାରେ ତାର ଅଜସ୍ର ଅନୁଭୂତି, ତାର ବିପୁଳ ଜ୍ଞାନ । ତା'ପରି ଜଣେ ଲୋକର ଜୀବନ ଏପରି ଭାବରେ ନଷ୍ଟ ହୋଇ ଯାଇ ନଥାନ୍ତା । ଚେମ୍ପନ କୁଞ୍ଜୁର ଆଉ ନିଜର ବୋଲି ଅଛି କିଏ ? ଭାର୍ଯ୍ୟା ଚାଲିଗଲା । ସନ୍ତାନ-ସନ୍ତତି ବି ଚାଲିଗଲେ । ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ବୋଲି ଆଜି ତାର କେହି ବୋଲି କେହି ନାହିଁ । ସ୍ୱାମୀ-ସ୍ତ୍ରୀ ଦୁଇପ୍ରାଣୀ ମିଶି ଜୀବନସାରା ଖଟି ଖଟି ଯାହା କିଛି କମାଇଥିଲେ ସେ ସବୁକୁ ଯଦି ଆଜି ହିସାବ କରାଯାଏ ତେବେ ସଂସାରରେ ତାର ବୋଲି ଅଛି ମାତ୍ର ପାଞ୍ଚହି ପଞ୍ଚାନବେଟା ଟଙ୍କା ଏବଂ ଶୁଝିବାପାଇଁ ରହିଛି ଗୋଟିଏ ପୁରୁଣା ଋଣ ।

ଗୋଟାଏ ଦୁଷ୍ଟ ଵିଷାକ୍ତ କୀଟପରି ପାରିକୁଟ୍ଟୀ ତାର ପରିବାରଟାକୁ କୋରିକୋରି ଖାଇ-ଯାଇଛି । ଚେମ୍ପନ କୁଞ୍ଜୁର କଥାଗୁଡ଼ାକ ମିଛ ନୁହେଁ । ପାରିକୁଟ୍ଟୀ ଭିତରେ ମଣିଷପଣିଆ ବୋଲି ଯଦି କାଣିଚାଏ ଥିବ, ତେବେ ସେ ବୁଝି ପାରୁଥିବ ଗୋଟାଏ କୁକ୍ଷଣରେ ହିଁ ସେ ତା ବାପାଙ୍କ ହାତଧରି ପ୍ରଥମ କରି ସେହି ସମୁଦ୍ରକୂଳକୁ ବୁଲିଆସିଥିଲା । ସେ ଦିନଟା ନିଶ୍ଚୟ ଗୋଟାଏ ଅଭିଶାପର ଦିନ । ସେହି ଦିନରୁ ହିଁ ଚେମ୍ପନ କୁଞ୍ଜୁର ପରିବାରରେ ଦୁର୍ଭାଗ୍ୟ ପ୍ରବେଶ କରିଗଲା । କାରୁତାମ୍ମା ସେତେବେଳକୁ କୁନି ଝିଅଟିଏ । ବାପାମାଆଙ୍କର ସେହି ଅଲଅଲ କୁନି ଝିଅଟି ସମୁଦ୍ରକୂଳକୁ ଆସିଥିଲା ଶିପ ଗୋଟାଇବାକୁ । ଶିପ ଗୋଟାଉ ଗୋଟାଉ ସେ ବିହ୍ୱଳ ହୋଇ ବିସ୍ଫାରିତ ନୟନରେ ଚାହିଁରହିଥିଲା ପାରିକୁଟ୍ଟୀକୁ । ହାତରେ ତାର

Digitized by srujanika@gmail.com

ଗୋଟାଛ ଧରିଥିଲା ଗୋଟିଏ ଗ୍ରେଟ ନାଲି ଶିପ । ପାରିକୁଟ୍ଟୀ ମାଗିଥିଲା, "ମତେ ତୋ ନାଲି ଶିପଟି ଦବୁନି ?"

ବିମୁଗ୍ଧ କାରୁତାମ୍ମା ତା ହାତକୁ ଟେକି ଦେଇଥିଲା ସେହି ନାଲି ଶିପଟି ଏବଂ ସେହି ଶିପଟି ସହିତ ପାରିକୁଟ୍ଟୀକୁ ସମର୍ପି ଦେଇଥିଲା ତାର ସମସ୍ତ ହୃଦୟ ।

ଚେମ୍ବନ କୁଞ୍ଜୁ କହିଲା, "ମୋ ଜୀବନରେ ଆଉ ଗୋଟିଏ ମାତ୍ର କାମ ବାକି ଅଛି । ତମ ଦେଣାଟା ଶୁଝିଦେଲେ ମୋର ସରିଲା । ମୋର ସର୍ବନାଶ କରିଦେବା ଲାଗି, ମୋ ଝିଅକୁ ପାଇବା ଲାଗି ତେମେ ଯଉଁ ଟଙ୍କା ଦେଇଥେଲ ସେହି ଟଙ୍କା ହେଉଛି ନିଅ ।"

ପାରିକୁଟ୍ଟୀ ଆଡ଼କୁ ସେ ଟଙ୍କା ତାଡ଼ାଟା ବଢ଼ାଇଦେଲା । ପାରିକୁଟ୍ଟୀ କିନ୍ତୁ ନିଶ୍ଚଳ ହୋଇ ପୂର୍ବପରି ଠିଆ ହୋଇରହିଲା ।

"ନିଅ, ତମ ଟଙ୍କା ନିଅ ।"—ଗୋଟାଏ ଚିତ୍କାର କରିଉଠିଲା ଚେମ୍ବନ କୁଞ୍ଜୁ ।

ଚିତ୍କାର ତ ନୁହେଁ, ଏକ ଭୀଷଣ ଆଦେଶ । ପାରିକୁଟ୍ଟୀ ଯନ୍ତ୍ରଚାଳିତବତ୍ ହାତ ବଢ଼ାଇ ଦେଲା । ଚେମ୍ବନ କୁଞ୍ଜୁ ସେହି ହାତରେ ଟଙ୍କାତକ ଥୋଇଦେଲା ।

"ସେତକ—ମୋ ପାଖରେ ସେତକ ହିଁ ଥିଲା । ତେମେ କେତେ ଟଙ୍କା ଦେଇଥେଲ ମୁଁ ତାର ହିସାବ ରଖିନି; ମୋର ମନେନାହିଁ । ସେ ହିସାବ ଚକ୍କି ରଖେ । ଏତକରେ ଯଦି ତମ ଟଙ୍କା ପରିଶୋଧ ହଉନି ତାହେଲେ ମୁଁ ସେଥିକି କଣ କରିବ ?"—କହି ଚେମ୍ବନ କୁଞ୍ଜୁ ସେଠାରୁ ଚାଲିଗଲା ।

ନିଜ ହାତକୁ ଚାହିଁ, ହାତରେ ଧରିଥିବା ଟଙ୍କାକୁ ଚାହିଁ ପାରିକୁଟ୍ଟୀ ସେପରି ଠିଆହୋଇ ରହିଲା । ସମୁଦ୍ର ପବନରେ କାଗଜନୋଟର ଧାରଗୁଡ଼ାକ ଫରଫର ହୋଇ ଉଡ଼ୁଥାଏ । ସେ ଟଙ୍କା ତାର କଣ ହେବ ? କଣ କରିବ ସେ ଏ ଟଙ୍କା ନେଇ ? ସେ କଣ କେବେ-ହେଲେ ଏ ଟଙ୍କା ଧାର ଦେଇଛି ବୋଲି ଭାବିଥିଲା ? ସେ କଣ କୌଣସି ଦିନ ଏ ଟଙ୍କା ଫେରି ପାଇବା କଥା ଭାବିଥିଲା ? ତା' ହେଲେ ଏ ଟଙ୍କା କାହାର ?

ହଠାତ୍ କାହାର ଅଟ୍ଟହାସ ଶୁଣିବାକୁ ପାଇ ପାରିକୁଟ୍ଟୀ ଚମକିପଡ଼ିଲା । ସେ ଚାରିଆଡ଼କୁ ଚାହିଁଲା, ଅଦୂରରେ ବାଲିଉପରେ କିଳାରେ ବନ୍ଧା ହୋଇ ରହିଥିଲା ଚେମ୍ବନ କୁଞ୍ଜୁର ଡଙ୍ଗା । ଅନେକ ଦିନ ଧରି ଡଙ୍ଗାଟି ସେଠାରେ ନିକମା ହୋଇ ପଡ଼ି ରହିଥିଲା । ଡଙ୍ଗାର ମୁହଁଟି ଟେକି ହୋଇ ରହିଥିଲା ଉପରକୁ ଏବଂ ପିଛଟି ନଇଁଯାଇଥିଲା ତଳକୁ । ଦେଖିଲେ ମନେ-ହେଉଥିଲା ଡଙ୍ଗାଟି ଯେପରି ମୁଣ୍ଡଟେକି ଏକଧ୍ୟାନରେ ସମୁଦ୍ରକୁ ଚାହିଁରହିଛି ଏବଂ ସମୁଦ୍ରର ଦୂରଚକ୍ରବାଳରୁ କିଏସେ ଯେପରି ତାକୁ ହାତଠାରି ଆହ୍ୱାନ କରୁଛି । ସେହି ଅତଳ ସାଗର, ସେହି ସୁଦୂର ଚକ୍ରବାଳ ସମସ୍ତେ ତାର ପରିଚିତ, ଅତି ପରିଚିତ । ତାର ସବୁ ଲୀଳାଖେଳା ଏହି ସମୁଦ୍ରରେ; ତାର ଜୀବନଟା ତ ଏହି ସମୁଦ୍ର ପାଇଁ । ସେ ଡଙ୍ଗା ଦିନେ ଥିଲା ପାଲ୍ଲିକୁନ୍ନାଥ କାଣ୍ଡାନ୍‌କୋରନ୍ ପରି ଜଣେ ବିଖ୍ୟାତ ଲୋକର ଡଙ୍ଗା । ସେ ଡଙ୍ଗା ଯେତେଥର ସମୁଦ୍ରକୁ ଯାଇଛି, ସେତେଥର ସମୁଦ୍ରକୂଳରେ ଥିବା ସବୁ ଡଙ୍ଗା ଅପେକ୍ଷା ବେଶୀ ମାଛଧରି ଫେରିଛି ।

Digitized by srujanika@gmail.com

ତା ଦେହରେ ଗୋଟିଏ ଶ୍ରୀ ରହିଥିଲା । ସମୁଦ୍ରକୂଳରେ ନାଚକୁଦ ଖେଳିବା ଲାଗି ମନ ତାର ଆଜି ଛଟପଟ ହେଉଛି । କେହି ଯଦି ସାମାନ୍ୟ ଟିକିଏ ଠେଲିଦିଅନ୍ତା, ତାହାହେଲେ ସେ ଡେଇଁପଡ଼ନ୍ତା ସମୁଦ୍ର ଭିତରକୁ । ତାପରେ ତାକୁ ଆଉ ସମ୍ଭାଳେ କିଏସେ ! ଲହରୀଚୂଳରେ ନାଚନାଚ ଖିଲ୍‌ଖିଲ୍ ହୋଇ ହସି ହସି ସେ ମାଡ଼ିଯାଆନ୍ତା ମଝିଦରିଆକୁ ।

ଡଙ୍ଗାର ଗିଣ୍ଟିଟି ଗୋଟିଏ କରକୁ ଢଳିପଡ଼ିଥାଏ, ଦେଖିଲେ ମନେହୁଏ ସତେ ଯେପରି ସେ କହିବାକୁ ଚେଷ୍ଟା କରୁଛି, "ବିଦାୟ ବନ୍ଧୁ, ବିଦାୟ !"

ସେହି ଡଙ୍ଗାଟିର ଆରକରରୁ ଶୁଣାଯାଉଥିଲା ଚେମ୍ପନ କୁଞ୍ଜୁର ବିକଟ ଅଟ୍ଟହାସ । ସେ ଅଟ୍ଟହାସରୁ ମନେହେଉଥିଲା ସତେ ଯେପରି ତାହା ମୃତ୍ୟୁର ପୈଶାଚିକ ଅଟ୍ଟହାସ ।

କୋଡ଼ିଏ

ଦୁଇ ଭଉଣୀ ଗଭୀର ଆବେଗରେ ପରସ୍ପରକୁ ଜାବୋଡ଼ି ଧରିଲେ । କେତେ ସମୟ ଧରି ଯେ ସେମାନେ ପରସ୍ପରକୁ ଏପରି ଭାବରେ ଜାବୋଡ଼ି ଧରିଲେ ତାହା ସେମାନେ ନିଜେ ବି ଜାଣିପାରିଲେ ନାହିଁ । ଉଭୟଙ୍କ ଆଖିରେ ଲୁହ । ବାପାଙ୍କ ସାବତମାଆଠାରୁ ଅଲଗା କରିଦେବାଲାଗି ପଞ୍ଚମୀର ସମସ୍ତ ଯୋଜନା ଯେତେବେଳେ ବିଫଳ ହୋଇଗଲା ସେତେବେଳେ ସେ ସିଧା ଚାଲିଆସିଲା ତ୍ରିକୁନ୍ନାପୁଝା । ବିଚାରି ଆଉ ଯାଆନ୍ତା କେଉଁଠିକି ?

ନିବିଡ଼ ଆଲିଙ୍ଗନ ଭିତରେ ଦୁଇଭଉଣୀ ଯେତେବେଳେ ପରସ୍ପରକୁ ଭୁଲିଯାଇଥିଲେ, ପାଲାନି ସେତେବେଳେ ଏକଧ୍ୟାନରେ ଚାହିଁରହିଥିଲା ସେମାନଙ୍କୁ । ସେ କୋଳରେ ଧରିଥିବା ଛୁଆଟି ଆନନ୍ଦରେ କଳନାଦ କରୁଥିଲା ।

"ଆରେ ଇଏ କିଏସେ ? ପଞ୍ଚମୀ ? ଆଲୋ, ତୁ କମିତି ଚାଲିଆସିଲୁ ?"

ମୁହଁରୁ ଉତ୍ତର ବାହାରିବା ପୂର୍ବରୁ କାରୁତାମ୍ମା ଛୁଆଟିକୁ ନିଜ କୋଳକୁ ନେଇଆସିଲା । ସଙ୍ଗେ ସଙ୍ଗେ ଛୁଆଟି ମାଆ କୋଳ ଛାଡ଼ି ପଞ୍ଚମୀ କାଖକୁ ଚାଲିଗଲା ।

"ଦେଖିଲ, ମାଉସୀ ଉପରେ ମୋ ମାଆର କେଡ଼େ ସରାଗ ।"

ପଞ୍ଚମୀ ଛୁଆଟିର ଦେହଟା ସାରା ଚୁମାରେ ଚୁମାରେ ବୁଡ଼ାଇଦେଲା । ଏହି ମଧୁର ମିଳନଂ ପାଇଁ ସେ କେତେ ସ୍ୱପ୍ନ ନଦେଖିଛି !

ଘର ବିଷୟ, ଗାଆଁର ବିଷୟ, ଲୋକଙ୍କ ବିଷୟ ନେଇ ପଞ୍ଚମୀକୁ ଅନେକ କଥା ପଚାରିବାର ଥିଲା କାରୁତାମ୍ମାର । ପଞ୍ଚମୀର ବି ଅନେକ କଥା କହିବାର ଥିଲା, ବହୁତ କିଛି ଶୁଣାଇବାର ଥିଲା । କିନ୍ତୁ ପାଲାନିକୁ ସେଥିରୁ କୌଣସିଟା ଶୁଣିବାକୁ ଭଲଲାଗେନା । କେବଳ କିଣ

Digitized by srujanika@gmail.com

ସେଥିକି ? ସେ ଏ ସବୁକୁ ଘୃଣା କରେ । ଝିରକୁନାମ ଗାଆର ନାଁଟା ପର୍ଯ୍ୟନ୍ତ ସେ ସହ୍ୟ କରିପାରେ ନାହିଁ—ହଁ, ପଞ୍ଚମୀ ଉପରେ ଅବଶ୍ୟ ତାର ରାଗ ନାହିଁ । ତା' ଦୋଷ କଣ ? ସେ ବିଚ୍ଛିନ୍ନ ଅମାୟିକ ଝିଅଟିଏ । ତଥାପି ସେ ଆସିଛି କେଉଁଠୁ ? କାହା ଖବର ନେଇ ସେ ଏଠାକୁ ଆସିଛି ? ତେଣୁ ପଞ୍ଚମୀ କେବଳ ନିରପରାଧ ଝିଅଟିଏ ହୋଇ ଆସି ନାହିଁ । ପାଲନ ଦୃଷ୍ଟିରୁ ପଞ୍ଚମୀ ଆସି ସେ ଘରେ ପାଦ ଦେବା ସଙ୍ଗେ ସଙ୍ଗେ ସେ ଘରେ ଗୋଟିଏ ଅଶୁଭ ଛାୟା ଆସି ପ୍ରବେଶ କରିଛି, ଏଥର ପାଲନ ଯାହାସବୁ ଘୃଣାକରେ ସେସବୁ ଆସି କାରୁତାମ୍ପାର ପବିତ୍ର ଜୀବନକୁ ଦୂଷିତ କଳଙ୍କିତ କରିଦେବ । ପଞ୍ଚମୀକୁ ଦେଖି କାରୁତାମ୍ପାର କେତେ କଣ ସ୍ମୃତି ମନେନପଡ଼ିବ ? କାରୁତାମ୍ପା କେତେ କଣ ନ ପଚାରିବ ? ବିଶେଷ କରି କାହା କାହା କଥା ପଚାରି ବୁଝିବ ? ପଞ୍ଚମୀର ଆଗମନଟା ପାଲନକୁ ମୋଟେ ଭଲ ଲାଗିଲା ନାହିଁ ? ତାର ସବୁ ଆନନ୍ଦ, ସବୁ ଉତ୍ସାହ ଉଭେଇ ଗଲା । ତାର ସୁଖର ସଂସାରରେ ପୁଣି ଥରେ ଗୋଟିଏ ପାପଚ୍ଛାୟା ଆସି ପଡ଼ିଗଲା । ଘରୁ ସୁଖଶ୍ରୀ ଛାଡ଼ି ପଳାଇଗଲା । ଛୁଆଟା ଆଗେ ମୋଟେ କାନ୍ଦୁ ନ ଥିଲା । ଏଥର ସେ ବି କେଁକେଁ କରି କାନ୍ଦିଲାଣି ।

ମନ ଭିତରେ ନାନାପ୍ରଶ୍ନର ଭିଡ଼ ଚାଲିଥିଲେ ବି କାରୁତାମ୍ପା କୌଣସି ପ୍ରଶ୍ନ ପଚାରି ପାରିଲା ନାହିଁ; କୌଣସି କଥା କହିପାରିଲା ନାହିଁ । ଅନ୍ତର୍ଦ୍ୱନ୍ଦ୍ୱ ଭିତରେ ତାର ମନେହେଲା ସେ ଶ୍ୱାସରୁଦ୍ଧ ହୋଇଯିବ । କିନ୍ତୁ ପାଲନ ଅନ୍ୟ କେଉଁଆଡ଼େ ଗଲେ ତ ସେ ଯାହା କିଛି ପଚାରିବ ? ସେ ପର୍ଯ୍ୟନ୍ତ ତାକୁ ଅପେକ୍ଷା କରିବାକୁ ପଡ଼ିବ । ପାଲନ କିନ୍ତୁ ମୋଟେ ଘର ଛାଡ଼ି ବାହାରକୁ ଗଲା ନାହିଁ; ଦୁଇ ଭଉଣୀଙ୍କ କଥାଭାଷା ହେବା ଲାଗି ମୋଟେ ସୁଯୋଗ ମିଳିଲା ନାହିଁ । ଅନ୍ତର୍ବେଦନାର କ୍ରମାଗତ ଧକ୍କାରେ କାରୁତାମ୍ପା ଅସ୍ଥିର ହୋଇ ପଡ଼ିଲା, ଅତି ସାମାନ୍ୟ ସାମାନ୍ୟ କଥାରେ ବି ବିଚଳିତ ହେବାକୁ ଲାଗିଲା । ପାଲନ ଅବସ୍ଥା ବି ସେଇଆ; ସେ ବି କଥା-କଥାକେ ଚିଡ଼ି ଉଠିଲା । ମନେହେଲା ସ୍ୱାମୀ-ସ୍ତ୍ରୀ ଭିତରେ ଏହି ମୁହୂର୍ତ୍ତରେ କଳିଲାଗିଯିବ ।

ଅପାକୁ କୌଣସି ପ୍ରକାରେ ଟିକିଏ ନିରୋଳାରେ ପାଇ ପଞ୍ଚମୀ ଧୀରେ ଧୀରେ ପଚାରିଲା, "ଅପାଲୋ, ତୋ ଭିତରଟା ଭାରି ନିଷ୍ଠୁର ।"

"କାହିଁ କଣ ହେଲା କି ? ଏ କଥା କାହିଁକି କହୁଚୁ ?"

"ତୁ ତ କାହିଁ ବାପାଙ୍କ କଥା ପଦଟିଏ ବି ପଚାରିଲୁ ନାହିଁ ?"

କାରୁତାମ୍ପା ଆଖିଠାରି ଜଣାଇ ଦେଲା. "ଚୁପ୍ ହ ତୋ ଭିଣେଇ କାନେ ଶୁଣିବେ ।"

ଉପରବେଳାକୁ ପାଲନ କହିଲା ସେ ଟିକିଏ ସଅଳ ସଅଳ ଦରିଆକୁ ଚାଲିଯିବ । ସେ ତା କଣ୍ଡା ଗୁଡ଼ାକରେ ଥୋପ ବାନ୍ଧି ପକାଇ ସବୁ ଠିକ୍‌ଠାକ୍ କରି ରଖିଲା । କାରୁତାମ୍ପା ବି ହାତ ଚଞ୍ଚଳ କରି ସଅଳ ସଅଳ ରନ୍ଧାବଢ଼ା ସାରିଦେଲା । ଏଥର ଯାଇ ମନରେ ଟିକିଏ ଆଶ୍ୱାସନା ମିଳିଲା, ଏଥର ପଞ୍ଚମୀ ସାଥିରେ ଦୁଇପଦ ମନଖୋଲା କଥାଭାଷା କରିହେବ । ମାତ୍ରଅନ୍ଧାର ଗାଢ଼ ଆସୁ ଆସୁ ପାଲନ ଦରିଆକୁ ବାହାରି ପଡ଼ିଲା । ଝିଅକୁ କୋଳରେ ନେଇ କାରୁତାମ୍ପା ଯାଇ ଦରିଆ କୂଳରେ ଠିଆ ହେଲା । ଛୁଆଟି ଦୁଇହାତ ଟେକି ବାପାଙ୍କ ଉଦ୍ଦେଶ୍ୟରେ

Digitized by srujanika@gmail.com

ହଲାଇବାକୁ ଲାଗିଲା । ସବୁଦିନ ସେ ଏହି ସ୍ଥାନରେ ବାପାଙ୍କୁ ବିଦାୟ ଦିଏ । ପାଳନି ବି ଡଙ୍ଗାରେ ବସି ହାତ ଟେକି ହଲାଇ ହଲାଇ ସେଠାରୁ ବିଦାୟ ନିଏ । ଆଜି କିନ୍ତୁ ସେ ସେଥି ଉଦ୍ଦେଶ୍ୟରେ ହାତ ଟେକି ହଲାଇଲା ନାହିଁ । ପାଣିକୁ ଓହ୍ଲାଉ ଓହ୍ଲାଉ ଡଙ୍ଗା ପଶ୍ଚିମ ପଥରେ ମାଡ଼ି ଚାଲିଲା । ପାଳନି ଆଜି ଅନ୍ୟାନ୍ୟ ଦିନ ଅପେକ୍ଷା ଅଧିକ ବେଗରେ ଆହୁଲା ପକାଇ ଡଙ୍ଗା ବାହି ନେଲା ।

ମନଖୋଲା କଥାବାର୍ତ୍ତା କରିବା ଲାଗି ସୁଯୋଗ ପାଇ ପଞ୍ଚମୀ କାରୁତାମ୍ମା ଆଗରେ ଗୋଟି ଗୋଟି କରି ସବୁ ଖବର କହିଗଲା । ମାଆ କିପରି ମରିଗଲା, ମରିବା ଆଗରୁ କିପରି ନାଲପେନ୍ନ୍ ମାଉସୀ ହାତରେ ପଞ୍ଚମୀକୁ ଟେକି ଦେଇ ଯାଇଥିଲା, ଆଉ ଥରେ ବାହା ହେବାଲାଗି କିପରି ବାପାଙ୍କୁ କହିଥିଲା, ପଞ୍ଚମୀ ସେ ସବୁକଥା ବନେଇ ଚୁନେଇ କହିଗଲା ।

“ହଁ । ମାଆ ରୋଗରେ ପଡ଼ିଥାଏ, ଦିନେ ପାରିକୁଟ୍ଟୀ ମୁଥାଲାଳୀ ବି ମାଆକୁ ଦେଖିବାକୁ ଆସିଥିଲେ ।”

କାରୁତାମ୍ମାର ଛାତି ଭିତରଟା ଧକ୍ ଧକ୍ କରି ଥରି ଉଠିଲା । ସେ ଏ ବିଷୟଟାକୁ ଏଡ଼ାଇ-ଦେବା ଲାଗି ଅନ୍ୟ କିଛି ଗୋଟିଏ ବିଷୟ ଆରମ୍ଭ କରିବାକୁ ବସିଲା ।

ବିସ୍ମିତ ହୋଇ ପଞ୍ଚମୀ ପଚାରିଲା, “ତୁ ଜାଣ, ତାଙ୍କ କଥା ଶୁଣିବାକୁ ଚାହୁଁନୁ ?”

ଏ ପ୍ରଶ୍ନଟି ନ ଶୁଣିଥିବା ପରି ଭାବ ଦେଖାଇ କାରୁତାମ୍ମା କହିଲା, “ମାଆ ମରିଗଲା ପରେ ମତେ ତେମେ ଟିକିଏ ଖବର ବି ଦେଲନି ଲୋ ?”

“ସମସ୍ତେ ପରା ମନାକଲେ, କହିଲେ ସେଠିକି ଖବର ଦବା ଲୋଡ଼ା ନାହିଁ ।”

“ସମସ୍ତେ ?”

“ହଁ, ହଁ, ସମସ୍ତେ ତୋରି ନିନ୍ଦା କଲେ । କହିଲେ ସେଇଟାର ଦରଦ ନାହିଁ । ଭାରି ଅବିବେକୀ ନିଷ୍ଠୁରଟାଏ ।”

ତାପରେ ସେ ତାର ସାବତ ମାଆ କଥା କହି ବସିଲା । କିଛି କିଛି ଅନ୍ୟାନ୍ୟ କଥା ବି ପଡ଼ିଲା ।

“ଆମର ଦ’ଟାଯାକ ଡଙ୍ଗା, ଦ’ ସାରକ ଜାଲ—ସବୁ ଗଲା । ଟଙ୍କା ଦରକାର ହେଲାରୁ ସବୁ ଉସେଫ ପାଖରେ ବନ୍ଧାପଡ଼ିଲା । ସାବତ ମାଆ ତା ପୁଅକୁ ସବୁ ଟଙ୍କା ଦେଇ ଦେଲା ।”

ଡଙ୍ଗା ଜାଲ୍—ସବୁ ତାହାହେଲେ ଚାଲିଗଲା ! ବାପା କିପରି ସୁକାନ ଆହୁଲାଧରି ଛାତି ଫୁଲେଇ ଠିଆହେଉଥିଲେ, କେତେ ଲହରୀର ଛାତିରେ ଚଢ଼ି ଡଙ୍ଗାଟି କିପରି ଚିଲପରି ମାଡ଼ି ଆସୁଥିଲା—ସେହି ସବୁ ଚିତ୍ର କାରୁତାମ୍ମାର ଆଖି ଆଗରେ ନାଚିଗଲା । ସେହି ଡଙ୍ଗା ପାଇଁ, ସେହି ଜାଲ୍ ପାଇଁ ବାପା-ମାଆ ଦୁହିଁଙ୍କି ଦୁହେଁ ଜୀବନ ସାରା ଖଟିଥିଲେ । ସେ ଜାଣେ କେତେ ଭଲ ନ ପାଉଥିଲା ଡଙ୍ଗାଟିକୁ ! ଆଜି ସେ ଡଙ୍ଗା ଅନ୍ୟ ଜଣଙ୍କର ହୋଇଗଲା । ସେ ଡଙ୍ଗା ସହିତ ତାର ଆଉ କୌଣସି ସମ୍ପର୍କ ରହିଲା ନାହିଁ । କାରୁତାମ୍ମା ଆଖିରୁ ଲୁହ ଝରି-ଆସିଲା ।

Digitized by srujanika@gmail.com

ସେ ପଚାରିଲା, "ବାପା, ତା'ହେଲେ ଏଥର କିମିତି ବଞ୍ଚିବେ ?"

"କେଜାଣି ?"

ଏହି ପଦକ କଥା କାରୁତାମ୍ମାର ହୃଦୟ ବିଦାରିପକାଇଲା । ଅନ୍ୟସବୁ ଖବର ଅପେକ୍ଷା ଏହି ଖବରଟା ତାକୁ ଅଧିକ ଦୁଃଖିତ କଲା । ବିଶେଷ କରି ପଞ୍ଚମୀ, ଯେଉଁ ଦେହକୁ ନ ଲାଗିଲା ପରି ସୋଜା ସୋଜା 'କେଜାଣି' ବୋଲି କହିଦେଲା, ସେଥିରେ ତାକୁ ବଡ଼ ବାଧିଲା । ବାପା କିପରି ବଞ୍ଚିବେ ତାହା ଚିନ୍ତା କରିବା ଯେପରି ପଞ୍ଚମୀର କର୍ତ୍ତବ୍ୟ ନୁହେଁ, କଥାଟାକୁ ଖୁବ ହାଲୁକା ବୋଲି ଭାବୁଛି ।

କାରୁତାମ୍ମା ନିଜ ବିଷୟ ଭୁଲିଗଲା । କହିଲା, "ତୁ କେଡ଼େ ନିଷ୍ଠୁରଟାଏ ଲୋ ? ଦୟା ମାୟା ବୋଲି ଟୋ'ଠି ଟିକିଏ ହେଲେ ନାହିଁ ।"

"ତାହିଁକି, କଣ ହେଲା କି ?" ପଞ୍ଚମୀ ପଚାରିଲା ।

"ବାପା କିମିତି ଚଳିବେ, କିମିତି ବଞ୍ଚିବେ ସେ କଥା ଟିକେ ଚିନ୍ତା ନକରି ତୁ ଘରୁ ପଳେଇ ଆସିଲୁ । ଆସିଲାବେଳେ କହିକରି ବି ଆସି ନାହୁଁ, ବାପାଙ୍କର ଏବେ ନିଜର ବୋଲି ଆଉ କିଏ ଅଛି ?"

"ଓଃ, ରହିଥାଲେ; ତୁ ଆଉ ଏତେ କହି ହଅନା । ତୁ ନିଜେ କଣ କଲୁ କହିଲୁ ?"

ପଞ୍ଚମୀ ଠିକ୍ କହିଲା । ପଞ୍ଚମୀକୁ ସେ କେଉଁ ମୁହଁରେ ଦୋଷ ଦେବ ? ତଥାପି ପଞ୍ଚମୀ ଓ ତା ଭିତରେ ତ ପୁଣି ତଫାତ୍ ଅଛି । ସେ ବାପା ମାଆଙ୍କୁ ଛାଡ଼ି ଚାଲିଆସିଥିଲା ବାଧ୍ୟହୋଇ, କିନ୍ତୁ ପଞ୍ଚମୀ ତ ସେପରି ଅବସ୍ଥାରେ ପଡ଼ି ନାହିଁ ।

ପଞ୍ଚମୀ କହିଲା, "ଅପା ଲୋ, ତୁ ଯଦି ଏମିତି ଚାଲିଆସି ନ ଥାନ୍ତୁ, ତେବେ ଏସବୁ କଥା ମୋଟେ ଘଟିନଥାନ୍ତା । ତୁ ଯଦି ସେଠାରେ ରହିଯାଇ, ମାଆ ଯିମିତି ଘର ଚଳେଉଥିଲା ସିମିତି ଘର ଚଳେଇଥାନ୍ତୁ, ତେବେ ସବୁ ଠିକ୍ ଥାଆନ୍ତା ।"

ଅତୀତର ସବୁ ସ୍ମୃତି ଆସି କାରୁତାମ୍ମା ଆଗରେ ନାଚିଗଲା । ସତରେ ସେ ଯଦି ବାପଘର ନଛାଡ଼ି ସେଇଠି ରହିଯାଇଥାଆନ୍ତା, ତେବେ କଣ ସବୁ ସମସ୍ୟାର ସମାଧାନ ହୋଇ-ଯାଆନ୍ତା ? ପଞ୍ଚମୀ ବଚ୍ଚା ପିଲାଲୋକ । ଛଳ କପଟ ଜାଣେନି, ସେ କଅଣ ବୁଝିବ ?

ଟିକିଏ ଚୁପ୍ ହୋଇ ରହି ପଞ୍ଚମୀ ପୁଣି ଆରମ୍ଭ କଲା, "ବର ଘରକୁ ଆସିବା ମାତ୍ରେ ତୁ ନିଜକୁ ଭୁଲିଗଲୁ । ସେ ଡାକିବା ମାତ୍ରେ ତୁ ଘରଛାଡ଼ି ତା ପଛେ ପଛେ ପଳେଇ ଆସିଲୁ ।"

"ଆଲୋ, ତା ନୁହଁ, ତା ନୁହଁ··" କଥା ଗୁଡ଼ାକ ଯେପରି କରୁଣ ଆର୍ତ୍ତନାଦ କରି କାରୁତାମ୍ମାର କଣ୍ଠ ଫଟାଇ ବାହାରକୁ ଚାଲି ଆସିବାକୁ ବସିଲା । କିନ୍ତୁ ତା ପାଟିରୁ ଗୋଟିଏ ଶବ୍ଦ ବି ବାହାରିଲା ନାହିଁ, କେବଳ ଅସ୍ପଷ୍ଟ କ୍ରନ୍ଦନ ପରି ଦୁଇ ଚାରିପଦ କଥା ବାହାରିଆସିଲା ଯାହାର ଅର୍ଥ ପଞ୍ଚମୀ ବୁଝିପାରିଲା ନାହିଁ । ସ୍ୱାମୀପ୍ରେମରେ ପାଗଳ ହୋଇ କିମ୍ବା ଯେତେ ଯାହା ହେଉ ପଛେ ସ୍ୱାମୀର ଆଦେଶ ମାନିବାହିଁ ସ୍ତ୍ରୀର କର୍ତ୍ତବ୍ୟ ବୋଲି ଭାବି ସେ ସ୍ୱାମୀ ପଛେ ପଛେ ଚାଲି ଆସିନଥିଲା । ସେ ଚାହୁଁଥିଲା ପଞ୍ଚମୀକୁ ଏହି କଥାଟି କହିଦେବ । କିନ୍ତୁ ଯେଉଁ ପାଲିନ

Digitized by srujanika@gmail.com

ଜୀବନକୁ ପାଣି ଚଢ଼ାଇ ମଝି ଦରିଆରେ ପଶି ମୃତ୍ୟୁଖାଲ ତୁଣ୍ଡରେ ମାଛ ତା ପାଇଁ ଅନୁସନ୍ଧାନ କରୁଛି. ସେହି ପାଲଙ୍କର ଘୁଙ୍କାତଳେ ବସି ସେ ଏକଥା କପରି କେଉଁ ମୁହଁରେ କହିବ ? ସତ କହିବାକୁ ଗଲେ ସେ ତ କେବଳ ଆତ୍ମରକ୍ଷା ଲାଗି ନିଜକୁ ନାମ ଗୁଡ଼ି ଘୁଞ୍ଚିଆସିଥିଲା । କିନ୍ତୁ ପଞ୍ଚମୀ ଯାହା କହୁଛି ସ୍ୱାମୀ ଡାକିବାମାତ୍ରେ ତା ପଛେ ପଛେ ଘରଗୁଡ଼ି ପଳାଇ ଆସିଲା ତାହା ମୋଟେ ଠିକ୍ ନୁହେଁ ।

କିନ୍ତୁ କିନ୍ତୁ ବାପାଙ୍କ ମୁଣ୍ଡ ଖରାପହୋଇଯାଇଥିବା କଥା ବି ପଞ୍ଚମୀ ବର୍ଣ୍ଣନା କରିଗଲା । ରାଗରେ ଦାନ୍ତ କଡ଼ମଡ଼ କରି କହିଲା, "ଅପାଲୋ, ସେ ଧମୁସୀ ମାଇକିନିଆଟା କହିଲା, ତୁ କାଳେ ଗୋଟେ ପଠାଣ ଟୋକା ସାଙ୍ଗରେ ଦରିଆକୂଳଟା ଯାକ କେଳି କରି ବୁଲୁଥିଲୁ; କାଳେ ତୁ ଆମ ଦରିଆକୂଳଟା ଉଜାଡ଼ କରିଦେଇଥିଲୁ । ମୋ କଥା କିଏ ପଚାରେ ଲୋ ଅପା, ଏକଥା ଶୁଣିବା ଦିନୁ ବାପାଙ୍କ ମୁଣ୍ଡ ଖରାପ ହୋଇଗଲା ।"

କାରୁତାମ୍ମା ସ୍ତମ୍ଭୀଭୂତ ହୋଇଗଲା । ତାକୁ ଚତୁର୍ଦ୍ଦିଗ ଅନ୍ଧାର ଦେଖାଗଲା, ତାହାହେଲେ ଆଜି ବି ସେଠାରେ ଦରିଆକୂଳର ଲୋକେ ଏସବୁ କଥା ନେଇ ଆଲୋଚନା କରୁଛନ୍ତି । କଥାଟା ଶେଷରେ ତା ବାପାଙ୍କ କାନରେ ବି ଯାଇ ପଡ଼ିଗଲାଣି । ବାପା କିଛି କମ୍ ଅହଂକାରୀ, କମ୍ ଅଭିମାନୀ ନୁହନ୍ତି, ସେ ଆଉ କୌଣସି ଦିନ କ୍ଷମା ଦେବେ ନାହିଁ ।

ପଞ୍ଚମୀ କହିଚାଲିଥାଏ । କିନ୍ତୁ କିନ୍ତୁ ପାରିକୁଟ୍ଟୀ କଥା ବି କହି ବସିଲା; ବିଚରାର ଦୀନହୀନ ଅବସ୍ଥା ବର୍ଣ୍ଣନା କରିବାକୁ ଲାଗିଲା ।

"ବୁଝିଲୁ ଅପା, ତାଙ୍କର ଆଉ କିଛି ବୋଲି କିଛି ନାହିଁ, ମୁଠେ ଖାଇବାକୁ ନ ପାଇ ସେ ଉପାସରେ ଚଳୁଛନ୍ତି - କାହିଁକି କେଜାଣି, ସବୁବେଳେ ଦରିଆକୂଳଟାଯାକ ବୁଲୁଛନ୍ତି । ତାଙ୍କ ଚେହେରା ଦେଖିଲେ ଯେ କେହି କହିବ ପାଗେଳଟାଏ । ଆହା, ବଡ଼ କଷ୍ଟ ଲାଗେ ଦେଖିଲେ ।"

ସେ ସବୁକଥା କହ ନାହିଁ ବୋଲି ପଞ୍ଚମୀକୁ ମନା କରି ପାରିଲା ନାହିଁ କାରୁତାମ୍ମା । ସେ ପାରିକୁଟ୍ଟୀ କଥା ମୋଟେ ପଚାରି ନ ଥିଲା, କିନ୍ତୁ ତା କଥା ଶୁଣିବା ଲାଗି ତା ଅନ୍ତରରେ ରହିଥିଲା ଅସୀମ ଆଗ୍ରହ । ସେହି ଟିକିଦିନର ଘଟଣା ତା ଆଖି ଆଗରେ ନାଚିଉଠିଲା । ମୁଣ୍ଡରେ ଟୋପି, ବେକରେ ରୁମାଲ, ଦେହରେ ହଳଦିଆ ଜାମା ପିନ୍ଧି ବାପାଙ୍କ ହାତଧରି ବାପାଙ୍କ କଡ଼ରେ କଡ଼ରେ ଖେଳିବୁଲୁଥିବା ସେହି ଛୁଆ ବେଳର ପାରିକୁଟ୍ଟୀ ତା ଆଖି ଆଗରେ ଖେଳି ବୁଲିଲା ଏବଂ ଝଲସି ଉଠିଲା ସେହି ନାଲି ଶିପଟି, ଯେଉଁଟି ସେ ବଢ଼ାଇଦେଇଥିଲା ପାରିକୁଟ୍ଟୀର କୁନି ହାତକୁ । କେଡ଼େ ସୁନ୍ଦର, କେଡ଼େ ମଧୁର, କେଡ଼େ ମୂଲ୍ୟବାନ ଜୀବନଟିଏ ନଷ୍ଟ ହୋଇ ନ ଗଲା !! ସ୍ୱପ୍ନବିଭୋର କାରୁତାମ୍ମା ନିଜର ଅଜ୍ଞାତସାରରେ ପଞ୍ଚମୀକୁ ପଚାରିଲା, "ସେ କଣ ଏବେ ବି ଡଙ୍ଗା ସିଡ଼ିରେ ବସି ତାଙ୍କ ଗୀତ ଗାଆନ୍ତି ?"

"ହଁ, କେବେ କେବେ ଗାଆନ୍ତି ।"

କଣ, ପଞ୍ଚମୀ ସେ ଗୀତର ଅର୍ଥ କିଛି ଜାଣେ ? ନା; ସେ ଜାଣିବାର ସୁଯୋଗ ପାଇ-ନାହିଁ ।

Digitized by srujanika@gmail.com

କାରୁଣାମ୍ପା ପଚାରିଲା, "ତୋ ସାଙ୍ଗରେ ତାଙ୍କର କେବେ ଦେଖା ହୁଏ ?"

"ହଁ, କେବେ କମିତ ।"

"ମୋ କଥା କିଛି ପଚାରନ୍ତି ?" ଆବେଗରେ କାରୁଣାମ୍ପାର କଣ୍ଠସ୍ୱର ଥରିବାକୁ ଲାଗିଲା !

ପଞ୍ଚମୀ କହିଲା; "ମତେ ଦେଖିଲେ, ଖାଲି ଟିକଏ ହସି ଦିଅନ୍ତି ।"

ଏବଂ ସେହି ମୁହୂର୍ତ୍ତରେ ମହାଶୂନ୍ୟରୁ ଶୁଭିଲା ପରି ଘୃଣା, ବେଦନା ଓ କ୍ରୋଧ-ରଞ୍ଜିତ ଏକ ଭୟଙ୍କର କଣ୍ଠରେ ଶୁଣାଗଲା, "ନା ନା ପଞ୍ଚମୀ, ସେ କାରୁଣାମ୍ପା ବିଷୟ ବି ପଚାରି ବୁଝେ ।"

ପାଲିନ ଆସି ଦୁହିଁଙ୍କ ଆଗରେ ଠିଆହୋଇଗଲା । କାରୁଣାମ୍ପା ଓ ପଞ୍ଚମୀ ଚମକି ପଡ଼ି ବସିଥିବା ସ୍ଥାନରୁ ଉଠି ପଡ଼ିଲେ ।

କାରୁଣାମ୍ପାର ସବୁ ଗୁପ୍ତ କଥା ପଦାରେ ପଡ଼ିଗଲା ।

ଏକୋଇଶି

କାରୁଣାମ୍ପା ଜୀବନରେ ହଠାତ୍ ଏକ ନୂତନ ଚେତନା ଜାଗିଉଠିଲା । ଏକ ଅବର୍ଣ୍ଣନୀୟ ମୁକ୍ତି ଉଠି ତା ଜୀବନର ସମସ୍ତ ମୂଲ୍ୟବୋଧକୁ ବଦଳାଇଦେଲା । ଏ ଯାବତ୍ ସେ ଜୀବନଟାକୁ ଭୟକରୁଥିଲା । ସେ ଚଳୁଥିଲା ସବୁ ଲୋକଙ୍କୁ ଭୟକରି, ସବୁ କଥାକୁ ଭୟ କରି । ତାର ନିଜର ବୋଲି କୌଣସି ଇଚ୍ଛାଶକ୍ତି ନ ଥିଲା । ସେହି ଭୟ, ସେହି ଦୁର୍ବଳତା ମୂଳରେ ରହିଥିଲା ତାର ଜୀବନକୁ ଧରି ରଖିବାର କାମନା, ଜୀବନକୁ ଶାନ୍ତିପୂର୍ଣ୍ଣ ଭାବରେ କଟାଇଦେବାର ଅଭିଳାଷ । କିନ୍ତୁ ଜୀବନର ସବୁ ଗୋପନ କାହାଣୀ ଯେତେବେଳେ ଖୋଲିଗଲା, ସେତେବେଳେ ଆଉ ଲୁଚାଇବା ଲାଗି କୌଣସି ବିଷୟ ରହିଲା ନାହିଁ । ଭୟ କରିବା ପାଇଁ କୌଣସି କାରଣ ରହିଲା ନାହିଁ । ଜୀବନଟାକୁ ନିର୍ବିଘ୍ନ ନିରାପଦରେ ଚଳାଇ ନେବା ଲାଗି ଯେଉଁ ଆକାଂକ୍ଷା ଥିଲା ତାହା କେଉଁଆଡ଼େ ଉଭେଇ ଗଲା ଏବଂ ଆଜି ଏହି ଆପଦ ଆଶଙ୍କା ଭିତରେ ସେ ନିଜକୁ ଏକାଟିଆ ଦେଖିବାକୁ ପାଇଲା ନାହିଁ । ଦେଖିଲା ତା ସହିତ ପଞ୍ଚମୀ ବି ରହିଛି ।

ପୂର୍ବରୁ ସେ ପାଲିନ ଆଗରେ ନାନା ପ୍ରତିଜ୍ଞା କରିଥିଲା; ବହୁ ଶପଥ ନେଇଥିଲା ଯେ ସେ ସତୀସାଧ୍ୱୀ ହୋଇ ଚଳିବ । ସ୍ୱାମୀ ଆଗରେ ସେ ଆଉ ଥରେ ସ୍ପଷ୍ଟ ଭାବରେ କହିଗଲା, ସବୁ ନିର୍ଭୟରେ ବର୍ଣ୍ଣନା କରିଗଲା । ପାଲିନ ପଚାରିଲା—ଧାରିକୁଟୀ କେବଳ ପିଲାଦିନର ଖେଳସାଥି ଥିଲା ନା ତା ସହିତ ଆଉ କିଛି ସମ୍ପର୍କ ଥିଲା ? ଉତ୍ତରରେ କାରୁଣାମ୍ପା କହିଲା—ସେ କୌଣସି

Digitized by srujanika@gmail.com

ଦୋଷ କରି ନାହିଁ ।

କିନ୍ତୁ ପାଲନ ତ ତାହା ଜାଣିବାକୁ ଚାହୁଁ ନଥିଲା । ସେ ପଚାରିଲା, "ତୁ କଣ ତାକୁ ଭଲପାଉଥିଲୁ ?"

କାରୁତାମ୍ମାର ଆଖି ଆଗରେ ଭାସିଉଠିଲା ପାରିକୁଟ୍ଟୀର ଦୀନହୀନ ରୂପ; ସର୍ବହରା ହୋଇ ପାଗଳଙ୍କ ପରି ସେହି ପୁରୁଣା ଗୀତଟି ଗାଇ ଗାଇ ଲକ୍ଷ୍ୟହୀନ ଭାବରେ ସମୁଦ୍ରକୂଳରେ ବୁଲୁଥିବା ପାରିକୁଟ୍ଟୀର ଛବି । ପାରିକୁଟ୍ଟୀ ବିଷୟରେ ପଞ୍ଚମୀ ଯେଉଁ କରୁଣ ବର୍ଣ୍ଣନା ଦେଇ ଥିଲା ସେହି ବର୍ଣ୍ଣନାର ମର୍ମନ୍ତୁଦ ଚିତ୍ର ତା ଆଖି ଆଗରେ ଖେଳିଗଲା । "ଏ ଗୀତଟାକୁ ମୁଁ ଚିରଦିନ ଗାଇ ବୁଲିବି । ମୁଁ ଏଇଠି ଏ ଗୀତ ଗାଇବି, ତୁ ତ୍ରିକୁନାପୁଝାରେ ବସି ବି ଏକୁ ଶୁଣିବାକୁ ପାଇବୁ ।"—ପାରିକୁଟ୍ଟୀର ଏହି ଶେଷ କଥାଟି କାରୁତାମ୍ମା କାନରେ ପ୍ରତିଧ୍ୱନିତ ହେବାକୁ ଲାଗିଲା, "ତମର ଡଙ୍ଗା ଆଉ ଜାଲ କଣା ହେଇଗଲେ, ଆମକୁ ମାଛ ବିକିବ କି ନେ ?"—ଏ ପ୍ରଶ୍ନଟା କାରୁତାମ୍ମାକୁ ବାରମ୍ବାର ଶୁଣାଗଲା ।

ଉତ୍ତର ଦେବାକୁ କାରୁତାମ୍ମା ସମୟ ନେଉଛି ଦେଖି ପାଲନ ତା ପ୍ରଶ୍ନଟାକୁ ଆଉଥରେ ପଚାରି ବସିଲା । କାରୁତାମ୍ମାର ଅନ୍ତର ଭିତରେ କେହି ଯେପରି କହିବାକୁ ଲାଗିଲା,—ଆଉ ଲୁଚାଇ ରଖି ଲାଭ କଣ ? ସେ ତ କୌଣସି ଦୋଷ କରିନାହିଁ । ବିବାହ କରିବା ପୂର୍ବରୁ ସେ ଜଣକୁ ଭଲପାଉଥିଲା—ସେଥିରେ ଦୋଷ କଣ ?

କାରୁତାମ୍ମା କହିଲା, "ହଁ ମୁଁ ତାଙ୍କୁ ଭଲପାଉଥିଲି ।"

ଏକ ଗମ୍ଭୀର ନିସ୍ତବ୍ଧତା ସମସ୍ତ ଘରଟାକୁ ପୂର୍ଣ୍ଣ କରିଦେଲା । କିଛି ସମୟ ପରେ ପାଲନ ମୁହଁରୁ ଗୋଟିଏ ପ୍ରଶ୍ନ ବାହାରି ଆସି ସେହି ନିସ୍ତବ୍ଧତା ଭଙ୍ଗ କଲା—"ଆସିଲାବେଳେ ତାକୁ କହି ଆସିଚୁ ?"

କାରୁତାମ୍ମା ନିରୁତ୍ତର ରହିଲା । ପାଲନ ଆଉ ଗୋଟିଏ ପ୍ରଶ୍ନ ପଚାରିଲା ।

"ଆଉ ଥରେ କେବେ ଦେଖା ହେବ ବୋଲି କହି ଆସିଚୁ ?"

"ଆଉ ଥରେ ଦେଖାହେବା କଥାନେଇ ମୁଁ କମା କିଛି କହି ନାହିଁ ।"

ଛୁଆଟା ଉଠି କାନ୍ଦିଲା । କାରୁତାମ୍ମା ତାକୁ ଗୋଡିରୁ ଉଠାଇନେଇ ଦୁଧ ଦେଲା ।

ସେଦିନ କିନ୍ତୁ କାରୁତାମ୍ମା ଆଗପରି ପାଲନର ମନ ନେବାକୁ ଚେଷ୍ଟା କଲାନାହିଁ । ତଥାପି ସେ ବାରମ୍ବାର ପାଲନ ମନରେ ବିଶ୍ୱାସ ଆଣିବାକୁ ଚେଷ୍ଟା କଲା । ବାରମ୍ବାର ଶପଥ କଲା ଯେ ସେ ସତୀ ସାଧ୍ୱୀ ହୋଇ ରହିଛି; ରହିବ । ସ୍ୱାମୀ ପାଖରେ ସ୍ତ୍ରୀର ଶପଥ । ଅନ୍ୟମାନେ ବିବାହବେଦିରେ ବସି ନୀରବ ଭାବରେ ଏହି ଶପଥ କରନ୍ତି—କାରୁତାମ୍ମା କିନ୍ତୁ ସେ ସବୁ ଖୋଲାଖୋଲି ବାକ୍ୟରେ କହିଗଲା ।

ସକାଳୁ ସକାଳୁ ଉଠି ପାଲନ କେଉଁଆଡ଼େ ଚାଲିଗଲା । ପଞ୍ଚମୀ ପଚାରିଲା, "ଭିଣେଇ ତୋ ଉପରେ ରାଗିଛନ୍ତି କି ନେ ?"

"ଆମେ ଦୁଇଟା ଅରକ୍ଷ ନେ ମାଆ । ଦୁନିଆରେ ଆମର କେହି ବୋଲି କେହି ନାହିଁ ।"

Digitized by srujanika@gmail.com

"ଅପାକେ, ତୋର ବୋଲି କିଛି ଟିକିଏ ଅଛି—ମୋର ତ ତା ବି ନାହିଁ ।"

"ନା ଲେ ଭଉଣୀ, ମୋର ବି କେହି ନାହିଁ । ଆମେ ଉଭୟେଁ ଏକା ନାଆରେ ବସିଚେ । ଅମ ଦୁଇଜଣଙ୍କ ଛଡ଼ା ଆମର ବୋଲି ଆଉ କେହି ନାହିଁ ।—ହେଲେ ଚେମ୍ଫୁନ କୁଞ୍ଜର ଝିଅ ଆମେ । ଉଭୟେଁ ଏକାଠି ଥିଲେ କୌଣସି ପ୍ରକାରେ ଚଳିଯିବା ।"

ଉପରବେଳା ପାଲନ ଘରକୁ ଫେରିଲା । କାରୁତାମ୍ପା ବିନୟ କରି କହିଲା, "ମତେ ନରକୁନାମ ଯିବାକୁ ପଡ଼ିବ ।"

ପାଲନ ହଁ କି ନା କିଛି କହିଲା ନାହିଁ । କାରୁତାମ୍ପା ତାକୁ ଚେମ୍ଫୁନ କୁଞ୍ଜର ଅବସ୍ଥା ବୁଝାଇ ପୁଣି ବିନୟ ଜଣାଇଲା—"ବାପାଙ୍କର ସେଠାରେ ନଜର ବୋଲି କେହି ନାହିଁ ।"

ତଥାପି ପାଲନ କୌଣସି ଉତ୍ତର ଦେଲା ନାହିଁ ।

ପାଲନ ସେଦିନ ବି ସବୁଦିନ ପରି ବନଶୀ କଣ୍ଟାରେ ଥୋପ ଖଞ୍ଜି ରଖିଲା । କାରୁତାମ୍ପା ତା ପାଇଁ ଗୋଟିଏ ବାସନରେ ଗୁଡ଼-ଖିଅପିଆ ଜିନିଷ ସଜାଇଦେଲା । ବନଶୀ କଣ୍ଟା ଧରି ପାଲନ ଉରଆକୁଳକୁ ଗ୍ଲାଲିଗଲା । ଗୋଟିଏ କାଖରେ ଛୁଆକୁ ଓ ଆର ହାତରେ ଖାଇବା ଜିନିଷ ଧରି କାରୁତାମ୍ପା ତା ପଛେ ପଛେ ଗ୍ଲାଲିଲା ।

ବାପାଙ୍କୁ ବିଦାୟ ଦେବାଲାଗି ଛୁଆଟି ହାତଟେକି ହଲାଇଲା । ତା ଆଡ଼କୁ ନ ଗ୍ଲାହିଁ ପାଲନ ଡଙ୍ଗା ଟାଣିନେଇ ପାଣି ଭିତରେ ପଶିଗଲା । ଡଙ୍ଗା ନେଇ ଲହରୀ ପାର ହେବା ପରେ ସେ ପଛକୁ ମୁହଁ ବୁଲାଇ କୂଳ ଆଡ଼କୁ ଗ୍ଲାହିଁଲା । ଛୁଆଟି ସେ ପର୍ଯ୍ୟନ୍ତ ହାତ ହଲାଉଥାଏ ।

କାରୁତାମ୍ପା କିଛି ସମୟ ଯାଏଁ ସମୁଦ୍ର କୂଳରେ ଅପେକ୍ଷା କରି ଠିଆ ହେଲା । ସନ୍ଧ୍ୟା ଘୋଟିଆସୁଥାଏ । ଧାଡ଼ି ଧାଡ଼ି ହୋଇ ଜଳି ଉଠୁଥାଏ ପଶ୍ଚିମର ଚକ୍ରବାଳ, ମନେ ହେଉଥାଏ ସତେ ଯେପରି ସେହି ଅସୀମ ଜଳରାଶିର ବିସ୍ତୀର୍ଣ୍ଣ ଅମ୍ବରଣ ଗୋଟିଏ ରକ୍ତିମ ମେଖଳା ପରିଧାନ କରିଛି । କି ବୈଚିତ୍ର୍ୟମୟ ସେ ଦୃଶ୍ୟ ସତେ ! ସୁନୀଳ ସାଗର ସହିତ ସ୍ୱର୍ଣ୍ଣାଭ ଚକ୍ର-ବାଳର ମିଳନସ୍ଥଳରେ ସୃଷ୍ଟି ହେଉଥାଏ ଏକ ଘନକୃଷ୍ଣ ରେଖା । ସେହି ରେଖାର ଅପର ପାର୍ଶ୍ୱରେ ଯାହାକିଛି ରହିଛି ସେ ସବୁ ଅଜ୍ଞାନ, ଅବିଦିତ । ତାହା ହିଁ ବିଶ୍ୱବ୍ରହ୍ମାଣ୍ଡର ଗୂଢ଼ତମ ରହସ୍ୟ ।

ଅଗାଧ ଜଳରାଶି ଭିତରେ ପାଲନର ଡଙ୍ଗା ଦକ୍ଷିଣ ଦିଗକୁ ମାଡ଼ି ଗ୍ଲାଲିଥିଲା । ଡଙ୍ଗା ଉପରେ ଠିଆହୋଇ ପାଲନ ଆହୁଲା ଉପରେ ଆହୁଲା ପକାଇ ଗ୍ଲାଲିଥାଏ । ମଝିମଝିରେ ଆହୁଲା ପକାଇବାବେଳେ ସେ ଗୋଟିଏ ଲହରୀକୁ ନଇଁଯିବା ବେଳେ ଡଙ୍ଗା ବି ସେହି ଲହରୀକୁ ନଇଁ ପଡ଼ୁଥାଏ ଏବଂ ଡଙ୍ଗା ଭିତରେ ଟିକିଏ ପାଣି ପଶିଯାଉଥାଏ ।

ସେ ଅନେକଦିନ ହେଲା ଡଙ୍ଗା ଉପରେ ଠିଆହୋଇ ଏତେ ଜୋର୍‌ରେ ଆହୁଲା ପକାଇ ନ ଥିଲା । ବର୍ତ୍ତମାନ ତାର ସମସ୍ତ ସୁପ୍ତଶକ୍ତି ଜାଗି ଉଠିଛି । ସେହି ଜାଗ୍ରତ ଶକ୍ତିକୁ ସନ୍ତୁଷ୍ଟ କରିବା ଲାଗି ସେ ସାମଗ୍ରୀ ପାଉ ନାହିଁ, ଆହୁଲାଟା ତ ହାଲୁକା, ଡଙ୍ଗାଟା ବି ନିତାନ୍ତ ଗ୍ଲୋଟ । ଦୂର ଚକ୍ରବାଳର ସେହି ଘନକୃଷ୍ଣ ରେଖାକୁ ଲକ୍ଷ୍ୟକରି ପାଲନ ଆଗକୁ ଆଗକୁ ଡଙ୍ଗା

Digitized by srujanika@gmail.com

ବାହୁନେଲା । ଡଙ୍ଗା ଭିତରେ ଯେ ପାଣି ପଶିଯାଉଛି ସେଥିପ୍ରତି ତାର ଦୃଷ୍ଟି ନାହିଁ ।

ପାଲାନର ସେହି ସୁପ୍ତଶକ୍ତି ଆଜି କାହାର କରାଘାତରେ ଜାଗିଉଠିଲା ? ସେ ଶକ୍ତିକୁ ଆଉ ସଂଯତ କରିବ କିଏ ? ଏକ ଅଦମ୍ୟ ଶକ୍ତି ତାର ସମସ୍ତ ଶୃଙ୍ଖଳ ଛିନ୍ନକରି ଆଜି ଉଗ୍ରହୋଇ ଉଠିଛି । ତେଣୁ ପାଲାନର ଆଙ୍ଗୁଳିର କ୍ଷୀପ୍ରତା ବେଳକୁ ବେଳ ବଢ଼ି ଚାଲିଲା ।

ଡଙ୍ଗାର କିଛି ଦୂରରେ ଦଳେ ଶିଶୁମାର ଦେଖା ଦେଇ ପୁଣି ଅଦୃଶ୍ୟ ହୋଇଗଲେ । ସେମାନଙ୍କ ଭିତରୁ ଗୋଟାକ ଦେହରେ ଡଙ୍ଗାର ଆଘାତ ଲାଗିଲା । ସଙ୍ଗେ ସଙ୍ଗେ ସେ ଉପରକୁ ଉଠି ଡଙ୍ଗା ଉପରେ ଆକ୍ରମଣ ଆରମ୍ଭ କରିଦେଲା । ତାର ଭୀଷଣ ଆଘାତରେ ଡଙ୍ଗା ମୁଣ୍ଡଟି ଜଳପୃଷ୍ଠରୁ ଉପରକୁ ଉଠିଗଲା । ପରକ୍ଷଣରେ ମନେହେଲା ଡ଼ଙ୍ଗାଟି ଓଲଟି ପଡ଼ିବ । ପାଲାନର ଆଖିଦୁଇଟା କ୍ରୋଧରେ ଜଳିଉଠିଲା, ଦାନ୍ତ କଡ଼ମଡ଼ କରି କିଏ ଗୋଟିଏ ସାଂଘାତିକ ଶପଥ ନେଇ ସେ ଗର୍ଜ୍ଜନ କରିଉଠିଲା—"ନା ।" ଏବଂ ଜଳପୃଷ୍ଠରୁ ଉପରକୁ ଉଠିଆସୁଥିବା ଡଙ୍ଗା ମୁଣ୍ଡଟା ତାର ଏକା ଧକ୍କାରେ ଦୁଲ୍‌କରି ଯାଇ ପଡ଼ିଗଲା ଶିଶୁମାରର ମଝି ପିଠିରେ । ମୂହୂର୍ତ୍ତକ ମଧ୍ୟରେ ସବୁ ଘଟିଗଲା, ଶିଶୁମାରଟାର ମେରୁଦଣ୍ଡ ଭାଙ୍ଗଗଲା । ସେ ଆହତ ହୋଇ ପାଣି ଭିତରକୁ ଚାଲିଗଲା, ପାଲାନର ଡ଼ଙ୍ଗା ପୁଣି ଥରେ ଆଗକୁ ମାଡ଼ିଚାଲିଲା ।

ଡ଼ଙ୍ଗା ଚାଲିଥିଲା ପଶ୍ଚିମମୁଖୀ ହୋଇ, ସେହି ଦିଗରେ ସେ ଆହୁରି ଦୂରକୁ ମାଡ଼ି ଚାଲିଲା । ପଶ୍ଚିମ ଦିଗଟାର ସୀମା ବୋଲି କିଛି ଅଛି ନା ନାହିଁ ? ?

ତେଣେ ସମୁଦ୍ର କୂଳରେ କରୁଣ ସ୍ୱରରେ କାନ୍ଦିଉଠିଲା ପାଲାନର କୁନି ଝିଅଟି, ଶିଶୁର ସରଳ ମନ ପିତାର ଉନ୍ମାଦନାର ବିଷମ ପରିଣତି ବିଷୟରେ କିଛି ଆଭାସ ପାଇଲା ନା କଣ ? ଭୀଷଣ ଆଘାତରେ ଶିଶୁମାରର ମେରୁଦଣ୍ଡ ଭାଙ୍ଗିଦେବାବେଳେ ପାଲାନ ଯେଉଁ ବିକଟ ଗର୍ଜ୍ଜନ କରିଥିଲା ସେ ଗର୍ଜ୍ଜନ ସମୁଦ୍ର ପବନରେ ପୂର୍ବଦିଗକୁ ଭାସି ଆସିଥିବ । କାରୁତାମ୍ମା କଣ ସେ ଗର୍ଜ୍ଜନ ଶୁଣିପାରିଲା ? ନା—ସେ ଶୁଣିପାରିନଥିବ । ସେ ଗର୍ଜ୍ଜନ ଶୁଣିବାଲାଗି ଯେଉଁ ପବିତ୍ରତା ଦରକାର, କାରୁତାମ୍ମାର ସେ ପବିତ୍ରତା ଆଉ ନଥିଲା ।

ପାଲାନର ଡ଼ଙ୍ଗା ମାଡ଼ି ଚାଲିଥିଲା ଏକ ଅଜ୍ଞେୟ ପଥରେ, ସତେ ଯେପରି କିଛି ଗୋଟିଏ ରହସ୍ୟ ଭେଦ କରିବା ହିଁ ତାର ଲକ୍ଷ୍ୟ । ସେ ଦେଖିବାକୁ ପାଇଲା ସମୁଦ୍ରର ଜଳରାଶି ଭିତରୁ ଚନ୍ଦ୍ର ଉଇଁ ଉଠିଲେ । ତାର ଚାରିଆଡ଼େ ଗଢ଼ି ଉଠିଲା ଏକ ଅଭିନବ ମାୟାଲୋକ । ଅନନ୍ତ ସମୁଦ୍ରରୁ ସୁନୀଳ ଜଳ ଚନ୍ଦ୍ରମାର ରୁପେଲି କିରଣରେ ଝଲମଲ ହେବାକୁ ଲାଗିଲା । କ୍ରମେ କ୍ରମେ ସେହି ମାୟା ରାଜ୍ୟରେ ପାଲାନକୁ ଗ୍ରାସ କରିବାକୁ ମାଡ଼ି ଆସିଲା ଏକ ବିରାଟ ଭୟ । ସେ ଯେଉଁ ଆଡ଼କୁ ଚାହିଁଲା ସେଆଡ଼େ ଉଠୁଛି ଜଳ । ମନେହେଲା ତାକୁ ଘେରି ରହିଛି ଏକ ବିରାଟ ପାଚେରି । ସେ ପାଚେରି ତାକୁ ବନ୍ଦୀ କରି ଧରି ରଖିବ, ଲାଗେ ତା ଆଡ଼କୁ ଯେପରି ମାଡ଼ି ଆସୁଛି । ତା ମନରେ ଉଠିଲା ପୁଣି ଏକ ଜିଦ୍, ସେ ଆହୁରି ଆହୁରି ଜୋର୍‌ରେ ଆହୁଲା ପକାଇବ । ଆହୁରି ଜୋର୍‌ରେ ଆଗକୁ ମାଡ଼ିଯାଇ ସେହି ମାୟାର ପାଚେରି ଭାଙ୍ଗି ସେ

Digitized by srujanika@gmail.com

ଚୂରମାର କରିଦେବ ।

ତା ଡଙ୍ଗା ଉପରକୁ ଚଢ଼ିଆସିଲେ ଗୁଡ଼ାଏ ସାମୁଦ୍ରିକ ସାପ । ସେ ଦେଖିଲା ଚନ୍ଦ୍ରାଲୋକରେ ଝଲସି ଉଠୁଥିବା ପାଣି ଉପରେ ମାଳମାଳ ସାପ ଖେଳି ବୁଲୁଛନ୍ତି । ସେ ଗୁଡ଼ାକ ଡଙ୍ଗା କାଛକୁ ଉଠି ଖେଳିବାକୁ ଲାଗିଲେ ! ଖେଳୁ ଖେଳୁ କେତେକ ତଳକୁ ଖସିଗଲେ । ସେମାନେ ପୁଣିଥରେ ଉଠିଲେ; ପୁଣି ଖେଳିଲେ, ସେ ଦେଖିଲା ଦୁଇଟି ସାପ ପରସ୍ପର ଦେହରେ ଗୁଡ଼ାଇ ହୋଇ ତା ଡଙ୍ଗା ଉପରେ ଶୋଇ ଖେଳୁଛନ୍ତି ।

ହଠାତ୍ ପାଲ୍ନନ ଦେଖିବାକୁ ପାଇଲା ପଶ୍ଚିମ ଦିଗରୁ ଏକ ବିରାଟ ଲହଡ଼ି ତା ଆଡ଼କୁ ମାଡ଼ି ଆସୁଛି । ସମସ୍ତ ପଶ୍ଚିମ ଚକ୍ରବାଳଟା ସେ ଲହଡ଼ି ପଛରେ ଲୁଚି ଯାଇଛି । ପାଲ୍ନନ ମନରେ ଏକ ଅଦ୍ଭୁତ କାମନା ଜାଗି ଉଠିଲା । ସେ ଲହଡ଼ି ଭିତରେ ପଶିଯିବ ଏବଂ ଲହଡ଼ି ଭେଦକରି ତାର ଆରପାଖରେ ବାହାରି ପଡ଼ିବ । କିନ୍ତୁ ସ୍ୱହଁ ସ୍ୱହଁ ସେହି ବିରାଟ ଲହଡ଼ି ପାଲ୍ନନର ଶ୍ରେଷ୍ଠ ଡଙ୍ଗାଟିକୁ ନିଜର ଚୂଳ ପର୍ଯ୍ୟନ୍ତ ଉଠାଇନେଇ ଆର ପାଖରେ ଗଡ଼ିଦେଲା । ଆରପାଖରେ ଦେଖାଗଲା ସେଠାରେ ଆଉ ଲହଡ଼ି ନାହିଁ । ରହିଛି ଏକ ଅସାଧାରଣ ସ୍ଥିରତା । ପାଣିର ରଙ୍ଗ ନୀଳ ନ ହୋଇ ହୋଇଛି ଗାଢ଼ କଳା । ମନେହେଲା ପାଣି ତଳେ ତଳେ ଦକ୍ଷିଣ ପଶ୍ଚିମ ଦିଗରୁ ଲମ୍ବି ଆସୁଛି ଏକ ମସ୍ତବଡ଼ ଜୀବ । ପାଲ୍ନନ ଅନୁଭବ କଲା ଡଙ୍ଗା ଆଉ ତାର ଆୟତ୍ତରେ ରହୁ ନାହିଁ । ଡଙ୍ଗାଟି ଗୋଟିଏ ସାମୁଦ୍ରିକ ସ୍ରୋତ ମୁହଁରେ ପଡ଼ି ଯାଇଛି । ସେ ପାଖରେ କେଉଁଠି ସମୁଦ୍ର ନିଶ୍ଚୟ ଭଉଁରି ଖାଉଛି । ମନେହେଲା କେହି ଯେପରି ସମୁଦ୍ର ତଳଟାକୁ ମନ୍ଥି ଚାଲିଛି ।

ତାକୁ ଏ ସ୍ରୋତର ପ୍ରତିରୋଧ କରିବାକୁ ପଡ଼ିବ । ନଚେତ୍ ଏ ସ୍ରୋତ ତାକୁ ଅତଳ ଗର୍ଭକୁ ଟାଣି ନେଇଯିବ ବୋଲି ତାର ଭୟ ହେଲା । ସେ ସ୍ରୋତର ପ୍ରତିକୂଳରେ ଡଙ୍ଗା ବାହି ଚାଲିଲା । ଦୂରରୁ ଦେଖାଗଲା ସ୍ଥିର ସମୁଦ୍ର ଉପରେ ଚନ୍ଦ୍ର କିରଣ ଝଲସି ଉଠୁଛି । ସେ ସେହି ଆଡ଼କୁ ଡଙ୍ଗା ବାହିନେଲା ।

ଅଦୂରରେ ଧୀରମନ୍ଥର ତାଳରେ ନାଚୁଥିଲେ କେତୋଟି ଶ୍ରେଷ୍ଠ ଲହଡ଼ି ଏବଂ ସେହି ଲହଡ଼ି ଦୋଳାରେ ବସି ସୁଖ ନିଦ୍ରାରେ ଝୁଲୁଥିଲେ ଗୁଡ଼ିଏ ସାମୁଦ୍ରିକ ଚଢ଼େଇ । ହଠାତ ଚଢ଼େଇ ଗୁଡ଼ିକ ଏକ ବିକଟ ଆର୍ତ୍ତନାଦ କରି ଉପରକୁ ଉଡ଼ିଗଲେ । ପାଲ୍ନନର ସାମାନ୍ୟ ଡଙ୍ଗା ଖଣ୍ଡିକ ଦେଖି ଯେ ସେମାନେ ଭୟକଲେ ତା ନୁହେଁ । ଅନ୍ୟ କିଛି ଏକ ବସ୍ତୁ ସ୍ଥିର ଜଳରାଶିକୁ ବିକ୍ଷୁବ୍ଧ କରୁଥିବାର ଶବ୍ଦ ଶୁଣାଗଲା । ସେହି ଶବ୍ଦରେ ସେମାନେ ସ୍ତ୍ରୀତତ୍ରସ୍ତ ହୋଇ ଉପରକୁ ଉଡ଼ିଗଲେ । ଆଃ ! ସେ ଏକ ବିରାଟ ମଗର । ତାହାର କବଳରେ ପଡ଼ିଗଲା ଗୋଟିଏ ଘୁମନ୍ତ ଚଢ଼େଇ ।

ପାଲ୍ନନ ପାଖରେ ମଗିର ଶିକାରୀର ସମସ୍ତ ଦକ୍ଷତା ରହିଥିଲା । ପରକ୍ଷଣରେ ସେ ତାର ଶିକାରକୁ ଲକ୍ଷ୍ୟକରି ବନଶୀ କଣ୍ଟା ପକାଇଦେଲା ।

× × × ×

Digitized by srujanika@gmail.com

ଏଣେ ଦୁଇଭଉଣୀ ବନ୍ଧୁ ସମସ୍ତ ଧରି କଥାଭ୍ରାଷାରେ ବୁଡ଼ି ରହିଲେ । ସେମାନେ ସେ ଦିନର ଘଟଣା ନେଇ ଆଲୋଚନା କରୁ ନଥିଲେ । ପାରିକୁଟ୍ଟୀ କଥା କମ୍ଭା ମରିଯାଇଥିବା ମାଆ କଥା ବି ନୁହେଁ । ସେସବୁ ତ ଅତୀତର ଘଟଣା । ବର୍ତ୍ତମାନ ସମସ୍ୟା ନେଇ ହିଁ ସେମାନଙ୍କ ଭିତରେ ଆଲୋଚନା ଚାଲିଥିଲା । ବାପା ଚେମ୍ବନ କୁଞ୍ଜୁର ଅବସ୍ଥା କଣ ହେବ ? ସେମାନେ କିଏ ବା କି ଅବସ୍ଥାରେ ପଡ଼ି ନାହାନ୍ତି ? କଥାଭ୍ରାଷା କରୁ କରୁ ପଞ୍ଚମୀ ଆଖିକୁ ନିଦ ମାଡ଼ି ଆସିଲା, ଢୁଳେଇ ଢୁଳେଇ ସେ କିଛିରେ ଶୋଇପଡ଼ିଲା ।

କିନ୍ତୁ କାରୁତାମ୍ମା ଆଖିକୁ ନିଦ ଆସିଲା ନାହିଁ । ବାହାରେ ସାଇଁ ସାଇଁ ହୋଇ ଥଣ୍ଡିଆ ପବନ ବୋହୁଥିଲା, ମନେହେଉଥିଲା ସେହି ପବନ ସାଥିରେ କିଛି ଗୋଟିଏ ବିଚିତ୍ର ସଙ୍ଗୀତ ବୋହିଆସୁଛି । କାରୁତାମ୍ମାକୁ ଲାଗିଲା ସେହି ସଙ୍ଗୀତ ଭିତରେ ପାରିକୁଟ୍ଟୀର ଗୀତ ମିଶି-ରହିଛି । ସେ କାନ ଡେରି ଶୁଣିଲା, ବାରମ୍ବାର କାନ ଡେ଼ରି ଶୁଣି ଶୁଣି ତାର ସମସ୍ତ ମନ-ଧ୍ୟାନ ପାରିକୁଟ୍ଟୀ ପ୍ରତି ଆକୃଷ୍ଟ ହୋଇଗଲା ।

ଗଭୀର ରାତି । ସ୍ୱାମୀ ଏକାକୀ ଯାଇଛନ୍ତି ଦରିଆକୁ, ମଝିଦରିଆରେ ପଶି ସେ ମାଛଧରୁ-ଥିବେ । ଏ ଅବସ୍ଥାରେ ତାର ଉଚିତ ପ୍ରାର୍ଥନା କରିବା, ସେହି ଯେଉଁ ପ୍ରଥମ କେଉଟୁଣୀ ତାର ସମସ୍ତ ମନପ୍ରାଣ ଢାଳି ମାଆ ଦରିଆଠାକୁରାଣୀଙ୍କୁ ଡାକିଥିଲା, ତା'ରି ପରି ଏକ ଧ୍ୟାନରେ ମାଆଙ୍କୁ ଡାକିବା ହିଁ ବର୍ତ୍ତମାନ ତାର କର୍ତ୍ତବ୍ୟ । କିନ୍ତୁ ତାହା ନ କରି କାରୁତାମ୍ମା ପାରିକୁଟ୍ଟୀ ଚିନ୍ତାରେ ବୁଡ଼ିଗଲା ।

ତାର ସେତେବେଳକୁ ସମ୍ପୂର୍ଣ୍ଣ ଚେତନା ନଥିଲା । ସେ ଶୋଇନ ଥିଲା । କିନ୍ତୁ ଚେଇଁ ବି ନ ଥିଲା । ଅର୍ଦ୍ଧଚେତନ ମନକୁ ଘାରି ରହିଥିଲା ପାରିକୁଟ୍ଟୀର ଭାବନା । ପାରିକୁଟ୍ଟୀ କେଡ଼େ ଭଲ ମଣିଷ ନୁହଁ ! କି ସୁନ୍ଦର ମଣିଷ ନୁହଁ ! କାରୁତାମ୍ମା ପ୍ରେମରେ ସେ ସବୁବେଳେ ଜରଜର । ଆଉ କାରୁତାମ୍ମା ବି ତାକୁ ପ୍ରେମ କରେ । ନା; ସେ ତାକୁ ଏ ଜୀବନରେ ଭୁଲି ପାରିବ ନାହିଁ । ପାରିକୁଟ୍ଟୀ ତାର । ସେ ପାରିକୁଟ୍ଟୀର । ସେମାନେ ଦିହେଁ ଦିହିଁଙ୍କର । ତେଣୁ ସେହି ଆତ୍ମଦାନ, ସେହି ପ୍ରେମ, ସେହି ମଧୁରଚିନ୍ତା ଲାଗି ତା ମନରେ କୌଣସି ଶୋଚନା ନାହିଁ । ଅର୍ଦ୍ଧଚେତନ ଅବସ୍ଥାରେ କାରୁତାମ୍ମା ନିଜକୁ କିକେ ଅସ୍ପଷ୍ଟ ଭାଷାରେ କହିଚାଲିଥାଏ ।

ହଁ, ଆଜି ପାରିକୁଟ୍ଟୀ ଆସିବ । ପାରିକୁଟ୍ଟୀ ଆସି ଡ଼ାକିବ, ଜାଗି ବସି ନ ଥେଲେ କେତେ ବେଳେ ଆସି ଡ଼ାକି ଡ଼ାକି ଚାଲିଯିବ । ସେ ଡ଼ାକ ଟିକିଏ ବି ହରାଇବାର ନୁହେଁ, ପ୍ରତୀକ୍ଷିତା ହୋଇ ବସିରହିଲା କାରୁତାମ୍ମା ।

"କାରୁତାମ୍ମା ।"

ଏହି ଯେ ! କିଏ ଡ଼ାକିଲା ନା କଣ ?

"କାରୁତାମ୍ମା ।"

କେବଳ ଜଣେ ଲୋକ ହିଁ ରାତିରେ ଆସି ତା କବାଟରେ ହାତମାରି ତାର ନାଆଁ ଧରି ଡ଼ାକେ । ରାତିରେ ମାଛ ଧରି ଫେରିବା ପରେ ପାଳନି ହିଁ ଆସି କବାଟ ଖୋଲିବା ଲାଗି

Digitized by srujanika@gmail.com

ଡ଼ାକେ । ବର୍ତ୍ତମାନ ତାର ଫେରବାବେଳ ହୋଇଗଲାଣି ।

"କାରୁତାମ୍ପା ।"

ଇଏ କଣ ପାଲାନର ପାଟି ? ତାକୁ ଆସି ଡ଼ାକିବା ପଛେ ଆଉ କଏସେ ଅଛି ?

"ହଁ", ସେ ଉତ୍ତର ଦେଲା ।

କିନ୍ତୁ ବାହାରୁ ଡାକୁଥିବା ଲୋକ କବାଟ ଖୋଲିବା ଲାଗି କହୁନାହିଁ । ପାଲାନ ହୋଇଥିଲେ କବାଟ ଖୋଲିବା ଲାଗି ନିଶ୍ଚୟ କହନ୍ତା । ତଥାପି କାରୁତାମ୍ପା ଉଠି ଠିଆହେଲା କବାଟ ଖୋଲି ବାହାରକୁ ଆସିଲା । ପବନ ବୋହୁଥିଲା ଖୁବ୍ ଜୋର୍‌ରେ । ପୂର୍ବରୁ କୌଣସି ଦିନ ଏତେ ଜୋର୍‌ରେ ପବନ ବୋହି ନ ଥିଲା । କାହିଁ, ଘର ପାଖରେ କେହି ଠିଆହୋଇ ଥିବାର ଦେଖାଗଲା ନାହିଁ । ସମୁଦ୍ର ଭିତରକୁ ଚାହିଁବା ଲାଗି କାରୁତାମ୍ପା କୂଳ ପର୍ଯ୍ୟନ୍ତ ଚାଲିଗଲା । ଚନ୍ଦ୍ର କିରଣ ଭିତରେ ଦେଖାଗଲା ଜଣେ ପୁରୁଷ ଠିଆ ହୋଇଛି । ସେ ପାଲାନ ନୁହେ—ସେ ପାରିକୁଟ୍ଟୀ ।

କାରୁତାମ୍ପା ଭୟଭୀତ ହେଲା ନାହିଁ । ସେ ଚିତ୍କାର କରି ଉଠିଲା ନାହିଁ । ପାରିକୁଟ୍ଟୀର ଡାକ ଶୁଣି ସେ ଚାଲି ଆସିଛି—ଏହି ଭାବ ଦେଖାଇ ସେ ଠିଆହେଲା । ଧୀରେ ଧୀରେ ପାରିକୁଟ୍ଟୀ ତା ପାଖକୁ ଲାଗି ଆସିଲା । ସେ ପାରିକୁଟ୍ଟୀକୁ ଭଲକରି ଚାହିଁଲା । ହାୟ, ସେ ଆଉ ତାର ପୂର୍ବର କୋଚ୍‌ମୁଥାଲାଲ୍ଲୀ ହୋଇ ନାହିଁ । ସେ ଅନେକ ବଦଳି ଯାଇଛି ।

ପୂର୍ବେ ପାରିକୁଟ୍ଟୀ ତା ପାଖକୁ ଚାଲି ଆସିଲେ ସେ ବ୍ୟସ୍ତ ହୋଇଯାଉଥିଲା; କାଳେ ପାରିକୁଟ୍ଟୀ ତାର ଦେହକୁ ଲୋଭିଲା ଆଖିରେ ଚାହିଁ ଦେବ ! ଆଜି ସେ କୌଣସି ବ୍ୟସ୍ତତା ଦେଖାଇଲା ନାହିଁ । ତାର ସ୍ତନରେ ଆଉ ପୂର୍ବର ସେ ପୀନତା ନ ଥିଲା । ତା କୁନି ଝିଅଟିର କୋମଳ ଅଧର ମାତୃସ୍ତନ ଖାଇ ଖାଇ ସେ ଦୁଇଟିକୁ ନତ କରି ସାରିଥିଲା । ପାଲାନ ମଝି ଦରିଆରେ ପଶି ମାଛ ଧରୁଥିବାବେଳେ ପରପୁରୁଷ ପାଖରେ ଠିଆହୋଇ ଏପରି କଥାଭାଷା ହେବା କଣ ଠିକ୍ ? ପରିଣତି କି ଭୟଙ୍କର ନ ହେବ ? କାରୁତାମ୍ପା ମନରେ କିନ୍ତୁ ଭୟ ଦେଖାଦେଲା ନାହିଁ । ଏପରି ଅନ୍ଧାର ରାତିରେ ସେ ତ ପାରିକୁଟ୍ଟୀ ସହିତ ପୂର୍ବରୁ ବହୁବାର ସାକ୍ଷାତ କରିଛି । ଯେଉଁ ଲୋକର ସମସ୍ତ ଜୀବନଟାକୁ ସେ ଚୂରମାର କରି ଭାଙ୍ଗି ନଷ୍ଟ କରିଦେଲା ସେ ଲୋକକୁ ଅନ୍ତତଃ କେତୋଟି କ୍ଷଣର ଆନନ୍ଦ, ସାମାନ୍ୟ ଟିକିଏ ସୁଖ ଦେବାକୁ ବଞ୍ଚିତ କରିବା କଣ ତା ପକ୍ଷରେ ଉଚିତ ହେବ !

କିଛି ସମୟଯାଏ ଉଭୟେ ଉଭୟଙ୍କୁ ଚାହିଁ ରହିଲେ । ଯେଉଁ ପୁରୁଷ ଜୀବନଟାକୁ ସେ ବ୍ୟର୍ଥ କରିଦେଇଛି ସେ ପୁରୁଷ ଆଜି ତା ଆଗରେ ଠିଆହୋଇଛି । କାରୁତାମ୍ପା ତାର ଅନ୍ତରର ଅନ୍ତରତମ ପ୍ରଦେଶରେ ଜାଣେ ଯେ ସେ ପୁରୁଷ ତାକୁ ଚିରଦିନ ଭଲପାଇବ । କାରୁତାମ୍ପା ଯେତେ ଯାହା ଦୋଷ କଲେ ବି ସେ ତାକୁ ବାରମ୍ବାର କ୍ଷମା ଦେବ । କାରୁତାମ୍ପା ସମସ୍ତ ଅତ୍ୟାଚାର, ସମସ୍ତ ନିଷ୍ଠୁରତା ସେ ହସି ହସି ସହିଯିବ ।

ସେହି କେତୋଟି ମୁହୂର୍ତ୍ତ ପାଇଁ କାରୁତାମ୍ପା ତା ଜୀବନର ସମସ୍ତ ଦୁଃଖ, ସମସ୍ତ ଗ୍ଲାନି

Digitized by srujanika@gmail.com

ଭୁଲିଗଲା । ସେ ଅନୁଭବ କଲା ତା ଜୀବନରେ ବ୍ୟର୍ଥତା ବୋଲି କିଛି ନାହିଁ । ତାର କୌଣସି ଅଭାବ ନାହିଁ । ତାର ରହିଛି ଅମୂଲ୍ୟ ସମ୍ପଦ, ଅଜସ୍ର ଶକ୍ତି । ଜଗତର ଆଉ କେଉଁ ନାରୀର ଏ ସୌଭାଗ୍ୟ ଥାଇପାରେ ? ତାର ରକ୍ଷଣ ପୋଷଣ ଭାର ନେଇଛି ଜଣେ ଶକ୍ତି-ସମର୍ଥ ପୁରୁଷ । ସେ ପାଇଛି ପାଳନି ପରି ବଳିଷ୍ଠ-ସାହସୀ ସ୍ୱାମୀ, ଯେ କି ବାହ୍ୟ ଜଗତର କୌଣସି ବିପଦ ଆପଦକୁ ତାର ସ୍ତ୍ରୀର ଅଙ୍ଗସ୍ପର୍ଶ କରିବାକୁ ବି ଦେବ ନାହିଁ । ଏବଂ ସେ ପାଇଛି ଅନ୍ୟ ଏକ ସମ୍ପଦ ଯାହା ତାର ଆତ୍ମାକୁ ଦେଇଛି ପରମ ତୃପ୍ତି; ଦେଇଛି ଅପାର ଆନନ୍ଦ । ସେ ପାଇଛି ଜଣେ ସୁପୁରୁଷର ଅପୂର୍ବ ଏକନିଷ୍ଠ ପ୍ରେମ । ଜଗତର ଅନ୍ୟ କୌଣସି ସ୍ତ୍ରୀ ଅନ୍ୟ କୌଣସି ପୁରୁଷଠାରୁ ଏପରି ପ୍ରେମ ପାଇ ନ ଥିବ । ସେ ଏ ଉଭୟ ସମ୍ପଦର ଅଧିକାରିଣୀ, ଜୀବନ ତାର ପରିପୂର୍ଣ୍ଣ, ଧନ୍ୟ । ହେଇଟି, ବର୍ତ୍ତମାନ ତା ଆଗରେ ଠିଆ ହୋଇଛି ତାର ସେହି ପ୍ରେମର ପୂଜାରୀ ।

କାରୁତାମ୍ମା ପାରିକୁଟ୍ଟୀର ଦୁଇ ପ୍ରସାରିତ ବାହୁ ଭିତରେ ପଶିଗଲା । ଦୁଇଟି ଶରୀର ଏକ ହୋଇଗଲା । ଦୁଇଟି ଅଧରର ଘଟିଗଲା ଏକ ମଧୁର ମିଳନ । କାରୁତାମ୍ମାର କାନରେ ପାରିକୁଟ୍ଟୀ ବାରମ୍ବାର କହିବାକୁ ଲାଗିଲା, "କାରୁତାମ୍ମା ମୋ ପ୍ରାଣର କାରୁତାମ୍ମା ।"

"ଉଁ ।"

କାରୁତାମ୍ମାର ସମସ୍ତ ଅଙ୍ଗରେ ପାରିକୁଟ୍ଟୀର ସ୍ପର୍ଶ ଲାଗିଗଲା । ଧୀରେ ଧୀରେ ପାରିକୁଟ୍ଟୀର ହାତ ବୁଲିଗଲା ସେହି ସ୍ଥାନକୁ ଯେଉଁଠି ଅପୂର୍ବ ଉନ୍ମାଦନା ନେଇ ଲୁଚି ରହେ ତାର ପ୍ରେମିକ ନୟନ ଏବଂ ଅଶାନ୍ତ କ୍ଷୁଧା ନେଇ ଖେଳିବୁଲେ ପାଳନିର ବଳିଷ୍ଠ ହାତଗୁଡ଼ିକ ।

"କାରୁତାମ୍ମା ।"

ଉନ୍ମାଦନାର ଆବେଗରେ ଅର୍ଦ୍ଧଚେତନ ଅବସ୍ଥାରେ କାରୁତାମ୍ମା ଉତ୍ତର ଦେଲା, "କଣ ?"

"ମୁଁ ତୋର କଣ ?"

ପାରିକୁଟ୍ଟୀର ମୁଖପଦ୍ମକୁ ଦୁଇହାତରେ ତୋଳି ଧରି କାରୁତାମ୍ମା ତାକୁ ଅର୍ଦ୍ଧନିମୀଳିତ ନୟନରେ ଚାହିଁ ରହିଲା । ପୂର୍ଣ୍ଣ ଆବେଗରେ ସେ କହିବାକୁ ଲାଗିଲା, "ତୁମେ ମୋର ସବୁ । ତୁମେ ମୋର ହୃଦୟର ଧନ, ମଥାର ମଣି ।"

ପୁନର୍ବାର ଦୁହେଁ ପରସ୍ପରକୁ ଜାବୋଡ଼ି ଧରିଲେ । ନିବିଡ଼ ବନ୍ଧନର ମଧୁର ଆବେଗ ଭିତରେ ପାରିକୁଟ୍ଟୀ କାରୁତାମ୍ମାର କାନେ କାନେ କହିଗଲା କେତେ କଣ ଗୋପନ କଥା ।

ଆଲିଙ୍ଗନର ମାଦକତା ଭିତରୁ ନିଜକୁ କାଢ଼ି ନେବାର ଶକ୍ତି ଆଉ କାରୁତାମ୍ମାର ନ ଥିଲା ।

× × × ×

ଗଭୀର ସମୁଦ୍ର ଭିତରେ ପାଳନିର ବନଶୀ କଣ୍ଟାରେ ଗୁନ୍ଥି ହୋଇଯାଇଛି ଏକ ମଗର —ଏକ ବିରାଟ ମଗର । ତା ପୂର୍ବରୁ କେବଳ ପାଳନି ବନଶୀରେ କାହିଁକି, ସେ ଅଞ୍ଚଳର

Digitized by srujanika@gmail.com

ତାହାର ବନଶୀରେ ଏତେବଡ଼ ମଗର ଗୁନ୍ଥି ହୋଇ ନଥିଲା । ସେଠିକା ସମୁଦ୍ର କୂଳର କୌଣସି କେଉଟ କେବେହେଲେ ଏତେବଡ଼ ମଗର ଧରିବାର ସୁଯୋଗ ପାଇ ନ ଥିଲା ।

ଥୋପ ଗିଳିଦେବା ମାତ୍ରେ ମଗରଟା ଭୀଷଣ ଭାବରେ ଛଟପଟ ହେଲା । ତାର ଛଟପଟ ହେବା ଫଳରେ ସମୁଦ୍ର ପାଣି ଏପରି ଚହଲି ଉଠିଲା ଯେ ପାଣି ଛିଟିକା ଗୁଡ଼ାକ ଆକାଶଯାଏ ଉଠିଗଲା । ତାପରେ ସେ ସବେଗରେ ପାଣି ଉପରକୁ ଉଠିଆସିଲା । ମଗରଟା ଉପରକୁ ଉଠିବା ସଙ୍ଗେ ସଙ୍ଗେ ପାଲନ ଦେଖିଲା ବନଶୀ ଡୋରଟା ତା ପାଟିରେ ଲାଗିଛି ।

ମଗରଟାକୁ ଦେଖି ପାଲନ ବିମୁଗ୍ଧ ହୋଇଗଲା । ସେ ତାହେଲେ ଏତେବଡ଼ ମଗରଟାଏ ଧରିଛି ! ଏତେ ବଡ଼ ଜନ୍ତୁ ଧରିବା ଲାଗି ଆଜି ପର୍ଯ୍ୟନ୍ତ କେହି ସମର୍ଥ ହୋଇ ନ ଥିଲେ । ଆନନ୍ଦରେ ଆତ୍ମହରା ହୋଇ ପାଲନ ବିକଟ ଚିତ୍କାର କରି ଉଠିଲା ।

କିନ୍ତୁ ସେ ଦେଖିଲା ଆଉ ବିଳମ୍ବ କଲେ ଚଳିବ ନାହିଁ । କଣ କିପରି କରିବ ଶୀଘ୍ର ସ୍ଥିର କରି ନେବାକୁ ପଡ଼ିବ । ତାହେଲେ ସେ ବନଶୀ ଡୋର ଟାଣି ଧରି ମଗରଟାକୁ ଟାଣିନେବ ନା ଡୋର କୋହଳ କରି ମଗରଟାକୁ ଟିକିଏ ଦୂରରେ ଖେଲେଇ ଝେଲେଇ ନେବ ? ମଗରଟା ଯଦି ପୁରା ଥୋପ ଗିଳିଥିବ, ତେବେ କଣ୍ଟା ଠିକ୍ ଗୁନ୍ଥି ହୋଇଥିବ, କେଡ଼େ ବଡ଼ ଜନ୍ତୁ ହେଉନା କାହିଁକି କଣ୍ଟା ଗୁନ୍ଥି ହୋଇଥିଲେ ଗୋଟିଏ ଟଣାରେ କାଠ ହୋଇ ପଡ଼ିଯିବ; କିନ୍ତୁ ବିପଦ ହେଉଛି, ଯଦି ସେ ଡଙ୍ଗା ଉପରରେ ଆକ୍ରମଣ କରିବାକୁ ମାଡ଼ିଆସେ, ତେବେ ଦଫା ଶେଷ । ଏକା ଧକ୍କାକେ ଡଙ୍ଗାଟାକୁ ଚୂନା କରିଦେବ ଯେ !! କିନ୍ତୁ ଡୋର ଯଦି କୋହଳ କରିଦେବ, ମଗରଟାକୁ ଯଦି ଟିକିଏ ଛାଡ଼ିଦେବ, ତେବେ ସେ ଡଙ୍ଗାଟାକୁ ଟାଣିନେଇ କାହିଁ କେଉଁଆଡ଼େ ଚାଲିଯିବ । କେତେଦୂର ଟାଣିନେବ କିଏ କହିବ ?

ପାଲନ ଚାରିଆଡ଼କୁ ଚାହିଁଲା, କିନ୍ତୁ କୂଳ ଦେଖାଗଲା ନାହିଁ । କୂଳଟା ଯେ କେଉଁ ଦିଗରେ ଅଛି, ତାହା ବି ଜାଣି ହେଲା ନାହିଁ । ସେ ଗୋଟିଏ ହାତରେ ବନଶୀ ଡୋର ଓ ଅନ୍ୟ ହାତରେ ଆହୁଲା ଧରି ଡଙ୍ଗାର ଭାର ଠିକ୍ କଲା ଯେପରି କି ଡଙ୍ଗାଟି ଗୋଟିଏ କଡ଼କୁ ଆଉଜି ନ ପଡ଼େ । ଡଙ୍ଗାର ଭାର ଠିକ୍ ରଖି ସେ ଆକାଶକୁ ଚାହିଁଲା; ଆକାଶର ତାରା ଦେଖି ଦିଗ ନିର୍ଣ୍ଣୟ କରି ହେବ । କିନ୍ତୁ ତାର ପରିଚିତ ତାରାଟି କାହିଁ ଦେଖାଗଲା ନାହିଁ । ଖଣ୍ଡ ଖଣ୍ଡ କଳା ମେଘରେ ଆକାଶର ବହୁ ଅଂଶ ସେତେବେଳକୁ ଢାଙ୍କି ହୋଇ ଯାଇଥିଲା ।

ସେ ଆକାଶକୁ ଚାହିଁଛି, ହଠାତ୍ କିପରି କେଜାଣି ଏକ କଳ୍ପନାତୀତ ବେଗରେ ତା ଡଙ୍ଗାଟି ଟାଣି ହୋଇ ଚାଲିଲା । ପାଣି ଉପରେ ସିଆର କାଟି ଡଙ୍ଗାଟି ଦୌଡ଼ି ଚାଲିଲା । ସମୁଦ୍ର ସ୍ଥିର । ଲହରୀ ପ୍ରାୟ ନାହିଁ । କିନ୍ତୁ ସମୁଦ୍ରର ରଙ୍ଗ କ୍ରମଶଃ ଗାଢ଼ ହୋଇ ଆସୁଛି । ପାଲନ ଦେଖିଲା ସମୁଦ୍ର ଏକ ଭୟଙ୍କର ରୂପ ଧରିଲା । ସ୍ରୋତ କେଉଁ ଆଡ଼େ ବୋହୁଛି ତାହା ଜାଣିବା ଲାଗି ସେ ପାଣିକୁ ଚାହିଁଲା । କିନ୍ତୁ ତାର ସବୁ ବିଦ୍ୟା ବୁଦ୍ଧି ଖଟାଇ ବି ସେ ସ୍ରୋତର ଗତିବିଧି ସ୍ଥିର କରି ପାରିଲା ନାହିଁ । ଶେଷରେ ସ୍ଥିର କଲା, କୌଣସି ସମୁଦ୍ର ସ୍ରୋତ ନୁହେଁ, ସେ ମଗରଟା ହିଁ ତା ଡଙ୍ଗାଟାକୁ ଟାଣି ନେଉଛି । କିନ୍ତୁ ବଜ୍ଜାତଟା କେଉଁ ଆଡ଼େ ଏପରି

Digitized by srujanika@gmail.com

ଝାଣି ନେଉଛୁ ? କେତେ ଦୂର ଏପରି ଝାଣି ନେବ ?

ପାଳନି ଗର୍ଜନ କରି ଉଠିଲା—"ଆରେ ହେ ବଦମାସ ରହ ବେ, ରହୁଛୁନା ସେଇଠି । ମତେ ତୁ ଦରିଆଠାକୁରାଣୀଙ୍କ ନଅରକୁ ଝାଣି ନବୁ ନା କଣ ?"

ସବୁ ଶକ୍ତି ଲଗାଇ ସେ ବନଶୀ ଡ଼ୋରଟାକୁ ଝାଣି ଆଣିଲା । ସଙ୍ଗେ ସଙ୍ଗେ ଡ଼ଙ୍ଗା ଅଟକି ଗଲା । ପାଳନି ଅଟ୍ଟହାସ କରି ଉଠିଲା—"ହାଃ, ହାଃ, ହାଃ !···ପି···ମିଛ, ପିମିଛ ରହଥା !"

ଡ଼ଙ୍ଗାଠାରୁ ସାମାନ୍ୟ କିଛି ଦୂରରେ ମଗରଟା ଜୀବନ ବଞ୍ଚାଇବାରେ ଗ୍ରଷ୍ଟିପିଟି ହେଉଥାଏ । ଗର୍ବ ଓ ଉଲ୍ଲାସରେ ପାଳନି ଶୁଣି ଥରେ ଡ଼ୋରି ଟେଣ୍ଟି ଆଣିଲା । ମଗରଟା ଚଟକରି ଉପରକୁ ଡେଇଁପଡ଼ି ଲଥକରି ପାଣିରେ ପଡ଼ିଗଲା । ଏଥର ମନେହେଲା ଡ଼ଙ୍ଗା ସମ୍ପୂର୍ଣ୍ଣ ସ୍ଥିର ହୋଇ ଅଟକି ଯାଇଛି । କିନ୍ତୁ ଅଳ୍ପ ସମୟ ମଧ୍ୟରେ ପାଳନି ଜାଣିପାରିଲା ତା ଡଙ୍ଗା କୌଣସି ଏକ ସାମୁଦ୍ରିକ ସ୍ରୋତ ମୁଖରେ ପଡ଼ି ସମୁଦ୍ର ଉପରେ ବୃତ୍ତ ଆଙ୍କି ଆଙ୍କି ବୁଲୁଛି; ଚକା ଭଉଁରି ଖେଳ ବୁଲୁଛି । ସେ ପୁଣି ଥରେ ଭଲକରି ପାଣିକୁ ଚାହିଁଲା । ସତରେ ସେ କଣ ଭଉଁରି ଭିତରେ ପଡ଼ିଯାଇଛି ? ହଁ । ଆଉ ସନ୍ଦେହ ରହିଲା ନାହିଁ ଯେ ତା ଡ଼ଙ୍ଗା ଗୋଟିଏ ବିରାଟ ବୃତ୍ତାକାର ପଥରେ ଘୂରି ବୁଲୁଛି । ବନଶୀ ଡ଼ୋରଟାକୁ ଖୁବ୍ ଜୋର୍‌ରେ ଝାଣିଧରି ସେ ପୁଣି ଥରେ ଆକାଶକୁ ଚାହିଁଲା । ଆକାଶରେ ଗୋଟିଏ ବି ତାରା ଦେଖାଗଲା ନାହିଁ ।

ଡ଼ଙ୍ଗା ଉପରେ ଠିଆହୋଇ ସେ ଚତୁର୍ଦ୍ଦିଗକୁ ଚାହିଁଲା । ଚତୁର୍ଦ୍ଦିଗରେ ଘେରିରହିଛି ସମୁଦ୍ର । ଏ ସମୁଦ୍ର କିନ୍ତୁ ଏକ ଭିନ୍ନରୂପ ଧାରଣ କରୁଛି । ଏପର୍ଯ୍ୟନ୍ତ ସେ ଦେଖୁଥିଲା ଏକ ବିଶାଳ ସମୁଦ୍ର ଓ ତାର ବିସ୍ତୀର୍ଣ୍ଣ ଜଳରାଶି । କିନ୍ତୁ ବର୍ତ୍ତମାନ ଅବସ୍ଥା ଭିନ୍ନ । ବର୍ତ୍ତମାନ ସେ ଦେଖିଲା ତାର ଚତୁର୍ଦ୍ଦିଗରୁ ଉଠିଆସୁଛି ପାଣିର ପର୍ବତ, ଏକ ବିରାଟ ବୃତ୍ତାକାର ପର୍ବତ । ଡ଼ଙ୍ଗାର ଆଗ ମୁଣ୍ଡଟା ଉପରକୁ ଉଠି ଯାଉଛି ଏବଂ ପଛଟା କ୍ରମଶଃ ତଳକୁ ତଳକୁ ଦବିଯାଉଛି ।

ପାଳନିର ମନେପଡ଼ିଗଲା, ମଝି ଦରିଆର ପାଣି ତଳେ ରହିଛି ଦରିଆଠାକୁରାଣୀଙ୍କର ନଅର । ମା ଦରିଆଠାକୁରାଣୀ ସେହି ନଅରରେ ବାସ କରନ୍ତି । ଠାକୁରାଣୀଙ୍କ ନଅର ବିଷୟରେ ସେ ପିଲାଦିନୁ ନାନା ଗପ ଶୁଣି ଆସିଛି । ସେଠାକୁ ଯିବାକୁ ହେଲେ ଗୋଟିଏ ଭଉଁରି ଭିତର ଦେଇ ଯିବାକୁ ହୁଏ । ସେ ଏକ ମସ୍ତବଡ଼ ଭଉଁରି ସାରା ଦରିଆଟାକୁ ସେ ଖେଳାଇ ଦେଉଥିବ । ସେ ଭଉଁରି ଯାଇଁ ବାଜୁଥିବ ଠାକୁରାଣୀଙ୍କ ନଅର—ସିଂହ ଦ୍ୱାରରେ ।

ତାକୁ ଘେରି ରହିଥିବା ଲହରୀ ପର୍ବତ କ୍ରମେ ଅଧିକରୁ ଅଧିକ ଉଚ୍ଚ ହେବାକୁ ଲାଗିଲା । ବନଶୀ ଡ଼ୋରଟାକୁ ସେ କୋହଲା କରି ଦେଲା । ଡ଼ଙ୍ଗା ପୁଣି ଥରେ ଆଗକୁ ଦୌଡ଼ିବାକୁ ଲାଗିଲା ।

ହଠାତ୍ ଏକ ବିରାଟ ଗର୍ଜନ ଶୁଭିଲା । ଏଥର ତାର ଅତି ନିକଟରୁ ମୁଣ୍ଡ ଟେକି ମାଡ଼ି ଆସିଲା ଗୋଟିକ ପରେ ଗୋଟିଏ କରି ବିରାଟ ବିରାଟ ଲହରୀ । ଜୀବନରେ ସେ କୌଣସିଦିନ

Digitized by srujanika@gmail.com

ଏପରି ବିରାଟ ଲହଡ଼ି ଦେଖି ନ ଥିଲା । ଲହଡ଼ି ତ ଗୋଟିଏ ଉପରୁ ଧାଡ଼ି ଧାଡ଼ି ହୋଇ ଆସେ । ଏ ଲହଡ଼ି ସବୁ କିନ୍ତୁ ଭିନ୍ନ ଧରଣରେ ଉଠୁଥିଲେ । ଲହଡ଼ି ଉଠୁଥିଲା ତାର ଚତୁର୍ଦ୍ଦିଗରୁ । ଚତୁର୍ଦ୍ଦିଗରୁ ଲହଡ଼ି ଉଠି ଆସି ପରସ୍ପର ସହିତ ମିଶି ଗୋଟିଏ ଗୋଟିଏ ଗୋଲାକାର ବୃତ୍ତ ରଚନା କରିବାକୁ ଲାଗିଲେ ।

ପାଲିନ ମୁହୂର୍ତ୍ତକ ମଧ୍ୟରେ ସେହି ବିକ୍ଷୁବ୍ଧ ସମୁଦ୍ରର ବୀଭତ୍ସ ରୂପ ଲକ୍ଷ୍ୟ କରି ନେଲା । ତା ଆଗରେ ସବୁ ସ୍ପଷ୍ଟ ହୋଇଗଲା । ଲହଡ଼ି ଉପରେ କପରି ଡଙ୍ଗା ଚଢ଼ାଇବାକୁ ହୁଏ, ତାହା ପାଲିନ ଭଲ ଭାବରେ ଜାଣେ । ଝଡ଼ ସହିତ ଲଢ଼େଇ କରି କପରି ଡଙ୍ଗା ବାହିବାକୁ ହୁଏ ସେଥିରେ ବି ତାର ଅନୁଭୂତି ଅଛି । କିନ୍ତୁ ଘନ ଅନ୍ଧକାର ଭିତରେ ବି ସେ ଦିନେ ଡଙ୍ଗା ବାହି ସମୁଦ୍ରରୁ ଚାଲି ଆସି ପାରିଥିଲା ।

ହଠାତ୍ ବିଜୁଳି ଚମକି ଉଠିଲା । ତା ପଛେ ପଛେ ଶୁଣାଗଲା ବଜ୍ରପାତର ବିକଟ ନିନାଦ । ପାଲିନ ବନଶୀର୍ ଜୋର୍ ଆହୁରି କୋହଳ କରିଦେଲା । ସେ ଯଦି ଡୋର ଖେଞ୍ଚିଧରେ ତେବେ ଡଙ୍ଗା ଅଟକି ଯିବ ଏବଂ ଚୂନ୍ନା ଚୂନ୍ନା ଭାଙ୍ଗି ଚୂରମାର ହୋଇଯିବ । ବରଂ ମଗରଟା ତାକୁ ଯେଉଁଆଡ଼େ ଇଚ୍ଛା ସେଆଡ଼େ ଟାଣି ନେଉ ।

ଡଙ୍ଗାର ଆଗମୁଣ୍ଡ ଯେତେବେଳେ ବିରାଟ ଲହଡ଼ିର ଚୂଳ ଉପରକୁ ଉଠିଗଲା, ସେତେ-ବେଳେ ଆହୁଲା ସାହାଯ୍ୟରେ ଡଙ୍ଗାର ଭାର ଠିକ୍ ରଖି ଡଙ୍ଗାଟିକୁ ହାଲୁକା କରିବା ଲାଗି ପାଲିନ ଉପରକୁ ଡେଇଁ ପଡ଼ିଲା । କିନ୍ତୁ ହାଲୁକା ହେବା ମାତ୍ରେ ଡଙ୍ଗାଟି ତଳମୁହାଁ ହୋଇ ଲହଡ଼ିର ପଛ ପାଖକୁ ଚାଲିଗଲା; ଡଙ୍ଗାର ପଛ ମୁଣ୍ଡଟି ଉଠିଗଲା ସିଧା ଉପରକୁ ଏବଂ ଆଗ ମୁଣ୍ଡ ଚାଲିଗଲା ଲହଡ଼ି ତଳକୁ । ଠିକ୍ ସେହି ସମୟକୁ ଡଙ୍ଗାଟିକୁ ଗିଳିଦେବା ଲାଗି ଛକି ବସିଥିଲା ଆହୁରି ଏକ ବିରାଟ ଲହଡ଼ି ।

ସମୁଦ୍ର ଗର୍ଜନ କରି ଉଠିଲା—ଗୋଟିଏ ନିଷ୍ଠୁର କେଉଟ ବିରୁଦ୍ଧରେ କ୍ରୋଧାନ୍ଧ ଗର୍ଜନ । ଝଡ଼ ସେ ଗର୍ଜନ ସହିତ ସ୍ୱର ଧରିଲା । ଘଡ଼ଘଡ଼ି ଧରିଲା ତାଳ । ସମସ୍ତେ ମିଶି ଯେପରି ଏକ ଭୟଙ୍କର ତାଣ୍ଡବ ନୃତ୍ୟ ଆରମ୍ଭ କରିଦେଲେ । ବିଚରା ସାମାନ୍ୟ ମଣିଷଟିଏ । ସେହି ସାମାନ୍ୟ ଗୋଟିଏ ଜୀବନକୁ ଧ୍ୱଂସ କରିଦେବାଲାଗି ଦରିଆଠାକୁରାଣୀଙ୍କୁ ଏତେ କ୍ରୋଧ, ଏତେ ଶକ୍ତି ପ୍ରୟୋଗ କରିବାକୁ ପଡ଼ୁଛି ? ସେ ଯଦି ଚାହିଁବେ, ତେବେ କେତେ ଶୀଘ୍ର ସେ ଜୀବଟାକୁ ରସାତଳକୁ ଟାଣି ନ ନେବେ !!

ବିରାଟ ଲହଡ଼ିଗୁଡ଼ାକ ବୋଧହୁଏ କୂଳ ଉଦ୍ଦେଶ୍ୟରେ ମାଡ଼ି ଚାଲିଥିଲେ । ସେମାନେ ବୋଧହୁଏ କୂଳର ଘରଦ୍ୱାର ଉପରେ ମାଡ଼ି ଯାଉଥିଲେ । କୂଳ ତମାମ ବୋଧହୁଏ ବିଧାକ୍ତ ସାପ ଖେଳି ବୁଲୁଥିଲେ । ପାଲିନକୁ ଲାଗିଲା, ଦୂରରେ କିଛି ଗୋଟିଏ ଜିନିଷ ଖୁବ୍ ଉଚ୍ଚକୁ ଉଠିଗଲା । ଗୋଟାଏ ବିରାଟ ଲହଡ଼ିର ଚୂଳ ନା, କୌଣସି ଏକ ଭୟଙ୍କର ଜଳଜନ୍ତୁ ଏତେ ବଡ଼ ଆଁ କରି ତାକୁ ଗିଳିବା ଲାଗି ମୁଣ୍ଡଟେକି ଆସୁଛି ? ବିଚରାର ଅଟଳ ସାହସ ଓ ଅଦମ୍ୟ ଶକ୍ତି ଭାଙ୍ଗି ପଡ଼ିଲା ନା କଣ ? ଉଠି ଆସୁଥିବା ବିରାଟ ଲହଡ଼ି ଉପରକୁ ଡେଇଁ ପଡ଼ିବାକୁ ସେ

Digitized by srujanika@gmail.com

ଚେଷ୍ଟା କଲା । କିନ୍ତୁ ସେ ବେଶି ଉପରକୁ ଡେଇଁ ପାରିଲା ନାହିଁ । ସେ ଓ ତାର ଡଙ୍ଗା ଉଭୟ ଲହରୀର ଗର୍ଭ ଭିତରେ ପଶିଗଲେ ।

ଆକାଶ ଯେ କେବଳ କଳା ମେଘରେ ଢାଙ୍କି ହୋଇ ରହିଥିଲା ତା ନୁହେଁ—ମନେ ହେଉଥିଲା ବିଜୁଳି ଓ ଘଡ଼ଘଡ଼ିର ନିଷ୍ଠୁର ଆଘାତରେ ଆକାଶଟା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଉଛି । ସମୁଦ୍ରର ସବୁ ପାଣି ଯେପରି ସେହି ଗୋଟିଏ ସ୍ଥାନରେ ଆସି ଜମା ହୋଇଯାଉଛି । ଝଡ଼ର ବିକଟ ଗର୍ଜନରୁ ମନେ ହେଲା ଝଡ଼ ଆଜି ସବୁ କିଛି ଭାଙ୍ଗି ଚୂରମାର କରିଦେବ । ତଥାପି ଅନ୍ୟ ଏକ ଲହରୀର ଚୂଳରେ ଡଙ୍ଗାର ମୁଣ୍ଡଟି ଦେଖାଗଲା । ଆଶାର ଦୀପ ତାହା ହେଲେ ଲିଭି ନାହିଁ । ଲହରୀଟା ଚାଲିଯିବାପରେ ଦେଖାଗଲା ପାଲନି ତା ଡଙ୍ଗା ମୁଣ୍ଡକୁ ଜାବୋଡ଼ି ଧରିଛି । ଡଙ୍ଗାଟି କିନ୍ତୁ ମୁହିଁ ମାଡ଼ି ଓଲଟି ପଡ଼ିଛି । କ୍ଷଣକ ମଧ୍ୟରେ ପାଲନି ଊର୍ଦ୍ଧ୍ୱଶ୍ୱାସ ହୋଇ ଚିତ୍କାର କରି ଉଠିଲା—"କାରୁତାମ୍ମା ।"

ପାଲନିର ଆର୍ତ୍ତଚିତ୍କାର ଝଡ଼ର ପ୍ରଚଣ୍ଡ ଗର୍ଜନକୁ ପରାହତ କରି ଉପରକୁ ଉଠିଲା । ଏପରି ଏକ ପ୍ରାଣାନ୍ତକ ଅବସ୍ଥାରେ ବି ସେ କାହିଁକି କାରୁତାମ୍ମାକୁ ଡାକି ପକାଇଲା ? ମଝିଦରିଆରେ ପଶି ମାଛ ମାରୁଥିବା କେଉଟ ଜୀବନର ରକ୍ଷାକର୍ତ୍ତ୍ରୀ ହେଲା ତାର ଘରର ସ୍ତ୍ରୀ । ତାର ବିପନ୍ନ ଜୀବନକୁ ରକ୍ଷା କରିବା ଲାଗି ତାର ସତୀ ସ୍ତ୍ରୀ ମାଆ ଦରିଆଠାକୁରାଣୀଙ୍କୁ ଏକ ଧ୍ୟାନରେ ପ୍ରାର୍ଥନା କରୁ । ଏତିକି ତାର ମିନତି, ଏଇଥି ପାଇଁ ତାର କାତର ଚିତ୍କାର । ଆଦିମ କେଉଟ ତାର ସତୀ ସ୍ତ୍ରୀର ପ୍ରାର୍ଥନା ବଳରେ ଏବେ ବଡ଼ ଝଡ଼ ମୁହଁରୁ ବି ପ୍ରାଣ ନେଇ ଘରକୁ ଫେରି ଆସି ନ ଥିଲା କି ? ଯୁଗଯୁଗର ସଂସ୍କାରରେ, କେଉଟ ଜାତିର ବିଶ୍ୱାସରେ ପାଲନୀର ଆସ୍ଥା ରହିଥିଲା । ତାର ବିଶ୍ୱାସ ସେ ନିଶ୍ଚୟ ବିପଦ କାଟି ଚାଲିଯିବ । ଘରେ ତାର ସ୍ତ୍ରୀ ଅଛି । ସେ ତା ପାଇଁ ପ୍ରାର୍ଥନା କରିବ । ଏହି ଗଲା ରାତିରେ ତ ତା ସ୍ତ୍ରୀ ଶପଥ କରି କହିଛି ଯେ ସେ ସତୀସାଧ୍ୱୀ ହୋଇ ରହିବ, ନିର୍ମଳ ମନରେ ସ୍ୱାମୀର ଜୀବନ ରକ୍ଷା ଲାଗି ଠାକୁରାଣୀଙ୍କୁ ପ୍ରାର୍ଥନା କରିବ । ନୁହେଁ ?

ଝଡ଼ର ତୀବ୍ରତା କିନ୍ତୁ ବଢ଼ିଚାଲିଲା । ପାଲନି ଆପ୍ରାଣ ଚେଷ୍ଟାକରି ଲଢ଼ିଲା । କିନ୍ତୁ ଝଡ଼ ସାଙ୍ଗକୁ ତା ବିରୁଦ୍ଧରେ ଲହରୀ ବି ଉଠିଲା । ଆହୁରି ଏକ ଉଚ୍ଚ ଲହରୀ ମାଡ଼ି ଆସିଲା । ତା ପାଟିରୁ 'କାରୁ…' ବୋଲି ବାହାରିବା ବେଳକୁ ତାକୁ ମାଡ଼ିବସିଲା ସେହି ବିରାଟ ଲହରୀ ।

ସମୁଦ୍ର ଏକ ରାକ୍ଷସ ପରି ସାଇଁ ସାଇଁ ହୋଇ ତଳାଉପର ଖେଳିଚାଲିଲା । ଲହରୀ ଉପରେ ଲହରୀ ଭାଙ୍ଗି ସମୁଦ୍ର ପାଣି ଆକାଶ ମାର୍ଗକୁ ଛୁଟିକି ଉଠିଲା । ସମୁଦ୍ର ଏକ ବିରାଟ ଘୁମ୍ମାରେ ପରିଣତ ହୋଇଗଲା । ଝଡ଼ ବୋଧହୁଏ ସଶଙ୍ଖା ହୋଇ ଉଠିଲା । ଲହରୀ ଚୂଳରେ ପୁଣି ଦେଖାଗଲା ପାଲନିର ଡଙ୍ଗା । ଓଲଟା ଡଙ୍ଗାଟିକୁ ଜାବୋଡ଼ି ଧରି ପାଲନି ତା ଉପରେ ଶୋଇ ଯାଇଥିଲା ।

ମନେହେଲା ସେ ନିଷ୍ଠୁର ସଂହାର ଶେଷ ହେବ ନାହିଁ ।

ଘୂରୁଁ ଘୂରୁଁ ଡଙ୍ଗାଟି ଗୋଟିଏ ଘୂର୍ଣ୍ଣିର ଭିତରେ ପଡ଼ିଗଲା ଏବଂ ପଡ଼ୁ ପଡ଼ୁ ଚାଲିଗଲା

Digitized by srujanika@gmail.com

ଚଳନ୍ତୁ— ସତେ ଯେପରି ଖଣ୍ଡିଏ ଓଜନିଆ ପଥର ।

ଆକାଶରେ ଉଇଁ ଉଠିଲା ଗୋଟିଏ ନକ୍ଷତ୍ର । ଯୁଗଯୁଗ କେଉଟଙ୍କୁ ଠିକ୍‌ବାଟ ପଥ ଦେଖାଇ ଆସିଛୁ ଯେଉଁ ଅରୁନ୍ଧତୀ ଏଭେଟିଥିଲା ସେହି ନକ୍ଷତ୍ର । କିନ୍ତୁ ସେ ଦିନ ଅରୁନ୍ଧତୀର ଜ୍ୟୋତି ମଧ୍ୟ ମଳୀନ ପଡ଼ି ଯାଇଥିଲା ।

× × × ×

ତା ପରଦିନ ସକାଳ । ସ୍ଥିର ସମୁଦ୍ର ନିଦ ଝାଡ଼ି ଆଖି ମେଲିଲା ଏକ ମଧୁର ପ୍ରଶାନ୍ତିରେ —ସତେ ଯେପରି କିଛି କେଉଁଠି ବ୍ୟତିକ୍ରମ ଘଟି ନାହିଁ । କେତେ ଜଣ କେଉଟ କହିଲେ ଯେ ଗତ ରାତିରେ ମଝିଦରିଆରେ ବଡ଼ ଧରଣର ଝଡ଼ ତୋଫାନ ହୋଇଥିଲା । ଲହରୀ ଉଠି କାଳେ କେତେକଙ୍କ ଘରଦ୍ୱାର ପର୍ଯ୍ୟନ୍ତ ମାଡ଼ି ଆସିଥିଲା । କୂଳର ବାଲି ଉପରେ କାଳେ ଗୁଡ଼ାଏ ସମୁଦ୍ର ସାପ ଖେଳି ବୁଲୁଥିଲେ ।

ଛୁଆଟିକୁ କାଖରେ ଧରି ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ପଞ୍ଚମୀ ଆସି କୂଳରେ ଠିଆହେଲା ବାପା ମାଆଙ୍କୁ ବାହୁନି ବାହୁନି ଶ୍ରେଷ୍ଠ ଛୁଆଟି ବଡ଼ କରୁଣ ସ୍ୱରରେ କାନ୍ଦୁଥାଏ । ରାତିରେ ମାଛ ଧରିବାକୁ ଯାଇ ପାଲନି ଆଉ ଘରକୁ ଫେରି ନାହିଁ । କାରୁତାମ୍ମାର ବି ରାତିରୁ ଦେଖା ନାହିଁ ।

ପଞ୍ଚମୀ ନିଜେ କାନ୍ଦି କାନ୍ଦି ଛୁଆଟିକୁ ଶାନ୍ତକରିବାକୁ ଲାଗିଲା ।

ଦୁଇଦିନ ପରର କଥା । ପରସ୍ପର ସହ ଗଭୀର ଆଲିଙ୍ଗନରେ ଆବଦ୍ଧ ଅବସ୍ଥାରେ ଦୁଇଟି ଶବ ସମୁଦ୍ର ପାଣିରେ ଭାସି ଆସି କୂଳରେ ଲାଗିଲା । ସେଥିରୁ ଗୋଟିଏ ଶବ କାରୁତାମ୍ମାର— ଅନ୍ୟଟି ପାରିକୁଟ୍ଟୀର ।

ଏବଂ ଚେରିଆଡ଼ିକଲ୍ ସମୁଦ୍ର କୂଳରେ ଭାସି ଆସି ଲାଗିଲା ଗୋଟିଏ ଥୋପଗିଲା ମଲା ମଗର । □□□